6383
22/1/93


# ଉତ୍କଳ ପ୍ରସଙ୍ଗ

ସ୍ୱାଧୀନତା ଦିବସ ବିଶେଷାଙ୍କ ୧୯୭୯





କୋରାପୁଟର ଜଗନ୍ନାଥ ମନ୍ଦିର



ଠାକୁରଙ୍କ ପହଣ୍ଡି




କୋରାପୁଟରେ ରଥଯାତ୍ରା

# ଆମର ନୂତନ ପ୍ରଧାନମନ୍ତ୍ରୀ



ଚୌଧୁରୀ ଚରଣ ସିଂହ

## କେନ୍ଦ୍ରର ନୂତନ ମନ୍ତ୍ରୀମଣ୍ଡଳରେ ଓଡ଼ିଶାର ଦୁଇ ନେତା







୧୯୭୯ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ଅନ୍ତରତମ ଅଭିନନ୍ଦନ ଜଣାଉଛି ଏବଂ ସେମାନଙ୍କ ଭବିଷ୍ୟତ ସୁଖ ସମୃଦ୍ଧିମୟ ହେଉ, ଏହା କାମନା କରୁଛି ।

ଆଜିଠାରୁ ବତିଶ ବର୍ଷ ତଳେ ଏହି ପୁଣ୍ୟ ଦିବସରେ ଭାରତ ସ୍ୱାଧୀନତା ଲାଭ କରିଥିଲା । ଦେଶରେ ଯୁଗ ଯୁଗ ଧରି ଜିଇଁ ରହିଥିବା ଦାରିଦ୍ର୍ୟ ଓ ଅନଗ୍ରସରତା ଦୂର କରିବା ପାଇଁ ଏକ ନୂତନ ସାମାଜିକ ଓ ଅର୍ଥନୈତିକ ଧାରା ପ୍ରବର୍ତ୍ତିତ କରିବା ସେତେବେଳେ ଆମ ସମ୍ମୁଖରେ ଏକମାତ୍ର ମହାନ୍ କର୍ତ୍ତବ୍ୟ ଥିଲା । ସେହି ଐତିହାସିକ ଘଟଣାର ଅନେକ ବର୍ଷ ପରେ ଆମେ ଯେତେବେଳେ ଆଜି ଅତୀତର ସମୀକ୍ଷା କରୁଛୁ, ଏହି ଦାୟିତ୍ୱଟି ଯେ ସହଜ ନୁହେଁ ଏ କଥା ଆମର ହୃଦ୍‌ବୋଧ ହେଉଛି । ଆମର ସ୍ୱାଧୀନତା ଲାଭର ଅବ୍ୟବହିତ ପରେ ବହୁ ଦିଗରୁ ଆମେ ଜଟିଳ ସମସ୍ୟାମାନ ସମ୍ମୁଖୀନ ହୋଇଥିଲୁ । ଏହି ସବୁ ସମସ୍ୟା ଆମର ଅର୍ଥନୈତିକ ଅଗ୍ରଗତି ତଥା ଆଦର୍ଶଗତ ପ୍ରତ୍ୟୟକୁ ଦୋହଲାଇ ଦେଇଥିଲା । ନବ ଗଠିତ ରାଷ୍ଟ୍ର ଯେଉଁ ସବୁ ସ୍ୱାଭାବିକ ତ୍ରୁଟି ବିଚ୍ୟୁତି କରିବାର ସମ୍ଭାବନା ରହିଛି ସେ ସବୁକୁ ବାଦ୍ ଦେଲେ ନ୍ୟସ୍ତସ୍ୱାର୍ଥ ଲୋକମାନେ ସୁବିଧା ଭଣ୍ଡି ନିଜର ସ୍ୱାର୍ଥ ସାଧନ ଉଦ୍ଦେଶ୍ୟରେ ଜନସାଧାରଣଙ୍କ ଜୀବନ ବିପନ୍ନ କରିବା ପାଇଁ ସର୍ବଦା ଚକ୍ରାନ୍ତ କରିଛନ୍ତି । କେବଳ କୌଣସି ପ୍ରକାର ଯୋଜନା ବା ପବିତ୍ର ଚିନ୍ତା ସାହାଯ୍ୟରେ ଏହି ସବୁ ସମସ୍ୟାର ସମାଧାନ କରିବା ସମ୍ଭବ ହୋଇପାରି ନଥାନ୍ତା । ଏହି ସବୁ ଆହ୍ୱାନର ମୁକାବିଲା କରିବା ଉଦ୍ଦେଶ୍ୟରେ ଆମେ ଯେଉଁ ଆଦର୍ଶ ଗ୍ରହଣ କରିଛୁ, ତାହାକୁ କାର୍ଯ୍ୟରେ ପ୍ରତିପାଦିତ କରିବା ପାଇଁ ଆମର ଆବଶ୍ୟକ ଦୃଢ଼ ଜାତୀୟ ଚରିତ୍ର ତଥା ଦୃଢ଼ ସଂକଳ୍ପ । ଏଥିପାଇଁ ସଂକୀର୍ଣ୍ଣ ସ୍ୱାର୍ଥପରତା, ଜଡ଼ତା, ଅସାଧୁତା ଓ ତୁଚ୍ଛ ବିଭେଦ ବିରୁଦ୍ଧରେ ଦୀର୍ଘକାଳବ୍ୟାପୀ ସଂଗ୍ରାମ ଜାରି ରଖିବାକୁ ହେବ ।

ଏହି ପବିତ୍ର ଦିବସରେ ମୁଁ ରାଜ୍ୟର ଭାଇଭଉଣୀମାନଙ୍କୁ ନିବେଦନ କରୁଛି ଯେ ସେମାନେ ଅନାଗତ ବିପଦ ସମ୍ପର୍କରେ ଅବହିତ ରହନ୍ତୁ ଏବଂ ବର୍ଷ ବର୍ଷ ଧରି ଆମ ପ୍ରଗତି ଏବଂ ସମୃଦ୍ଧିର ପଥରୋଧ କରୁଥିବା ଶକ୍ତି ବିରୁଦ୍ଧରେ ନୂତନ ସଂଗ୍ରାମ ପାଇଁ ପ୍ରସ୍ତୁତ ହୁଅନ୍ତୁ ।

ଜୟହିନ୍ଦ୍

ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଉତ୍କଳ ପ୍ରସଙ୍ଗ

୧୯୭୯ ଅଗଷ୍ଟ
ଶ୍ରାବଣ/ଭାଦ୍ରବ
୧୯୦୧ ଶକାବ୍ଦ
୩୬ ଭାଗ: ୧ମ ସଂଖ୍ୟା

## ସୂଚୀପତ୍ର

ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର
ମୁଖ୍ୟ ସମ୍ପାଦକ

ଶ୍ରୀ ବିପିନବିହାରୀ ପଟ୍ଟନାୟକ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ
ସହଯୋଗୀ ସମ୍ପାଦକ

ଶ୍ରୀ ଅସିତ୍ ମୁଖାର୍ଜୀ
ପ୍ରଚ୍ଛଦ ଶିଳ୍ପୀ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ମୁଦ୍ରଣ

ବାର୍ଷିକ ଦେୟ—ଟ ୧୦.୦୦

ପ୍ରତିଖଣ୍ଡ—ଟ ୧.୦୦

ଭାରତର ଜାଗ୍ରତ ଆତ୍ମା .. ୧
ସମର୍ଥ ରାମଦାସ ଓ ଶିବାଜୀ .. ୫
ନୀଳାଦ୍ରି ନାମାବଳୀ .. ୯
ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମ .. ୧୫
କ୍ଷୁଦ୍ର ଶିଳ୍ପର ଅର୍ଥନୈତିକ ସମସ୍ୟା .. ୧୮
ବିଶ୍ୱର ଅଦ୍ୱିତୀୟ ସଂସ୍କୃତିକ ଦେବତା ଜଗନ୍ନାଥ .. ୨୦
ଓଡ଼ିଶାର କୃଷି ଓ କୃଷକ .. ୨୩
ଓଡ଼ିଆ କାବ୍ୟ ଚେତନା ଉପରେ ଅସହଯୋଗ ଆନ୍ଦୋଳନର ପ୍ରଭାବ । ୨୬
ରେଶମ ବିପ୍ଳବ ଓ ଆଦିବାସୀ ଅର୍ଥନୀତି .. ୩୧
ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରତ୍ୟକ୍ଷ ଅନୁଭୂତି .. ୩୪
ଆଜିର ପ୍ରୌଢ଼ ଶିକ୍ଷା .. ୩୭
ଓଡ଼ିଆ ଶିଶୁ ସାହିତ୍ୟର ଐତିହ୍ୟ ଓ ଆଭିମୁଖ୍ୟର ଧାରା .. ୪୧
ଗ୍ରାମ୍ୟ ମହିଳାମାନଙ୍କ ବିକାଶ ଓ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ୪୪
"କୁରୁକ୍ଷେତ୍ର" ଯୁଦ୍ଧକ୍ଷେତ୍ର ନୁହେଁ .. ୪୭
ଲୋକଗୀତ "ରସ୍‌ବାଙ୍ଗ୍‌ରୀ"—ଏକ ଅଧ୍ୟୟନ .. ୫୨
ଜାତୀୟ ସଂଚୟ ଯୋଜନା ଓ ଓଡ଼ିଶାର ପ୍ରଗତି .. ୫୭
ମଧୁଶାଳାର ଗନ୍ତି .. ୬୨
ଓଡ଼ିଆ ଲିପି ସଂସ୍କାର .. ୬୪
ଇତିହାସରେ କଟକର ଝଲକ .. ୬୭
ଅତ୍ୟାବଶ୍ୟକ ଜିନିଷର ସୁଷମ ବଣ୍ଟନ .. ୭୦
ହସ୍ତ ଗୁଳିତ ଓ ବହଦ ଗୁଳିତ ଚେନ୍ଓ୍ୱାସର ପର୍ମ .. ୭୨
ଜିଲ୍ଲା ପରିକ୍ରମା .. ୭୫
ଆମ ରାଜ୍ୟ .. ୮୩

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

# ଭାରତର ଜାଗ୍ରତ ଆତ୍ମା

—ଶ୍ରୀ ଅରବନ୍ଦ

କୌଣସି ଜାତୀୟ ଜାଗରଣ କେବଳ ଗୋଟିଏ ବିଷୟରେ ସୀମାବଦ୍ଧ ହେଲେ ତାହା ଯଥାର୍ଥରେ ସୁଦୃଢ଼ ଓ ଶକ୍ତିଶାଳୀ ହୋଇପାରେ ନାହିଁ । ଗୋଟିଏ ଜାତି କେବଳ ଯଥାର୍ଥଭାବେ ଜୀବନ୍ତ ଓ ସକ୍ରିୟ ହୋଇଉଠେ ଯେତେବେଳେ ତାର ଆତ୍ମା ସଂପୂର୍ଣ୍ଣ ଜାଗ୍ରତ ହୁଏ । ଏହି ଜାଗ୍ରତ ଅବସ୍ଥାରେ ମାନବର ଅନ୍ତରାତ୍ମା ଯେଉଁ କର୍ମସାଧନରେ ଉଲ୍ଲସିତ ହୁଅନ୍ତା ଏବଂ ଯେଉଁ କାର୍ଯ୍ୟରେ ନିଜର ଶକ୍ତି ସାମର୍ଥ୍ୟର ପ୍ରକାଶ କରିପାରନ୍ତା, ତଦନୁରୂପ ବିଭିନ୍ନ କର୍ମରେ କେବଳ ଜୀବନର ପ୍ରକାଶ ସମ୍ଭବ ହୋଇଥାଏ । କେବଳ ଆନନ୍ଦ ଯୋଗୁଁ ଏହି ବିଶ୍ୱର ସ୍ଥିତି ସମ୍ଭବ ହୋଇଛି । କେବଳ ଆନନ୍ଦପାଇଁ ଆତ୍ମା ଏହି ମହାନ ଗୁରୁତ୍ୱପୂର୍ଣ୍ଣ ଜୀବନର ଲୀଳା ବରଣ କରିଛି । ବହୁ ଭାବରେ ନିଜକୁ ପ୍ରକାଶ କରିବାରେ ହିଁ ଆତ୍ମା ଆନନ୍ଦର ସନ୍ଧାନ ପାଏ । ଏହି କାରଣରୁ କୌଣସି ଦୁଇଟି ବ୍ୟକ୍ତି ଏକାଭଳି ନୁହନ୍ତି, ପ୍ରତ୍ୟେକ ଜାତି ମଧ୍ୟ ପ୍ରତ୍ୟେକ ଠାରୁ ପୃଥକ୍, ତେଣୁ ପ୍ରତ୍ୟେକର ସ୍ୱ ସ୍ୱ ସାଧାରଣ ଜାତୀୟ ଗୁଣସତ୍ତ୍ୱେ ସ୍ୱତନ୍ତ୍ରଭାବେ ପୃଥକ୍ ଗୁଣ ଓ ପ୍ରକୃତି ବିଦ୍ୟମାନ । ଏହି ଦୃଷ୍ଟିରୁ ନିଜର ସନ୍ତୋଷ ଓ ଆତ୍ମପୂର୍ତ୍ତି ପାଇଁ ଗୋଟିଏ ଜାତି ତାର ସ୍ୱତନ୍ତ୍ର ଚରିତ୍ର ଏବଂ ଦକ୍ଷତାର ଉପଲବ୍ଧି ଦାବୀ କରିଥାଏ । ଯଦି ସେହି ସନ୍ତୋଷ ଓ ଆତ୍ମପୂର୍ତ୍ତି ପଥ ଅବରୁଦ୍ଧ କରାଯାଏ, ତେବେ ସେ ଜାତିର ବିନାଶ ଘଟେ । ତେଣୁ ଜାତୀୟ ବିକାଶର ଦୃଢ଼ତା ଜାଣିବା ପାଇଁ ଦୁଇପ୍ରକାର ପରୀକ୍ଷା ଆବଶ୍ୟକ । ଯେଉଁ ଜାତି ସ୍ୱାତନ୍ତ୍ର୍ୟ ବିହୀନ, ସଂପୂର୍ଣ୍ଣ କୃତ୍ରିମ, ପରଧନ—ସର୍ବସ୍ୱ, ପରାନୁକରଣବ୍ରତୀ ସେ ଯାହା କିଛି ସାମୟିକ ସଫଳତା ଲାଭ କରୁଥିଲେ ମଧ୍ୟ ଆତ୍ମ-ବିକାଶ ବିହୀନ ଓ ବିନାଶ ଦିଗରେ ଅଗ୍ରସର ହେଉଛି ବୋଲି ବୁଝିବାକୁ ହେବ । ପ୍ରାଚୀନ ୟୁରୋପୀୟ ଜାତିଗଣ ସେତିକିବେଳେ ବିନାଶର ସମ୍ମୁଖୀନ ହେଲେ, ଯେତେବେଳେ ସେମାନେ ନିଜ ନିଜ ବ୍ୟକ୍ତିତ୍ୱର ମୂଲ୍ୟ ବିନିମୟରେ ରୋମୀୟ ସଭ୍ୟତା ଓ ତାର ଶାନ୍ତି ଓ ପ୍ରଗତି ଅର୍ଜନ କରିବା ପାଇଁ ଆଗ୍ରହର ହୋଇ ଉଠିଲେ । ଅନ୍ୟ ପକ୍ଷରେ, ଗୋଟିଏ ଜାତିର ସ୍ୱକୀୟ ବ୍ୟକ୍ତିତ୍ୱ ଯେତେବେଳେ ଆତ୍ମ ବିକାଶର ପ୍ରତ୍ୟେକ ସ୍ତରରେ ତାର ନିଜସ୍ୱ ସ୍ୱାକ୍ଷର ରଖିଦେଇପାରେ ଏବଂ ପ୍ରଗତିର ପ୍ରତ୍ୟେକ ସ୍ତରରେ ନିଜର ଆତ୍ମପ୍ରକାଶରେ ଦୃଢ଼ତାହାସଲ କରେ ସେତିକିବେଳେ, ସେହି ଜାତିର ସ୍ଥିତି, ଜାଗରଣ ଓ ବିକାଶ ସମ୍ଭବ ହୋଇଥାଏ । ସେତେବେଳେ ଯେତେ କିଛି ରାଜନୀତିକ, ସାମାଜିକ, ଅଥବା ବୌଦ୍ଧିକ ବିପ୍ଳବର ରୂପ ଓ ସଂସ୍ଥା ପ୍ରକାଶ ପାଉନା କାହିଁକି, ତଦ୍ୱାରା ଯେ ଜାତିର ଅବକ୍ଷୟ ଘଟିବ ନାହିଁ, ବରଂ ସଂପ୍ରସାରଣ ଓ ବିକାଶ ସମ୍ଭବ ହେବ, ଏହା ସୁନିଶ୍ଚିତ ।

ଉନବିଂଶ ଶତାବ୍ଦୀର ଭାରତଥିଲା ଅନୁକରଣପ୍ରିୟ, ଆତ୍ମ ବିସ୍ମରଣଶୀଳ ଓ କୃତ୍ରିମତାରେ ଭରା । "ସ୍ୱଧର୍ମେନିଧନଂ ଶ୍ରେୟ ପରଧର୍ମୋ ଭୟାବହଃ" । ଅଥବା "ନିଜ ଧର୍ମରେ ନିଜ ମୌଳିକଗୁଣ ଅନୁସରଣ କରି ଯଦିବା ମୃତ୍ୟୁ ହୁଏ ତାହା ଗୌରବାବହ । ସଫଳତା ଲାଭ ପାଇଁ ଅନ୍ୟର ଧର୍ମ ଅନୁସରଣ କରିବା ଅତ୍ୟନ୍ତ ଭୟାବହ ବିଷୟ"— ଗୀତାର ଏହି ମହାନ୍‌ବାଣୀ—ବିସ୍ମୃତ ଉନବିଂଶ ଶତାବ୍ଦୀର ଭାରତବର୍ଷ ୟୁରୋପର ସଫଳ ପରିପ୍ରକାଶକୁ ହିଁ ନିଜର ଲକ୍ଷ୍ୟ ରୂପେ ବରଣ କରିଥିଲା । କିନ୍ତୁ ଭଗବତଗୀତା କହନ୍ତି—ଅନ୍ୟ ପନ୍ଥାନୁସରଣ ଯେଉଁ ସଫଳତା ପ୍ରଦାନ କରେ, ତାହା ସଫଳ, ଆତ୍ମହତ୍ୟା ସହ ସମାନ, ଏବଂ ଅନ୍ୟପକ୍ଷରେ ସ୍ୱଧର୍ମାନୁକୂଳ ପନ୍ଥା ଅନୁସରଣ କରି ମୃତ୍ୟୁବରଣ କଲେ ନବଜନ୍ମ ଗ୍ରହଣ ସମ୍ଭବ ହୋଇଥାଏ । ଏହି ଦୃଷ୍ଟିରୁ ଆମେ ଭାରତୀୟମାନେ ଯଦି ଅତି ସଫଳତାର ସହିତ ୟୁରୋପୀୟ ଭାବରେ ପରି-ବର୍ତ୍ତିତ ହୋଇ ପାରିଥାଆନ୍ତୁ, ତେବେ ଆମେ ଚିରକାଳ ପାଇଁ ଆମର ଆଧ୍ୟାତ୍ମିକଶକ୍ତି ବୌଦ୍ଧିକତା ଓ ଜାଗତିକ ନମନୀୟତା ଏବଂ ଆତ୍ମବିକାଶର ଶକ୍ତି ହରେଇ ବସିଥାଆନ୍ତୁ । ଏବଂ ଏହି ଦୁଃଖାନ୍ତକ ନାଟକ ଏକାଧିକବାର ଇତିହାସରେ ଅଭିନୀତ ହୋଇଅଛି । କେବଳ ଏଥିସହ ସର୍ବାଧିକ ଦୁଃଖ-ଦାୟକ ଓ ଜଘନ୍ୟ ଉଦାହରଣକୁ ସଂଶ୍ଳିଷ୍ଟ କରାଯାଇ ନାହିଁ । ଯଦି ସାରାଦେଶର କାର୍ଯ୍ୟକଳାପ ପରଧର୍ମାଶ୍ରିତ ହୋଇ-ଥାଆନ୍ତା, ତେବେ ଏହାର ଫଳାଫଳ ଜାତୀୟ ଜୀବନର ପ୍ରକୃତ ପ୍ରତିବନ୍ଧକ ସୃଷ୍ଟି କରିଥାଆନ୍ତା କିନ୍ତୁ ଜାତିର ପ୍ରାଣବାୟୁ ବଙ୍ଗଳା ଓ ପଞ୍ଜାବର ଧାର୍ମିକ ବିପ୍ଳବ, ମହାରାଷ୍ଟ୍ରର ରାଜନୀତିକ ଅରା ସ୍ପା ବଙ୍ଗଳାର ସାହିତ୍ୟିକ କ୍ରିୟାକଳାପ

ମାଧ୍ୟମରେ ନିଜକୁ ପ୍ରକାଶ କରିବାକୁ ଯାଉଥିଲା । କିନ୍ତୁ ଏଠି ମଧ୍ୟ ଅନ୍ତଃସଲିଳା ଫଲ୍ଗୁ ତୁଲ୍ୟ ବିଚିତ୍ର ଭାରତୀୟ ମନୋବୃତ୍ତି ଓ ଶକ୍ତି ଯେପରି ନିଜର ସଂରକ୍ଷଣ ପାଇଁ ପାଶ୍ଚାତ୍ୟ ଚିନ୍ତା ଓ ସଙ୍ଗଠନର ଅନ୍ତରାଳରେ ଯୁଦ୍ଧୋଦ୍ୟତ ଥିଲା ଏବଂ ଭାରତୀୟ ଜାତୀୟତା ବିଜାତୀୟତା ବିରୁଦ୍ଧରେ ଯେତେବେଳେ ଏହି ସଂଗ୍ରାମରେ ଅଧିକ ସାମର୍ଥ୍ୟ ଅର୍ଜନ କରି ଅନୁକୂଳ ପରିସ୍ଥିତିର ସୁଯୋଗ ହାସଲ କଲା, ସେତେବେଳେ ହିଁ ଯଥାର୍ଥରେ ଭାରତର ମୁକ୍ତି ନିଶ୍ଚିତ ହୋଇଉଠିଲା । ହିନ୍ଦୁଧର୍ମ ଭିତରେ ରକ୍ଷଣଶୀଳ, ତାମସିକ, ସ୍ଥାଣୁ, ଅଜ୍ଞାନାଚ୍ଛନ୍ନ, ବିକାଶଶକ୍ତି-ବିହୀନ ଉପାଦାନଗୁଡ଼ିକ ବିଧର୍ମୀକରଣରେ ବାଧାସୃଷ୍ଟି କରିନଥିଲେ ସମ୍ଭବତଃ ଜାତୀୟ ଆତ୍ମାର ଅଭ୍ୟୁତ୍ଥାନ ପାଇଁ ଯଥେଷ୍ଟ ଅବକାଶ ମିଳିନଥାନ୍ତା ଓ ଦେଶର ଏହା ମଧ୍ୟରେ ସଂପୂର୍ଣ୍ଣ ଓ ଦ୍ରୁତ ବିଧ୍ୱଂସ ସାଧିତ ହୋଇଯାଇଥାନ୍ତା । ଭାରତର ଆତ୍ମା ଧର୍ମ ମାଧ୍ୟମରେ ହିଁ ପ୍ରଥମେ ଜାଗ୍ରତ ହେଲା ଓ ବିଜୟବିମଣ୍ଡିତ ହେଲା । ଏ ଦେଶରେ ସର୍ବଦା ଯଦିବା ସୂଚନାର ଅଭାବ ନଥିଲା ଓ ସର୍ବଦା ଯଦ୍ୟପି ମହାନ୍ ଅଗ୍ରଗାମୀ ବ୍ୟକ୍ତିମାନଙ୍କର ଅଭାବ ନଥିଲା, ତଥାପି ଯେଉଁଦିନ ସାମାନ୍ୟ-ତମ ପାଶ୍ଚାତ୍ୟ ଶିକ୍ଷା ଓ ଦର୍ଶନର ସ୍ପର୍ଶ ନପାଇଥିବା ଏକ ସ୍ୱୟଂବିକଶିତ ନିରକ୍ଷର, ସଦାନନ୍ଦମୟ, ଯୋଗୀ-ସନ୍ନ୍ୟାସୀର ଚରଣ-କମଳରେ କଲିକତାର ଉଚ୍ଚଶିକ୍ଷିତ ତରୁଣଗଣଙ୍କ ହୃଦୟପୁଷ୍ପ ସମର୍ପିତ ହେଲା, ସେହିଦିନ ପାଶ୍ଚାତ୍ୟ ଉପରେ ଭାରତୀୟତାର ବିଜୟ ସମ୍ଭାବନାର ଆଶା ଉଜ୍ଜ୍ୱଳ ହୋଇଉଠିଲା । ଯେଉଁ ବିବେକାନନ୍ଦଙ୍କର ବିଦେଶ ଯାତ୍ରାର ବହୁ ପୂର୍ବରୁ ଠାକୁର ଶ୍ରୀ ରାମକୃଷ୍ଣ ମନ୍ତବ୍ୟ ଦେଇ କହିଥିଲେ— ଏହା ଏକ ଶକ୍ତିଶାଳୀ ଆତ୍ମାର ସାରାବିଶ୍ୱକୁ ନିଜ ଦୁଇହାତର ଅଡ଼ିଆରେ ଉଠାଇ ପରିବର୍ତ୍ତନ କରିବାର ନିଶ୍ଚିତ ଭବିତବ୍ୟ, ସେହିଦିନ ବିଶ୍ୱସମକ୍ଷରେ ଭାରତ ସ୍ପଷ୍ଟ ପ୍ରମାଣ ଦେଲା ଯେ, ନିଜର ସଂରକ୍ଷଣ ପାଇଁ ନୁହେଁ, ବିଶ୍ୱ ବିଜୟ ଲାଗି ହିଁ ତାର ହୋଇଛି ଅଭ୍ୟୁତ୍ଥାନ,—ଏହାପରେ ଯେତେବେଳେ ଜାଗରଣ ସଂପୂର୍ଣ୍ଣ ହୋଇଉଠେ, ସେତେବେଳେ ସକଳ ଦିଗରେ ବ୍ରିଟିଶ—ଶାସନର ପୂର୍ବ ଅବସ୍ଥା କାଳର ଭାରତ ଗଢିବାର ପରିକଳ୍ପନା ନେଇ କେତେକ ଜାତୀୟ ବିପ୍ଳବର ଅଭ୍ୟୁଦୟ ହୁଏ । କିନ୍ତୁ ଏହା କି ସମ୍ଭବ ? ପରିବର୍ତ୍ତନ ଓ ବିକାଶର ପ୍ରତ୍ୟାଖ୍ୟାନ ହିଁ ନିଷ୍କ୍ରିୟତା । ଏହାର ଦାର୍ଶନିକ ନାମ ତାମସିକତା । ତାମସିକତାର ଅତିବୃଦ୍ଧି ହେତୁ ବିଲୟ ବା ପ୍ରଳୟ ସମ୍ଭବ ହୁଏ । ଆତ୍ମରକ୍ଷା ପାଇଁ ସର୍ବଦା ଆକ୍ରମଣର ଆବଶ୍ୟକତା ରହିଛି । ଯେତେବେଳେ ଶକ୍ତି ବିଜୟ ଲାଭ କରିନପାରେ, ସେତିକିବେଳେ ହିଁ ତାର ବିଲୟ ଘଟେ । ଯେ ସ୍ଥାଣୁ ହୋଇ କେବଳ ଆତ୍ମରକ୍ଷା ପାଇଁ ଦଣ୍ଡାୟମାନ ହୁଏ, ସେ ତାର ମୂଳଭୂମିରେ ରହି ଶେଷରେ 'ସନ୍ଧ୍ୟା'ର ନିର୍ଦ୍ଦେଶ ଭଳି ନିଷ୍କ୍ରିୟ ହୋଇଯାଏ ଏବଂ ଜୀବନ୍ତ ଜଗତରୁ ତାର ପରାଜୟ, ବିଖଣ୍ଡନ ଏବଂ ଅନ୍ତିମ ବିନାଶ ଅବଶ୍ୟମ୍ଭାବୀ ହୋଇଉଠେ । ହିନ୍ଦୁଧର୍ମ ସର୍ବଦା ନମନୀୟ ଅଥଚ ପ୍ରଚଣ୍ଡ । ଏହା ଆକ୍ରମଣକାରୀ ଶକ୍ତି ଉପରକୁ ଲମ୍ଫ ଦେଇ ତାର ସଂପତ୍ତି ଲୁଣ୍ଠନ କରି ବିରୋଧୀ ଶକ୍ତିର ଯାହା କିଛି ମୂଲ୍ୟବାନ ତାକୁ ନିଜର ଅଧିକାରଭୁକ୍ତ କରିନିଏ । ଏହା ଫଳରେ ସମଗ୍ର ବିରୋଧୀ ଶକ୍ତିକୁ ଅଥବା ତାର [illegible]

ଅସ୍ତିତ୍ୱ ଲୋପକରିଦିଏ । କିମ୍ବା ବିରୋଧୀଶକ୍ତିର ଆକ୍ରମଣର ଉଦ୍ଦେଶ୍ୟକୁ ସଂପୂର୍ଣ୍ଣ ବ୍ୟର୍ଥ କରିଦେଇ ତାର ପୁନରାକ୍ରମଣର ସମ୍ଭାବନା ଦୂର କରିଥାଏ । କିନ୍ତୁ ଯେତେବେଳେ ହିନ୍ଦୁଧ କେବଳ ଆତ୍ମରକ୍ଷା ଚାହିଁଛି, ସେତେବେଳେ ସେ ତାର ନିଜ ସୀମା ଭିତରେ ସଂକୁଚିତ ହୋଇ ପଡ଼ିଛି ଏବଂ ସ୍ୱଭ ବିଶେଷରେ ଅସ୍ଥାୟୀ ବିଳୟ ଓ ବିପର୍ଯ୍ୟୟର ସଙ୍କେତ ବହ କରିବାକୁ ବାଧ୍ୟ ହୋଇଛି ।

ଯଦି ଥରେ ଜାତିର ଆତ୍ମା ଧର୍ମ ମଧ୍ୟରେ ଜାଗିଉଠେ ତେବେ କେବଳ ସମୟ ଓ ସୁଯୋଗ ପାଇବାମାତ୍ରେ ଏହ ଜାତିର ସମସ୍ତ ଆଧ୍ୟାତ୍ମିକ ଓ ବୌଦ୍ଧିକ କ୍ରିୟାକଳାପ ମଧ୍ୟ ଲମ୍ଫ ପ୍ରଦାନ କରି ସବୁକିଛି କରଗତ କରେ । ବଙ୍ଗ ଉ କାଳରେ ଯେଉଁ ୟୁରୋପ—ବିରୋଧୀ ଚିନ୍ତାଧାରାର ଉନ୍ମେ ହେଲା, ତାହା ହିଁ ସୃଷ୍ଟି କରିବସିଲା ଆବଶ୍ୟକ ସୁଯୋଗ କ୍ରୋଧ, ପ୍ରତ୍ୟାକ୍ରମଣମୂଳକ ଓ ବିକ୍ଷୁବ୍ଧ ମନୋଭାବ କେବେ ପ୍ରଶଂସାଯୋଗ୍ୟ ନୁହେଁ, କିନ୍ତୁ ଭଗବାନ ଏଗୁଡ଼ିକୁ ତା କାର୍ଯ୍ୟରେ ବ୍ୟବହାର କରି ଅଶୁଭ ମଧ୍ୟରୁ ଶୁଭର ସୃ କରିଥାନ୍ତି । ଲୋକମାନେ ନିଜ ହୃଦୟରୁ ଉଦାସୀନ ଏବଂ ବୈରାଗ୍ୟ ଦୂରକରି କ୍ରୋଧ ଏବଂ ଶକ୍ତିଶାଳ ଆବେଗକୁ ସେହିଠାରେ ସ୍ଥାନ ଦେଇଥିଲେ । ସେହି ଶ ଓ ଆବେଗକୁ ଜାତୀୟ ଆତ୍ମା ଅଧିକାର କରି ଭବିଷ୍ୟ ସଙ୍ଗଠନରେ ଲଗାଇଦେଲା । ୟୁରୋପୀୟଙ୍କ ବିରୁଦ୍ଧରେ କ୍ରୋଧ, ସେମାନଙ୍କର ବ୍ୟବସାୟ ଓ ଉତ୍ପାଦନ ବିରୁଦ୍ଧରେ ପ୍ରତିକ୍ରିୟା, ସେମାନଙ୍କ ସହ ଯାହା କିଛି ସଂଶ୍ଳିଷ୍ଟ ତା ପ୍ର ବିଦ୍ୱେଷରୁ ଯେଉଁ ଶକ୍ତିଶାଳୀ ଭାବପ୍ରବଣତାର ସ୍ରୋ ପ୍ରବାହିତ ହେଲା ତାହା ତତ୍କାଳୀନ ୟୁରୋପୀୟ ଭାବଧା ଜଡ଼ିତ ଅତୀତରୁ ଆମ ମୁହଁ ଫେରାଇ ଆଣିଲା ଏବଂ ଅ ଧର୍ମରେ ଯେଉଁ ଭାବଧାରା ପ୍ରକଟିତ ତାହାକୁ ସିଧାସଳ ରାଜନୀତି ଭିତରକୁ ନେଇଆସିଲା ଏବଂ ଜାତିର ଅତୀତ ତ ଭବିଷ୍ୟତକୁ ଅଧିକ ଶକ୍ତିଶାଳୀ ସମ୍ଭାବନାରେ ଭରିଦେଲା ।

ଭାରତର ଆତ୍ମାଏବେ ସୁଦ୍ଧା ସମଗ୍ର ରାଜନୀତି କ୍ଷେତ୍ର ଜୟକରି ନାହିଁ; କିନ୍ତୁ ବିଜୟର ଆବେଗ ସହ ସେ ଅପେ କରିରହିଛି । କେବଳ ଯାହା ସମୟ ଆବଶ୍ୟକ । ଏ ଯାହାସବୁ ରାଜନୀତିରେ ଘଟୁଛି, ତାହା ଆତ୍ମାର ଯଥ ସକଳ ପ୍ରକାଶ ପାଇଁ ପ୍ରସ୍ତୁତିରେ ସାହାଯ୍ୟ କରୁଛି ଭବିଷ୍ୟତ ବର୍ତ୍ତମାନ ସୁନିଶ୍ଚିତ । ଧର୍ମ ଓ ରାଜନୀ ଜାତୀୟ ଆତ୍ମାର ଦୁଇଟି ଶକ୍ତିଶାଳୀ ଏବଂ ସକ୍ରିୟ ପ୍ରକାଶ ଏ ଦୁଇଟିରେ ଜାତୀୟତା ପ୍ରକଟିତ ହୋଇ ସାରିଥିବାରୁ ଅ ସବୁକିଛି ଯଥାକାଳରେ ସେ ଦୁଇଟିର ଅନୁସରଣ କରିବେ ଆମର ରାଜନୀତିକ ଓ ଧାର୍ମିକ ଜୀବନର ଆବଶ୍ୟକ ବର୍ତ୍ତମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯଥାର୍ଥ ଶକ୍ତି । ଆବଶ୍ୟକତା ହିଁ ଆମ ସମାଜ ଶିଳ୍ପ ଓ ବାଣିଜ୍ୟ ବ୍ୟବସା ପୁନର୍ଗଠନ ଓ ପୁନର୍ନିର୍ମାଣ ଘଟିବ । ଏହା ହିଁ କେବଳ ଅଣୟୁରୋପୀୟ ଓ ଯଥାର୍ଥ ଭାରତୀୟ ଶକ୍ତିଶାଳୀ ଜା ସାହିତ୍ୟ, ବିଜ୍ଞାନ, ଦର୍ଶନର ଭିତ୍ତିଗଠନ କରିପାରି ଏହି ଭାବ ବର୍ତ୍ତମାନ ବଙ୍ଗଳାର କଳା ଓ ସାହିତ୍ୟ କ୍ଷେତ୍ର [illegible]

ପ୍ରକାଶ ପାଇଁ ବଙ୍ଗଳା ସାହିତ୍ୟ ତାର କୃତିରେ ମୌଳିକ ଓ ଚିରନ୍ତନ ଆତ୍ମାକୁ ଆଜି ଆକସ୍ମିକ ଭାବେ ସ୍ମରଣ କରିଛି ଏବଂ ଆମର ଅଧୁନାତନ ଜାତୀୟ ସଙ୍ଗୀତରେ ଏହି ଆତ୍ମୋପଲବ୍ଧି ପ୍ରକଟିତ ହୋଇଛି ।

ସଙ୍ଗୀତ ଏବଂ ସଙ୍ଗୀତମୟତା, ପ୍ରକାଶ କ୍ଷେତ୍ରରେ ସାରଲ୍ୟ, ତୀବ୍ରତା ଓ ପ୍ରତ୍ୟକ୍ଷତା ; ଗଭୀର ଉଚ୍ଛ୍ୱାସ-ପ୍ରବଣ ଉନ୍ମୁକ୍ତ ଆବେଗ, ଅକୃତ୍ରିମ ଉନ୍ନତ ଉନ୍ମାଦନା, ପ୍ରେମ ଓ ଭକ୍ତିର ପ୍ରାଧାନ୍ୟ, ମାଧୁର୍ଯ୍ୟ ଓ ସାମର୍ଥ୍ୟର ସମ୍ମିଳନ, ଆତ୍ମଜ୍ଞାନୋଜ୍ଜ୍ୱଳ-ହୃଦୟ-ଶାସିତ-ପ୍ରଜ୍ଜ୍ୱଳ-ମନୀଷା, ରହସ୍ୟମୟମୟ ଉଲ୍ଲାସ ଓ ଆଧ୍ୟାତ୍ମିକ ଅନ୍ତର୍ଦୃଷ୍ଟି ପ୍ରସୂତ ସରଳ ବାସ୍ତବ ଜ୍ଞାନ ଓ କାର୍ଯ୍ୟକାରୀ ଶକ୍ତି ହିଁ ବଙ୍ଗଳାର ଆତ୍ମା ।

ଆମମାନଙ୍କ ସାହିତ୍ୟକୁ ସଂପୂର୍ଣ୍ଣ ଜୀବନ୍ତ ରଖିବାକୁ ହେଲେ ଏହି ଭିତିରୁ କାର୍ଯ୍ୟାରମ୍ଭ କରିବାକୁ ହିଁ ହେବ । ଏହା ଯେତେ ବିଭିନ୍ନତାକୁ ଗ୍ରହଣ କରୁନା କାହିଁକି ଏହି ଭିତିରୁ କେବେ ବି ବିଚ୍ଛିନ୍ନ ହେବ ନାହିଁ । ବଙ୍ଗଳାର ମୋଗଲ ଯୁଗ ପରେ ପୁଣି ଥରେ ଜାତୀୟଭାବ କଳା ମାଧ୍ୟମରେ ଆତ୍ମ ପ୍ରକାଶ କରିବାକୁ ପ୍ରଯତ୍ନଶୀଳ । ଏହି ନବୀନ ଶିକ୍ଷା-ଦର୍ଶନର ପ୍ରତିଷ୍ଠାତା ଓ ନେତା ହେଲେ ଅବନୀନ୍ଦ୍ର ନାଥ ଠାକୁର ।

ଯେଉଁ ଏସୀୟ ଭାବରେ ଅନୁପ୍ରାଣିତ ହୋଇ ଏହି ନୂତନ କଳାର ସ୍ରଷ୍ଟା କାର୍ଯ୍ୟାରମ୍ଭ କରିଥିଲେ ତାହା ବୈଦେଶିକ ପ୍ରଭାବରୁ ମୁକ୍ତ ନୁହେଁ । ଏଣୁ ଏହି କଳାରେ ବୈଦେଶିକତାର ଛାପ ଫୁଟିଉଠୁଛି । କିନ୍ତୁ ଏସବୁ ସତ୍ତ୍ୱେ ଜାତୀୟ ଆତ୍ମାର ଅସ୍ଥାୟୀ ପ୍ରଭାବରୁ ମୁକ୍ତି ଓ ବିକାଶ ଲକ୍ଷ୍ୟ କରାଯାଉଛି । ପୁନଶ୍ଚ, ବଙ୍ଗଳାର ଆତ୍ମା ହିଁ ନିଜକୁ ନିଜେ ପ୍ରକାଶ କରୁଛି । ଭାରତୀୟ କଳାର ସମଗ୍ର ଚେଷ୍ଟା ହିଁ ଅସୀମ ଓ ଅରୂପକୁ ସୀମା ଓ ରୂପ ମଧ୍ୟରେ ପ୍ରକାଶ କରିବା । ଗ୍ରୀକ୍‌ମାନେ ଏକ ସହଜସାଧ୍ୟ କ୍ଷୁଦ୍ର ଲକ୍ଷ୍ୟ ପୂରଣ ପାଇଁ ଚେଷ୍ଟା କରି ତାଙ୍କ କାର୍ଯ୍ୟରେ ଅଧିକ ସଫଳତା ଲାଭ କରିଥିଲେ । ସେମାନଙ୍କ ସ୍ଥୂଳ ରୂପ ଗଠନରେ ସହଜାତ ସାମର୍ଥ୍ୟ ଆମଠାରୁ ଅଧିକ ; କିନ୍ତୁ ଅନ୍ତରାତ୍ମିକ ରୂପ ଓ ରଙ୍ଗ ସଂପର୍କରେ ଆମ ଭାରତୀୟମାନଙ୍କର ସହଜାତ ଜ୍ଞାନ ତାଙ୍କଠାରୁ ଯଥେଷ୍ଟ ବେଶି । ଜଡ଼ବସ୍ତୁ ମଧ୍ୟରେ ଆତ୍ମାର ପ୍ରକାଶରେ କଳାକ୍ଷେତ୍ରରେ ଯେଉଁ ସମସ୍ୟା ଦେଖା ଦେଇଛି ଭବିଷ୍ୟତ କଳାରେ ନିଶ୍ଚୟ ତାର ସମାଧାନ ସମ୍ଭବ । ଭାରତର ହିଁ ଏହା ଶ୍ରେଷ୍ଠ ଲକ୍ଷ୍ୟ । ଭାରତ ହାସଲ କରିବ ସେହି ଗୂଢ଼ାର୍ଥ ସୂଚକ ରୂପ ଓ ରଙ୍ଗର ଶକ୍ତିଶାଳୀ ସମନ୍ୱୟ । ବଙ୍ଗାଳୀମାନଙ୍କର ସ୍ଥୂଳ ରୂପ ଗଠନରେ ଯେପରି ଦୃଢ଼ ସହଜାତ ସାମର୍ଥ୍ୟ ଅଛି, ଅନ୍ୟମାନଙ୍କର ଠିକ୍ ସେପରି ନାହିଁ । ସର୍ବ ଭାରତୀୟ ଗୋଷ୍ଠୀ ମଧ୍ୟରେ ଯେଉଁ ସାତ୍ତ୍ୱିକ ବୈଦାନ୍ତିକ ଭାବ ରହିଛି, ତା ସହିତ ବଙ୍ଗବାସୀଙ୍କର କୋମଳତା, ମାଧୁର୍ଯ୍ୟ ଓ ଶକ୍ତି ପ୍ରତି ଏକ ସର୍ବଶକ୍ତିଶାଳୀ ଆବେଗର ସମନ୍ୱୟ ଘଟିଛି । ସ୍ୱ ସୃଷ୍ଟିର ପ୍ରାରମ୍ଭରୁ ହିଁ ଏହି ସବୁ ଗୁଣଗୁଡ଼ିକ ପ୍ରତି ନୂତନ କଳା ସ୍ୱାଭାବିକ ଭାବେ ନିଜକୁ ଉନ୍ମୋଚିତ କରିଅଛି ।

ପ୍ରାଚୀନ ଭାରତର ଅତି ସାମାନ୍ୟ ଶିଳ୍ପାବଶେଷ ମଧ୍ୟରେ ପୂର୍ଣ୍ଣାଙ୍ଗ ଆଦର୍ଶକୃତିର ସନ୍ଧାନ ନପାଇ ଏହି ନୂତନ ଶିଳ୍ପ-ଦର୍ଶନ ହୁଏତ ସ୍ୱାଭାବିକ ଭାବେ ଜାପାନର ସାହାଯ୍ୟ ଭିକ୍ଷା କରୁଛି, କାରଣ ଏହି ଜାପାନର କଳାରେ ଲାଳିତ୍ୟ ଓ ମାଧୁର୍ଯ୍ୟର ପ୍ରଭାବ ପରିଲକ୍ଷିତ ହୁଏ, କିନ୍ତୁ ବସ୍ତୁ ମଧ୍ୟରେ ଆତ୍ମାର ପ୍ରକାଶର ଗଭୀର ରହସ୍ୟ ବ୍ୟକ୍ତ କରିବା ଜାପାନର ଅବଜ୍ଞାତ, ଏହା ବି ତାର ଉଦ୍ଦେଶ୍ୟ ନୁହେଁ ଏବଂ ବଙ୍ଗଳାର ଅନ୍ତରାମାରେ ଲାଳିତ୍ୟ, ମାଧୁର୍ଯ୍ୟ ଓ ଶକ୍ତି ଅପେକ୍ଷା ଅନେକ କିଛି ବିଦ୍ୟମାନ । ଏଥିରେ ରହସ୍ୟମୟ ସଙ୍ଗୀତମୟତା ବି ରହିଥାଇ, ଏହି ସାହିତ୍ୟରେ ସୁସ୍ପଷ୍ଟତା ଓ ରୂପ ରଚନା ପାଇଁ ଆବେଗ ରହିଛି । ଏଣୁ ସୌନ୍ଦର୍ଯ୍ୟ ପ୍ରତି ଆବେଗ, ସଜ୍ଜାହୀନ ମାଧୁର୍ଯ୍ୟ ଓ ଆଧ୍ୟାତ୍ମିକତା ନିଜକୁ କ୍ରମା–ସଂପ୍ରସାରଣ ମଧ୍ୟରେ ନବ ରୂପ ଗ୍ରହଣ କରି କଳା ମଧ୍ୟରୁ ହିଁ ଯେପରି ନିଜକୁ ଆତ୍ମ ପ୍ରକାଶ କରିବାକୁ ଉଦ୍ୟମ କରୁଛି, ଏଠାରେ ମଧ୍ୟ ଜାତିର ମୁକ୍ତ ଆତ୍ମା ପାଶ୍ଚାତ୍ୟ ବନ୍ଧନରୁ ନିଜକୁ ମୁକ୍ତ କରିବାକୁ ଉଦ୍ୟମ ଆରମ୍ଭ କରି ଦେଇଛି ।

ଏହି ପୁନର୍ଗଠନୋଦ୍ୟତ ନବ ସୃଷ୍ଟି କ୍ଷମ ଶକ୍ତି କବଳରୁ ଆମ ଜୀବନର କୌଣସି ଗୋଟିଏ ବିଭାଗ ବି ନିଜକୁ ପୃଥକ୍ କରି ରଖିପାରିବ ନାହିଁ । ସାଧାରଣ ସମାଜ ସଂସ୍କାରକମାନେ ଯେପରି ଅଜ୍ଞତୁଲ୍ୟ ମନେ କରନ୍ତି ଯେ ଭାରତୀୟ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଘଟି ଏହା ୟୁରୋପୀୟ ରୂପ ପରି ଗ୍ରହଣ କରିବ ତାହା କଦାପି ନୁହେଁ, ବରଂ ଏହା ସୁନିଶ୍ଚିତ ଯେ ଏହି ବିପ୍ଳବ ଫଳରେ ଭାରତର ଜାତୀୟ ଆତ୍ମା ହିଁ ସମାଜ ଜୀବନରେ ଅଧିକ ପରିପୂର୍ଣ୍ଣତାର ସହିତ ବିକାଶ ଲାଭ କରିବ । ଏହି ଜାତୀୟ ଜୀବନର ଧାରାରେ ବ୍ୟକ୍ତିର ସ୍ୱାର୍ଥ ଓ ପାରସ୍ପରିକ ସଂଘର୍ଷର ସ୍ଥାନ ନାହିଁ, କାରଣ ଏହି ଜାତୀୟ ଧାରା ସମାଜରେ ପ୍ରତ୍ୟେକ ବ୍ୟକ୍ତିକୁ ପ୍ରେମର ଏପରି ନିବିଡ଼ ବନ୍ଧନରେ ବାନ୍ଧିଦେଇପାରେ ଯେ କିଏ କାହାଠାରୁ ବିଚ୍ଛିନ୍ନ ହେବା ଅସମ୍ଭବ ହୋଇଉଠେ । ରକ୍ତ ସଂପର୍କୀୟ ଯୌଥ ପାରିବାରିକ ଜୀବନରେ, ଗ୍ରାମୀୟ ଗୋଷ୍ଠୀଗତ ଜୀବନରେ ଏବଂ କୁଳଗତ ଆଭିଜାତ୍ୟର ବନ୍ଧନରେ ଯେଉଁ ପ୍ରେମ ଅତୀତରେ ଆତ୍ମପ୍ରକାଶ କରିବାକୁ ଉଦ୍ୟମ କରିଥିଲା, ତାହା ହୁଏତ ଅଧିକ ପୂର୍ଣ୍ଣତାର ସହ ଭବିଷ୍ୟତରେ ଆତ୍ମପ୍ରକାଶ କରିବାକୁ ଚାହିଁପାରେ ନିର୍ମଳ ଆତ୍ମିକ ସଂପର୍କ ମାଧ୍ୟମରେ ।

ବ୍ୟବସାୟିକ କ୍ଷେତ୍ରରେ ମଧ୍ୟ ଯେତେଦିନ ପର୍ଯ୍ୟନ୍ତ ଆମେ ୟୁରୋପୀୟ ଭାବଧାରା ଓ ୟୁରୋପୀୟ ସଙ୍ଗଠନକୁ ଆମର ଆଦର୍ଶ କରି ତା'ର ଅନ୍ଧାନୁସରଣରେ ବ୍ୟକ୍ତିସ୍ୱାର୍ଥାନୁକୂଳ ପ୍ରତିଯୋଗିତା, ଯୌଥକାରବାର ଏବଂ ଅଷ୍ଟବାହୁ ବିଶିଷ୍ଟ ବିପଜ୍ଜନକ ସାମୁଦ୍ରିକ ଜୀବ ଅକ୍ଟୋପସ ଭଳି ନ୍ୟାସ (Trust) ଏବଂ ସିଣ୍ଡିକେଟ ଗଠନକରି ସବୁଠାରୁ ବେଶି ବିପଜ୍ଜନକ ସଂସ୍ଥା, ସମବାୟ ପୁଞ୍ଜିବାଦ ଗଠନ କରି ଚାଲିଥିବୁ, ସେତେଦିନ ପର୍ଯ୍ୟନ୍ତ ଆମେ କେବେ ବି ଆମର ସୁସ୍ଥ ଶିଳ୍ପ-ଜୀବନ ପ୍ରତିଷ୍ଠା କରି ପାରିବୁନାହିଁ । ଏହି ସବୁ ବନ୍ଧନ ଭାରତୀୟ ଜୀବନର ଐକ୍ୟବିଧାନ କରି ପାରିବ ନାହିଁ । ବିଶ୍ୱ ଯେଉଁ ଜୀବନର କଳ୍ପନା ବି କରି ପାରିନି,

ସେପରି ମହାନ୍ ଏବଂ ଗଭୀର ଜୀବନ କ୍ଷେତ୍ରକୁ ଭାରତ କ୍ରମଶଃ ଉତ୍‌ଥିତ ହେଉଛି ।

ଯେଉଁଦିନ ଭାରତ ସକଳ କ୍ଷେତ୍ରରେ ତାର ଆତ୍ମପ୍ରକାଶର ରହସ୍ୟ ଉଦ୍‌ଘାଟନ କରିପାରିବ, ସେହିଦିନ ଯାଇ ତା'ର ଶିକ୍ଷା ଓ ସମାଜ ଜୀବନ ସୁଦୃଢ଼ ଓ ବିକଶିତ ହୋଇପାରିବ ।

ଆଜି ପର୍ଯ୍ୟନ୍ତ ଆମର ଜାତୀୟତା, ମୁଖ୍ୟତଃ ୟୁରୋପୀୟ ଭାବଧାରା ଓ ଢଙ୍ଗରେ ଭାରତର ପରିବର୍ତ୍ତନ ବିରୁଦ୍ଧରେ ବିପ୍ଲବ କରି ଆସିଛି, କିନ୍ତୁ ଆମକୁ ଆମ ମନୋବୃତ୍ତି ସଂପର୍କରେ ଯଥେଷ୍ଟ ସାବଧାନ ହେବାକୁ ହେବ, ଆମେ ଯେପରି ଜାତୀୟତା ନାଁରେ ଭାରତୀୟ ବୋଲି ସବୁ କିଛି ଟିକ୍‌ନିଖ୍ କଥାକୁ ଜାବୁଡ଼ି ନ ଧରୁ । ଏହା ଯଦି ପ୍ରାଚୀନ ହିନ୍ଦୁ ଆଦର୍ଶ ନୁହେଁ, ତେବେ ଭବିଷ୍ୟତରେ ଆମେ ଏହାକୁ କାହିଁକି ଗ୍ରହଣ କରିବା ? ଜୀବନରେ ତିନୋଟି ଉପାଦାନ ନିହିତ । ପ୍ରଥମଟି ହେଲା ଅବିଚଳ ଏବଂ ଅପରିବର୍ତ୍ତନୀୟ ଊର୍ଦ୍ଧ୍ବସ୍ଥ ଆତ୍ମା, ଦ୍ୱିତୀୟଟି ବିକାଶ ଧର୍ମୀ ସନାତନ ଅନ୍ତରାତ୍ମା, ତୃତୀୟଟି ହେଲା ଚିରଭଙ୍ଗୁର ପରିବର୍ତ୍ତନଧର୍ମୀ ସ୍ଥୂଳ ଦେହ ।

**ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର**
**ଅଧ୍ୟକ୍ଷ, ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡ଼େମୀ,**
**ଶ୍ରୀଅରବିନ୍ଦ ଧାମ, ପୁରୀ ।**

ଆମେ ଆତ୍ମାର ପରିବର୍ତ୍ତନ କରି ପାରିବା ନାହିଁ । ଅନ୍ତ
ତାକୁ କେବଳ କିୟତ୍‌କାଳ ପାଇଁ ଆବୃତ କରିଥାଉଁ ଅଥବା
ଚିରକାଳ ପାଇଁ ହରାଇବସୁ ।

ଵେପରଓ୍ୱା ଭାବେ ଅନ୍ତରାତ୍ମାକୁ ଅପମିଶ୍ରଣ ଓ ନିପୀଡ଼
ଦ୍ୱାରା ଅସ୍ୱାଭାବିକ ରୂପରେ ପ୍ରକାଶ କରିବାର ଅପଚେଷ୍ଟା
ହିଁ ତାହାର ଯଥାର୍ଥ ମୁକ୍ତ ପ୍ରକାଶର ସମସ୍ତ ଦ୍ୱାର ଅବରୁଦ୍ଧ
କରିଥାଏ । ଏଣୁ ଏପରି ଉଦ୍ୟମ ସ୍ୱାଗତଯୋଗ୍ୟ ନୁହେଁ
ପୁଣି ସ୍ଥୂଳ ଶରୀର ତାର ନିଜପାଇଁ ବି ମହତ୍ତ୍ୱପୂର୍ଣ୍ଣ ନୁହେଁ
ଏହା ଏକ ମାଧ୍ୟମ ମାତ୍ର । ଆମେ ପରିବର୍ତ୍ତନ ପ୍ରବଣତା
ବଶବର୍ତ୍ତୀ ହୋଇ ଆମର ସମସ୍ତ ପ୍ରାଚୀନ ସଙ୍ଗଠନକୁ ଅବି
ଗ୍ରହିତ ଭାବେ ତ୍ୟାଗ କରି ପାରିବୁନାହିଁ । କିନ୍ତୁ ଜାତିର
ଅନିର୍ବାଣ ଅନ୍ତରାତ୍ମା ନିଜର ଅଧିକ ମନୋଜ୍ଞ ଓ ଯଥାର୍ଥ ଶୁ
ପ୍ରକାଶ ପାଇଁ ଯେଉଁ ସବୁ ପରିବର୍ତ୍ତନ ଦାବୀ କରୁଛି, ତାହା
ପୂରଣ କରିବାକୁ ହେଲେ ଆମର ଯଦି କିଛି ବାଦ ଦେବାକୁ
ହେବ ତାହା କରିବାରେ ମଧ୍ୟ ଆମେ କେବେ ବି ଦ୍ୱିଧାଗ୍ରସ୍ତ
ହେବୁ ନାହିଁ ।

# ସମର୍ଥ ରାମଦାସ ଓ ଶିବାଜୀ

ଶ୍ରୀ ଭଗୀରଥ ଚନ୍ଦ୍ର ମିଶ୍ର

ମରହଟ୍ଟା ବା ମହାରାଷ୍ଟ୍ର ରାଜ୍ୟର ସଂସ୍ଥାପକ ଛତ୍ରପତି ଶିବାଜୀଙ୍କ ଗୁରୁ ସମର୍ଥ ରାମଦାସ । ସେ ଥିଲେ ଜଣେ ଆଦର୍ଶ ସାଧୁ ସନ୍ୟାସୀ । ରାମଦାସ ଓ ଶିବାଜୀ ଏକାଠି ମିଶି ଗଠନ କରିଥିଲେ ଏକ ଆଧ୍ୟାତ୍ମିକ ସେନା-ବାହିନୀ । ଲୋକଙ୍କୁ ଆଳସ୍ୟରୁ ଜାଗ୍ରତ କରାଇ ଏକ ସୁଖୀ ସୁନ୍ଦର ସମାଜ ଗଠନ କରିବା ଥିଲା ଏ ଦୁହିଁଙ୍କର ପ୍ରଧାନ ଲକ୍ଷ୍ୟ । ଶିବାଜୀ ଥିଲେ ଏହି ସେନାବାହିନୀର ଅଧ୍ୟକ୍ଷ । ତାଙ୍କ ପଛରେ ଥିଲା ରାମଦାସଙ୍କ ମହାନ୍ ପ୍ରେରଣା ।

ରାମଦାସ ସ୍ଥିରକଲେ ସାତରା ନିକଟବର୍ତ୍ତୀ ସଜ୍ଜନ-ଗଡ଼ ଦୁର୍ଗରେ ରହିବା ପାଇଁ । ଏହା ଥିଲା ଏକ ପ୍ରାକୃତିକ ଦୁର୍ଗ । ଚାରିପଟେ ପାହାଡ଼ ପର୍ବତ । ପାହାଡ଼ ଭିତରେ ଶହ ଶହ ଗୁମ୍ଫା । ମଝିରେ ଏକ ପାହାଡ଼ ଉପରେ ଆଉ ଏକ ଦୁର୍ଗ ନିର୍ମାଣ ଲାଗି ଆୟୋଜନ ଚାଲିଲା । ଚାଲିଲା ଦୁର୍ଗ ନିର୍ମାଣ କାର୍ଯ୍ୟ । ବହୁ କାରିଗର ଲାଗିଲେ । ଶିବାଜୀ ନିଜେ ତଦାରଖ କରୁଥିଲେ ପ୍ରତ୍ୟେକ କାର୍ଯ୍ୟକୁ ।

ପଥର ବୁହା ଚାଲିଚି । ବିରାଟ ବିରାଟ ପଥର । 'ଜୟମା ଭବାନୀ' ଧ୍ୱନିରେ ଚତୁର୍ଦ୍ଦିଗ ମୁଖରିତ । ଶିବାଜୀ ଠିଆ ହୋଇ ଦେଖୁଛନ୍ତି ଏ ଦୃଶ୍ୟ । ଆନନ୍ଦ ଓ ଗର୍ବରେ ତାଙ୍କର ଛାତି କୁଣ୍ଢେମୋଟ । ମନ ଭିତରେ ଗର୍ବ ଏତେ ବଢ଼ିବାରେ ଲାଗିଚି ଯେ ସେ ଗୁରୁ ରାମଦାସ ଓ ଭଗବାନଙ୍କ ଅସ୍ତିତ୍ୱକୁ ସୁଦ୍ଧା ଭୁଲି ଯାଉଛନ୍ତି । ମନେମନେ ଭାବିବାରେ ଲାଗିଛନ୍ତି, ମୁଁ ହେଉଛି ଛତ୍ରପତି ଶିବାଜୀ, ମୁଁ ଏ ରାଜ୍ୟର ସମ୍ରାଟ । ମୁଁ ସବୁ କରୁଚି । ମୋର ପରାକ୍ରମ ଓ ସାହସ ବଳରେ ଏହି ବିରାଟ ଦୁର୍ଗର ନିର୍ମାଣ କାର୍ଯ୍ୟ ଚାଲିଛି । ଠିକ୍ ଏହି ସମୟକୁ ଦେଖାଦେଲେ ସମର୍ଥ ରାମଦାସ । ସେ ଜାଣି ପାରିଲେ ଶିବାଜୀର ଗର୍ବ ବହୁତ ବଢ଼ି ଗଲଣି । ଏହି ଗର୍ବରେ ସେ ଧ୍ୱଂସ ହୋଇଯିବ । ସେ ଯେଉଁ ସୁନ୍ଦର ସୁଖୀ ସମାଜ ଗଠନ କରିବା ପାଇଁ ଚାହୁଁଛନ୍ତି ସେହି କାମ ଅଧା ରହିଯିବ । ଏତିକିବେଳୁ ଶିବାଜୀର ଗର୍ବ ଖର୍ବ ନକଲେ ସେ ସେଥିରେ ଜଳିପୋଡ଼ି ପାଉଁଶ ହୋଇ-ଯିବ ।

ରାମଦାସ ଶିବାଜୀଙ୍କୁ କହିଲେ, ସାମନାକୁ ଚାହିଁ ଦେଖ, ଏହି ଲୋକଟି ଯେଉଁ ପଥର ମୁଣ୍ଡେଇ ପାହାଡ଼ ଉପରକୁ ଯାଉଛି ତୁ ସେହି ପଥରଟିକୁ ଦୁଇହାତରେ ଟେକି ଧରି ମୋ ପାଖକୁ ଆଣ । ଶିବାଜୀ ଗୁରୁଙ୍କ ଆଦେଶ ମାନି ପଥରଟିକୁ ଟେକି ଆଣିଲେ । ନିଦା ମୁଗୁନି ପଥର, ଭାରି ଓଜନଦାର ।

ଶିବାଜୀ ଗୁରୁ ରାମଦାସଙ୍କୁ ପଥରଟିକୁ ଦେବାମାତ୍ରେ ରାମଦାସ ସେହି ପଥରଟିକୁ ସଙ୍ଗେ ସଙ୍ଗେ ଆଉ ଏକ ପଥର ଦେହରେ ବାଡ଼େଇ ଦିଫାଳ କରିଦେଲେ । ଦେଖାଗଲା ତାହା ଭିତରେ ଅଛି ଗୋଟିଏ ବଡ଼ ବେଙ୍ଗ ।

ଶିବାଜୀ ବିସ୍ମିତ ହୋଇ ପଡ଼ିଲେ । ମନ ଭିତରେ ତାଙ୍କର ଦେଖା ଦେଲା ବିରାଟ ଏକ ପ୍ରଶ୍ନ । ନିଦା ମୁଗୁନି ପଥର ଭିତରୁ ଏ ଜିଅନ୍ତା ବେଙ୍ଗଟା ବାହାରିଲା କିପରି ? କିନ୍ତୁ ତାଙ୍କ ମନର ପ୍ରଶ୍ନ ମନରେ ହିଁ ରହିଲା । ସମର୍ଥ ରାମଦାସ ଶିବାଜୀଙ୍କ ମନର ପ୍ରଶ୍ନକୁ ଭଲ ଭାବରେ ଜାଣିଥିଲେ ମଧ୍ୟ କୌଣସି ଉତ୍ତର ନଦେଇ ଚୁପ୍‌ଚାପ ଚାଲିଗଲେ । କିନ୍ତୁ ଗୁରୁଙ୍କର ଉପଯୁକ୍ତ ଶିଷ୍ୟ ଥିଲେ ଶିବାଜୀ । ସଙ୍ଗେ ସଙ୍ଗେ ତାଙ୍କର ମନର ଗର୍ବ ଖର୍ବ ହେଲା । ଗୁରୁ ତାଙ୍କ ପାଖରେ ହଠାତ୍ ଉପସ୍ଥିତ ହୋଇ ଏହିପରି ଏକ ଦୃଷ୍ଟାନ୍ତ ଦେଖାଇବାର କାରଣ କ'ଣ ସେ ଠିକ୍ ବୁଝି ପାରିଲେ । ଭାବିଲେ, ଭଗବାନ ଯଦି ନିଦା ପଥର ଭିତରେ ଏକ ବେଙ୍ଗକୁ ଆଶ୍ରୟ ଦେଇ ପାରନ୍ତି ପ୍ରକୃତରେ ସିଏ ଶକ୍ତିଶାଳୀ ନା ମୁଁ ? ଏହି ଦୃଷ୍ଟାନ୍ତ ମାଧ୍ୟମରେ ହିଁ ରାମଦାସ ତାଙ୍କୁ ସଠିକ ଉତ୍ତର ଦେଇ ଚାଲିଗଲେ ।

ଶିବାଜୀ ଏକଥା ବୁଝି ସାରିବା ପରେ ଅତିଶୟ ଲଜ୍ଜିତ ହୋଇ ପଡ଼ିଲେ । ସେ ବୁଝି ପାରିଲେ ଏ ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଭଗବାନଙ୍କର ଏକ ଖେଳଘର । ସେ ହେଉଛନ୍ତି କର୍ତ୍ତା, ଆଉ ସମସ୍ତେ ସେବକ ।

ରାମଦାସ କିଛି ସମୟ ପରେ ପୁଣି ଫେରି ଆସିଲେ । ସେ ଜାଣି ପାରିଲେ ଶିବାଜୀ ଘଟଣାଟିକୁ ଠିକ୍ ଧରି-

ପାରିଛି । ସେ ତାଙ୍କ କାନ୍ଧରେ ହାତ ପକାଇ କହିଲେ, "ତୁ ଯାହା ମୁଁ ତାହା । ଦୁହେଁଯାକ 'ତାର' ସେବକ ମାତ୍ର । ଲୋକେ ଜାଣନ୍ତି ଆମେ ଗୁରୁ ଶିଷ୍ୟ । କିନ୍ତୁ ଗୁରୁ ଆଉ ଶିଷ୍ୟ ଭିତରେ କୌଣସି ପାର୍ଥକ୍ୟ ନାହିଁ । ଗୋଟିଏ ବୃନ୍ତରେ ଆମେ ଦୁଇଟି କଢ଼ । ବୃନ୍ତଟି ହେଉଛି ଭଗବାନ । ସେ ବୀଜ, ସେ ବୃକ୍ଷ, ସେ ଡ଼ାଳ, ପତ୍ର, ପୁଷ୍ପ ଓ ଫଳ । ଆମେ ନିମିତ୍ତ ମାତ୍ର ।"

ରାମଦାସ ଏହିଭଳି ଶିକ୍ଷା ଦେଇ ଆସିଥିଲେ ଶିବାଜୀଙ୍କୁ । ଗୁରୁଙ୍କ ପ୍ରତି ତାଙ୍କର ପ୍ରଗାଢ଼ ଭକ୍ତି ରହି ଆସିଥିଲା । ଅସୁବିଧାରେ ପଡ଼ିବା ମାତ୍ରେ ସେ ସଙ୍ଗେ ସଙ୍ଗେ ପତ୍ର ଲେଖୁଥିଲେ ରାମଦାସଙ୍କ ପାଖକୁ । ସେ ପତ୍ର ମଧ୍ୟରୁ ଅନେକ ଭାରତର ବିଭିନ୍ନ ମ୍ୟୁଜିୟମରେ ରହିଅଛି । ଶିବାଜୀ ଗୁରୁଙ୍କ ନିକଟକୁ ଗୋଟିଏ ପତ୍ରରେ ଲେଖିଥିଲେ, "ଧର୍ମ ସଂସ୍ଥାପନ ଲାଗି ଏବଂ ଭଗବାନଙ୍କ ସେବାଲାଗି ମୁଁ ଆପଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଜନତା ଜନାର୍ଦ୍ଦନଙ୍କ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଛି । ପ୍ରଜାମାନେ ହିଁ ମୋର ପ୍ରଭୁ । ସେମାନଙ୍କୁ ନିରାପଦରେ ରଖିବା, ସେମାନଙ୍କୁ ସାହାଯ୍ୟ କରିବା ଦ୍ୱାରା ମୁଁ ପରମ ସନ୍ତୋଷ ଲାଭ କରି ପାରୁଛି । କର୍ତ୍ତବ୍ୟରୁ ତିଳେ ହେଲେ ଏପର୍ଯ୍ୟନ୍ତ ବିଚଳିତ ହୋଇ ନାହିଁ । ମୋର ଅନ୍ତର ଭିତରୁ ଯାହା ବାହାରୁଛି ତାହାହିଁ ଲେଖି ଯାଉଛି । ଯେଉଁଦିନ ଯାହା ଘଟୁଛି ତାକୁ ଟିକି ନିଖି ଭାବେ ଆପଣଙ୍କୁ ନ ଜଣାଇଲେ ମୁଁ ଶାନ୍ତି ପାଇବି ନାହିଁ । ପତ୍ର ଲେଖିସାରି ଦୂତ ହାତରେ ପଠାଉଛି । ଆପଣ ପାଇଲେ ଓ ପଢ଼ିଲେ ଏହା ଜାଣି ସାରିବାପରେ ଯାଇ ମୁଁ ଶାନ୍ତି ପାଇବି ।"

ଗୁରୁଶିଷ୍ୟଙ୍କ ମଧ୍ୟରେ ଏଭଳି ଆତ୍ମୀୟତା ସପ୍ତଦଶ ଶତାବ୍ଦୀରେ କ୍ୱଚିତ ଦେଖିବାକୁ ମିଳେ । ରାମଦାସ ମଧ୍ୟ ତାଙ୍କ 'ଦାସବୋଧ' ଗ୍ରନ୍ଥରେ ଶିବାଜୀଙ୍କ ସହିତ ତାଙ୍କର ଆତ୍ମୀୟତା ତଥା ଘନିଷ୍ଠତା ସଂପର୍କରେ ଅତି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି । ଶିବାଜୀଙ୍କୁ ସେ ଯେଉଁ ଉପଦେଶ ଦେଉଥିଲେ ତାହା ଥିଲା ବେଦାନ୍ତର ବାଣୀ । ସାଧୁସନ୍ଥ ବୋଇଲେ ସାଧାରଣତଃ ବୁଝାଯାଏ ଜଣେ ତ୍ୟାଗୀ, ବୈରାଗୀ, ପରୋପକାରୀ, ଶୁଦ୍ଧ ପବିତ୍ର ପୁରୁଷ । ସମର୍ଥ ରାମଦାସଙ୍କ ଠାରେ ଏହି ସମସ୍ତ ଗୁଣ ନିହିତ ଥିଲା । ତାହା ବ୍ୟତୀତ ସେ ଥିଲେ ଜଣେ ମହାନ ସଂଗଠକ । ରାଷ୍ଟ୍ରରକ୍ଷା ତଥା ଦେଶୋଦ୍ଧାର କାର୍ଯ୍ୟରେ ସେ ତାଙ୍କର ଆଧ୍ୟାତ୍ମିକ ଶକ୍ତିକୁ ନିୟୋଜିତ କରିଥିଲେ । ସବୁ ସଂପ୍ରଦାୟ ପ୍ରତି ସମଭାବ ରହିଥିଲା ରାମଦାସଙ୍କର । ସେ କହୁଥିଲେ ନାମକରଣ ଯାହା ହେଉନା କାହିଁକି ଧର୍ମ ଏକ, ଭଗବାନ ଏକ । ଭଗବାନ ହିଁ ବାସ୍ତବ ଆଉ ସବୁ ଅବାସ୍ତବ ।

ତାଙ୍କ ରଚିତ 'ଦାସବୋଧ' ପୁସ୍ତକ ଏକ ଅମୂଲ୍ୟ ଗ୍ରନ୍ଥ । ମହାମାନ୍ୟ ବାଳ ଗଙ୍ଗାଧର ତିଳକଙ୍କ ମତରେ ବିଶ୍ୱ ସାହିତ୍ୟରେ ଏହାହିଁ ସର୍ବଶ୍ରେଷ୍ଠ ଗ୍ରନ୍ଥ । ରାମଦାସ ଏଥିରେ ଗୃହସ୍ଥ ଜୀବନ, ସମାଜ ସେବା, ଧର୍ମ ସେବା ଓ ରାଷ୍ଟ୍ର ସେବା ଲାଗି ଉପଦେଶ ଦେବା ସଙ୍ଗେ ସଙ୍ଗେ ଏ କଥା ମଧ୍ୟ କହିଛନ୍ତି ଯେ ପ୍ରଥମେ ନିଜର ସେବା କର । 'ଦାସବୋଧ'ର ପ୍ରତ୍ୟେକ ଅଧ୍ୟାୟରେ ସୁସଂଯତ ସୁଶୃଂଖଳିତ ଜୀବନ ଗଠନ ଲାଗି ଦିଗ୍ ନିର୍ଦ୍ଦେଶ କରାଯାଇଛି । ସେ କହିଛନ୍ତି "ପ୍ରଥମେ ଶରୀର ଧାରଣ ଲାଗି ଯେତିକି ଆବଶ୍ୟକ ସେତିକି ଭୋଜନ କରି ବଳିଲେ ଅନ୍ୟକୁ ଦେବା ଉଚିତ । ସେହିଭଳି ଅନ୍ୟମାନଙ୍କ ଭିତରେ ଜ୍ଞାନ ବିତରଣ କରିବା ପୂର୍ବରୁ ନିଜେ ସୁଜ୍ଞାନୀ ହେବା ଆବଶ୍ୟକ । ଯିଏ ପହଁରା ଜାଣେ ସେ ପାଣିରେ ବୁଡ଼ି ଯାଉଥିବା ମଣିଷକୁ ଉଦ୍ଧାର କରି ପାରିବ । ନିଜେ ଆଚରଣ ନକରି ଅନ୍ୟକୁ ବତେଇବା ନିରର୍ଥକ । ନିଜ ଶକ୍ତିକୁ ପରୋପ-କାରରେ ଲଗେଇବା ଉଚିତ । ଫଳରେ ବହୁ ଲୋକଙ୍କ କଲ୍ୟାଣ ସାଧନ ହୋଇ ପାରିବ ।"

ସମର୍ଥ ରାମଦାସଙ୍କ ବାଣୀ ହେଉଛି, "ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟା ଅନ୍ତତଃ ଏହି ତିନି ବେଳାରେ ଧ୍ୟାନ କର । ଦୁଃଖ ଆଉ ସୁଖ ଏହି ଦୁଇ ଅବସ୍ଥାକୁ ଅତିକ୍ରମ କରିବା ଲାଗି ଏକ ମାତ୍ର ବାଟ ହେଉଛି ନାମ ସ୍ମରଣ । ଏହା ଅବିଶ୍ରାନ୍ତ ଭାବରେ ଚାଲିବା ଆବଶ୍ୟକ । କାମ କର, କର୍ତ୍ତବ୍ୟ କର । କିନ୍ତୁ ନାମକୁ ଛାଡ଼ ନାହିଁ । ନାମ ସଂକୀର୍ତ୍ତନ ଆତ୍ମସ୍ଫୂର୍ତ୍ତ ଭାବରେ ହୋଇଥାଏ । ଯେଉଁମାନେ ଗାଇଲାବେଳେ ରାଗ ଓ ତାଳ ଠିକ ରହିଲା କି ନାହିଁ ଲକ୍ଷ୍ୟ ରଖି ବସନ୍ତି ସେମାନେ କେବେହେଲେ ଭଗବାନଙ୍କ ସହିତ 'ଭାବ' କରିପାରନ୍ତି ନାହିଁ । ସେମାନେ ଭଲ ଗାୟକ ହୋଇ ପାରନ୍ତି, ରାଜା ମହାରାଜାଙ୍କ ଦରବାରରେ ଉଚ୍ଚ ଆସନ ଲାଭ କରି ପାରନ୍ତି, କିନ୍ତୁ ବିଶ୍ୱ ବ୍ରହ୍ମାଣ୍ଡର ଯିଏ ସମ୍ରାଟ ତାଙ୍କୁ ଖୁସି କରାଇ ପାରିବେ ନାହିଁ । ତାଙ୍କୁ ଖୁସି କରାଇବା ଲାଗି ଏଭଳି କୀର୍ତ୍ତନ ଆବଶ୍ୟକ, ଯେଉଁଥିରେ ନିଜେ ଗାୟକ ଭାବବିହ୍ୱଳ ହୋଇପଡ଼େ—ଅନ୍ୟଙ୍କୁ ମଧ୍ୟ ବିହ୍ୱଳିତ କରି ପକାଏ । ଭଗବାନ 'ଭାବକୁ' ମାପନ୍ତି, ରାଗ ଓ ତାଳକୁ ମାପନ୍ତି ନାହିଁ ।"

ବାସ୍ତବରେ ସମର୍ଥ ରାମଦାସ କିମ୍ବା ଶିବାଜୀଙ୍କ ମନରେ କୌଣସି ସଂକୀର୍ଣ୍ଣ ସାଂପ୍ରଦାୟିକ ମନୋଭାବ ନଥିଲା । ବରଂ ସେମାନେ ଉତ୍କଟ ସାଂପ୍ରଦାୟିକତା ବିରୁଦ୍ଧରେ ସଂଗ୍ରାମ ଚଳାଇ ଆସିଥିଲେ । ସେତେବେଳେ ଦେଶରେ ଥିଲା ମୁସଲମାନମାନଙ୍କ ପ୍ରଭାବ । ଦିଲ୍ଲୀର ବାଦଶାହ ଆଉରଙ୍ଗଜେବ୍ ଭାରତର ସର୍ବତ୍ର ସାଂପ୍ରଦାୟି-କତାର ଉତ୍କଟ ହଳାହଳ ସଞ୍ଚାର କରିବାରେ ଲାଗିଥିଲେ । ଏହି ସଂକୀର୍ଣ୍ଣତା ବିରୁଦ୍ଧରେ ଅଭିଯାନ ଚଳାଇବା ଲାଗି ସମର୍ଥ ରାମଦାସ ଶିବାଜୀଙ୍କୁ ନିଜର ଆୟୁଧ ଭାବରେ ଗ୍ରହଣ କରିଥିଲେ । ସେ କହୁଥିଲେ—ମୁସଲମାନ, ପର୍ତ୍ତୁଗୀଜ, ଡ଼ଚ୍ କିମ୍ବା ଇଂରେଜ ଆଦି ବିଦେଶୀ ଲୋକଙ୍କର ଶାସନକୁ ବରଦାସ୍ତ କରାଯାଇ ନପାରେ । ସମର୍ଥ ରାମଦାସଙ୍କ ନିର୍ଦ୍ଦେଶ କ୍ରମେ ଶିବାଜୀ ନିର୍ମାଣ କରିଥିଲେ ମା ତୁଳଜା ଭବାନୀଙ୍କ ମନ୍ଦିର । ରାମଦାସ ସେହି

ମନ୍ଦିର ଭିତରେ ପ୍ରବେଶ କରି ଦିନେ ମା' ଭବାନୀଙ୍କୁ ପ୍ରାର୍ଥନା କରି କହିଥିଲେ,

"ତୁଝ୍ଯା ତୁଁ ବାଢ଼ବୀ ରାଜା, ଶୀଘ୍ର ଆମ୍ହାଚି ଦେଖତାଁ ।
ଦୁଷ୍ଟ ସଂହାରିଲେ ମାଗେଁ, ଐସେ ଉଦଣ୍ଡ ଏକତୋ ।।
ପରନ୍ତୁ ରୋକଡ଼େ କାହୀ, ମୂଳ ସାମର୍ଥେ ଦାଖବାଁ ।।"

(ହେ ମାତା ଶିବାନୀ ! ତୁ ମୋ ସମ୍ମୁଖରେ ଏହି ରାଜା ଶିବାଜୀର ମହତ୍ତ୍ୱ ବୃଦ୍ଧି ଲାଗି ଶକ୍ତି ସଂଗ୍ରହ କର । ଶୁଣିଛି ତୁ ପ୍ରାଚୀନ କାଳରେ ବହୁ ଦୁଷ୍ଟଙ୍କୁ ସଂହାର କରିଛୁ । ତୋର ସେହି ଶକ୍ତି ସାମର୍ଥ୍ୟକୁ ଯଥାଶୀଘ୍ର ପ୍ରକାଶ କର ।)

ସମର୍ଥ ରାମଦାସ ଥିଲେ ରଘୁବୀର ଶ୍ରୀ ରାମଚନ୍ଦ୍ରଙ୍କ ଭକ୍ତ । ତେଣୁ ତାଙ୍କର ନାମ ରାମଦାସ ରହିଥିଲା । ପିଲାଦିନେ ତାଙ୍କ ନାମ ଥିଲା ନାରାୟଣ । ୧୬୦୮ ଖ୍ରୀଷ୍ଟାବ୍ଦରେ ନାରାୟଣ ଜନ୍ମ ଗ୍ରହଣ କରିଥିଲେ ଗୋଦାବରୀ କୂଳବର୍ତ୍ତୀ ଜମ୍ବାଠାରେ । ତାଙ୍କ ପିତା ସୂର୍ଯ୍ୟାପନ୍ତ ଓ ମା' ରାଣୁବାଈ ଥିଲେ ଅତ୍ୟନ୍ତ ନୈଷ୍ଠିକ ଋଗ୍‌ବେଦୀ ବ୍ରାହ୍ମଣ । ସେ ଥିଲେ ବାପମା'ଙ୍କର ଦ୍ୱିତୀୟ ପୁତ୍ର । ବଡ଼ଭାଇଙ୍କ ନାଁ ଥିଲା ଗଙ୍ଗାଧର ପନ୍ତ । କଥିତ ଅଛି ଗଙ୍ଗାଧର ନଅ ବର୍ଷ ବୟସରେ ହନୁମାନଜୀଙ୍କ ସାକ୍ଷାତ ଦର୍ଶନ ଲାଭ କରିଥିଲେ । ସେ ଘରେ ରହୁଥିଲେ ମଧ୍ୟ ସନ୍ନ୍ୟାସ ଜୀବନ ଯାପନ କରୁଥିଲେ । ନାରାୟଣଙ୍କ ବ୍ରତୋପନୟନ ପରେ ତାଙ୍କର ପିତୃ ବିୟୋଗ ଘଟିଲା । ତେଣୁ ଘର ସଂସାରର ସମସ୍ତ ଦାୟିତ୍ୱ ପଡ଼ିଲା ମା'ଙ୍କ ଉପରେ । ନାରାୟଣ ହୁଏତ ବଡ଼ହେଲେ ଗଙ୍ଗାଧର ଭଳି ବୈରାଗୀ ପାଲଟିଯିବ ଏହି ଆଶଙ୍କାରେ ମା ରାଣୁବାଈ ନାରାୟଣଙ୍କୁ ଅଳ୍ପ ବୟସରେ ବିବାହ କରାଇ ଦେବାଲାଗି ଚାହିଁଥିଲେ । ବିବାହ ଦିନ ସ୍ଥିର ହେଲା । ମାଆଙ୍କ ମନରେ ହୁଏତ କଷ୍ଟ ହେବ ସେଥିଲାଗି ବିବାହ କରିବାକୁ ଇଚ୍ଛା ନଥିଲେ ମଧ୍ୟ ନାରାୟଣ ମନା କରି ନଥିଲେ ।

ବିବାହ ବେଦୀରେ ବସିଲେ ନାରାୟଣ । ପୁରୋହିତ ମନ୍ତ୍ର ଉଚ୍ଚାରଣ କରୁ କରୁ 'ସାବଧାନ ଭବନ୍ତୁ' କହିବା ମାତ୍ରେ ସାବଧାନ ହୋଇ ଉଠିଥିଲେ କିଶୋର ନାରାୟଣ । ନାଦ ବ୍ରହ୍ମ ପ୍ରବେଶ କରିଥିଲା ତାଙ୍କ ହୃଦୟରେ । ତାଙ୍କ ମନ ଭିତରେ ନିନାଦିତ ହୋଇଥିଲା ଗୋଟିଏ ଶବ୍ଦ— 'ବ୍ରହ୍ମୋସ୍ମି' । ମୁଁ ଯିଏ ବ୍ରହ୍ମ ସିଏ । ସଙ୍ଗେ ସଙ୍ଗେ ଉଠି ଠିଆ ହୋଇଥିଲେ ନାରାୟଣ । ତାହାପରେ ଅତି କ୍ଷିପ୍ର ଗତିରେ ଦଉଡ଼ିବାରେ ଲାଗିଥିଲେ ସେ । ବାଟ ଅବାଟ କିଛି ନମାନି ସେ ଦଉଡ଼ିବାରେ ଲାଗିଥିଲେ ଆଗକୁ ଆଗକୁ । ଆତ୍ମୀୟ ସ୍ୱଜନମାନେ ତାଙ୍କୁ ଫେରାଇ ଆଣିବା ଲାଗି ବହୁ ଉଦ୍ୟମ କରିଥିଲେ । କିନ୍ତୁ ବ୍ୟର୍ଥ ହୋଇଥିଲେ ସେମାନେ । ଦୀର୍ଘ ବାର ବର୍ଷ ପରେ ଏହି ନାରାୟଣ ହୋଇଥିଲେ ରାମଦାସ ।

ଶିବାଜୀ ପ୍ରଥମେ ଯାଇଥିଲେ ନିଜର ଗୁରୁ କରିବାପାଇଁ ତୁକାରାମଙ୍କ ନିକଟକୁ । ତୁକାରାମ ତାଙ୍କୁ କହିଥିଲେ ତୁମ ଲାଗି ସମର୍ଥ ରାମଦାସ ହିଁ ହେବେ ଉପଯୁକ୍ତ ଗୁରୁ । ତେଣୁ ପରେ ଶିବାଜୀ ସମର୍ଥ ରାମଦାସଙ୍କ ଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ଏହି ଦୀକ୍ଷା ହିଁ ଶିବାଜୀଙ୍କ ଜୀବନରେ ଥିଲା ପ୍ରେରଣାର ଉତ୍ସ । ଶିବାଜୀ ରାମଦାସଙ୍କୁ କହିଥିଲେ "ହେ ଗୁରୁଦେବ ! ମୁଁ ଚାହେଁ ମହାରାଷ୍ଟ୍ରକୁ ବିଦେଶୀ ଅତ୍ୟାଚାରୀମାନଙ୍କ କବଳରୁ ମୁକ୍ତ କରି ଧର୍ମ ଓ ନ୍ୟାୟ ପ୍ରତିଷ୍ଠା କରିବାକୁ ।"

ରାମଦାସ ତାଙ୍କୁ କହିଥିଲେ, ମୁଁ ମଧ୍ୟ ଠିକ ତାହା ଚାହେଁ । ତାହାହିଁ ରଘୁବୀର ରାମଚନ୍ଦ୍ରଙ୍କର ଆଦେଶ । ରାମଚନ୍ଦ୍ରଙ୍କ ଭଳି ମୋତେ ରାକ୍ଷସବଂଶ ଧ୍ୱଂସ କରିବାକୁ ପଡ଼ିବ । ତୁ ହେବୁ ମୋର ମାଧ୍ୟମ ।

କିନ୍ତୁ ତୋତେ କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ । ଯଦି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉ ତାହାହେଲେ ଜାଣିବି ତୁ ଦେଶୋଦ୍ଧାର ଲାଗି ସମର୍ଥ ।

ଶିବାଜୀ ପରୀକ୍ଷାକୁ ଅପେକ୍ଷା କରି ରହିଥିଲେ ବହୁ ଦିନ ଧରି । ଦିନେ ଶିଷ୍ୟମାନଙ୍କ ସହିତ ବସିଥିଲେ ରାମଦାସ । ହଠାତ୍ ରାମଦାସ ହାତରେ ଧରିଲେ ଏକ ତୀକ୍ଷ୍ଣ ତରବାରୀ । ଶିଷ୍ୟମାନଙ୍କୁ ଗୁରୁଗମ୍ଭୀର ସ୍ୱରରେ କହିଲେ ଏଥର ଭୋର ବେଳେ ଧ୍ୟାନ ଓ ଜପତପ କରି ସାରିଲେ ମୋତେ କେହି ହେଲେ ପ୍ରଣାମ କରିବ ନାହିଁ । ଦେଖୁଛ ଏ ତରବାରୀ ଯିଏ ପ୍ରଣାମ କରିବ ଏଥିରେ ତାର ମୁଣ୍ଡ କାଟି ଦ୍ୱିଖଣ୍ଡ କରିଦେବି ।

ଶିଷ୍ୟମାନେ ଭୟଭୀତ ହୋଇ ପଡ଼ିଲେ । ଗୁରୁଙ୍କୁ ନମସ୍କାର ନକରିବା ପାଇଁ ଆଦେଶ ! ଅତି କଠୋର ଏ ଆଦେଶ, ତାଙ୍କୁ ଅମାନ୍ୟ କରିବ କିଏ ? ଏଭଳି ଚାଲିଲା କେତେଦିନ ।

ଦିନେ ରାମଦାସ ଆଶ୍ରମ ତ୍ୟାଗ କରି ଚାଲିଗଲେ । ପିନ୍ଧିଥିଲେ ମାତ୍ର ଏକ କୌପୀନ, ହାତରେ ସେହି ତୀକ୍ଷ୍ଣ ତରବାରୀ । ଏହି ବେଶରେ ସେ ସିଧା ପଶିଲେ ଯାଇ ଏକ ଜଙ୍ଗଲ ଭିତରେ । କେତେକ ଶିଷ୍ୟ ଗୋଡ଼ାଇଲେ ତାଙ୍କ ପଛରେ । କିନ୍ତୁ ସେମାନଙ୍କୁ ସେ କହିଲେ, ସାବଧାନ ! ମୋର ଏହି ନିର୍ଜନ ବାସ ସମୟରେ ଯେପରି ମୋ ସାମନାକୁ କେହି ନଆସ, ମୋ ପାଦ ସୁଦ୍ଧା କେହି ସ୍ପର୍ଶ ନକର । ଭୟରେ ସମସ୍ତେ ଫେରିଆସିଲେ । ସମସ୍ତେ ଭାବିଲେ ରାମଦାସ ସମ୍ଭବତଃ ପାଗଳ ହୋଇଗଲେ ।

ଏକଥା ହଠାତ୍ ଶିବାଜୀଙ୍କ କାନରେ ପଡ଼ିଲା । ସେ ଆସି ଅନ୍ୟ ଶିଷ୍ୟମାନଙ୍କୁ କହିଲେ, ଗୁରୁ ରହିବେ ଜଙ୍ଗଲରେ, ଆଉ ତମେମାନେ ବସି ରହିବ ଏଠି ନିଶ୍ଚିନ୍ତରେ ? ତାଙ୍କର ସେବା କରିବ କିଏ ?

ଶିଷ୍ୟମାନେ କହିଲେ, ଆମେମାନେ ତାଙ୍କ ସାଙ୍ଗରେ ଯାଇଥିଲୁ ଫେରିଆସିଲୁ । ସ୍ୱାମୀଜୀଙ୍କର କଣ ହୋଇଛି କେଜାଣି ଭାରି ରାଗୁଛନ୍ତି । ଏକ ତରବାରୀ ଧରି ବୁଲୁଛନ୍ତି ଜଙ୍ଗଲରେ । ସାବଧାନ କରାଇ ଦେଇ ଯାଇଛନ୍ତି ଯିଏ ନମସ୍କାର ସୁଦ୍ଧା କରିବ ତାର ହେବ ମୁଣ୍ଡକାଟ ।

ଶିବାଜୀ ହସି ହସି କହିଲେ, ଗୁରୁଙ୍କ ସେବା କରିବା ଲାଗି ଯଦି ମୁଣ୍ଡକାଟ ହୁଏ ତାହାଠୁ ବଳି ପୁଣ୍ୟ କିଛି ନାହିଁ । ଏ ତ ପରମ ସୌଭାଗ୍ୟ ।

ନିଜକୁ ବଳି ଦେବା ପାଇଁ ବାହାରିଲେ ଶିବାଜୀ । ଲଲାଟରେ ଲେପି ଦେଲେ ରକ୍ତଚନ୍ଦନ । ଗୁରୁଙ୍କ ନିକଟରେ ଉପସ୍ଥିତ ହେଲେ ଅତି ବିନମ୍ର ଭାବରେ ନତମସ୍ତକ ହୋଇ ପ୍ରଣାମ କଲେ ତାଙ୍କୁ ।

ରାମଦାସ ପ୍ରଥମେ ପ୍ରଥମେ ଆହତ ବ୍ୟାଘ୍ର ଭ ଗର୍ଜି ଉଠିଲେ । ତାଙ୍କ ହାତରେ ଆନ୍ଦୋଳିତ ହୋ ଉଠିଲା ତରବାରୀ । କିନ୍ତୁ ପରମ ଶିଷ୍ୟ ଶିବା ନିଶ୍ଚଳ, ନିର୍ବିକାର । ଗୁରୁଦେବଙ୍କ ପାଦତଳେ ଲୋ ପଡ଼ିଲେ ସେ । ସମର୍ଥ ରାମଦାସଙ୍କ କ୍ରୋଧର ଅଗ୍ନି ବନ୍ଦ ହେଲା । ତରବାରୀ ଫିଙ୍ଗି ଦେଇ ସେ ଅତି ସ୍ନେହ ଶିବାଜୀଙ୍କ ହାତ ଧରି କହିଲେ, ଉଠ ବତ୍ସ ! ତୋ ପରି ବୀ ଓ ଆତ୍ମୋତ୍ସର୍ଗ ଲାଗି ସଦା ପ୍ରସ୍ତୁତ ଶିଷ୍ୟହିଁ ମୋର ଆବଶ୍ୟକ ତାହାହେଲେ ହେବ ଯାଇ ରାମରାଜ୍ୟ ପ୍ରତିଷ୍ଠା ।

ପି–୩ ଲେବର କଲୋନି
ରାଜାବଗିଚ୍ଚା, କଟକ–୭୫୩୦୦୯ ।



## ସିଲିଂ ବହିର୍ଭୂତ ଜମି ପାଇଥିବା ଲୋକଙ୍କ ପାଇଁ କେନ୍ଦ୍ରୀୟ ସାହାଯ୍ୟ

ରାଜ୍ୟର ଯେଉଁ ଜମିହୀନ ଲୋକମାନେ ସିଲିଂ ବହିର୍ଭୂତ ଜମି ପାଇଛନ୍ତି ସେମାନଂକୁ ଆର୍ଥିକ ସାହାଯ୍ୟ ଦେବା ପାଇଁ କେଂନ୍ଦ୍ର ସରକା ଗତ ଜୁନ ସୁଦ୍ଧା ୪୭ ଲକ୍ଷ ୬୬ ହଜାର ୧୯୮ ଟଂକା ମଂଜୁର କରିଛନ୍ତି । ତନ୍ମଧ୍ୟରେ ଲୋକମାନଂକୁ ଋଣ ଆକାରରେ ୧୦ ଲକ୍ଷ ୮୬ ହଜା ୪୬୧ ଟଂକା ଏବଂ ଗ୍ରାଣ୍ଟ ସୂତ୍ରରେ ୩୬ ଲକ୍ଷ ୮୦ ହଜାର ୭୩୭ ଟଂକା ଦେବା ପାଇଁ ମଂଜୁର କରାଯାଇଛି । ଜମି ପାଇଥି ଲୋକମାନେ ସ୍ୱସ୍ଥର ଉନ୍ନତି କରିବା ପାଇଁ ଏହି ଅର୍ଥ ସଂପୃକ୍ତ ଜିଲ୍ଲାପାଳମାନଂକ ଜରିଆରେ ଯୋଗାଇ ଦିଆଯାଉଛି । ଏହି ଅର୍ଥ ମଧ୍ୟରୁ ଲକ୍ଷ ୩୨ ହଜାର ଟଂକା ଉଭୟ ଋଣ ଓ ଗ୍ରାଣ୍ଟ ଆକାରରେ ସାହାଯ୍ୟ ଦିଆଯାଇଛି । ଚଳିତ ବର୍ଷ ଆଉ ୨୫ ଲକ୍ଷ ଟଂକା ଏହି ଯୋଜନାନୁସା ଦେବା ପାଇଁ ବରାଦ କରାଯାଇଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସରକାର ସିଲିଂ ବହିର୍ଭୂତ ଜମି ହାତକୁ ନେଇ ସେଗୁଡ଼ି ଜମିହୀନମାନଂକ ମଧ୍ୟରେ ବଣ୍ଟନ କରିବାପାଇଁ କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି । ୧୯୭୭ ଜୁଲାଇ ମାସଠାରୁ ଚଳିତ ବର୍ଷ ଅପ୍ରେଲ ମାସ ଶେଷ ସୁ ସରକାର ପାଇଥିବା ୧୩ ହଜାର ୪୩୪ ଏକର ସିଲିଂ ବହିର୍ଭୂତ ଜମି ମଧ୍ୟରୁ ୬ ହଜାର ୬୪୭ ଏକର ଜମି ବଣ୍ଟନ କରି ସାରିଲେଣି ଫଳରେ ୫ ହଜାର ୪୬୪ ଜଣ ଜମିହୀନ ବ୍ୟକ୍ତି ଉପକୃତ ହୋଇଛନ୍ତି ।

# ନୀଳାଦ୍ରି ନାମାବଳୀ

ଶ୍ରୀ ବୃନ୍ଦାବନ ରାୟ

ଉତ୍କଳର ମୌଳିକ ବିଶିଷ୍ଟତା ହେଉଛି, ଏହା ଏକ ଦେବଭୂମି । ମନ୍ଦିରମାଳିନୀ, ମୋକ୍ଷ ପାବନମାଳା ଶୋଭିନୀ, ତୀର୍ଥପୂତା ଏହି ଦେବଭୂମିର ଅଧିବାସୀଗଣ ଜୀବନକୁ ଏକ ଯଜ୍ଞରୂପେ, ତପ ରୂପେ, ଅଖଣ୍ଡ ଆରାଧନା ରୂପେ ତଥା ଏକ ନିରବଚ୍ଛିନ୍ନ ପ୍ରାର୍ଥନା ରୂପେ ଗ୍ରହଣ କରି ଆସିଅଛନ୍ତି । ଏଠାରେ ଯୁଦ୍ଧ ହେଲେ ତାହା ଧର୍ମଯୁଦ୍ଧରେ ପରିଣତ ହୋଇଯାଏ । ଏ ଜାତିର ଜୟ ପରାଜୟରେ ତାହାର ଇଷ୍ଟଦେବତା ଘନିଷ୍ଠଭାବେ ଅଂଶ ଗ୍ରହଣ କରନ୍ତି । ଏ ଦେଶରେ ଜନ୍ମ, ବିବାହ, ମରଣ ସବୁ ଧର୍ମ ମହୋତ୍ସବ ରୂପେ ପରିଗଣିତ ହୁଏ । ବାର ମାସରେ ତେର ଯାତ୍ରାର ଆୟୋଜନ ନ ହେଲେ ଏ ଜାତିର ଅନ୍ତରାତ୍ମା ଅତୃପ୍ତ ରହିଯାଏ । ଧର୍ମୋତ୍ସବ ଲାଗି ସତେ ଏ ଜାତିର ଆତ୍ମାରେ କି ଅକୈତବ ଆବେଦନ ! ଗୁରିଆଡ଼େ ଉତ୍ସବ, ଧର୍ମୋତ୍ସବ, ମହୋତ୍ସବ ! ସବୁଦିନେ ଉତ୍ସବ, ଧର୍ମୋତ୍ସବ, ମହୋତ୍ସବ ! ଏ ଦେଶର ନଗର, ନଗରୀ, ଜନପଦ ଉତ୍ସବମୁଖର ହେବା ପାଇଁ ନିତ୍ୟ ଉନ୍ମୁଖ ହୋଇ ରହିଥାଏ । ଉତ୍ସବପ୍ରବଣତା ଏ ଜାତିର ଅସ୍ଥି ମଜ୍ଜାଗତ ବ୍ୟାପାର ।

ଯେତେବେଳେ ଜୀବନରୁ ଦୈବାତ୍ ଉତ୍ସବ ବୋଧ କ୍ରମେ ଅପସରି ଆସେ, ସେହି ମୁହୂର୍ତ୍ତରେ ଏ ଜାତିର ପ୍ରାଣ କନ୍ଦରରୁ ନିଃସୋରିତ ହୁଏ,—"ନଗଲୁ ମନ କ୍ଷେତ୍ର ଯନନ୍ତୁ" । "ମୁଁ କ୍ଷେତ୍ର ଯିବି"—ଏହି ଆକୁଳ ଆବେଦନ ତାହାର ପ୍ରାଣତନ୍ତ୍ରୀକୁ ଝଙ୍କୃତ କରି, ଅନ୍ତରକୁ ମଥିତ କରି, ସର୍ବ ସତ୍ତାକୁ ଆନ୍ଦୋଳିତ କରି ଅଜାଡ଼ି ହୋଇ ପଡ଼େ । "ବାର ମାସେ ତେର ଯାତ୍ରା ଦେଖୁଥିବି ଶ୍ରୀ କ୍ଷେତ୍ରେ ହୋଇ ଭିକାରୀ" ଏହି ଆକାଂକ୍ଷା ତାହାର ସମଗ୍ର ସତ୍ତାକୁ ଆଲୋଡ଼ିତକରେ । ତାହାର ପଞ୍ଚମନକୁ ସମ୍ବୋଧନ କରି ସେ ଗାଇ ଉଠେ,

"ଶ୍ରୀ ପୁରୁଷୋତ୍ତମ ଯିବା ମନ ;
ସାଙ୍ଗ ହୋଇଥିବା ପାଞ୍ଚ ଜଣ" ।

"କନ୍ଧେ ବହି ଝୁଲି ଶ୍ରୀକ୍ଷେତ୍ରରେ ବୁଲି
ଜୟ ଜଗବନ୍ଧୁ ବୋଲି
ଆନନ୍ଦେ କୀର୍ତ୍ତନ ନର୍ତ୍ତନରେ ଦିନ
କଟୁଥାଉ ବନମାଳୀ"

କବି କଣ୍ଠରେ ଏ ଜାତିପ୍ରାଣର ଦୁର୍ବାର ଆକାଂକ୍ଷା ନାନା ମତେ ରୂପ ଲାଭ କରିଛି । ଅବାରିତ ବନ୍ୟା ପରି, ଉଚ୍ଛଳ ମହୋଦଧିର ଉତ୍ତାଳ ତରଙ୍ଗ ପରି, ମାଡ଼ି ଆସି ଅଜାଡ଼ି ହୋଇ ପଡୁଛି । ଏ ଜାତିର କ୍ଷେତ୍ର ଗମନ ଅଭୀପ୍ସା । "ସତେ କ୍ଷେତ୍ରବାସେ ଜୀବନ ଯିବ ମୋର" ଏହି ଆବେଗମୟ ଚରମ ଆବେଦନଟି ତାହାର ଶେଷ ସମ୍ବଳ ରୂପେ ଆତ୍ମ ପ୍ରକାଶ କରିଛି ।

ଗୁହି ଦେଖିଲେ ଉତ୍କଳର ସର୍ବାଙ୍ଗ କ୍ଷେତ୍ରମୟ । ଗଣେଶ କ୍ଷେତ୍ର ମହା ବିନାୟକ (ଚଣ୍ଡିଖୋଲ ପାଖ ମହାବିଣା ପର୍ବତ), ନାରାୟଣ କ୍ଷେତ୍ର ନୀଳାଚଳ, ରୁଦ୍ର କ୍ଷେତ୍ର ଭୁବନେଶ୍ୱର, ଅମ୍ବିକା କ୍ଷେତ୍ର ଯାଜପୁର, ଭାସ୍କର କ୍ଷେତ୍ର କୋଣାର୍କ । ଏ ପଞ୍ଚଦେବତାଙ୍କ ପରସ୍ପର ସଂଲଗ୍ନ ଆରାଧନା ଲାଗି, ପଞ୍ଚଦେବତା ଉପାସନା ଲାଗି, ଉତ୍କଳରେ ପଞ୍ଚକ୍ଷେତ୍ରର ଆବିର୍ଭାବ ଘଟିଛି । ପଞ୍ଚୋପାସନାର ମୂଳ ତତ୍ତ୍ୱ ହେଲା ଯେ ଏ ପଞ୍ଚଦେବତା ପରସ୍ପରଠାରୁ ଭିନ୍ନ ନୁହନ୍ତି କିମ୍ବା ଅଭିନ୍ନ ନୁହନ୍ତି । ଭିନ୍ନ ବୁଦ୍ଧିରେ ଏମାନଙ୍କୁ ପାଞ୍ଚ ବୋଲି ଭାବିବା ଯେପରି ଅବିଧେୟ, ଅଭିନ୍ନ ବୁଦ୍ଧିରେ ଏମାନଙ୍କୁ ଏକ ବୋଲି ଭାବିବା ସେପରି ଅବିଧେୟ । ମନେ ହୁଏ ସତେ ଯେପରି ପଞ୍ଚ ଦେବତା ଶରୀରରେ ପାଞ୍ଚ ହେଲେ ହେଁ ଆତ୍ମାରେ ଏକାତ୍ମ । ଉତ୍କଳରେ ଯେଉଁ କ୍ଷେତ୍ର ଚତୁଷ୍ଟୟ ପ୍ରସିଦ୍ଧ ସେମାନେ ହେଲେ, ଶଂଖ କ୍ଷେତ୍ର ପୁରୀ, ଗଦା କ୍ଷେତ୍ର ଯାଜପୁର, ଚକ୍ରକ୍ଷେତ୍ର ଭୁବନେଶ୍ୱର, ପଦ୍ମକ୍ଷେତ୍ର କୋଣାର୍କ ଏହି କ୍ଷେତ୍ର ଚତୁଷ୍ଟୟଙ୍କ ନାମ ବିନ୍ୟାସରୁ ସ୍ପଷ୍ଟ ଜଣା ପଡୁଛି ଯେ ଗୁରିଟିଯାକ କ୍ଷେତ୍ର ମୂଳତଃ ଏକ ଅଭିନ୍ନ ତତ୍ତ୍ୱଙ୍କର ଚତୁର୍ବିଧ ଲାଞ୍ଛନ ଲାଞ୍ଛିତ । ଚତୁର୍ଦ୍ଧା ମୂର୍ତ୍ତି ପରି ଏହି କ୍ଷେତ୍ର ଚତୁଷ୍ଟୟ ହେଉଛନ୍ତି ଏକ ତତ୍ତ୍ୱଙ୍କର ଚତୁର୍ବିଧ ପ୍ରକାଶ । ଏହି ସୁପ୍ରସିଦ୍ଧ କ୍ଷେତ୍ର ଚତୁଷ୍ଟୟଙ୍କ ସଙ୍ଗକୁ ଅନ୍ୟ ଯେଉଁ କ୍ଷେତ୍ରଙ୍କ ନାମୋଲ୍ଲେଖ ଦେଖିବାକୁ ମିଳେ ସେମାନେ ହେଲେ ଅଶ୍ୱତ୍ଥ କ୍ଷେତ୍ର ଭୂଜଙ୍ଗ ଓ ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ା । ଏହି ପ୍ରସଙ୍ଗରେ ମନେ ପଡ଼େ ଗୁପ୍ତ କେଦାର କ୍ଷେତ୍ର ଗୁପ୍ତେଶ୍ୱର (କୋରାପୁଟ), ଚଉଷଠୀ ଯୋଗିନୀ କ୍ଷେତ୍ର ରାଣୀପୁର ଝରିଆଲ (କଳାହାଣ୍ଡି) ତଥା

ହୀରାପୁର (ଭୁବନେଶ୍ୱର ନିକଟ) ଏବଂ ବିଦ୍ୱାନ ନୃସିଂହ କ୍ଷେତ୍ର ନୃସିଂହନାଥ (ସମ୍ବଲପୁର) ।

ଉତ୍କଳର ଏହି କ୍ଷେତ୍ରମାନଙ୍କର ନିଜ ନିଜ ମହିମା ପ୍ରତିପାଦକ ସ୍ଥଳମାହାତ୍ମ୍ୟମାନ ଲିଖିତ ଆକାରରେ ହେଉ, ଜନ ମୁଖରେ ହେଉ ପ୍ରଚଳିତ ଅଛି । ବର୍ଷର ବିଭିନ୍ନ ସମୟରେ ଉଉଉଳ ଜନସ୍ରୋତ ଏହି କ୍ଷେତ୍ରମାନଙ୍କୁ ପ୍ରଧାବିତ ହୁଏ । ଲୋକାରଣ୍ୟ ହୁଏ ଏହି କ୍ଷେତ୍ର ମଣ୍ଡଳ । ଉନ୍ମାଦନା, ଉତ୍ସାହ, ଆବେଗ ଓ ତନ୍ମୟତାରେ ଘାରି ହୋଇ ଅସଂଖ୍ୟ ନରନାରୀ କ୍ଷେତ୍ର ଖୋଜି ଖୋଜି ଧାଇଁ ଚାଲନ୍ତି । ଶରଦାଗମରେ ହଂସବିଥି ମାନସସ୍ଥଳୀ ହେଲା ପରି ଦଳେ ଦଳେ ନରନାରୀ କ୍ଷେତ୍ର ଉନ୍ମୁଖ ହୋଇ ବାହାରି ଆସନ୍ତି । ବହୁଶ୍ରମ, ବହୁ କାୟକ୍ଳେଶ, ବହୁ ଦୁରବସ୍ଥାର ସମ୍ମୁଖୀନ ହୋଇ ମଧ୍ୟ ଏ ଅପ୍ରତିହତ ଧର୍ମଯୋଦ୍ଧା ବାହିନୀ ଏ କ୍ଷେତ୍ରଯାତ୍ରାରୁ ବିରତ ହୁଅନ୍ତି ନାହିଁ । ଶରୀର ଉପରେ ଆତ୍ମିକ ଅଭିଳାଷର ବିଜୟ ଘୋଷଣା କରି, ପରିସ୍ଥିତିର ଅନାଟନକୁ ମନବଳରେ ଜୟକରି ଏହି କ୍ଷେତ୍ରଯାତ୍ରା ଯଜ୍ଞ ସମାହିତ ହୁଏ । ଗୋଟିଏ ଦୃଷ୍ଟିରୁ ଦେଖିଲେ ତାହା ଯେତେ କରୁଣ, ଅନ୍ୟ ଦୃଷ୍ଟିରୁ ଦେଖିଲେ ତାହା ତେତେ ସର୍ବାପୂର୍ଣ୍ଣ, ବୀରତ୍ୱବ୍ୟଞ୍ଜକ । କିନ୍ତୁ ମୂଳସତ୍ୟ ହେଲା ଯେ ଏ କ୍ଷେତ୍ରଯାତ୍ରା ଅଭିଳାଷ ଏକ ଅବୁଝା, ଅମାନିଆ ଭାବାବେଗ ଉପରେ ଆଧାରିତ । ଏହି ସ୍ୱାଭାବିକ ଭାବାବେଗ ହିଁ କ୍ଷେତ୍ରଯାତ୍ରାକୁ ଅର୍ଥବନ୍ତ କରି ତୋଳିଛି ।

କ୍ଷେତ୍ର ଯାତ୍ରୀଙ୍କ ସଂଖ୍ୟା ଦୃଷ୍ଟିରୁ ହେଉ, ଅଥବା ଶାସ୍ତ୍ରମାନଙ୍କ ଉଦ୍‌ଘୋଷଣାରୁ ହେଉ ଉତ୍କଳର ସକଳ କ୍ଷେତ୍ର ମଧ୍ୟରେ ନୀଳାଦ୍ରିମଣ୍ଡଳ ହିଁ ଶୀର୍ଷସ୍ଥାନ ଅଧିକାର କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ନୀଳାଦ୍ରିମଣ୍ଡଳ କ୍ଷେତ୍ରଯାତ୍ରୀମାନଙ୍କ ଆବେଗ, ଉତ୍ସାହ ଓ ସଂଖ୍ୟା ଗରିଷ୍ଠତା ଯୁଗେ ଯୁଗେ ବିସ୍ମୟର ବିଷୟବସ୍ତୁ ହୋଇ ରହିଛି । ନଦୀମାନେ ସମୁଦ୍ରକୁ ପ୍ରଧାବିତ ହେଲାପରି ଚଉଦିଗରୁ ଆବେଗ ତାଡ଼ିତ ପ୍ରବଳ ଜନସ୍ରୋତ ନୀଳାଦ୍ରିମଣ୍ଡଳ ପ୍ରତି ପ୍ରଧାବିତ ହୋଇ ଆସିଛନ୍ତି ଆସୁଛନ୍ତି, ଏବଂ ଆସୁଥିବେ । ନୀଳାଦ୍ରି ମଣ୍ଡଳର ମୋହ, ଆକର୍ଷଣ ସତେ କି ଦୁର୍ନିବାର ! ଅମୋଘ ସେ ନୀଳାଦ୍ରି ର ଆବେଦନ ! ଅଲଂଘ୍ୟ ସେ କ୍ଷେତରାଜର ଆହ୍ୱାନ ।

ନୀଳାଦ୍ରି ର ଅଲଂଘ୍ୟ ଆମନ୍ତ୍ରଣ ଉତ୍କଳର କବିକଣ୍ଠରେ ଶତ ଶତବାର ନିନାଦିତ ହୋଇଛି ।

"ପତାକା ଅଞ୍ଚଳ ଚଞ୍ଚଳ ଡାକେ ପାପୀଙ୍କି ଅବା
ଏହି ନୀଳ ନଗ ନଗରକୁ ଆସ ଭଲ କରିବା" ।

ଡାକୁଛି ନୀଳାଦ୍ରି ! ଧାଇଁ ଆସ, ଦଉଡ଼ି ଆସ, ବସିବା ସ୍ଥାନରୁ ଉଠିଆସ । ଜାତିବର୍ଣ୍ଣ ନିର୍ବିଶେଷରେ ଜନ ସମୁଦ୍ର ମାଡ଼ି ଆସ । ଡାକୁଛି ନୀଳାଦ୍ରି । ସମୁଦ୍ରର ଗୁରୁ ଗମ୍ଭୀର ଗର୍ଜନରେ ନୀଳାଦ୍ରିର ନିମନ୍ତ୍ରଣ ଶୁଭୁଛି—ଝାଉଁବନର ସାଇଁ ସାଇଁ ଶବ୍ଦରେ ନୀଳାଦ୍ରି ଡୁହାଇ ଡାକୁଛି । ପତିତପାବନ ପତାକା ନୀଳଚକ୍ର ଚୂଳରୁ ହାତ ହଲାଇ ଡାକୁଛି—ଧାଇଁ ଆସ, ଦଉଡ଼ି ଆସ ନୀଳାଦ୍ରିକୁ । ଦୁଇ ବିଶାଳ ଭୁଜ ବିସ୍ତାରି ନୀଳାଦ୍ରିନାଥ ଡାକୁଛନ୍ତି—ଧାଇଁ ଆସ, ଦଉଡ଼ି ଆସ । ଏଣେ କ୍ଷେତ୍ରଯାତ୍ରୀର ନାସା ଲୋଡୁଛି ତୁଳସୀମଞ୍ଜରୀର କର୍ପୂର ଚନ୍ଦନ କସ୍ତୁରୀ ମିଶ୍ରିତ ସୁଗନ୍ଧ । ନୟନ ଲୋଡୁଛି ଚକାଡୋଳା କଳା ଚନ୍ଦ୍ରବଦନର ଦର୍ଶନ । ବାହୁ ଲୋଡୁଛି ଗରୁଡ଼ ସ୍ତମ୍ଭର ମନପୁରା ଆଲିଙ୍ଗନ । ମୁଖ ଓ ଉଦର ଲୋଡୁଛି ମହାପ୍ରସାଦ ଖଇର ଅମୃତ ଝିଙ୍ଗି ରସାସ୍ୱାଦ । ପାଦ ଲୋଡୁଛି ନିର୍ଭୟ କ୍ଷେତ୍ର ପରିକ୍ରମା । ହୃଦୟ ଲୋଡୁଛି ହୃଦୟନାଥଙ୍କଠାରେ ସମ୍ପୂର୍ଣ୍ଣ ଶ୍ରାନ୍ତିହର ବିଶ୍ରାମ । ଏଭଳି ପାରସ୍ପରିକ ଆକର୍ଷଣରେ ବାଧା, ପ୍ରତିବନ୍ଧକ, ପ୍ରତ୍ୟବାୟର ଅପେକ୍ଷା ନ ରହିବା ଅସ୍ୱାଭାବିକ ନୁହେଁ । ଯୁଗେ ଯୁଗେ ଏହା ପ୍ରମାଣିତ ହୋଇଛି ଯେ ନୀଳାଦ୍ରିମଣ୍ଡଳର ଆକର୍ଷଣ ଏକାନ୍ତ ଦୁର୍ନିବାର ଓ ଏକାନ୍ତ ସ୍ୱାଭାବିକ ।

ମହାଭାରତ ବନପର୍ବରେ ତୀର୍ଥଯାତ୍ରୀ ପାଣ୍ଡବାଗ୍ରଣୀ ଯୁଧିଷ୍ଠିରଙ୍କୁ ସମ୍ବୋଧନ କରି ଲୋମଶ ମୁନି କହିଲେ, "ହେ ମହାରାଜ, ତୁମ ସମ୍ମୁଖରେ ସାଗର ସଂଲଗ୍ନା ବେଦୀ ରୂପା ପୃଥିବୀକୁ ଦର୍ଶନ କର । ଜଳମଗ୍ନା ପୃଥିବୀ କାଶ୍ୟପମୁନିଙ୍କ ଅନୁରୋଧ କ୍ରମେ ଜଳମଧ୍ୟରୁ ବେଦୀରୂପରେ ଆବିର୍ଭୂତା ହୋଇଛନ୍ତି । ଏହି ମହାବେଦୀକୁ ଆରୋହଣ କରିବା ବ୍ୟକ୍ତି ବୀର୍ଯ୍ୟବାନ୍, ତେଜୋଦୀପ୍ତ ହୋଇଥାନ୍ତି । ମୁଁ ସ୍ୱସ୍ତ୍ୟୟନ ଉଚ୍ଚାରଣ କରୁଛି, ତୁମେ ଏହି ଅବସାଦ ହର, ତୁଷ୍ଟିପୁଷ୍ଟି ପ୍ରଦାୟକ ମହାବେଦୀ ଆରୋହଣ କର" । ଲୋମଶ ମୁନିଙ୍କ ନିର୍ଦ୍ଦେଶକ୍ରମେ ପାଣ୍ଡବମାନେ ସେହି ମହାବେଦୀ ଆରୋହଣ କଲେ । ମହାଭାରତ ବର୍ଣ୍ଣିତ ଅବସାଦହର, ତୁଷ୍ଟିପୁଷ୍ଟି ପ୍ରଦାୟକ ଏହି ମହାବେଦୀ ନୀଳାଦ୍ରିମଣ୍ଡଳ ବୋଲି ଲୋକ ବିଶ୍ୱାସରେ ଗୃହୀତ ହୋଇ ଯାଇଛି । ନୀଳାଦ୍ରି ମଣ୍ଡଳର ନିଜସ୍ୱ ବିଭୂତି ହେଉଛି ଯେ ଏହି କ୍ଷେତ୍ରରେ ପଦାର୍ପଣ କଲା ମାତ୍ରକେ ଶରୀର, ମନ, ପ୍ରାଣ ଉତ୍‌ଫୁଲ୍ଲ ହୋଇଯାଏ । ଏହା ହେଉଛି ଶ୍ରାନ୍ତି କ୍ଳାନ୍ତି ଅବସାଦ ହର, ତୁଷ୍ଟିପୁଷ୍ଟି ପ୍ରଦାୟକ ଭୂମି ।

ବିଶ୍ୱାବସୁ ଶବରଙ୍କୁ କଠୋର କର୍ମକ୍ଷେତ୍ରରୁ ନିତି ପ୍ରତ୍ୟାବର୍ତ୍ତନ କଲାବେଳେ ପ୍ରଫୁଲ୍ଲ ହୋଇ ଆସୁଥିବା ଦେଖି ଜାମାତା ବିଦ୍ୟାପତିଙ୍କର ବିସ୍ମୟ ଜାତ ହେଲା,– ଏହା କିପରି ସମ୍ଭବ ? କେଉଁ ସୂତ୍ରରୁ ସେ ଏଭଳି ସାମର୍ଥ୍ୟ ଆହରଣ କରୁଛନ୍ତି ? ସେହି ସୂତ୍ର ଅନ୍ୱେଷଣ କରିବାକୁ ଲାଳସୀ ହୋଇ ଉଠିଲେ ବିଦ୍ୟାପତି । କ୍ଳାନ୍ତିହର, ପ୍ରଫୁଲ୍ଲତାପ୍ରଦ ତତ୍ତ୍ୱ ନୀଳାଦ୍ରିରେ ନିହିତ । ସେଠାରେ କ୍ଷେତ୍ର ଓ କ୍ଷେତ୍ରପତି ଏକ ଓ ଅଭିନ୍ନ । କ୍ଷେତ୍ର ପୁରୁଷୋତ୍ତମର କ୍ଷେତ୍ରପତି ହେଉଛନ୍ତି ପୁରୁଷୋତ୍ତମ । କ୍ଷେତ୍ର ସହିତ ଏକୀଭୂତ କ୍ଷେତ୍ରାଧିପତି ସେଥିପାଇଁ କହିଛନ୍ତି" ମୁଁ ତ୍ରିବାର ସତ୍ୟ କରି କହୁଛି, ପୁଣି ପୁଣି ସତ୍ୟ କରି କହୁଛି, ମୋ ଦେଉଳ ଓ ପ୍ରତିମା ଭଙ୍ଗ ହେଲେ ମଧ୍ୟ ମୁଁ ଏ ସ୍ଥଳ ତ୍ୟାଗ କରି ଯିବି ନାହିଁ" । ସ୍କନ୍ଦ ପୁରାଣରେ ଭଗବାନଙ୍କର

ଏହି ପ୍ରତିଶ୍ରୁତି ଅକ୍ଷରେ ଅକ୍ଷରେ ଇତିହାସପୃଷ୍ଠାରେ ସତ୍ୟ ବୋଲି ପ୍ରମାଣିତ ହୋଇଛି । ଅନେକବାର ମନ୍ଦିର ଲୁଣ୍ଠିତ ହୋଇଛି, ପ୍ରତିମା ସ୍ଥାନାନ୍ତରିତ ହୋଇଛନ୍ତି, କିନ୍ତୁ ପୁଣି ନୀଳାଦ୍ରିରେ ମନ୍ଦିରର ଉଚ୍ଚୈଚୂଡ଼ା ଆକାଶ ଚୁମ୍ବନ କରିଛି । ପ୍ରତିମା ପୁନଃ ପ୍ରତିଷ୍ଠିତ ହୋଇଛନ୍ତି । ନୀଳାଦ୍ରି ମହୋତ୍ସବ ପୁନଃ ପୁନଃ ସମାହିତ ହୋଇଛି । ନିଜର ଅବସାଦ ଜର୍ଜର ମନକୁ ସମ୍ବୋଧନ କରି କ୍ଷେତ୍ରଯାତ୍ରାଲିପ୍ସୁ କଣ୍ଠରୁ ବାହାରିଛି, "ଅନାମନ ଗଲ ଯିବା, ଚକାନୟନ ଦେଖିବା, ଶଂଖ ନାଭି ମଣ୍ଡଳରେ ବେନିନେତ୍ର ପଖାଳିବା" । ମନ ଥକି ପଡ଼ିଲେ, ବିଶ୍ରାମ ବିନ୍ଦୁ ରୂପେ କାତିର ଆଖି କି ଦିଶିଛି ନୀଳାଦ୍ରି । ସେଠାକୁ ଗଲେ ମ୍ରିୟମାଣ ସଞ୍ଜୀବିତ ହୋଇ ଉଠିବ । ଫୁଲର ପର୍ଯ୍ୟୁଷିତ ପାଖୁଡ଼ା ପ୍ରଫୁଲ୍ଲିତ ହୋଇ ଉଠିବ । ନୀଳାଦ୍ରିର ଏହି ଜୀବନପ୍ରଦ କାୟକଳ୍ପାତ୍ମକ ଭେଷଜ ଗୁଣ ଯୁଗେ ଯୁଗେ ଜନ ସମାଜକୁ ପ୍ରଲୋଭିତ କରିଛି ଓ କରି ଆସୁଛି । ନୀଳାଦ୍ରି ଆମର ଏକ ସଂପ୍ରସାରିତ ଅବସର ବିନୋଦନ ଶାଳା (Specious holiday home) ।

୧ । ପୁରୀ

ନୀଳାଦ୍ରି ମଣ୍ଡଳର ଯେଉଁ ନାମଟି ସର୍ବଜନ ପ୍ରସିଦ୍ଧ ତା ହେଉଛି "ପୁରୀ" । ପୁରୀର ଆକ୍ଷରିକ ଅର୍ଥ ହେଉଛି ଗୃହ ।

୨ । ଜଗନ୍ନାଥ ପୁରୀ

ନୀଳାଦ୍ରିର ସମ୍ପୂର୍ଣ୍ଣ ନାମଟି ହେଉଛି "ଜଗନ୍ନାଥ ପୁରୀ", ଅର୍ଥାତ୍ ଜଗତର ନାଥ ଜଗବନ୍ଧୁଙ୍କର ନିଜ ଘର । ଏହା ଜଗତର ବନ୍ଧୁଘର । ବନ୍ଧୁପଣେ ଏଠାରେ ବନ୍ଧୁମହାନ୍ତିଙ୍କ ବନ୍ଧୁ ଦୀନବନ୍ଧୁ ଜଗବନ୍ଧୁ ଘର କରି ଅଛନ୍ତି । "ତା ଛଡ଼ା ଜଗନ୍ନାଥ କହିଲେ ହିଁ ପୁରୀ ନଗରକୁ ବୁଝାଏ" । ଜଗନ୍ନାଥ ଓ ପୁରୀ ଏକାର୍ଥବାଚୀ । କ୍ଷେତ୍ର ନାମ ଜଗନ୍ନାଥ ଓ ପୁରୀ । କ୍ଷେତ୍ରାଧିପତିଙ୍କ ନାମ ମଧ୍ୟ ଜଗନ୍ନାଥ ଓ ପୁରୀ । କବି କହିଛନ୍ତି, "ଯେଣୁ ନାରାୟଣ ଦେହୀ ତେଣୁ ସେହି ନାମ" ।

୩ । କନକପୁରୀ

କଥାସରିତ୍ ସାଗର ଗ୍ରନ୍ଥରେ ଉଲ୍ଲେଖ ଅଛି ପୁରୀର ପୂର୍ବ ନାମ ହେଉଛି "କନକପୁରୀ" । ତାତ୍ପର୍ଯ୍ୟ ଉକ୍ତିକାର କହିଲେ ପୁରୀ ନଗରବାସୀଙ୍କ ଘର ସବୁ "ଶୁଦ୍ଧ ସୁବର୍ଣ୍ଣ"ରେ ନିର୍ମିତ । ଅର୍ଥାତ୍ ଏ ପୁରୀ ହେଉଛି ପରମ ଐଶ୍ୱର୍ଯ୍ୟମୟ ପରମାଶ୍ଚର୍ଯ୍ୟ ପୁରୀ । ନୀଳାଦ୍ରି ମହୋଦୟ ଗ୍ରନ୍ଥରେ ଉଲ୍ଲେଖ ରହିଛି;

"ସେ କ୍ଷେତ୍ର ଶ୍ରୀ ପୁରୁଷୋତ୍ତମ
ଭୂ-ସ୍ୱର୍ଗ ବୋଲି ତାର ନାମ" ।

୪ । ଭୂସ୍ୱର୍ଗ

ପୁରୀର ଅନ୍ୟନାମ ହେଉଛି "ଭୂ-ସ୍ୱର୍ଗ" । "ଭୂସ୍ୱର୍ଗେ ପୁରୁଷୋତ୍ତମେ" ବୋଲି ପଦ ପୁରାଣରେ ବର୍ଣ୍ଣିତ ହୋଇଛି । ଆଧୁନିକ ପର୍ଯ୍ୟଟକମାନେ କହନ୍ତି " Puri is paradise on earth "

୫ । ମର୍ତ୍ତ୍ୟବୈକୁଣ୍ଠ

ଗୌରଚରଣ ଅଧିକାରୀ ତାଙ୍କ ଭଜନରେ ପୁରୀକୁ "ମର୍ତ୍ତ୍ୟବୈକୁଣ୍ଠ" ବୋଲି ଅଭିହିତ କରି ଅଛନ୍ତି ।

"ଦେବଙ୍କୁ ଦୁର୍ଲଭ ମର୍ତ୍ତ୍ୟର ବୈକୁଣ୍ଠ
ଲୀଳା ଅଶେଷରୁ ଅଶେଷ" ।

୬ । ଭୌମବୈକୁଣ୍ଠ

କବି ବିଚ୍ଛନ୍ଦଚରଣଙ୍କ ଭାଷାରେ ତାହା "ଭୌମ-ବୈକୁଣ୍ଠ" ।

"ଭୌମବୈକୁଣ୍ଠେ ରହି ଆହେ ପ୍ରଭୁ ଭାବଗ୍ରାହୀ
ଦଶ ଅବତାର ଲୀଳାମାନ ଆଚର ।"

୭ । ଦଶାବତାର କ୍ଷେତ୍ର

ନୀଳାଦ୍ରି ସକଳ ଅବତାରମାନଙ୍କ ଜନ୍ମ ସ୍ଥଳ ରୂପେ ପରିକଳ୍ପିତ । ତେଣୁ ତାହା "ଦଶାବତାର କ୍ଷେତ୍ର" ନାମରେ ମଧ୍ୟ ପରିଚିତ । ଯେଉଁ ମୂଳ ତତ୍ତ୍ୱରୁ ଅବତାରମାନେ ଆବିର୍ଭୂତ ହୁଅନ୍ତି ଏବଂ ଲୀଳା ଶେଷରେ ଯେଉଁ ତତ୍ତ୍ୱକୁ ସେମାନେ ବାହୁଡ଼ି ଯାଆନ୍ତି ସେହି ତତ୍ତ୍ୱ ହେଉଛନ୍ତି ପୁରୁଷୋତ୍ତମ ଜଗନ୍ନାଥ । ଜଗନ୍ନାଥ ଅବତାରୀ । ସେ ସକଳ ଅବତାରମାନଙ୍କ ମୂଳ ତତ୍ତ୍ୱ, ମୂଳପିଣ୍ଡ । ଜଗନ୍ନାଥଙ୍କୁ ଦଶାବତାର ମଧ୍ୟରେ ନବମ ଅବତାର ବୌଦ୍ଧାବତାର ବୋଲି ଲୋକ ମୁଖରେ, ଶାସ୍ତ୍ରୀୟ ପରମ୍ପରାରେ, କଳା ସାହିତ୍ୟ ଜଗତରେ ସ୍ୱୀକାର କରାଯାଇଥିଲେ ହେଁ, ଜଗନ୍ନାଥ ଯେ ଅବତାର ବିଶେଷ ନୁହନ୍ତି ଏବଂ ସେ ସ୍ୱରୂପତଃ ଅବତାରୀ ଏହା ମଧ୍ୟ ଉଦ୍‌ଘୋଷଣା କରାଯାଇଛି ।

୮ । କ୍ଷେତ୍ରବର

ସେଥିପାଇଁ ଜଗନ୍ନାଥ କ୍ଷେତ୍ର ଏକ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇ ଆସିଛି । ଏହି କାରଣରୁ ନୀଳାଦ୍ରିକୁ "କ୍ଷେତ୍ରବର" ବୋଲି ଅଭିହିତ କରାଯାଏ । କବି ଭରତ ଦାସଙ୍କ ଭାଷାରେ,

"ଚତୁର୍ଦ୍ଧାମେ ସାର ଶ୍ରୀପୁରୁଷୋତ୍ତମ
କ୍ଷେତ୍ରବର ନାମେ ଯେବଣ ଖ୍ୟାତ"

ଭାରତର ଚତୁର୍ଦ୍ଧାମ ମଧ୍ୟରେ ଜଗନ୍ନାଥ କ୍ଷେତ୍ରର ପ୍ରତିଷ୍ଠା ସର୍ବଜନମାନ୍ୟ । ଉତ୍ତରରେ ବଦ୍ରିକା, ଦକ୍ଷିଣରେ ରାମେଶ୍ୱର, ପଶ୍ଚିମରେ ଦ୍ୱାରକା ଓ ପୂର୍ବରେ ପୁରୀ ଏହି ଚତୁର୍ଦ୍ଧାମ ଭାରତ ପ୍ରସିଦ୍ଧ ଓ ସୁପ୍ରାଚୀନ ପରମ୍ପରା ଅନୁ-

ମୋଦିତ । ଏହି ଶ୍ରୀଧାମକୁ ଯାତ୍ରା କରି ନିଜ ଜୀବନକୁ ସଫଳ କରିବା ଲାଗି ଭାରତୀୟ ଜନଜୀବନରେ ଆବେଗର ତୋଫାନ ଉଠେ ! ତୀର୍ଥ ପର୍ଯ୍ୟଟନ ଭାରତୀୟ ଜୀବନରେ ସୌଖୀନ ବିଳାସ ବ୍ୟସନର ବ୍ୟାପାର ନୁହେଁ; ତାହା ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ପ୍ରୟୋଜନରୁ ଉଦ୍ଭୁତ ଫଳ । ଆଧ୍ୟାତ୍ମିକ ପ୍ରୟୋଜନର ପୂର୍ତ୍ତି ଲାଗି ମୃତ୍ୟୁକୁ ସୁଦ୍ଧା ଭ୍ରୂକ୍ଷେପ ନ କରି ଭାରତୀୟମାନେ ଯୁଗେ ଯୁଗେ ତୀର୍ଥ ପର୍ଯ୍ୟଟନ କରିଛନ୍ତି । ଭାରତର ସାଂସ୍କୃତିକ ତଥା ଭୌଗୋଳିକ ଅଖଣ୍ଡତା ରକ୍ଷା କରିବା ଦିଗରେ ଶ୍ରୀଧାମ ପର୍ଯ୍ୟଟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜାତୀୟ ସଂହତିର ସୁରକ୍ଷା ଓ ଜନଜୀବନର ପ୍ରବହମାନ ମିଶ୍ରଣ ଲାଗି ଶ୍ରୀଧାମର ଅବଦାନ ସ୍ମରଣାତୀତ କାଳରୁ ସ୍ୱୀକୃତ ହୋଇ ଆସିଅଛି ।

### ୯ । କ୍ଷେତ୍ର

କ୍ଷେତ୍ରମାନଙ୍କ ମଧ୍ୟରେ ପ୍ରଧାନତା ହେତୁ ନୀଳାଦ୍ରିକୁ ରୂଢ଼ାର୍ଥରେ "କ୍ଷେତ୍ର" ବୋଲି ଅଭିହିତ କରାଯାଇଅଛି । କବି ଭିକାରୀ ଦାସ କହିଛନ୍ତି, "ନ ଗଲୁ ମନ କ୍ଷେତ୍ର ସ୍ଥଳକୁ" । ଏଠାରେ କ୍ଷେତ୍ର ବୋଲି କହିଲେ ନୀଳାଦ୍ରି କୁ ହିଁ ବୁଝାଉଛି ।

### ୧୦ । ଶ୍ରୀକ୍ଷେତ୍ର

ନୀଳାଦ୍ରିର ଅନ୍ୟନାମ ହେଉଛି "ଶ୍ରୀକ୍ଷେତ୍ର" । ଗୌରଚରଣ ଅଧିକାରୀ କହିଛନ୍ତି,

"କେ କହି ପାରିବ ଶ୍ରୀକ୍ଷେତ୍ର ମହିମା
ଶେଷ ମୁଖେ ନୁହେଁ ଶେଷ" ।

### ୧୧ । ପୁରୁଷୋତ୍ତମ

ଶ୍ରୀକ୍ଷେତ୍ରର ସୁପରିଚିତ ନାମ ହେଉଛି ପୁରୁଷୋତ୍ତମ । ଲୋକ ଉଚ୍ଚାରଣରେ ତାହା "ପୁରୁଷମ" ରୂପ ଧାରଣ କରିଛି । ବ୍ରାହ୍ମଣ୍ୟ ଚେତନାର ପରମ ତତ୍ତ୍ୱ ହେଉଛନ୍ତି ପୁରୁଷୋତ୍ତମ । ଭଗବତ୍ ଗୀତାର ପଞ୍ଚଦଶ ଅଧ୍ୟାୟରେ ପୁରୁଷୋତ୍ତମଙ୍କୁ କ୍ଷର ଓ ଅକ୍ଷର ସମ୍ପୂର୍ଣ୍ଣ ପରମ ତତ୍ତ୍ୱ ରୂପେ ନିର୍ଣ୍ଣୟ କରାଯାଇଛି । କ୍ଷର (dynamic) ଓ ଅକ୍ଷର (static) ଏହି ଉଭୟ ତତ୍ତ୍ୱର ଅତିକ୍ରାନ୍ତ ପରମ ତତ୍ତ୍ୱ ହେଉଛନ୍ତି ପୁରୁଷୋତ୍ତମ । ଭଗବାନ କହିଛନ୍ତି, "ଯେ ମୋତେ ପୁରୁଷୋତ୍ତମ ବୋଲି ଜାଣନ୍ତି ସେ ସର୍ବବିତ୍ ବ୍ୟକ୍ତି ସର୍ବଭାବରେ ମୋର ଭଜନା କରନ୍ତି । ଏହା ହେଉଛି ଗୁହ୍ୟତମ ଶାସ୍ତ୍ର । ଏହି ଶାସ୍ତ୍ରଜ୍ଞାନ ଫଳରେ ବୁଦ୍ଧିମାନ ବ୍ୟକ୍ତି କୃତ କୃତ୍ୟ ଓ କୃତାର୍ଥ ହୋଇଥାନ୍ତି । "ଏହି ପୁରୁଷୋତ୍ତମ ତତ୍ତ୍ୱ ଲୋକରେ ଓ ବେଦରେ ପ୍ରସିଦ୍ଧି ଲାଭ କରିଛି ।" ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଗୀତାଭାଷ୍ୟ ଭୂମିକାରେ "ଲୋକରେ" ଏହି ଶବ୍ଦଟି ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି । ତାଙ୍କ ମତରେ ପୁରୁଷୋତ୍ତମର "ଲୋକରେ" ପ୍ରତିଷ୍ଠା ହେଉଛି ପୁରୁଷୋତ୍ତମ କ୍ଷେତ୍ର ପୁରୀରେ । ଏହିଠାରେ "ସର୍ବଭାବରେ" ହିଁ ପରମାତ୍ମାଙ୍କର ଅର୍ଚ୍ଚନା କରାଯାଇଥାଏ । ସେଥିପାଇଁ ନୀଳାଦ୍ରିରେ ସର୍ବମତ, ସର୍ବପଥ, ସର୍ବଧର୍ମର ସମନ୍ୱୟ ସମ୍ଭବ ହୋଇଛି । ଗୌରଚରଣ ଅଧିକାରୀ ଲେଖିଛନ୍ତି,

"ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ପରାକ୍ରମ
କେହି ନ ଜାଣନ୍ତି କିଛି ।"

ପୁରୁଷୋତ୍ତମ କ୍ଷେତ୍ରରେ ଆଧ୍ୟାତ୍ମ ଚେତନାର ଅତି ଗମ୍ଭୀର ତତ୍ତ୍ୱର ପ୍ରତିଷ୍ଠା ଘଟିଛି । ତାହା ଅକଳନୀୟ ଗଭୀରତାର ସୂଚନା ଦିଏ । ଶାସ୍ତ୍ର ଉଦ୍‌ଘୋଷଣା କରେ,

ସର୍ବେଷାମପି କ୍ଷେତ୍ରାଣାଂ ରାଜା ଶ୍ରୀ ପୁରୁଷୋତ୍ତମ
ସର୍ବେଷାମପି ଦେବାନାଂ ରାଜା ଶ୍ରୀ ପୁରୁଷୋତ୍ତମ ।

କ୍ଷେତ୍ର ନାମ ଓ କ୍ଷେତ୍ରାଧିପତି ଦେବତାଙ୍କ ନାମ ଏକ ଓ ଅଭିନ୍ନ । ଉପେନ୍ଦ୍ର ଭଞ୍ଜ କହନ୍ତି,

"ଯେଣୁ ନାରାୟଣ ଦେହୀ ତେଣୁ ସେହି ନାମ ।"

ପୁରୁଷୋତ୍ତମ କ୍ଷେତ୍ର ହେଉଛି ନାରାୟଣଙ୍କ ଶରୀର । ସେ କ୍ଷେତ୍ର ପ୍ରବେଶ କଲେ ନାରାୟଣ ତନୁ ଲାଭ ହୁଏ । ଜାଣି, ନଜାଣି ଅଥବା ପରାଧୀନ ହୋଇ କ୍ଷେତ୍ର ପ୍ରବେଶ କଲେ ମଧ୍ୟ କ୍ଷେତ୍ର ସେବନର ଫଳ ମିଳିଥାଏ ବୋଲି ଉପେନ୍ଦ୍ରଭଞ୍ଜ ଘୋଷଣା କରିଛନ୍ତି । "ଜ୍ଞାନାଜ୍ଞାନେ ପରାଧୀନେ ସେ ସ୍ଥାନ ଗମନେ" ସମାନ ଫଳ ମିଳେ ।

ପୁରୀର ଅନ୍ୟ ପ୍ରସିଦ୍ଧ ନାମ ହେଉଛି ନୀଳଗିରି, ନୀଳାଚଳ, ନୀଳକନ୍ଦର, ନୀଳ ଶଇଳ, ନୀଳାଦ୍ରି ଓ ନୀଳ ମହୀଧର ।

### ୧୨ । ନୀଳଗିରି

ବଳରାମ ଦାସ ବେଦାନ୍ତସାର ଗୁପ୍ତଗୀତାରେ ଲେଖିଛନ୍ତି

"ଓଡ୍ର ରାଷ୍ଟ୍ରରେ ନୀଳଗିରି
ଯହିଁ ବିଜୟେ ନରହରି ।"

### ୧୩ । ନୀଳାଚଳ

ଯଦୁମଣି ତାଙ୍କ ଜଣାଣରେ କହିଛନ୍ତି,

"ନୀଳାଚଳ ନୁଳେ ନୀଳ ଚକ୍ରେ ଝୁଲେ
ପାପୀ ପାବନ ପତ୍ରକା ।"

### ୧୪ । ନୀଳକନ୍ଦର

ବାଇଧର ଦ୍ୱିଜଙ୍କ ଭାଷାରେ,

"ନୀଳ କନ୍ଦରେ ସୁନ୍ଦର ଜଗନ୍ନାଥ "

ଦୀନକୃଷ୍ଣ ଦାସ ତାଙ୍କ ଜଣାଣରେ ଲେଖିଛନ୍ତି,

"ଭାବେ ନୀଳ କନ୍ଦରେ ବିଜେ କରିଛ କରେ
କମ୍ବୁ ଚକ୍ର ଭୂଷିତ ହୋଇ ; ହେ ମହାପ୍ରଭୁ ।"

୧୫ । ନୀଳ ଶଇଳ

ଗୌରଚରଣ ଅଧିକାରୀ କହନ୍ତି,

"ନୀଳ ଶଇଳ ଶିଖରି ପୂର୍ଣଚନ୍ଦ୍ର
ଆସୁଛନ୍ତି ପରା ଉଇଁକି "

୧୬ । ନୀଳାଦ୍ରୀ

ବନମାଳୀଙ୍କ ଉକ୍ତି,

"ଲବଣ ଜଳଧି ତଟ ନୀଳାଦ୍ରି ନାମ ପ୍ରକଟ
କଳ୍ପବଟ ମୂଳେ କି ଲାଗିବ ମୋର ଭିର ।"

ଜଗନ୍ନାଥଙ୍କୁ "ନୀଳାଦ୍ରି ସାମନ୍ତ" ବୋଲି ଗୌରଚରଣଙ୍କ ସମେତ ବହୁ କବି ସମ୍ବୋଧନ କରି ଅଛନ୍ତି ।

ନୀଳ ସିନ୍ଧୁର ଦିଗନ୍ତ ବିସ୍ତାରୀ ଚଳ ଚଞ୍ଚଳ ନୀଳିମା, ଊର୍ଦ୍ଧ୍ୱରେ ମହାକାଶର ସ୍ଥିର ଗମ୍ଭୀର ନୀଳପ୍ରଭା, ଉଭୟକୁ ସଂଯୁକ୍ତ କରୁଛି ସମୁଦ୍ର ସଂଲଗ୍ନ ନୀଳଗିରିର ତାଳ ତମାଳ ହନ୍ତାଳ ବନରାଜି । ଏହି ମହା ନୀଳିମାର ଅନ୍ତରାତ୍ମା ରୂପେ ବିରାଜମାନ କରିଛନ୍ତି ନୀଳମାଧବ । ସେହି ନୀଳମାଧବ ହିଁ ନୀଳାଦ୍ରି ନୀଳମଣି ଜଗନ୍ନାଥ । ଉଇଁ ଆସୁଥିବା ନୀଳ ନବଘନ ମୂର୍ତ୍ତି ଜଗନ୍ନାଥ ସେହି ମହା ନୀଳିମାର ଆଧାରିତ ବିଗ୍ରହ ।

୧୭ । ନୀଳ ମହୀଧର

ଉପେନ୍ଦ୍ରଭଞ୍ଜ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଗ୍ରନ୍ଥରେ ନୀଳାଦ୍ରିକୁ "ନୀଳ ମହୀଧର" ନାମରେ ଆଖ୍ୟାତ କରିଛନ୍ତି । "ସବୁଦିନେ ଲୀଳାସ୍ଥାନ ନୀଳ ମହୀଧର" । ନୀଳାଦ୍ରିରେ ନିତ୍ୟ ଲୀଳା ପ୍ରତିଷ୍ଠିତ । ସେ ଲୀଳାର ଚ୍ୟୁତି ଘଟେନାହିଁ ବୋଲି ତାହା ଅଚ୍ୟୁତ ଲୀଳା । ପଞ୍ଚସଖା ସାହିତ୍ୟରେ ନୀଳାଚଳର ନିତ୍ୟ ଲୀଳା ବିଷୟକ ବର୍ଣ୍ଣନା ବିଶେଷ ଭାବେ ପରିଲକ୍ଷିତ ହୁଏ ।

୧୮ । ଶଂଖ କ୍ଷେତ୍ର

ପୁରୀ କ୍ଷେତ୍ରର ଆକୃତି ଶଂଖାକୃତି ହୋଇଥିବାରୁ ଆକୃତି ଦୃଷ୍ଟିରୁ ଏହାକୁ ଶଂଖକ୍ଷେତ୍ର, ଶଂଖନାଭି କ୍ଷେତ୍ର, ଶଂଖ ନାଭି ମଣ୍ଡଳ, କମ୍ବୁ କଟକ ବୋଲି ଆଖ୍ୟାତ କରାଯାଇଛି ।

୧୯ । ଶଂଖ ନାଭିକ୍ଷେତ୍ର

କବି ଗୌର ଚରଣ ଅଧିକାରୀ ଲେଖିଛନ୍ତି,

"ଚଉଦ ବ୍ରହ୍ମାଣ୍ଡ କରତାଙ୍କ ଲୀଳା
ଶଂଖ ନାଭିକ୍ଷେତ୍ରେ ବିଚିତ୍ର ସିନା"

୨୦ । ଶଂଖ ନାଭି ମଣ୍ଡଳ

କବି ସାରିଆ ଭିକଙ୍କ କଣ୍ଠରୁ ଫୁଟିଛି

"ଥକାମନ ଗଲ ଯିବା ଚକା ନୟନ ଦେଖିବା
ଶଂଖ ନାଭି ମଣ୍ଡଳରେ ବେନିନେତ୍ର ପଖାଳିବା"

୨୧ । କମ୍ବୁ କଟକ

ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି–

"ସେ କମ୍ବୁ କଟକ ରାଜା ନାମ ଜଗନ୍ନାଥ
ଚଉବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ ।"

୨୨ । ଯମନିକ ତୀର୍ଥ

ଶାରଳା ଦାସ ତାଙ୍କ ମହାଭାରତର ମୂଷଳୀ ପର୍ବରେ କହିଛନ୍ତି,

"ଏ ନୀଳ ସୁନ୍ଦର ନାମ ଯମନିକ ତୀର୍ଥ
ଏଥି ବିଜୟ କରିବେ ଆସି ଜଗନ୍ନାଥ
* * *
ଯମେଶ୍ୱର ବୋଇଲେ ଏ ଯମନିକ ତୀର୍ଥ
ଜନ୍ତୁ ହତ୍ୟା ଦୋଷ ସବୁ ଏଥିରୁ ଏ ହତ ।

ନୀଳ ସୁନ୍ଦର ଗିରିରେ ଯମନିକ ତୀର୍ଥ ଓ ତାହାର କ୍ଷେତ୍ର ମାହାତ୍ମ୍ୟ ସାରଳା ଦାସ ବର୍ଣ୍ଣନା କରି ଅଛନ୍ତି ।

୨୩ । କ୍ଷେତ୍ର ନରେନ୍ଦ୍ର

କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟରେ ଉପେନ୍ଦ୍ର ଭଞ୍ଜ ଶ୍ରୀ କ୍ଷେତ୍ରକୁ "କ୍ଷେତ୍ର ନରେନ୍ଦ୍ର" ନାମରେ ଅଭିହିତ କରି ଅଛନ୍ତି । କ୍ଷେତ୍ରମାନଙ୍କ ମଧ୍ୟରେ ଶ୍ରୀ କ୍ଷେତ୍ର ଶ୍ରେଷ୍ଠ ହୋଇଥିବାରୁ ତାର ନାମ କ୍ଷେତ୍ର ନରେନ୍ଦ୍ର ଅର୍ଥାତ୍ କ୍ଷେତ୍ର ମଧ୍ୟରେ ରାଜା । କିନ୍ତୁ "ନରେନ୍ଦ୍ର" ଶବ୍ଦର ଅର୍ଥ ହେଉଛି ବିଷବୈଦ୍ୟ କେଳା । କେଳା ଯେପରି ଭୁଜଙ୍ଗ ଦୋଷ (ସର୍ପ ବିଷ) କୁ ନାଶ କରେ, ଶ୍ରୀ କ୍ଷେତ୍ର ସେହିପରି ଭୁଜଙ୍ଗ ଦୋଷ (ସଂସାରର କୁଟିଳତା ବା ବିଟପାଗର ରୂପକ ବିଷ)କୁ ନାଶ କରିଥାଏ । ଭଞ୍ଜଙ୍କ ଭାଷାରେ,

"ଏଣୁ କ୍ଷେତ୍ର-ନରେନ୍ଦ୍ର ପଦତ ସମ୍ପାଦିତ
ବିନାଶେ ଭୁଜଙ୍ଗ ଦୋଷ ତାକୁ କେତେମାତ୍ର" ।

ଗଦ ଓ ପଦ ପ୍ରୟୋଗରେ କେଳା ବିଷ ହରଣ କରେ । ଭଞ୍ଜ କହିଛନ୍ତି, ମହାପ୍ରସାଦ ଗଦ ଓ ଘଣ୍ଟଘୋଷ ପଦର ପ୍ରୟୋଗରେ ଶ୍ରୀ କ୍ଷେତ୍ର ଆମ୍ଭମାନଙ୍କୁ ନିରାମୟ କରିଥାଏ ।

୨୪ । କୁଶସ୍ଥଳୀ

ପୁରୀର ପ୍ରାଚୀନ ନାମ "କୁଶସ୍ଥଳୀ" । ଏଠାରେ ପ୍ରଚୁର କୁଶ ଉତ୍ପନ୍ନ ହେଉଥିବାରୁ ଏଭଳି ନାମ ହେବା ସମ୍ଭବ । ଜଗନ୍ନାଥଙ୍କ ଆବିର୍ଭାବ ପୂର୍ବରୁ ସ୍ୱୟଂ ବେଲେଶ୍ୱର ମହାଦେବ ଏ କୁଶସ୍ଥଳୀକୁ ଦେବାବତରଣ ଭୂମି ରୂପେ ନିର୍ବାଚନ କରିଥିଲେ ।

**୨୫ । ପାପଛଡ଼ାପୁର**

ଗୌରଚରଣ ଅଧିକାରୀ ଶ୍ରୀ କ୍ଷେତ୍ର ର ପାବନ ପରିସରକୁ "ପାପଛଡ଼ାପୁର" ବୋଲି ନାମିତ କରିଛନ୍ତି । ସେ ଲେଖିଛନ୍ତି

"ପାପଛଡ଼ା ପୁରେ ବାସ କରିବାକୁ
ଯାହାକୁ ତାହାକୁନ୍ ହଇ ମନା" ।

ସମସ୍ତେ ଏ ତୀର୍ଥ ସେବନର ଅଧିକାରୀ ଅଟନ୍ତି । ପତିତପାବନ ବାନା ତଳେ ସମସ୍ତ ପତିତମାନଙ୍କୁ ପବିତ୍ର ହେବା ପାଇଁ ସୁଯୋଗ ଅଛି ।

**୨୬ । ଉଡ୍ଡୀୟାନ ପୀଠ**


ତନ୍ତ୍ର ପୀଠମାନଙ୍କ ମଧ୍ୟରେ ନୀଳାଦ୍ରିକୁ ଉଡ୍ଡୀୟାନ ପୀଠ ବୋଲି ନାମିତ କରାଯାଇଛି । ଜାଳନ୍ଧର, ଉଡ୍ଡୀୟାନ, ପୂର୍ଣ୍ଣଗିରି ଓ କାମରୂପ ଏହି ତନ୍ତ୍ର ପୀଠ ଚତୁଷ୍ଟୟ ମଧ୍ୟରେ ଉଡ୍ଡୀୟାନ ପୀଠର ମହତ୍ତ୍ୱ ଉତ୍କଳ ନରପତି ଇନ୍ଦ୍ରଭୂତି ଓ ତାଙ୍କ ଭଉଣୀ ସାଧିକା ଲକ୍ଷ୍ମୀଙ୍କରାଙ୍କ କୃତିରେ ପ୍ରତିବିମ୍ବିତ ହୋଇଛି । ଜଗନ୍ନାଥଙ୍କୁ "ସର୍ବଜିନ ବରାର୍ଚ୍ଚିତ" ବୋଲି ଇନ୍ଦ୍ରଭୂତି ସମ୍ବୋଧନ କରିଛନ୍ତି ।

ଉପ ନିର୍ଦ୍ଦେଶକ (ପର୍ଯ୍ୟଟନ),
ପର୍ଯ୍ୟଟନ ଓ ସାଂସ୍କୃତିକ ବିଭାଗ,
ଭୁବନେଶ୍ୱର ।

**୨୭ । ଉଚ୍ଛିଷ୍ଟ କ୍ଷେତ୍ର**

ତନ୍ତ୍ରାନୁସାରୀ ବିଶେଷ ଉପାସନା ଉଚ୍ଛିଷ୍ଟ ଗଣପ... ସାଧନାରେ ସାଧକ ଉଚ୍ଛିଷ୍ଟ ମୁଖରେ ଆରାଧ୍ୟ ଗଣପତିଙ୍କୁ ଆରାଧନା କରିବା ବିଧି ଅଛି । ଏହି ତନ୍ତ୍ର ସିଦ୍ଧ ପଦ୍ଧତି... ପୁଷ୍ଟ ପରମ୍ପରା ନୀଳାଦ୍ରିର ମହାପ୍ରସାଦ ସେବନରେ ଅନୁସୃତ ହେଉଛି । ଏ କ୍ଷେତ୍ରରେ ମହାପ୍ରସାଦସେବନବେଳେ ଉଚ୍ଛିଷ୍ଟ ବିଚାର କରାଯାଏ ନାହିଁ । ଲକ୍ଷ୍ମୀ ପୁରାଣରେ ବି... ଅଛି ଯେ "ବ୍ରାହ୍ମଣ ହସ୍ତୁ ଚଣ୍ଡାଳ ଛଡ଼ାଇ ଖାଇବେ ।" ସ... ପୁରାଣ ମହାପ୍ରସାଦର ମହିମା ଘୋଷଣା କରି କହିଛନ୍ତି "ଏ କ୍ଷେତ୍ରରେ ଶ୍ୱାନର ଉଚ୍ଛିଷ୍ଟ ଲୋକ ପିତାମହ ବ୍ରହ୍ମା ମଧ୍ୟ ଆଦରରେ ଗ୍ରହଣ କରିଥିଲେ ।"

ନୀଳାଦ୍ରି ନାମାବଳୀର ସଂପୂର୍ଣ୍ଣ ତାଲିକା ପ୍ରସ୍ତୁତ କରାଯିବା ପ୍ରୟୋଜନ । ନୀଳାଦ୍ରି ପ୍ରିୟ ବ୍ୟକ୍ତିମାନଙ୍କ ପାଇଁ ନୀଳାଦ୍ରି ନାମାବଳୀ ଅଙ୍ଗଭୂଷଣ ଓ କଣ୍ଠ ଭୂଷଣ ହୋଇ ଚିରକାଳ ବିରାଜୁଥିବ ।



## ରାଜନଗର ବ୍ଲକରେ "କାମ ପାଇଁ ଶସ୍ୟ ଯୋଜନା" ର ଅଗ୍ରଗତି

କଟକ ଜିଲ୍ଲାର କେନ୍ଦ୍ରାପଡ଼ା ସବ୍‌ଡିଭିଜନ ଅନ୍ତର୍ଗତ ରାଜନଗର ବ୍ଲକରେ "କାମ ପାଇଁ ଶସ୍ୟ ଯୋଜନା" ଅଧୀନରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଏହି ବ୍ଲକକୁ ଯେଉଁ ୭ ହଜାର ୬୫ କୁଇଣ୍ଟାଲ ଗହମ ଓ ୨୫୦ କୁଇଣ୍ଟାଲ ଚାଉଳ ଯୋଗାଇ ଦିଆଯାଇଥିଲା ସେ ସମସ୍ତ ଶସ୍ୟକୁ ସଂପୂର୍ଣ୍ଣ ଭାବରେ ବିନିଯୋଗ କରାଯାଇଛି ।

ସେହି ଶସ୍ୟ ବିନିଯୋଗରେ ସମୁଦାୟ ୪୭୬ ଗୋଟି ବିଭିନ୍ନ ପଲ୍ଲୀ ଉନ୍ନୟନ କାର୍ଯ୍ୟକ୍ରମ ସଂପୂର୍ଣ୍ଣ କରାଯାଇଛି । ତନ୍ମଧ୍ୟରେ ୩୪୩ କି. ମି. ଦୈର୍ଘ୍ୟର ୩୨୯ ଟି ଗ୍ରାମ୍ୟ ରାସ୍ତା ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ୪୨ ଟି ପୁଷ୍କରିଣୀ ଓ ୨୭ ଟି କୂପ ଖୋଳା ହୋଇପାରିଥିବା ସଂଗେ ସଂଗେ ୨୪ ଟି ପ୍ରାଥମିକ ବିଦ୍ୟାଳୟ, ୩୫ ଟି କଲଭର୍ଟ ଏବଂ ୧୯ ଟି ସପେଇ ନାଳୀର କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି । ଏହା ଫଳରେ ୨ ଲକ୍ଷ ୮୬ ହଜାର ୩୩୫ ଶ୍ରମ ଦିବସ ସୃଷ୍ଟି ହୋଇପାରିଛି ।

# ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମ

ଶ୍ରୀ ଶ୍ରଦ୍ଧାକର ସୂପକାର

୧୯୨୧ ମସିହାରେ ସମ୍ବଲପୁରରେ ସ୍ୱାଧୀନତା ଆନ୍ଦୋଳନର ଯେଉଁ ଅସାଧାରଣ ଜନ ଜାଗରଣ ସୃଷ୍ଟି ହୋଇଥିଲା, ତାହା ଓଡ଼ିଶାର ଅନ୍ୟ ଅଞ୍ଚଳରେ ତଥା ବଙ୍ଗ ଓ ବିହାର ପ୍ରଦେଶରେ ମଧ୍ୟ ପ୍ରଶଂସିତ ହୋଇଥିଲା । ୧୯୨୧ ମସିହା ପୂର୍ବରୁ ମଧ୍ୟ ଜାଲିଓ୍ୱାନାଓ୍ୱାଲା ବାଗ ହତ୍ୟାକାଣ୍ଡ ସମୟରେ ସମ୍ବଲପୁରରେ ଶୋଭାଯାତ୍ରା ଓ ସଭା ହୋଇଥିବାର ମୋର ମନେ ଅଛି । ୧୯୨୦ ନାଗପୁର କଂଗ୍ରେସ ବୈଠକ ପରେ ପରେ ସମ୍ବଲପୁର ସହରରେ ସରକାରୀ ସ୍କୁଲ ଓ କଚେରୀ ବର୍ଜନ ଆରମ୍ଭ ହେଲା । ସମ୍ବଲପୁର ଜିଲ୍ଲା ସ୍କୁଲ ଛାଡ଼ି ଯେଉଁ ଛାତ୍ରମାନେ ବାହାରି ଆସିଥିଲେ ସେମାନଙ୍କ ମଧ୍ୟରେ ନୃସିଂହ ଗୁରୁ, ଲକ୍ଷ୍ମୀନାରାୟଣ ମିଶ୍ର, ଜଗନ୍ନାଥ ମିଶ୍ର ଆଦିଙ୍କର ନାମ ଉଲ୍ଲେଖଯୋଗ୍ୟ । ସେ ସମୟରେ ସମ୍ବଲପୁର ସହରରେ କଂଗ୍ରେସର ଅପ୍ରତିଦ୍ୱନ୍ଦ୍ୱୀ ନେତା ଥିଲେ ଚନ୍ଦ୍ରଶେଖର ବେହେରା । ଜିଲ୍ଲା ସ୍କୁଲ ଛାଡ଼ି ଆସିଥିବା ଛାତ୍ରମାନଙ୍କୁ ନେଇ ଏକ ଜାତୀୟ ବିଦ୍ୟାଳୟ ସ୍ଥାପିତ ହେଲା ଫ୍ରେଜର କ୍ଲବ ଘରେ । ସେହି ସ୍କୁଲକୁ ହେଡ୍‌ମାଷ୍ଟର ରୂପେ ଆସିଲେ ପଣ୍ଡିତ ନୀଳକଣ୍ଠ ଦାସ । ସୂତାକଟା ଓ ଖଦଡ଼ କପଡ଼ାର ପ୍ରଚଳନ ଓ ପ୍ରସାର ହେଲା । ଏଥିପାଇଁ ଜାତୀୟ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ରୂପେ ଲୁଗା ବୁଣା ମଧ୍ୟ ଶିକ୍ଷା ଦିଆଗଲା । ଶ୍ରୀ ଗଣେଶ ପ୍ରସାଦ ପାଢ଼ୀ ଏହି ବିଷୟଟି ଶିକ୍ଷା ଦେଉଥିଲେ । ସମ୍ବଲପୁରରେ ଜାତୀୟ ବିଦ୍ୟାଳୟ ଚାଲିଥିବା ସମୟରେ ପଣ୍ଡିତ ଗୋପବନ୍ଧୁ ଦାସ ମଧ୍ୟ ଅନେକ ଥର ସମ୍ବଲପୁର ଆସିଥିଲେ । ସମ୍ବଲପୁର ବାଲି ବନ୍ଧା ଘାଟଠାରେ ସେକାଳରେ ଅନେକ ସଭା ସମିତି ହେଉଥିଲା । ଏହି ସଭାମାନଙ୍କରେ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ ଆଦିଙ୍କର ଓଜସ୍ୱିନୀ ବକ୍ତୃତାରେ ସ୍ୱାଧୀନତା ଆନ୍ଦୋଳନ ଖୁବ୍ ଚେତି ଉଠିଥିଲା ।

ମୁଁ ସେତେବେଳେ ପ୍ରାଥମିକ ବିଦ୍ୟାଳୟରେ ପଢୁଥାଏଁ । ମୋର ବାପା ଜଣେ ସ୍ୱଦେଶପ୍ରେମୀ ବ୍ୟକ୍ତି ଥିଲେ । ସେ ବିଦେଶୀ ଲୁଗା ଛାଡ଼ିବା ସଙ୍ଗେ ସଙ୍ଗେ ବିଡ଼ି ପିଇବା ପାଇଁ ଡ଼ିଆସିଲି ମଧ୍ୟ ବର୍ଜନ କରିଥିଲେ ଓ ପଥରରେ ଚକ୍‌ଚକି ବ୍ୟବହାର କରୁଥିଲେ । ମୁଁ ଦେଖିଛି ବାଲିବନ୍ଧାରେ ସଭା-ମାନଙ୍କରେ ବିଦେଶୀ ଲୁଗା ପୋଡ଼ା ଯାଉ ସଭାମାନ ଅନୁଷ୍ଠିତ ହୁଏ । ପ୍ରତି ରବିବାର ଦିନ ଦୁଇ ପହରେ ଜାତୀୟ ବିଦ୍ୟାଳୟର ଛାତ୍ରମାନେ ସହରର ବିଭିନ୍ନ ସଡ଼କରେ ବୁଲି ବୁଲି ସ୍ୱଦେଶୀ କପଡ଼ା ବିକ୍ରୀ କରନ୍ତି । ଆମ ଘରେ କେତେ ଛାତ୍ର ରହି ଜାତୀୟ ବିଦ୍ୟାଳୟରେ ପାଠ ପଢୁଥାନ୍ତି । କାନ୍ଧରେ ଦୁଇ ତିନି ଥାନ ସ୍ୱଦେଶୀ ଲୁଗା ଧରି ମୁଁ ମଧ୍ୟ ସେମାନଙ୍କ ସହିତ କପଡ଼ା ବିକ୍ରୀ କରିବାକୁ ବାହାରେ । ବାପା ସାଇକେଲ୍ ରିମ୍ ଲଗାଇ ଗୋଟିଏ ଚରଖା ମୋ ପାଇଁ ତିଆରି କରି ଦେଲେ । ମୁଁ ସେଇ ଚରଖାରେ ସୂତା କାଟେ । ମୋର ସେହି ସମୟର ସୂତା କଟାରେ ଖଣ୍ଡିଏ ଖଦଡ଼ ଶାଢ଼ୀ ତିଆରି କରାଇଥିଲି । ମୋର ସୂତା କଟା ଅଭ୍ୟାସ ପ୍ରାୟ ୧୯୪୫ ମସିହା ପର୍ଯ୍ୟନ୍ତ ଥିଲା ।

୧୯୨୧ ମସିହାରେ ସମ୍ବଲପୁରରେ ଜନତାକୁ ଜାଗ୍ରତ କରିବା ପାଇଁ "ସେବା" ନାମକ ଏକ ସାପ୍ତାହିକ ସମ୍ବାଦ ପତ୍ର ପ୍ରକାଶିତ ହେଲା । ଏଥିର ସଂପାଦକ ଥିଲେ ଚନ୍ଦ୍ରଶେଖର ବେହେରାଙ୍କର ଜାମାତା ଭଗୀରଥ ମିଶ୍ର । ଏହି ସମ୍ବାଦ ପତ୍ରଟି ସମ୍ବଲପୁର ଜିଲ୍ଲା ଓ ଆଖ ପାଖ ଗଡ଼ଜାତ ଅଞ୍ଚଳରେ ଅପୂର୍ବ ଚେତନା ସୃଷ୍ଟି କରିଥିଲା ।

୧୯୨୧ ମସିହା ଆନ୍ଦୋଳନ ସମୟରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ନିଜର ବାଗ୍ମିତା ପାଇଁ ଓ ଶ୍ରୀ ନୃସିଂହ ଗୁରୁ ନିଃସ୍ୱାର୍ଥ ସଙ୍ଗଠନ କାର୍ଯ୍ୟ ପାଇଁ ଖ୍ୟାତି ଅର୍ଜନ କଲେ । ଏ ଦୁଇ ଜଣ ସେତେବେଳେ ନବଯୁବକ ଥିଲେ ।

ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ସହର ଛଡ଼ା ମଫସଲ ଅଞ୍ଚଳରେ ମଧ୍ୟ ଅସହଯୋଗ ଆନ୍ଦୋଳନର ଗଭୀର ପ୍ରଭାବ ପଡ଼ିଥିଲା । ସଦର ସବ୍‌ଡିଭିଜନ୍‌ରେ ବରଗାଁ, ଡ଼ାଲପଟିଆ, ପଞ୍ଚପଡ଼ା, ଶାସନ ରଂପେଲା, ତୁର୍ନ୍ଧା ଆଦି ଗ୍ରାମ ଓ ବରଗଡ଼ ସବ୍‌ଡିଭିଜନ୍‌ରେ ପାଣିମୋରା, ବରପାଲି, ଭେଡ଼େନ୍ଦରିଆ, ତୁର୍କି ବନ୍ଧଲି, ସମଲେଇ ପଦର, ମାନପୁର ଆଦି ଗାଆଁମାନ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ କେନ୍ଦ୍ର ଥିଲା । ବିଭିନ୍ନ ଅଞ୍ଚଳର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ମାନପୁରର ଘନଶ୍ୟାମ ପାଣିଗ୍ରାହୀ କେତେବର୍ଷ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର ସଭାପତି ଥିଲେ । ନୃସିଂହ ଗୁରୁଙ୍କର ସାନ ଭାଇ ଦୁର୍ଗା ପ୍ରସାଦ ଗୁରୁ ମଧ୍ୟ ଜଣେ

ନିରବସ ନିଃସ୍ୱାର୍ଥ କର୍ମୀ ଥିଲେ । ବରପାଲିର ଭାଗୀରଥି ପଟ୍ଟନାୟକ, ପାଣିମୋରାର ଯଶୋବନ୍ତ ଭୋଇ, ଝାରସୁଗୁଡ଼ାର ବିହାରୀରାମ ଚନ୍ଦ୍ରୀ, ବରଗାଁର ଉପେନ୍ଦ୍ର ପାଣିଗ୍ରାହୀ ଆଦିଙ୍କର ନାମ ଉଲ୍ଲେଖଯୋଗ୍ୟ । ୧୯୨୧ ଅସହଯୋଗ ଆନ୍ଦୋଳନରେ ସମ୍ବଲପୁର ଜିଲ୍ଲାର ଅନେକ ଲୋକ ଜେଲ୍ ଯାଇଥିଲେ । ସେ ସମୟରେ କୌଣସି ସ୍ୱାଧୀନତା ସଂଗ୍ରାମୀ ଜେଲ୍‌ରୁ ଖଲାସ ହେଲା ପରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇ ଶୋଭାଯାତ୍ରାରେ ସମ୍ବଲପୁର ସହରର ପ୍ରଧାନ ସଡ଼କମାନଙ୍କରେ ନିଆ ଯାଉଥିଲା । ଏହା ଜନ ଚେତନାର ଏକ ପ୍ରଧାନ ଲକ୍ଷଣ ଥିଲା ।

ଓଡ଼ିଶା ତଥା ଭାରତବର୍ଷର ଅନ୍ୟ ଅଞ୍ଚଳ ତୁଳନାରେ ସମ୍ବଲପୁର ଜିଲ୍ଲାରେ ବିଦେଶୀ ବସ୍ତ୍ରର ପ୍ରଭାବ ଆଗରୁ ମଧ୍ୟ ନ ଥିଲା । ସମ୍ବଲପୁର ଜିଲ୍ଲାରେ ସ୍ତ୍ରୀ ଲୋକେ କେବେ ମିଲ୍ ଲୁଗା ବ୍ୟବହାର କରୁନଥିଲେ । ତେଣୁ ବୟନ ଶିଳ୍ପ ଅସହଯୋଗ ପୂର୍ବରୁ ମଧ୍ୟ ସମୃଦ୍ଧ ଥିଲା । ସୂତାକଟା ମଧ୍ୟ ଅଳ୍ପ ବହୁତ ଆଗରୁ ହେଉଥିଲା । ଅଘରିଆ, ଭୁଲିଆ, କଣ୍ଡିଆ, ଗଣ୍ଡା ଆଦି ଜାତିର ଲୋକେ ସ୍ଥାନୀୟ ବସ୍ତ୍ର ଶିଳ୍ପକୁ ବିଦେଶୀ ପ୍ରଭାବରୁ ମୁକ୍ତ କରି ରଖିଥିଲେ, ବିଦେଶୀ ଲୁଗାର ସ୍ୱଳ୍ପମୂଲ୍ୟତା, ସୁଲଭତା ଓ ମସୃଣତା ସତ୍ତ୍ୱେ । ବର୍ଣ୍ଣାଢ୍ୟ ସମ୍ବଲପୁରୀ ଶାଢ଼ୀ, କୁମ୍ଭପକା କଣ୍ଠକରା ସମ୍ବଲପୁରୀ ଗାମୁଛା, ଗଣ୍ଡା ଧୋତି, ଗଣ୍ଡା ପଛରା (ବିଛଣା ଚଦର) ଆଦି ଆଗରୁ ସମ୍ବଲପୁର ଜିଲ୍ଲାରେ ଓ ବାହାରେ ମଧ୍ୟ ଲୋକପ୍ରିୟ ଥିଲା । ଅସହଯୋଗ ଓ ସ୍ୱଦେଶୀ ଆନ୍ଦୋଳନ ସମ୍ବଲପୁର ଜିଲ୍ଲାରେ ସ୍ଥାନୀୟ ବସ୍ତ୍ର ଶିଳ୍ପକୁ ସଙ୍ଗଠିତ ଓ ସମୃଦ୍ଧ କରିବାରେ ସହାୟକ ହୋଇଥିଲା । ଏହି ସମୟରେ ଏହି ଶିଳ୍ପକୁ ସଙ୍ଗଠିତ ଓ ସମୃଦ୍ଧ କରିବାରେ ସ୍ୱର୍ଗତ କୃତାର୍ଥ ଆଚାର୍ଯ୍ୟଙ୍କର ଅବଦାନ ଅବିସ୍ମରଣୀୟ । ସେ ଏପରି ରଙ୍ଗ କରିବାର ପ୍ରଣାଳୀ ପ୍ରୟୋଗ କଲେ ଯାହାକି ଅନେକଥର ଧୋବା ଦ୍ୱାରା ସଫା ହେଲା ପରେ ମଧ୍ୟ ରଙ୍ଗ ଛାଡ଼ୁନଥିଲା । ଏହା ଫଳରେ ସେ ପ୍ରତିଯୋଗିତା କ୍ଷେତ୍ରରେ ସେ ସମୟରେ ବିଶେଷ କୃତିତ୍ୱ ଅର୍ଜନ କଲେ । ସେ ସହଯୋଗ (Co-operative) ଆନ୍ଦୋଳନର ମଧ୍ୟ ନେତା ଥିଲେ । ତାଙ୍କର ସଙ୍ଗଠନ ପ୍ରତିଭା ଯୋଗୁଁ ବରଗଡ଼ ହସ୍ତତନ୍ତ ବସ୍ତ୍ରର ଏକ ପ୍ରସିଦ୍ଧ କେନ୍ଦ୍ର ହୋଇ ପାରିଲା । ଏହି ସମୟରେ ହସ୍ତତନ୍ତ ଶିଳ୍ପରେ ଅନ୍ୟ ଯେଉଁମାନେ ପ୍ରସିଦ୍ଧ ହୋଇଥିଲେ ସେମାନଙ୍କ ମଧ୍ୟରେ ସ୍ୱର୍ଗତ ହରିଚରଣ ପାଢ଼ୀଙ୍କର ନାମ ଉଲ୍ଲେଖଯୋଗ୍ୟ । କୃତାର୍ଥ ଆଚାର୍ଯ୍ୟ ଓ ହରିଚରଣ ପାଢ଼ୀଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାଧୀନତା ସଂଗ୍ରାମୀ ଆଖ୍ୟା ଦିଆଯାଇପାରେ ।

ଆନ୍ଦୋଳନ ଛଡ଼ା ସଙ୍ଗଠନ କ୍ଷେତ୍ରରେ ସମ୍ବଲପୁର ଜିଲ୍ଲା ଅସହଯୋଗ ଆନ୍ଦୋଳନ ବନ୍ଦ ହେବାପରେ ମଧ୍ୟ କୃତିତ୍ୱ ଅର୍ଜନ କରିଥିଲା । ବାର୍ଷିକ କଂଗ୍ରେସ ସଭ୍ୟ ସଂଗ୍ରହ, ବିଭିନ୍ନ ଅଞ୍ଚଳରୁ ଜିଲ୍ଲା କଂଗ୍ରେସ୍ କମିଟି ଓ ପ୍ରାଦେଶିକ କଂଗ୍ରେସ କମିଟିର ନିର୍ବାଚନରେ ସେ ଯୁଗରେ ଯେପରି ଆନ୍ତରିକତା ଓ ପବିତ୍ରତା ଥିଲା, ଆଜିକାଲି ତାହା ବୋଧହୁଏ କେବଳ ସ୍ୱପ୍ନରେ ହିଁ ସମ୍ଭବ ହୋଇପାରେ । ସେ ଯୁଗରେ ଯେଉଁମାନେ କଂଗ୍ରେସ ସଭ୍ୟ ହେଉଥିଲେ, ସେମାନେ ପ୍ରାୟ ସମସ୍ତେ ଗୋଇନ୍ଦା ପୋଲିସ୍‌ର ବିଷଦୃଷ୍ଟିରେ ପଡୁଥିଲେ ।

ଅସହଯୋଗ ଆନ୍ଦୋଳନ ୧୯୨୩ ମସିହା ବେଳକୁ ସ୍ତିମିତ ହୋଇଥିଲା । ସମ୍ବଲପୁର ଜାତୀୟ ବିଦ୍ୟାଳୟ ଚଳି ପାରିଲାନାହିଁ । ସୋନପୁର ମହାରାଜାଙ୍କ ଦ୍ୱାରା ଆଗତ ଏକ ମାନହାନି ମୋକଦ୍ଦମା ଯୋଗୁଁ "ସେବା" ସମ୍ବାଦପତ୍ର ବନ୍ଦ ହେଲା । ତଥାପି ଜାତୀୟ ଚେତନା ଲୁପ୍ତ ହେଲା ନାହିଁ । ସମ୍ବଲପୁର ନିକଟବର୍ତ୍ତୀ ଗଡ଼ଜାତ ଅଞ୍ଚଳମାନଙ୍କ ପାଇଁ ଜାତୀୟ ଚେତନାର ଦୀପସ୍ତମ୍ଭ ରୂପେ କାର୍ଯ୍ୟ କରୁଥିଲା । ବାମଣ୍ଡା ରାଜ୍ୟରୁ ନିର୍ବାସିତ ହୋଇ ଶ୍ରୀ ଦୟାନନ୍ଦ ଶତପଥୀ ଆସି ସମ୍ବଲପୁରରେ ରହିଲେ । ସେ କଂଗ୍ରେସ ସଙ୍ଗଠନରେ ଆନ୍ତରିକତା ଓ କର୍ମଠତା ସହିତ କାର୍ଯ୍ୟ କଲେ । ସେହିପରି ସୋନପୁରରୁ ନିର୍ବାସିତ ହୋଇ ଆସି ଗୌରୀଶଙ୍କର ରାୟଗୁରୁ ଓ ବଲାଙ୍ଗୀର ପାଟନାରୁ ନିର୍ବାସିତ କୁଞ୍ଜବିହାରୀ ମେହେର ସମ୍ବଲପୁର ସହରକୁ ଆସି ଏଠାରେ ଜାତୀୟ ଚେତନାରେ ପ୍ରଭାବ ପକାଇଥିଲେ । ପରବର୍ତ୍ତୀ କାଳରେ ବଉଦରୁ ଶ୍ରୀ ପ୍ରହ୍ଲାଦ ବିଶି ଓ ଶ୍ରୀ ପ୍ରେମଶଙ୍କର ପଟ୍ଟନାୟକ ନିର୍ବାସିତ ହୋଇ ଆସି ସମ୍ବଲପୁରରେ ରହିଲେ । ଶ୍ରୀ ପ୍ରହ୍ଲାଦ ବିଶି ଅନେକ ବର୍ଷ ସମ୍ବଲପୁର ଟାଉନ ହାଇସ୍କୁଲରେ ଶିକ୍ଷକ କାର୍ଯ୍ୟ କଲେ । ଏବେ ଶ୍ରୀ ପ୍ରହ୍ଲାଦ ବିଶି ବଉଦ କଲେଜ ପରିଚାଳନା କମିଟିର ସେକ୍ରେଟେରୀ । ଓଡ଼ିଶା ବାହାରୁ ଯେଉଁମାନେ ବ୍ୟବସାୟ ପାଇଁ ବା ଅନ୍ୟ କାମ ପାଇଁ ସମ୍ବଲପୁରରେ ରହିଥିଲେ ଓ ପରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ, ସେମାନଙ୍କ ମଧ୍ୟରେ ସମ୍ବଲପୁରର ସ୍ୱର୍ଗତ ରାମରକ୍ଷା ଶୁକ୍ଳ, ସ୍ୱର୍ଗତ ରାଜନାରାୟଣ ତେଓ୍ୱାରୀ, ଝାରସୁଗୁଡ଼ାର ସ୍ୱର୍ଗତ ମହାବୀର୍ ସିଂହଙ୍କର ନାମ ଉଲ୍ଲେଖନୀୟ ।

୧୯୨୯ ମସିହା କଂଗ୍ରେସରେ ପୂର୍ଣ୍ଣ ସ୍ୱରାଜ୍ୟ ପ୍ରସ୍ତାବ ଗୃହୀତ ହେଲା ଓ ପ୍ରତିବର୍ଷ ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବାକୁ ସ୍ଥିର ହେଲା । ତାହା ପରେ ପ୍ରାୟ ପ୍ରତିବର୍ଷ ଜାନୁଆରୀ ୨୬ ତାରିଖ ଓ ଅପ୍ରେଲ୍ ୬ ତାରିଖ ଦିନ ସମ୍ବଲପୁର ସହର ବାଲିବନ୍ଧା ପାଖରେ ଥିବା ଟାଓ୍ୱାର ଉପରେ ସକାଳ ବେଳ ପତାକା ଉତ୍ତୋଳନ ଓ ଧ୍ୱଜାବନ୍ଦନା ହେଉଥିଲା । ସେ ସମୟରେ "ଜନଗଣମନ" ଜାତୀୟ ସଙ୍ଗୀତ ରୂପେ ଗୃହୀତ ହୋଇ ନଥାଏ । ତେଣୁ ଆମେ ସମସ୍ତେ "ବିଜୟୀ ବିଶ୍ୱ ତ୍ରିରଙ୍ଗା ପ୍ୟାରା, ଝଣ୍ଡା ଉଁଚୁ ରହେ ହମାରା" ଗୀତ ଗାଉଁ ।

୧୯୩୦ ମାର୍ଚ୍ଚ ୧୨ ତାରିଖ । ମହାତ୍ମା ଗାନ୍ଧୀ ସେ ଦିନ ପ୍ରସିଦ୍ଧ ଲୁଣମରା ଆନ୍ଦୋଳନ ପାଇଁ ଡାଣ୍ଡି ଯାତ୍ରା ଆରମ୍ଭ କଲେ । ସେହି ଦିନ ଆମେ ସମ୍ବଲପୁର ଜିଲ୍ଲା ସ୍କୁଲର ଉଚ୍ଚଶ୍ରେଣୀର ଛାତ୍ରମାନେ ମହାତ୍ମା ଗାନ୍ଧୀଙ୍କର ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ଶ୍ରେଣୀ ବର୍ଜନ କରିଥିଲୁ ।

୧୯୩୧ ମସିହାରେ ମୁଁ ମେଟ୍ରିକ୍ ପରୀକ୍ଷା ଦେଲି । ଖୁବ୍ ଭଲ ଲେଖିଥିଲି । ପରୀକ୍ଷା ପରେ ଦଳେ ପିଲାଙ୍କର ନେତୃତ୍ୱରେ ସମ୍ବଲପୁରର ମଦ ଦୋକାନ ଆଗରେ ପିକେଟିଂ କରିଥିଲି ।

ଏହି ବର୍ଷ ଆନ୍ଦୋଳନରେ ସମ୍ବଲପୁରର ବହୁ ସେବକ ଜେଲ୍ ବରଣ କରିଥିଲେ ।

୧୯୨୮ ମସିହାରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ପାଇଁ ସମ୍ବଲପୁର ସହରରେ ପଦାର୍ପଣ କଲେ । ସେ ସ୍ୱର୍ଗୀୟ ସ୍ୱର୍ଗତ ଚନ୍ଦ୍ରଶେଖର ବେହେରାଙ୍କ ଘରେ ଅତିଥି ହୋଇଥିଲେ ଓ ମହାନଦୀ ବାଲିରେ ବିରାଟ ଜନ ସମାବେଶରେ ଭାଷଣ ଦେଇଥିଲେ ।

୧୯୩୪ ମସିହାରେ ମହାତ୍ମା ଗାନ୍ଧୀ ହରିଜନ ଆନ୍ଦୋଳନ ଆରମ୍ଭ କଲେ । ସେହି ବର୍ଷ ସେ ସମ୍ବଲପୁରକୁ ଆସି ରୋଡ୍ ଷ୍ଟେସନ ପାଖରେ ଡ଼ାକ୍ତର ରାମଚନ୍ଦ୍ର ମିଶ୍ରଙ୍କ ଘରେ ରହିଥିଲେ । ସେ ସ୍ୱର୍ଗତ ଡ଼ାକ୍ତର ଆଇଜାକ୍ ସାନ୍ତାଙ୍କ ଦ୍ୱାରା ସ୍ଥାପିତ କୁଷ୍ଠ କ୍ଲିନିକ୍ ପରିଦର୍ଶନ କରିଥିଲେ । ସନାତନ ଧର୍ମୀମାନେ ସବୁଠାରେ ମହାତ୍ମାଗାନ୍ଧୀଙ୍କର ଅସ୍ପୃଶ୍ୟତା ନିବାରଣ ପ୍ରଚାରକୁ ବିରୋଧ କରୁଥିଲେ । ସମ୍ବଲପୁରଠାରେ ମଧ୍ୟ ଯେତେବେଳେ ମହାନଦୀ ବାଲିରେ ବିରାଟ ଜନ ସଭାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଗଲା ଓ ପରେ ସେ ହରିଜନ ଆନ୍ଦୋଳନ ବିଷୟରେ ଭାଷଣ ଦେଉଥିଲେ ସେତେବେଳେ ଜଣେ ସନାତନ ଧର୍ମୀ ମନ୍ଦିର ପୂଜାରି ଗଣ୍ଡଗୋଳ କରିବାକୁ ଚେଷ୍ଟା କରିଥିଲେ ।

କଂଗ୍ରେସ ସଙ୍ଗଠନ ଶକ୍ତିର ଏକ ପରୀକ୍ଷା ହେଲା ୧୯୩୭ରେ ଏସେମ୍ବ୍ଲିକୁ ସାଧାରଣ ନିର୍ବାଚନ ସମୟରେ । ସମ୍ବଲପୁର ସଦର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଦଳ ତରଫରୁ ସ୍ୱର୍ଗତ ବୋଧରାମ ଦୁବେ ଶ୍ରୀ ଗୌରୀଶଙ୍କର ମିଶ୍ରଙ୍କ ବିରୁଦ୍ଧରେ ଲଢ଼ି ଜୟଯୁକ୍ତ ହୋଇଥିଲେ । ଏଥିରେ ବିଶେଷ ଚମତ୍କାରିତା ନାହିଁ । ବରଗଡ଼ ନିର୍ବାଚନ ମଣ୍ଡଳୀରେ ଫକୀର ବେହେରା ନାମକ ଜଣେ ଅର୍ଦ୍ଧଶିକ୍ଷିତ ଅଖ୍ୟାତ କଂଗ୍ରେସ ବ୍ୟକ୍ତି ସ୍ୱର୍ଗତ ବ୍ରଜମୋହନ ପ୍ରଧାନ ଆଦି ଲବ୍ଧପ୍ରତିଷ୍ଠ ଓକିଲଙ୍କୁ ପରାଜିତ କଲେ । କିନ୍ତୁ ସବୁଠାରୁ ଅଧିକ ସ୍ମରଣୀୟ ବିଜୟ ହେଲା ପଦ୍ମପୁର ନିର୍ବାଚନ ମଣ୍ଡଳୀରେ । ସମ୍ବଲପୁର ସହରରୁ ଯାଇ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ବାଗ୍ମିତା ଓ ପ୍ରଭାବ ବଳରେ କଂଗ୍ରେସ ପ୍ରାର୍ଥୀ ଶ୍ରୀ ପ୍ରହ୍ଲାଦରାୟ ଲଠଙ୍କୁ ସ୍ଥାନୀୟ ପ୍ରାର୍ଥୀ ପ୍ରତିପତ୍ତିଶାଳୀ ଜମିଦାର ରାୟ ବାହାଦୁର ରାଜେନ୍ଦ୍ର ସିଂହ ବରିହାଙ୍କଠାରୁ ବହୁ ଭୋଟରେ ବିଜୟୀ କରାଇଥିଲେ । ସମ୍ବଲପୁର ଜିଲ୍ଲାରେ କଂଗ୍ରେସର ଭିତ୍ତି ସୁଦୃଢ଼ ଥିବାର ଏହି ଭୋଟରେ ପ୍ରମାଣିତ ହେଲା । ସେ ଯୁଗରେ କଂଗ୍ରେସ ପ୍ରାର୍ଥୀମାନେ ଅତି ଅଳ୍ପ ଖର୍ଚ୍ଚରେ ଭୋଟ ଜିଣୁଥିଲେ । ୧୯୩୭ ରେ ଓଡ଼ିଶାରେ ଶ୍ରୀ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ଗଠିତ ହେଲା ଓ ଏହି ମନ୍ତ୍ରୀ ମଣ୍ଡଳରେ ସମ୍ବଲପୁର ପ୍ରତିନିଧି ଓକିଲ ବୋଧରାମ ଦୁବେ ଶିକ୍ଷା ଓ ଅବକାରୀ ମନ୍ତ୍ରୀ ରୂପେ ସ୍ଥାନ ପାଇଲେ ।

୧୯୪୧ ମସିହାରେ ବୋଧରାମ ଦୁବେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗଦେଇ ନଅମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ଭୋଗିଥିଲେ । ଶ୍ରୀ ପ୍ରହ୍ଲାଦ ରାୟ ଲଠ, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ଶ୍ରୀ ନୃସିଂହ ଗୁରୁ ଆଦି ମଧ୍ୟ ଜେଲ୍ ବରଣ କରିଥିଲେ ।

୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ମଧ୍ୟ ସମ୍ବଲପୁର ଜିଲ୍ଲାରୁ ବହୁ କର୍ମୀ ଓ ନେତା ଜେଲ୍ ବରଣ କରିଥିଲେ । ପ୍ରମୁଖ ନେତାମାନଙ୍କ ଛଡ଼ା ଯୁବକ ଓକିଲ ଶ୍ରୀ ରାଜେନ୍ଦ୍ର ପଣ୍ଡା ଓ ସମ୍ବଲପୁରର ଶ୍ରୀ କାନ୍ତାନାଥ ପୁରୋହିତ ଏମାନଙ୍କ ମଧ୍ୟରେ ଅନ୍ୟତମ ।

୧୯୪୦ ମସିହାରେ ସମ୍ବଲପୁର ଜିଲ୍ଲାରେ କଂଗ୍ରେସ ସଙ୍ଗଠନର ଆଉ ଏକ ପରୀକ୍ଷା ହେଲା ଜିଲ୍ଲା ବୋର୍ଡ଼ ନିର୍ବାଚନ ସମୟରେ । ଜିଲ୍ଲା ବୋର୍ଡ ନିର୍ବାଚନରେ ଅଧିକାଂଶ ସ୍ଥାନ କଂଗ୍ରେସ ପ୍ରାର୍ଥୀମାନଙ୍କୁ ମିଳିଲା ଓ ଏଥିରେ ମୁଁ ମୁରା ଥାନାରୁ କଂଗ୍ରେସ ଦଳର ପ୍ରାର୍ଥୀ ରୂପେ ନିର୍ବାଚିତ ହୋଇଥିଲି । କଂଗ୍ରେସ ଦଳ ହାତରେ ଜିଲ୍ଲାବୋର୍ଡ଼ର କର୍ତ୍ତୃତ୍ୱ ରହିଲା ।

ସ୍ୱାଧୀନତା ପୂର୍ବରୁ ୧୯୪୬ ମସିହାରେ ଓଡ଼ିଶା ଆସେମ୍ବ୍ଲି ପାଇଁ ପୁଣି ସାଧାରଣ ନିର୍ବାଚନ ହେଲା, ସେଥିରେ ମଧ୍ୟ ସମ୍ବଲପୁର ଜିଲ୍ଲାର କଂଗ୍ରେସ ସଙ୍ଗଠନର ଦୃଢ଼ତା ପ୍ରମାଣିତ ହେଲା । ସମ୍ବଲପୁର ସଦର ନିର୍ବାଚନ ମଣ୍ଡଳୀରୁ ବୋଧରାମ ଦୁବେ ଓ ମୋହନ ସିଂହ (ଆଦିବାସୀ) ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ । ବରଗଡ଼ ଅଞ୍ଚଳରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଓ ବିଞ୍ଝି ବିଜାର ଓ ପଦ୍ମପୁର ଅଞ୍ଚଳରୁ ରଣଜିତ୍ ସିଂହ ବରିହା ଅତି ଅଧିକ ଭୋଟ ପାଇ ନିର୍ବାଚିତ ହେଲେ ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହେଲା । ସ୍ୱାଧୀନତା ସଂଗ୍ରାମ ଏହି ୩୨ ବର୍ଷରେ ଏକ ଇତିହାସର ଅଧ୍ୟାୟ ହୋଇଗଲାଣି । ଯେଉଁମାନେ ଏ ଦେଶକୁ ସ୍ୱାଧୀନ କରିବାର ସ୍ୱପ୍ନ ଦେଖି ଜୀବନ ଉତ୍ସର୍ଗ କରିଥିଲେ, କାୟିକ ନିର୍ଯ୍ୟାତନା ଓ ଆର୍ଥିକ ପୀଡ଼ନ ଭୋଗିଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ତ୍ୟାଗର ସ୍ୱୀକୃତି ପ୍ରତ୍ୟାଶା କରି ନଥିଲେ । ଦେଶ ମାତୃକା ପାଇଁ ସେମାନଙ୍କର ଆତ୍ମବଳି, ପରିବାରର ମାୟାତ୍ୟାଗ, ସାଧନା ଆଦି ଆମେ ଧୀରେ ଧୀରେ ଭୁଲି ଯାଉଛୁଁ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଇହ ଜଗତରେ ନାହାନ୍ତି । ଯେଉଁମାନେ ଜୀବିତ ଅଛନ୍ତି, ସେମାନେ ନୂଆ ଜୀବନ ସଂଗ୍ରାମରେ କ୍ଲାନ୍ତ ଓ ବିସ୍ମୃତ । ଆଜି ଏହି ପୁଣ୍ୟ ଦିବସରେ ସେମାନଙ୍କ ମଧ୍ୟରୁ ଅନେକ ସଂଗ୍ରାମୀଙ୍କର ସଙ୍ଗ ଓ ସାନ୍ନିଧ୍ୟ ଆମର ସ୍ମୃତିର ପାଥେୟ । ସମ୍ବଲପୁରର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଭାଗୀରଥି ପଟ୍ଟନାୟକଙ୍କର ବୟସ ଏବେ ନବେ ବର୍ଷ ଟପିଲାଣି । ତାଙ୍କ ପରି ଭକ୍ତ ଜାତୀୟତାବାଦୀ ବ୍ୟକ୍ତି ସମ୍ବଲପୁର କାହିଁକି ଓଡ଼ିଶାରେ ମଧ୍ୟ ବିରଳ । ଜାତୀୟତାର ଅଗ୍ନି ପରୀକ୍ଷାରେ ପରୀକ୍ଷିତ ବହୁ ବ୍ୟକ୍ତି ଏବେ ମଧ୍ୟ ଆମର ସୌଭାଗ୍ୟରୁ ଜୀବିତ ଅଛନ୍ତି । ସେମାନଙ୍କର ବ୍ୟକ୍ତିତ୍ୱ ଏବେ ମଧ୍ୟ ବନ୍ଦନୀୟ, ବରଣୀୟ । ସର୍ବଶ୍ରୀ ନୃସିଂହ ଗୁରୁ, ଦୟାନନ୍ଦ ଶତପଥୀ, ରାଜେନ୍ଦ୍ର ପଣ୍ଡା, ଯଶୋବନ୍ତ ଭୋଇ, ଉପେନ୍ଦ୍ର ପାଣିଗ୍ରାହୀ, ମିତ୍ରଭାନୁ ପାଣିଗ୍ରାହୀ ଆଦି ବହୁ ବନ୍ଧୁଙ୍କର ବନ୍ଧୁତ୍ୱ ଓ ବ୍ୟକ୍ତିତ୍ୱ ସ୍ମରଣ କଲେ ବାସ୍ତବିକ ବିଶ୍ୱାସ ହୁଏ ଯେ ସମ୍ବଲପୁର ହୀରକ ପ୍ରସୂ ଭୂମି ଥିଲା ଓ ଏବେ ମଧ୍ୟ ରହିଛି ।

# କ୍ଷୁଦ୍ରଶିଳ୍ପର ଅର୍ଥନୈତିକ ସମସ୍ୟା

ଡକ୍ଟର ବୈଦ୍ୟନାଥ ମିଶ୍ର

ସରକାର କ୍ଷୁଦ୍ର ଓ କୁଟୀର ଶିଳ୍ପର ପ୍ରସାର କରି ଗ୍ରାମ୍ୟ ଜୀବନର ଉନ୍ନତି କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏକ ସମୟରେ ଅର୍ଥ ଶାସ୍ତ୍ରୀମାନେ ମତ ପ୍ରକାଶ କରୁଥିଲେ ଯେ ବୃହତ ଶିଳ୍ପର ପ୍ରସାର ନ ହେଲେ ଭାରତର ଆର୍ଥିକ ସ୍ଥିତି ଦୃଢ଼ ହୋଇ ପାରିବ ନାହିଁ । ସେଥିପାଇଁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ବୃହତ ଓ ଓଜନଦାର ଶିଳ୍ପ ଉପରେ ଜୋର ଦିଆଗଲା । କିନ୍ତୁ ଗତ କୋଡ଼ିଏ ବର୍ଷର ଅଭିଜ୍ଞତାରୁ ଦେଖାଗଲା ଯେ ବୃହତ ଓ ଓଜନଦାର ଶିଳ୍ପ ପ୍ରତିଷ୍ଠିତ ହୋଇ ମଧ୍ୟ ଭାରତର ଅର୍ଥନୈତିକ ସ୍ୱଚ୍ଛଳତାରେ ଉନ୍ନତି ହୋଇ ପାରିନାହିଁ । ଦାରିଦ୍ର୍ୟ ଓ ବେକାରୀ ଘଟେ ବଢ଼ିଲା, କମିନାହିଁ । ବିଶେଷ କରି ଯୋଜନା ଓ ଅର୍ଥନୈତିକ ପ୍ରଗତି ଯୋଗୁଁ ଗ୍ରାମବାସୀମାନଙ୍କର ବେଶୀ କିଛି ଉନ୍ନତି ହୋଇ ପାରିନାହିଁ । ଭାରତରେ ଶତକଡ଼ା ୮୦ ଭାଗ ଲୋକ ଗାଁ ଗହଳରେ ବାସ କରନ୍ତି । ସେମାନେ ଯଦି ଅନୁନ୍ନତ ହୋଇ ରହିବେ, ତାହାହେଲେ ଭାରତର ଆର୍ଥିକ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ପାରିବ ନାହିଁ । ସେଥିପାଇଁ ରାଜନୀତିଜ୍ଞ ଓ ଅର୍ଥନୀତିଜ୍ଞମାନେ ଏବେ ଏକାସ୍ୱରରେ କହୁଛନ୍ତି ଯେ ଗାଁ ଗହଳର ଉନ୍ନତି ପାଇଁ କ୍ଷୁଦ୍ର ଓ କୁଟୀର ଶିଳ୍ପ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ।

ଏହାର ଅର୍ଥ ନୁହେଁ ଯେ ଆମେ ବୃହତ ବା ଓଜନଦାର ଶିଳ୍ପରେ କୌଣସି ଅର୍ଥ ବିନିଯୋଗ କରିବା ନାହିଁ । ଅର୍ଥନୈତିକ ପରିବର୍ତ୍ତନ ପାଇଁ ଉଭୟର ଆବଶ୍ୟକତା ଅଛି । କିନ୍ତୁ ଉଭୟେ ଉଭୟର ସୀମା ଭିତରେ କାର୍ଯ୍ୟ କରିବା ଉଚିତ । ମଟରକାର, ରେଲଇଞ୍ଜିନ, ଟ୍ରାକଟର, ବୁଲଡୋଜର ପ୍ରଭୃତି ଦ୍ରବ୍ୟ ବୃହତ ଶିଳ୍ପଦ୍ୱାରା ଉତ୍ପାଦିତ ହେବା ଉଚିତ, କାରଣ ଏହା ଫଳରେ ଅନେକ ବହିରାଗତ ଓ ଆଭ୍ୟନ୍ତରୀଣ ସୁଯୋଗ ମିଳି ପାରିବ । କିନ୍ତୁ ସାବୁନ, କଲମ, କାଳି, ତେଲ ଇତ୍ୟାଦି କ୍ଷୁଦ୍ର ବା କୁଟୀର ଶିଳ୍ପ ଦ୍ୱାରା ଉତ୍ପାଦିତ ହେଲେ ବେଶୀ କିଛି କ୍ଷତି ହେବ ନାହିଁ । ବରଂ ଏହା ଫଳରେ ଏକକ ଦ୍ରବ୍ୟ ଉତ୍ପାଦନ ପାଇଁ କମ ପୁଞ୍ଜି ଲାଗିବ, ଅଧିକ କର୍ମସଂସ୍ଥାନ ସୃଷ୍ଟି ହେବ ଓ ବିଶେଷକରି ଗ୍ରାମ୍ୟ-ଜୀବନର ଏକ ବ୍ୟାପକ ପରିବର୍ତ୍ତନ ସମ୍ଭବ ହୋଇ ପାରିବ । ତେଣୁ ଉଭୟର ସଂରକ୍ଷଣରେ ଭାରତର ଶିଳ୍ପନୀତି ନିର୍ଦ୍ଧାରିତ ହେବା ଉଚିତ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ବୃହତ ଶିଳ୍ପକୁ ଗୁରୁତ୍ୱ ଦିଆଯାଇ ମଧ୍ୟ କ୍ଷୁଦ୍ର ଓ କୁଟୀର ଶିଳ୍ପର ଆବଶ୍ୟକତା ଅନୁଭବ କରା ଯାଇଥିଲା । ଗତ ୩୦ ବର୍ଷ ଭିତରେ ଅନେକ କ୍ଷୁଦ୍ର ଶିଳ୍ପ ମଧ୍ୟ ପ୍ରତିଷ୍ଠା କରାଯାଇଛି । କାରଖାନା ଆଇନ ଅନୁସାରେ ଭାରତରେ ଏବେ ଯେତେ କାରଖାନା ଅଛି, ତାହା ଭିତରୁ ଚାରିଭାଗରୁ ୩ ଭାଗ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନ ବୋଲି ହିସାବ କରାଯାଇଛି, ଏଥିରେ ଏକ ତୃତୀୟାଂଶ ଶିଳ୍ପଶ୍ରମିକ କାମ କରୁଛନ୍ତି ଏବଂ ଶିଳ୍ପରୁ ଯେତେ ଦ୍ରବ୍ୟ ଉତ୍ପାଦିତ ହେଉଛି, ତାର ଏକ ଚତୁର୍ଥାଂଶ ଏହି ଶିଳ୍ପରୁ ଉତ୍ପାଦିତ ହେଉଛି ।

ତେବେ ସରକାର ନୂତନ ଶିଳ୍ପନୀତିରେ କ୍ଷୁଦ୍ର ଶିଳ୍ପ ଉପରେ ଯେଉଁ ଗୁରୁତ୍ୱ ଦେଉଛନ୍ତି, ତାର ବିଶେଷତ୍ୱ କଣ ? ଏହାର ବିଶେଷତ୍ୱ ହେଉଛି ଯେ ସରକାର ବୃହତ ଓ କ୍ଷୁଦ୍ର ଶିଳ୍ପର ସୀମା ନିର୍ଦ୍ଧାରଣ କରିଛନ୍ତି । ଉଦାହରଣ ସ୍ୱରୂପ ସରକାର କହିଛନ୍ତି ଯେ ଯେଉଁ ସହରରେ ୧୦ ଲକ୍ଷରୁ ଅଧିକ ଲୋକବସତି ଅଛି, ସେଠାରେ ଅନ୍ୟ କୌଣସି ଶିଳ୍ପ ଅନୁଷ୍ଠାନ ପ୍ରତିଷ୍ଠିତ ହେବ ନାହିଁ । ସେହିପରି କେତେଗୁଡ଼ିଏ ଖାଉଟି ଦ୍ରବ୍ୟ ବୃହତ ଶିଳ୍ପ ଉତ୍ପାଦନ କରି ପାରିବେ ନାହିଁ । ଏହା କ୍ଷୁଦ୍ର ଓ କୁଟୀର ଶିଳ୍ପ ପାଇଁ ଆବଦ୍ଧ ହୋଇ ରହିବ । ଏହା ବ୍ୟତୀତ ଜୋତା ଓ ସାବୁନ ପ୍ରଭୃତି କେତେଗୁଡ଼ିଏ ଖାଉଟି ଦ୍ରବ୍ୟ ଯାହା ଏବେ ବୃହତ ଶିଳ୍ପ ଦ୍ୱାରା ଉତ୍ପାଦିତ ହେଉଛି, ସେସବୁକୁ ଆସ୍ତେ ଆସ୍ତେ ବୃହତ ଶିଳ୍ପରୁ ବାହାର କରି କ୍ଷୁଦ୍ର ଓ କୁଟୀର ଶିଳ୍ପ ଉପରେ ନ୍ୟସ୍ତ କରିବାକୁ ପଡ଼ିବ । ଏହି ସବୁ ପ୍ରସ୍ତାବ ଯେ ଭଲ ଏଥିରେ କୌଣସି ସଂନ୍ଦେହ ନାହିଁ । କିନ୍ତୁ ଅତୀତ ଅଭିଜ୍ଞତାରୁ ଆମକୁ ଯେଉଁ ଶିକ୍ଷା ମିଳିଛି, ସେ ବିଷୟରେ ଅର୍ଥଶାସ୍ତ୍ରୀମାନେ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନାହାନ୍ତି ।

ପ୍ରଥମ ହେଉଛି ପୁଞ୍ଜି । କ୍ଷୁଦ୍ର ଓ କୁଟୀର ଶିଳ୍ପରେ ଏକକ ଉତ୍ପାଦନ ପିଛା ପୁଞ୍ଜି ସିନା କମ, କିନ୍ତୁ ସାରା ଭାରତର ଗାଁ ଗହଳରେ କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା କରି କର୍ମସଂସ୍ଥାନ ସୃଷ୍ଟି କରିବାକୁ ହେଲେ ଅନେକ ପୁଞ୍ଜି ଲାଗିବ । ସରକାରୀ ଯୋଜନାର ଅଗ୍ରାଧିକାର ନୀତି ଅନୁସାରେ ମୋଟ ଉନ୍ନୟନ ଖର୍ଚ୍ଚର ଶତକଡ଼ା ୪୦ ଭାଗ କେବଳ


କୃଷିରେ ବିନିଯୋଗ କରାଯିବ । ବୃହତ ଶିଳ୍ପ, ରାସ୍ତାଘାଟ, ଶିକ୍ଷା ଓ ଜନସେବା, ଅନ୍ୟ କୌଣସିଥିରୁ ପୁଞ୍ଜି ଜମାଇବା ସହଜ ନୁହେଁ । ଅର୍ଥଶାସ୍ତ୍ରୀମାନେ କହିବେ ଯେ କୃଷିରୁ ଅଧିକ ସମ୍ବଳ ସଂଗ୍ରହ କରି କ୍ଷୁଦ୍ର ଓ କୁଟୀର ଶିଳ୍ପରେ ବିନିଯୋଗ କରାଯିବା ଉଚିତ, କାରଣ କୃଷି କର ଯଥେଷ୍ଟ ନୁହେଁ, ବିଶେଷ କରି ସବୁଜ ବିପ୍ଳବ ପରେ କୃଷିର ଉତ୍ପାଦିକା ଶକ୍ତି ଯେପରି ବୃଦ୍ଧି ହୋଇଛି, ସେଥିରେ କୃଷିରୁ ଅଧିକ କର ଆଦାୟ କରିବାର ଯଥେଷ୍ଟ କାରଣ ଅଛି । ଏହା ବ୍ୟତୀତ ସରକାର କୃଷିର ଉନ୍ନତି ପାଇଁ ଯେଉଁସବୁ ଆନୁଷଙ୍ଗିକ ଖର୍ଚ୍ଚ କରୁଛନ୍ତି, ସେ ବାବଦରେ ମଧ୍ୟ ଚାଷୀଠାରୁ ବେଶୀ-କିଛି ପାଉ ନାହାନ୍ତି । ଏପରିକି ଜଳସେଚନ ବ୍ୟବସ୍ଥାର ଅନୁରକ୍ଷଣ ବ୍ୟୟ ମଧ୍ୟ ଜଳସେଚନ କରରୁ ଆଦାୟ କରାଯାଇ ପାରୁ ନାହିଁ । ଭାରତରେ ଯେପରି ଭାବରେ କ୍ଷମତାର ପ୍ରକାର ଭେଦ ରହିଛି, ସେଥିରେ କୃଷିରୁ ଅଧିକ ସମ୍ବଳ ଆଦାୟ କରିବା ବୋଧହୁଏ ସହଜ ନୁହେଁ । ସେହି ଦୃଷ୍ଟିରୁ କ୍ଷୁଦ୍ର ଓ କୁଟୀର ଶିଳ୍ପ ପାଇଁ ସମ୍ବଳ ସଂଗ୍ରହ କରିବା ଏକ ପ୍ରଧାନ ଦାୟିତ୍ୱ ।

ଦ୍ୱିତୀୟ ସମସ୍ୟା ହେଉଛି ପରିଚାଳନାଗତ ସମସ୍ୟା । ଏହା ସବୁଠାରୁ କଷ୍ଟ । ଏ ପର୍ଯ୍ୟନ୍ତ ଯେଉଁସବୁ କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇଛି, ପରିଚାଳନାଗତ ଦୋଷରୁ ସେଗୁଡ଼ିକ ଯଥେଷ୍ଟ ଉନ୍ନତି କରି ପାରି ନାହାନ୍ତି । ଯଦି ସରକାରୀ କର୍ମଚାରୀମାନଙ୍କ ଦ୍ୱାରା ଏଗୁଡ଼ିକ ପରିଚାଳିତ ହେବ, ତାହେଲେ ସେଥିରେ ପ୍ରେରଣା ରହିବ ନାହିଁ । ଯଦି ପଞ୍ଚାୟତ ବା ସମବାୟ ଅନୁଷ୍ଠାନଦ୍ୱାରା ଏଗୁଡ଼ିକ ପରିଚାଳିତ ହେବ, ତାହାହେଲେ ରାଜନୀତିକ ଚାପରୁ କ୍ଷୁଦ୍ର ବା କୁଟୀର ଶିଳ୍ପ ମୁକ୍ତ ହୋଇ ପାରିବ ନାହିଁ । ଆମ ଦେଶରେ ଯେତେ ସ୍ୱେଚ୍ଛାକୃତ ଅନୁଷ୍ଠାନ ଅଛି, ସେଗୁଡ଼ିକ ରାଜନୀତିକ ଦୋଷରେ ଦୂଷିତ ହୋଇ କଳଙ୍କିତ ହୋଇ ପଡ଼ିଛନ୍ତି । ଏହା ବ୍ୟତୀତ ହୁଏତ ବ୍ୟକ୍ତିଗତ ଉଦ୍ୟମରେ କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇପାରେ । କୌଣସି ଏକ ବ୍ୟକ୍ତି ସିନା ଏକ ଇସ୍ପାତ କାରଖାନା ପ୍ରତିଷ୍ଠା କରି ପାରିବେ ନାହିଁ କିନ୍ତୁ ଏକ ସାବୁନ ବା ଜୋତା କାରଖାନା ପ୍ରତିଷ୍ଠା କରିବାରେ ଅସୁବିଧା ଭୋଗ କରିବେ ନାହିଁ । କିନ୍ତୁ ଏଥିରେ ବି ଅସୁବିଧା ଅଛି । ଯଦି ବ୍ୟକ୍ତିଗତ ଉଦ୍ୟମରେ କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା କରାଯିବ, ଗାଁ ଗଣ୍ଡାରେ ଯେଉଁମାନେ ଏବେ ଧନୀ ଅଛନ୍ତି, ସେହିମାନେ ଏହି ସୁବିଧା ନେବେ, ଅର୍ଥନୈତିକ ବା କ୍ଷମତା ଭିତ୍ତି ବଦଳିବ ନାହିଁ, ହୁଏତ କେତେକ ଦରିଦ୍ର ଲୋକ ମଜୁରିଆ ହିସାବରେ ଅଧିକ କିଛି ରୋଜଗାର କରି ପାରିବେ । ତେଣୁ କେଉଁ ଢଙ୍ଗରେ ଏହିସବୁ କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା କରାଯିବ ତାହା ଗଭୀର ଭାବରେ ଚିନ୍ତାକରି ନିଷ୍ପତ୍ତି ନେବାକୁ ପଡ଼ିବ । ହୁଏତ ପ୍ରତ୍ୟେକ ଗ୍ରାମକୁ ଭିତ୍ତି କରି ଏହି କାର୍ଯ୍ୟ ଆରମ୍ଭ କରାଯାଇ ପାରେ, ନଚେତ୍ ସଂଗଠନଗତ ଦୋଷରୁ ଏଗୁଡ଼ିକ ମରି ଯିବେ ।

ତୃତୀୟ ସମସ୍ୟା ହେଉଛି ଯନ୍ତ୍ରପାତି ସମସ୍ୟା । ଯଦି ଏହି କ୍ଷୁଦ୍ର ଓ କୁଟୀର ଶିଳ୍ପରେ ଆଧୁନିକ ଧରଣର ଯନ୍ତ୍ରପାତି ବ୍ୟବହାର କରାଯିବ, ତାହାହେଲେ ଏହି ଟେକ୍‌ନୋଲୋଜିର ସୁବିଧା କୃଷିକୁ ପ୍ରସାର ଲାଭ କରିବ । କୃଷିଜାତ ଦ୍ରବ୍ୟକୁ ଭିତ୍ତି କରି କ୍ଷୁଦ୍ର ଓ କୁଟୀର ଶିଳ୍ପ ପ୍ରତିଷ୍ଠା କରିବା ଉଚିତ ବୋଲି ଅର୍ଥଶାସ୍ତ୍ରୀମାନେ ମତ ଦେବେ । ଏଥିରେ ଉଭୟର ଲାଭ ହେବ । କୃଷିଜାତ ଦ୍ରବ୍ୟର ଚାହିଦା ବୃଦ୍ଧି ହେବ ଏବଂ କ୍ଷୁଦ୍ର ଓ କୁଟୀର ଶିଳ୍ପର ଟେକ୍‌ନୋଲୋଜି କୃଷିକୁ ପ୍ରସାର ଲାଭ କରି କୃଷିର ଉତ୍ପାଦିକା ଶକ୍ତି ବୃଦ୍ଧି ପାଇବ । କିନ୍ତୁ ଏହି ଯନ୍ତ୍ରପାତି ପ୍ରୟୋଗ ପାଇଁ ଯେଉଁ କାରିଗରୀ ଶିକ୍ଷା ଦରକାର, ତାହା ଏ ପର୍ଯ୍ୟନ୍ତ ଗାଁ ଗହଳରେ ପ୍ରବେଶ କରିନାହିଁ । ପୂର୍ବରୁ ଗାଁ ଗହଳର ଅର୍ଥନୀତି ବଳଦଗାଡ଼ି ଉପରେ ନିର୍ଭର କରି ଚାଲୁଥିଲା । ଦ୍ୱିତୀୟ ମହାଯୁଦ୍ଧ ପରଠାରୁ ଗାଁ ଗହଳର ଯେଉଁ ଉନ୍ନତି ହୋଇଛି, ତାହା ଫଳରେ ବଳଦଗାଡ଼ି ଅର୍ଥନୀତି ସାଇକେଲ ଅର୍ଥନୀତିରେ ପରିଣତ ହୋଇଛି । କାରଣ ଅନେକ ଗାଁରେ ଏବେ ସାଇକେଲ ମରାମତି ଦୋକାନ ପ୍ରତିଷ୍ଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ଆଧୁନିକ ଧରଣର ଯନ୍ତ୍ରପାତି ପ୍ରଚଳନ କରିବା ଏକ ଦୁରୂହ ବ୍ୟାପାର । ଯଦି ଏହି ଯନ୍ତ୍ରପାତି ପରିଚାଳନା କରିବା ପାଇଁ କେତେକଙ୍କୁ ଟ୍ରେନିଂ ନ ଦିଆଯିବ ଓ ଏହି ଯନ୍ତ୍ରପାତି ମରାମତି କରିବା ପାଇଁ ଗାଁ ଗଣ୍ଡାରେ ଦୋକାନ ବଜାର ନ ଖୋଲିବ, ତାହାହେଲେ ଆଧୁନିକ ଯନ୍ତ୍ରପାତି ଅଚଳ ହୋଇ ପଡ଼ିରହିବ । ଏବେ ସହରରେ ଯେଉଁମାନେ ଶିକ୍ଷା ପାଉଛନ୍ତି, ସେମାନେ ଗାଁକୁ ଯିବାକୁ ଚାହୁଁ ନାହାନ୍ତି । ତେଣୁ ଗାଁ ଗହଳରେ ଶିକ୍ଷା କ୍ଷେତ୍ରରେ ଏକ ବ୍ୟାପକ ପରିବର୍ତ୍ତନ ଆଣି ଧନ୍ଦାମୂଳକ ଶିକ୍ଷାର ପ୍ରସାର କରିବାକୁ ପଡ଼ିବ । ସେ ଦିଗରେ ଏ ପର୍ଯ୍ୟନ୍ତ ଯଥେଷ୍ଟ ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ ।

ଆମ କହିବାର ଉଦ୍ଦେଶ୍ୟ ହେଉଛି ଯେ ଶିଳ୍ପ କ୍ଷେତ୍ରରେ ଗ୍ରାମ୍ୟ ଓ କୁଟୀର ଶିଳ୍ପ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଖାଲି ପ୍ରସ୍ତାବ ପାଶ୍ କରିଦେଲେ କି ସେ ବାବଦରେ ଅଧିକ ଅର୍ଥ ବିନିଯୋଗ କରିଦେଲେ, ଗ୍ରାମ୍ୟ ବା କୁଟୀର ଶିଳ୍ପର ପ୍ରସାର ହୋଇ ପାରିବ ନାହିଁ । ଆମକୁ କେତେକ ଦୀର୍ଘସୂତ୍ରୀ ପନ୍ଥା ଗ୍ରହଣ କରିବାକୁ ପଡ଼ିବ । ଉପରେ ଆମେ କେତେକ ସମସ୍ୟା ଉତ୍ଥାପନ କରିଛୁ । ଏହା ବ୍ୟତୀତ ଆହୁରି ଅନେକ ସମସ୍ୟା ଅଛି । ସେ ବିଷୟରେ ବିସ୍ତୃତ ଯୋଜନା ଓ କାର୍ଯ୍ୟକ୍ରମ ଦରକାର ।

୧୬-ସହୀଦନଗର
ଭୁବନେଶ୍ୱର-୭



# ଈଶ୍ୱର ଅଦ୍ୱିତୀୟ

# ସାଂସ୍କୃତିକ ଦେବତା ଜଗନ୍ନାଥ

ଡକ୍‌ଟର ବେଣୀମାଧବ ପାଢ଼ୀ

ସଂସ୍କୃତି' ଏକ ବ୍ୟାପକ ଶବ୍ଦ । କିଏ କେତେ ପ୍ରକାରେ ଏହାର ବ୍ୟାଖ୍ୟା କରନ୍ତି ତା'ର ଇୟତ୍ତା ନାହିଁ । କେହି ଏହାକୁ ପରଂପରା କହିଲା ବେଳେ ଅନ୍ୟ କେହି ଜୀବନ ଧାରଣ ପ୍ରଣାଳୀ କହନ୍ତି । କେତେଜଣ ଦୈନନ୍ଦିନ ଜୀବନ-ଯାତ୍ରାକୁ ସଂସ୍କୃତି ନାମରେ ଅଭିହିତ କରନ୍ତି । କିଏ ଏହାକୁ ସଭ୍ୟତାର ନାମାନ୍ତର ବୋଲି କହନ୍ତି । କିନ୍ତୁ ଯେ ଯାହା କହନ୍ତୁ ପଛେ 'ସଂସ୍କୃତି' ଯେ ଜାତିର ପ୍ରାଣ ଏଥିରେ ସନ୍ଦେହ ନାହିଁ । ଏଣୁ 'ପ୍ରାଣ'ର ଯେପରି ବିଶ୍ଳେଷଣ ସମ୍ଭବ ନୁହେଁ ସେହିପରି 'ସଂସ୍କୃତି'ର ମଧ୍ୟ । ପ୍ରାଣବିନା ଶରୀର ମୂଲ୍ୟହୀନ ହେଲାପରି ସଂସ୍କୃତିହୀନ ଜାତିର ଅସ୍ତିତ୍ୱ ନ ଥାଏ । ସେଥିପାଇଁ ଚିନ୍ତାଜୀବୀମାନେ ସଂସ୍କୃତି ଉପରେ ଏତେ ଗୁରୁତ୍ୱ ଆରୋପ କରନ୍ତି ।

ପ୍ରକୃତ ଦୃଷ୍ଟିରେ ଦେଖିବାକୁ ଗଲେ ସଂସ୍କୃତି ହେଉଛି ମଣିଷ ଜାତିର ମେରୁଦଣ୍ଡ । ଯାହାର ସଂସ୍କୃତି ଯେତେ ଉନ୍ନତ ସେ ଜାତି ସେତିକି ଉନ୍ନତ ବୋଲି ବିଶ୍ୱରେ ପରିଚିତ । ପ୍ରାଚୀନ ରୋମ, ଆଙ୍ଗ୍ଲୋସେକ୍‌ସନ୍, ଆର୍ଯ୍ୟ, ଦ୍ରାବିଡ଼, ଶାବର ଯାହାର ଇତିହାସ ଆଲୋଚନା କଲେବି ସେହି ସତ୍ୟ ଉପଲବ୍ଧି ହୁଏ । ଉପରୋକ୍ତ ବିଭିନ୍ନ ଜାତିର ସଂସ୍କୃତି ଭିନ୍ନ ଭିନ୍ନ ରୂପରେ ପ୍ରତୀତ ହେଲେ ସୁଦ୍ଧା ମାନବୀୟ ଦୃଷ୍ଟି-କୋଣରୁ ବିଚାର କଲେ ଏ ସମସ୍ତଙ୍କ ମଧ୍ୟରେ ଏକ ମେଳ ରହିଛି—ଯୋଗସୂତ୍ର ରହିଛି । ସେହି ଯୋଗସୂତ୍ର ଟିକକୁ ମାନବୀୟ 'ସଂସ୍କୃତି' ନାମରେ ନାମିତ କରାଯାଇପାରେ । କାରଣ ଏହା ସାର୍ବକାଳିକ, ସାର୍ବଜନିକ ଓ ସାର୍ବସ୍ଥଳିକ । ଏହାକୁ ଛାଡ଼ି କୌଣସି ଜାତି ତିଷ୍ଠି ପାରିନି । ଯେତେଦିନ ଯାଏ ମାନବଜାତି ପୃଥିବୀରେ ବଞ୍ଚିରହିଥିବ ସେତେଦିନ ଯାଏ ଏହା ଅପରିବର୍ତ୍ତିତ ଭାବେ ଅନୁଭୂତ ହୋଇ ଆସୁଥିବ । ସେହି ଚିରନ୍ତନ ମେଳକ ବା ଯୋଗସୂତ୍ର ସମ୍ବନ୍ଧରେ କିଞ୍ଚିତ୍ ଆଲୋକପାତ କରିବା ଓ ବିଶାଳ ପୃଥିବୀର ପଞ୍ଚକୋଶି କ୍ଷେତ୍ରର ଏକ ଅନୁଚ୍ଚ ପର୍ବତ ଉପରେ ଅଧିଷ୍ଠିତ ଜଗନ୍ନାଥ ଉପାସନା ମଧ୍ୟରେ ତାହାର ସଙ୍କେତ ପ୍ରଦର୍ଶନ କରିବା ପ୍ରବନ୍ଧର ଉଦ୍ଦେଶ୍ୟ ।

ମାନବ ମାତ୍ରେ ଈଶ୍ୱର ବିଶ୍ୱାସୀ । ଅବଶ୍ୟ କାରଣ ଥାଇ କିମ୍ବା ବିନା କାରଣରେ ତା' ମଧ୍ୟରୁ କେତେକ ଈଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର କରନ୍ତିନି । ତଥାପି ଅଧିକାଂଶ ଯେ ଈଶ୍ୱର ବିଶ୍ୱାସୀ ଏକଥା ଅସ୍ୱୀକାର କରି ହୁଏନାହିଁ । ଯେଉଁମାନେ ନାସ୍ତିବାଦୀ ତାଙ୍କ କଥା ଏଠାରେ କୁହାଯାଉନି । କିନ୍ତୁ ଯେଉଁମାନଙ୍କ ଜୀବନଯାତ୍ରା ସହିତ ଈଶ୍ୱର ବିଶ୍ୱାସ ଅଙ୍ଗାଙ୍ଗୀ-ଭାବେ ଜଡ଼ିତ ତାଙ୍କରି କଥା ବିଚାର କରାଯାଉଛି । ସେମାନଙ୍କୁ ସଂକ୍ଷେପରେ 'ଅସ୍ତିବାଦୀ' ବୋଲି କୁହାଯାଇ-ପାରେ ।

ଅସ୍ତିବାଦୀମାନେ ଈଶ୍ୱରଙ୍କୁ ନାନା ରୂପରେ ନାନା ପ୍ରକାରେ ଉପାସନା କରନ୍ତି । ତାଙ୍କର ଅନୁଗ୍ରହ ବାଞ୍ଛା କରନ୍ତି । ଉପାସ୍ୟ ବା ଦେବତାରୂପେ ଗ୍ରହଣ କରି ତାଙ୍କୁ ବିଭିନ୍ନ ମାର୍ଗରେ ସନ୍ତୁଷ୍ଟ କରିବାର ଉଦ୍ୟମ କରନ୍ତି । ଅବଶ୍ୟ ସେ ସନ୍ତୁଷ୍ଟ ହୁଅନ୍ତି କି ନାହିଁ ଉପାସକର ଇଷ୍ଟସିଦ୍ଧି କରନ୍ତି କି ନାହିଁ ସେକଥା ଅଲଗା । ମାତ୍ର ଉପାସକ ତାଙ୍କର ସେବା କରିବାରୁ ନିବୃତ୍ତ ହୁଏନାହିଁ । ଏହି ଦୃଷ୍ଟିରୁ ବିଚାର କଲେ ଆମେ ପୃଥିବୀରେ ତିନିପ୍ରକାର ଦେବତାଙ୍କ ଉପାସନା ଦେଖିବାକୁ ପାଉଁ—(୧) ଆଧ୍ୟାତ୍ମିକ ଦେବତା (୨) ଆବତାରିକ ଦେବତା (୩) ସାଂସ୍କୃତିକ ଦେବତା । ଏଥି ମଧ୍ୟରୁ ପ୍ରଥମ ଶ୍ରେଣୀ ଦେବତାଙ୍କ ଉପାସନାର ଧାରା ବହୁ ସ୍ଥାନରେ ପ୍ରଚଳିତ । ପାଶ୍ଚାତ୍ୟ ଜଗତର ସୁପ୍ରିମ୍ ଗଡ୍ ( Supreme God ), ପ୍ରାଚ୍ୟ ଭୂଖଣ୍ଡର ସର୍ବମୟ କର୍ତ୍ତାରୂପେ ବିଷ୍ଣୁ, ଶକ୍ତି, ଶିବ, ଲକ୍ଷ୍ମୀ ପ୍ରଭୃତି, ଶବର-ମାନଙ୍କ କିତୁଙ୍ଗ୍, ମୁସଲମାନଙ୍କ ଆଲ୍ଲା ଏହି ଶ୍ରେଣୀ ଅନ୍ତର୍ଭୁକ୍ତ । ଏହାଙ୍କ ସ୍ଥିତି ପାର୍ଥିବ ଜଗତରେ ନୁହେଁ ଏହାର ଊର୍ଦ୍ଧ୍ୱରେ । ତାକୁ ସ୍ୱର୍ଗ, ବୈକୁଣ୍ଠ, ହେଭେନ, ଜନତ୍, କୈଳାସ, ଗୋଲକ ପ୍ରଭୃତି ଯେ କୌଣସି ନାମରେ ନାମିତ କରାଯାଇପାରେ । ତାଙ୍କ ସମ୍ବନ୍ଧରେ ବିଭିନ୍ନ କୋଡ୍ ବା ଶାସ୍ତ୍ର ରଚିତ ହୋଇଥାଏ । ତାଙ୍କୁ ସୃଷ୍ଟିର ଆଦିସ୍ରଷ୍ଟାଭାବେ ନିର୍ବିବାଦରେ ସ୍ୱୀକାର କରାଯାଇଥାଏ । ଦ୍ୱିତୀୟ ଶ୍ରେଣୀର ଦେବତା ହେଉଛନ୍ତି ଆବତାରିକ । ଏ

ପ୍ରଥମଶ୍ରେଣୀର ଦେବତା ପରି Supreme God ବା ସର୍ବଶକ୍ତିମାନ୍ ନୁହନ୍ତି । ତାଙ୍କରି ଅଂଶ କଳା ଧରି ବା ତାଙ୍କରି ଆବେଗରେ ଜନ୍ମଗ୍ରହଣ କରିଥାନ୍ତି ପୃଥିବୀରେ— ମାଟି ଉପରେ । କୌଣସି ପିତାଙ୍କ ଔରସରେ ବା ମାତାଙ୍କ ଗର୍ଭରୁ ଭୂମିଷ୍ଠ ହୁଅନ୍ତି । ଭୂମିଷ୍ଠ ହେବାପରେ କିମ୍ବା ତା' ପୂର୍ବରୁ ମଧ୍ୟ ତାଙ୍କର ଅଲୌକିକ ଶକ୍ତିର ସେ ପରିଚୟ ଦିଅନ୍ତି । ସେ ମାନବ ଜାତିର କଲ୍ୟାଣ ସାଧନ କରିବା ପାଇଁ ଆତ୍ମୋତ୍ସର୍ଗ କରିଥାନ୍ତି । ରାମ, କୃଷ୍ଣ, ଯୀଶୁ, ମୂଷା, ମହମ୍ମଦ ପ୍ରଭୃତି ଏହି ଶ୍ରେଣୀର । କିନ୍ତୁ ତୃତୀୟ ଶ୍ରେଣୀର ଦେବତା ପୃଥିବୀରେ ଅତି ବିରଳ । ଏ ହେଉଛନ୍ତି ସାଂସ୍କୃତିକ ଦେବତା । ଏହାଙ୍କଠାରେ ସମଗ୍ର ବିଶ୍ୱର ପ୍ରଚଳିତ ବିଭିନ୍ନ ଧର୍ମର ମୂଳପିଣ୍ଡ ମାନବୀୟ ସଂସ୍କୃତିର ଚିରନ୍ତନ ଆଦର୍ଶ ନିଖୁଣଭାବେ ପ୍ରତିପାଳିତ ହୋଇଥାଏ । ଏହାଙ୍କ ଉପାସନା ପଦ୍ଧତିରେ ସାଂସ୍କୃତିକ ବିଚାରଧାରା ଓତଃପ୍ରୋତଭାବେ ଏପରି ଜଡ଼ିତ ଥାଏ ଯାହା ଦେଖିଲେ ଉପାସ୍ୟ ଦେବତା କି ମଣିଷ ହଠାତ୍ ଜାଣିହୁଏ ନାହିଁ । ମାନବୀୟ ଜୀବନଚିନ୍ତା ସହିତ ଉପାସ୍ୟ ଦେବତାଙ୍କ ଅଲୌକିକ ଶକ୍ତିମତ୍ତାର ପ୍ରତ୍ୟକ୍ଷ କାର୍ଯ୍ୟକଳାପ ଏପରି ନିବିଡ଼ ଭାବେ ଜଡ଼ିତ ଥାଏ ଯାହା ଅନ୍ୟ ଦୁଇଶ୍ରେଣୀର ଦେବତାଙ୍କ ଠାରୁ ଏହାଙ୍କ ଅଦ୍ୱିତୀୟତା ପ୍ରମାଣିତ କରେ । ଏହିପରି ଦେବତା କେବଳ ଜଗନ୍ନାଥଙ୍କୁ ବାଦ୍ ଦେଲେ ଅନ୍ୟତ୍ର ଉପାସିତ ହେବା ଦେଖାଯାଏ ନାହିଁ । ବୋଧହୁଏ ବିଶ୍ୱଜଗତରେ ଏକା ଜଗନ୍ନାଥ ହିଁ ସାଂସ୍କୃତିକ ଦେବତା ରୂପେ ପରିଗଣିତ ।

ସଂପ୍ରତି ଜଗନ୍ନାଥ ଉପାସନାରେ ମାନବୀୟ ସଂସ୍କୃତିର କି ପ୍ରକାର ପରିପ୍ରକାଶ ଘଟି ଆସିଛି ତାହା ବିଚାର କରାଯାଉ । ଏହା ସର୍ବବାଦୀସମ୍ମତ ଯେ ସଂସ୍କୃତି ମାତ୍ରେ କେତେକ ସାର୍ବଜନୀନ ନୀତିକୁ ଆଶ୍ରୟ କରି ରହିଥାଏ । ବାହ୍ୟ ଆବରଣ ବା ଉପର ଚାକଚକ୍ୟ ଛାଡ଼ି ସଂସ୍କୃତିର ଅନ୍ତଃସାର ସ୍ୱରୂପ ଯେଉଁ ଗୁଣାବଳୀ ସର୍ବତ୍ର ଅନୁସ୍ୟୂତ ହୋଇଥାଏ ତନ୍ମଧ୍ୟରୁ ପ୍ରଧାନ ଗୁଣଗୁଡ଼ିକ ହେଲା ସାମ୍ୟ, ମୈତ୍ରୀ, ସ୍ୱାଧୀନତା, ଭ୍ରାତୃଭାବ, ଦୀନ ଦୟାଳୁତା, ସ୍ୱାର୍ଥ ତ୍ୟାଗ, କୃତଜ୍ଞତା । ଏଗୁଡ଼ିକ ପୃଥିବୀର ସବୁଧର୍ମ, ସବୁ ସଭ୍ୟତା, ସବୁ ସଂସ୍କୃତିର ମୂଳସାର । ଏହାକୁ ଛାଡ଼ି କୌଣସି ସଂସ୍କୃତି କେବେହେଲେ ଉପରକୁ ଉଠି ପାରିନାହିଁ । କାରଣ ଏଗୁଡ଼ିକ ବିଭିନ୍ନ ସଂସ୍କୃତିର ମେଳକ ବା ଯୋଗସୂତ୍ର । ସାମଗ୍ରିକଭାବେ ସବୁକଥା ଜଗନ୍ନାଥଙ୍କ ଉପାସନା ପଦ୍ଧତିରେ ପୁଞ୍ଜିଭୂତ ହୋଇ ରହିଆସିଛି ଏହା ହିଁ ଦେଖିବାର କଥା ।

ପ୍ରଥମେ ଦେଖିବା ସାମ୍ୟଭାବ । ଆଜିର ଏହି ସ୍ୱାର୍ଥାନ୍ୱେଷୀ ଦୁନିଆ ରେ ଯେଉଁଠି କଳା—ଗୋରା, ଛୁଆଁ—ଅଛୁଆଁ, ଧନୀ—ଦରିଦ୍ର, କମ୍ୟୁନିଷ୍ଟ—ଅଣ କମ୍ୟୁନିଷ୍ଟ, ସାମନ୍ତବାଦୀ—ସମାଜବାଦୀ ପ୍ରଭୃତି ପରସ୍ପର ନାମ ସ୍ମରଣ ମାତ୍ରେ ପ୍ରାଣାନ୍ତକ ବୈରୀଭାବେ ରକ୍ତତଣ୍ଟ ହୋଇ ଉଠୁଛନ୍ତି ସେତିକି ବେଳେ କେରଳର ଆନ୍ନାସ୍ୱାମୀ କାଶ୍ମୀରର ଉଦାମ ସିଂ ସହିତ ଏକା କୁଡୁଆରେ ବସି ହସଖୁସିରେ ଅବଢ଼ା—ଅନ୍ନ ଖାଉବା କଣ ସାମାନ୍ୟ କଥା । ବାହାରେ ସମସ୍ତେ ଥିଲେ । ବ୍ରାହ୍ମଣ—ଶୂଦ୍ର, ବୈଶ୍ୟ—କ୍ଷତ୍ରିୟ କେହି କାହାରି ପରେ ଖାଉବେନାହିଁ । ଅଥଚ ବଡ଼ ଦେଉଳ ଭିତରେ କେହି ବଡ଼ ନୁହେଁ—କେହି ସାନ ନୁହେଁ । ସମସ୍ତଙ୍କର ସମାନ ଅଧିକାର ଏଠି । ଏହାଠୁ ବଳି ଅଧିକ ସାମ୍ୟଭାବ କେଉଁଠି ଦେଖିବା ।

ଆଉ ମୈତ୍ରୀ ! ଜାଆଁ ତାଙ୍କର ମୈତ୍ରୀ ଦେବତା । ଜଗନ୍ନାଥଙ୍କର ଉପାସନାରେ ଯେପରି ଜୈନର କୈବଲ୍ୟ, ଶୈବର ନିର୍ମାଲ୍ୟ, ବ୍ରାହ୍ମଣର ମନ୍ତ୍ରପାଠ, ଶବରର ସମର୍ପଣ, ଖାସର କ୍ରିଡ଼ାବଳି ପ୍ରଭୃତି ଓତଃପ୍ରୋତ ଭାବେ ଜଡ଼ିତ । ସେହିପରି ଜଗନ୍ନାଥେ ସର୍ବଜାତିବରଚିତ, ସର୍ବବ୍ରହ୍ମମୟ, ଗଜଉଦ୍ଧାରଣ, ଦକ୍ଷିଣକାଳିକା, ମହାଭୈରବ, ଗୋପୀନାଥ କୃଷ୍ଣ, ସୀତାପତି ରାମ ପ୍ରଭୃତି ନାମରେ ଭିନ୍ନ ଭିନ୍ନ ସମୟରେ ଆଖ୍ୟାୟିତ । ସବୁଧର୍ମ, ସବୁ ସଂପ୍ରଦାୟ ସବୁ ମତବାଦକୁ ମିତ୍ରରୂପେ ଗ୍ରହଣ କରି ନିଜର ସ୍ୱାତନ୍ତ୍ର୍ୟ ନରଖି ଏ ସମସ୍ତଙ୍କୁ ଆତ୍ମସାତ କରିଛି କାହାରି ବିରୋଧ ନକରି । ଯେଉଁ ବୈଷ୍ଣବମାନେ କହୁଥିଲେ—'ହସ୍ତିନା ତାଡ୍ୟମାନୋଽପି ନ ଗଚ୍ଛେତ୍ ଶିବମନ୍ଦିରମ୍' ସେହି ବୈଷ୍ଣବ ଓ ଶୈବ ଏକାଠି ହାତଯୋଡ଼ି ଜଗନ୍ନାଥଙ୍କୁ ପ୍ରଣିପାତ୍ୟହେବା କ'ଣ ସାଧାରଣ କଥା ।

ଅନ୍ୟଟି ହେଉଛି ସ୍ୱାଧୀନତା । ଦେଖିବାକୁଗଲେ ଜଗନ୍ନାଥ ମନ୍ଦିରରେ ଥିବା ଉପାସକର ସ୍ୱାଧୀନତା ଅନ୍ୟତ୍ର ଦୁର୍ଲଭ । ଏଠାରେ ଯେ କୌଣସି ଲୋକ ଯେକୌଣସି ପୋଷାକରେ, ଯେ କୌଣସି ସମୟରେ ମନ୍ଦିରକୁ ଆସି ଉପାସନା କରିବାରେ ବାରଣ ନାହିଁ । କେଉଁଠି ସ୍ନାନ କରିସାରି, କେଉଁଠି ଏକା ଶାଢ଼ିଆ ହୋଇ, କେଉଁଠି ତ୍ରିକଚ୍ଛ ପିନ୍ଧି, କେଉଁଠି ତ୍ରିପୁଣ୍ଡ୍ର ମାରି ଦେବତାଙ୍କୁ ଦର୍ଶନ କରିବାର ବିଧି ରହିଛି । କିନ୍ତୁ ଏଠାରେ ସେପରି କିଛି ବିଧି ନାହିଁ । ସମସ୍ତେ ସ୍ୱାଧୀନ । ସମସ୍ତଙ୍କ ସ୍ୱାଧୀନତା ରହିଛି । ମନଇଚ୍ଛାବଲ ଦେବତାଙ୍କୁ ଦେଖିବ, ପୂଜାରି କରିବ, ପ୍ରସାଦ ପାଇବ । ଏହାଠୁ ବଳି ଅଧିକ ସ୍ୱାଧୀନତାର ଦୃଷ୍ଟାନ୍ତ କେଉଁଠିବା ମିଳିବ ।

ଭ୍ରାତୃଭାବ । ନର—ନାରୀ ମିଶି ମଣିଷ ସମାଜ । ନର ସହିତ ନାରୀର ବିଭିନ୍ନ ପ୍ରକାର ସମ୍ବନ୍ଧ ରହିଛି । ନର ଦୃଷ୍ଟିରେ ନାରୀ କେତେବେଳେ ମା, କେତେବେଳେ ଭଉଣୀ, କେତେବେଳେ ଝିଅ କେତେବେଳେ ବା ସ୍ତ୍ରୀ ହେଉଥିବେଳେ ନର ମଧ୍ୟ ବାପା, ଭାଇ, ପୁଅ ପ୍ରଭୃତି ଭାବେ ସମ୍ବନ୍ଧାନ୍ୱିତ । କିନ୍ତୁ ସମସ୍ତ ସମ୍ବନ୍ଧ ମଧ୍ୟରେ ନର ସହିତ ନାରୀ ଭଉଣୀ ରୂପେ ଓ ନର ଭାଇ ରୂପେ ସମ୍ବନ୍ଧ ସ୍ଥାପନ କରିପାରିଲେ ସମାଜରେ ସୁସ୍ଥବାତାବରଣ ସୃଷ୍ଟି ହେବ ଏବଂ ପାରସ୍ପରିକ ହିଂସା, ଦ୍ୱେଷ, ଭେଦ, ଚରିତ୍ରହୀନତା ପ୍ରଭୃତି ଷଡ଼ରିପୁ ପ୍ରକୋପର ମାତ୍ରା ବହୁପରିମାଣରେ ଲୁପ୍ତ ହେବ । ଏହାହିଁ 'ଭ୍ରାତୃଭାବ' ଶବ୍ଦର ଚରମ ଲକ୍ଷ୍ୟ । ସେହି ଲକ୍ଷ୍ୟ ପୂରଣ କରିଛି ଜଗନ୍ନାଥଙ୍କ ମୂର୍ତ୍ତି ପ୍ରତିଷ୍ଠା । ଜଗନ୍ନାଥ—ସୁଭଦ୍ରା—ବଳଭଦ୍ର ତିନିହେଁ ଭାଇ—ଭଉଣୀ, ସୀତା—ରାମ, ରାଧା—କୃଷ୍ଣ, ହର—ଗୌରୀ, ଲକ୍ଷ୍ମୀ—ନାରାୟଣ ପରି ଏଠାରେ ଦାମ୍ପତ୍ୟ ସମ୍ବନ୍ଧର ଗନ୍ଧନାହିଁ । ଏଠାରେ ଦେଖାଇ

ଦିଆହୋଇଛି– ମାନବ ସମାଜରେ ଭାଇ–ଭଉଣୀ ସମ୍ପର୍କ ହେଉଛି ସର୍ବୋତ୍ତମ । ତାହାରି ଦ୍ୱାରା ସମାଜ ପବିତ୍ର ଓ ଶୃଙ୍ଖଳିତ ହୋଇଉଠେ । ଏଇତ ମାନବ ସଂସ୍କୃତିର ପରାକାଷ୍ଠା !

ସମାଜରେ ସମସ୍ତ ପ୍ରାଣୀ ସମଶକ୍ତି ସଂପନ୍ନ ନୁହନ୍ତି । କିଏ ତୁଳୀତଳ୍ପ ଭୋଗକଲା ବେଳେ କିଏ ଗଛତଳେ ଆଶ୍ରୟ ନେଇଥାଏ । କିନ୍ତୁ କେହି କାହାକୁ ଉପେକ୍ଷା କରିବା ଉଚିତ ନୁହେ । ଅର୍ଥାତ୍ ମଣିଷ ଅସମର୍ଥର ସହାୟ ହେବା ଉଚିତ । ଏହି କଥା ଜଗନ୍ନାଥ ଧାରଣାରେ ଅତି ଗୁରୁତ୍ୱପୂର୍ଣ୍ଣ ଭାବେ ବର୍ଣ୍ଣିତ ହୋଇଆସିଛି । ବନ୍ଧୁମହାନ୍ତିଠାରୁ ଆରମ୍ଭ କରି ରଘୁ ଅରକ୍ଷିତ ପର୍ଯ୍ୟନ୍ତ ସମସ୍ତେ ଜଗନ୍ନାଥଙ୍କ ଅନୁଗ୍ରହ ପାଇଆସିଛନ୍ତି । ତିନି ଭୁବନର ରାଜା–ଛତିଶ ନିଯୋଗ, ଛପନ ଭୋଗର ଅଧିକାରୀ ଜଗନ୍ନାଥ । ବନ୍ଧୁହୀନ ବନ୍ଧୁମହାନ୍ତିଙ୍କି ବନ୍ଧୁରୂପେ ଗ୍ରହଣ କରି ଗଜପତି ରାଜାଙ୍କୁ ରାତିରେ ସ୍ୱପ୍ନାଦେଶ କରିବା କଣ କମ୍ ବିଚିତ୍ର କଥା ! କଥାରେ ସତ୍ୟତା ଯେତିକି ଥାଉ ପଛେ ଜଗନ୍ନାଥ ମହିମାରେ ତାର ଉଲ୍ଲେଖ 'ଦୀନଦୟାଳୁ' ପଣିଆର ଯେ ପ୍ରକୃଷ୍ଟ ଦୃଷ୍ଟାନ୍ତ ଏଥିରେ ସନ୍ଦେହ କରିବାର କଣ ଅଛି ! ଏଥିରେ ସୂଚେଇ ଦିଆଯାଇଛି–ବଡ଼ ତୁମେ ଯଦି, 'ଦୀନର' ସହାୟକ ହୁଅ । ତାକୁ ତାଚ୍ଛଲ୍ୟ କରନାହିଁ । ଏୟାତ ସବୁ ସଂସ୍କୃତିର ମୂଳାଧାର–ମାନବୀୟ ସଂସ୍କୃତି । ଏହାରି ଆଦର୍ଶହିଁ ଦେଖୁ ରଘୁ ଅରକ୍ଷିତ ଗାଥା ମଧ୍ୟରେ ।

ମଣିଷମାତ୍ରେ ଅହଂକାରୀ । ଅହଂକାର ତାର ଏକ ବିଶେଷ ଗୁଣ । ଛୋଟ ହେଉ ବା ବଡ଼ ହେଉ, ମନରେ ଅହଂକାର ରହିବା ସ୍ୱାଭାବିକ । ପୁଣି ସେ ଯଦି କୌଣସି ଅତିରିକ୍ତ ପଦ–ପଦବୀର ଅଧିକାରୀ ତେବେ ଅହଂକାରର ମାତ୍ରା ଆହୁରି ବଢ଼ିଯାଏ । ତେଣୁ ସଂସ୍କାରବନ୍ତ ଲୋକେ କହନ୍ତି–ଅହଂକାର ବର୍ଜନ କରି ନମ୍ର ହୁଅ । ସମସ୍ତଙ୍କୁ ସମାନ ଦେଖ । ସମସ୍ତଙ୍କ ମଧ୍ୟରେ ଆପଣାକୁ ସାମିଲ କର । ଏହା ସଂସ୍କୃତିର ଏକ ମୁଖ୍ୟ ଲକ୍ଷଣ । ତିନି ଜଗତର ନାଥ ଜଗନ୍ନାଥ । ବଡ଼ଦେଉଳ–ବଡ଼ପଣ୍ଡା–ବଡ଼ଦାଣ୍ଡ, ବଡ଼ପୁଆର, ବଡ଼ସିଙ୍ଗାର, ସବୁ ବଡ଼ ତାଙ୍କର । ବର୍ଷକ ଯାକର କ୍ଳାନ୍ତି ଅପନୋଦନ ପାଇଁ ଆଷାଢ଼ ମାସ ହେଲେ ଉଠି ଆସନ୍ତି ବଡ଼ ଦାଣ୍ଡ ଉପରକୁ । ସ୍ୱଜନ ବତ୍ସଳ–ସ୍ୱଜନଙ୍କ ଗହଣରେ ଥରେ ବୁଲିଆସିବେ ଆପଣାର ଜନ୍ମସ୍ଥଳୀ–ଗୁଣ୍ଡିଚା ଘର ଆଡ଼େ । କେତେ ଆଡ଼ମ୍ବର–କେତେ ଧୁମଧାମ୍ ସୁସଜ୍ଜିତ ନନ୍ଦିଘୋଷ ଉପରେ ବସି ଯାଆନ୍ତି ହର୍ଷୋଲ୍ଲାସରେ, ସିଧା ବାଟରେ । କିନ୍ତୁ ବାଟରେ ମାଉସୀମା–ବୁଢ଼ୀ । ବୁଢ଼ିଆ ବାନ୍ଧି ରହିଛନ୍ତି । ତାଙ୍କୁ ବା ଉପେକ୍ଷା କରିବେ କିପରି ? ଛୋଟ ହୁଅନ୍ତୁ ପଛେ ମାଉସୀମା ସେ । ରଥ ଅଟକି ଯାଏ । ମାଉସୀମାଙ୍କ ସଙ୍ଗେ ଭେଟ ହୁଏ । ମାଉସୀଙ୍କ ହାତରୁ ଅତି ଶ୍ରଦ୍ଧାରେ ପୋଡ଼ପିଠା ଖଣ୍ଡିଏ ମଣୋହି କରି ପୁଣି ଗଡ଼ନ୍ତି ଗନ୍ତବ୍ୟ ପଥରେ । ଏଠାରେ ଦେବତାର ଅହଂକାର ନାହିଁ, ଆତ୍ମ ବଡ଼ିମା ନାହିଁ ଛୋଟ ବଡ଼ ଭାବନା ନାହିଁ । ଏହାହିଁ ନିରହଂକାରିତା–ଯାହାସବୁ ସଂସ୍କୃତିରେ ଆଦର୍ଶ ରୂପେ ଗୃହୀତ ତାହାରି ନିଖୁଣ ପ୍ରମାଣ ଦେଖୁଁ ଜଗନ୍ନାଥଙ୍କ ଉପାସନା ପଦ୍ଧତିରେ ।

ରିଡ଼ର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଭଞ୍ଜ ବିହାର, ବ୍ରହ୍ମପୁର

ମଣିଷ ଯେତେ ମହାନ୍ ହେଉ ପଛେ ଉପକାରୀର ଉପକାର ଭୁଲିବା ଉଚିତ୍ ନୁହେଁ । ଅର୍ଥାତ୍ କୃତଜ୍ଞତା, ସେ ହେଉଛି ମାନବିକ ଗୁଣ । ଏହାର ଆଦର୍ଶ ବି ରହିଛି ଜଗନ୍ନାଥଙ୍କ ପ୍ରତିଷ୍ଠାରେ । ଇନ୍ଦ୍ରଦ୍ୟୁମ୍ନ ବିରାଟ ମନ୍ଦିର ତୋଳିଲେ ଠାକୁର ବିଜେ କରିବା ପାଇଁ । ଯେନକେନ ପ୍ରକାରେଣ ବହୁ ପରିଶ୍ରମ ବହୁ ଆୟାସପରେ ମନ୍ଦିରରେ ଠାକୁରେ ପ୍ରତିଷ୍ଠିତ ହେଲେ, ଉପାସ୍ୟ ସେ, ସର୍ବଶକ୍ତିମାନ୍ ଜଗଦୀଶ୍ୱର–ଜଗନ୍ନାଥ । ଦେଖିଲେ–ଶେଷ ପର୍ଯ୍ୟନ୍ତ ଇନ୍ଦ୍ରଦ୍ୟୁମ୍ନ ଦେବତାଙ୍କ ପ୍ରତିଷ୍ଠାରେ ଆତ୍ମନିୟୋଗ କରିଛି । ପ୍ରତି ବଦଳରେ କିଛି ଚାହୁଁ ନାହିଁ । ମଣିଷ ସେ–ନିଶ୍ଚୟ ମନରେ ଆକାଂକ୍ଷା ଥିବ । କର୍ତ୍ତବ୍ୟ ଦୃଷ୍ଟିରେ ଠାକୁରେ ପଚାରିଲେ–କିହୋ ଇନ୍ଦ୍ରଦ୍ୟୁମ୍ନ, ଦେଉଳ ତୋଳିଲ, ଦେବତା ପ୍ରତିଷ୍ଠା କଲ, କାହିଁ କିଛିତ ବର ମାଗିଲ ନାହିଁ ? ଯାହା ଚାହିଁବ ତାହା ଦେବି–ଇନ୍ଦ୍ର, ବ୍ରହ୍ମା, ବରୁଣ, କୁବେର କଣ ହେବାକୁ ଇଚ୍ଛା ତୁମର । ମାଗ–ଯାହା ମାଗିବ ଦେବି । ଏହାଶୁଣି ଇନ୍ଦ୍ରଦ୍ୟୁମ୍ନ କଣ ମାଗିଲେ ଜାଣନ୍ତି–ସେ କହିଲେ 'ପ୍ରଭୁ' ମୋ ବଂଶରେ କେହି ନ ରହୁ । ଠାକୁରେ ଚମକି ପଡ଼ିଲେ–ପଚାରିଲେ, ଏ କି ପ୍ରକାର ବର ! ସମସ୍ତେ ଧନ ଜନ–ଗୋପ–ଲକ୍ଷ୍ମୀ ଚାହିଁଲାବେଳେ ତୁମେ କହୁଛ କଣନା–ତୁମେ ନିର୍ବଂଶ ହେବ । କାରଣ କଣ ? ଉତ୍ତର ହେଲା–ବଂଶରେ ଯଦି କିଏ ରହିବେ ସେ କହିବ–ଏ ମୋ ବାପ ଗୋସାପଙ୍କ ଦେଉଳ । ଏତେବଡ଼ କାର୍ଯ୍ୟଟି ଏଇ ଗୋଟିଏ ମୋ' ପଦରେ ସରିବ । କାହିଁକି ଏ ସବୁ ପ୍ରଭୁ ! କିଏ ନ ରହିଲେ ଗଲା । ଠାକୁରେ ତାଜୁବ୍ । ଠିକ୍ ସେ କିନ୍ତୁ–ଦେହାନ୍ତରେ ଜଳ–ତିଳ ଦେବ କିଏ । ପୁଅ ତ ନଥିବ । ଏଇଠି ଠାକୁରଙ୍କ ଠାକୁର ପଣିଆ ଦେଖିବାର କଥା । ଠିକ୍ ଅଛି–ସେଇଆ ହେଉ । ଜଗନ୍ନାଥ ମନେ ମନେ ଠିକ୍ କରିନେଲେ–ସେ ନିଜେ ତାଙ୍କ ପୁଅ ହୋଇ ତାଙ୍କୁ ପିଣ୍ଡ ଦାନ କରିବେ–ଶ୍ରାଦ୍ଧ କରିବେ । ସେହିଦିନୁ ଜଗନ୍ନାଥଙ୍କ ଦେଉଳରେ ଶ୍ରାଦ୍ଧବିଧି ପ୍ରଚଳିତ ହୋଇ ଆସୁଛି । ଏହା କଣ କମ୍ କୃତଜ୍ଞତା ? ଇନ୍ଦ୍ରଦ୍ୟୁମ୍ନଙ୍କ ତ୍ୟାଗର ଔଚିତ୍ୟ ସହିତ ଠାକୁରଙ୍କ କୃତଜ୍ଞତା କଣ ଏଠାରେ ତୁଳନୀୟ ନୁହେଁ ? ଏହିତ ମାନବର ସଂସ୍କୃତି–ବିଶ୍ୱସଂସ୍କୃତି, ତ୍ୟାଗ ଓ କୃତଜ୍ଞତାର ଚରମ ପରାକାଷ୍ଠା ।

ଉକ୍ତ ରୀତିରେ ବିଚାର କଲେ ସ୍ପଷ୍ଟ ଜଣାପଡ଼େ ଜଗନ୍ନାଥଙ୍କ ଉପାସନା କେବଳ ସଂସ୍କୃତି ଉପରେ ହିଁ ଆଧାରିତ । ଏହି ସଂସ୍କୃତି କେବଳ ଓଡ଼ିଶାର କିମ୍ବା ଭାରତର ସଂସ୍କୃତି ନୁହେଁ ; ବିଶ୍ୱ ସଂସ୍କୃତି–ମାନବ ଜାତିର ସଂସ୍କୃତି । ସେହି ସଂସ୍କୃତି ସହିତ ଜଗନ୍ନାଥ ପ୍ରତିଷ୍ଠାର ଚିନ୍ତାଧାରା ତୁଳନା କଲେ ଜଗନ୍ନାଥ ଅଦ୍ୱିତୀୟ ସାଂସ୍କୃତିକ ଦେବତା ଛଡ଼ା ଅନ୍ୟ କିଛି ବୋଲି କହିବାକୁ ମନ ବଳେ ନାହିଁ ।

# ଓଡ଼ିଶାର କୃଷି ଓ କୃଷକ

ଗ୍ରାମ ବହୁଳ ଓଡ଼ିଶାର ଅର୍ଥନୈତିକ ଉନ୍ନତି ମୁଖ୍ୟତଃ କୃଷି ଉପରେ ନିର୍ଭର କରେ । ରାଜ୍ୟର ୨୫ ନିୟୁତ ଅଧିବାସୀଙ୍କ ମଧ୍ୟରୁ ହାରାହାରି ୮୦ ଭାଗ ଲୋକ କୃଷିକୁ ସମ୍ବଳ କରି ଜୀବିକା ନିର୍ବାହ କରୁଥିବାରୁ ରାଜ୍ୟ ଯୋଜନାରେ କୃଷିକୁ ଅଗ୍ରାଧିକାର ଦିଆଯାଇଛି ଏବଂ କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ଉପରେ ରାଜ୍ୟ ସରକାର ଯଥେଷ୍ଟ ଗୁରୁତ୍ୱ ଆରୋପ କରିଛନ୍ତି ।

ସବୁଜ ବିପ୍ଳବ କ୍ଷେତ୍ରରେ ଓଡ଼ିଶା ଯେ ପଛରେ ପଡ଼ିଛି ତାହାନୁହେଁ । ତୃତୀୟ ଯୋଜନାର ପ୍ରଥମ ବର୍ଷ ୧୯୬୦-୬୧କୁ ଫେରି ଚାହାନ୍ତୁ । ଆମର ମୋଟ ଖାଦ୍ୟ ଶସ୍ୟର ଉତ୍ପାଦନ ଥିଲା ମାତ୍ର ୪ ନିୟୁତ ଟନ୍ । କିନ୍ତୁ ୧୯୭୭-୭୮ ମସିହାରେ ତାହା ୫.୬ ନିୟୁତ ଟନ୍‌ରେ ପହଞ୍ଚିଛି ଏବଂ ଚଳିତ ବର୍ଷ ୬.୧ ନିୟୁତ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ ହେବ ବୋଲି ଆଶା କରାଯାଉଛି । ଗହମ, ଡ଼ାଲି ଜାତୀୟ ଶସ୍ୟ ଏବଂ ଅନ୍ୟାନ୍ୟ ଖାଦ୍ୟ ଶସ୍ୟ ଉତ୍ପାଦନ ଯଥେଷ୍ଟ ବଢ଼ିଛି । ମାତ୍ର ଚାଉଳ ଉତ୍ପାଦନ ବୃଦ୍ଧି ପାଇଁ ଆମକୁ ଅନେକ କିଛି କରିବାକୁ ପଡ଼ିବ ।

ଧାନ ଆମ ରାଜ୍ୟର ପ୍ରଧାନ ଖାଦ୍ୟ ଫସଲ । ରାଜ୍ୟର ମୋଟ ୬.୯ ନିୟୁତ ହେକ୍ଟର ଚାଷ ଜମିରୁ ୪.୭ ନିୟୁତ ହେକ୍ଟର ଜମିରେ ଧାନ ଚାଷ ହୁଏ । ବର୍ଷାଦିନେ ଆମର ଚାଷୀ ଧାନ ବ୍ୟତୀତ ଅନ୍ୟ ଫସଲ କମ୍ ପରିମାଣରେ ଚାଷ କରନ୍ତି । ପୁଣି ପୁରାତନ ଚାଷ ପ୍ରଣାଳୀ, ଦେଶୀ ବିହନ ବ୍ୟବହାର ଏବଂ ଡିପ ଜମିରେ ମରୁଡ଼ିର ବ୍ୟାପକତା ଦୃଷ୍ଟିରୁ ଧାନ ଉତ୍ପାଦନ ଆଶାନୁରୂପ ହେଉନାହିଁ । ତେଣୁ, ୧୯୭୭-୭୮, ୧୯୭୮-୭୯ ବର୍ଷମାନଙ୍କରେ ଡିପ ଜମିରେ ଧାନ ବ୍ୟତୀତ ଅନ୍ୟାନ୍ୟ ମରୁଡ଼ି ସହଣୀ ତଥା ଅଧିକ ଉତ୍ପାଦନ କ୍ଷମ ଫସଲ ଯଥା—ମକା, ମାଣ୍ଡିଆ, ଚିନାବାଦାମ, ରାଶି, ମୁଗ, ବିରି, ହରଡ଼ ଇତ୍ୟାଦି ଅଧିକ ପରିମାଣରେ ଚାଷ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

ଧାନ ଉତ୍ପାଦନ ବଢ଼ାଇବା ପାଇଁ ଅଧିକରୁ ଅଧିକ ଜମିରେ ସହଜ ଅମଳ ହେଉଥିବା ଅଧିକ ଅମଳକ୍ଷମ ଧାନ ବିହନ ଚାଷ ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ଫଳରେ ୧୯୭୪-୭୫ ମସିହାରେ ୩ ଲକ୍ଷ ୧୩ ହଜାର ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ ହେଉଥିବା ବେଳେ ୧୯୭୭-୭୮ ମସିହାରେ ୬ ଲକ୍ଷ ୪୭ ହଜାର ହେକ୍ଟରକୁ ଏହା ବୃଦ୍ଧି ପାଇଲା । ଚଳିତ ବର୍ଷ ପ୍ରାୟ ୮ ଲକ୍ଷ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ କରାଯାଉଛି । ୧୯୭୯-୮୦ ମସିହାରେ ରାଜ୍ୟର ୧୩ ଲକ୍ଷ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

ଅଧିକରୁ ଅଧିକ ଚାଷୀ ଯେ ଏ ପ୍ରକାର ଧାନ ଚାଷ ପାଇଁ ଆଗ୍ରହୀ ହେଉଛନ୍ତି, ଏହା ଏକ ଶୁଭ ସୂଚନା । କାରଣ ଦେଶୀ ଧାନ ଅପେକ୍ଷା ଅଧିକ ଅମଳକ୍ଷମ ଧାନ ସହଜ ଅମଳ ହେଉଥିବାରୁ, ଅଣ ଜଳସେଚିତ ଅଞ୍ଚଳରେ ମାଟିର ବତରକୁ ଉପଯୋଗ କରି ଧାନ ପରେ ଦ୍ୱିତୀୟ ଫସଲ ଭାବେ ଡ଼ାଲି, ତୈଳବୀଜ, କପା ଇତ୍ୟାଦି ଠିକ୍ ସମୟରେ ଚାଷ କରିବା ସମ୍ଭବ ହେଉଛି ।

ଓଡ଼ିଶାର ମୁଣ୍ଡ ପିଛା ଚାଷ ଜମିର ପରିମାଣ ପ୍ରାୟ ୦.୨୬ ହେକ୍ଟର ମାତ୍ର । ତେଣୁ ଉପଯୁକ୍ତ ଫସଲ ପର୍ଯ୍ୟାୟ ଅନୁସରଣ କରି ଖଣ୍ଡିଏ ଜମିରେ ଏକାଧିକ ଫସଲ ଚାଷ ନକଲେ, ଚାଉଳ, ଡ଼ାଲି, ତୈଳବୀଜ ଏବଂ କପା ଉତ୍ପାଦନ କ୍ଷେତ୍ରରେ ଆମେ ଆମର ଚାହିଦା ପୂରଣ କରିପାରିବା ନାହିଁ ।

ଖରିଫ ଋତୁରେ ଡିପ ଜମିରେ ଡ଼ାଲି ଓ ତୈଳବୀଜ ଫସଲ ସାଙ୍ଗକୁ ରବି ଋତୁରେ ଦ୍ୱିତୀୟ ଫସଲଭାବେ ଡ଼ାଲି ଓ ତୈଳବୀଜର ପ୍ରସାର ହେବା ଫଳରେ ୧୯୭୮-୭୯ ମସିହା ସୁଦ୍ଧା ୧୭ ଲକ୍ଷ ହେକ୍ଟର ଜମିରେ ଡ଼ାଲି ଜାତୀୟ ଫସଲ ଓ ୮ ଲକ୍ଷ ହେକ୍ଟର ଜମିରେ ବିଭିନ୍ନ ତୈଳବୀଜ ଫସଲ ଚାଷ କରାଯାଉଛି । ୧୯୭୯-୮୦ ମସିହାରେ ୧୯ ଲକ୍ଷ ହେକ୍ଟର ଜମିରେ ଡ଼ାଲି ଜାତୀୟ ଫସଲ ଓ ୧୧ ଲକ୍ଷ ହେକ୍ଟର ଜମିରେ ବିଭିନ୍ନ ତୈଳବୀଜ ଫସଲ ଚାଷ କରିବା ପାଇଁ ବ୍ୟବସ୍ଥା କରାଯାଉଛି ।

ଡ଼ାଲି ଓ ତୈଳବୀଜ ଫସଲର ଉତ୍ପାଦନ ବଢ଼ାଇବା ପାଇଁ ବ୍ୟାକ୍‌ଟେରିଆ କଲ୍‌ଚର ଅଧିକ ଅମଳକ୍ଷମ ବିହନ ଓ ଫସ୍‌ଫେଟ୍ ସାର ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହା ଫଳରେ ହେକ୍‌ଟର ପ୍ରତି ଅମଳ ବଢ଼ିବା ସଙ୍ଗେ ସଙ୍ଗେ ମାଟିର ଉତ୍ପାଦିକା ଶକ୍ତି ବଢ଼ାଇ ହେବ ।

ଆମ ରାଜ୍ୟରେ ନଦୀ ଜଳର ଉପଯୁକ୍ତ ନିୟନ୍ତ୍ରଣ ପାଇଁ ଯୋଜନାମାନ ହାତକୁ ନିଆଯାଇଥିଲେ ମଧ୍ୟ, ବନ୍ୟା କବଳରୁ ମୁକ୍ତି ପାଇବା ପାଇଁ ଆମେ ଏପର୍ଯ୍ୟନ୍ତ ସଂପୂର୍ଣ୍ଣ

ସମର୍ଥ ହୋଇ ପାରିନାହୁଁ । ତେଣୁ ବନ୍ୟାଞ୍ଚଳରେ ଉପଯୁକ୍ତ ଫସଲ ପର୍ଯ୍ୟାୟ ଅବଲମ୍ବନ କରି ଚାଷୀ କିପରି ଲାଭବାନ ହୋଇପାରିବେ, ସେଥିପାଇଁ ପଦକ୍ଷେପ ନିଆଯାଇଛି । ସାଧାରଣତଃ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଆମ ରାଜ୍ୟର ନଦୀଗୁଡ଼ିକରେ ବନ୍ୟା ହୋଇଥାଏ । ତେଣୁ ଏସବୁ ଧୋଇଯା ଅଞ୍ଚଳରେ ମାର୍ଚ୍ଚ-ଅପ୍ରେଲ ମାସରେ ଧାନ ଜମିରେ ନଳିତା ଏବଂ ମେସ୍ତା ପ୍ରଭୃତି ଅର୍ଥକାରୀ ଫସଲ ଚାଷ କରିବା ପାଇଁ ଯୋଜନାମାନ ହାତକୁ ନିଆଯାଇଛି । ଏହା ଦ୍ୱାରା ବନ୍ୟା ଯୋଗୁ ଯେଉଁ ଜମିରେ ଧାନ ସଂପୂର୍ଣ୍ଣ ବା ଆଂଶିକ ଭାବେ ଧୋଇ ଯାଉଛି ସେଠାରେ ନଳିତା ଫସଲରୁ ଯଥେଷ୍ଟ ଭଲ ଅମଳ ଆଶା କରାଯାଇ ପାରିବ । ୧୯୭୭-୭୮ ସୁଦ୍ଧା ଆମେ ବାର୍ଷିକ ୬ ଲକ୍ଷ ଗାଣ୍ଠି ଝୋଟ ଓ ମେସ୍ତା ପାଇ ପାରିଛେ । ୧୯୭୯-୮୦ ସୁଦ୍ଧା ବାର୍ଷିକ ୮ ଲକ୍ଷ ଗାଣ୍ଠି ଝୋଟ ଏବଂ ମେସ୍ତା ପାଇବାକୁ ଆମେ ଲକ୍ଷ୍ୟ ଧାର୍ଯ୍ୟ କରିଛୁ ।

ସେହିଭଳି ୧୯୭୭-୭୮ ସୁଦ୍ଧା ଆମେ ବାର୍ଷିକ ୨ ଲକ୍ଷ ୬୦ ହଜାର ଟନ୍ ଗୁଡ଼ ପାଉଛେ । ୧୯୭୯-୮୦ରେ ଏହାକୁ ୩ ଲକ୍ଷ ୪୦ ହଜାର ଟନ୍‌କୁ ବଢ଼ାଇ ଦେବାର ଅଟକଳ ରଖାଯାଇଛି ।

କୃଷି ଉତ୍ପାଦନ ବୃଦ୍ଧିରେ ଉନ୍ନତ ବିହନର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ଆଗରୁ ସରକାରୀ ଫାର୍ମ ଏବଂ ବଛା ବଛା ଚାଷୀଙ୍କ ଜମିରେ ଉନ୍ନତ ବିହନ ଉତ୍ପାଦନ କରାଯାଉଥିଲା । ମାତ୍ର ୧୯୭୭-୭୮ ମସିହାରୁ ସ୍ୱତନ୍ତ୍ର ଭାବେ ଏକ ରାଜ୍ୟ ସ୍ତରୀୟ ବିହନ ସଂସ୍ଥା (State Seed Corporation) ପ୍ରତିଷ୍ଠିତ ହୋଇଛି । ବିହନ ଉତ୍ପାଦନ ଓ ବଣ୍ଟନ ପ୍ରଣାଳୀ ଠିକ୍ ଭାବରେ ଓ ବୈଜ୍ଞାନିକ ଭିତ୍ତିରେ କାର୍ଯ୍ୟକାରୀ କରିବାପାଇଁ ଏହି ବିହନ ସଂସ୍ଥା ପଦକ୍ଷେପ ନେଇଛି ।

ଉନ୍ନତ ବିହନରୁ ଅଧିକ ଅମଳ ପାଇବାପାଇଁ ଚାଷୀମାନେ ଏବେ ଅଧିକ ପରିମାଣର ରାସାୟନିକ ସାର ପ୍ରୟୋଗ କଲେଣି । ମାତ୍ର ସେମାନଙ୍କୁ ଠିକ୍ ସମୟରେ ଓ ଆବଶ୍ୟକ ପରିମାଣରେ ସାର ଯୋଗାଇବାପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ହେବା ଦରକାର । ରାଜ୍ୟ ସରକାର ଉଭୟ ସମବାୟ ଓ ଘରୋଇ ସଂସ୍ଥା ମାଧ୍ୟମରେ ଚାଷୀମାନଙ୍କୁ ସାର ଯୋଗାଇ ଦେବାପାଇଁ ପଦକ୍ଷେପ ନେଇଛନ୍ତି । ଜଳସେଚନର ସୁବିଧା ଥିବା ଅଞ୍ଚଳରେ ଅଧିକ ସଂଖ୍ୟକ ସାର ବିକ୍ରୟ କେନ୍ଦ୍ରମାନ ଖୋଲାଯାଉଛି । ସେହି ଭଳି ଅନୁନ୍ନତ ଜିଲ୍ଲାମାନଙ୍କରେ ଗ୍ରାମାଞ୍ଚଳକୁ ସାର ଯୋଗାଇ ଦେବାପାଇଁ ବିଶେଷ ବ୍ୟବସ୍ଥା ମଧ୍ୟ କରାଯାଉଛି । ସଂପ୍ରତି ଭାରତ ସରକାର ସଡ଼କ ଯୋଗେ ଗ୍ରାମାଞ୍ଚଳକୁ ସାର ଯୋଗାଇ ଦେବାପାଇଁ ମୁଖ୍ୟ ବିତରକ ଓ ସାର ଉତ୍ପାଦକ ସଂସ୍ଥାମାନଙ୍କୁ କେତେକାଂଶରେ ପରିବହନ ଖର୍ଚ୍ଚ ରିହାତି ଦେଉଛନ୍ତି । ଏହା ଫଳରେ ୱାଗନ ଯୋଗୁ ଠିକ୍ ସମୟରେ ଓ ଆବଶ୍ୟକ ପରିମାଣରେ ସାର ଗ୍ରାମାଞ୍ଚଳରେ ପହଞ୍ଚିବାରେ ଯେଉଁ ଅସୁବିଧା ଥିଲା ତାହା ପ୍ରାୟ ଦୂର ହୋଇଯାଇଛି ।

୧୮୭୬-୭୭ ମସିହାରେ ମୋଟ୍ ୬୨ ହଜାର ଟ[illegible] ରାସାୟନିକ ସାର ବ୍ୟବହାର କରାଯାଇଥିଲା ବେଳେ ୧୯୭୭-୭୮ ବର୍ଷ ୭୬ ହଜାର ଟନ ରାସାୟନିକ ସାର ବ୍ୟବହୃତ ହୋଇଛି । ୧୯୭୮-୭୯ ବର୍ଷରେ ଆମେ ୧ ଲ[illegible] ଟନ୍ ରାସାୟନିକ ସାର ବ୍ୟବହାର କରିବାର ଲକ୍ଷ[illegible] ରଖିଛୁ ।

ରାଜ୍ୟର ଜଳସେଚିତ ଜମିର ଆୟତନ ଖୁବ୍[illegible] ସୀମିତ । ମାତ୍ର ଉତ୍ପାଦନ ବୃଦ୍ଧିର ଏହା ଏକ ଅପରିହାର୍[illegible] ଅଂଶ । ଏଣୁ ଆମ ହାତରେ ଥିବା ଆର୍ଥିକ ସମ୍ବଳ[illegible] ବୃହତ୍ କିମ୍ବା ମଧ୍ୟମ ଜଳସେଚନ ଯୋଜନାରେ ବ୍ୟ[illegible] କରିବା ସଙ୍ଗେ ସଙ୍ଗେ ଭୂତଳ ଜଳ ସଂପଦର ଉପଯୁ[illegible] ବିନିଯୋଗ କରିବାକୁ ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଛି । ଏଥିପାଇଁ ସମବାୟ ଏବଂ ବ୍ୟବସାୟୀ ବ୍ୟାଙ୍କ୍ ଜରିଆରେ ସେଚକୂପ, ନଳକୂପ ଓ ଉଠାଜଳସେଚନ ଯୋଜନା[illegible] ପ୍ରସାର ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି । ଜଳସେଚନ ପାଇଁ ବିଦ୍ୟୁତ୍ ବ୍ୟବହାରରେ ଚାଷୀମାନ[illegible] ମଧ୍ୟ ରିହାତି ଦେବାର ବ୍ୟବସ୍ଥା କରାଯାଉଛି ।

ଏତଦ୍‌ବ୍ୟତୀତ, କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା[illegible] ନାମ ମାତ୍ର ଚାଷୀ ଓ କ୍ଷେତ ମଜୁରିଆ ଉନ୍ନୟନ ସଂସ୍ଥା[illegible] ଆଦିବାସୀ ଉନ୍ନୟନ ସଂସ୍ଥା, ମରୁଡ଼ି ଅଞ୍ଚଳ ଉନ୍ନୟ[illegible] ସଂସ୍ଥା, ଶୁଷ୍କ ଜମିରେ ଉନ୍ନତ ଚାଷ ଯୋଜନା ଏବଂ କମାଣ୍ଡ ଏରିଆ ଉନ୍ନୟନ ଯୋଜନା ମାଧ୍ୟମରେ ଦୁର୍ବଳ[illegible] ଓ ଅନୁନ୍ନତ ତଥା ଆଦିବାସୀ ଚାଷୀମାନଙ୍କର ଆର୍ଥି[illegible] ଉନ୍ନତି ପାଇଁ ବିଶେଷ କାର୍ଯ୍ୟକ୍ରମମାନ ମଧ୍ୟ ସରକା[illegible] ହାତକୁ ନେଇଛନ୍ତି ।

ଆଞ୍ଚଳିକ ଭିତ୍ତିରେ ସମତଳ ଓ ପାର୍ବତ୍ୟ ଅଞ୍ଚଳରେ ପତିତ ଓ ଅନୁର୍ବର ଜମି ଉଦ୍ଧାର କରାଯାଇ ଫଳଶସ୍ୟର ବ୍ୟାପକ ପ୍ରସାର ଘଟାଇବାପାଇଁ ମଧ୍ୟ ବ୍ୟବସ୍ଥା କରା[illegible] ଯାଉଛି ।

କୃଷି ଯୋଜନାକୁ ଅଧିକ ଫଳପ୍ରସୂ କରିବାପାଇଁ ୧୯୭୮-୭୯ ମସିହାରେ ରାଜ୍ୟ ସରକାର ୧,୪୨୦ ଲକ୍ଷ ଟଙ୍କା ଓ କେନ୍ଦ୍ର ସରକାର ୯୨୩ ଲକ୍ଷ ଟଙ୍କା ଖର୍ଚ୍ଚ[illegible] ବ୍ୟବସ୍ଥା ରଖିଛନ୍ତି । ସମସ୍ତ ଯୋଜନା କାଳ ମଧ୍ୟରେ ଏହାହିଁ ସର୍ବୋଚ୍ଚ ବାର୍ଷିକ ବ୍ୟୟ ବ୍ୟବସ୍ଥା । ୧୯୭୯-୮[illegible] ମସିହାରେ ରାଜ୍ୟ ସରକାର କୃଷି ବିଭାଗ ମାଧ୍ୟମରେ ୧,୩୪୪ ଲକ୍ଷ ଟଙ୍କା ଓ ଆଦିବାସୀ ଗ୍ରାମମଙ୍ଗଳ ବିଭାଗ[illegible] ମାଧ୍ୟମରେ ୧୧୦ ଲକ୍ଷ ଟଙ୍କା କୃଷି ଉନ୍ନତି କଳ୍ପେ ବ୍ୟୟ[illegible] କରିବାପାଇଁ ବ୍ୟବସ୍ଥା କରିଛନ୍ତି ।

ଏସବୁସତ୍ତ୍ୱେ, କୃଷି ବିଜ୍ଞାନର ବ୍ୟାପକ ପ୍ରୟୋଗ[illegible] ବ୍ୟତୀତ ଚାଷୀ ଓ ଚାଷର ଉନ୍ନତି ହୋଇପାରିବ ନାହିଁ । ସେହି ଦୃଷ୍ଟିରୁ ବିଶ୍ୱ ବ୍ୟାଙ୍କ୍‌ର ସହାୟତାରେ ୧୯୭[illegible] ମସିହାରୁ ରାଜ୍ୟର କୃଷି ସଂପ୍ରସାରଣ ପଦ୍ଧତିରେ କେତେକ[illegible] ପରିବର୍ତ୍ତନ ଅଣାଯାଇ ସଂପ୍ରସାରଣ କର୍ମୀ, ବୈଜ୍ଞାନିକ[illegible]

ଓ ଉଚ୍ଚ ଫଳନ୍ତି କୃଷି ବିଶେଷଜ୍ଞମାନଙ୍କ ସହିତ ନିୟମିତ ଭାବେ ଚାଷୀମାନଙ୍କୁ ମିଶିବାର ସୁଯୋଗ ଦିଆଯାଉଛି । ଫଳରେ ଚାଷୀ ଓ ଚାଷର ସମସ୍ୟାଭିତ୍ତିକ ଗବେଷଣା, ବୈଜ୍ଞାନିକମାନେ ଅବଗତ ହେଉଛନ୍ତି ଓ ଗବେଷଣାଲବ୍ଧ ନୂଆ ନୂଆ କୃଷି ବିଜ୍ଞାନର ସୁଫଳ ଚାଷୀମାନଙ୍କୁ ମିଳିପାରୁଛି । ତେଣୁ ଗବେଷଣାଲବ୍ଧ ଜ୍ଞାନ ଖୁବ୍ ଶୀଘ୍ର ଓ ସିଧା ସଳଖ କୃଷି କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରୁଛି । ଏହା ବ୍ୟତୀତ ସାମୟିକ ତାଲିମ ମାଧ୍ୟମରେ ଉଭୟ କୃଷକ ଓ ସଂପ୍ରସାରଣ କର୍ମଚାରୀମାନଙ୍କୁ ଉନ୍ନତ କୌଶଳ ସଂପର୍କରେ ଅବଗତ କରାଯାଉଛି ।

ରାଜ୍ୟର ମୋଟ ଆୟରୁ କେବଳ ୬୨ ଭାଗ କୃଷିରୁ ଏବଂ ଶତକଡ଼ା ୩୮ ଭାଗ ଶିଳ୍ପ, ପରିବହନ, ବାଣିଜ୍ୟ, ଖଣି ଓ ଅନ୍ୟାନ୍ୟ ଧନ୍ଦାମାନଙ୍କରୁ ମିଳିଥାଏ । ଅଥଚ କୃଷି ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଧନ୍ଦାରେ ରାଜ୍ୟର କେବଳ ୨୦ ଭାଗ ଲୋକ ନିୟୋଜିତ ହୋଇଛନ୍ତି । ତେଣୁ ଆନୁପାତିକ ହାରରେ କୃଷିରୁ ଅନ୍ୟାନ୍ୟ ଧନ୍ଦା ଅପେକ୍ଷା ଯଥେଷ୍ଟ କମ୍ ଆୟ ମିଳୁଅଛି ।

ଦ୍ୱିତୀୟତଃ ରାଜ୍ୟର ମୋଟ ଚାଷ ଜମିର ପ୍ରାୟ ୭୨ ଭାଗ ଜମି ଶତକଡ଼ା ୭୦ ଭାଗ କ୍ଷୁଦ୍ର ଚାଷୀଙ୍କ ହାତରେ ରହିଛି । ଏମାନଙ୍କର ଚାଷ ଜମି ପ୍ରାୟ ୨ ହେକ୍ଟରରୁ କମ । ଏଣୁ କେବଳ ଚାଷ କରି ଏହି ଚାଷୀମାନେ ସେମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି କରିବା ସମ୍ଭବ ନୁହେଁ । କୃଷି ସହିତ ସେମାନଙ୍କୁ କୃଷି ଭିତ୍ତିକ ଶିଳ୍ପ, ପଶୁପାଳନ, ମାଛଚାଷ, ବତକ ଓ କୁକୁଡ଼ା ପାଳନ ଇତ୍ୟାଦି ଆନୁଷଙ୍ଗିକ ଧନ୍ଦା ଯୋଗାଇ ଦେବାପାଇଁ ସରକାର ବିଶେଷ ବ୍ୟବସ୍ଥାମାନ କରିଛନ୍ତି ଛୋଟ ଛୋଟ ଚାଷୀମାନଙ୍କୁ ଏସବୁ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଛି । କେତେକ ସ୍ୱତନ୍ତ୍ର ଯୋଜନାଭୁକ୍ତ ଅଞ୍ଚଳରେ ଆନୁଷଙ୍ଗିକ ଧନ୍ଦାପାଇଁ ଆଦିବାସୀ ଓ କ୍ଷୁଦ୍ର ଚାଷୀଙ୍କୁ ରିହାତି ଦେବାର ମଧ୍ୟ ବ୍ୟବସ୍ଥା କରାଯାଉଛି ।

ଆଦିବାସୀ ଅଞ୍ଚଳରେ ମହାଜନୀ କାରବାରର ଉଚ୍ଛେଦ କରାଯାଇ ସେ ଅଞ୍ଚଳର କୃଷି ଓ ବନଜାତ ଦ୍ରବ୍ୟର ବିକ୍ରିବଟା ସମବାୟ ସମିତି ମାଧ୍ୟମରେ କରାଯାଉଛି । ସେହିପରି କୃଷିଜାତ ପଦାର୍ଥର ସଂରକ୍ଷଣ ପାଇଁ ସମବାୟ ଭିତ୍ତିରେ ଅଧିକ ସଂଖ୍ୟକ ଗୋଦାମ ଘର ଓ ଶୀତଳ ଭଣ୍ଡାର ତିଆରି କରିବା ପାଇଁ ବ୍ୟବସ୍ଥା କରାଯାଉଛି । ଏତଦ୍ବ୍ୟତୀତ ମୁଖ୍ୟ ରାସ୍ତାମାନଙ୍କରୁ ଗାଁ ଗହଳକୁ ସଂଯୋଗ ରାସ୍ତାମାନ ତିଆରି କରାଯାଇ ଗ୍ରାମାଞ୍ଚଳ କୃଷିଜାତ ପଦାର୍ଥର ଉପଯୁକ୍ତ ବିକ୍ରିବଟାର ବ୍ୟବସ୍ଥାକୁ ବ୍ୟାପକ କରାଯାଉଛି । ଫଳରେ ସମୟ ଓ ସୁବିଧା ଅନୁସାରେ ଚାଷୀ କୃଷିଜାତ ପଦାର୍ଥ ବିକ୍ରୀ କରି ଅଧିକ ଲାଭ ପାଇବାରେ ସମର୍ଥ ହୋଇ ପାରିବେ ।

ଶେଷରେ ଏତିକି କୁହାଯାଇ ପାରେ ଯେ ଚାଷ ଆଜି ଜୀବନ ଧାରଣର ଏକ ସାଧାରଣ ପନ୍ଥା ହୋଇ ରହିନାହିଁ । ଆଜିର ଚାଷ ଏକ ଅର୍ଥକରୀ ବ୍ୟବସାୟରେ ପରିଣତ ହୋଇଛି ଓ ଗ୍ରାମାଞ୍ଚଳରେ ଅଧିକ ନିୟୋଗର ସୁଯୋଗ ବଢ଼ାଇଛି ।

## ଆଠ ଗୋଟି ନୂଆ ଦ୍ରବ୍ୟପାଇଁ ମୂଲ୍ୟଚୁକ୍ତି

ରାଜ୍ୟ ସରକାରଙ୍କ ରପ୍ତାନୀ ଓ ବାଣିଜ୍ୟ ନିର୍ଦ୍ଦେଶାଳୟ ଆଉ ଆଠ ଗୋଟି କ୍ଷୁଦ୍ର ଶିଳ୍ପଜାତ ଦ୍ରବ୍ୟକୁ ମୂଲ୍ୟଚୁକ୍ତି (Rate Contract) ପରିସରଭୁକ୍ତ କରିବାକୁ ସ୍ଥିର କରିଛନ୍ତି । ଏହା ପୂର୍ବରୁ ଏଭଳି ୧୦୬ ଗୋଟି କ୍ଷୁଦ୍ର ଶିଳ୍ପ ଜାତ ଦ୍ରବ୍ୟ ମୂଲ୍ୟଚୁକ୍ତି ପରିସରଭୁକ୍ତ ହୋଇଥିଲ ।

ମୂଲ୍ୟଚୁକ୍ତି ପାଇଁ ସ୍ଥିର କରାଯାଇଥିବା ନୂତନ ଦ୍ରବ୍ୟଗୁଡ଼ିକ ହେଲା :—(୧) ସିମେଣ୍ଟ ଟାଇଲ୍ (Cement tile), (୨) କଂକ୍ରିଟ୍ ମିକ୍ସଚର (Concrete mixer), (୩) ଡୁପ୍ଲିକେଟିଂ ଇଙ୍କ୍ (Duplicating Ink), (୪) ସ୍ଲୋଟେଡ୍ ପାଇପ (Slotted pipe) (୫) କଏର ଏବଂ ସିସାଲ ରୋପ୍ (Coir & Sisal rope), (୬) ଇଟା (Brick), (୭) ମାଇକ୍ରୋ ସେଲୁଲର ସିଟ୍ (Micro cellular sheets), (୮) ସିନ୍ଥେଟିକ୍ ୟାର୍ନ ଫର ଫିସିଂ ନେଟ୍ (Synthetic yarn for fishing net) ।

ଏଭଳି ମୂଲ୍ୟଚୁକ୍ତି ସଂପାଦନ ଫଳରେ ବିନା ଟେଣ୍ଡରରେ ଉପରୋକ୍ତ ଦ୍ରବ୍ୟଗୁଡ଼ିକ ବିଭିନ୍ନ ସରକାରୀ ଓ ଅର୍ଦ୍ଧ ସରକାରୀ ସଂସ୍ଥା ତଥା କର୍ପୋରେସନଗୁଡ଼ିକୁ ବିକ୍ରୟ କରାଯାଇ ପାରିବ । ଯେଉଁ କ୍ଷୁଦ୍ର ଶିଳ୍ପ ସଂସ୍ଥାମାନ ଓଡ଼ିଶା ପ୍ରଦେଶ ମଧ୍ୟରେ ଉପରୋକ୍ତ ୮ ଗୋଟି ଦ୍ରବ୍ୟରୁ କୌଣସିଟି ଉତ୍ପାଦନ କରୁଥାଆନ୍ତି ଏବଂ ମୂଲ୍ୟଚୁକ୍ତି (Rate Contract) କରିବାକୁ ଇଚ୍ଛୁକ ଥାଆନ୍ତି ସେମାନେ ଏ ସଂପର୍କରେ ରପ୍ତାନୀ ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟ, ଭୁବନେଶ୍ୱରକୁ ବିଶେଷ ବିବରଣୀ ସହ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ଆବଶ୍ୟକ । ଆବଶ୍ୟକୀୟ ଫର୍ମ ଏବଂ ତଥ୍ୟ ଉକ୍ତ କାର୍ଯ୍ୟାଳୟରୁ ମିଳିପାରିବ ।

# ଓଡ଼ିଆ କାବ୍ୟ ଚେତନା ଉପରେ ଅସହଯୋଗ ଆନ୍ଦୋଳନର ପ୍ରଭାବ

ଡକ୍ଟର ନିତ୍ୟାନନ୍ଦ ଶତପଥୀ

ଇତିହାସର ଏହା ଏକ ଅବିସଂବାଦିତ ସତ୍ୟ ଯେ ଯେଉଁ ବ୍ରିଟିଶ୍ ସରକାରଙ୍କ ଏକଛତ୍ର ଶାସନାଧୀନରେ ଭାରତ ପ୍ରଥମ ଥରପାଇଁ ଜାତୀୟତାର ମନ୍ତ୍ରରେ ଦୀକ୍ଷିତ ହୋଇଥିଲା । ପରବର୍ତ୍ତୀକାଳରେ ସେଇ ସରକାରଙ୍କ ବିରୁଦ୍ଧରେ ଏକ ବ୍ୟାପକ ଜନ ଆନ୍ଦୋଳନ ଭାରତୀୟ-ଜାତୀୟତା ଭିତ୍ତିରେ ସୂତ୍ରପାତ ହେଲା । ବୋଧହୁଏ ପ୍ରଥମ ଥରପାଇଁ ହିମାଳୟରୁ କୁମାରିକା ପର୍ଯ୍ୟନ୍ତ ଏହି ବିରାଟ ଭୂଖଣ୍ଡ ଏକ ଶାସନାଧୀନରେ ଥିବାରୁ ଆମ ମନ ଓ ହୃଦୟରେ ଭାରତୀୟ ବୋଲି ଏକ ଗର୍ବବୋଧ ସ୍ୱତଃଜାଗ୍ରତ ହୋଇଥିଲା । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ସମଗ୍ର ଦେଶର ଚିନ୍ତାଶୀଳ କବି ଓ ଲେଖକମାନେ, ଜାତୀୟବାଦୀ ସମାଜସେବୀ ଓ ନବ୍ୟ-ବ୍ରତୀ ସଂସ୍କାରକମାନେ ଏକ ଅଖଣ୍ଡ ଭାରତର ଗୌରବ-ବୋଧକୁ ପୁନର୍ଜୀବିତ କରି ସେମାନଙ୍କ ଲେଖା ଓ ରେଖାରେ ଭାରତୀୟତାର ମହିମାଦୀପ୍ତ ଭାବନାକୁ ବ୍ୟାପକତର କରିଥିଲେ । ଇତିହାସରେ ଏହାକୁ ପୁନର୍ନବା ବା ରେନେସାଁ ଆଖ୍ୟା ଦିଆଯାଇପାରେ । ପ୍ରାଚୀନ ଓ ବନ୍ଧ–କୁସଂସ୍କାର ବିରୁଦ୍ଧରେ, ବହୁଧର୍ମ ଜନିତ ମୋହଗ୍ରସ୍ତ ସାମାଜିକ ଗ୍ଲାନି ବିରୁଦ୍ଧରେ ଓ ସର୍ବୋପରି ପରାଧୀନତା ବିରୁଦ୍ଧରେ ଯଥାର୍ଥତଃ ଏହି ଲେଖକମାନେହିଁ ଏକ ଜାତୀୟ ଜାଗରଣର ସ୍ୱପ୍ନଦ୍ରଷ୍ଟା ଭାବରେ ଆମର ଉପାସ୍ୟ ହୋଇ ରହିବେ । ଘଟଣାକ୍ରମେ ଭବଜଗତରେ ଏହି ଆଲୋଡ଼ନ ସମାଜରାଜନୈତିକ କ୍ଷେତ୍ରରେ ପ୍ରତିଫଳିତ ହୋଇ ୧୮୮୫ ମସିହାରେ ଯେଉଁ ଜାତୀୟ କଂଗ୍ରେସର ମୂଳଦୁଆ ସ୍ଥାପନ କଲା, ବିଂଶ ଶତାବ୍ଦୀର ଉନ୍ମେଷ ସହିତ ସେହି ଆନ୍ଦୋଳନ ଏକ ବ୍ୟାପକତର ପରିସରର ଅପେକ୍ଷା କରୁଥିଲା । ଏହି ପରିପ୍ରେକ୍ଷୀରେ ଯେଉଁ ଯୋଗଜନ୍ମା ମହାନ୍ ଜାତୀୟବାଦୀ ମନୀଷୀଙ୍କର ଅଭ୍ୟୁଦୟ ଘଟିଲା ସେ ସମଗ୍ର ଭାରତରେ ପରବର୍ତ୍ତୀ ପରିସ୍ଥିତିରେ ଜାତୀୟ ପିତା ମହାମାନବ ମହାତ୍ମାଗାନ୍ଧୀ ନାମରେ ପରିଚିତ । ଭାରତୀୟ ରାଜନୀତିରେ ଏକ ଅହିଂସା ସଂଗ୍ରାମର ସୂତ୍ରଧର ଭାବରେ ୧୯୨୧ ମସିହାରେ ଯେଉଁ ଅସହଯୋଗ ଆନ୍ଦୋଳନର ଆହ୍ୱାନ ଦେଲେ ତାହାହିଁ ପ୍ରାନ୍ତୀୟ କବି, ଲେଖକ, ଦେଶସେବୀ, ବହୁ ସାଧାରଣ ଓ ଅସାଧାରଣ ବ୍ୟକ୍ତିଙ୍କୁ ଖୁବ୍ ଆକୃଷ୍ଟ କରିଥିଲା ବସ୍ତୁତଃ ତରଙ୍ଗହୀନ ଓ ମନ୍ଥର ଭାରତୀୟ ଜାତୀୟଜୀବନରେ ଏହି ଅସହଯୋଗ ଆନ୍ଦୋଳନ ଥିଲା ପ୍ରଥମ ଓ ମହାନ୍ ଗଣ ବିପ୍ଳବର ଉଚ୍ଚାରଣ ଫଳରେ ଅଗଣିତ ଜନଗଣହିଁ ଏଥିରେ ସଂପୃକ୍ତ ହୋଇଗଲେ । ସ୍ୱାଭାବିକଭାବେ ଗଣଜୀବନର ଅଭିବ୍ୟକ୍ତିକୁ ସାହିତ୍ୟରେ ପ୍ରତ୍ୟକ୍ଷଭାବେ ପ୍ରତିଫଳିତ କରିବାକୁ ଏହି ସମୟରୁହିଁ କବି ଲେଖକମାନେ ପ୍ରଚୁର ମାନସିକ ଉପାଦାନ ପାଇଗଲେ ଓ ମାନବିକତାର ଏକ ମହାନ୍ ଦାବୀ ସ୍ୱାଧୀନତାକୁ ହାସଲ କରିବାକୁ ସେମାନଙ୍କ ପ୍ରାଣରେ ଏକ ବେଗଗାମୀ ବାତ୍ୟାର ପ୍ରକମ୍ପ ଅନୁଭୂତ ହେଲା । ତେଣୁ ଭାରତର ସମଗ୍ର ପ୍ରାନ୍ତୀୟ ସାହିତ୍ୟ ପରି ଏହି ଅସହଯୋଗ ଆନ୍ଦୋଳନ ଯେ ଓଡ଼ିଆ ସାହିତ୍ୟକୁ ପ୍ରକୃତ ପ୍ରଭାବିତ କରି ଏକ ନୂଆ ମୋଡ଼ ଦେବାରେ ସମର୍ଥ ହୋଇଛି, ତାହା ଏହି ସମୟର କାବ୍ୟ-କବିତାର ଆଲୋଚନାରୁ ସ୍ପଷ୍ଟ ହେବ ।

୧୯୨୦ ମସିହାର ଶେଷଭାଗରେ କଲିକତା କଂଗ୍ରେସ ସମ୍ମିଳନୀରୁ ଫେରି ସତ୍ୟବାଦୀ ଜୀବନଦର୍ଶନ ଓ ଜାତୀୟ ଆଭିମୁଖ୍ୟର ଶ୍ରେଷ୍ଠ ସ୍ୱରଣ ଗୋପବନ୍ଧୁ ତତ୍କାଳୀନ ସୀମିତ ପ୍ରାଦେଶିକ ଆନ୍ଦୋଳନକୁ ଭରତୀୟ ମୁକ୍ତି ଆନ୍ଦୋଳନର ମୁଖ୍ୟ ସ୍ରୋତସହିତ ମିଶାଇଦେଲେ । କାରଣ ଏହି ସମୟରୁହିଁ ଭାରତୀୟ ଜାତୀୟ ଆନ୍ଦୋଳନ ଆଭିଜାତ ବୁଦ୍ଧିଜୀବୀମାନଙ୍କ ଚିନ୍ତାପରିଧିରୁ ମୁକ୍ତହୋଇ କ୍ରମେ ସାଧାରଣ ଭାରତୀୟଙ୍କ ପ୍ରାତ୍ୟହିକ ଜୀବନଧାରାକୁ ପ୍ରଭାବିତ କରିବାଭଳି କାର୍ଯ୍ୟକ୍ରମ ଅବଲମ୍ବନ କରିଥିଲା । ୧୯୨୦ ମସିହା ସେପ୍ଟେମ୍ବର ମାସ କଲିକତା କଂଗ୍ରେସ ଅଧିବେଶନ ଏହି ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ବର୍ଷ ଡ଼ିସେମ୍ବର ମାସରେ ନାଗପୁରଠାରେ ଜାତୀୟ କଂଗ୍ରେସର ଯେଉଁ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେଲା, ସେଠାରେ କଲିକତା କଂଗ୍ରେସ ଅଧିବେଶନରେ ଅନୁମୋଦିତ ପ୍ରସ୍ତାବ ଅସହଯୋଗ ଆନ୍ଦୋଳନ ଓ 'ବିଦେଶୀ ବର୍ଜନ' ବିପୁଳ ଉତ୍ସାହ ମଧ୍ୟରେ ଗୃହୀତ ହୋଇଥିଲା । ବୋଧହୁଏ ଏଇ ସମୟରୁହିଁ ପରାଧୀନତାର ବେଦନାସିକ୍ତ ସମଗ୍ର ଜାତିମାନସରେ ଆଶାର ଏକ ଦୁରନ୍ତ ଉଷ ଫିଟିପଡ଼ିଥିଲା ଓ କବି ଲେଖକମାନେ ତଦନୁଯାୟୀ ନିଜ କାବ୍ୟ–ଚେତନାର ଭାବଧାରା ପରିବର୍ତ୍ତିତ କରିଥିଲେ ।

୧୯୨୦ ମସିହା ପୂର୍ବରୁ ଓଡ଼ିଆ କାବ୍ୟକବିତା କ୍ଷେତ୍ରରେ ଓଡ଼ିଶାର ଜାତୀୟ ଜାଗୃତି ଓ ଓଡ଼ିଆ ଭାଷାଭାଷୀ

ଆନ୍ଦୋଳନକୁ ଲକ୍ଷ୍ୟରଖି ଯେଉଁ ଚିନ୍ତାଧାରା ପ୍ରବର୍ତ୍ତିତ ହୋଇ ଆସିଥିଲା ତାହା ରାଧାନାଥ, ଫକୀରମୋହନ, ଗଙ୍ଗାଧର, ମଧୁସୂଦନରାଓ ନନ୍ଦକିଶୋର, ମଧୁସୂଦନଦାସ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ପଦ୍ମଚରଣ ପଟ୍ଟନାୟକ, ଭିକାରୀ ଚରଣ ପଟ୍ଟନାୟକ (ଉତ୍କଳ ସଙ୍ଗିନୀ), କୃଷ୍ଣମୋହନ ପଟ୍ଟନାୟକ (ଭାରତବନ୍ଦନା), ଲକ୍ଷ୍ମୀକାନ୍ତ ମହାପାତ୍ର (ଉତ୍କଳଜନନୀ), ଗୋବିନ୍ଦ ଚନ୍ଦ୍ର ଶୂରଦେଓ (ଉତ୍କଳଜନନୀଙ୍କ କରୁଣଗୀତ), ଚିନ୍ତାମଣି ମହାନ୍ତି ପ୍ରଭୃତି ବହୁ କବିଙ୍କ କବିତାରେ ସ୍ପଷ୍ଟ ଆଭାସିତ । କିନ୍ତୁ ଯେଉଁ ଐତିହାସିକ ଅନିବାର୍ଯ୍ୟତା ହେତୁ ଓଡ଼ିଆ କାବ୍ୟ-କବିତାର ଏହି ଭଗ୍ନ ଓଡ଼ିଶୀ ସ୍ୱର ପରିବର୍ତ୍ତିତ ହୋଇ ମହା-ଭାରତୀୟ ଜାତୀୟ ଚେତନାଭିତରେ କ୍ରମେ ଅନ୍ତର୍ଲୀନ ହୋଇଗଲା ତାହାର କାରଣ ସ୍ୱରୂପ ୧୯୨୧ ମସିହାର ଅସହଯୋଗ ଆନ୍ଦୋଳନକୁହିଁ ନିର୍ଦ୍ଦିଷ୍ଟଭାବେ ନିର୍ଦ୍ଦେଶ କରାଯିବ । ଏହାରି ପରିଣତିରେ ସତ୍ୟବାଦୀ ଯୁଗର କବିବୃନ୍ଦ ସ୍ୱଭାବତଃ ସେମାନଙ୍କ କାବ୍ୟ-ଚେତନାରୁ ଭଗ୍ନ ଓଡ଼ିଶୀ ଭାବନାକୁ ବାଦ୍ ଦେଇ ଏକ ପ୍ରଶସ୍ତତର ଭାରତୀୟ ଜାତୀୟତା ଓ ତାହାର ମାନବିକତାକୁ ଆଦର୍ଶଭାବେ ଗ୍ରହଣ କରିଥିଲେ । ଏହି ଆଭିମୁଖ୍ୟର ଶ୍ରେଷ୍ଠ ସ୍ମରଣ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ । ତେଣୁ ଏ ପ୍ରବନ୍ଧରେ ଏହି ଦୀର୍ଘ ଉପକ୍ରମଣିକା ପରେ କବି ଗୋପବନ୍ଧୁ ଓ ଅସହ-ଯୋଗ ଆନ୍ଦୋଳନକାଳୀନ କବିମାନଙ୍କ ସଂପୃକ୍ତ କାବ୍ୟ-ଭାବନା ସଂପର୍କରେ ଯଥାସମ୍ଭବ ସୀମିତ ଆଲୋଚନା କରା-ଯାଉଛି ।

ଯେପରିମନେହୁଏ ୧୯୨୦-୨୨ ଏହି ତିନି ବର୍ଷ ଗୋପବନ୍ଧୁ କବିତାର ରଚନା ନିମନ୍ତେ ଆଦୌ ସମୟ ପାଇ ନଥିଲେ । ୧୯୨୨ ମସିହା ଜୁନ୍ ମାସରୁ ୧୯୨୪ ମସିହା ମେ'ମାସ ପର୍ଯ୍ୟନ୍ତ ଦୁଇବର୍ଷକାଳ କଟକ ଓ ହଜାରୀବାଗ ଜେଲରେ ଅବସ୍ଥାନ କାଳରେହିଁ ସେ ମୁଖ୍ୟତଃ କାବ୍ୟ-କବିତାରଚନାରେ ଅନୁରକ୍ତ ହୋଇଥିବା ଲକ୍ଷ୍ୟ କରାଯିବ । ଅସହଯୋଗ ଆନ୍ଦୋଳନରେ ଜେଲ ବରଣ କରିନଥିଲେ ହୁଏତ ଏହି ସୁପ୍ତ କାବ୍ୟଚେତନା ଆଉ ପୁନର୍ଜାଗ୍ରତ ହୋଇ ନଥାନ୍ତା ଏବଂ ଓଡ଼ିଆ ସାହିତ୍ୟରେ ତାଙ୍କୁ ଜଣେ ଶାଶ୍ୱତ ସ୍ରଷ୍ଟାର ସମ୍ମାନ ମଧ୍ୟ ମିଳିନଥାନ୍ତା । ଏହି ଦୁଇ ଜେଲରେ ଅବସ୍ଥାନ କାଳରେ ଗୋପବନ୍ଧୁଙ୍କ ରଚିତ 'ବନ୍ଦୀରଆତ୍ମକଥା' 'କାରା କବିତା', ଧର୍ମପଦ ପ୍ରଭୃତି ତିନୋଟି ଓଡ଼ିଆ ସାହିତ୍ୟକୁ ଗୌରବପୂର୍ଣ୍ଣ ବିଭବ ପ୍ରଦାନ କରିଛି । ଅଥଚ ଏହି ସମୟରେ ସତ୍ୟବାଦୀ ଯୁଗର ଅନ୍ୟାନ୍ୟ ସତୀର୍ଥ ନୀଳକଣ୍ଠ ବା ଗୋଦାବରୀଶଙ୍କ କାବ୍ୟ ଚେତନାରେ କୌଣସି ଉଲ୍ଲେଖ-ଯୋଗ୍ୟ ପରିବର୍ତ୍ତନ ଘଟିନାହିଁ । ନୀଳକଣ୍ଠଙ୍କ ଦ୍ୱାରା ସେହି ହଜାରିବାଗ ଜେଲରେ ଟେନିସନ୍‌ଙ୍କ 'ଇନକ୍‌ଆର୍ଡେନ୍'ର ଅନୁବାଦ 'ଦାସନାବିକ' ଓ କିଛିକ୍ ପୂର୍ବରୁ ୧୯୨୧ ମସିହାରେ 'ଖାରବେଳ' କାବ୍ୟ ଲିଖିତ ହୋଇଥିଲେ ମଧ୍ୟ ଏ ଦୁଇଟି କାବ୍ୟ ମୁଖ୍ୟତଃ ରୋମାଣ୍ଟିକ୍ ପ୍ରେମ ଚେତନା ଉପରେ ଆଧାରିତ । ତେଣୁ ଅସହଯୋଗ ଆନ୍ଦୋଳନର ପ୍ରତ୍ୟକ୍ଷ ପ୍ରଭାବ ତାଙ୍କ କାବ୍ୟ କବିତାର ପରବର୍ତ୍ତୀ ସ୍ୱର ନୁହେଁ । ବରଂ ପ୍ରାକ୍-ଆନ୍ଦୋଳନକାଳୀନ କାବ୍ୟ ସ୍ୱରହିଁ ଅତି ଅପରିବର୍ତ୍ତିତ ଭାବେ ତାଙ୍କ କବିତାରେ ଅନୁସୃତ ହୋଇଅଛି । ସେହିପରି ଗୋଦାବରୀଶଙ୍କ 'ଆଲେଖିକା'ର କେତୋଟି କବିତା, 'କଳିକା' (୧୯୨୧) ଓ 'କିଶଳୟ' (୧୯୨୨) ର କବିତାମାନଙ୍କର ମଧ୍ୟ ଅସହଯୋଗ ଆନ୍ଦୋଳନର ପ୍ରଭାବ ପ୍ରତ୍ୟକ୍ଷ । ଏମାନଙ୍କ କବିତାରେ ସ୍ୱାଧୀନତା-ସଂଗ୍ରାମର ବୈପ୍ଳବିକ ଆହ୍ୱାନ ଅପେକ୍ଷା ଦୁଃଖ ଓ ଦରିଦ୍ର ପ୍ରତି ମାନବ-ବଳୀ ସହାନୁଭୂତିର ସ୍ୱର ଓ ଓଡ଼ିଶାର ପୂର୍ବଗୌରବ ପ୍ରତି ଏକ ସହୃଦୟ ଦୃଷ୍ଟିଭଙ୍ଗୀ ବରଂ ଅଧିକ ଉପଲବ୍ଧ । ତେଣୁ କେବଳ ଯୁଗପୁରୁଷ ଗୋପବନ୍ଧୁ ହିଁ ଅତ୍ୟନ୍ତ ସଚେତନତାର ସହିତ ଅସହଯୋଗ ଆନ୍ଦୋଳନର କାରଣକୁ ଭାବ-ରାଜ୍ୟରେ ସଂପୂର୍ଣ୍ଣ ଆତ୍ମସାତ୍ କରି ତୀବ୍ର ଆବେଦନକାରୀ କାବ୍ୟ-ପଂକ୍ତି ମଧ୍ୟରେ ପ୍ରକାଶ କରିଯାଇଛନ୍ତି । ଏହି ଦୃଷ୍ଟିରୁ ତାଙ୍କ 'ବନ୍ଦୀର 'ଆତ୍ମକଥା' ଯୁଗଯୁଗର ଏକ ଅମଳିନ କୀର୍ତ୍ତି ଭାବରେ ସାହିତ୍ୟ ରାଜ୍ୟରେ ନିଶ୍ଚିତଭାବେ ସେ ସ୍ୱୀକୃତିଲାଭ କରିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

'ବନ୍ଦୀର ଆତ୍ମ କଥା' ଏକ ସମସ୍ୟା ସଚେତନ ମୁକ୍ତିଲକ୍ଷ୍ୟ କାବ୍ୟ ପ୍ରୟାସ । ଓଡ଼ିଶାର ଦୁର୍ଗତି-ଚିନ୍ତାରେ ଆକୁଳ ଓ ମ୍ରିୟମାଣ ପ୍ରିୟତମ ଜଣେ ଜାତୀୟ ବୀରର ପ୍ରାଣ ଉଚ୍ଛ୍ୱାସ ମର୍ମବାଣୀରେ କେବଳ ନୁହେଁ, ଭାରତର ସ୍ୱାଧୀନତା ସଂଗ୍ରାମ ଓ ଅସହଯୋଗ ଆନ୍ଦୋଳନକୁ ଆଗେଇନେବାର ନେତା-ସୁଲଭ ଆହ୍ୱାନରେ ଏ କାବ୍ୟର ପଂକ୍ତିଗୁଡ଼ିକ ଉଦ୍ଭାସ । ସତ୍ୟ, ଅହିଂସା, ସାମ୍ୟ, ସଂସ୍କାର, ପରଂପରା ଓ ବିଶ୍ୱ-ଚେତନାରେ ଅନୁରକ୍ତି ପ୍ରକାଶ କରି ମାତୃଭୂମିର ସେବାରେ ପ୍ରାଣ ବଳି ଦେବାପାଇଁ ଓଡ଼ିଶାରେ ଏପରି ଆହ୍ୱାନମୂଳକ ଭାବ ବିଭୋର କାବ୍ୟ ପଂକ୍ତି ଆଗରୁ କେବେ ପ୍ରକାଶିତ ହୋଇ ନଥିଲା । ତେଣୁ ଏହି କାବ୍ୟ ଚେତନାର ଜନନୀ ଭାବରେ ଏହାର ଐତିହାସିକ ଉପଯୋଗିତା ଓ ସମ-ସାମୟିକ ପରିସ୍ଥିତିରେ ଏହାର ପ୍ରାଣ ପ୍ରତିଷ୍ଠାବିଧାୟକ ବେଦନା ଚିର ଦାରୁଣତାକୁ ଭୁଲିଗଲେ ଚଳିବନାହିଁ । କାରଣ 'ବନ୍ଦୀର ଆତ୍ମକଥା'ର ପ୍ରତିଟି ସ୍ୱର ସଞ୍ଚାର ସହିତ ଜଣେ ସଂଗ୍ରାମୀ ପୁରୁଷର ଜୀବନବ୍ୟାପୀ ଅନୁଭୂତି ଏତେ-ଭାବରେ ବିଜଡ଼ିତ ଯେ ସେସବୁରୁ ଅଲଗାଭାବରେ ବିଶ୍ୱର କବିତାର ନିରପେକ୍ଷତା ହୁଏତ ସମ୍ଭବ ହେବନାହିଁ । 'ଅବକାଶ ଚିନ୍ତା'ରେ ଯେଉଁ ଜଳିତ କାବ୍ୟାବେଗ ଏକ ବିପୁଳ ପ୍ରତିଶ୍ରୁତିର ସମ୍ଭାବନା ଆଣିଥିଲା ; 'ବନ୍ଦୀର ଆତ୍ମ-କଥା'ରେ ତାହାହିଁ ଏକ ଉନ୍ନତ ନିଷ୍କ୍ରମଣର ପଥ ଖୋଲି-ନେଇଛି ଏବଂ ଜାତୀୟ ଜୀବନର ସମସ୍ତ ଦିଗ ଓ ଦିଗନ୍ତକୁ ଆଲୋଡ଼ି ବସିଛି । ଏହି କାବ୍ୟର ତୀବ୍ର ଜାତୀୟ ଚେତନାବୋଧପାଇଁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ସଂଗ୍ରାମୀ ପଦକ୍ଷେପ ଅସହଯୋଗ ଆନ୍ଦୋଳନହିଁ କ୍ଷେତ୍ର ପ୍ରସ୍ତୁତ କରିଥିଲା ଏହା କହିବାର ଅବଶ୍ୟକତା ନାହିଁ । ପୁଣି ଏହି ଆନ୍ଦୋଳନରେ କର୍ମବୀର ଗୋପବନ୍ଧୁ ଏତେ ଭାବରେ ଜୀବନକାବ୍ୟରେ ଜଡ଼ିତ ହୋଇପଡ଼ିଥିଲେଯେ ତାଙ୍କ ଅନ୍ତର ମଧ୍ୟରୁ ନିମ୍ନ ପଂକ୍ତିଗୁଡ଼ିକ ସୂର୍ଯ୍ୟ ଦେହରୁ ସୂର୍ଯ୍ୟ ରଶ୍ମିପରି ବା ହିମାଳୟର ବରଫ ଶଯ୍ୟାରୁ ବିଗଳିତ ଜଳଧାରାପରି ଅତି ସ୍ୱଚ୍ଛ ଓ ସ୍ୱତଃସ୍ଫୂର୍ତ୍ତଭାବେ

ବିଗଳିତ ହୋଇ ପଡ଼ିଥିଇ । ସେଇ ଅମର ପଂକ୍ତିଗୁଡ଼ିକ ସ୍ୱାଧୀନତା ସଂଗ୍ରାମ କାଳରେ ବାରମ୍ବାର ଉଚ୍ଚାରିତ ହୋଇବି ତାହାର ଅନନ୍ୟ ଭାବଆବେଦନ ଓ ପ୍ରାଣସ୍ପର୍ଶୀ ଅଭିମୁଖ୍ୟ ଏବେ ମଧ୍ୟ ମଳିନ ହୋଇନାହିଁ । ଉଦାହରଣ ସ୍ୱରୂପ–

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।
ସ୍ୱାଧୀନତା ପଥେ ଟିକେହେଲେ ନର
ମୋ ଜୀବନଦାନେ ହେଉ ଅଗ୍ରସର" ।

କିମ୍ବା–

"ସ୍ୱରାଜ୍ୟ ସାଧନେ ରହୁ ମୋର ଧ୍ୟାନ,
ଭାରତେ ସ୍ୱରାଜ୍ୟ ଜଗତ କଲ୍ୟାଣ,
ଜଗତ–ସରସେ ଭାରତ କମଳ,
ତା ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।
ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ
ପ୍ରତିଷ୍ଠାନ ମୋର ପ୍ରିୟ ପୁରୀଧାମ" ଇତ୍ୟାଦି କାବ୍ୟ

ପଂକ୍ତିମାନଙ୍କରେ ଆମେ ଯେଉଁ ମହାନ୍ ସାଧକର ଆତ୍ମାର ବାଣୀ ଶୁଣିବାକୁ ପାଉ ତାହା ଉଦ୍ଦେଶ୍ୟହୀନ ବା ଅକାରଣ ହୋଇନାହିଁ । ବନ୍ଦୀର ଆତ୍ମକଥା ଓ ପରେ ପରେ ରଚିତ ଧାରା କବିତା ଗୋଟିଏ କାବ୍ୟିକ ଆବେଗର ଅଭିଜ୍ଞ ପ୍ରମାଣ ରୂପେ ଗୃହୀତ ହୋଇପାରେ । ହୃଦୟବତ୍ତା, ମାନବିକ ଦରଦ ଓ ପରିପୁଷ୍ଟ ଜାତୀୟ ଚେତନାରେ 'କାରା-କବିତା'ର ବିଭିନ୍ନ କବିତା ଏକ ମହାକାବ୍ୟର ବିଷୟ ପରି ଚିରନ୍ତନ ଚେତନାର ତଳକୁ ଛୁଇଁପାରିଛି ଓ କ୍ଲାସିକ୍ ସାହିତ୍ୟ ପରି ପୋଖତଭାଷା ଓ ସମୃଦ୍ଧ ଭାବନାର ପରିଚୟ ବହନ କରିଛି । ପୁନଶ୍ଚ ଜଣେ କ୍ଲାସିକ୍ ସ୍ରଷ୍ଟାପରି ଅତିମାତ୍ରାରେ ପରଂପରାଧର୍ମୀ ହୋଇଥିଲେ ମଧ୍ୟ ଏ କବିତା ଗୁଡ଼ିକରେ ଉଦାର ପ୍ରଗତିପନ୍ଥୀ ବୈପ୍ଳବିକ ଚେତନାର ଅଭାବ ନାହିଁ । ସମୟର ଆହ୍ୱାନ ଅନୁସାରେ ନୂତନ ରାଜନୈତିକ ଓ ଅର୍ଥ-ନୀତିକ ଉଦ୍‌ଯୋଗ, ନୂତନ ସମାଜ ରାଜନୈତିକ ଦର୍ଶନ ସହିତ ଧର୍ମ ଓ ଆଧ୍ୟାତ୍ମିକ ବିଶ୍ୱାସ, ବ୍ୟକ୍ତି ଓ ବିଶ୍ୱ ଦେଶ ଓ ଦଶ ପାଇଁ ବିଶ୍ୱତୋମୁଖୀ ପ୍ରାଣିତ ଆବେଗରେ ଏହାର କାବ୍ୟ ପଂକ୍ତି ଉଚ୍ଛଳ । ଅସହଯୋଗ ଆନ୍ଦୋଳନ ଓ କାରାବରଣ ଘଟିନଥିଲେ 'ବନ୍ଦୀର ସ୍ୱଦେଶ ଚିନ୍ତା', 'ବନ୍ଦୀର ସନ୍ଧ୍ୟାଭାବନା' ଓ 'ପିତୃପକ୍ଷ ତର୍ପଣ' ପରି ଗଭୀର ଦେଶ-ପ୍ରୀତିମୂଳକ କବିତାର ସୃଷ୍ଟି ସମ୍ଭବ ହୋଇନଥାନ୍ତା । ଏହି କାଳରେ ରଚିତ ଅନ୍ୟଏକ କାବ୍ୟ 'ଧର୍ମପଦ'ରେ କିମ୍ବଦନ୍ତୀ ଓ ଜନଶ୍ରୁତିକୁ ଅବଲମ୍ବନ କରି ଓଡ଼ିଶାର ଅତୀତ ଘଟଣାବଳୀ ଓ ପରିବେଶ ଚିତ୍ରିତ ହୋଇଥିଲେ ବି ଧର୍ମପଦର ଆତ୍ମତ୍ୟାଗକୁ ଏକ ପ୍ରତୀକଭାବେ ଗ୍ରହଣକରି ସେ ଜାତୀୟ ମୁକ୍ତି-ସଂଗ୍ରାମରେ ଡେଇଁ ଦେବାପାଇଁ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି । ଯେତେଦୂର ମନେହୁଏ ୧୯୨୧ ମସିହାର ସ୍ୱରାଜ୍ୟ ଆନ୍ଦୋଳନ ଭିତ୍ତିରେ ରଚିତ ଏହି କବିତା ଗୁଡ଼ିକହିଁ ତାଙ୍କର ସଫଳତମ ସୃଷ୍ଟି । କିନ୍ତୁ ଏହି ସମୟରେ ରଚିତ ନୀଳକଣ୍ଠ ବା ଗୋଦାବରୀଶଙ୍କ କବିତାରେ କ୍ରମାବକ୍ଷୟ ଉପଲବ୍ଧି କରାଯାଇପାରେ । ଏପରିକି ସେମାନଙ୍କ କବିତାରେ ଅସହଯୋଗ ଆନ୍ଦୋଳନର ପ୍ରଭାବ ଅତ୍ୟନ୍ତ କ୍ଷୀଣ ; ତେଣୁ କାବ୍ୟ ସନନ୍ଦ ଦୁର୍ବଳତର । ୧୯୨୧ ମସିହାରେ ଭାରତୀୟ ଜାତୀୟ ଜୀବନର ଏହି ବିପ୍ଳବ ଆନ୍ଦୋଳନ ସତ୍ୟବାଦୀର ଏହି କବିଦ୍ୱୟଙ୍କୁ ଯେ କିପରି ସକ୍ରିୟ କରିନାହିଁ ତାହା ଅନୁଧ୍ୟାନ କଲେ ବିସ୍ମୟ ଲାଗେ ।

ଏହି ଆନ୍ଦୋଳନର ପ୍ରଭାବ କବି ବାଞ୍ଛାନିଧି ମହାନ୍ତି ଓ କବି ବୀରକିଶୋରଙ୍କ କବିତାରେ ସ୍ପଷ୍ଟ ଅନୁଭୂତ ହେଲେ ମଧ୍ୟ ଗୋପବନ୍ଧୁଙ୍କ କବିତାପରି ସେସବୁ ଉଚ୍ଚାଙ୍ଗ ସାହିତ୍ୟିକ ମର୍ଯ୍ୟାଦା ହାସଲ କରିପାରିନାହିଁ । କବି ବାଞ୍ଛାନିଧି ବା ବୀରକିଶୋରଙ୍କ ସୃଷ୍ଟିକୁ କବିତା ନକହି ପଦ୍ୟ ବା ସଙ୍ଗୀତ କହିଲେ ଅଧିକ ଯୁକ୍ତିଯୁକ୍ତ ହେବ । ବାଞ୍ଛାନିଧିଙ୍କ 'ଉତ୍କଳ-ବୀଣା'ର ପ୍ରଥମ ଝଙ୍କାର (୧୯୨୧) ଅସହଯୋଗ ଆନ୍ଦୋ-ଳନର ଏକ ପ୍ରତ୍ୟକ୍ଷ ପରିଣତି ହେଲେବି ଏହାକୁ ଖୁବ୍ ବେଶୀ ହେଲେ ଉଦ୍‌ବୋଧନମୂଳକ ସଙ୍ଗୀତଭାବେ ଗ୍ରହଣ କରାଯାଇ-ପାରେ । ଏହାର କାରଣ ଗୋପବନ୍ଧୁଙ୍କ ପରି ବାଞ୍ଛାନିଧି ଜାତୀୟ ସଂଗ୍ରାମରେ ଝାସ ଦେଇନଥିଲେ ବା ଦେବାପାଇଁ ପ୍ରାଣପାତ କରିନଥିଲେ ! ତେଣୁ ତାଙ୍କ କାବ୍ୟଚେତନାରେ ଦେଶପାଇଁ ଗଭୀର ଦରଦ ଓ ପ୍ରାଣପୂର୍ଣ୍ଣ ଅଭିବ୍ୟକ୍ତି ପ୍ରକାଶ ନପାଇବା ସ୍ୱାଭାବିକ । ତଥାପି ସାଧାରଣ ଲୋକେ ବୁଝିପାରିବା ପରି ସରଳ ଭାଷାରେ ରଚିତ ତାଙ୍କ ସଙ୍ଗୀତ-ଗୁଡ଼ିକ ସେ ସମୟରେ ସ୍ୱରାଜ୍ୟ-ସଂଗ୍ରାମୀମାନଙ୍କୁ ଯେ ଖୁବ୍ ଉତ୍ସାହିତ ଓ ଉଦ୍ଦୀପିତ କରିଥିଲା, ଏଥିରେ ସନ୍ଦେହ ନାହିଁ । ଯଦିଓ ତାଙ୍କ କବିତାରେ ବୈପ୍ଳବିକ ସଙ୍ଗୀତର ଗୁରୁଗମ୍ଭୀର ଭାଷା ନାହିଁ, ତଥାପି ସମକାଳୀନ ଭାରତୀୟ ସମସ୍ୟାକୁ ପ୍ରକଟିତ କରିବାରେ ଏହି ଭାଷା ଯେ ଏକାନ୍ତ ଉପଯୋଗୀ ଓ ଲକ୍ଷ୍ୟନିଷ୍ଠ, ତାହା ଅସ୍ୱୀକାର କରି-ହେବନାହିଁ । ପୁଣି ତାଙ୍କ କବିତାର ତୁଳନାତ୍ମକ ଦୃଷ୍ଟାନ୍ତ ଓ ସରଳ ପ୍ରତୀକଗୁଡ଼ିକ ସାଧାରଣ ଜନତାକୁ ବେଶ୍ ଉଦ୍‌ବୁଦ୍ଧ କରେ । ଏହି ପ୍ରୟାସରେ ପୁରାଣ, ଧର୍ମ, ଓ କେତେକ ଐତିହାସିକ ଉପାଦାନ ମଧ୍ୟ ତାଙ୍କ କବିତାରେ ସୁଲଭ । ଏପରିକି ମହାତ୍ମାଗାନ୍ଧିଙ୍କ ପ୍ରତି ନିବେଦିତ ଭକ୍ତିଭାବନାରେ ସେ ତାଙ୍କୁ ଶ୍ରୀକୃଷ୍ଣଙ୍କ ଅଂଶାବତାର ବୋଲି ମଧ୍ୟ ପରିକଳ୍ପନା କରିଛନ୍ତି । ଏହି କ୍ରମରେ ସୁଦର୍ଶନଚକ୍ର ଚରଖାରେ ରୂପାନ୍ତରିତ ହେବା ସ୍ୱାଭାବିକ । ଏପରିକି ଶ୍ରୀକୃଷ୍ଣଙ୍କ ମଥୁରାଗମନ ବିଚ୍ଛେଦକୁ ଗାନ୍ଧିଙ୍କ କାରାବାସ ବିଚ୍ଛେଦ ସହ ମଧ୍ୟ ଉପମିତ କରାଯାଇଛି । ତେଣୁ 'ଉତ୍କଳ ବୀଣା'ର 'ପ୍ରଥମ ଝଙ୍କାର' ଓ ଏହାର ୧୦ ବର୍ଷ ପରେ ୧୯୩୧ରେ ରଚିତ 'ଦ୍ୱିତୀୟ ଝଙ୍କାର'ରେ କୌଣସି କଳାଗତ କୃଷ୍ଟି ଲକ୍ଷ୍ୟ କରିହୁଏ ନାହିଁ । ତଥାପି କବି ବାଞ୍ଛାନିଧି ସ୍ୱରାଜ୍ୟସଂଗ୍ରାମ ସହିତ ଭାରତୀୟ ସମାଜର ଅର୍ଥନୀତିକ ବୈଷମ୍ୟ ପ୍ରତି ଦୃଷ୍ଟିପାତ କରି ଲେଖିଛନ୍ତି–

"କି ହେବ ସ୍ୱରାଜ୍ୟ ପାଇ ଯଦି ନପୂରେ ପେଟ
ଆମେ ଗଡ଼ୁଥିବା ଭୋକ ଉପାସରେ
ଜଣେ ଦୁଇଜଣ ବସେଇ ଶେଠ"

କେବଳ ସାମାଜିକ ଅସଙ୍ଗତି ଓ ଅସହଯୋଗ ଆନ୍ଦୋଳନର ଚିତ୍ର ନୁହେଁ ତାଙ୍କ କବିତାରେ ଅସ୍ପୃଶ୍ୟତା ନିବାରଣ,

ନାରୀ ଜାଗରଣ, ସ୍ୱଦେଶୀ ଦ୍ରବ୍ୟର ପ୍ରଚାର ଆଦି ବହୁ ସଂସାରମୁଖୀ ଜାତୀୟଚେତନା ପ୍ରକାଶ ପାଇଛି । ବସ୍ତୁତଃ ଏହାହିଁ ଥିଲା ସମସାମୟିକ ପରିବେଶରେ ସ୍ୱରାଜ୍ୟସଂଗ୍ରାମ ଓ ଗାନ୍ଧି ପ୍ରବର୍ତ୍ତିତ ଆଦର୍ଶର ବାର୍ତ୍ତା ଓ ଅଭିମୁଖ୍ୟ । ଏହି ଅଭିମୁଖ୍ୟ ସମସାମୟିକ ଭାବେ ବୀରକିଶୋରଙ୍କ କବିତାରେ ମଧ୍ୟ ଉପଲବ୍ଧ । ବାଞ୍ଛାନିଧିଙ୍କ ପରି ବୀରକିଶୋର ଗାନ୍ଧିଙ୍କୁ କୃଷ୍ଣାବତାର ବୋଲି କହି ଭକ୍ତିର ମିଥ୍ୟାର ପରିଚୟ ଦେଇନାହାନ୍ତି । ତାଙ୍କ କବିତାରେ ଗାନ୍ଧିପ୍ରୀତିର ଉଚ୍ଛ୍ୱସିତ ନିଦର୍ଶନ ସର୍ବତ୍ର ସୁଲଭ ହେଲେ ବି ଅନ୍ଧ ଭାବପ୍ରବଣତା ନାହିଁ ; ବରଂ ବ୍ୟକ୍ତି ପୂଜା ଅପେକ୍ଷା ନୀତିର ପୂଜାହିଁ ତାଙ୍କ କବିତାର ବିଷୟ ବସ୍ତୁ । ତାଙ୍କ ରଚିତ 'ମୋହନବଂଶୀ' (୧୯୨୧) ଅସହଯୋଗ ଆନ୍ଦୋଳନ କାଳରେ ମହାତ୍ମାଗାନ୍ଧିଙ୍କ ଉଦ୍‌ଘୋଷଣା ଓ ଅନୁସୃତ ପନ୍ଥାକୁ ଏକ ଆଶ୍ଚର୍ଯ୍ୟ ଉଚ୍ଛାଟନ ଭାବେ ପ୍ରତିଫଳିତ କରିଛି । ଭାଷାର ସରଳତା ଓ ହୃଦୟଗ୍ରାହିତାରେ ତାଙ୍କ କବିତା କଥିତ ଭାଷାପରି ପାଠକକୁ ଆସକ୍ତ କରେ । ଏ ଭାଷାରେ କୌଣସି ସ୍ଥାନରେ ବୌଦ୍ଧିକ ଆଟୋପ ନାହିଁ । ତଥାପି କବି ବୀରକିଶୋରଙ୍କ ସଙ୍ଗୀତରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ କବିତା ପରି ବୈପ୍ଳବିକ ଆହ୍ୱାନର ଅଭାବ ଅନୁଭୂତ ହୁଏ । ତାଙ୍କ ସଙ୍ଗୀତର ସମସ୍ତ ନିଶ୍ୱାସର ପରିପ୍ରକାଶ ସତ୍ତ୍ୱେ ତାହା ଜଣେ ସୈନିକକୁ ସମରପ୍ରମତ୍ତ କରାଇପାରେନାହିଁ । କିନ୍ତୁ ଦେଶର ବହୁବିଧ ସମସ୍ୟାକୁ ଅବଲମ୍ବନକରି ସ୍ୱରାଜ୍ୟ ଆନ୍ଦୋଳନର ଭିତ୍ତି ଉପରେ ବିଭିନ୍ନ ସମୟରେ ରଚିତ ତାଙ୍କ କବିତା 'ସବୁଜସାଥୀ' 'ବିଦ୍ରୋହବୀଣା', 'ରଣଭେରୀ', 'ଦୁନ୍ଦୁଭି' ଓ କେତେକ ଗୀତି କବିତାର ସମାହାର 'ସ୍ମୃତିକଣିକା' କବି ବୀରକିଶୋରଙ୍କୁ ଜଣେ ସଂଗ୍ରାମୀ ଜାତୀୟକବିଭାବେ ପରିଚିତ କରାଇପାରିଛି ।

କାନ୍ତକବି ଲକ୍ଷ୍ମୀକାନ୍ତ ଓ କୁନ୍ତଳାକୁମାରୀ ସ୍ୱରାଜ୍ୟ ଆନ୍ଦୋଳନର ଏହି ପ୍ରଥମ ପର୍ଯ୍ୟାୟରେ ଯେ ବହୁଭାବରେ ଉଦ୍‌ବୁଦ୍ଧ ହୋଇଥିଲେ ତାହାର ଦୃଷ୍ଟାନ୍ତ କାନ୍ତକବିଙ୍କ ରଚିତ କେତୋଟି 'ଜାତୀୟ ସଙ୍ଗୀତ' ଓ ଉପନ୍ୟାସ 'କଣାମାମୁଁ' ଏବଂ କୁନ୍ତଳାକୁମାରୀଙ୍କ 'ଅର୍ଚ୍ଚନା', 'ସ୍ଫୁଲିଙ୍ଗ' ଓ 'ଆହ୍ୱାନ' ରୁ ସ୍ପଷ୍ଟ ଉପଲବ୍ଧ ହେବ । କୁନ୍ତଳାକୁମାରୀଙ୍କ କବିତାଗୁଡ଼ିକ ଆଶା, ଆଦର୍ଶ, ଉତ୍ସାହ ଓ ପ୍ରେରଣାରେ ପରିପୂର୍ଣ୍ଣ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଆଗୁସାର ହେବାପାଇଁ ତାଙ୍କ କବିତାଗୁଡ଼ିକ ତରୁଣ ତରୁଣୀଙ୍କ ମନରେ ଯଥେଷ୍ଟ ଆତ୍ମ ବିଶ୍ୱାସ, ପ୍ରାଣ ପ୍ରାଚୁର୍ଯ୍ୟ ଓ କର୍ମପ୍ରେରଣା ସୃଷ୍ଟିକରିବାରେ ସମର୍ଥ ହୋଇପାରିଛି । ଏପରିକି ତାଙ୍କ କବିତାଗୁଡ଼ିକ ବହୁ ସମଭାବାପନ୍ନ ଚିନ୍ତା ମାନସକୁ ଆନ୍ଦୋଳିତ କରିପାରିଥିଲା । ଏହା ଶ୍ରୀ ଗୋଦାବରୀଶ ମହାପାତ୍ରଙ୍କ ୧୯୨୬ ମସିହାରେ ପ୍ରକାଶିତ ଏକ ମନ୍ତବ୍ୟରୁ ସ୍ପଷ୍ଟ ହେବ । ଗୋଟିଏ ଚିଠିରେ ସେ କୁନ୍ତଳା କୁମାରୀଙ୍କୁ ଲେଖିଥିଲେ—"ଉତ୍କଳ ସାହିତ୍ୟାକାଶରେ ଆପଣ କେବଳ ତାରାରୂପେ ନରହି ଲଣ୍ଠନତାରା ରୂପେ ତୁମୂଳ ପରିବର୍ତ୍ତନ ଘଟାଇବେ ବୋଲି ମୁଁ ଆଶା କରେ । ସେହି ଭୀଷଣ ପରିବର୍ତ୍ତନର ମୁହୂର୍ତ୍ତରେ ଆମ୍ଭେମାନେ ଯେତେ-ଦୂର ପାରୁ ବିଜୟ ଡଙ୍କା ବଜାଇବାକୁ ପଛାଇବୁନାହିଁ । ଉତ୍କଳର ଯୁବକ ଯୁବତୀଙ୍କର ଜୀବନନାଟିକା ଚିପି ସେମାନଙ୍କ ସୁପ୍ତ ଜୀବନରେ ଦୁନ୍ଦୁଭି ବଜାଇବାପାଇଁ ଆପଣ ଲେଖନ୍ତୁ କବିତା" । ନୀଳକଣ୍ଠ ମଧ୍ୟ ଏହିପରି ଉତ୍ସାହ-ଦୀପ୍ତ ବାକ୍ୟରେ ତାଙ୍କୁ ଜାତୀୟବାଦୀ କବିତା ରଚନା କରିବାକୁ ପରାମର୍ଶ ଦେଇଥିଲେ । ତେଣୁ କୁନ୍ତଳା କୁମାରୀଙ୍କ 'ଅର୍ଚ୍ଚନା' (୧୯୨୭) ଗୀତିଧର୍ମୀ କବିତା ଓ ପ୍ରଗୀତଗୁଡ଼ିକରେ ଜାତୀୟ ଭାବନାର ଅକୁଣ୍ଠ ଆବେଗ ପ୍ରଥମେ ମୁକୁଳିତ ହୋଇଥିଲେ ମଧ୍ୟ 'ସ୍ଫୁଲିଙ୍ଗ' (୧୯୨୯) ଓ 'ଆହ୍ୱାନ' (୧୯୩୦) ରେ ଏହା ଏକ ସ୍ପଷ୍ଟ ଉଗ୍ରସ୍ୱର ପ୍ରକାଶ କରିବାରେ ସମର୍ଥ ହୋଇଛି । 'ଅର୍ଚ୍ଚନା'ର ସରଳ ଅନୁଭୂତି 'ସ୍ଫୁଲିଙ୍ଗ' ଓ 'ଆହ୍ୱାନ'ରେ କ୍ରମେ ଅଧିକ ସମାଜ-ରାଜନୈତିକ ସଚେତରେ ପରିପୁଷ୍ଟ ହୋଇ ଉଠିଛି । 'ଆହ୍ୱାନ ସତ୍ୟାଗ୍ରହ ସଂଗ୍ରାମରେ ଯୋଗ ଦେବାପାଇଁ ମହାତ୍ମାଜୀଙ୍କର ଆହ୍ୱାନ । ବିଦେଶୀଙ୍କ ଅର୍ଥନୈତିକ ଶୋଷଣ, ନିପୀଡ଼ନ, ଦେଶବାସୀଙ୍କ ଉତ୍କଟ ଦାରିଦ୍ର୍ୟ, ରୋଗବ୍ୟାଧି, ରାଜା ଜମିଦାରଙ୍କ ବିଳାସବ୍ୟସନ, ବିଦେଶୀ ପଦଲେହୀଙ୍କ ବିଶ୍ୱାସଘାତି ଭୂମିକା, ପଦସ୍ଥଙ୍କ ସ୍ଥଳସା, ଦେଶପ୍ରେମୀମାନଙ୍କ କଳାପାଣି ଓ ଫାଶୀକାଠ ପୁରସ୍କାର ଆଦି ଦେଶର ଘୋର ଅସହାୟ ଅବସ୍ଥାର ଚିତ୍ର ଏଥିରେ ପ୍ରକଟିତ ହୋଇଅଛି । ମଣିଷର ଦୁଃଖରେ କବି କେଉଁଠି ବ୍ୟଥିତା ତ କେଉଁଠି ଜାତୀୟ ଜୀବନର ଗ୍ଳାନି ଓ ଅବସାଦରେ ମ୍ରିୟମାଣା । କବି ଗୋପବନ୍ଧୁଙ୍କ ପରି ତାଙ୍କ କାବ୍ୟ ସ୍ୱରରେ ପ୍ରାଣିତ ଆବେଗ ପ୍ରକାଶ ପାଉନଥିଲେବି ତାହା ଯେ ସଚ୍ଚୋଟ ଓ ସଚେତନ, ଏକଥା ସ୍ପଷ୍ଟଭାବେ କୁହାଯାଇ ପାରିବ ।

କିନ୍ତୁ ସମସାମୟିକଭାବେ ରଚିତ କାନ୍ତକବିଙ୍କ ଜାତୀୟ ସଙ୍ଗୀତର ମନ୍ତ୍ରନାଦ ଭାରତୀୟ ଜନତାକୁ ଯେଉଁ ଅତୁଳନୀୟ ଉଦ୍‌ବୋଧନ ଦେଇଛି ତାହା ନିମ୍ନ କେତୋଟି ପଂକ୍ତିରୁ ସ୍ପଷ୍ଟ ହେବ—


"ଜାତିର ଜୀବନ ଆକାଶେ ଆସିଛି ବିପଦ ବଉଦ ମାଡ଼ି
କିଏ କାହିଁଅଛ ବୀରସନ୍ତାନ ଆସରେ ଅଳସ ଛାଡ଼ି
ପୂର୍ଣ୍ଣ ଆହୁତି ଡ଼ାକପଡ଼ିଲାଣି ଆସରେ ସଙ୍ଗିନୀ
ଆସ ବୀରମାତା, ବୀରର ଘରଣୀ, ଆସ ରଣ ରଙ୍ଗିନୀ" ।

ଅସହଯୋଗ ଆନ୍ଦୋଳନଠାରୁ ୧୯୪୨ ମସିହାର ବିପ୍ଳବ ପର୍ଯ୍ୟନ୍ତ ଏହି ଭାବଧାରାରେ ପରିପୁଷ୍ଟ ଅନେକ ସମୟୋପ-ଯୋଗୀ କବିତା ତାଙ୍କ କାବ୍ୟଚେତନାକୁ ଚିହ୍ନିତ କରିଥିଲେବି 'କଣାମାମୁଁ' ଉପନ୍ୟାସର ମଧ୍ୟରେ ସେଯେଉଁ ବିପ୍ଳବ ପରିକଳ୍ପନା କରିଛନ୍ତି ତାହା ବିଦେଶୀ ସରକାରଙ୍କ ବିରୁଦ୍ଧରେ ଏକ ଶୀତଳଯୁଦ୍ଧର ଉପକ୍ରମଣିକା ଭାବେ ସ୍ୱୀକୃତ ହେବ ।

ଅସହଯୋଗ ଆନ୍ଦୋଳନର ପ୍ରଭାବ କ୍ରମେ ୧୯୩୦ ମସିହାବେଳକୁ କ୍ଷୀଣତର ହୋଇ ଆସିଛି ଓ ଲବଣ ଆନ୍ଦୋ-ଳନରେ ଏହି ଜାତୀୟ ସଂଗ୍ରାମ ଏକ ନୂତନ ପଦକ୍ଷେପ ଗ୍ରହଣ କରିଛି । ଫଳରେ ଓଡ଼ିଆ କବିତାରେ ଅନୁରୂପ-ଭାବେ ମଧ୍ୟ ଏହି ଅସହଯୋଗ ଆନ୍ଦୋଳନକାଳୀନ ଜାତୀୟ ଭାବନା କ୍ଷୀଣତର ହୋଇ ୧୯୩୦ ମସିହାର ଲବଣ ଆନ୍ଦୋ-ଳନ ପରେ ଏକ ନୂତନ ଅଭିମୁଖ୍ୟ ବରଣ କରିଛି ।

ଉପସଂହାରରେ ଏତିକି କହିବାକୁ ହେଉଛି ଯେ ଓଡ଼ିଆ କାବ୍ୟ କବିତା କ୍ଷେତ୍ରରେ ଏହି ଜାତୀୟ ସଂଗ୍ରାମ ଯେଉଁ ପ୍ରତିଘାତ ସୃଷ୍ଟି କରିଛି ତାହାର ପ୍ରଥମ ସୂଚୀପତ୍ରଭାବେ ଅସହଯୋଗ ଆନ୍ଦୋଳନ ଯେ ଏ କବିତାକୁ ଏକ ନୂତନ ମାନଚିତ୍ର ଦେଇଛି ତାହା ଉପରଲିଖିତ କବିମାନଙ୍କ କାବ୍ୟ ପରିକଳ୍ପନାରୁ ସ୍ପଷ୍ଟ ସୂଚିତ ହେବ ।

ରିଡ଼ର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର ୪



*With best compliments from*

**THE INDUSTRIAL DEVELOPMENT CORPORATION OF ORISSA LTD.**
( A GOVERNMENT OF ORISSA UNDERTAKING )
POST BOX No. 78
**BHUBANESWAR**

**Units under Operation :**

1. HIRA CEMENT WORKS, BARGARH
2. KALINGA IRON WORKS, BARBIL
3. FERROCHROME PLANT, JAJPUR ROAD
4. HIRA CABLE WORKS, HIRAKUD
5. HIRAKUD INDUSTRIAL WORKS, HIRAKUD
6. RE-ROLLING MILL, HIRAKUD
7. TILE FACTORY, CHOUDWAR

**Subsidiary :**

1. EAST COAST SALT & CHEMICAL INDUSTRIES LTD. SUMANDI, GANJAM.

**Joint Ventures :**

1. KONARAK JUTE LIMITED
2. ORICHEM LIMITED
3. HIRA STEEL & ALLOYS LIMITED

# ରେଶମ ବିପ୍ଳବ ଓ ଆଦିବାସୀ ଅର୍ଥନୀତି

ଶ୍ରୀ କୈଳାସ ଚନ୍ଦ୍ର ଜେନା

ସଂପ୍ରତି ଭାରତର ରେଶମ ଶିଳ୍ପ ଆନ୍ତର୍ଜାତିକ କ୍ଷେତ୍ରରେ ବ୍ୟାପକ ଚାହିଦା ସୃଷ୍ଟି କରିବାକୁ ସମର୍ଥ ହୋଇଛି । ଫଳରେ ରେଶମ ଉତ୍ପାଦନ ପାଇଁ ସର୍ବଭାରତୀୟ ସ୍ତରରେ ବ୍ୟାପକ ଉଦ୍ୟମ କରାଯାଉଛି । ଗ୍ରାମବହୁଳ ଭାରତରେ ଏହା ଏକ ଲାଭପ୍ରଦ ଧନ୍ଦାରେ ପରିଣତ ହେଲାଣି ଓ ଦିନକୁ ଦିନ ଏହି ଚାଷର ବ୍ୟାପକ ପ୍ରସାର ଦିଗରେ ମଧ୍ୟ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ସ୍ୱାଧୀନତା ପୂର୍ବରୁ ରେଶମ ଅବହେଳିତ ଅବସ୍ଥାରେ ଥିଲା । ଏହାର ଚାହିଦା ଦେଶ ବିଦେଶରେ ବଢ଼ିବ ବୋଲି କେହି ବିଶ୍ୱାସ କରୁନଥିଲେ । ରେଶମ ବସ୍ତ୍ରର ଜନାପାଟବ ଅତି ସୂକ୍ଷ୍ମ ଦୃଷ୍ଟିରେ ବିଚାର କଲେ ସ୍ପଷ୍ଟ ଅନୁଭୂତି ହୁଏ ଯେ ଏହା ନାନା ଘାତ ପ୍ରତିଘାତ ମଧ୍ୟରେ ନିଜର ସ୍ଥାନ ପୂର୍ବପରି ଅତୁଟ ରଖିଛି ।

## ରେଶମର ରୂପାନ୍ତରଣ

ରେଶମ ବା ସିଲ୍କକୁ ଆମେ ସାଧାରଣତଃ ପାଟ କହୁ । ଏହି ପାଟ ଚାରି ପ୍ରକାର ଯଥା :—ମଲବରୀ, ଏଣ୍ଡି, ମୁଗା ଓ ଟସର । ମୁଗା ଓଡ଼ିଶାର ଜଳବାୟୁରେ ଚାଷ ହୋଇ ପାରୁ ନାହିଁ । ଏହି ଚାଷ ଆସାମ ରାଜ୍ୟର ଜଳବାୟୁରେ କେବଳ ହୁଏ । ମୁଗା କୋଷ (Cocoon) ଗୋଟିଏ ଜାତିର ରେଶମ ପୋକର ଲାଳରୁ ତିଆରି ହୁଏ । ଆପେ ଆପେ ପୋକ କୋଷା ତିଆରି କରେ ଓ ସେଥିରେ ରହିଯାଏ । ପୁଣି ତା'ପାଟିରୁ ଗୋଟିଏ ପ୍ରକାର ଲାଳ ନିର୍ଗତ ହୁଏ ଓ ସେହି ଲାଳ ଚରି ଗୋଟିଏ ବାଟ ଫିଟିଯାଏ । ସେହିବାଟ ଦେଇ ପୋକଟି ପ୍ରଜାପତି ହୋଇ ବାହାରେ । ଏହି ପ୍ରଜାପତି ମଧ୍ୟରୁ ମାଈ ପ୍ରଜାପତି ଅଣ୍ଡାଦିଏ ଓ ସେହି ଅଣ୍ଡାରୁ ପୋକ ବାହାରେ । ଏହି ପୋକ "କେଶାରୁ" ନାମକ ଏକ ପ୍ରକାର ଗଛର ପତ୍ର ଖାଆନ୍ତି । ଏହି ପୋକର କୋଷାରୁ ଯେଉଁ ସୂତା କଟାଯାଏ ତାହା ଅତି ସୂକ୍ଷ୍ମ ଓ ସୁନା ପରି ହଳଦିଆ ।

ମଲବରୀ କୋଷାରୁ ପାଟ ବସ୍ତ୍ର ତିଆରି ହୁଏ । ତୁତ୍ ଗଛର ପତ୍ର ଖାଇ ଏକଜାତୀୟ ରେଶମ ପୋକ କୋଷା ତିଆରି କରେ । ଏହି ଚାଷର ପ୍ରସାର ପାଇଁ କୋରାପୁଟ ଜିଲ୍ଲାର ପଟାଙ୍ଗିଠାରେ ଉଦ୍ୟମ କରାଯାଉଛି । କଟକ ଜିଲ୍ଲାର ରାଜକନିକାର ସିକୋଠାରେ ମଧ୍ୟ ଘରୋଇ ଉଦ୍ୟମରେ ଏହି ଚାଷ ଚାଲିଛି । ବହୁତ ବର୍ଷ ପୂର୍ବେ ମୟୂରଭଞ୍ଜର ସ୍ୱନାମଧନ୍ୟ ରାଜା ସ୍ୱର୍ଗତ ରାମଚନ୍ଦ୍ର ଭଞ୍ଜ ଏଦିଗରେ ଉଦ୍ୟମ କରିଥିଲେ ମାତ୍ର ନାନା ପ୍ରତିବନ୍ଧକ ଯୋଗୁ ତାଙ୍କ ଉଦ୍ୟମ ବ୍ୟର୍ଥ ହେଲା ।

ଏଣ୍ଡି ଚାଷରେ ଆମ ରାଜ୍ୟ ଅଗ୍ରଗତି କରି ନାହିଁ । ୧୯୨୬ ମସିହାର କଥା.... । ସ୍ୱର୍ଗତ ଭିକାରୀ ଚରଣ ପଟ୍ଟନାୟକ ତାଙ୍କର ଆଇନ ବ୍ୟବସାୟ ସହିତ ଏଣ୍ଡି ଚାଷର ବ୍ୟାପକ ପ୍ରସାର ପାଇଁ ଚେଷ୍ଟା କରିଥିଲେ । ସ୍ୱର୍ଗତ ପଟ୍ଟନାୟକଙ୍କ ଉଦ୍ୟମରେ କେତେଜଣ ଓଡ଼ିଆ ଯୁବକ ଭାଗଲପୁର ଯାଇ ପୋକ ପାଳନ ସଂପର୍କରେ ତାଲିମ ପାଇଥିଲେ । ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ଓ ନାନା ପ୍ରଶାସନିକ ତ୍ରୁଟି ଯୋଗୁଁ ଏଣ୍ଡି ଚାଷ ଅପ୍ରତ୍ୟାଶିତଭାବେ ବାଧା ପାଇଲା । ସେତେବେଳେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଣ୍ଡି ପୋକ ପାଳନ ସଂପର୍କରେ ଶିକ୍ଷା ଦିଆଯାଉଥିଲା । ଏଣ୍ଡି ପୋକ ଗବ ଗଛର ପତ୍ର ଖାଇ ଅଣ୍ଡା ଦିଏ ଓ କୋଷା ତିଆରି କରେ । ଆମ ରାଜ୍ୟର ଶତକଡ଼ା ୮୦ ଭାଗ ଏଣ୍ଡି କେବଳ ଜଗତସିଂହପୁର ଏଣ୍ଡି କେନ୍ଦ୍ରରୁ ପ୍ରସ୍ତୁତ ହୁଏ । ଏହାଛଡ଼ା କଟକ ଜିଲ୍ଲାର ଡମପଡ଼ା, ଡଂପେଶ୍ୱର, ସିକୋ, ସୁନ୍ଦରଗଡ଼ ଜିଲ୍ଲାର ବଡ଼ଗାଁ ଓ ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ ଅଞ୍ଚଳରୁ କୋଷା ସଂଗ୍ରହ କରାଯାଏ । ଏଣ୍ଡି ପୋକ ଖୋର୍ଦ୍ଧା ନିକଟସ୍ଥ ପଲ୍ଲଠାରେ ଥିବା ଏଣ୍ଡି ବିହନ କେନ୍ଦ୍ରରୁ ମିଳେ ।

ଏଣ୍ଡି ପରି ଟସର ପ୍ରାଚୀନ । କାର୍ପାସ ଓ ରସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ନାଇଲନ ଓ ଟେରିଲିନ୍‌ଠାରୁ ଏହାର ବହୁ ଗୁଣରେ ସ୍ୱାତନ୍ତ୍ର୍ୟ ରହିଛି । ମୟୂରଭଞ୍ଜ ଜିଲ୍ଲା ହେଉଛି—ଟସର ଶିଳ୍ପର ପ୍ରାଣକେନ୍ଦ୍ର । ଟସର ପୋକ ଅସନ ଗଛର ପତ୍ର ଖାଇ କୋଷା ତିଆରି କରେ । ଟସର ହେଉଛି ଓଡ଼ିଶାର ପ୍ରାକୃତିକ ସଂପଦ ।

## ଓଡ଼ିଶାର ବଣ ଭୂଇଁରେ

ଭାରତର ଟସର ମାନଚିତ୍ରରେ ଓଡ଼ିଶାର ସ୍ଥାନ ତୃତୀୟ । ଆମ ରାଜ୍ୟର ୧୫ ହଜାର ଆଦିବାସୀ ପରିବାର ଏହାକୁ ନିଜର ଧନ୍ଦା ରୂପେ ଗ୍ରହଣ କରିଛନ୍ତି । ସଂକ୍ଷେପରେ କହିବାକୁ ଗଲେ ସ୍ୱାଧୀନତା ପୂର୍ବରୁ ଗଡ଼ଜାତମାନଙ୍କରେ ଘଞ୍ଚ ଅରଣ୍ୟରେ ଟସର ଚାଷ ଗତାନୁଗତିକ ଭାବେ ଚାଲୁଥିଲା । ରାଜା ମହାରାଜାଙ୍କ ବିଳାସ ବ୍ୟସନରେ ଏହା ସାହାଯ୍ୟ କରୁଥିଲା । ମାତ୍ର ଟସର ଚାଷ ପ୍ରତି ସେମାନେ ଦୃଷ୍ଟି ଦେଉନଥିଲେ । ପୁଣି ସେକାଳରେ ପରିଶ୍ରମ ତୁଳନାରେ ଆଦିବାସୀ ଚାଷୀମାନେ ଏପରି କିଛି ଲାଭବାନ ହେଉ ନଥିଲେ । ସେଥିପାଇଁ ଆଦିବାସୀ ଚାଷୀଙ୍କର ମଧ୍ୟ ଲୋଭ ନଥାଏ । ଟସର କୋଷା ସଂଗ୍ରହକାରୀ ଦଲାଲମାନେ ଅଧିକ ଲାଭବାନ ହୁଅନ୍ତି । ସେମାନଙ୍କର ଏହି ସାମାଜିକ ଶୋଷଣ ଏକ ଗତାନୁଗତିକ ଧାରାରେ ଚାଲିଥିଲା । କିନ୍ତୁ ସମବାୟ ଆନ୍ଦୋଳନ ଦ୍ୱାରା ଶୋଷଣର ଧାରା କେତେକ ପରିମାଣରେ ରୋକି ଦିଆ ଯାଇଛି । ତଥାପି ଏହା ଉପରେ ସାମାଜିକ ଅତ୍ୟାଚାର ପ୍ରଚ୍ଛନ୍ନ ଭାବେ ଚାଲିଛି । ଟସର କୋଷା ଜଙ୍ଗଲ ଜାତ ହେଲେ ମଧ୍ୟ ଏହା ଫଳ ନୁହେଁ । ଏହି କୋଷା ଗୋଟିଏ କୀଟ ବା ପୋକ ଦ୍ୱାରା ତିଆରି—ଏହା ପୂର୍ବରୁ ଉଲ୍ଲେଖ କରାଯାଇଛି ।

ଟସର କୋଷା ଦେଖିବାକୁ ପାଉଁସିଆ ଓ କୁକୁଡ଼ା ଅଣ୍ଡାପରି ତା'ର ଆକାର । ଏହାର ମୁଣ୍ଡରେ ଗୋଟିଏ ଡେଂପ ଥାଏ । ଡେଂପର ଶେଷ ଆଡ଼କୁ ଗୋଟିଏ ମୁଦିଥାଏ । ଏହି କୋଷାଗୁଡ଼ିକ ଗଛର ଡାଳରେ ଝୁଲୁଥାଏ । ଟସର ପୋକ, ଅସନ, ଶାଳ, ଅର୍ଜୁନ ଓ ଶିମିଳି ଗଛର ପତ୍ର ଖାଇ କୋଷା କରେ । କୋଷା ଭିତରେ ରହି ଟସର ପୋକଟି କୋଷା ବୁଣିବାର ୮।୧୦ ଦିନ ମଧ୍ୟରେ "କାକୁନ" ଅବସ୍ଥାକୁ ଆସେ । ଏହି କାକୁନ କୋଷା ମଧ୍ୟରେ ପ୍ରାୟ ୩୦ ଦିନ ପର୍ଯ୍ୟନ୍ତ ରହେ । କାକୁନ ଅବସ୍ଥାର ଶେଷରେ ରଙ୍ଗ ବେରଙ୍ଗ ପ୍ରଜାପତି କୋଷାରୁ ବାହାରି ଏଣେତେଣେ ଉଡ଼ି ବୁଲେ । ମାଈ ପ୍ରଜାପତିକୁ "ପତନା" କୁହାଯାଏ ଓ ଅଣ୍ଡିରା ପ୍ରଜାପତିକୁ "ଚିରା" କୁହାଯାଏ । ପତନାଗୁଡ଼ିକର ଛୋଟ ଛୋଟ ଡେଣାରେ ଉଷ୍ଣ ବ କୁସୁମର କୁହୁକ ପରଶ ଲାଗିଗଲେ "ଚିରାମାନେ ସଂଯୋଗ ଉଦ୍ଦେଶ୍ୟରେ ଧାଇଁ ଆସନ୍ତି । ସେହି ମିଳନ ହୁଏ—ମାତ୍ର ୮।୧୦ ଘଣ୍ଟା ପାଇଁ" । ମିଳନର ଶେଷ ଲଗନରେ "ପତନା" ଓ "ଚିରା" ମରିଯାଆନ୍ତି ଠିକ୍ ନାଟକୀୟ ପରିବେଶରେ । ଆଉ ଥରକ ମିଳନ ପାଇଁ କେହି କାହାକୁ ଭେଟନ୍ତି ନାହିଁ ।

ପୁରୁଷ ପ୍ରଜାପତି ଓ ମାଈ ପ୍ରଜାପତିଙ୍କ ମିଳନରେ ୨୫୦ରୁ ୪୦୦ ପର୍ଯ୍ୟନ୍ତ ଅଣ୍ଡା ଜାତ ହୁଏ । ଅଣ୍ଡାଗୁଡ଼ିକ ୭ଦିନ ପରେ ଓ ୮ମ ଦିନ ଆରମ୍ଭରେ ପିମ୍ପୁଡ଼ି ପରି ଛୋଟ ଛୋଟ ପୋକ ହୋଇ ବାହାରି ଆସନ୍ତି । ତା'ପରେ ସେମାନେ ଗଛର ପତ୍ର ଖାଇବାକୁ ଆରମ୍ଭ କରନ୍ତି । ଏମାନେ ୩୫ ଦିନରୁ ୪୫ ଦିନ ପର୍ଯ୍ୟନ୍ତ ପତ୍ର-ଖାଦ୍ୟ ଖାଆନ୍ତି । ଏହାର ହ୍ରାସ ବୃଦ୍ଧି ଋତୁ ଉପରେ ଅନେକ ପରିମାଣରେ ନିର୍ଭର କରେ ।ଏହି ସମୟରେ ପୋକଗୁଡ଼ିକ ୪ ଥର ଖୋଳପା ବା କାତି ବଦଳାନ୍ତି । ସାଧାରଣତଃ ପୋକଗୁଡ଼ିକର ରଙ୍ଗ ହଳଦିଆ, ସବୁଜ ବା ନୀଳ ହୋଇଥାଏ । ପୋକଗୁଡ଼ିକର ଲମ୍ବ ୪ ଇଞ୍ଚ, ମୋଟେଇ ଦେଢ଼ ଇଞ୍ଚ ଓ ଓଜନ ୭୦ ଗ୍ରାମରୁ ୭୫ ଗ୍ରାମ ହୋଇପାରେ । ପତ୍ର ଖାଇଲା ପରେ ଏମାନେ ଗଛ ଡାଳରେ ଓ ପତ୍ର ସନ୍ଧିରେ କୋଷା ବାନ୍ଧିବାକୁ ଆରମ୍ଭ କରନ୍ତି । ଏହିପରି ଭାବେ ଟସର କୀଟ ତାର କ୍ଷୁଦ୍ର ଜୀବନରେ ବିଭିନ୍ନ ସ୍ତର ଅତିକ୍ରମ କରିଥାଏ । ଏମାନଙ୍କ ଜୀବନଚକ୍ର ଯେପରି ବିସ୍ମୟକର ସେହିପରି କୌତୂହଳଜନକ ମଧ୍ୟ । ଗୋଟିଏ ଜୀବନ ଚକ୍ରର ପରିସମାପ୍ତି ଘଟିଲେ ଅନ୍ୟ ଗୋଟିଏ ଆସିଥାଏ ।

ଟସର କୋଷାକୁ ସିଝାଇ ଟକିଲି, ଚିରା ବା ଚାକୁଆ ସାହାଯ୍ୟରେ ସୂତା ବାହାର କରାଯାଏ । ଗୋଟିଏ ଟସର କୋଷାରୁ ଖୁବ୍ ସରୁ ସୂତା ୧ ହଜାରରୁ ୧୫ ଶହ ମିଟର ବାହାରି ଥାଏ । ଟସର ତିଆରି ଦ୍ରବ୍ୟକୁ ମଠା କୁହାଯାଏ । ସେହି ସୂକ୍ଷ୍ମ ସୂତାରୁ ମୂଲ୍ୟବାନ ଶାଢ଼ୀ ଓ ଲୁଗା ବୁଣାଯାଏ ଓ ସାମାନ୍ୟ ମୋଟା ସୂତାରୁ କାଟିଆ, ଚଦର ଆଦି ବୁଣାଯାଏ ।

ଟସର ଚାଷ ଆଦିବାସୀ ସମାଜରେ ଜନପ୍ରିୟ । ଏମାନେ ଏହି ଚାଷକୁ ପୁରୁଷାନୁକ୍ରମେ କରୁଥିବାରୁ ଟସର ପୋକ ପାଳନରେ ମୂଲ୍ୟବାନ ଅଭିଜ୍ଞତା ଲାଭ କରିଛନ୍ତି । ଏହି ଚାଷ ଜୁନ୍ ମାସଠାରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଲାଗିଥାଏ । ଏଥିପାଇଁ ଚାଷୀମାନେ ବିହନ କୋଷା ପୂର୍ବରୁ ସଂଗ୍ରହ କରିଥାନ୍ତି । ବିହନ ସଂଗ୍ରହରେ ଚାଷୀଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼ିଥାଏ । ଏହି କୋଷା ସଂଗ୍ରହ ପାଇଁ ମହାଜନମାନେ ଚାଷୀଙ୍କୁ ଆଗତୁରା ଟଙ୍କା କରଜ ଦେଉଥିଲେ ଓ ଖୁବ୍ ଶସ୍ତାରେ କୋଷା ନେଉଥିଲେ । କିନ୍ତୁ ସମବାୟ ଆନ୍ଦୋଳନ ଫଳରେ ସେ ସମସ୍ୟା ଦୂର ହୋଇଛି ।

ଟସର ଚାଷକୁ ସଂଗଠିତ କରିବା ନିମନ୍ତେ ୧୯୫୬ ମସିହାରେ କାର୍ଯ୍ୟ ଆରମ୍ଭ ହେଲା । ସେହି ବର୍ଷଠାରୁ ରେଶମ ସମବାୟ ଆନ୍ଦୋଳନର ଏକ ବଳିଷ୍ଠ ଅଙ୍ଗରୂପେ ଧରା ଯାଉଛି । ଏଥିପାଇଁ ସମଗ୍ର ରାଜ୍ୟରେ ୧୯୬୨-୬୩ ମସିହାଠାରୁ ଗୋଟିଏ ଟସର ଶୀର୍ଷ ସମିତି କାର୍ଯ୍ୟ କରୁଛି ଏହି ସଂସ୍ଥା ପ୍ରାଥମିକ ସମିତିଗୁଡ଼ିକୁ ସର୍ବଦା ସାହାଯ୍ୟ କରୁଛି ।

ପାରଂପରିକ ରୀତିରେ ଟସର ଚାଷ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ବଲାଙ୍ଗିର, ବୌଦ୍ଧ-ଫୁଲବାଣୀ ଆଦି ଜିଲାରେ ହେଉଥିଲା । କେବଳ ମୟୂରଭଞ୍ଜରେ ପୂର୍ବତନ ଦରବାର ଶାସନ କାଳରେ ଟସର ଚାଷର ପ୍ରସାର ଦିଗରେ ଯାହାକିଛି ଉଦ୍ୟମ ଚାଲିଥିଲା, ତାହା ମଧ୍ୟ ନାନା ଦିଗରୁ ତ୍ରୁଟିପୂର୍ଣ୍ଣ କିନ୍ତୁ ସଂପ୍ରତି ମୟୂରଭଞ୍ଜର ବରଲିଆ,

ଉଦଳା ଓ ରାଇରଙ୍ଗପୁର ଅଞ୍ଚଳ ; କେନ୍ଦୁଝରର ଆନନ୍ଦପୁର, ଚଂପୁଆ, ସଦର ସବ୍‌ଡ଼ିଭିଜନ, ଘାସିପୁର ହରିଚନ୍ଦନପୁର, ଝୁଂପୁରା ଆଦି ଅଞ୍ଚଳ ; ଢେଙ୍କାନାଳର କାମାକ୍ଷାନଗର ପାଲଲହଡ଼ା, ଆଠମଲିକ, କଙ୍କଡ଼ାହାଡ଼ ; ସୁନ୍ଦରଗଡ଼ ଜିଲ୍ଲର ବଣେଇ, ସୁନ୍ଦରଗଡ଼ ସଦର, ପାନପୋଷ, ଗାମଡ଼ିହି, ବିମଳାଗଡ଼, ବିସ୍ରା ଓ ବଡ଼ଗାଁ ; ସମ୍ବଲପୁର ଜିଲ୍ଲର ରେଢ଼ାଖୋଲ, ବରକୋଟ, ରାଇମଲ, ଦେଓଗାଁ ଓ ବାଲମ, କଟକ ଜିଲ୍ଲର ଯାଜପୁର ସବ୍‌ଡ଼ିଭିଜନ ଅନ୍ତର୍ଗତ ସୁକିନ୍ଦା ଓ ଦାନଗଦି ଅଞ୍ଚଳ ଏବଂ ବାଲେଶ୍ୱର ଜିଲ୍ଲର ନୀଳଗିରି ଅଞ୍ଚଳରେ ବ୍ୟାପକ ଓ କୌଣସି ସ୍ଥାନରେ ଆଂଶିକଭାବେ ଟସର ଚାଷ କରାଯାଏ ।


ଏହା ବ୍ୟତୀତ ଗଞ୍ଜାମ ଜିଲ୍ଲର ଆର. ଉଦୟଗିରି ରାୟଗଡ଼ା, ପାରଳାଖେମୁଣ୍ଡି ଓ ସୋରଡ଼ାରେ ଟସର ପୋକ ପାଇଁ ପତ୍ର-ଖାଦ୍ୟ ପର୍ଯ୍ୟାପ୍ତ ପରିମାଣରେ ଥିବାରୁ ଓ ଜଳବାୟୁ ଅନୁକୂଳ ହେଉଥିବାରୁ ଟସର ଉତ୍ପାଦନ ସହଜ ଓ ସୁଗମ ହୋଇପାରିଛି । ସମବାୟ ସମିତି ଦ୍ୱାରା ସ୍ଥାନୀୟ ଜନସାଧାରଣଙ୍କୁ ଏ ଦିଗରେ ଉତ୍ସାହିତ କରାଯାଉଛି । ସମିତିଗୁଡ଼ିକୁ ସରକାରୀ ସାହାଯ୍ୟ ମଧ୍ୟ ବିଭିନ୍ନ ସମୟରେ ଯୋଗାଇ ଦିଆଯାଉଛି ।

ଟସର ପୋକ ବିଶେଷ କରି ଅସନ ଗଛର ଓ ଶାଳ ଗଛର ପତ୍ର ଖାଇ କୋଷା ତିଆରି କରେ । ପୂର୍ବେ ଆଦିବାସୀମାନେ ଟସର କୋଷା ହାଟ ବଜାରରେ ଶସ୍ତାରେ ବିକ୍ରୟ କରୁଥିଲେ । କିନ୍ତୁ ସଂପ୍ରତି ଏ ସମସ୍ୟା ନାହିଁ । ଏହା ଏକ ଲାଭଦାୟକ ଧନ୍ଦା ହେଉଥିବାରୁ ଓ ଆନ୍ତର୍ଜାତିକ କ୍ଷେତ୍ରରେ ଏହାର ଚାହିଦା ଦିନକୁ ଦିନ ବଢ଼ୁଥିବାରୁ ସରକାର ତଥା କେନ୍ଦ୍ରୀୟ ସିଲ୍‌କ ବୋର୍ଡ଼, ବମ୍ବେ ମଧ୍ୟ ଦୃଷ୍ଟି ଦେଉଛନ୍ତି । ଆଦିବାସୀ ଚାଷୀମାନେ ଧାନ ଚାଷ ଛଡ଼ା ଏହାକୁ ଅର୍ଥକରୀ ଧନ୍ଦା ରୂପେ ଗ୍ରହଣ କରିଥିବାରୁ ତାଙ୍କୁ ବେକାର ହୋଇ ବସିବାର ଅବକାଶ ନାହିଁ । ସେମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ନିମନ୍ତେ ଟସର ପୋକର ପତ୍ର-ଖାଦ୍ୟ ପାଇଁ ଅସନ ଗଛର ଜଙ୍ଗଲ ସୃଷ୍ଟି କରାଯାଉଛି ।

ଆଦିବାସୀମାନେ ସ୍ୱାଧୀନତା ପୂର୍ବରୁ ଟସର କୋଷା କାହାଣ ପ୍ରତି ୩ ଟଙ୍କା ପାଉଥିଲେ । କିନ୍ତୁ ସଂପ୍ରତି ସେହି ଟସର କୋଷା କାହାଣ ଟ୨୫୦ଙ୍କା (ଏକ କାହାଣ ୧,୬୦୦ କୋଷା) ସମୁଦାୟ କୋଷାର ୪୦।୫୦ ଭାଗ ଉପାନ୍ତ ରାଜ୍ୟମାନଙ୍କୁ ସେରାସ୍ତଲଣ ହେଉଥିବାରୁ ଆଦିବାସୀ ଚାଷୀମାନଙ୍କ ଦ୍ୱାରା କୋଷାରୁ ସୂତା କାଟିବା ପାଇଁ ଉଦ୍ୟମ ହେଉଛି । ଫଳରେ ଆଦିବାସୀ ଚାଷୀ ଆହୁ ନିଯୁକ୍ତିର ସୁଯୋଗ ପାଇବ । ଏହାଦ୍ୱାରା ୧ କାହାଣ ସୂତା କାଟିଲେ ଟ୫୦ ହିସାବରେ ଆୟ କରିବ । ସଂପ୍ରତି ଆମ ରାଜ୍ୟରେ ବାର୍ଷିକ ୩୪ ହଜାର କାହାଣ ଟସର କୋଷା ଉତ୍ପାଦିତ ହୁଏ ।

ଟସର ପରି ଏକ ବନ୍ୟ ଭିତ୍ତିକ କୁଟୀର ଶିଳ୍ପର ପ୍ରସାର ଦିଗରେ ବ୍ୟାପକ ଉଦ୍ୟମ ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବହୁଲୋକ ଧନ୍ଦା ପାଇବେ । ପୁନଶ୍ଚ ଏହା ଆଦିବାସୀମାନଙ୍କ ଏକ ପାରଂପାରିକ ଧନ୍ଦା ହୋଇ ଥିବାରୁ ଏହାର ପ୍ରସାର ପାଇଁ ସରକାରଙ୍କ ତରଫରୁ ବ୍ୟାପକ ଉଦ୍ୟମ ହେବା ଦରକାର । ସେମାନଙ୍କ ଆର୍ଥିକ ଅବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ଟସର ଶିଳ୍ପ ହେଉଛି—ଏକ ବଳିଷ୍ଠ ମାଧ୍ୟମ । ପୁନଶ୍ଚ ଏହାର ସବୁ ଦିଗକୁ ଶୋଷଣମୁକ୍ତ କରିବା ଦରକାର । ଏହି ପରି-ପ୍ରେକ୍ଷୀରେ ଆଦିବାସୀ ଚାଷୀ ଓ ବୁଣାକାରମାନେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଦରକାର ।

ବୟନ ଶିଳ୍ପ ନିର୍ଦ୍ଦେଶାଳୟ,
ଭୁବନେଶ୍ୱର—୭ ।



# ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରତ୍ୟକ୍ଷ ଅନୁଭୂତି

**ଶ୍ରୀ ବ୍ରଜ କିଶୋର ଧଳ**

ଭାରତ ସ୍ୱାଧୀନତା ଲାଭ କରିବା ପୂର୍ବରୁ ଗଡ଼ଜାତର ରାଜାମାନେ ବ୍ରିଟିଶ୍ ସରକାରଙ୍କଠାରୁ ସାର୍ବଭୌମ କ୍ଷମତା ପାଇ ନିଜ ନିଜ ରାଜ୍ୟରେ ମନମୁଖୀ ଶାସନ ଚଳାଉଥିଲେ । ତା' ଫଳରେ ଗଡ଼ଜାତର ପ୍ରଜାମାନେ ଅକଥନୀୟ ଅତ୍ୟାଚାର ଭୋଗୁଥିଲେ । ଏ ସବୁ ଅତ୍ୟାଚାର କାହାଣୀ ମହାତ୍ମାଗାନ୍ଧୀ, ପଣ୍ଡିତ ନେହେରୁ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୃଷ୍ଟିକୁ ଆଣାଯିବାରେ ଭାରତୀୟ ଜାତୀୟ କଂଗ୍ରେସ ୧୯୩୬ ମସିହାରେ ଦେଶୀୟ ରାଜ୍ୟର ସମସ୍ୟାପ୍ରତି ଧ୍ୟାନ ଦେଲେ ଓ ନିଖିଳ ଭାରତ ଗଡ଼ଜାତ ପ୍ରଜା ସମ୍ମିଳନୀ (All India State peoples Couference) ଗଠିତ ହେଲା । ଏହି ସମ୍ମିଳନୀର ମୁଖ୍ୟ ଉଦ୍ୟୋକ୍ତାମାନଙ୍କ ମଧ୍ୟରୁ ଡକ୍ଟର ପଟ୍ଟାଭିସୀତାରାମାୟା ୧୯୩୬ ଜୁନ ମାସ ୨୪ ତାରିଖରେ କଟକ ଆସିଲେ ଓ ତାଙ୍କ ଅଧ୍ୟକ୍ଷତାରେ ନିଖିଳ ଉତ୍କଳ ଗଡ଼ଜାତ ପ୍ରଜା ସମ୍ମିଳନୀ ଗଠନ କରାଗଲା । ଏହି ସମ୍ମିଳନୀରେ ମୁଖ୍ୟ ଭାଗ ନେଇଥିଲେ ଢେଙ୍କାନାଳର ସ୍ୱର୍ଗତ ସାରଙ୍ଗଧର ଦାସ, ଆଠଗଡ଼ର ଶ୍ରୀ ରାଧାନାଥ ରଥ ଓ ହିନ୍ଦୋଳର ଶ୍ରୀ ବାଳୁଙ୍କେଶ୍ୱର ଆଚାର୍ଯ୍ୟ ପ୍ରମୁଖ ।

ଏହି ସମ୍ମିଳନୀ ଗଠିତ ହେବା ଫଳରେ ଗଡ଼ଜାତର ଦୀର୍ଘଦିନର ଅତ୍ୟାଚାର ଓ ସ୍ୱେଚ୍ଛାଚାରୀ ଶାସନରୁ ଦେଶୀୟ ରାଜ୍ୟର ଜନସାଧାରଣଙ୍କୁ ରକ୍ଷା କରିବା ନିମନ୍ତେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଗଲା । ସାରଙ୍ଗଧର ଦାସ ସମ୍ପାଦକ କାର୍ଯ୍ୟ ତୁଲାଉ ଥିଲେ । ୧୯୩୮ ମସିହାରେ ଏହି ସମ୍ମିଳନୀର ଦ୍ୱିତୀୟ ଅଧିବେଶନ କଟକଠାରେ ଅନୁଷ୍ଠିତ ହୋଇ ଶ୍ରୀ ହରେକୃଷ୍ଣ ମହତାବ, ଲାଲମୋହନ ପଟ୍ଟନାୟକ, ବଳବନ୍ତରାୟ ମେହେଟ୍ଟା ଓ ସାରଙ୍ଗଧର ଦାସଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଗଲା । ଉପରୋକ୍ତ ଦୁଇ ସମ୍ମିଳନୀରେ ଲେଖକ ନିଜେ ଯୋଗ ଦେବାର ସୁଯୋଗ ପାଇଥିଲେ । ଉକ୍ତ ସମ୍ମିଳନୀର ନିର୍ଦ୍ଦେଶରେ ଶ୍ରୀ ରାଧାନାଥ ରଥ (ଆଠଗଡ଼), ଶ୍ରୀ ପବିତ୍ର ମୋହନ ପ୍ରଧାନ (ତାଳଚେର), ୰କୈଳାସ ଚନ୍ଦ୍ର ମହାନ୍ତି (ନୀଳଗିରି), ମହେଶ୍ୱର ସୁବାହୁ ସିଂହ ଓ ଲେଖକ ନିଜେ (ଢେଙ୍କାନାଳ) ଅନ୍ୟ ସଂଗ୍ରାମୀ ବନ୍ଧୁମାନଙ୍କ ସହିତ ପ୍ରଜା ଆନ୍ଦୋଳନର ଦାୟିତ୍ୱ ନେଇଥିଲେ । ତଦନୁଯାୟୀ ପ୍ରଥମେ ନୀଳଗିରି, ଢେଙ୍କାନାଳ, ତାଳଚେର, ରଣପୁର ନୟାଗଡ଼, ହିନ୍ଦୋଳ, ଆଠମଲ୍ଲିକ, ସୋନପୁର, କେଉଁଝର, ମୟୂରଭଞ୍ଜ, ଖଣ୍ଡପଡ଼ା ଓ ତିଗିରିଆ ରାଜ୍ୟମାନଙ୍କରେ ପ୍ରଜାମଣ୍ଡଳ ଗଢ଼ାଗଲା ଓ ପରେ ବଡ଼ମ୍ବା, ନରସିଂହପୁର ପ୍ରଭୃତି ଅନ୍ୟାନ୍ୟ ରାଜ୍ୟମାନଙ୍କୁ ଏହା ପ୍ରସାରିତ ହେଲା । ୧୯୩୯ ମସିହା କଂଗ୍ରେସର ହରିପୁର ଅଧିବେଶନରେ ଦେଶୀୟ ରାଜ୍ୟ ସମସ୍ୟାରେ କଂଗ୍ରେସ ସହାନୁଭୂତି ପ୍ରଦର୍ଶନ କରିବ ବୋଲି ପ୍ରସ୍ତାବ ଗୃହୀତ ହେଲା । ଏହା ଫଳରେ ପ୍ରଜାମଣ୍ଡଳ ସଙ୍ଗଠନଗୁଡ଼ିକ ରାଜାମାନଙ୍କ କୁଶାସନ ବିରୁଦ୍ଧରେ ସଂଗ୍ରାମ ଶୁରୁ କରିବା ପାଇଁ ଅଧିକ ପ୍ରେରଣା ପାଇଲେ । ପ୍ରଜାମଣ୍ଡଳଗୁଡ଼ିକ ସେମାନଙ୍କ ଦାବୀରେ ନାଗରିକ ସ୍ୱାଧୀନତା, ଦାୟିତ୍ୱମୂଳକ ଶାସନ ସହ ସବୁ ପ୍ରକାର କର, ଟିକସ, ବେଠି, ଭେଟି, ମାଗଣ, ରସଦ ଆଦିର ଉଚ୍ଛେଦ ପାଇଁ ଜୋର ଦେଇଥିଲେ । ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଢେଙ୍କାନାଳ ରାଜାଙ୍କର ଜୁଲମ ଅତ୍ୟାଚାରର ସୀମା ଟପି ଯାଇଥିବାରୁ ଏଠା ଆନ୍ଦୋଳନ ତୀବ୍ରତର ହୋଇ ଗାନ୍ଧିଜୀ ତଥା ବ୍ରିଟିଶ୍ ପାର୍ଲିଆମେଣ୍ଟ ନଜରକୁ ଆସିଥିଲା । ସେହିଭଳି ତାଳଚେରରେ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଦବାଇବା ପାଇଁ ମେସିନ୍ ଗନ୍‌ରୁ ଗୁଳିବର୍ଷଣ ହୋଇଥିବାରୁ ସାରା ଭାରତରେ ଚହଳ ପଡ଼ିଥିଲା ।

୧୯୩୮ ମସିହାରେ ପ୍ରଥମେ ନୀଳଗିରିରେ ପ୍ରଜାଙ୍କ ଉପରେ ଗୁଳି ଚାଲିଲା । ନୀଳଗିରି ପ୍ରଜା ଆନ୍ଦୋଳନକୁ ଦବାଇବା ପାଇଁ ସବୁରାଜ୍ୟର ରାଜାମାନେ ନିଜ ନିଜର ପୋଲିସ ବାହିନୀ ସେଠାକୁ ପଠାଇଥିଲେ । ନୀଳଗିରି ଆନ୍ଦୋଳନ ପରେ ଢେଙ୍କାନାଳ ଓ ତାଳଚେରରେ ପ୍ରଜା ଆନ୍ଦୋଳନ ଜୋରସୋରରେ ଦେଖାଦେଇଥିଲା ଓ ସରକାରୀ ଗୁଳିଚାଳନା ଫଳରେ ଢେଙ୍କାନାଳର ୧୨ ବର୍ଷର ବାଜିରାଉତ ସହ ୨୩ ଜଣ ମୃତ୍ୟୁ ବରଣ କଲେ ।

ବହୁଲୋକ ବିକଳାଙ୍ଗ ତଥା ଅକର୍ମଣ୍ୟ ହେଲେ । ତାଳଚେର ଗୁଳିକାଣ୍ଡରେ ବିଜାନାୟକ ପ୍ରାଣ ହରାଇଥିଲେ । ଆନ୍ଦୋଳନକୁ ସଫଳକରି ରାଜାମାନଙ୍କ ହାତରୁ କ୍ଷମତା ଛଡ଼ାଇ ଆଣିବାପାଇଁ ଟାଣୁଆ ସ୍ୱେଚ୍ଛାସେବକ ବାହିନୀ ଗଠନ କରାଗଲା । ଲେଖକ ନିଜେ ଉକ୍ତ ସ୍ୱେଚ୍ଛାସେବକ ବାହିନୀ ଗଠନର ଦାୟିତ୍ୱ ନେଇଥିଲେ । ଏଥିସହିତ ଗ୍ରାମେ ଗ୍ରାମେ ପ୍ରଜାମଣ୍ଡଳ କମିଟିମାନ ଗଢିଉଠି ସରକାରୀ କରକୁ ବାଇକଟ କରିବା ସହିତ ଅଟକ କରିଦେଲା । ଢେଙ୍କାନାଳର ସ୍ୱେଚ୍ଛାସେବକ ବାହିନୀ ହିନ୍ଦୋଳ, ଆଠଗଡ଼ ଟିଗିରିଆ, ବଡ଼ମ୍ବା ଓ ନରସିଂହପୁର ଆନ୍ଦୋଳନରେ ସାହାଯ୍ୟ କରୁଥିଲେ । ଢେଙ୍କାନାଳର ପ୍ରଜା ଆନ୍ଦୋଳନକୁ ସ୍ୱର୍ଗତ ସାରଙ୍ଗଧର ଦାସଙ୍କ ସହ ଶ୍ରୀ ହରେକୃଷ୍ଣ ମହତାବ, ଶ୍ରୀ ନବକୃଷ୍ଣ ଚୌଧୁରୀ, ୰ଭଗବତୀ ପାଣିଗ୍ରାହୀ, ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀ, ଶ୍ରୀ ବିଶ୍ୱନାଥ ଦାଶ ଓ ଶ୍ରୀମତୀ ମାଳତୀ ଦେବୀ ପ୍ରଭୃତି ମୁଖ୍ୟତଃ ସବୁ ପ୍ରକାର ସାହାଯ୍ୟ କରୁଥିଲେ । ପ୍ରଜା ଆନ୍ଦୋଳନକୁ ଦବାଇବା ପାଇଁ ରାଜା ନାନାଦି କୌଶଳ ପ୍ରୟୋଗ କରି ବ୍ୟର୍ଥ ହୋଇ ଢେଙ୍କାନାଳ ଟାଉନ ସନ୍ନିକଟ ଅଳସୁଆ ହାଟଡୋଟା ସଭାରେ ପ୍ରଥମେ ଗୁଳି ଚଳାଇଲେ । ଏହି ଗୁଳି କାଣ୍ଡ ଫଳରେ ଜନତା ଉତ୍ୟକ୍ତ ହୋଇ ସରକାରୀ ପକ୍ଷକୁ ତୀବ୍ର ଭାବରେ ଆକ୍ରମଣ କରିଥିଲେ । ରାଜା ଅନନ୍ୟୋପାୟ ହୋଇ ପ୍ରଥମେ ଗୋରା ଫୌଜ ଓ ପରେ ଭାରତର ବିଭିନ୍ନ ଷ୍ଟେଟରୁ ପୋଲିସ୍ ଫୋର୍ସ ମଗାଇ ଗୃହଦାହ, ଲୁଟତରାଜ, ନାରୀ ଧର୍ଷଣ ଆଦି ଯାବତୀୟ ଦମନ ଲୀଳା ପ୍ରୟୋଗ କରିଥିଲେ । ରାୟଗଡ଼ ଓ ବସ୍ତର ଷ୍ଟେଟ୍‌ର ଫୋର୍ସମାନଙ୍କୁ ମାସେ କାଳ ଲେଖକଙ୍କର ଘର ଜଗାଇ ରଖିଥିଲେ । ଫଳରେ ଲୋକେ ପ୍ରଜାମଣ୍ଡଳର ନିର୍ଦ୍ଦେଶରେ ରାଜ୍ୟ ବାହାରକୁ ଚାଲିଯାଇ ବାଙ୍କୀର ଘୋଳପୁର, ସୁକିନ୍ଦାର କଲଣ୍ଡ ଓ ଅନୁଗୁଳର ବୁଢ଼ାପଙ୍କଠାରେ କ୍ୟାମ୍ପକରି ସତ୍ୟାଗ୍ରହ ଚଳାଇଥିଲେ । ଲେଖକ ଘୋଳପୁର କ୍ୟାମ୍ପ ଦାୟିତ୍ୱରେ ରହି ପ୍ରଥମ ସତ୍ୟାଗ୍ରହୀ ଦଳ ଢେଙ୍କାନାଳକୁ ପଠାଇବାର ସୁଯୋଗ ପାଇପାରିଥିଲେ । ଉକ୍ତ ସତ୍ୟାଗ୍ରହରେ ଓଡ଼ିଶାର ଶ୍ରୀ ନବକୃଷ୍ଣ ଚୌଧୁରୀ ଓ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଭାଗନେଇ ନିର୍ଯ୍ୟାତନା ଭୋଗିଥିଲେ । ଏ ସମସ୍ତ ଅତ୍ୟାଚାରର ମୁଖ୍ୟ ଥିଲେ (Political Agent Major Bezilegate) । ଏହି ସାହେବ ଢେଙ୍କାନାଳ ଓ ତାଳଚେରରେ ଦମନଲୀଳା ଶେଷ କରି ରଣପୁର ପ୍ରଜା ଆନ୍ଦୋଳନକୁ ଦବାଇବାକୁ ଯାଇ ସେଠାରେ ପ୍ରଜାଙ୍କ ଠେଙ୍ଗା ମାଡ଼ରେ ନିହତ ହୋଇଥିଲେ । ଏହି ହତ୍ୟାକାଣ୍ଡରେ ଲେଖକ ସହିତ ଅନ୍ୟ କେତେକ ବନ୍ଧୁଙ୍କୁ ସଂପୃକ୍ତ କରାଇବା ପାଇଁ ଢେଙ୍କାନାଳ ରାଜା ଚକ୍ରାନ୍ତ କରିଥିଲେ । ମାତ୍ର ତାଙ୍କ ଏକ୍‌ସଟ୍ରାଡ଼ିସନ ଓ୍ୱାରେଣ୍ଟରେ ଘୋଳପୁର କ୍ୟାମ୍ପରୁ ଧରାହୋଇ କଟକ ଜେଲରେ ବନ୍ଦୀଥିବା ହେତୁ ଆମ୍ଭେମାନେ ରକ୍ଷା ପାଇଗଲୁ । ସେତେବେଳେ ଶ୍ରୀଯୁକ୍ତ ବିଶ୍ୱନାଥ ଦାଶ ପ୍ରଧାନମନ୍ତ୍ରୀ ଥିଲେ । ସେ ଢେଙ୍କାନାଳ ଓ ତାଳଚେରର ୧୬ ଜଣ କର୍ମୀଙ୍କୁ ତାଙ୍କ ରାଜ୍ୟକୁ ନପଠାଇ କଟକ ଜେଲରେ ଆଠ ମାସରୁ ଊର୍ଦ୍ଧ୍ୱ ଅଟକାଇ ରଖିଥିଲେ ସେତେବେଳେ ଢେଙ୍କାନାଳ ପ୍ରଜା ଆନ୍ଦୋଳନରେ ଲେଖକଙ୍କ ସହ ହରମୋହନ ପଟ୍ଟନାୟକ, କୃତ୍ତିବାସ ପ୍ରଧାନ, ମହେଶ ଚନ୍ଦ୍ର ସୁବାହୁ ସିଂହ, ବୈଷ୍ଣବ ଚରଣ ପଟ୍ଟନାୟକ, ନରୋତ୍ତମ ଦାସ ଓ ନେତ୍ରାନନ୍ଦ ନାୟକ ପ୍ରଭୃତି ମୁଖ୍ୟ ଭାଗନେଇଥିଲେ । ସବୁ ପ୍ରକାର ଦମନ ସତ୍ତ୍ୱେ ରାଜା ନିରୁପାୟ ହୋଇ ପ୍ରଜାମଣ୍ଡଳ ସହିତ କୃତ୍ରିମ ମିଳାମିଶାର ଉଦ୍ୟମ କରି ଅସ୍ପୃହତା ଛଳନାରେ ସମୟ ଘଟାଇ ଗ୍ରଢିଲେ । ମାତ୍ର ସରକାର ରଜାଙ୍କୁ ରାଜ୍ୟରୁ ଅନ୍ତର କରି ସରକାରଙ୍କ ପ୍ରତିନିଧିଭାବେ କେନ୍ଦ୍ରରୁ ଖାଁ ବାହାଦୁର ଏ. କେ. ଖାଁଙ୍କୁ ଢେଙ୍କାନାଳ ଶାସନ ଦାୟିତ୍ୱ ଦେଲେ । ତାଙ୍କ ଉଦ୍ୟମରେ ନେତାମାନଙ୍କ ସହ ଲୋକେ ନିଜ ରାଜ୍ୟକୁ ଫେରିଲେ ଓ ଆନ୍ଦୋଳନ ଝିମେଇ ଗଲା । ମାତ୍ର ସେତେବେଳକୁ ପ୍ରଜାମଣ୍ଡଳ ପୂରାପୂରି ଜାତୀୟ କଂଗ୍ରେସରେ ସାମିଲ ହୋଇ ଯାଇଥିଲା । ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ଢେଙ୍କାନାଳରେ ଲେଖକଙ୍କ ସହ ବହୁକର୍ମୀ କାରାବରଣ କରିଥିଲେ । କଂଗ୍ରେସର ଗୁପ୍ତ ନିର୍ଦ୍ଦେଶ ମତେ "କର-ବା-ମର" ପଣ କରି ବୈଷ୍ଣବ ପଟ୍ଟନାୟକ, ମୃତ୍ୟୁମଲ୍ଲିକ ସମେତ କେତେକ ସଂଗ୍ରାମୀ ବନ୍ଧୁ ମଦ୍ଦୀ (କାମାକ୍ଷାନଗର) କଚେରୀ ଗୃହ ଓ ଖମାର ଓଗେର ପୋଡ଼ି ଗୁଳିର ସମ୍ମୁଖୀନ ହୋଇଥିଲେ । ମୃତ୍ୟୁମଲ୍ଲିକ, ବାଇଧର ସ୍ୱାଇଁ ଓ ଅନ୍ୟଜଣେ ଫାଶୀ ଦଣ୍ଡର ଆଦେଶ ପାଇଥିଲେ । ଟାଣୁଆକର୍ମୀ ମୃତ୍ୟୁମଲ୍ଲିକ ଟ୍ୟୁନିସିଆରେ ଇଂରେଜଙ୍କ ବିଜୟ ହେତୁ ଫାଶୀ ଦଣ୍ଡରୁ ମୁକ୍ତି ପାଇଥିଲେ ।

୧୯୪୨ ଆନ୍ଦୋଳନର କାରା ମୁକ୍ତି ପରେ ୧୯୪୬ରେ ନିଖିଳ ଉତ୍କଳ ପ୍ରଜା ସମ୍ମିଳନୀ ନେତୃତ୍ୱରେ ପ୍ରଜା ମଣ୍ଡଳକୁ ପୁନର୍ଜୀବିତ କରାଗଲା । ଇତ୍ୟବସରରେ ଭାରତ ସ୍ୱାଧୀନତା ଲାଭ କଲା ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କେନ୍ଦ୍ରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ହେଲେ । ଫଳରେ ପ୍ରଜାଶକ୍ତି ବଢ଼ିବା ସଙ୍ଗେ ସଙ୍ଗେ ରାଜଶକ୍ତି ହ୍ରାସ ପାଇଲା ଓ ରାଜାମାନେ ପ୍ରମାଦ ଗଣିଲେ । ତିଗିରିଆ, ନୟାଗଡ଼ ଆଠଗଡ଼, ମୟୂରଭଞ୍ଜ ଆଦି ରାଜ୍ୟରେ ରାଜାମାନେ ମନ୍ତ୍ରୀ ମଣ୍ଡଳ ଗଠନ କରି ପ୍ରଜାପ୍ରତିନିଧିଙ୍କ ହାତରେ ଶାସନ ଦାୟିତ୍ୱ ଦେଇଥିଲେ । ଢେଙ୍କାନାଳ ରାଜା ସମୟ ଭଣ୍ଡି ପ୍ରଜାମାନଙ୍କ ସହିତ ମିଳାମିଶା କରିବାର ଛଳନା କରି ପୂର୍ଣ୍ଣ ଦାୟିତ୍ୱମୂଳକ ଶାସନ ଦେବାକୁ ଶୁଣାଇଲେ । କିନ୍ତୁ ସଂଗଠନରେ ଭୟଭୀତ ହୋଇ ଅସ୍ପୃହତାର ଛଳନାକରି ପ୍ରଜା ପ୍ରତିନିଧିଙ୍କୁ କ୍ଷମତା ନଦେବା ଉଦ୍ଦେଶ୍ୟରେ ରାଜ୍ୟଛାଡ଼ି ମହାତ୍ମାଗାନ୍ଧୀଙ୍କର ଆଶ୍ରୟ ନେଇଥିଲେ । ସେଠାରୁ ନିରାଶ ହୋଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କର ଶରଣାପନ୍ନ ହୋଇ ପ୍ରଜାମଣ୍ଡଳ କବଳରୁ ରକ୍ଷାପାଇବା ପାଇଁ ନିବେଦନ କଲେ । ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜାଙ୍କ ଦୁର୍ବଳତାର ସୁଯୋଗ ନେଇ ନିଜେ ଓଡ଼ିଶା ଆସି ସବୁ ସୁବ୍ୟବସ୍ଥା କରିଦେବାକୁ ପ୍ରତିଶ୍ରୁତି ଦେଲେ । ରଜାଙ୍କ ଅନୁରୋଧରେ ସ୍ୱରାଷ୍ଟ୍ରମନ୍ତ୍ରୀ ତାଙ୍କ ଓଡ଼ିଶା ଆଗମନ ପର୍ଯ୍ୟନ୍ତ ପ୍ରଜା ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ଟେଲି-

ଗ୍ରାମ ଦ୍ୱାରା ଢେଙ୍କାନାଳ ପ୍ରଜାମଣ୍ଡଳକୁ ଜଣାଇଲେ । ୧୯୪୭ ମସିହା ଡିସେମ୍ବର ୧୨ ତାରିଖରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓଡ଼ିଶାକୁ ଆସିଲେ । ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ । ସେ ଗଡ଼ଜାତର ମୁକ୍ତି ଆନ୍ଦୋଳନ ପାଇଁ ଆପ୍ରାଣ ଚେଷ୍ଟା କରୁଥିବାରୁ ପଟେଲଙ୍କ ସହ ପରାମର୍ଶ କରି ଓଡ଼ିଶାର ସମସ୍ତ ରାଜାମାନଙ୍କୁ କଟକଠାରେ ଭେଟିବାପାଇଁ ଜଣାଇ ଦେଇଥିଲେ । ସେତେବେଳେ ରାଜାମାନେ ଭାରତ ସରକାରଙ୍କୁ ରାଜ୍ୟ ସମର୍ପଣ ନକଲେ କେନ୍ଦ୍ରରୁ କୌଣସି ସାହାଯ୍ୟ ପାଇପାରିବେ ନାହିଁ ବୋଲି ସର୍ଦ୍ଦାର ପଟେଲ ସ୍ପଷ୍ଟଭାବେ ଜଣାଇ ଦେବାରୁ ରାଜାମାନେ ଆତ୍ମରକ୍ଷାପାଇଁ ଅନନ୍ୟୋପାୟ ହୋଇ ଭାରତ ସରକାରଙ୍କ ହାତରେ ନିଜ ନିଜ ରାଜ୍ୟ ସମର୍ପଣ ଚୁକ୍ତିରେ ସ୍ୱାକ୍ଷର କଲେ । ପଟେଲଙ୍କ ସହ ପୂର୍ବରୁ ହୋଇଥିବା କଥାନୁସାରେ ଢେଙ୍କାନାଳ ରାଜା ଶଙ୍କର ପ୍ରତାପ ସାମନ୍ତସିଂହାରଙ୍କ ପ୍ରଥମେ ଏହି ଐତିହାସିକ ଚୁକ୍ତିରେ ସ୍ୱାକ୍ଷର କରି ଅନ୍ୟ ବନ୍ଧୁ ରାଜାମାନଙ୍କୁ ସ୍ୱାକ୍ଷର କରାଇବାପାଇଁ ପ୍ରବର୍ତ୍ତାଇଥିଲେ । ମୟୂରଭଞ୍ଜ ବ୍ୟତୀତ ଓଡ଼ିଶାର ଅନ୍ୟ ସମସ୍ତ ରାଜା-ମାନେ ଏହି ଚୁକ୍ତିରେ ଆବଦ୍ଧ ହେଲେ । (ସେତେବେଳେ ମୟୂରଭଞ୍ଜରେ ଶରତଚନ୍ଦ୍ର ଦାସଙ୍କ ମୁଖ୍ୟ ମନ୍ତ୍ରୀତ୍ୱରେ ପ୍ରଜାପ୍ରତିନିଧି ଶାସନ ଚାଲିଥିଲା । ବର୍ଷକପରେ ତାହା ଓଡ଼ିଶା ଶାସନ ସହିତ ସାମିଲ ହେଲା ।) ଏହାପରେ ଭାରତର ଅନ୍ୟାନ୍ୟ ରାଜ୍ୟର ଦେଶୀୟ ରାଜାମାନେ ଏହି ପଥ ଅନୁସରଣ କଲେ । ଫଳରେ ଢେଙ୍କାନାଳ ପ୍ରଜାମଣ୍ଡଳ ବିଶାଳ ଉତ୍କଳ ତଥା ସ୍ୱାଧୀନ ଭାରତ ଗଠନରେ ଯେଉଁ ଭୂମିକା ଗ୍ରହଣ କଲେ ତାହା ପାଠକ ବିଚାର କରିବେ । ଏତିକିରେ ଗଡ଼ଜାତ ପ୍ରଜା ଆନ୍ଦୋଳନ ସମାପ୍ତି ହେଲା ।

ଗ୍ରାମ : ଗଙ୍ଗେଇଡ଼ିହ,
ପୋ : ଅ : ଚନ୍ଦ୍ରଶେଖର ପ୍ରସାଦ
ଜି : ଢେଙ୍କାନାଳ



## ଘରୋଇ ପ୍ରାଚୀନ ନଥିପତ୍ରର ସର୍ଭେ ଓ ସମୀକ୍ଷା ପାଇଁ ସ୍ୱତନ୍ତ୍ର ସଂସ୍ଥା ଗଠନ

ରାଜ୍ୟ ସରକାରଂକ ଅନୁରୋଧକ୍ରମେ ଭାରତ ସରକାର ଭୁବନେଶ୍ୱର ରାଜ୍ୟ ଆର୍କାଇଭିସ୍‌ରେ ଘରୋଇ ପ୍ରାଚୀନ ନଥିପତ୍ରଗୁଡ଼ିକର ସର୍ଭେ ଓ ସମୀକ୍ଷା କରିବା ପାଇଁ ଗୋଟିଏ ସର୍ଭେ ସଂସ୍ଥା ଗଠନ କରିଛନ୍ତି । ଏହି ସଂସ୍ଥାର କାର୍ଯ୍ୟ ଜୁନ୍ ୧ ତାରିଖଠାରୁ ଆରମ୍ଭ ହୋଇଛି । ରାଜ୍ୟ ଆର୍କାଇଭିସ୍‌ର ସୁପରିଣ୍ଟେଣ୍ଡେଣ୍ଟ ନିଜ ଦାୟିତ୍ୱ ସହ ଏହି ସଂସ୍ଥାର କାର୍ଯ୍ୟ ପରିଚାଳନା କରୁଛନ୍ତି । ରାଜ୍ୟ ଆର୍କାଇଭିସ୍‌ର କେତେକ କର୍ମଚାରୀ ଏହି ସଂସ୍ଥାରେ ଯୋଗ ଦେଇଛନ୍ତି ।

ଓଡ଼ିଶାର ବ୍ୟକ୍ତିବିଶେଷ ତଥା ପୂର୍ବତନ ରାଜା, ମହାରାଜା, ଜମିଦାର, ବିଭିନ୍ନ ମଠ ଓ ଅନ୍ୟାନ୍ୟ ଅନୁଷ୍ଠାନମାନଂକରେ ବହୁ ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ରହିଛି । ଏଗୁଡ଼ିକ ଆମର ଜାତୀୟ ସଂପଦ । ଇତିହାସ ସଂକଳନ ତଥା ଗବେଷଣା କାର୍ଯ୍ୟରେ ଏସବୁର ଗୁରୁତ୍ୱ ରହିଛି । ଉପଯୁକ୍ତ ଯତ୍ନ ଅଭାବରୁ ଏସବୁ ନଷ୍ଟ ହେବାକୁ ଯାଉଛି । ତେଣୁ ଏସବୁର ପ୍ରାଧାନ୍ୟ ଉପଲବ୍ଧି କରି ଏହାର ସର୍ଭେ ପାଇଁ ରାଜ୍ୟ ସାଂସ୍କୃତିକ ବ୍ୟାପାର ବିଭାଗ ଭାରତ ସରକାରଂକ ନ୍ୟାସନାଲ ଆର୍କାଇଭିସ୍‌ଂକୁ ଅନୁରୋଧ କରିଥିଲେ ।

ଜନସାଧାରଣଙ୍କ ସହଯୋଗରେ ଏହି ସର୍ଭେ କାର୍ଯ୍ୟ ସୁଷ୍ଠୁ ରୂପେ ସମ୍ପନ୍ନ ହେବା ସଙ୍ଗେ ସଙ୍ଗେ ପ୍ରାଚୀନ ନଥିପତ୍ରଗୁଡ଼ିକୁ ଗବେଷଣା କାର୍ଯ୍ୟରେ ଉପଯୋଗ କରାଯାଇ ପାରିବ ବୋଲି ଆଶା କରାଯାଉଛି ।

# ଆଜିର ପ୍ରୌଢ଼ ଶିକ୍ଷା

ଶ୍ରୀ ବଭୂତ ଭୂଷଣ ମହାନ୍ତ

ଅଗଷ୍ଟ ପନ୍ଦର ୧୯୭୯, ଆମେ ସ୍ୱାଧୀନ ହେବାର ୩୨ ବର୍ଷ ପୂରିଗଲା । ତଥାପି ଆମ ଦେଶରେ ବହୁତ ଲୋକ ପାଠ ପଢ଼ିବାର ସୁବିଧା ନପାଇ ରହି ଯାଉଛନ୍ତି ଓ ବହୁତ ପିଲା ବର୍ତ୍ତମାନ ମଧ୍ୟ ସ୍କୁଲକୁ ଯାଉନାହାନ୍ତି । ୧୯୪୭ ମସିହାରେ ଆମ ଦେଶର ସାକ୍ଷର ସଂଖ୍ୟା ଥିଲା ଶତକଡ଼ା ୧୪ । ୧୯୭୧ ମସିହାରେ ଏହି ସଂଖ୍ୟା ହାରାହାରି ବଢ଼ି ପାଇଥିଲା ୩୫କୁ । ଏଥିରୁ ମନେହୁଏ ଯେପରି ଆମ ଦେଶରେ ପଢ଼ିଲେଖି ପାରୁଥିବା ଲୋକଙ୍କ ସଂଖ୍ୟା ବେଶି ବଢ଼ି ଚାଲିଛି । କିନ୍ତୁ ପ୍ରକୃତରେ ତାହା ନୁହେଁ । ଆମର ଲୋକସଂଖ୍ୟା ଯେଉଁ ହାରରେ ବଢ଼ି ଚାଲିଛି, ସେ ଅନୁପାତରେ ପଢ଼ିଲେଖି ପାରୁଥିବା ଲୋକଙ୍କ ସଂଖ୍ୟା ବଢ଼ି ନାହିଁ । ୧୯୫୧ ମସିହାରେ ଆମ ଦେଶରେ ୨୪·୭୦ କୋଟି ଲୋକ ନିରକ୍ଷର ଥିଲେ ଏବଂ ୧୯୭୧ ରେ ଏମାନଙ୍କ ସଂଖ୍ୟା ହୋଇଥିଲା ୩୦·୭୦ କୋଟି । ଏମାନଙ୍କ ମଧ୍ୟରେ ୧୪ ବର୍ଷରୁ ବେଶି ବୟସର ନିରକ୍ଷର ଥିଲେ ୨୦·୯୫ କୋଟି । ବର୍ତ୍ତମାନ ଆମ ଦେଶରେ ୧୫ରୁ ୩୫ ବର୍ଷ ବୟସର ପ୍ରାୟ ୧୦ କୋଟି ଲୋକ ପଢ଼ିଲେଖି ପାରନ୍ତି ନାହିଁ । ଆମ ଓଡ଼ିଶାରେ ଏମାନଙ୍କ ସଂଖ୍ୟା ହେଲା ୫୫ ଲକ୍ଷ । ଶିକ୍ଷା କ୍ଷେତ୍ରରେ ଆମେ କେଉଁଠି ତାହା ସହଜରେ ଅନୁମାନ କରିହେବ ।

ଆମ ଦେଶ ସ୍ୱାଧୀନ ହେବା ପୂର୍ବରୁ ବିଦେଶୀ ସରକାରଙ୍କର ଉଦ୍ଦେଶ୍ୟ ଥିଲା କେବଳ କେତେଜଣ ଧୋବ ଧାଉଳିଆ ବାବୁ ତିଆରି କରି ଚାକିରି ଜରିଆରେ ଶାସନ ଚଳାଇବା । ସେଇଆ ହେଲା । କଲିକତା, ବମ୍ବେ ଓ ମାଡ୍ରାଜରେ ତିନିଗୋଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା ଓ ପ୍ରତି ବଡ଼ ବଡ଼ ସହରରେ କଲେଜ୍ ସବୁ ଥିଲା । ହାଇସ୍କୁଲ୍ ଓ ମାଇନର ସ୍କୁଲ ମଧ୍ୟ ଥିଲା । ଗାଁ ଗହଳରେ କେଉଁଠି କିପରି ପ୍ରାଇମେରି ସ୍କୁଲ ସବୁ ଥିଲା । ସେ ସମୟର କଲିକତା, ବମ୍ବେ ଓ ମାଡ୍ରାଜରେ ଥିବା ବିଶ୍ୱ-ବିଦ୍ୟାଳୟଗୁଡ଼ିକ ପୃଥିବୀର ଅନ୍ୟ ଯେ କୌଣସି ବିଶ୍ୱ-ବିଦ୍ୟାଳୟ ସାଙ୍ଗରେ ତାଳ ଦେଉଥିଲେ । କିନ୍ତୁ ଗାଁ-ଗହଳର ଶିକ୍ଷା ବ୍ୟବସ୍ଥା ପ୍ରତି କାହାରି ଦୃଷ୍ଟି ପଡୁ ନଥିଲା । ବିଲାତରେ ସେ ସମୟର ସ୍କୁଲ ସବୁ ବିଶେଷତଃ ଗାଁ ଗହଳର ସ୍କୁଲଗୁଡ଼ିକ ସାଧାରଣ ଲୋକମାନଙ୍କ ସଙ୍ଗେ, ଗୀର୍ଜା ସଙ୍ଗେ ଓ ଗାଁର ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କ ସଙ୍ଗେ ସଂପର୍କ ରଖିଥିଲେ । ଆଜି ମଧ୍ୟ ସେଠାରେ ଏ ବ୍ୟବସ୍ଥା ଦେଖାଯାଏ । ଅଥଚ ଆମ ଦେଶରେ ସେକାଳର ସ୍କୁଲ ସବୁ ଗାଁଠାରୁ ଦୂରେଇ ଯାଇଥିଲେ । ଲୋକଙ୍କ ସଙ୍ଗେ ଏମାନଙ୍କର କିଛି ସଂପର୍କ ନ ଥିଲା । ସେକାଳର ବିଦେଶୀ ସରକାର ଜାଣି ଶୁଣି ଏହା କରୁଥିଲେ ଓ କରାଉଥିଲେ । କେବଳ ଅଳ୍ପ କେତେଜଣ ପାଠ ପଢ଼ି ହାକିମ ହେଲେ ; ଲକ୍ଷ ଲକ୍ଷ ଲୋକେ ପାଠ ନପଢ଼ି ରହିଲେ । ଯେଉଁମାନେ ପାଠପଢ଼ି, ହାକିମ ହୋଇ ଶାସନ କ୍ଷମତାରେ ରହିଲେ ସେମାନେ ମଧ୍ୟ ସାଧାରଣ ଲୋକଙ୍କଠାରୁ ଦୂରେଇଗଲେ । ପାଠୁଆ ଓ ଅପାଠୁଆଙ୍କ ମଧ୍ୟରେ ଗୋଟିଏ ମେଘନାଦ ପାଚିରୀ ଗଢ଼ି ଉଠିଲା । ଦେଶ ସ୍ୱାଧୀନ ହେବାପରେ ମଧ୍ୟ ଅବସ୍ଥା ସୁଧୁରିଲା ନାହିଁ । ବହୁତ ସ୍କୁଲ କଲେଜ ହେଲା । ତଥାପି ପ୍ରତି ବର୍ଷ ହଜାର ହଜାର ପିଲା ସ୍କୁଲକୁ ଯାଇ ନପାରି କିମ୍ବା ଅଳ୍ପଦିନ ସ୍କୁଲକୁ ଯାଇ ତା'ପରେ ପଢ଼ା ଛାଡ଼ି, ନିରକ୍ଷର ହୋଇ ରହିଲେ । ଆମ ସରକାରତ ନିରକ୍ଷରମାନଙ୍କୁ ଶିକ୍ଷା ଦେବାରେ ବେଶି କିଛି କାମ କଲେ ନାହିଁ । ଯେଉଁମାନେ ପାଠ ପଢ଼ିଛନ୍ତି ଓ ଯେଉଁମାନେ ସ୍କୁଲ କଲେଜର ଛାତ୍ର, ଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ, ସେମାନେ ମଧ୍ୟ କିଛି କଲେନାହିଁ । ସବୁ ପାଠୁଆ ଲୋକେ ଲାଗି ପଡ଼ିଥିଲେ ଅପାଠୁଆ ଓ ଦରପାଠୁଆ ଲୋକେ ପାଠ ପଢ଼ି ପାରିଥାନ୍ତେ । ଏ ଅପାଠୁଆ ଓ ଦରପାଠୁଆ ଲୋକଙ୍କ ମଧ୍ୟରେ ପିଲାମାନେ ଅଛନ୍ତି, ଯୁବକ ଯୁବତୀ ଅଛନ୍ତି ଓ ବୟସ୍କ ଲୋକମଧ୍ୟ ଅଛନ୍ତି । ପାଠପଢ଼ିବା ଏମାନଙ୍କର ଜନ୍ମଗତ ଦାବୀ ଏବଂ ଏ ଦାବୀ ପୂରଣ କରିବା ହେଉଛି ପ୍ରତ୍ୟେକ ଦେଶର ସରକାର ଓ ସମାଜର ଏକ କର୍ତ୍ତବ୍ୟ ।

ଅତୀତରେ ପ୍ରୌଢ଼ଶିକ୍ଷାରେ କେବଳ ଅକ୍ଷର ଶିକ୍ଷା ପ୍ରତି ନଜର ଦିଆଯାଉଥିଲା । ୧୯୬୫ ମସିହା ସେପ୍ଟେମ୍ବର ଆଠ ତାରିଖରେ ଡେହେରାଡୁନ୍‌ଠାରେ

ଗୋଟିଏ ଆନ୍ତର୍ଜାତିକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏହାର ଆୟୋଜନ କରିଥିଲେ ଇରାନ୍ ସରକାର ଓ ଜାତିସଂଘ ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ ଅନୁଷ୍ଠାନ—ଇଉନେସ୍କୋ (UNESCO) । ପୃଥିବୀର ସବୁ ଦେଶର ଶିକ୍ଷାମନ୍ତ୍ରୀମାନେ ଏଥିରେ ଯୋଗ ଦେଇଥିଲେ । ସାରା ପୃଥିବୀରେ ଚାଲିଥିବା ବିଭିନ୍ନ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ସଭାରେ ଆଲୋଚନା ଓ ତର୍କବିତର୍କ ହେବାପରେ ସ୍ଥିର ହେଲା ଯେ ନିରକ୍ଷର ଲୋକମାନଙ୍କୁ କେବଳ ଅକ୍ଷର ଶିଖାଇ ସାକ୍ଷର କରିବାରେ କିଛି ଲାଭ ନାହିଁ । କାରଣ ସେମାନେ ଜ୍ଞାନକୁ କାମରେ ଲଗାଇ ନପାରି ଓ ଲେଖାପଢ଼ାର ସୁବିଧା ନପାଇ ପୁଣି ନିରକ୍ଷରତା ଅବସ୍ଥାକୁ ଫେରି ଯାଉଛନ୍ତି । ତେଣୁ ସ୍ଥିରହେଲା ଯେ ପ୍ରୌଢ଼ ଶିକ୍ଷାରେ ବ୍ୟବହାରିକ ସାକ୍ଷରତାକୁ ପ୍ରାଧାନ୍ୟ ଦିଆଯିବ । ବ୍ୟବହାରିକ ସାକ୍ଷରତାକୁ ବୃତ୍ତି-ମୂଳକ ସାକ୍ଷରତା ମଧ୍ୟ କୁହାଯାଏ । ଏହାର ଶିକ୍ଷାନୀତି କିଛି ନୂଆ ନୁହେଁ । ଗାନ୍ଧିଜୀଙ୍କ ମୌଳିକ ଶିକ୍ଷାର ନୀତି ଯାହା ଏହା ସେଇଆ । ଅର୍ଥାତ୍ ଧନ୍ଦା ମାଧ୍ୟମରେ ଶିକ୍ଷା । ତେଣୁ ନିରକ୍ଷର ଲୋକମାନଙ୍କୁ ଅ, ଆ, କ, ଖ ଶିଖାଉ ଶିଖାଉ ସେମାନଙ୍କର ନିଜ ନିଜର ଧନ୍ଦା ମାଧ୍ୟମରେ ମଧ୍ୟ ଶିକ୍ଷା ଦିଆଯାଏ । ଏମାନଙ୍କ ପାଇଁ ବହି ପତ୍ର ସବୁ ବିଭିନ୍ନ ଧନ୍ଦା ଉପରେ ଲେଖା ହୋଇଥାଏ । ଯଦି ଗୋଟିଏ ଗାଁରେ ୨୫ ଜଣ ବଢ଼େଇ ଆସି ପ୍ରୌଢ଼ଶିକ୍ଷା କେନ୍ଦ୍ରରେ ଯୋଗ ଦିଅନ୍ତି, ତେବେ ସେମାନଙ୍କୁ 'କ' ଅକ୍ଷର ଶିଖାଇ-ବାକୁ ହେଲେ 'କରତ' ଶବ୍ଦର ବ୍ୟବହାର କରାଯାଇପାରେ ଏବଂ 'ବ' ଅକ୍ଷର ଶିଖାଇବାକୁ ହେଲେ 'ବଟାଳି' ବା 'ବାଇସି' ଶବ୍ଦ ବ୍ୟବହାର କରାଯାଇ ପାରେ । ଏହାଛଡ଼ା ସେମାନଙ୍କ ପାଇଁ ବହିପତ୍ର ସବୁ ବଢ଼େଇ କାମ ଉପରେ ହିଁ ଲେଖାଯାଏ । କେବଳ ସେତିକି ନୁହେଁ ସବୁ ପ୍ରକାର ଚେଷ୍ଟା କରାଯାଏ ଯେପରି ସେମାନେ ସାକ୍ଷର ହେବା ସଙ୍ଗେ ସଙ୍ଗେ ଭଲ କାରିଗର ମଧ୍ୟ ହୋଇ ପାରିବେ । ଅନ୍ୟ ଗୋଟିଏ ଗାଁରେ ଯଦି ୩୦ ଜଣ କୃଷକ ଆସି ପ୍ରୌଢ଼ ଶିକ୍ଷା କେନ୍ଦ୍ରରେ ଯୋଗ ଦିଅନ୍ତି, ତେବେ ସେମାନଙ୍କର ପଢ଼ାପଢ଼ି ସବୁ କୃଷିଧନ୍ଦା ମାଧ୍ୟମରେ ହୁଏ ।

ବହୁ ଆଲୋଚନା ଓ ଗବେଷଣା ପରେ ୧୯୬୫ ମସିହାରେ ବିଶ୍ୱବ୍ୟାଙ୍କ୍ ଓ ଏହା କରିଆରେ ପୃଥିବୀର ସବୁଦେଶ ହୃଦୟଙ୍ଗମ କଲେ ଯେ ପ୍ରୌଢ଼ ଶିକ୍ଷାରେ ପ୍ରଗତି ବା ବିକାଶ ସଙ୍ଗେ ଏକ ସଂପର୍କ ରହିଛି । କାରଣ ଦେଖାଗଲା ଯେ ପୃଥିବୀର ଯେଉଁ ଦେଶ ସବୁ ଗରିବ, ସେ ଦେଶମାନଙ୍କରେ ନିରକ୍ଷରମାନଙ୍କର ସଂଖ୍ୟା ମଧ୍ୟ ବହୁତ ବେଶି । ଅର୍ଥାତ୍ ଯିଏ ନିରକ୍ଷର ସେ ଗରିବ ଓ ଯିଏ ଗରିବ ସିଏ ନିରକ୍ଷର । ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକାର ଅଭିଜ୍ଞତାରୁ ଦେଖାଯାଏ, ବିକାଶମୂଳକ ଯୋଜନା ପାଇଁ ଯେଉଁ ସହଯୋଗ ଲୋଡ଼ା ପ୍ରୌଢ଼ଶିକ୍ଷା ବିନା ସେ ସହଯୋଗ ମିଳି ନାହିଁ କି ମିଳିବ ନାହିଁ ।

ଗତବର୍ଷ ଅକ୍ଟୋବର ଦୁଇ ତାରିଖରେ ଆମ ଦେଶରେ ଗୋଟିଏ ବଡ଼ ଯୋଜନା ଆରମ୍ଭ ହୋଇଛି । ଏହା ହେଉଛି ଜାତୀୟ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ । ଯେଉଁମାନେ ଅପାଠୁଆ ହୋଇ ରହିଯାଇଛନ୍ତି ଓ ବର୍ତ୍ତମାନ ଯେଉଁମାନଙ୍କର ବୟସ ହେଲାଣି, ସେମାନଙ୍କ ପାଇଁ ଏହି ଯୋଜନା । 'ଜାତୀୟ ପ୍ରୌଢ଼ଶିକ୍ଷା ନୀତି' ରେ କୁହାଯାଇଛି ଯେ ; "ନିରକ୍ଷରତା ବିରୁଦ୍ଧରେ ଏକ ସୁଚିନ୍ତିତ, ସୁପରିକଳ୍ପିତ ଓ କଠୋର ସଂଗ୍ରାମ ଚଳାଇବାକୁ ସରକାର ପ୍ରତିଜ୍ଞାବଦ୍ଧ ; ଏହାଦ୍ୱାରା ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ ଆଣିବାରେ ଜନ-ସାଧାରଣଙ୍କ ସକ୍ରିୟ ସହଯୋଗ ସମ୍ଭବ ହେବ । ସାକ୍ଷରତାକୁ ମଣିଷ ବ୍ୟକ୍ତିତ୍ୱର ଏକ ଅଙ୍ଗ ବୋଲି ଧରିବାକୁ ହେବ । ପ୍ରୌଢ଼ଶିକ୍ଷା ବିଷୟରେ ବର୍ତ୍ତମାନର ଚିନ୍ତାଧାରା ନିମ୍ନଲିଖିତ ମୂଳନୀତି ଉପରେ ଆଧାରିତ : (କ) ମଣିଷର ନିଜର ବିକାଶ ତଥା ଦେଶର ସାମାଜିକ–ଆର୍ଥିକ ଉନ୍ନତି ପଥରେ ନିରକ୍ଷରତା ଏକ ପ୍ରଧାନ ଅନ୍ତରାୟ ; (ଖ) କେବଳ ବିଦ୍ୟାଳୟ ଯିବାରେ ଶିକ୍ଷା ହୁଏ ନାହିଁ , ଏହା ଜୀବନର ପ୍ରତ୍ୟେକ ଅବସ୍ଥାରେ ଓ କାର୍ଯ୍ୟକ୍ଷେତ୍ରରେ ମିଳେ ; (ଗ) ଶିକ୍ଷଣ, କାର୍ଯ୍ୟ ସଂପାଦନ ଓ ଜୀବନଯାପନ, ଏମାନେ କେହି କାହାରିଠାରୁ ପୃଥକ୍ ନୁହନ୍ତି ଏବଂ ଅନ୍ୟ ଦୁଇଟି ସଙ୍ଗେ ସଂପୃକ୍ତ ହୋଇଥିଲେ ଗୋଟିକର ସାର୍ଥକତା ହାସଲ ହୋଇ-ଥାଏ ; (ଘ) ଯେଉଁ ଉପାୟ ଅବଲମ୍ବନ କରି ସାଧାରଣ ଲୋକେ ଉନ୍ନୟନର ପ୍ରବାହରେ ଭାଗୀହୋଇଥାନ୍ତି, ତାହା ଅନ୍ୟୂନ ପକ୍ଷେ ଉନ୍ନୟନର ଲକ୍ଷ୍ୟ ପରି ସେତିକି ଗୁରୁତ୍ୱପୂର୍ଣ୍ଣ, ଏବଂ (ଙ) ସାକ୍ଷରତା, କଥୋପକଥନ ଓ ସକ୍ରିୟ କାର୍ଯ୍ୟ-କ୍ରମ କରିଆରେ ନିରକ୍ଷର ଓ ଦରିଦ୍ର ଲୋକେ ନିଜକୁ ମୁକ୍ତ କରିବାକୁ ସକ୍ଷମ ହେବେ" ।

କେନ୍ଦ୍ର ଶିକ୍ଷା ଓ ସମାଜକଲ୍ୟାଣ ମନ୍ତ୍ରଣାଳୟ ତରଫରୁ ଜାତୀୟ ପ୍ରୌଢ଼ଶିକ୍ଷା ସଂପର୍କୀୟ ପ୍ରସ୍ତୁତି କାର୍ଯ୍ୟ ୧୯୭୮ ମସିହା ଅକ୍ଟୋବର ମାସର ବହୁତ ଆଗରୁ ଆରମ୍ଭ କରାଯାଇ-ଥିଲା । ୧୯୭୭ ମସିହା ଅପ୍ରେଲ ୫ ତାରିଖରେ କେନ୍ଦ୍ର-ଶିକ୍ଷାମନ୍ତ୍ରୀ ପାର୍ଲିଆମେଣ୍ଟରେ ଘୋଷଣା କଲେ ଯେ ପ୍ରାଥମିକ ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ଶିକ୍ଷା ସଂକ୍ରାନ୍ତୀୟ ଯୋଜନାରେ ପ୍ରୌଢ଼ଶିକ୍ଷାକୁ ସର୍ବୋଚ୍ଚ ଅଗ୍ରାଧିକାର ଦିଆଯିବ । ଏହା ପରେ ପରେ କେନ୍ଦ୍ର ଶିକ୍ଷା ଓ ସମାଜକଲ୍ୟାଣ ମନ୍ତ୍ରଣାଳୟ ତରଫରୁ ଓ ଜାତୀୟ ପ୍ରୌଢ଼ଶିକ୍ଷା ନୀତି ଓ ଜାତୀୟ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମର ଏକ ରୂପରେଖ ପ୍ରସ୍ତୁତ କରାଗଲା । ବିଭିନ୍ନ ସ୍ତରରେ ଆଲୋଚିତ ହେବାପରେ ଏଗୁଡ଼ିକର ଶେଷ ପର୍ଯ୍ୟାୟରେ ମଧ୍ୟ କେତେକ ପରିବର୍ତ୍ତନ କରାଗଲା ଓ ପରିଶେଷରେ ସାରାଦେଶ ଏହାକୁ ଗ୍ରହଣ କଲା ।

ଗତ କେତେବର୍ଷ ଧରି ଆନ୍ତର୍ଜାତିକ ସ୍ତରରେ ପ୍ରୌଢ଼-ଶିକ୍ଷା କ୍ଷେତ୍ରରେ ଯାହାସବୁ ବିକାଶ ଘଟିଛି, ସେସବୁର ଯଥେଷ୍ଟ ପ୍ରଭାବ ପଡ଼ିଛି ଆମର ଜାତୀୟ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଉପରେ । ୧୯୭୦ ମସିହାରେ ଯେତେବେଳେ ଜାତିସଂଘ ଆନୁକୂଲ୍ୟରେ ଦ୍ୱିତୀୟ ଉନ୍ନୟନ ଦଶନ୍ଧିର ଆରମ୍ଭ ହେଲା, ସେତେବେଳେ ପ୍ରୌଢ଼ଶିକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇଥିଲା । ୧୯୭୨ ମସିହାରେ ଜାତିସଂଘ ଶିକ୍ଷା, ବିଜ୍ଞାନ ଓ ସଂସ୍କୃତିକ ଅନୁଷ୍ଠାନ (UNESCO) ତରଫରୁ ଟୋକିଓରେ ଅନୁଷ୍ଠିତ ହୋଇଥିବା ଜୀବନବ୍ୟାପୀ ଶିକ୍ଷା

ଓ ପ୍ରୌଢ଼ଶିକ୍ଷା ଶୀର୍ଷକ ଆନ୍ତର୍ଜାତିକ ସମ୍ମିଳନୀରେ ପ୍ରୌଢ଼ଶିକ୍ଷାକୁ ଜୀବନବ୍ୟାପୀ ଶିକ୍ଷାର ଏକ ଅଙ୍ଗ ସ୍ୱରୂପ ଧରିନିଆ ହୋଇଥିଲା । ସେହିବର୍ଷ ମଧ୍ୟ ଆନ୍ତର୍ଜାତିକ ଶିକ୍ଷା କମିଶନ ତାଙ୍କ ରିପୋର୍ଟରେ (Learning to Be) ପ୍ରୌଢ଼ଶିକ୍ଷା ଓ ଜୀବନବ୍ୟାପୀ ଶିକ୍ଷାର ରୂପରେଖ ସଂପର୍କରେ ବିଶେଷଭାବେ ଆଲୋଚନା କରିଥିଲେ ଏବଂ ବିଶ୍ୱବାସୀଙ୍କ ଆଗରେ ସେସବୁ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱସହ ତାଙ୍କର ସୁପାରିଶ ପରିବେଷଣ କରିଥିଲେ । ୧୯୭୬ ମସିହା ଜୁନ୍ ମାସରେ ଟାଂଜାନିଆର ରାଜଧାନୀ ଡାର୍-ଏସ୍-ସାଲାମ୍‌ଠାରେ ଆନ୍ତର୍ଜାତିକ ପ୍ରୌଢ଼ଶିକ୍ଷା କାଉନ୍‌ସିଲ୍ ତରଫରୁ ଅନୁଷ୍ଠିତ 'ପ୍ରୌଢ଼ଶିକ୍ଷା ଓ ପ୍ରଗତି' ଶୀର୍ଷକ ଗୋଟିଏ ଆନ୍ତର୍ଜାତିକ ଆଲୋଚନା ସଭାରେ ସ୍ଥିର ହେଲା ଯେ ପ୍ରୌଢ଼ଶିକ୍ଷା ମଣିଷର ମୁକ୍ତି ଓ ପ୍ରଗତି ଆଣିବାରେ ଯେପରି ସହାୟକ ହେବ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ । ସେହିବର୍ଷ ନଭେମ୍ବର ମାସରେ କେନିଆର ରାଜଧାନୀ ନାଇରୋବିଠାରେ ( UNESCO ) ର ସାଧାରଣ ସଭାର ବୈଠକ ବସିଥିଲା ଏବଂ ନଭେମ୍ବର ୨୬ ତାରିଖ (୧୯୭୬) ଦିନ ପ୍ରୌଢ଼ଶିକ୍ଷାର ବିକାଶ ସଂପର୍କୀୟ ଏକ ଚିଠା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ଏହି ଚିଠାରେ ପ୍ରୌଢ଼ଶିକ୍ଷାର ସଂଜ୍ଞା ଓ ପରିସର ସଂପର୍କରେ କୁହାଯାଇଛି ଯେ ଏହା ଜୀବନବ୍ୟାପୀ ଶିକ୍ଷାର ଏକ ଅଙ୍ଗ ଅଟେ । ଆମର 'ଜାତୀୟ ପ୍ରୌଢ଼ଶିକ୍ଷା ନୀତି' ସଙ୍ଗେ ଉପରୋକ୍ତ ଆନ୍ତର୍ଜାତିକ ଆଲୋଚନା ସଭାଗୁଡ଼ିକର ସୁପାରିଶ ଓ ମତାମତସବୁର ଯେ ମେଳ ଅଛି ଏଥିରେ ସନ୍ଦେହ ନାହିଁ ।

ଆଜିର ପ୍ରୌଢ଼ଶିକ୍ଷାରେ ଅକ୍ଷର ଶିକ୍ଷାତ ରହିବ, ଏହାଛଡ଼ା ସମସ୍ତେ କିପରି ଦୁନିଆଁର ହାନିଲାଭ, ଭଲମନ୍ଦ ଓ ହାଲଚାଲ ଜାଣିବେ ଓ ନିଜନିଜର ଧନ୍ଦା ଓ ବେଉସାରେ ଆଗେଇବେ, ସେକଥା ମଧ୍ୟ ରହିବ । ଯେଉଁମାନେ ପ୍ରୌଢ଼ଶିକ୍ଷା କେନ୍ଦ୍ରରେ ଯୋଗଦେବେ ସେମାନଙ୍କ ଚାହିଦାକୁ ଚାହିଁ ବହିପତ୍ର ଲେଖାଯିବ । ପ୍ରୌଢ଼ଶିକ୍ଷା କେନ୍ଦ୍ର କେଉଁ କେଉଁ ଦିନ କେତେବେଳେ ଚାଲିବ ତାହା ପଢ଼ିବା ଲୋକେ ଠିକ୍ କରିବେ । ସେମାନେ ସେମାନଙ୍କର ଶିକ୍ଷକ ବାଛିବେ । କେଉଁଦିନ ପଢ଼ାପଢ଼ି ବହିପତ୍ରରୁ ଆରମ୍ଭହେବତ କେଉଁଦିନ ଆରମ୍ଭହେବ କଥାବାର୍ତ୍ତା ଓ ଆଲୋଚନା ଜରିଆରେ । ଗାଁର ଜମିଜମା, ଘରବାଡ଼ି, ପୁନିଅଁ ପରବ, ଚାଷବାସ, ଭଲମନ୍ଦ ଓ ହାନିଲାଭ, ସବୁ ବିଷୟରେ ଆଲୋଚନା ହେବ । ନିତିଦିନିଆ ସମସ୍ୟାକୁ ଆଖିଆଗରେ ରଖି, ଆଲୋଚନା କରି, ତାକୁ ଏଡ଼ିବାର ଉପାୟ ଖୋଜି ବାହାର କରିବାକୁ ହେବ । ଯେଉଁମାନେ ପ୍ରୌଢ଼ଶିକ୍ଷା ପାଇଁ କାମ କରୁଛନ୍ତି ବା କରିବେ, ସେମାନଙ୍କ ତାଲିମ୍‌ପାଇଁ ବ୍ୟବସ୍ଥା କରାଯାଉଛି ଓ କରାଯିବ । ପ୍ରତି ୩୦ଟି ପ୍ରୌଢ଼ଶିକ୍ଷା କେନ୍ଦ୍ରପାଇଁ ଜଣେ ସୁପରଭାଇଜର୍ ଓ ଅତି କମ୍‌ରେ ୧୦୦ ଟି କେନ୍ଦ୍ରଥିବା ଗୋଟିଏ ପ୍ରୋଜେକ୍ଟ ପାଇଁ ଜଣେ ପ୍ରୋଜେକ୍ଟ୍ ଅଫିସର ରହିବାର ବ୍ୟବସ୍ଥା ଅଛି । ଯେଉଁମାନେ ପ୍ରୌଢ଼ଶିକ୍ଷା କେନ୍ଦ୍ରର ଶିକ୍ଷକ ଭାବରେ କାମକରିବେ, ସେମାନଙ୍କ ଉପରେ ପ୍ରୌଢ଼ଶିକ୍ଷାର ସଫଳତା ନିର୍ଭର କରେ । କାରଣ ସେମାନେ ଯେପରି ଚଳାଇବେ ପ୍ରୌଢ଼ଶିକ୍ଷାକେନ୍ଦ୍ର ସେପରି ଚାଲିବ ।

ଶିକ୍ଷା ବିଭାଗ ପ୍ରୌଢ଼ଶିକ୍ଷାକୁ ତୁଲାଇବେ ସିନା, କିନ୍ତୁ ଅନ୍ୟାନ୍ୟ ବିଭାଗ, ଯଥାଃ—କୃଷି, ସ୍ୱାସ୍ଥ୍ୟ, ଶିଳ୍ପ, ସମବାୟ ଏବଂ ତଥ୍ୟ ଓ ସୂଚନା ବିଭାଗମାନଙ୍କ ବିନା ସାହାଯ୍ୟରେ ପ୍ରୌଢ଼ଶିକ୍ଷା ଆଗେଇ ପାରିବ ନାହିଁ । କାରଣ ଏସବୁ ବିଭାଗର ସହଯୋଗରେ ହିଁ ପ୍ରୌଢ଼ଶିକ୍ଷା କେନ୍ଦ୍ରକୁ ଆସୁଥିବା ଭାଇଭଉଣୀମାନେ ସେମାନଙ୍କର ନିଜ ନିଜର ଧନ୍ଦା ବା ବେଉସା ସମ୍ବନ୍ଧରେ ଅଧିକ ଜ୍ଞାନ ପାଇପାରିବେ ।


ପ୍ରୌଢ଼ଶିକ୍ଷା କେନ୍ଦ୍ର ଦଶମାସ ଚାଲିବ । ପ୍ରତି କେନ୍ଦ୍ରରେ ୩୦ ଜଣ ଯୋଗଦେବେ । ଦଶମାସପରେ ପୁଣି ଆଉ ୩୦ ଜଣ ଆସିବେ ଏବଂ ଯେଉଁ ୩୦ ଜଣ ଏଠି ପଢ଼ାଶେଷ କରିବେ ସେମାନଙ୍କ ପାଇଁ ମଧ୍ୟ ପଢ଼ାପଢ଼ି କରିବାର ବ୍ୟବସ୍ଥା ରହିବ । ଲାଇବ୍ରେରୀ ଜରିଆରେ ସେମାନେ ବହିପତ୍ର ପାଇବେ । ଗାଁଗାଁରେ ଭଜନ, କୀର୍ତ୍ତନ, ନାଚ, ପାଲା, ଦାଶକାଠିଆ ଓ ଯାତ୍ରା ଜରିଆରେ ଲୋକେ ଆନନ୍ଦ ପାଇବେ ଯେତିକି, ଶିଖିବେ ସେତିକି । ଗାଁଗାଁରେ ବିଭିନ୍ନ ଧନ୍ଦାସବୁ ମୁଣ୍ଡଟେକି ଉଠିବେ ଓ ଲୋକେ ସେମାନଙ୍କ ବେଉସାରେ ଆଗେଇବାକୁ ସଫଳ ହେବେ । ଗାଁର ସ୍କୁଲ ମଧ୍ୟ ବଡ଼ମାନଙ୍କ ପଢ଼ାପଢ଼ି ପ୍ରତି ଧ୍ୟାନ ଦେବେ । ଯେଉଁ ପିଲାମାନେ ସ୍କୁଲରେ ପଢ଼ିପାରିନାହାନ୍ତି ବା ଅଧାରୁ ପଢ଼ା ଛାଡ଼ିଦେଇଛନ୍ତି, ସେମାନଙ୍କ ପାଇଁ ପଢ଼ାପଢ଼ିର ବ୍ୟବସ୍ଥା ନକଲେ ପ୍ରୌଢ଼ଶିକ୍ଷା ଆଗେଇ ପାରିବ ନାହିଁ । ସମାଜର ଓ ଗାଁର ସମସ୍ତେ ଶିଖିବେ ଓ ସମସ୍ତେ ଶିଖାଇବେ । ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ମଠ, ସ୍କୁଲ, ମକ୍ତବ୍—ସମସ୍ତେ ହେବେ ଗୋଟିଏ ଗୋଟିଏ ଶିକ୍ଷା କେନ୍ଦ୍ର ବା ଶିକ୍ଷାର ମନ୍ଦିର ।

ଏ ବିରାଟ କାର୍ଯ୍ୟକ୍ରମକୁ ଭଲଭାବେ ଚଳାଇବାକୁ ହେଲେ ଉପଯୁକ୍ତ ସାଧନର ବିକାଶ ହେବା ଏକାନ୍ତ ଆବଶ୍ୟକ । ଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା, ପ୍ରୌଢ଼ଶିକ୍ଷା ପାଇଁ ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ଉପକରଣର ପ୍ରସ୍ତୁତି ଓ ଆନୁଷଙ୍ଗିକ ଗବେଷଣାର ଉପଯୁକ୍ତ ବ୍ୟବସ୍ଥା କରିବାକୁ ହେବ । ୧୯୬୬ ମସିହାରେ କେନ୍ଦ୍ରୀୟ ଶିକ୍ଷା ପରାମର୍ଶଦାତା ବୋର୍ଡଙ୍କ ଦ୍ୱାରା ଗଠିତ ଅଣଆନୁଷ୍ଠାନିକ ଶିକ୍ଷା କମିଟିଙ୍କର ନିମ୍ନଲିଖିତ ମତାମତକୁ ବୋର୍ଡଙ୍କର ଷ୍ଟାଣ୍ଡିଂ କମିଟି ଗ୍ରହଣ କରିଥିଲେ । "ପ୍ରଶିକ୍ଷଣ ବ୍ୟବସ୍ଥା, ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ଇତ୍ୟାଦିର ପ୍ରସ୍ତୁତି ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ଗୋଟିଏ ଗୋଟିଏ ସାଧନ କେନ୍ଦ୍ର ଆବଶ୍ୟକ । ଏହାର ପରିଚାଳନାର ଭାର ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଦିଆଯିବ କିମ୍ବା ଏହା ସରକାରଙ୍କର ତତ୍ତ୍ୱାବଧାନରେ ରହିବ" । ସେହି ବର୍ଷ ଶିକ୍ଷାବିଭାଗର ସଚିବ ଓ ନିର୍ଦ୍ଦେଶକମାନଙ୍କର ସମ୍ମିଳନୀରେ ଏହି ଧରଣର ପ୍ରୌଢ଼ଶିକ୍ଷା ସାଧନ କେନ୍ଦ୍ରମାନଙ୍କର ଭୂମିକା ସଂପର୍କରେ ଆଲୋଚନା ହୋଇଥିଲା ଓ ସମ୍ମିଳନୀର ନିଷ୍ପତ୍ତିକୁ ଭାରତ ସରକାରଙ୍କ ଶିକ୍ଷା ଓ ସମାଜକଲ୍ୟାଣ ମନ୍ତ୍ରଣାଳୟ ଓ ବିଭିନ୍ନ ରାଜ୍ୟର ଶିକ୍ଷାବିଭାଗମାନ ଗ୍ରହଣ କରିଥିଲେ । ପ୍ରୌଢ଼ଶିକ୍ଷା ସାଧନ କେନ୍ଦ୍ରର ଉଦ୍ଦେଶ୍ୟକୁ ସାର୍ଥକ କରିବା ପାଇଁ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ପ୍ରୌଢ଼ଶିକ୍ଷା ସାଧନ କେନ୍ଦ୍ର ପ୍ରତିଷ୍ଠା କରିବାର ଯୋଜନା ରହିଛି । ଏପର୍ଯ୍ୟନ୍ତ ୧୩ଟି ପ୍ରୌଢ଼ଶିକ୍ଷା ସାଧନ କେନ୍ଦ୍ର ସ୍ଥାପିତ ହେଲଣି ଓ

ଏସବୁର ଦାୟିତ୍ୱ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଦିଆଯାଇଛି । ଆମ ରାଜ୍ୟର ପ୍ରୌଢ଼ଶିକ୍ଷା ସାଧନ କେନ୍ଦ୍ରର ଦାୟିତ୍ୱ ନେଇଛି ଉତ୍କଳ ନବଜୀବନ ମଣ୍ଡଳ ଓ ଏହା ଅନୁଗୁଳଠାରେ ଅବସ୍ଥିତ ।

ଗତବର୍ଷ ଓଡ଼ିଶାରେ ଲକ୍ଷେଲୋକଙ୍କ ପାଇଁ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଓ ଏ ବର୍ଷ (୧୯୭୯-୮୦) ଏହାଦ୍ୱାରା ପ୍ରାୟ ତିନିଲକ୍ଷ ଲୋକ ଉପକୃତ ହେବେ । ସରକାରୀ ଉଦ୍ୟମରେ ତ ଅନେକଗୁଡ଼ିଏ ପ୍ରୋଜେକ୍ଟ୍ ଚାଲିବ କିନ୍ତୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଏଦିଗରେ ଆଗ୍ରହ ପ୍ରକାଶ କରିବା ଅତ୍ୟନ୍ତ ଆନନ୍ଦର କଥା । ଏବର୍ଷ ମଇମାସ ସୁଦ୍ଧା ଓଡ଼ିଶାର ତେରଗୋଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ ଚଳାଇବା ପାଇଁ କେନ୍ଦ୍ର ସରକାରଙ୍କଠାରୁ ଗ୍ରାଣ୍ଟ୍ ପାଇଛନ୍ତି । ଓଡ଼ିଶାର 'ରାଜ୍ୟ ପ୍ରୌଢ଼ଶିକ୍ଷା ଷ୍ଟିଅରିଂ କମିଟି' ଓ 'ରାଜ୍ୟ ପ୍ରୌଢ଼ଶିକ୍ଷା ବୋର୍ଡ଼' ସେମାନଙ୍କର ସାମୟିକ ବୈଠକରେ ପ୍ରୌଢ଼ଶିକ୍ଷା କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେଉଛନ୍ତି । ଗତ କେତେମାସ ମଧ୍ୟରେ ଏଦିଗରେ ଯାହା ହୋଇଛି ତାହା ସମୁଦ୍ରକୁ ଶଂଖେ ପାଣି ଭଳି । ଆଗକୁ ବହୁତ କାମ କରିବାର ଅଛି ଓ ଏସବୁ କାମ ମଧ୍ୟ ଏତେ ସହଜ ନୁହେଁ । ଏ ଯୋଜନା ଯେତିକି ବଡ଼ ଏହାର ଲକ୍ଷ୍ୟ ମଧ୍ୟ ସେତିକି ବଡ଼ । ଦେଶରେ ସମସ୍ତେ ସାକ୍ଷର ହେବେ, ଚହିପତ୍ର ଓ ଖବର କାଗଜ ପଢ଼ିବେ, ସବୁକଥା ଜାଣିବେ, ଦି' ପଇସା ରୋଜଗାର କରି ଭଲରେ ରହିବେ, ଏକଥା ନ ଚାହେଁ କିଏ ? ତେଣୁ ପାଠୁଆ, ଦରପାଠୁଆ, ଅପାଠୁଆ--ସମସ୍ତଙ୍କ ପାଇଁ ପ୍ରୌଢ଼ଶିକ୍ଷା ।

ନିର୍ଦ୍ଦେଶକ,
ରାଜ୍ୟ ପ୍ରୌଢ଼ଶିକ୍ଷା ସାଧନ କେନ୍ଦ୍ର
ଅନୁଗୋଳ, ଢେଙ୍କାନାଳ



## ଦୁଗ୍ଧ ଉତ୍ପାଦନ ସମବାୟ ସମିତିମାନଙ୍କୁ ଆର୍ଥିକ ସାହାଯ୍ୟ

ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନ ବୃଦ୍ଧି କରାଇବା ନିମନ୍ତେ ଚଳିତ ବର୍ଷ ଦଶଲକ୍ଷ ଟଙ୍କା ପ୍ରାଥମିକ ଦୁଗ୍ଧ ଉତ୍ପାଦନ ସମବାୟ ସମିତିମାନଙ୍କୁ ସାହାଯ୍ୟ ଆକାରରେ ଦେବା ପାଇଁ ମଂଜୁରୀ ପ୍ରଦାନ କରିଛନ୍ତି । ଏହି ଅର୍ଥରୁ ଦୁଗ୍ଧ ସଂଗ୍ରହ ଓ ବଣ୍ଟନ ପାଇଁ ଆବଶ୍ୟକ ସରଂଜାମ କିଣିବା ନିମନ୍ତେ ପ୍ରତ୍ୟେକ ସମିତିକୁ ୨୦୦୦ ଟଙ୍କା ହିସାବରେ ୧୪୫ଟି ସମିତିକୁ ସାହାଯ୍ୟ ମଂଜୁରୀ କରାଯାଇଛି ।

ଏହା ବ୍ୟତୀତ ସମିତିଗୁଡ଼ିକର ପରିଚାଳନା ଖର୍ଚ୍ଚ ନିମନ୍ତେ ପ୍ରତ୍ୟେକ ସମିତିକୁ ମାସିକ ୧୨୦ ଟଙ୍କା ହିସାବରେ ଏବଂ ଘରଭଡ଼ା ବାବଦରେ ମାସିକ ୫୦ ଟଙ୍କା ହିସାବରେ ୨୬୦ ଟି ସମିତିକୁ ସାହାଯ୍ୟ ଦେବା ପାଇଁ ଅର୍ଥ ମଂଜୁର କରାଯାଇଛି ।

ଆହୁରି ମଧ୍ୟ ଚଳିତ ବର୍ଷ ପ୍ରଥମ କରି ୯୦ ଗୋଟି ସମିତିମାନଙ୍କର ମୂଳଧନ ବାବଦକୁ ପ୍ରତ୍ୟେକ ସମିତିକୁ ୨୦୦୦ ଟଙ୍କା ଲେଖାଏଁ ଦିଆଯିବ ।

ବର୍ତ୍ତମାନସୁଦ୍ଧା ରାଜ୍ୟରେ ୩୦୧ ଟି ପ୍ରାଥମିକ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଏବଂ ୯ ଟି ଜିଲ୍ଲା ଦୁଗ୍ଧ ଉତ୍ପାଦନ ସମବାୟ ୟୁନିୟନ ଗଢ଼ାଯାଇଛି । ୧୯୭୮-୭୯ ମସିହାରେ ରାଜ୍ୟରେ ୨ ଲକ୍ଷ ୧୭ ହଜାର ମେଟ୍ରିକ୍ ଟନ୍ ଦୁଗ୍ଧ ଉତ୍ପାଦିତ ହୋଇସାରିଛି । ଚଳିତ ବର୍ଷ ଶେଷ ସୁଦ୍ଧା ୧୪୫ ଟି ନୂତନ ପ୍ରାଥମିକ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଗଢ଼ାଯିବ ଏବଂ ବାର୍ଷିକ ଦୁଗ୍ଧ ଉତ୍ପାଦନ ୨ଲକ୍ଷ ୨୫ ହଜାର ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

# ଓଡ଼ିଆ ଶିଶୁ ସାହିତ୍ୟର ଐତିହ୍ୟ ଓ ଅଭିମୁଖ୍ୟର ଧାରା

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

ବିଶ୍ୱର ପ୍ରତ୍ୟେକ ଭାଷା ଓ ସାହିତ୍ୟର ଆଦି ଜନନୀ ହେଉଛି ଶିଶୁ ସାହିତ୍ୟ । ଓଡ଼ିଆ ସାହିତ୍ୟର ଜନ୍ମ, ସମୃଦ୍ଧିର ମୂଳରେ ରହିଛି ସେହି ଶିଶୁ ସାହିତ୍ୟ । ମନୁଷ୍ୟର ଯେଉଁ ଦିନୁ ପାଟି ଫିଟିଛି, ସେ କଥା କହିବାକୁ ଆରମ୍ଭ କରିଛି, ସେହି ଦିନୁ ଶିଶୁ ସାହିତ୍ୟ ଜନ୍ମ ହୋଇଛି । ପ୍ରତ୍ୟେକ ଜୀବ ପରି ମନୁଷ୍ୟର ଅତି ସ୍ନେହର, ଅତି ଆଦରର ପାତ୍ର ହେଉଛି ଶିଶୁ ସବୁ କାଳରେ, ସବୁ ଦେଶରେ ସେହି ଶିଶୁର ମଙ୍ଗଳ ଲାଗି ସେ ତାର ସମସ୍ତ ମନ, ଧନ, ଧ୍ୟାନ ନିଃଶେଷ କରି ଆସିଛି । ଶିଶୁର ସର୍ବବିଧ କଲ୍ୟାଣ ପାଇଁ ସେ ସୃଷ୍ଟି କରିଛି ଅର୍ଥହୀନ ଛନ୍ଦୋବଦ୍ଧ ଖଣ୍ଡ କବିତା, ମନମତାଣିଆ ଗଳ୍ପ, ଶିକ୍ଷାପ୍ରଦ କାହାଣୀ । ଏହାର ସ୍ରଷ୍ଟା କେବଳ ଜନନୀ । ଅଝଟ ପିଲାକୁ ଶାନ୍ତ କରିବା ପାଇଁ, ସାଂତ୍ୱନା ଦେବା ପାଇଁ ଜନନୀର ଅଜ୍ଞତାରେ ତାର ଅନ୍ତରରୁ ଯେଉଁ ସ୍ନେହ ଓ ଶ୍ରଦ୍ଧାର ଉତ୍ସ ଉଦ୍‌ଗୀରଣ ହୋଇଛି, ତାହା ହିଁ ଶିଶୁ ସାହିତ୍ୟ—ଜାତୀୟ ସାହିତ୍ୟର ମୂଳ ଭିତ୍ତି । ବୃତ୍ତର ପରିଧିର ଆଦି ଅନ୍ତ ଖୋଜିବାକୁ ଯିବା ଯେପରି ପାଗଳାମି, ଦିଗ୍‌ବଳୟର ଦୂରତା ମାପିବା ଯେପରି ଧୃଷ୍ଟତା, ଶିଶୁ ସାହିତ୍ୟର ଜନ୍ମ ଓ ଐତିହ୍ୟ ଖୋଜିବା ମଧ୍ୟ ସେହିପରି ନିରର୍ଥକ ।

କେଉଁ ପ୍ରାଗ୍ ଐତିହାସିକ ଯୁଗରୁ କେଉଁ ଅଜଣା ଅଶୁଣା ଅମଳରୁ ଓଡ଼ିଆ ମା ଗାଇ ଆସିଛି—

"ଧୋରେ ବାଇଆ ଧୋ,
ଯେଉଁ କିଆରୀରେ କଅଁଳ ଘାସ,
ସେହି କିଆରୀରେ ଶୋ" ।

କିମ୍ବା—

"ଝୁଲ୍ ହାତୀ ଝୁଲ୍ ହାତୀ
ଝୁଲିଲେ ଖାଇବୁ ଛେନା କାତି ।"

× × × × ×

"ହେ ଖାଇଦେ ରାଆଣି ଛୁଣି
ଆଉ ନାହିଁଟି ଦୋଓଡ଼ା ପାଣି"

କେତେ ବା ଉଦାହରଣ ଦେଇହେବ । ଆମ ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ, ପ୍ରତି ଗଳି କନ୍ଦିରେ ସହର ବଜାରଠାରୁ ଆରମ୍ଭ କରି ନିପଟ ମଫସଲର ଆଦିବାସୀ, ହରିଜନ ଅଧ୍ୟୁଷିତ ଅଞ୍ଚଳରେ ଏହିପରି ହଜାର ହଜାର ଢଗ ଢମାଳି, ଖଣ୍ଡ କବିତା ଯେ ଯୁଗଯୁଗ ଧରି ପିଲାମାନଙ୍କ ମନକୁ ମୋହି ଆସୁଛି, ତନ୍ମୟତା ଆଣି ଦେଉଛି, ତାର ସୀମା ନାହିଁ । ଜନନୀର ଅନ୍ତରରୁ ଉଦ୍‌ବେଳିତ ଏହି ସ୍ୱତଃ ସ୍ଫୂର୍ତ୍ତ ଆଜି କବିତାର ସ୍ଥାନ ଆମ ସାହିତ୍ୟରେ ଅତି ଉଚ୍ଚରେ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ କବିତାଗୁଡ଼ିକର ଅର୍ଥ ନାହିଁ, ସଙ୍ଗତି ନାହିଁ । ସମାଲୋଚକଙ୍କ ଦୃଷ୍ଟିରେ ଏହା ହୁଏତ ଅବହେଳିତ, ନିରର୍ଥକ ମନେ ହୋଇପାରେ । ମାତ୍ର ଶିଶୁ ଏଥିରେ ହିଁ ବଶୀଭୂତ ହୁଏ, ଆନନ୍ଦ ପାଏ × × × ସ୍ରଷ୍ଟା ଜନନୀ ସନ୍ତୋଷ ଲାଭ କରେ, ସାଂତ୍ୱନା ପାଏ ।

ଶିଶୁ ପ୍ରକୃତ ସ୍ୱଚ୍ଛ ସ୍ୱର୍ଗୀୟ ସୁମନ । ସେ ଅର୍ଥ ଲୋଡ଼େ ନାହିଁ, ବାଦ ବିବାଦର ସୀମାକୁ ଯାଏନାହିଁ । ତେଣୁ ନିରର୍ଥକ ଧ୍ୱନି ଛନ୍ଦଯୁକ୍ତ ଢଗ ଢମାଳିରେ ମୁଗ୍ଧ ହୁଏ । ମାତ୍ର ବୟସ୍କ ମାନବ ଖୋଜେ ଅର୍ଥ, ସଙ୍ଗତି । ସେ ସୃଷ୍ଟି କରେ ବାଦ ବିବାଦ—Ism. ତେଣୁ ମାନବ ସମାଜ ମଧ୍ୟରେ ଏତେ ଅସାମ୍ୟ, ମତଦ୍ୱୈଧ ଓ ବାଧା ବିଘ୍ନ । ତା ଫଳରେ ସବୁ ପ୍ରକାର ଅଶାନ୍ତି ଓ ଯୁଦ୍ଧ ବିଗ୍ରହ ପୃଥିବୀରେ ଲାଗି ରହିଛି ।

ଶିଶୁର ବାଲ୍ୟାବସ୍ଥା ଆସିଗଲେ, ତାହାପାଇଁ ଉଦ୍ଦିଷ୍ଟ ସାହିତ୍ୟର ମଧ୍ୟ ପରିବର୍ତ୍ତନ ଘଟେ । ଛନ୍ଦୋବଦ୍ଧ ଅର୍ଥହୀନ ଖଣ୍ଡ କବିତା ପରିବର୍ତ୍ତରେ ସୃଷ୍ଟି ହୁଏ ତାର ଅତି ପ୍ରିୟ ଖେଳ ସାଥୀ କଣ୍ଢେଇ, ବିଲେଇ-ଛୁଚୁଁର ଛୁଆ କିମ୍ବା ସବୁ ସମୟରେ ଆଖି ଆଗରେ ପଡ଼ୁଥିବା ପଶୁ, ପକ୍ଷୀ, ବଣ, ପାହାଡ଼, ଓ ସାଙ୍ଗ ସାଥିଙ୍କୁ ନେଇ କ୍ଷୁଦ୍ର ଗଳ୍ପ । ପ୍ରାଗ୍ ଐତିହାସିକ ଯୁଗରୁ ଏହି ସବୁ ଗଳ୍ପ ଲୋକଙ୍କ ମୁହେଁ ମୁହେଁ ପ୍ରଚ୍ଛରିତ ଓ ପ୍ରସାରିତ ହୋଇ ଆସିଛି । ନାନା ଗାଉଁଲୀ କାହାଣୀ, ଲୋକ କଥା ଏବେ ମଧ୍ୟ ପିଲା କାହିଁକି ବୟସ୍କଙ୍କୁ ମଧ୍ୟ ମୁଗ୍ଧ କରେ ।

ତାହାପରେ ଆସେ କୈଶୋର ଅବସ୍ଥା । ସେତେବେଳେ ପିଲାର ମନ ଅସାଧ୍ୟ ସାଧନ କରିବାକୁ ଚାହେଁ । ଆକାଶରେ

ଉଡ଼ି, ସମୁଦ୍ରରେ ବୁଡ଼ି, ପାହାଡ଼ ପର୍ବତରେ ଚଢି, ନିଘଞ୍ଚ ଅରଣ୍ୟ ଭିତରେ ହିଂସ୍ର ବ୍ୟାଘ୍ର ସିଂହ ସହିତ ଲଢି ଦୁଃସାହସିକ କାର୍ଯ୍ୟ କରିବାର ପରିକଳ୍ପନା ଛାଏଁ ଛାଏଁ ମନକୁ ତାର ଆସିଯାଏ । ସେତେବେଳଠୁ ତା ପାଇଁ ସୃଷ୍ଟି ହେଲା ନାନା ପ୍ରକାର କାଳ୍ପନିକ କାହାଣୀ । କିମ୍ଭୂତ କିମାକାର ଦୁର୍ଦ୍ଧର୍ଷ ଦୈତ୍ୟ ଦାନବ, ଅମିତ ବଳ ପରାକ୍ରମୀ ରାକ୍ଷସ, ଅଦ୍ଭୁତ ଆକାର ପ୍ରକାରର ଜୀବଜନ୍ତୁଙ୍କ ଅତ୍ୟାଚାର ଏବଂ ଜଣେ କିଶୋର ହସ୍ତରେ ସେମାନଙ୍କର ବିନାଶ—ଏ ସବୁ ଗଳ୍ପର ମୂଳ ଭିତ୍ତି ।

ଶିଶୁ ସାହିତ୍ୟର ଏହି ତ୍ରିଧାରା ବିଶ୍ୱ ସାହିତ୍ୟ ପରି ଓଡ଼ିଆ ସାହିତ୍ୟରେ ମଧ୍ୟ ଆବହମାନ କାଳରୁ ଚଳି ଆସୁଛି । ଆଈ ମା ପ୍ରଭୃତି ବୃଦ୍ଧାମାନେ ଏହାର ସ୍ରଷ୍ଟା ଓ ପ୍ରସାରକ ।

ପିଲା ବର୍ଣ୍ଣମାଳାର ଚଉତିରିଶଟି ଅକ୍ଷର ଶିଖିବା ଏବଂ କ୍ରମାନୁସରେ ମନେରଖିବା ଉଦ୍ଦେଶ୍ୟରେ ଓଡ଼ିଶାର କବିମାନେ ଯେଉଁ ଚଉତିଶାର ପ୍ରଚଳନ କରି ଯାଇଛନ୍ତି, ତାହା ଅନବଦ୍ୟ ।

"କମଳ ଲୋଚନ ଶ୍ରୀହରି,
କରେଣ ଶଙ୍ଖ ଚକ୍ରଧାରୀ,

ଖଗ ଆସନେ ଖଗପତି,
ଖଟନ୍ତି ଲକ୍ଷ୍ମୀ ସରସ୍ୱତୀ ।"

ପୁଣି—

"କହନ୍ତି ମାଏ ଯେ ଶ୍ରୀକୃଷ୍ଣ ଆଗେ
କଥା ଶୁଣ ବାବୁ ଅଟି ସରାଗେ

ଖେଳ ଧୂଳ ବୁଦ୍ଧି ଛାଡ଼ରେ ବାବୁ,
ଖଡ଼ି ଛୁଇଁଲେ ତୁ ପାଠ ପଢିବୁ

ଗୁରୁଙ୍କୁ ଆଗେ ଓଳଗିବୁ ଯାଇ
ଗୋବିନ୍ଦ ସୁମରି ଲେଖିବୁ ଭୂଇଁ ।"

ଇତ୍ୟାଦି ବହୁ ପ୍ରକାର ଚଉତିଶା ପ୍ରାୟ ସପ୍ତଦଶ ଶତାବ୍ଦୀ ପୂର୍ବରୁ ଆମ ସାହିତ୍ୟରେ ଖ୍ୟାତି ଲାଭ କରି ଆସିଛି । ବହୁ କାଳରୁ ସବୁ ଅଞ୍ଚଳରେ ମୁହେଁ ମୁହେଁ ପ୍ରଚଳିତ ହୋଇ ଆସୁଥିବା ଏହି ଚଉତିଶା ସାଙ୍ଗକୁ କୋଇଲି ସଙ୍ଗୀତ—କେଶବ କୋଇଲି, ରାମ କୋଇଲି, ବାର ମାସ ଶିକ୍ଷା ଦେବା ପାଇଁ ବାର ମାସୀ ଗୀତିକାଗୁଡ଼ିକର ଭାଷାର ଲାଳିତ୍ୟ, ଛନ୍ଦର ମାଧୁର୍ଯ୍ୟ, ପ୍ରକାଶ ଭଙ୍ଗୀର ସାବଲୀଳତା ଶିଶୁ ମନକୁ ଆକୃଷ୍ଟ କରିବା ପାଇଁ ଅତି ଉପାଦେୟ ।

ଓଡ଼ିଶା ସାହିତ୍ୟ ଇତିହାସର ରୀତି ଯୁଗରେ ମଧ୍ୟ କବି ଅଭିମନ୍ୟୁ, ଗୋପାଳକୃଷ୍ଣ, ବନମାଳୀ ପ୍ରଭୃତିଙ୍କର ଗୀତ ଶିଶୁ ମନକୁ ବେଶ ଘେରି ଥାଏ । ଅଭିମନ୍ୟୁଙ୍କ "କରମଙ୍ଗା ଗଛ ଛାଇ ଗୋ ବୋଲେ ହୁଁ ଟି" କିମ୍ବା "ବାଘ ଶିକାର କାହାକୁ ବା ଆନନ୍ଦ ନ ଦିଏ ?" ଏବଂ ଗୋପାଳକୃଷ୍ଣ, ବନମାଳୀ ପ୍ରମୁଖ କବିମାନେ ମାତା ଯଶୋଦାଙ୍କ ମୁହଁରେ ବାଳକ ଶ୍ରୀକୃଷ୍ଣଙ୍କ ପ୍ରତି ଯେଉଁ ବାତ୍ସଲ୍ୟ ମମତା ଥରାଇ ଦେଇଛନ୍ତି, ତାହା ପ୍ରତି ମା ଓ ତାଙ୍କର ପିଲାଙ୍କ ପ୍ରତି ସବୁ ଯୁଗପାଇଁ ସାଇତି ହୋଇ ରହି ଯାଇଛି, ସାରଳା ଦାସ ତାଙ୍କ ବିରାଟ ଗ୍ରନ୍ଥ ମହାଭାରତରେ ମଧ୍ୟ ସ୍ଥାନେ ସ୍ଥାନେ ଶିଶୁମାନଙ୍କୁ ଆଖି ଆଗରେ ରଖି ବହୁ ମନୋହର କାହାଣୀର ଅବତାରଣା କରିଅଛନ୍ତି ।

ଏତ ଗଲା ଅତୀତ କଥା । ଆଧୁନିକ ଯୁଗର ଓଡ଼ିଶାରେ ମୁଦ୍ରାଯନ୍ତ୍ର ପ୍ରତିଷ୍ଠିତ ଓ ଓଡ଼ିଆ ସାହିତ୍ୟରେ ନବଯୁଗ ପ୍ରବର୍ତ୍ତନ ସଙ୍ଗେ ସଙ୍ଗେ ଶିଶୁ ସାହିତ୍ୟର ବିକାଶ ପାଇଁ ପ୍ରତିଭାବାନ ସାହିତ୍ୟିକ, କବି ଓ କଥାକାରମାନେ ଯଥେଷ୍ଟ ଧ୍ୟାନ ଦେଇ ଆସିଛନ୍ତି । ସେମାନଙ୍କର ସାଧନା ଓଡ଼ିଆ ସାହିତ୍ୟ କଦାପି ଭୁଲି ପାରିବ ନାହିଁ । କବିବର ରାଧାନାଥଙ୍କ "ତିନି ବନ୍ଧୁ" କୁ ଏହି ଶିଶୁ ସାହିତ୍ୟର ଅନ୍ତର୍ଭୁକ୍ତ କରାଯିବ । ବ୍ୟାସକବି ଫକୀର ମୋହନ ଶିଶୁମାନଙ୍କ ପାଇଁ ଅନେକ ଉପାଦେୟ କୌତୁକ ପ୍ରଦ, ତାଙ୍କ ସ୍ୱଭାବ ସୁଲଭ ରସଯୁକ୍ତ ଖଣ୍ଡ କବିତା ରଚନା କରି ଅଛନ୍ତି । "ଜହ୍ନର ଅଙ୍ଗ" "ବିଲେଇ ଓ ଚଢ଼େଇ" ପ୍ରଭୃତି କବିତା ଗୁଡ଼ିକ ଏ ସଂପର୍କରେ ପ୍ରଣିଧାନଯୋଗ୍ୟ । ଭକ୍ତକବି ମଧୁସୂଦନ ଭବିଷ୍ୟତ ଶିଶୁ ସାହିତ୍ୟ ସାଧକଙ୍କ ପ୍ରେରଣାର ଉତ୍ସ । ପାଠ୍ୟ ପୁସ୍ତକ ଉଦ୍ଦେଶ୍ୟରେ ରଚିତ ତାଙ୍କର ଶିକ୍ଷାପ୍ରଦ ଉପଦେଶମାନ ଶିଶୁ ମନକୁ ପବିତ୍ର ରସରେ ଆପ୍ଳୁତ କରେ । ପଲ୍ଲୀକବି ନନ୍ଦକିଶୋର, ସ୍ୱଭାବକବି ଗଙ୍ଗାଧର, କବିଶେଖର ଚିନ୍ତାମଣି ସେମାନଙ୍କର ବିପୁଳ ସାହିତ୍ୟ ସାଧନା ମଧ୍ୟରେ ଶିଶୁ ସାହିତ୍ୟକୁ ମଧ୍ୟ ଯଥେଷ୍ଟ ସ୍ଥାନ ଦେଇଛନ୍ତି । ଗୋପାଳ ଚନ୍ଦ୍ର ପ୍ରହରାଜ, କାନ୍ତକବି ଲକ୍ଷ୍ମୀକାନ୍ତ, ଭିକାରୀ ଚରଣ ପଟ୍ଟନାୟକ ପ୍ରମୁଖଙ୍କ ଦାନ ଓଡ଼ିଆ ଶିଶୁ ସାହିତ୍ୟରେ ଅବିସ୍ମରଣୀୟ ।

ଭାରତର ସ୍ୱାଧୀନତା ଲାଭପରେ ଅନ୍ୟ ରାଜ୍ୟରେ ଯେପରି ଆମ ଓଡ଼ିଆରେ ମଧ୍ୟ ସେହିପରି ସାହିତ୍ୟ ସଙ୍ଗେ ସଙ୍ଗେ ଶିଶୁ ସାହିତ୍ୟର ବିକାଶ, ପ୍ରସାର ସର୍ବୋପରି ଆଦର ଯଥେଷ୍ଟ ବୃଦ୍ଧି ପାଇଛି । ବର୍ତ୍ତମାନ ଯୁଗରେ ବହୁ ପ୍ରତିଷ୍ଠିତ ସାହିତ୍ୟିକ ନିଜ ନିଜ କୃତିରେ ଯଶସ୍ୱୀ ହୋଇ ମଧ୍ୟ ଶିଶୁ ସାହିତ୍ୟର ସମୃଦ୍ଧି ପାଇଁ ଧ୍ୟାନ ଦେଇଛନ୍ତି । ସେମାନଙ୍କ ବ୍ୟତୀତ ବହୁ ଖାସ୍ ଶିଶୁ ସାହିତ୍ୟ ଲେଖକ ମନୋରମ କବିତା, ଗଳ୍ପ, ନାଟିକା, ଉପନ୍ୟାସ ଆଦି ଶିଶୁମାନଙ୍କ ଉଦ୍ଦେଶ୍ୟରେ ଲେଖି ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରୁଛନ୍ତି । ପରିମାଣରେ କମ ହୋଇପାରେ, ମାତ୍ର ଗୁଣରେ ଆମର ଶିଶୁ ସାହିତ୍ୟ ଯେ କୌଣସି ଭାଷାର ଶିଶୁ ସାହିତ୍ୟଠାରୁ କଦାପି ନ୍ୟୁନ ନୁହେଁ ।

ଯୁଗର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଯେପରି ସାହିତ୍ୟର ଧାରା ବଦଳୁଛି, ସେହିପରି ଶିଶୁ ସାହିତ୍ୟର ଗତି ମଧ୍ୟ ପରିବର୍ତ୍ତିତ ହୋଇ ଯାଉଛି । ଏ ବିଜ୍ଞାନ ଯୁଗର କିଶୋର କିଶୋରୀ ଆଉ ଦୈତ୍ୟ ଦାନବ ବା ଅପ୍ରାକୃତ ଜୀବଜନ୍ତୁଙ୍କ ଅସଙ୍ଗତିପୂର୍ଣ୍ଣ କାହାଣୀରେ ସନ୍ତୁଷ୍ଟ ହେବାକୁ ଚାହାନ୍ତି ନାହିଁ । ଏ ଯୁଗର ଅବୋଧ ଶିଶୁ "ଆ ଜହ୍ନ ମାମୁଁ ଶରଦ ଶଶୀ, ମୋ କହ୍ନୁ ହାତରେ ପଡ଼ରେ ଖସି", ଗୀତରେ

ସାମୟିକ ମୁଗ୍ଧ ହେଉଥିଲେ ମଧ୍ୟ ବାଲ୍ୟାବସ୍ଥାରୁ ଆସିଗଲେ ରକେଟ୍‌ରେ ବସି ଜହ୍ନ ମାମୁଁ ଘରକୁ ଯିବା ପାଇଁ କଳ୍ପନା କରୁଛି; ଆଜିର କିଶୋର ଭାବୁଛି, ମୁଁ କିପରି ଅନନ୍ତ ଆକାଶରେ ସମସ୍ତ ଗ୍ରହ ଉପଗ୍ରହକୁ ଯାଇ ସେମାନଙ୍କୁ ସଂସ୍କୃତି ଆସିବି ସେମାନଙ୍କ ସହ ବନ୍ଧୁତା ବାନ୍ଧିବି ।

ଏପରି ଅବସ୍ଥାରେ ଏ ଯୁଗର ଶିଶୁକୁ ଉପଯୁକ୍ତ ଖୋରାକ ଯୋଗାଇବା ପାଇଁ ବହୁ ଶିଶୁ ମନସ୍ତତ୍ତ୍ୱବିତ୍, ସାଧକ, ଐତିହାସିକ, ଭୌଗୋଳିକ, ବୈଜ୍ଞାନିକ ତଥା ସଙ୍କଳିତ କାହାଣୀମାନ ସରସ ଭାଷା ଓ ମନଛୁଆଁ ଶିଆ ଭଙ୍ଗୀରେ ରୂପ ଦେଉଛନ୍ତି, ମନସ୍ତତ୍ତ୍ୱ, ଜୀବତତ୍ତ୍ୱ, ଜ୍ୟୋତିଷ, ରାଜନୀତି, ଅର୍ଥନୀତି କୌଣସିଟି ବାଦ୍ ଯାଉନାହିଁ ।

ଆମ ସମାଜରେ ଶିଶୁମାନେ ଆଗେ ଯେପରି ଅବହେଳିତ ଥିଲେ, ଶିଶୁ ସାହିତ୍ୟ ଲେଖକମାନେ ମଧ୍ୟ ସେହିପରି ସାହିତ୍ୟିକ ଗୋଷ୍ଠୀରେ ଅପାଂକ୍ତେୟ ମନେ ହେଉଥିଲେ । ଏବେ କିନ୍ତୁ ସେ ଅବସ୍ଥା ବଦଳି ଯାଇଛି । ସାହିତ୍ୟରେ ଶିଶୁ ସାହିତ୍ୟକୁ ଏକ ପ୍ରକାର ସମାନ ଆସନ ଦିଆଗଲାଣି, ଶିଶୁ ସାହିତ୍ୟ ଲେଖକଙ୍କ ପ୍ରତି ସାଧାରଣଙ୍କର ଯେପରି ଶାସକଙ୍କର ମଧ୍ୟ ସେହିପରି ଆଦର, ସମ୍ମାନ ବଢୁଛି, ସରକାରଙ୍କର ପକ୍ଷରୁ ଶିଶୁ ସାହିତ୍ୟର ସମୃଦ୍ଧି ଲାଗି ବିଶେଷ ଦୃଷ୍ଟି ଦିଆଯାଉଛି । ଶିଶୁ ସାହିତ୍ୟ ଲେଖକମାନଙ୍କର ଅବହେଳାଜନିତ ବହୁଦିନର କ୍ଷୋଭ କ୍ରମେ ଦୂରେଇ ଯାଉଛି, ଏହା ଶୁଭ ସୂଚନା ।

ସାହିତ୍ୟିକଙ୍କ ପରି ଶିଶୁ ସାହିତ୍ୟ ଲେଖକ ସ୍ୱାଧୀନ ନୁହେଁ । ସେ କଲମ ଧରି ବସିଲେ, ପ୍ରଥମେ ତା ମନରେ ଖେଳିଯାଏ—ସେ ଯାହାଙ୍କ ପାଇଁ ଲେଖୁଛି ସେମାନେ ଏ ଦେଶର କାପୁରୁଷ କି କୁପୁରୁଷ ନ ହୋଇ ଦେଶର ଓ ଜାତିର ସମ୍ମାନ ବଢ଼ାଇବାକୁ ମୋ ଲେଖାଦ୍ୱାରା ସମର୍ଥ ହେବେ ତ ? ତା ନ ହେଲେ, ମୋର ଏ ସମସ୍ତ ସାଧନା, ପରିଶ୍ରମ, ପରିକଳ୍ପନା ଯେ ବୃଥା ହୋଇ ଯିବ । ଦେଶର ଭବିଷ୍ୟତ ନାଗରିକଙ୍କୁ ଅବାଟ ଦେଖାଇ ଦେଶର, ଜାତିର ଅସହ୍ୟ କ୍ଷତି କରିବ । ତାର ଏକମାତ୍ର କାରଣ ହେବି ମୁଁ । ଏହି ଚିନ୍ତା ତାର କଲମକୁ ଶିଥିଳ କରିଦିଏ ।

ବାର୍ତ୍ତା ସଂପାଦକ, ସମାଜ
ଗୋପବନ୍ଧୁ ଭବନ, କଟକ–୧

ଶିଶୁ ସାହିତ୍ୟ ଲେଖକମାନେ ଜାଣିଶୁଣି ହେଉ ବା ଅଜ୍ଞାତରେ ହେଉ, ଯେଉଁ ରୁଚିକୁ ଶିଶୁ ମନରେ ମୁଦ୍ରିତ କରିବେ, ଶିଶୁ ତାର ସମସ୍ତ ଜୀବନ କାଳରେ ତାହା କଦାପି ଭୁଲି ପାରିବ ନାହିଁ । ତେଣୁ ସେହି ଲେଖକକୁ ହାତେ ମାପି ଛାଖଣ୍ଡେ ଚାଲିବାକୁ ପଡ଼ିବ ।

## ଓଡ଼ିଆ ଶିଶୁ ସାହିତ୍ୟ ପତ୍ରିକା

ଯେତେଦୂର ଜଣାଯାଇଛି, ଓଡ଼ିଆ ଭାଷାରେ ଶିଶୁ ସାହିତ୍ୟ ପତ୍ରିକା "ପ୍ରଭାତ" ପ୍ରଥମେ ୧୯୦୧ ଖ୍ରୀଷ୍ଟାବ୍ଦରେ ସ୍ୱର୍ଗୀୟା ରେବା ରାୟଙ୍କ ସଂପାଦନାରେ ପ୍ରକାଶିତ ହୋଇଥିଲା । ତାର ବହୁବର୍ଷ ପରେ ସ୍ୱର୍ଗୀୟ ଚିନ୍ତାମଣି ଆଚାର୍ଯ୍ୟ ଓ ସ୍ୱର୍ଗୀୟ ଅରଣିଦାସଙ୍କ ସଂପାଦନାରେ "ପଞ୍ଚାମୃତ" ପ୍ରକାଶ ପାଇଲା । ୧୯୩୭ ମସିହାରେ ସ୍ୱର୍ଗୀୟ ବାଳକୃଷ୍ଣ କର "ଜହ୍ନ ମାମୁଁ" ପ୍ରକାଶ କରିଥିଲେ । ସ୍ୱର୍ଗୀୟ ବୀର କିଶୋର ଦାସଙ୍କ ସଂପାଦିତ "ମୋ ଦେଶ" ବହୁଦିନ ପର୍ଯ୍ୟନ୍ତ ଶିଶୁମାନଙ୍କୁ ବେଶ ଉଦ୍‌ବୁଦ୍ଧ କରିଥିଲା । ଓଡ଼ିଶାରେ ଅକାଳ ଶିଶୁ ମୃତ୍ୟୁ ପରି ଏହି ଶିଶୁ ସାହିତ୍ୟ ପତ୍ରିକାଗୁଡ଼ିକ ମଧ୍ୟ ଅଳ୍ପାୟୁ ହେଲେ । ଗତ ଚାରି ପାଞ୍ଚ ବର୍ଷ ମଧ୍ୟରେ ବହୁ ଶିଶୁ ପତ୍ରିକା ପ୍ରକାଶର ଉଦ୍ୟମ ହୋଇ ଆସିଛି । ସେଥି ମଧ୍ୟରୁ ସାମାନ୍ୟ ତିନି ଚାରି ଖଣ୍ଡି ଛାଡ଼ି ଦେଲେ ଆଉ ସବୁ ଯେପରି ଦୁର୍ବଳ ସେହିପରି ତ୍ରୁଟିପୂର୍ଣ୍ଣ । ଓଡ଼ିଆ ସରକାରଙ୍କ ଶିକ୍ଷା ବିଭାଗର ଶିଶୁ ସାହିତ୍ୟ କମିଟି ପକ୍ଷରୁ ପ୍ରକାଶିତ "ଶିଶୁ ଲେଖା" ଅନ୍ୟାନ୍ୟ ଭାଷାରେ ଶିଶୁ ସାହିତ୍ୟ ପତ୍ରିକା ଭିତରେ ସମାନ ସ୍ଥାନ ଅଧିକାର କରିବାକୁ ସମର୍ଥ ହୋଇଛି । ଏହା ଆମ ପକ୍ଷରେ ଗୌରବର କଥା । ତାର ବିଷୟ ନିର୍ବାଚନ, ଅଙ୍ଗସଜ୍ଜା ଓ ପ୍ରକାଶ ଭଙ୍ଗୀ ପିଲାମାନଙ୍କୁ ଆକୃଷ୍ଟ କରୁଛି, ତେବେ ଏହି ପତ୍ରିକା ଖଣ୍ଡିକ ଯଥେଷ୍ଟ ନୁହେଁ । ଆମ ସାହିତ୍ୟରେ ଆଉ ଯେଉଁ ଦୁଇ ତିନୋଟି ପତ୍ରିକା ଅପେକ୍ଷାକୃତ ଦୀର୍ଘାୟୁ ହୋଇ ଏପର୍ଯ୍ୟନ୍ତ ତିଷ୍ଠି ରହିଛନ୍ତି, ସେମାନେ ଏହି ପରିପାଟୀକୁ ଅନୁସରଣ କଲେ ଆମ ପିଲାମାନେ ଉପକୃତ ହୁଅନ୍ତେ । ସେଥିରେ ଦେଶର ଓ ସମାଜର ମଙ୍ଗଳ ହୁଅନ୍ତା ।



# ଗ୍ରାମ୍ୟ ମହିଳାମାନଙ୍କ ବିକାଶ ଓ ସମାଜ ମଙ୍ଗଳ କାର୍ଯ୍ୟକ୍ରମ

ଶ୍ରୀ ରବୀନ୍ଦ୍ର କୁମାର ମହାପାତ୍ର

ସ୍ୱାଧୀନୋତ୍ତର ଭାରତରେ ଆମେ ୩୧ ଟି ବର୍ଷ ବିତାଇଛୁ । ଏହିଦିନ ଗୁଡ଼ିକରେ ଆମେ ବେଶ୍ ହୃଦୟଙ୍ଗମ କରିଛୁ ଯେ କେତୋଟି ମୁଷ୍ଟିମେୟ ନଭଶ୍ଚୁମ୍ବୀ ଅଟ୍ଟାଳିକା କିମ୍ବା ପାଞ୍ଚଦଶଟି ଇସ୍ପାତ କାରଖାନା ଏ ଦେଶକୁ ସମୃଦ୍ଧିଶାଳୀ କରିବାରେ ସହାୟକ ହେବନାହିଁ । ତେଣୁ ଆମେ ସମସ୍ତେ ଆଜି ପୁଣି ହୋଇଛୁ ଗ୍ରାମାଭିମୁଖୀ । ଆମ ରାଜ୍ୟର ଅବହେଳିତ ଅନଗ୍ରସର ଗ୍ରାମମାନଙ୍କରେ ଦାରିଦ୍ର୍ୟ ସୀମାରେଖା ତଳେଥିବା ଲକ୍ଷ ଲକ୍ଷ ଦୁସ୍ଥ, ଅବହେଳିତା ଓ ପରିତ୍ୟକ୍ତା ମା' ଭଉଣୀ ଏବଂ ଅନାଥଶିଶୁମାନଙ୍କ ପାଇଁ ବର୍ତ୍ତମାନ ରାଜ୍ୟସରକାରଙ୍କର ଗୋଷ୍ଠୀଉନ୍ନୟନ ଓ ସମାଜ କଲ୍ୟାଣ ବିଭାଗ ହିଁ ଏକମାତ୍ର ଆଶା ଓ ଭରସା । ଉକ୍ତ ବିଭାଗ ଏବଂ ରାଜ୍ୟ ସମାଜ ମଙ୍ଗଳ ପରାମର୍ଶଦାତା ବୋର୍ଡ ଦ୍ୱାରା ଗ୍ରାମ୍ୟ ମହିଳାମାନଙ୍କ ପାଇଁ ସାମାଜିକ ଶିକ୍ଷା ସ୍ୱାସ୍ଥ୍ୟ ଓ ସାମାଜିକ ମୂଲ୍ୟବୋଧ ବିଷୟରେ ଶିକ୍ଷାପ୍ରଦାନ, ପ୍ରସୂତି ଓ ଗର୍ଭବତୀ ମହିଳାମାନଙ୍କର ପରିଚର୍ଯ୍ୟା, ନିଃସହାୟ ତଥା ପତିତା ସ୍ତ୍ରୀମାନଙ୍କର ପୁନର୍ବାସନ ଓ ବାର୍ଦ୍ଧକ୍ୟ ଭତ୍ତାପ୍ରଦାନ, କର୍ମଜୀବୀ ମହିଳା ନିବାସ, ସୁଷମ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ, ପ୍ରୌଢ଼ ମହିଳାମାନଙ୍କ ପାଇଁ ସ୍ୱଳ୍ପମିଆଦି ଶିକ୍ଷା କାର୍ଯ୍ୟକ୍ରମ ଓ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ପ୍ରଭୃତି କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ଯୋଜନାଗୁଡ଼ିକ ବ୍ଳକସ୍ତରରେ କାର୍ଯ୍ୟକରୁଥିବା ବିଭିନ୍ନ ଯୁବ ଅନୁଷ୍ଠାନ, ମହିଳା ମଣ୍ଡଳ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଛି । ଶିକ୍ଷାର ଅଭାବ ଯୋଗୁଁ ମହିଳାମାନେ ନୂତନ ଦକ୍ଷତା ଆହରଣ କରିବାର ସୁଯୋଗରୁ ବଞ୍ଚିତ ହୁଅନ୍ତି । ୧୯୭୧ ଜନଗଣନା ଅନୁସାରେ ସେମାନଙ୍କ ସଂଖ୍ୟା ଶତକଡା ୪୮.୨ ଭାଗ ହୋଇଥିବାସ୍ଥଳେ, ଏଦେଶରେ ଶତକଡା ମାତ୍ର ୧୩ ଭାଗ ମହିଳା ଅର୍ଥନୈତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥାନ୍ତି । ଆମ ରାଜ୍ୟରେ ଏହାର ସଂଖ୍ୟା ହେଉଛି ଶତକଡା ୬.୩ ଭାଗ, ତାହାହେଉଛି ସର୍ବଭାରତୀୟ ସ୍ତରରେ ସବନିମ୍ନ ।

ସମାଜର ସର୍ବବିଧ ବିକାଶରେ ଏହି ମହିଳାମାନଙ୍କର ଭୂମିକାକୁ ଅଧିକରୁ ଅଧିକତର ସକ୍ରିୟ କରାନଗଲେ ଦେଶ ବା ରାଜ୍ୟର ସମସ୍ତପ୍ରକାର ସାମାଜିକ, ଅର୍ଥନୈତିକ ଯୋଜନା ରାଜ୍ୟର ଅଧିବାସୀମାନଙ୍କୁ ଦାରିଦ୍ର୍ୟର ସୀମାରେଖାତଳୁ ଉପରକୁ ଉଠାଇବାରେ ବିଶେଷ ଭାବରେ ସମର୍ଥ ହେବ ନାହିଁ । ତେଣୁ ରାଜ୍ୟ ଗୋଷ୍ଠୀଉନ୍ନୟନ ବିଭାଗ ଏବଂ ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ଗ୍ରାମ୍ୟ ମହିଳାମାନଙ୍କର ବିକାଶ ନିମିତ୍ତ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାଗୁଡ଼ିକ ଏ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ଅଟେ ।

## ଶିକ୍ଷା କାର୍ଯ୍ୟକ୍ରମ

ପ୍ରାଚୀନ ଭାରତରେ ନାରୀମାନେ ନିଜର ବିଦ୍ୟାବୁଦ୍ଧି ବଳରେ ସମାଜରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଅଧିଷ୍ଠିତା ଥିଲେ । ଯେଉଁ ଜାତିର ନାରୀମାନେ ଯେତେ ଉନ୍ନତ ସେ ଜାତି ଆପେ ଆପେ ଉନ୍ନତ । ନେପୋଲିୟନ ନିଜ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଥରେ କହିଥିଲେ, "Give me good Mothers and I will give you a good Nation" କିନ୍ତୁ ବର୍ତ୍ତମାନ ଆମ ରାଜ୍ୟରେ ନାରୀମାନଙ୍କର ନିରକ୍ଷରତା ବ୍ୟାପକଭାବରେ ବୃଦ୍ଧିପାଇଛି । ରାଜ୍ୟରେ ମୋଟ ମହିଳାମାନଙ୍କ ସଂଖ୍ୟା ୧୯୭୧ ସୁଦ୍ଧା ଥିଲା ୧ କୋଟି ୯ ଲକ୍ଷ ୩ ହଜାର ୫୩୨ । ଏମାନଙ୍କ ମଧ୍ୟରୁ ପ୍ରାୟ କୋଟିକରୁ ଅଧିକ ମହିଳା ବାସକରନ୍ତି ମଫସଲରେ । ସେସମୟରେ ରାଜ୍ୟରେସାକ୍ଷର ମହିଳାମାନଙ୍କର ସଂଖ୍ୟା ଥିଲା ଶତକଡା ୧୩.୯୨ । ଏହି ନିରକ୍ଷରତା ପାଇଁ ଆମର ସାମାଜିକ କୁସଂସ୍କାର ଏବଂ ସଂକୀର୍ଣ୍ଣ ଧାରଣା ବହୁପରିମାଣରେ ଦାୟୀ । ଗୋଟିଏ ପରିବାରର ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟରକ୍ଷା, ବିଧିବିଧାନ, ବିଭିନ୍ନ ରୋଗର ପ୍ରତିଷେଧକ ବ୍ୟବସ୍ଥା ଓ ପ୍ରାଥମିକ ଚିକିତ୍ସା, ସୁସ୍ଥ ଅଭ୍ୟାସ ଗଠନ, ଖାଦ୍ୟ ପ୍ରସ୍ତୁତି, ଶିଶୁପାଳନ ସେହି ପରିବାରର ମୁଖ୍ୟନାରୀ ଉପରେହିଁ ନିର୍ଭର କରେ । ତେଣୁ ନାରୀଙ୍କୁ ଗୋଟିଏ ପରିବାରର ସ୍ୱାସ୍ଥ୍ୟ ଏବଂ ଖାଦ୍ୟମନ୍ତ୍ରୀ କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ଶିକ୍ଷା ଅଭାବରୁ ଗ୍ରାମ୍ୟ ମହିଳାମାନେ ପରିବାରକୁ ଠିକ୍ ଉପଯୁକ୍ତ ବାଟରେ ପରିଚାଳିତ କରିବାରେ ଅସମର୍ଥ ହୁଅନ୍ତି । ଫଳରେ ସାରା ପରିବାର

ଦୁର୍ବଳ, ଅସୁସ୍ଥ, ସ୍ୱାସ୍ଥ୍ୟହୀନ ହୋଇପଡ଼େ । ପରିବାରରେ ଥିବା ଶିଶୁମାନେ ମା' ମାନଙ୍କଠାରୁ ପ୍ରାଥମିକ ଶିକ୍ଷା ଲାଭରୁ ବଞ୍ଚିତ ହୁଅନ୍ତି ଏବଂ ଅନେକ ସ୍ଥଳରେ ଛୋଟ ଛୋଟ ଶିଶୁମାନଙ୍କର ଅନିସନ୍ଧିତ୍ସୁ ଆକାଂକ୍ଷା ମଧ୍ୟ ଶୋଚନୀୟ ଭାବରେ ବ୍ୟାହତ ହୁଏ ।

ତେଣୁ ନାରୀମାନଙ୍କୁ ଆବଶ୍ୟକୀୟ ଶିକ୍ଷାଦାନ କରିବା-ପାଇଁ ରାଜ୍ୟ ଗୋଷ୍ଠୀଉନ୍ନୟନ ଏବଂ ସମାଜ କଲ୍ୟାଣ ବିଭାଗ ତରଫରୁ ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରରେ "ସହାୟିକା ମହିଳା ଶିକ୍ଷାଶିବିର" ଭଳି ସ୍ୱଳ୍ପମିଆଦୀ ଶିକ୍ଷାକାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଯାଉଛି । ଉକ୍ତ ଶିକ୍ଷା ଶିବିରମାନଙ୍କରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ମୁଖ୍ୟାଧିକାରୀମାନେ ସ୍ୱାସ୍ଥ୍ୟରକ୍ଷା, କୃଷି, ଗୋପାଳନ, କୁକୁଡ଼ାପାଳନ, କୁଟୀର ଶିଳ୍ପ, ହସ୍ତତନ୍ତଶିଳ୍ପ, ଫଳରକ୍ଷ ତଥା ବିଭିନ୍ନ ସାମାଜିକ ଅର୍ଥନୈତିକ ଯୋଜନା ଉପରେ ଆଲୋଚନା କରୁଛନ୍ତି । ଏହା ସଙ୍ଗେ ସଙ୍ଗେ ବିଭିନ୍ନ ଗୃହୋପକରଣ ନିର୍ମାଣ, ଖାଦ୍ୟ ପ୍ରସ୍ତୁତି, ବିଭିନ୍ନ ଫଳରୁ ଜେଲି ଜାମ୍, ସ୍କ୍ୱାସ ତିଆରି କରିବା ପ୍ରଣାଳୀ, ଧୂମହୀନ ଚୁଲ୍ଲୀ ତିଆରି ପ୍ରଭୃତି କାର୍ଯ୍ୟକ୍ରମଗୁଡ଼ିକୁ ଡିମୋନଷ୍ଟ୍ରେସନ୍ ମାଧ୍ୟମରେ ଶିକ୍ଷା ଦିଆଯାଇଥାଏ । ଚଳଚ୍ଚିତ୍ର ମାଧ୍ୟମରେ ଦେଶବିଦେଶର ମହିଳାମାନଙ୍କର ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକ୍ରମରେ ଭୂମିକାଗୁଡ଼ିକୁ ପ୍ରଦର୍ଶିତ କରାଯାଇ ଥାଏ । ପରିବାର କଲ୍ୟାଣ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ବିଷୟରେ ମହିଳାମାନଙ୍କ ମନରେ ଥିବା ଅଯଥା ଭୟ ଏବଂ କୁସଂସ୍କାରକୁ ପ୍ରଦର୍ଶନୀ ଓ ଆଲୋଚନା ମାଧ୍ୟମରେ ଦୂର କରାଯାଇଥାଏ । ଶିଶୁପାଳନ, ପ୍ରସୂତି ଓ ଗର୍ଭଧାରିଣୀ ମା' ମାନଙ୍କର ଯତ୍ନ ଓ ସତର୍କତା, ଅର୍ଥକରୀ ଓ ବୃତ୍ତିମୂଳକ ଯୋଜନା ଉପରେ ସଂପୃକ୍ତ ବିଭାଗର କର୍ମକର୍ତ୍ତାମାନେ ମହିଳାମାନଙ୍କୁ ଶିକ୍ଷାପ୍ରଦାନ କରିଥାନ୍ତି । ସାଧାରଣତଃ କର୍ମବ୍ୟସ୍ତ ଏବଂ ପରିବାର ଜଞ୍ଜାଳ ଜର୍ଜରିତ ଗ୍ରାମ୍ୟମହିଳା-ମାନେ ସାମୟିକ ଶିକ୍ଷାଶିବିରଗୁଡ଼ିକୁ ସେମାନଙ୍କର କେବଳ ଅବସର ବିନୋଦନ ପାଇଁ ବ୍ୟବହାର କରନ୍ତି ବୋଲି ବିଶ୍ୱାସ କରାଯାଏ । କିନ୍ତୁ ଅନେକସ୍ଥଳରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ଏବଂ ନିଖୁଣ ବାସ୍ତବ ପ୍ରଶ୍ନବାଣ ଶିକ୍ଷା-ଦାତାମାନଙ୍କୁ ବିସ୍ମିତ କରୁଛି ।

ଏହାଛଡ଼ା ରାଜ୍ୟ ସମାଜ ମଂଗଳ ଉପଦେଷ୍ଟା ବୋର୍ଡ ତରଫରୁ ୧୮ରୁ ୩୦ବର୍ଷ ବୟସ୍କା ମହିଳାମାନଙ୍କପାଇଁ ମାଟ୍ରିକ୍ୟୁଲେସନ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି । ସବୁଦିଗରୁ ହତାଶ ହୋଇଥିବା ମହିଳାମାନେ ଉକ୍ତ ଯୋଜନା ମାଧ୍ୟମରେ ଶିକ୍ଷିତା ହୋଇ ବିଭିନ୍ନ କର୍ମନିଯୋଗ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରାଇବାରେ ସୁଯୋଗ ହାସଲ କରୁଛନ୍ତି । ଏ ବାବଦରେ ଖର୍ଚ୍ଚର ଶତକଡ଼ା ୫୦ଭାଗ କେନ୍ଦ୍ର ସମାଜ ମଂଗଳ ବୋର୍ଡ ବହନ କରନ୍ତି ଏବଂ ଅବଶିଷ୍ଟ ଖର୍ଚ୍ଚର ଅନେକାଂଶ ରାଜ୍ୟସରକାର ବହନ କରିଥାନ୍ତି । ବର୍ତ୍ତମାନ ଗୋଷ୍ଠୀଉନ୍ନୟନ ବିଭାଗ ଏବଂ ରାଜ୍ୟ ସମାଜ ମଂଗଳ ବୋର୍ଡ ତରଫରୁ ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ମହିଳା ଆଲୋଚନାଚକ୍ର ଏବଂ ଅବସର ବିନୋଦନ ଶିବିରମାନ ଆୟୋଜନ କରାଯାଇ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅନଗ୍ରସର ଗ୍ରାମ୍ୟମହିଳାମାନଙ୍କୁ ଏକତ୍ର କରାଯାଉଅଛି । ଏହାଫଳରେ ବିଭିନ୍ନ ସାମାଜିକ ଚଳଣି ପରଂପରାରେ ଅଭ୍ୟସ୍ତ ମହିଳା-ମାନେ ନିଜ ନିଜ ମଧ୍ୟରେ ଭାବ ଆଦାନ ପ୍ରଦାନ କରିବାର ସୁଯୋଗ ପାଉଛନ୍ତି । ଆଲୋଚନାଚକ୍ରଗୁଡ଼ିକରେ ମହିଳା-ମାନଙ୍କପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା-ଗୁଡ଼ିକର ଭଲମନ୍ଦ ଉଭୟଦିଗ ବିଷୟରେ ମହିଳା ପ୍ରତିନିଧିମାନେ ନିର୍ଭୟରେ ନିଜନିଜ ମତ ପ୍ରକାଶ କରିଥାନ୍ତି । ଉପସ୍ଥିତ ବିଭାଗୀୟ ପଦସ୍ଥ କର୍ମକର୍ତ୍ତାମାନେ ସେଗୁଡ଼ିକୁ ଗଭୀରଭାବେ ଅନୁଧ୍ୟାନ କରି ଆବଶ୍ୟକସ୍ଥଳେ ଯୋଜନା ଗୁଡ଼ିକର ଆଭିମୁଖ୍ୟ କିମ୍ବା କାର୍ଯ୍ୟକରିବା ପଦ୍ଧତିରେ ପରିବର୍ତ୍ତନ କରିଥାନ୍ତି । ନିକଟରେ ବାଲେଶ୍ୱର ଏବଂ ଅନୁଗୋଳରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ଆଲୋଚନା ଚକ୍ରରେ ମହିଳାମାନଙ୍କର ସକ୍ରିୟତା ବିଶେଷ ଉତ୍ସାହପୂର୍ଣ୍ଣ ।

ବର୍ତ୍ତମାନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ-ମାନଙ୍କ ଜରିଆରେ କାର୍ଯ୍ୟକାରୀ କରାଯାଉଥିବା "ପ୍ରୌଢ଼ ଶିକ୍ଷା ଯୋଜନା"ରେ ମହିଳା ସମିତିମାନଙ୍କର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ଉକ୍ତ "ଅଣ ଆନୁଷ୍ଠାନିକ" ଶିକ୍ଷା ଯୋଜନା ମଧ୍ୟରେ ଯୋଗାଇ ଦିଆଯାଉଥିବା ଆର୍ଥିକ ସହାୟତା, ଲିଖନ ଓ ପଠନ ଉପକରଣ ଏବଂ ତାଲିମପ୍ରାପ୍ତ ଶିକ୍ଷକମାନଙ୍କର ସୁଯୋଗନେଇ ବ୍ଲକ୍‌ସ୍ତରୀୟ ମହିଳା ଅନୁଷ୍ଠାନଗୁଡ଼ିକ ଗ୍ରାମ୍ୟମହିଳାମାନଙ୍କୁ ବୃତ୍ତିଗତ ଧନ୍ଦା ବିଷୟରେ ସର୍ବାଧୁନିକ ଧାରଣା, ବ୍ୟବହାରିକ ଗଣିତଜ୍ଞାନ ଓ ଅକ୍ଷର ଜ୍ଞାନ ପ୍ରଦାନ କରିବା ବିଧେୟ । ଉକ୍ତ ଯୋଜନାରେ କୃଷି, ପରିବାର କଲ୍ୟାଣ, ସ୍ୱାସ୍ଥ୍ୟ, ଶିଳ୍ପ, ସମବାୟ, କ୍ଷେତ୍ରୋପସ୍ଥର ଓ ଦୂରଦର୍ଶନ ବିଭାଗମାନଙ୍କର ମିଳିତ ସହଯୋଗ ରହିଛି । ଅନେକସ୍ଥଳରେ ଆଞ୍ଚଳିକ ଭିତ୍ତିରେ ଲୋକମାନଙ୍କର ଆବଶ୍ୟକତା ଅନୁଯାୟୀ ବୃତ୍ତିଭିତ୍ତିକ ଶିକ୍ଷା ଦିଆଯାଉଅଛି । ଗ୍ରାମ୍ୟ ମହିଳାମାନେ ଏହି ଅପୂର୍ବ ସୁଯୋଗକୁ ଆନ୍ତରିକତାର ସହ ବିନିଯୋଗ କରିବା ନିହାତି ବାଂଛନୀୟ ।

## ପୁଷ୍ଟିସାର ଯୋଜନା

ଆମ ରାଜ୍ୟରେ ପ୍ରାୟ ୪୭ଲକ୍ଷରୁ ଅଧିକ ଗର୍ଭବତୀ, ପ୍ରସୂତି ମହିଳା ଏବଂ ଶିଶୁମାନେ ଆବଶ୍ୟକୀୟ ପୁଷ୍ଟିସାର ଖାଦ୍ୟ ଖାଇବାକୁ ପାଆନ୍ତି ନାହିଁ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଅକାଳରେ ମୃତ୍ୟୁବରଣ କରିଥାନ୍ତି କିମ୍ବା ରୋଗଗ୍ରସ୍ତ ହୋଇଥାନ୍ତି । ଏହାକୁ ପରିପୂରଣ କରିବାପାଇଁ ରାଜ୍ୟ ଗୋଷ୍ଠୀ ଉନ୍ନୟନ ଓ ସମାଜ କଲ୍ୟାଣ ବିଭାଗ, କେୟାର, ଇଉନିସେଫ୍ ବିଶ୍ୱଖାଦ୍ୟସଂସ୍ଥା ପ୍ରଭୃତି ଆନ୍ତର୍ଜାତିକ ଅନୁଷ୍ଠାନମାନଙ୍କ ସହାୟତାରେ ରାଜ୍ୟର ସମସ୍ତ ବ୍ଲକ ସ୍ତରରେ କାର୍ଯ୍ୟକରୁଥିବା ମହିଳା ସମିତି, ଯୁବ ଅନୁଷ୍ଠାନ ଏବଂ ପ୍ରାଥମିକ ସ୍କୁଲମାନଙ୍କରେ ଖାଦ୍ୟ କେନ୍ଦ୍ର ପ୍ରତିଷ୍ଠାକରି ପୁଷ୍ଟିସାର ଖାଦ୍ୟ ବଣ୍ଟନ କରୁଛନ୍ତି । ଏହାଛଡ଼ା ରାଜ୍ୟ

ସମାଜ ମଂଗଳ ବୋର୍ଡ ତରଫରୁ ବାଲବାଡ଼ି ଏବଂ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ ପ୍ରାୟ ୧୦ ହଜାର ଶିଶୁମାନଙ୍କୁ ପୁଷ୍ଟିସାର ଖାଦ୍ୟ ଯୋଗାଇ ଦେଇଥାନ୍ତି ।

ପ୍ରୟୋଗିକ ପୁଷ୍ଟିସାର ଯୋଜନା ମାଧ୍ୟମରେ ବିଭିନ୍ନ ମହିଳା ଅନୁଷ୍ଠାନ ତଥା ଆର୍ଥିକ ସ୍ୱଚ୍ଛଳତା ନ ଥିବା ପରିବାରକୁ ପୁଷ୍ଟିସାର ବୃକ୍ଷର ଗଛମାନ ଆବଶ୍ୟକୀୟ ସାର ସହ ଯୋଗାଇ ଦିଆଯାଇଥାଏ । ଏଗୁଡ଼ିକର ଉପଯୁକ୍ତ ଯତ୍ନ ନିଆଗଲେ ଭବିଷ୍ୟତରେ ପୁଷ୍ଟିସାର ଖାଦ୍ୟାଭାବ ଦୂରକରିବାରେ ଏହା ବିଶେଷ ସହାୟକ ହେବ ।

ପୁଷ୍ଟିସାର ଖାଦ୍ୟ ଯୋଜନା ମାଧ୍ୟମରେ ଦିଆଯାଉଥିବା ଖାଦ୍ୟଗୁଡ଼ିକ ପ୍ରକୃତରେ ଖାଦ୍ୟାଭାବରେ ସଢୁଥିବା ଶିଶୁ ଏବଂ ମହିଳାମାନଙ୍କୁ ଦିଆ ନ ଯାଇ ଭୋଗବାଣ୍ଟିବା ଭଳି ଗ୍ରାମର ସମସ୍ତଙ୍କୁ ବାଣ୍ଟିବା ନିହାତି କ୍ଷୋଭର ବିଷୟ । ଅଧିକାଂଶ ସ୍ଥାନରେ ଗ୍ରାମବାସୀମାନେ ନିର୍ଦ୍ଦିଷ୍ଟ ସଂଖ୍ୟାପାଇଁ ସୀମିତଥିବା ଖାଦ୍ୟପଦାର୍ଥ ଉପରେ ଭାବପ୍ରବଣତାର ବଶବର୍ତ୍ତୀହୋଇ ଗ୍ରାମର କୋଠଘର ସଂପତ୍ତି ଭଳି ସମସ୍ତଙ୍କର ଅଧିକାର ଜାହିର କରିବାର ଉଦ୍ୟମ କରୁଛନ୍ତି । ତା' ଫଳରେ ଉକ୍ତ ଯୋଜନାର ମୂଳ ଉଦ୍ଦେଶ୍ୟ ସଂପୂର୍ଣ୍ଣଭାବେ ବ୍ୟାହତ ହେଉଅଛି । ନିକଟରେ ପ୍ରତ୍ୟେକ ଖାଦ୍ୟ କେନ୍ଦ୍ରପାଇଁ ଖାଦ୍ୟଖାଉଥିବା ଶିଶୁମାନଙ୍କର ଅଭିଭାବକ ଏବଂ ମହିଳାମାନଙ୍କୁ ନେଇ ନୂତନ "ସୁପରିଭିଜନ କମିଟି" ମାନ ଗଠନ କରାଯାଇଅଛି । ଉକ୍ତ କମିଟିମାନେ ଯୋଗ୍ୟ ବ୍ୟକ୍ତିଙ୍କୁ ଖାଦ୍ୟ ପାଇବାରେ ସକ୍ରିୟ ସାହାଯ୍ୟ କରିବା ଉଚିତ । ତା' ଛଡ଼ା ମହିଳା ଅନୁଷ୍ଠାନମାନଙ୍କ ଅଧୀନରେ ଥିବା ଖାଦ୍ୟ କେନ୍ଦ୍ରଗୁଡ଼ିକରେ ପୁରୁଷମାନଙ୍କର ଅନୁପ୍ରବେଶହିଁ ଅଧିକାଂଶ ସମୟରେ ଯୋଜନାର ଆଭିମୁଖ୍ୟକୁ କଳଂକିତ ଓ ଦୂଷିତ କରିଥାଏ ।

## ଅର୍ଥକରୀ ଓ ଧନ୍ଦାମୂଳକ ତାଲିମ

ବ୍ଲକସ୍ତରରେ ଥିବା ମହିଳାମଣ୍ଡଳଗୁଡ଼ିକୁ ସରକାରଂକ ତରଫରୁ ସିଲାଇ ମେସିନ ଯୋଗାଇ ଦିଆଯାଇଥାଏ । ମହିଳାମାନେ ଅବସର ସମୟରେ ନିଜର ଏବଂ ନିଜ ପରିବାରର ନିତ୍ୟ ବ୍ୟବହାର୍ଯ୍ୟ ପୋଷାକ ପରିଚ୍ଛଦମାନ ମେସିନ ସାହାଯ୍ୟରେ ତିଆରି କରିଥାନ୍ତି । ଅନେକ କ୍ଷେତ୍ରରେ "ନେହେରୁ ଯୁବକେନ୍ଦ୍ର" କ୍ଷୁଦ୍ରଗୋଷ୍ଠୀ ଉନ୍ନୟନ ସଂସ୍ଥା ତରଫରୁ ବୈଷୟିକ ତାଲିମ୍ କେନ୍ଦ୍ରମାନ ଖୋଲଯାଇ ମହିଳାମାନଂକୁ ସିଲାଇ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ହସ୍ତକର୍ମ ଉପରେ ତାଲିମ ଦିଆଯାଉଛି । ତାଲିମ ଦାନ ପରେ ପରୀକ୍ଷା କରାଯାଇ ଶିକ୍ଷାର୍ଥୀନୀମାନଙ୍କୁ ପ୍ରମାଣ ପତ୍ର ଏବଂ ସିଲାଇ ମେସିନମାନ ଦିଆଯାଉଅଛି । ଜାତୀୟକରଣ ବ୍ୟାଙ୍କ କିମ୍ବା ସମବାୟ ବିଭାଗରୁ ଋଣ ମଧ୍ୟ ଯୋଗାଇ ଦିଆଯାଇ ସିଲାଇଦୋକାନମାନ ଖୋଲିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଉଅଛି, ବ୍ଲକ କରିଆରେ ମହିଳା ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ସାହାଯ୍ୟ ଦିଆଯାଇ ମତ୍ସ୍ୟଚାଷ, କୁକୁଡ଼ାପାଳନ ଓ ଅନ୍ୟାନ୍ୟ ବ୍ୟବସାୟ କରିବା ପାଇଁ ମଧ୍ୟ ଉତ୍ସାହିତ କରାଯାଉଅଛି । ଏହାଛଡ଼ା ସମାଜ ମଂଗଳବୋର୍ଡ ତରଫରୁ ସାମାଜିକ ଅର୍ଥନୈତିକ କାର୍ଯ୍ୟକ୍ରମରେ ବିଭିନ୍ନ କୁଟୀର ଶିଳ୍ପ, କ୍ଷୁଦ୍ରଶିଳ୍ପ, ହସ୍ତତନ୍ତଶିଳ୍ପ କାରୁକାର୍ଯ୍ୟ, କୃଷିଭିତ୍ତିକ ଗୋପାଳନ, କୁକୁଡ଼ା ପାଳନ ଇତ୍ୟାଦି ବିଷୟରେ ମହିଳାମାନଙ୍କୁ ତାଲିମ ଦିଆଯାଇ ସମବାୟ ଭିତ୍ତିରେ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଉଛି ।

ବର୍ତ୍ତମାନ ରାଜ୍ୟର କେତୋଟି ବ୍ଲକରେ କାର୍ଯ୍ୟକାରୀ କରାଯାଉଥିବା "ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା" ଏବଂ "ଅନ୍ତ୍ୟୋଦୟ" ଯୋଜନାର ସୁଯୋଗ ନେଇ ଗ୍ରାମ୍ୟ ମହିଳାମାନେ କ୍ଷୁଦ୍ର ଶିଳ୍ପ ଏବଂ କୁଟୀରଶିଳ୍ପ ସଂସ୍ଥାମାନ ପ୍ରତିଷ୍ଠା କରିବା ଉଚିତ । ଛୋଟଚାଷୀ, ନାମମାତ୍ର ଚାଷୀ ଆଦିବାସୀ ଓ ହରିଜନ ପରିବାରର ମହିଳାମାନେ ଏ ଯୋଜନା ମାଧ୍ୟମରେ ବହୁପରିମାଣରେ ଋଣଛାଡ଼ ପାଇବାର ବ୍ୟବସ୍ଥା ରହିଅଛି ।

ଆଦିବାସୀ ମହିଳାମାନେ ଅଧିକାଂଶ ଶ୍ରମଜୀବୀ ଅଟନ୍ତି । ସେମାନଙ୍କୁ ଶ୍ରମିକ ସଂଗଠନ କରିଆରେ ନ୍ୟାଯ୍ୟ ପ୍ରାପ୍ୟ ପାଇବାର ସୁଯୋଗଦେବା ମଧ୍ୟ ଗ୍ରାମ୍ୟମହିଳା ଅନୁଷ୍ଠାନମାନଙ୍କର ଅନ୍ୟ ଏକ କର୍ତ୍ତବ୍ୟ ଅଟେ । "ଶସ୍ୟପାଇଁ କାମ" ଯୋଜନା ମାଧ୍ୟମରେ ମହିଳା ଅନୁଷ୍ଠାନମାନେ ଅଳ୍ପ ପରିମାଣରେ ଅର୍ଥ ସଂଗ୍ରହ କରି ନିଜ ନିଜର ଅନୁଷ୍ଠାନପାଇଁ ଅଫିସ ଗୃହ ନିର୍ମାଣ କରିବା ପାଇଁ ଚେଷ୍ଟାକରିବା ଆବଶ୍ୟକ ।

ସମାଜକଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକୁ "ରଚନାତ୍ମକ କାର୍ଯ୍ୟକ୍ରମ" ଭାବେ ଗ୍ରହଣ କରି ନୈତିକତା ଏବଂ ଆଧ୍ୟାତ୍ମିକତା ମାଧ୍ୟମରେ କାର୍ଯ୍ୟକାରୀ କରିବା ଉଚିତ । ଏଥିପାଇଁ ସରକାର ଓ ସ୍ୱେଚ୍ଛାସେବୀ ସଂଗଠନ ପରସ୍ପର ପ୍ରତି ସହଯୋଗ ମନୋଭାବ ସୃଷ୍ଟିକରିବାକୁ ପଡ଼ିବ । ସରକାରୀ କର୍ମଚାରୀ ବିଶେଷକରି ଗାଁ ଗହଳରେ କାର୍ଯ୍ୟ କରୁଥିବା ସଂପ୍ରସାରଣ ଅଫିସରମାନେ କର୍ତ୍ତବ୍ୟସଚେତନ ଓ ଧୈର୍ଯ୍ୟବାନ ହେବା ସଂଗେ ସଂଗେ ସ୍ୱେଚ୍ଛାସେବୀ ସମାଜସେବୀମାନଙ୍କ ସହିତ ସକ୍ରିୟ ସହଯୋଗ କରିବା ଉଚିତ

ଗୋଷ୍ଠୀ ଉନ୍ନୟନ ଅଫିସର,
ଅନୁଗୋଳ, ଢେଙ୍କାନାଳ

# "କୁରୁକ୍ଷେତ୍ର" ଯୁଦ୍ଧକ୍ଷେତ୍ର ନୁହେଁ

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

କୁରୁକ୍ଷେତ୍ର ଯୁଦ୍ଧକ୍ଷେତ୍ର ନୁହେଁ । ଗୀତା ବର୍ଣ୍ଣିତ କୁରୁକ୍ଷେତ୍ର ଏକ ଧର୍ମକ୍ଷେତ୍ର । ମହାକବି ବ୍ୟାସଙ୍କର ଅକ୍ଷୟ କୃତି ଲକ୍ଷଶ୍ଳୋକୀ ମହାଭାରତ ଅନ୍ତର୍ଗତ ସପ୍ତଶତ ଶ୍ଳୋକ ବିଶିଷ୍ଟ ଉପନିଷଦ୍‌ସାର ଯୋଗଶାସ୍ତ୍ର ବିଶେଷ ଶ୍ରୀମଦ୍ ଭଗବତ୍‌ଗୀତାର ପ୍ରଥମ ମନ୍ତ୍ରର ପ୍ରଥମ ପଦ 'ଧର୍ମକ୍ଷେତ୍ର', ପରବର୍ତ୍ତୀ ଶବ୍ଦ ' 'କୁରୁକ୍ଷେତ୍ର' ପଦର ଗୁଣବାଚକ । ଏହା 'ଯୁଦ୍ଧକ୍ଷେତ୍ର' ପଦଦ୍ୱାରା ବିଶେଷିତ ନୁହେଁ ।

'ଗୀତା' ଏକ ରୂପକ ପ୍ରଧାନ ଶାସ୍ତ୍ର କାବ୍ୟ—ମହାକାବ୍ୟ । ଉପନିଷଦ୍‌ର ସାରସଂଗ୍ରହ କରି ଜୀବର ପରମାତ୍ମାଙ୍କ ସହିତ ଯୋଗ ବା ସମ୍ବନ୍ଧ ସମ୍ବନ୍ଧରେ ନାନା ସମ୍ଭାବନାର ସୂଚନା ସହ ମୁଖ୍ୟତଃ ରୂପକ ଅଳଙ୍କାର ଆଶ୍ରୟରେ ଏକ ବିରାଟ କଳା ସୌଧ ସୃଷ୍ଟି କରିଛନ୍ତି କବି ଗୁରୁ ବେଦବ୍ୟାସ ।

ଗୀତା ବର୍ଣ୍ଣିତ ହୋଇଛି ଭୀଷ୍ମପର୍ବରେ—ମହାଭାରତ ଅନ୍ତର୍ଭୁକ୍ତ ଭୀଷ୍ମପର୍ବରେ । ମହାଭାରତ ଯୁଦ୍ଧର ପ୍ରାକ୍ କାଳରେ ସଂଗ୍ରାମ ଉଦ୍ୟତ ଯୁଯୁତ୍ସୁ ପ୍ରତିସ୍ପର୍ଦ୍ଧୀ କୁରୁ ଓ ପାଣ୍ଡବ ବଳ ପରସ୍ପର ସମ୍ମୁଖୀନ । ଉଭୟ ସେନାନୀର ମଧ୍ୟ ଭାଗରେ ଅର୍ଜ୍ଜୁନଙ୍କର କପିଧ୍ୱଜ ରଥ ବିଦ୍ୟମାନ୍ । ରଥୋପରି ରଥୀ ଅର୍ଜ୍ଜୁନ ଓ ସାରଥୀ ଶ୍ରୀକୃଷ୍ଣଙ୍କ ମଧ୍ୟରେ କଥୋପକଥନ ହିଁ ଶ୍ରୀମଦ୍‌ଭଗବତ୍‌ଗୀତା—ଶ୍ରୀ ଭଗବାନଙ୍କର ଗୀତାବଳି ।

ମାତ୍ର ଗୀତା ଯୁଦ୍ଧ ଉପଦେଶ ନୁହେଁ —ଗୀତା ଯୋଗ ଶାସ୍ତ୍ର । ଗୀତାର ଚରିତ୍ରଗୁଡ଼ିକ ଯୁଦ୍ଧକ୍ଷେତ୍ରରେ ଉପନୀତ ଯୋଦ୍ଧା ବା 'ଯୁଯୁତ୍ସବ' ନୁହନ୍ତି । ପ୍ରତ୍ୟେକ ଚରିତ୍ରର ରୂପାନ୍ତର ପରିଦୃଷ୍ଟ । ମହା ଭାରତର ପ୍ରଧାନ ଚରିତ୍ର-ଗୁଡ଼ିକ ଗୀତାରଙ୍ଗମଞ୍ଚରେ ସ୍ୱତନ୍ତ୍ର ଗୋଟିଏ ଗୋଟିଏ ଭୂମିକା ଧରି ଅବତୀର୍ଣ୍ଣ । ସ୍ୱତନ୍ତ୍ର ହେଲେ ମଧ୍ୟ ନାମଗତ ସାମଞ୍ଜସ୍ୟ ଓ ଚରିତ୍ରଗତ ସୌସାଦୃଶ୍ୟ ଅତି ବିଚିତ୍ର । ଚରିତ୍ର ତଥା ଚରିତ୍ରଗତ ଐକ୍ୟ ପ୍ରତିପାଦନ କରି କବି ମହାଭାରତର ଆଖ୍ୟାନ ବର୍ଣ୍ଣନାକ୍ରମରେ ଏକ ବିରାଟ ଧର୍ମଗ୍ରନ୍ଥ ରୂପାୟିତ କରିଛନ୍ତି, ଅନୁପମ ନାଟକୀୟ ଛଟାରେ ଗୀତା କେବଳ ମହାକାବ୍ୟ ନୁହେଁ—ଗୀତା ଶ୍ରାବ୍ୟ କାବ୍ୟ ବା ଶ୍ରୁତି କାବ୍ୟ ବୋଲି ମଧ୍ୟ କୁହାଯାଇପାରେ ।

## ଶ୍ରାବ୍ୟ କାବ୍ୟ ବା ଶ୍ରୁତ କାବ୍ୟର ସ୍ଥାନ

ମହାଭାରତର କୁରୁକ୍ଷେତ୍ର ଏକ ନିର୍ମମ ଯୁଦ୍ଧକ୍ଷେତ୍ର । ନରହତ୍ୟା, ଶିଶୁହତ୍ୟା, ଭାତୃହତ୍ୟା, ଗୁରୁହତ୍ୟା ଆଦି ହିଂସାତ୍ମକ ଆଖ୍ୟାୟିକାରେ ପରିପୂର୍ଣ୍ଣ ତାହାର ଇତିହାସ । ଅବଶ୍ୟ ପୁରାଣମତେ କୁରୁକ୍ଷେତ୍ର ଏକ ପୁଣ୍ୟଭୂମି । ଜାବାଳ ଉପନିଷଦ୍‌ରେ ତଥା ଶତପଥ ବ୍ରାହ୍ମଣରେ ଏହାକୁ ଦେବତାମାନଙ୍କର ଯଜ୍ଞପୀଠ ରୂପେ ବର୍ଣ୍ଣନା କରାଯାଇଛି । ପୁଣି ପରଶୁରାମ ଏକବିଂଶତିବାର ପୃଥ୍ୱୀ, ନିକ୍ଷତ୍ରିୟ କଲା ପରେ ଏହି କ୍ଷେତ୍ରରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣ କରି ପାପ ପ୍ରକ୍ଷାଳନ କରିଥିଲେ । କୁରୁ ପାଣ୍ଡବମାନଙ୍କର ପୂର୍ବ ପୁରୁଷ, ପ୍ରଖ୍ୟାତ କୁରୁରାଜ ଜୀବନର ସାୟାହ୍ନରେ ସନ୍ନ୍ୟାସ ଗ୍ରହଣ କରି ଏହି ସ୍ଥାନରେ କାଳ ଅତିବାହିତ କରି-ଥିବାରୁ ଏହା କୁରୁକ୍ଷେତ୍ର ନାମରେ ନାମିତ ହୋଇ କ୍ରମେ ପୁଣ୍ୟ ତୀର୍ଥରେ ପରିଣତ ହୋଇଛି । ଯେକୌଣସି ପୂଜାର ସଂକଳ୍ପ ଆଦ୍ୟରେ କୁରୁକ୍ଷେତ୍ର ଏକ ପୁଣ୍ୟତୀର୍ଥ ରୂପେ ସ୍ମୃତ ହୋଇଥାଏ । "କୁରୁକ୍ଷେତ୍ର ଗୟା ଗଙ୍ଗା ପ୍ରଭାସ ପୁଷ୍କରାଣିଚ..................ଏତାନି ପୁଣ୍ୟ ତୀର୍ଥାନି".... ଇତ୍ୟାଦି । ସୁତରାଂ ମହାଭାରତ ବର୍ଣ୍ଣିତ କୁରୁକ୍ଷେତ୍ର ଏକ ପୁଣ୍ୟ ତୀର୍ଥ ମାତ୍ର । କିନ୍ତୁ ଗୀତା ବର୍ଣ୍ଣିତ କୁରୁକ୍ଷେତ୍ର 'ଧର୍ମକ୍ଷେତ୍ର' । ପୁଣ୍ୟ କ୍ଷେତ୍ର ସ୍ମରଣସାପେକ୍ଷ—ସ୍ମର୍ତ୍ତବ୍ୟ । ସେଥିପାଇଁ ପୂଜାର ସଂକଳ୍ପ କାଳରେ ଅନ୍ୟାନ୍ୟ ପୁଣ୍ୟ ତୀର୍ଥ-ମାନଙ୍କ ସହ ଏହାକୁ ସ୍ମରଣ କରାଯାଏ, ଶୁଦ୍ଧି ପାଇଁ । ମାତ୍ର 'ଧର୍ମକ୍ଷେତ୍ର' କର୍ମସାପେକ୍ଷ । ଧର୍ମ ଆଚରଣ ଦ୍ୱାରା ପ୍ରତିଷ୍ଠିତ । ଧର୍ମାଚରଣର ପୂର୍ବବର୍ତ୍ତୀ କ୍ରିୟା ଶୌଚ କୃଶୁଦ୍ଧି । ନାମଗତ ଐକ୍ୟ ଥିଲେ ହେଁ ମହାଭାରତୀୟ କୁରୁକ୍ଷେତ୍ର ଓ ଗୀତୋକ୍ତ କୁରୁକ୍ଷେତ୍ର ଏକ ନୁହେଁ । ମହା-ଭାରତର କୁରୁକ୍ଷେତ୍ର ପୁଣ୍ୟ ତୀର୍ଥ ହୋଇପାରେ, ମାତ୍ର ଏହା ଯୁଦ୍ଧ କ୍ଷେତ୍ର । ହୁଏତ ଏହି କ୍ଷେତ୍ରରେ ପ୍ରାଣତ୍ୟାଗ କଲେ ସ୍ୱର୍ଗ ଲାଭ ହୁଏ ବୋଲି ଏହାକୁ ଯୁଦ୍ଧ ଭୂମି ରୂପେ ଯୋଦ୍ଧାମାନେ ନିର୍ଦ୍ଦିଷ୍ଟ କରିଥାଇ ପାରନ୍ତି ; ଅଥବା ମହାଭାରତର ବର୍ଣ୍ଣନା ଅନୁସାରେ ଏହା ଏକ ନିର୍ମମ ନିଷ୍ଠୁର ଭୂମି ବୋଲି ସମରାଙ୍ଗନ ରୂପେ ମନୋନୀତ ହୋଇ ପାରିଥାଏ । ମାତ୍ର ଧର୍ମସାଧନା ନିମନ୍ତେ ଏହା ପ୍ରଶସ୍ତ ବୋଲି ବିଚାର କରି ଯୁଦ୍ଧ-କ୍ଷେତ୍ର ଭାବରେ ନିର୍ଦ୍ଧାରିତ କଦାପି ହୋଇନଥିଲା । ଗୀତା

ବର୍ଣ୍ଣିତ ପ୍ରଥମ ଶବ୍ଦ ବା ଗୀତୋକ୍ତ ପ୍ରଥମ ପଦ 'ଧର୍ମକ୍ଷେତ୍ର' ପରବର୍ତ୍ତୀ ପଦ 'କୁରୁକ୍ଷେତ୍ର'ର ବିଶେଷଣାତ୍ମକ ପ୍ରୟୋଗ । ତେଣୁ ଗୀତାର କୁରୁକ୍ଷେତ୍ର ଧର୍ମକ୍ଷେତ୍ର । ଏହା କୁରୁ ରାଜାଙ୍କ ନାମ ସ୍ମାରକ ମଧ୍ୟ ନୁହେଁ । ଗୀତାର କୁରୁକ୍ଷେତ୍ର ପ୍ରକୃତ ପକ୍ଷରେ ଏକ କର୍ମକ୍ଷେତ୍ର । 'କୁରୁ' ଓ 'କର୍ମ' ଉଭୟ ମୂଳ 'କୃ' ଧାତୁ ନିଷ୍ପନ୍ନ ଶବ୍ଦ । ଏହି ଧ୍ୱନିଗତ ତଥା କ୍ରିୟାଗତ ସାମଞ୍ଜସ୍ୟ ହେତୁ ଗୀତା ବର୍ଣ୍ଣିତ ହୋଇଥିବା କ୍ଷେତ୍ରକୁ କୁରୁକ୍ଷେତ୍ର ନାମରେ ଅଭିହିତ କରିଛି । ସମଗ୍ର ଗୀତାରେ ଏହି କୁରୁକ୍ଷେତ୍ରକୁ ଯୁଦ୍ଧକ୍ଷେତ୍ର ବୋଲି କୁତ୍ରାପି କୁହାଯାଇ ନାହିଁ । ବରଂ ଶ୍ରୀମଦ୍ ଭଗବତ୍‌ଗୀତା ଅନ୍ୟତ୍ର 'ଧର୍ମ' ଓ 'କର୍ମ'କୁ ଏକାର୍ଥ—ବୋଧକ ଶବ୍ଦ ରୂପେ ବ୍ୟବହାର କରିଛନ୍ତି । "ବିଗୁଣ ହେଲେ ମଧ୍ୟ ଉତ୍ତମ ରୂପେ ଅନୁଷ୍ଠିତ 'ଧର୍ମ' ପରଧର୍ମ ଅପେକ୍ଷା ଶ୍ରେୟ । କାରଣ ସ୍ୱଭାବ ଜାତ 'କର୍ମ'ରେ ପାପ ସ୍ପର୍ଶ କରେ ନାହିଁ । (୧୮ ଅଧ୍ୟାୟ ୪୭ ମନ୍ତ୍ର) । ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ 'ଉତ୍ତମ ରୂପେ ଅନୁଷ୍ଠିତ ଧର୍ମ' ଓ 'ସ୍ୱଭାବଜ କର୍ମ' ଏକା କଥା । ତେଣୁ ଗୀତାର କ୍ଷେତ୍ର ଧର୍ମ—କ୍ଷେତ୍ର ଓ କର୍ମ କ୍ଷେତ୍ର ଉଭୟ । ଉଭୟ ଏକାତ୍ମବୋଧକ ଶବ୍ଦ । କର୍ମ ହିଁ ଗୀତାର ଧର୍ମ । ଯଜ୍ଞ, ଦାନ, ତପ, ଆଦି ଧର୍ମ—ଯାଜନକୁ ଅନ୍ୟତ୍ର କର୍ମ ଆଖ୍ୟା ଦିଆଯାଇଛି ଗୀତାରେ । (୧୮ ଅଧ୍ୟାୟ ୫ ମନ୍ତ୍ର) ତେଣୁ ଗୀତାର ଧର୍ମ—କର୍ମ, ଯୁଦ୍ଧ କଦାପି ନୁହେଁ । 'ଯୁଦ୍ଧ' ଶବ୍ଦ ଗୀତାରେ 'ଯୋଗ'ର ପ୍ରତୀକ ବା ପ୍ରତିଶବ୍ଦ ରୂପେ ବ୍ୟବହୃତ । ଗୀତା ବର୍ଣ୍ଣିତ ଯୁଦ୍ଧକୁ ଯୋଗ ରୂପକ ଯୁଦ୍ଧ ବୋଲି ବୁଝିବାକୁ ହେବ ।

ମହା ଭାରତୀୟ କୁରୁକ୍ଷେତ୍ର ବା ସମର ପଞ୍ଚକ ଭୂଗୋଳସ୍ଥ ଏକ ଐତିହାସିକ ସ୍ଥାନବିଶେଷ । ଦିଲ୍ଲୀ ନିକଟବର୍ତ୍ତୀ ଥାନେଶ୍ୱରର ଦକ୍ଷିଣ ପୂର୍ବରେ ଅବସ୍ଥିତ ପୁରାଣ ପ୍ରସିଦ୍ଧ ଇତିହାସ ସମର୍ଥିତ କ୍ଷେତ୍ର ଏହି କୁରୁକ୍ଷେତ୍ର । ଗୀତା ବର୍ଣ୍ଣିତ କୁରୁକ୍ଷେତ୍ର କିନ୍ତୁ ଭୂପୃଷ୍ଠରେ ଅବସ୍ଥିତ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ବିଶେଷ ନୁହେ । ମନୁଷ୍ୟ ମନୁଷ୍ୟ ମଧ୍ୟରେ ସଂଘଟିତ ହିଂସା ପ୍ରଣୋଦିତ ସଂଗ୍ରାମ ତଥା ସମୂହ ହତ୍ୟାକୁ କଦାପି ଓ କୁତ୍ରାପି ଧର୍ମ ଆଖ୍ୟା ଦିଆଯାଇ ନପାରେ । ସ୍ୱୟଂ ଭଗବାନ୍ ନରହତ୍ୟା, ସ୍ୱଜନହତ୍ୟା ନିମନ୍ତେ କୌଣସି ବ୍ୟକ୍ତିକୁ ପ୍ରରୋଚନା ଦେବା ଯେକୌଣସି କ୍ଷେତ୍ରରେ, ଯେକୌଣସି ପରିସ୍ଥିତିରେ ହେଉ ପଛକେ ଏକାବେଳକେ କାଳ୍ପନିକ, ଅସମ୍ଭବ ।

ଗୀତା ବର୍ଣ୍ଣିତ ଧର୍ମ କ୍ଷେତ୍ରର ସ୍ଥାନ ତେଣୁ ଅନ୍ୟତ୍ର । ସେ କ୍ଷେତ୍ର ମନୁଷ୍ୟର—ପ୍ରତ୍ୟେକ ମାନବର ଏହି ଶରୀର । ସେ କ୍ଷେତ୍ର ଭୌଗୋଳିକ ନୁହେଁ, ଶାରୀରିକ । ଶ୍ରୀ ଭଗବାନ୍ ଗୀତାରେ ନିଜ ମୁଖରେ କହିଛନ୍ତି—"ଏହି ଶରୀର ହିଁ କ୍ଷେତ୍ର ରୂପରେ ଅଭିହିତ"—"ଇଦଂ ଶରୀର କୌନ୍ତେୟ କ୍ଷେତ୍ରଂ ଇତି ଅଭିଧିୟତେ ।" (୧୩ ଅଧ୍ୟାୟ—୮ମ) । ମନୁଷ୍ୟ ଏହି ଶରୀର ସାହାଯ୍ୟରେ ହିଁ ଧର୍ମ ସାଧନ କରିଥାଏ । ଶରୀରକୁ ଆଶ୍ରୟ କରି ସର୍ବବିଧ ଯୋଗାଭ୍ୟାସ କରେ—କରିଥାଏ । ତେଣୁ ଏହି ଶରୀର ହିଁ ପ୍ରକୃତ ଧର୍ମ କ୍ଷେତ୍ର । ଅର୍ଥାତ୍ ପରମାତ୍ମାଙ୍କ ସହିତ ଜୀବାତ୍ମାର ଯୋଗ ନିମନ୍ତେ ସାଧନାର କ୍ଷେତ୍ର—ବା ଧର୍ମ କ୍ଷେତ୍ର ।

ଅବଶ୍ୟ ମହାଭାରତର ଯୁଦ୍ଧ ଲୋକ ମୁଖରେ 'ଧର୍ମଯୁଦ୍ଧ' ରୂପେ କୀର୍ତ୍ତିତ । ମାତ୍ର ନିରପେକ୍ଷ ବିଚାରରେ ମହାଭାରତ ଯୁଦ୍ଧକୁ ଧର୍ମଯୁଦ୍ଧ ବୋଲି କୁହାଯାଇନପାରେ । କୌଣସି ଧର୍ମ ବିଶେଷର ରକ୍ଷା ନିମନ୍ତେ ମହାଭାରତ ଯୁଦ୍ଧ ସଂଘଟିତ ହୋଇନଥିଲା । ସଂପତ୍ତି ନିମନ୍ତେ ଭ୍ରାତୃ ବିବାଦରୁ ହିଁ ଏ ଯୁଦ୍ଧର ଉତ୍ପତ୍ତି । କୁରୁ ପାଣ୍ଡବଙ୍କ ମଧ୍ୟରୁ କୌଣସି ପକ୍ଷ ଏହି ଯୁଦ୍ଧରେ ପୂର୍ଣ୍ଣତଃ ନ୍ୟାୟାଶ୍ରୟୀ ଥିଲେ ବୋଲି କୁହାଯାଇ ନପାରେ । ତଥାପି ଯଦି ଏହାକୁ କୌଣସି କାରଣରୁ ଧର୍ମ ଯୁଦ୍ଧ ବୋଲି କୁହାଯାଏ, ତେବେ ଗୀତା ବର୍ଣ୍ଣିତ ଯୁଦ୍ଧ ଏ ପ୍ରକାର ଧର୍ମଯୁଦ୍ଧ ସହିତ ତୁଳନୀୟ ନୁହେଁ । କାରଣ ଗୀତା ବର୍ଣ୍ଣିତ ଯୁଦ୍ଧ ଗୀତାର କଥାନୁଯାୟୀ 'ଧର୍ମ୍ୟ ଯୁଦ୍ଧ', ଧର୍ମ୍ୟ ସଂଗ୍ରାମ ' ଅର୍ଥାତ୍ 'ଧର୍ମ ସମ୍ବନ୍ଧୀୟ ଯୁଦ୍ଧ' ବା ଧର୍ମ ରୂପକ ଯୁଦ୍ଧ'—ଧର୍ମ ଯୁଦ୍ଧ ନୁହେଁ ।

ଶ୍ରୀମଦ୍—ଭଗବତ୍-ଗୀତା ଶତସହସ୍ର ଶ୍ଳୋକବିଶିଷ୍ଟ ମହାଭାରତଭୁକ୍ତ ଭୀଷ୍ମପର୍ବ ଅନ୍ତର୍ଗତ ହେଲେହେଁ ଏବଂ ଉଭୟ ଗୀତା ଓ ମହାଭାରତର ରଚୟିତା ଅନନ୍ୟ ବ୍ୟକ୍ତି ହୋଇଥିଲେ ହେଁ 'ଧର୍ମ ଯୁଦ୍ଧ' ପଦ ଗୀତା ମଧ୍ୟରେ କର୍ହି ବାରେ ହେଲେ ଉଚ୍ଚାରଣ କରିନାହାନ୍ତି । 'ଧର୍ମ୍ୟଯୁଦ୍ଧ' 'ଧର୍ମ୍ୟସଂଗ୍ରାମ' ତାଙ୍କର ପରିଚିତ ଓ ପ୍ରିୟ ପଦନ୍ୟାସ । "ଏହି ଧର୍ମ୍ୟ ସଂଗ୍ରାମ ନକଲେ ସ୍ୱଧର୍ମ ନଷ୍ଟ ହେବା ସଙ୍ଗେ ସଙ୍ଗେ କୀର୍ତ୍ତି ଲୋପ ପାଇବ ଏବଂ ପାପ ମଧ୍ୟ ଲାଗିବ ।" ଏହାହିଁ ଶ୍ରୀକୃଷ୍ଣଙ୍କର ମୁଖନିଃସୃତ ବାକ୍ୟ ବ୍ୟାସଙ୍କ ଲେଖନୀ ଅଙ୍କିତ (୨ ଅଧ୍ୟାୟ-୩୩ ମ) ଠିକ୍ ଏକଥା କହିବାର ଅବ୍ୟବହିତ ପୂର୍ବେ ସେ ସେହି ଶବ୍ଦରେ କହିଯାଇଛନ୍ତି—"ଧର୍ମ୍ୟ ଯୁଦ୍ଧଠାରୁ କ୍ଷତ୍ରିୟ ପକ୍ଷରେ ଅନ୍ୟ କୌଣସି ଶ୍ରେୟ କାର୍ଯ୍ୟ ଥାଇନପାରେ (୨ ଅଧ୍ୟାୟ—୩୧ମ)" ।

ଗୀତାର ଯୁଦ୍ଧ ତେଣୁ ଧର୍ମ ଯୁଦ୍ଧ ନୁହେଁ—ଧର୍ମ୍ୟ ଯୁଦ୍ଧ । ଧର୍ମ ଅର୍ଜନ କରିବା ପାଇଁ ଯୁଦ୍ଧ ବା ସଂଗ୍ରାମ । ସେ ଯୁଦ୍ଧ ଏକ ଭୌଗୋଳିକ ସ୍ଥାନ ବିଶେଷରେ ସଂଘଟିତ ହୋଇନଥିଲା । ସେ ଯୁଦ୍ଧ ଏକ ଚିରନ୍ତନ ନିତ୍ୟପ୍ରବୃତ୍ତ ଯୁଦ୍ଧ—ମନୁଷ୍ୟର ଏହି ଶରୀରରେ ସଂଘଟିତ ହୁଏ । ଜ୍ଞାନ, ଜ୍ଞେୟ, ସମ୍ବନ୍ଧରେ ଜ୍ଞାନ ଲାଭ କରିବା ପାଇଁ । ସେଥିପାଇଁ ଗୀତା ଏହି ନର ଶରୀର ରୂପୀ କ୍ଷେତ୍ରର ଅଧିକାରୀକୁ ଜ୍ଞାତା ବା କ୍ଷେତ୍ରଜ୍ଞ ଆଖ୍ୟା ଦେଇଛନ୍ତି । ଶ୍ରୀ ଭଗବାନଙ୍କ ଭାଷାରେ "ଏହି ଶରୀରକୁ କ୍ଷେତ୍ର ବୋଲି ଯେ ଜାଣେ ସେ 'କ୍ଷେତ୍ରଜ୍ଞ'—ଯେଉଁମାନେ ଏହି (କ୍ଷେତ୍ର—କ୍ଷେତ୍ରଜ୍ଞ) ଭେଦ ଜାଣନ୍ତି ସେହିମାନେ ହିଁ ଶରୀରକୁ କ୍ଷେତ୍ର ବୋଲି ଜାଣିବା ବ୍ୟକ୍ତିକୁ କ୍ଷେତ୍ରଜ୍ଞ ବୋଲି କହନ୍ତି (୧୩ ଅଧ୍ୟାୟ-୨ ମନ୍ତ୍ର) ।

କିନ୍ତୁ ଏହି ନରଦେହ କେବଳ ଶରୀରସ୍ଥ କ୍ଷେତ୍ରଜ୍ଞଙ୍କୁ ନେଇ ସଂପୂର୍ଣ୍ଣ ନୁହେଁ । ଏହି ଶରୀରରୂପୀ କ୍ଷେତ୍ରରେ ମୂଳ ପ୍ରକୃତି, ମହତ୍‌ତତ୍ତ୍ୱ ବା ବୁଦ୍ଧି, ମନ, ଅହଙ୍କାର, ଦଶେନ୍ଦ୍ରିୟ (କର୍ମ ଓ ଜ୍ଞାନ) ପଞ୍ଚତନ୍ମାତ୍ର, ପଞ୍ଚ ମୂଳଭୂତ ପ୍ରଭୃତି ସାଂଖ୍ୟ ବର୍ଣ୍ଣିତ ସବିକାରୀ ତତ୍ତ୍ୱ ଛଡ଼ା, ଗୀତାର ନିଜସ୍ୱ ମତରେ ଇଚ୍ଛା, ଦ୍ୱେଷ, ଦୁଃଖ, ସଂଘାତ, ଚେତନା ଓ ଧୃତି ସମୁଚ୍ଚୟ ହିଁ

ସଂକ୍ଷେପରେ କ୍ଷେତ୍ର ବୋଲି ଗୀତା କହିଛନ୍ତି । (୧୩ ଅଧ୍ୟାୟ—୫ ଓ ୬ ମନ୍ତ୍ର) । ମନୁଷ୍ୟର ଏହି ଶରୀର ମଧ୍ୟରେ ତଥା ବାହାରେ ଅବସ୍ଥିତ ଆଉ ଏକ ବିଶିଷ୍ଟ ବସ୍ତୁର ପରିଚୟ ମଧ୍ୟ ଦେଇଛନ୍ତି ଶ୍ରୀଗୀତା । ସେ ମଧ୍ୟ କ୍ଷେତ୍ରଜ୍ଞ ରୂପେ ଆଖ୍ୟାତ । ମାତ୍ର ସେ ଶରୀରଧାରୀ କ୍ଷେତ୍ରଜ୍ଞ ସଦୃଶ କୌଣସି ନିର୍ଦ୍ଦିଷ୍ଟ ବୈକ୍ତିକ କ୍ଷେତ୍ରର ଜ୍ଞାତା ନୁହନ୍ତି । ସେ ସୃଷ୍ଟିମୟ ସର୍ବକ୍ଷେତ୍ରର ଅଧିକାରୀ—ଜ୍ଞାତା । ଏବଂ ବିଧ କ୍ଷେତ୍ରଜ୍ଞ ସ୍ୱୟଂ ସେହି ଭଗବାନ୍ ଗୀତାର ଶ୍ରୀଭଗବାନ୍ । "ହେ ଭାରତ, ହେ ଅର୍ଜୁନ, ସର୍ବ କ୍ଷେତ୍ରରେ ଯେଉଁ ଏକକ କ୍ଷେତ୍ରଜ୍ଞ ବିରାଜମାନ୍, ସେ ହେଉଛି 'ମୁଁ' । ମୁଁ ସର୍ବ (ଶରୀର) କ୍ଷେତ୍ରରେ କ୍ଷେତ୍ରଜ୍ଞ । ଏବଂ କ୍ଷେତ୍ର ଓ କ୍ଷେତ୍ର ସମ୍ବନ୍ଧରେ ଜ୍ଞାନ ହିଁ ପ୍ରକୃତ ଜ୍ଞାନ ।" ଏହି ଭାଷାରେ ଶ୍ରୀକୃଷ୍ଣ ଭଗବାନ୍ ସ୍ପଷ୍ଟ ଭାବରେ ଘୋଷଣା କରିଛନ୍ତି । (୧୩ ଅ—୩ମ) ଏହାହିଁ ପ୍ରକୃତ ଜ୍ଞାନ—ଯୋଗର ପ୍ରାରମ୍ଭିକ ସ୍ତର । ଏହି ଯୋଗସାଧନାର ପଦ୍ଧତି, ଉପ-କରଣ ବା ପ୍ରୟୋଜନ ସମ୍ବନ୍ଧରେ ମଧ୍ୟ ଆନୁକ୍ରମିକ ଭାବରେ ଶ୍ରୀ-ଭଗବାନ୍ ପରେ ପରେ ପୁଣି କହୁଛନ୍ତି—"ଅମାନିତ୍ୱ, ଅଦାମ୍ଭିତ୍ୱ, ଅହିଂସା, କ୍ଷାନ୍ତି ଆର୍ଜବ, ଆଚାର୍ଯ୍ୟୋପାସନା, ଧୈର୍ଯ୍ୟ, ସ୍ଥିରତା, ଆତ୍ମବିନିଗ୍ରହ, ଇନ୍ଦ୍ରିୟ ଭୋଗ ବିଷୟରେ ବୈରାଗ୍ୟ, ନିରହଙ୍କାରିତା, ଜନ୍ମ ମୃତ୍ୟୁ ଜରା ବ୍ୟାଧି, ଆଦି ଦୁଃଖ ସମୂହକୁ ଦୁଷ୍ଟ ବୋଲି ଅନୁଭବ କରିବା, ବିଷୟରେ ଅନାସକ୍ତି, ଇଷ୍ଟାବିଷ୍ଟ ପ୍ରାପ୍ତିରେ ମନର ସମତା, ମୋଠାରେ ଏକ ନିଷ୍ଠ ଅଚଳା ଭକ୍ତି, ନିର୍ଜନବାସ, ବହୁଜନ ସଂସର୍ଗ ପ୍ରତି ବିରକ୍ତି, ଆଧ୍ୟାତ୍ମ ଜ୍ଞାନରେ ନିଷ୍ଠା, ତତ୍ତ୍ୱ ଜ୍ଞାନ ଲାଭ ଦିଗରେ ଆଗ୍ରହ, ଇତ୍ୟାଦି ପ୍ରକୃତ ଜ୍ଞାନର ଲକ୍ଷଣ । ଏହାର ବିପରୀତ ଅଜ୍ଞାନତା, (୧୩ ଅ-୮ରୁ ୧୨ମ) । ଏହି ଜ୍ଞାନ ଲାଭ କଲେ 'ଜ୍ଞେୟ' ପ୍ରାପ୍ତି ନିଶ୍ଚିତ ।

ମାତ୍ର ଏହି ବ୍ୟକ୍ତି ଟିକିଏ ଯାହାକୁ ଗୀତା 'ଜ୍ଞେୟ' ଆଖ୍ୟା ଦେଇଛନ୍ତି ? ଗୀତା ହିଁ ତାର ଉତ୍ତର ଦେଇ କହିଲେ—"ଯାହାକୁ ଜାଣିଲେ ଅମୃତତ୍ୱ ମିଳେ, ସେହି 'ଜ୍ଞେୟ' ହେଉଛନ୍ତି ପରଂବ୍ରହ୍ମ । ସେ ଅନାଦି । ସେ ସତ୍ ନୁହନ୍ତି କି ଅସତ୍ ନୁହନ୍ତି । ତାଙ୍କର ପାଣି—ପାଦ, ଚକ୍ଷୁ କର୍ଣ୍ଣ ଶିର ମୁଖ ସର୍ବତ୍ର ପରିବ୍ୟାପ୍ତ । ସେ ସର୍ବ ଲୋକକୁ ସମାବୃତ କରି ବିଦ୍ୟମାନ୍ । ଜୀବର ଅନ୍ତରିନ୍ଦ୍ରିୟ ଓ ବହିରିନ୍ଦ୍ରିୟର ବୃତ୍ତିରେ ତାଙ୍କର ପ୍ରକାଶ । ସେହି ପ୍ରକାଶ ଦ୍ୱାରା ସେ ଉଭୟବିଧ ଇନ୍ଦ୍ରିୟର ଗୁଣ ସ୍ୱରୂପ ପ୍ରତୀତ ହୁଅନ୍ତି ମାତ୍ର। ସେ ଅନାସକ୍ତ ହୋଇ ମଧ୍ୟ ସର୍ବାଧାର ; ସେ ନିର୍ଗୁଣ ହୋଇ ମଧ୍ୟ ଗୁଣଭୋକ୍ତା—ଗୁଣର ପରିପାଳକ ତଥା ଉପଲବ୍ଧା ; ସେ ଚର ଓ ଅଚର ଭୂତମାନଙ୍କର ଅନ୍ତର ଓ ବାହାର ଉଭୟ । ସେ ଅବିଭକ୍ତ, ଅଥଚ ସର୍ବଭୂତରେ ବିଭକ୍ତ ରୂପେ ପ୍ରତୀୟମାନ୍ ; ସେ ସୂକ୍ଷ୍ମାତିସୂକ୍ଷ୍ମ ହୋଇ-ଥିବା ହେତୁ ଅବିଜ୍ଞେୟ ଏବଂ ଦୂରେ ଥାଇ ମଧ୍ୟ ଅତି ନିକଟରେ ଅବସ୍ଥିତ ; ସେ ଭୂତାଦିର ସ୍ରଷ୍ଟା, ପାତା ତଥା ସଂହର୍ତ୍ତା ; ସେ ଜ୍ୟୋତିର୍ମୟ ବସ୍ତୁର ଜ୍ୟୋତି, ତମସାର ଅତୀତ ; ସେ ସର୍ବ ହୃଦୟରେ ଜ୍ଞାନ ତଥା ଜ୍ଞେୟ ତଥା ଜ୍ଞାନଗମ୍ୟ ରୂପେ ବର୍ତ୍ତମାନ (୧୩ ଅ—୧୨ ରୁ ୧୭ମ) ।

ସୁତରାଂ ପରଂବ୍ରହ୍ମରୂପୀ ଏହି ଜ୍ଞେୟ ବସ୍ତୁଟି ଉଭୟ ଶରୀରର, ଭିତରେ ଓ ବାହାରେ ବିଦ୍ୟମାନ୍ । ଶ୍ରୀଗୀତା ଏହାହିଁ ପ୍ରତିପାଦନ କରିଛନ୍ତି । ସର୍ବଭୂତରେ ସେ ସର୍ବାଧି-କାରୀ ଏକମେବ କ୍ଷେତ୍ରଜ୍ଞ, ଓ ଅନ୍ତର୍ଯାମୀ ଅଥଚ ଭୂତର ବହିର୍ଭୂତ । ଜ୍ଞାନ, ଜ୍ଞେୟ ତଥା ଜ୍ଞାନଗମ୍ୟସବୁ ସେହି ଏକା ଜଣେ ।

ଗୀତା ବର୍ଣ୍ଣିତ ଏହି କ୍ଷେତ୍ରରୂପୀ ଶରୀରାଧାରରେ ଧର୍ମ ତଥା କର୍ମକ୍ଷେତ୍ରରେ ସାଧନ, ସାଧ୍ୟ ଓ ସିଦ୍ଧି ସମସ୍ତ ଆଧା-ରିତ । ଗୀତା କଥିତ ଯୁଦ୍ଧ ଭୂମି ବା ଗୀତା କାବ୍ୟର ସ୍ଥାନ ମନୁଷ୍ୟର ଏହି ଦେହ । —କୌଣସି ଭୌଗୋଳିକ ସ୍ଥାନବିଶେଷ ଦ୍ୱାରା ସୂଚିତ ନୁହେଁ । ଏହି ଶରୀର ମଧ୍ୟରେ ଉଭୟ ଜୀବାତ୍ମା ଓ ପରମାତ୍ମା କ୍ଷେତ୍ରଜ୍ଞ ରୂପେ ଅଧିବାସ କରନ୍ତି । ଏହି ଶରୀର ରୂପୀ ରଣାଙ୍ଗନରେ ମନୁଷ୍ୟର ଦ୍ୱିବିଧ ପ୍ରବୃତ୍ତି, ସତ୍ ଓ ଅସତ୍ ମଧ୍ୟରେ ସଂଗ୍ରାମ ଅହରହ ସଂଘଟିତ । ତେଣୁ ମହାଭାରତର ଯୁଦ୍ଧକ୍ଷେତ୍ର ଓ ଗୀତାର ଧର୍ମକ୍ଷେତ୍ର ଏକ ହୋଇନପାରେ ।

## ଶ୍ରୁତି କାବ୍ୟର କାଳ

ଏହି ଶରୀରରୂପୀ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଗୀତା ବର୍ଣ୍ଣିତ ଯୁଦ୍ଧ ଆଖ୍ୟାନ ନିତ୍ୟ ପ୍ରବୃତ୍ତ, ଅହରହ ଅଭିନୀତ—ଯାବତ୍ ଚନ୍ଦ୍ରାର୍କେ । ମନୁଷ୍ୟ ନିଜର ପ୍ରକୃତ ପରିଚୟ ପାଇବା ନିମନ୍ତେ ଆଗ୍ରହୀ ହେବାମାତ୍ରେ, ଏକ ଅତୀନ୍ଦ୍ରିୟ ରାଜ୍ୟର ସନ୍ଧାନ ପାଇବା ପାଇଁ ଉଦ୍ୟୋଗ କଲକ୍ଷଣି ଅଧ୍ୟାତ୍ମ ଅଭିମୁଖୀ ଆତ୍ମା ଆଗରେ ଗୀତାର ବାଣୀ ସନାତନ ସତ୍ୟ ରୂପେ ପ୍ରତୀୟମାନ ହେବ, ହେଉଥିବ । ଏହା ପ୍ରକୃତରେ ଯୁଦ୍ଧ କ୍ଷେତ୍ରର ବାଣୀ ବା ଉପଦେଶ ନୁହେଁ—ଜୀବାତ୍ମା ଓ ପରମାତ୍ମାଙ୍କ ଯୋଗ ନିମନ୍ତେ ସାଧନ ଉପଯୋଗୀ ଉପ-ଦେଶାମୃତ । ଅବଶ୍ୟ କୁରୁପାଣ୍ଡବ ଯୁଦ୍ଧର ବିବରଣୀକୁ ଘେନି ରଚିତ ମହାଭାରତ ନାମକ ଔପନ୍ୟାସିକ କାବ୍ୟ ମଧ୍ୟରେ କବିଗୁରୁ ବ୍ୟାସ ଗୀତୋପଦେଶକୁ ସନ୍ନିବେଶିତ କରି ଯେଉଁ ପ୍ରତିଭା ପ୍ରଦର୍ଶନ କରିଛନ୍ତି ତାହା ଅଦ୍ୱିତୀୟ । ମନୁଷ୍ୟ ମନର ଅନ୍ତର୍ଦ୍ୱନ୍ଦ୍ୱ ସହିତ ମହାଭାରତ ଯୁଦ୍ଧର ସାମ-ଞ୍ଜସ୍ୟ ରକ୍ଷାକରି ସେ ଯେପରି ଭାବଗତ, ନାମଗତ, ଏପରିକି ଶବ୍ଦଗତ ସାମଞ୍ଜସ୍ୟ ପ୍ରତିଷ୍ଠା କରିଛନ୍ତି, ପୃଥିବୀର ଅନ୍ୟ କୌଣସି ସାହିତ୍ୟ ତାହାର ପ୍ରତିସ୍ପର୍ଦ୍ଧା କରିନପାରେ ।

ଭୌଗୋଳିକ କୁରୁକ୍ଷେତ୍ରରେ ପୁରାଣ ପ୍ରସିଦ୍ଧ ଏହି ସଂଗ୍ରାମ —ମହାଭାରତ ଯୁଦ୍ଧ ସଂଘଟିତ ହୋଇଥିଲା, ଏକ ଭୀଷଣ ଯୁଗସନ୍ଧି କ୍ଷଣରେ—ଦ୍ୱାପରର ଶେଷଭାଗ ଓ କଳିର ପ୍ରାକ୍-କାଳରେ ଇତିହାସ ଦୃଷ୍ଟିରୁ ପ୍ରାୟ ଛଅ ହଜାର ବର୍ଷ ପୂର୍ବେ । କଳଙ୍କିତ କଳିକାଳ ନିର୍ଦ୍ଦିଷ୍ଟ ନାନା ଅଶୁଭ ସଙ୍କେତ ମହା-ଭାରତର ବହୁ ଚରିତ୍ର ମଧ୍ୟରେ ଆତ୍ମପ୍ରକାଶ କରିଛି । ଭାଇ ଭାଇ ମଧ୍ୟରେ, ବନ୍ଧୁ ବନ୍ଧୁ ମଧ୍ୟରେ, ପିତା ପୁତ୍ର, ଗୁରୁ ଶିଷ୍ୟ ମଧ୍ୟରେ ସଂଘର୍ଷ ଓ ସଂଗ୍ରାମ, ନାନା କପଟତା ଓ କୁଟିଳ ଆଚରଣ ତଥା ଅନ୍ୟାୟ ଅତ୍ୟାଚାର ଓ ଦୁର୍ନୀତି-ପରାୟଣତାର କାହାଣୀ ସେହି ସବୁ ଅଶୁଭ ଶକୁନର ବିଲକ୍ଷଣ ଲକ୍ଷଣ ।

ଇତି ପୂର୍ବରୁ ପୁରାଣମତେ ପୃଥିବୀ ଆଉ ଦୁଇଟି ଯୁଗ ଭୋଗକରି ସାରିଲାଣି–କୃତ୍ ବା ସତ୍ୟ ଓ ତତ୍ ପରବର୍ତ୍ତୀ ତ୍ରେତା ଯୁଗ । ଶ୍ରୀମଦ୍ ଭାଗବତ୍ ଗୀତା ଦ୍ୱାପର ଯୁଗୀୟ । ତେଣୁ ତଦାନୀନ୍ତନ ଧର୍ମ ସମ୍ବନ୍ଧରେ ବିଶେଷ ଆଲୋକପାତ୍ କରିବା ସ୍ୱାଭାବିକ । ମାତ୍ର ଶ୍ରୀଗୀତା ଅତୀତ ଦୁଇଟି ଯୁଗର ଧର୍ମ ସମ୍ବନ୍ଧରେ ତଥା ଭାବୀ କଳି-ଯୁଗୀୟ ଧର୍ମ ସମ୍ବନ୍ଧରେ ଆଶାନୁରୂପ ନିର୍ଦ୍ଦେଶ ଦେବାରେ ଅବହେଳା ପ୍ରଦର୍ଶନ କରି ନାହାନ୍ତି । ବରଂ ଅତୀତ କାଳରେ ପ୍ରଚଳିତ ଦୁଇଟି ଧର୍ମର ସମନ୍ୱୟ ବିଧାନ କରି ସାଂପ୍ରତିକ ଧର୍ମ ସହିତ ସାମଞ୍ଜସ୍ୟ ସ୍ଥାପନ କରିବା ସଙ୍ଗେ ସଙ୍ଗେ ତାହାରି ଭିତ୍ତି ଉପରେ ଭବିଷ୍ୟତ ଧର୍ମର ବିପୁଳ ସମ୍ଭାବନାଶୀଳ ଏକ ବିଶାଳ ସୌଧର ଶିଳ୍ପଚିତ୍ର ଅଙ୍କନ କରି ଯାଇଛନ୍ତି କୃଷ୍ଣଦ୍ୱୈପାୟନ ବେଦବ୍ୟାସ ।

କୃତୁର ଧର୍ମ 'ଧ୍ୟାନ' । ଶ୍ରୀମଦ୍ ଭାଗବତଙ୍କ ମତରେ– କେଶବ (ଗୋଲକବିହାରୀ ପୁରୁଷୋତ୍ତମ ଭଗବାନ୍) ଶୁକ୍ଳ ଧବଳବର୍ଣ୍ଣ ବିଶିଷ୍ଟ ଚତୁର୍ବାହୁ ଜଟା ଜୁଟ ମଣ୍ଡକ, ବଲ୍‌କଳ ପରିହିତ, କୃଷ୍ଣସାର ମୃଗ ଚର୍ମାସନ–ଅକ୍ଷମାଳା–କମଣ୍ଡଳୁ-ଧାରୀ ଉପବୀତ ପରିଶୋଭିତ ବକ୍ଷ ପରିଲକ୍ଷିତ ହୁଅନ୍ତି କୃତ ବା ସତ୍ୟ ଯୁଗରେ (ଭାଗବତ ୧୧ଶ ଅଧ୍ୟାୟ ୨୦ ଶ୍ଳୋକ) । ଶ୍ରୀମଦ୍ ଭାଗବତ ଏବଂବିଧ ଉପାସ୍ୟ ମୂର୍ତ୍ତିର ଉପାସନା ପଦ୍ଧତି ତଥା ଉପାସକର ପରିଚିତି ଦେଇ କହିଛନ୍ତି– "ସତ୍ୟ ଯୁଗରେ ମନୁଷ୍ୟମାନେ ନିର୍ବୈର, ଶାନ୍ତ, ଦାନ୍ତ ହୋଇ ତପସ୍ୟା କରି ଧ୍ୟାନ ଯୋଗରେ ସେହି ଶୁକ୍ଳ ବର୍ଣ୍ଣଧାରୀ ମୂର୍ତ୍ତିକୁ ଈଶ୍ୱର, ଅବ୍ୟକ୍ତ ପୁରୁଷ ଓ ପରମାତ୍ମା ଆଖ୍ୟା ଦେଇ ଉପାସନା କରିଥାନ୍ତି" । ସୁତରାଂ ସତ୍ୟ ଯୁଗୀୟ ଉପାସନା ପଦ୍ଧତି–'ଧ୍ୟାନ' ବା 'ତପସ୍ୟା' । ଭଗବାନ୍‌ଙ୍କୁ ପରମାତ୍ମା ଜ୍ଞାନରେ ଉପାସନା ସତ୍ୟଯୁଗୀୟ ମାନବର କର୍ତ୍ତବ୍ୟ ଥିଲା । ଦ୍ୱାପରକୁ ଆସି ଶ୍ରୀ ଭଗବାନ୍ ସ୍ୱୟଂ ଗୀତା ମାଧ୍ୟମରେ ସେଇ ଉପାସନା ପଦ୍ଧତିକୁ ସ୍ୱୀକାର କରି ନେଇଛନ୍ତି–ଧ୍ୟାନ ବା ଅଭ୍ୟାସ ଯୋଗରେ । ଏହି ଯୁଗରେ ବେଦନିହିତ ଜ୍ଞାନ କାଣ୍ଡର ପ୍ରାଧାନ୍ୟ ଥିଲା । 'ଧ୍ୟାନ' ଜ୍ଞାନ ଯୋଗର ଅଙ୍ଗ ରୂପେ ଗୃହୀତ । ଜ୍ଞାନକୁ ଗୀତା ସାଂଖ୍ୟ ଆଖ୍ୟା ମଧ୍ୟ ଦେଇଛନ୍ତି ।

ସତ୍ୟ ପରେ ତ୍ରେତା । ତ୍ରେତାରେ ସେହି କେଶବ, ରକ୍ତ ବର୍ଣ୍ଣ, ଚତୁର୍ବାହୁ, ତ୍ରିମେଖଳ, ଅର୍ଥାତ୍ ତ୍ରିଗୁଣ ଦୀକ୍ଷାଙ୍ଗୀଭୂତା ମେଖଳା ବା କଟୀ ସୂତ୍ରଧାରୀ, ହିରଣ୍ୟ ବା ପିଙ୍ଗଳ କେଶ ଯୁକ୍ତ, ସ୍ରୁକ୍ ସ୍ରୁବାଦି ଯଜ୍ଞ ଉପକରଣ ଶୋଭିତ ବେଦ-ତ୍ରୟ ବିଦିତ ଆତ୍ମମୂର୍ତ୍ତି (ଭାଗ ୧୧-୫-୨୨)

ଏବଂ ତ୍ରେତାଯୁଗରେ ବ୍ରହ୍ମବାଦୀ ଧର୍ମପରାୟଣ ମନୁଷ୍ୟ-ମାନେ ସର୍ବଦେବ ଦେବ ସେହି ହରିଙ୍କୁ ତ୍ରିବେଦୋକ୍ତ କର୍ମ ବା ଯଜ୍ଞ ଦ୍ୱାରା ଆରାଧନା କରନ୍ତି (ଭାଗ ୧୧-୫-୨୩) । ଦ୍ୱାପର ଯୁଗୀୟ ଗୀତା ତତ୍ ପୂର୍ବବର୍ତ୍ତୀ ତ୍ରେତା ଯୁଗର ଏହି ଉପାସନା ପଦ୍ଧତିକୁ ମଧ୍ୟ ଗ୍ରହଣ କରିଛନ୍ତି । ଏହି ଯଜ୍ଞ ବିଧି ବିଧାନ ମତେ କର୍ମ ଯୋଗକୁ ଗୀତା ସ୍ଥଳେ ସ୍ଥଳେ କେବଳ ଯୋଗ ନାମରେ ଅଭିହିତ କରିଛନ୍ତି । ଏବଂ ଜ୍ଞାନକର୍ମର ବିରୋଧିତା ଲୋପକରି ଏକ ସମନ୍ୱୟ ସୂତ୍ର ନିର୍ଦ୍ଧାରଣ ପୂର୍ବକ ଦୁଇକୁ ଏକ କରିଯାଇଛନ୍ତି–(୨ଅ–୪ମ)

ଦ୍ୱାପରକୁ ଆସି ଆମେ ଯେଉଁ କେଶବଙ୍କ ମୁଖରୁ ଗୀତା ଶୁଣିବାକୁ ପାଉଁ ତାଙ୍କୁ 'କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍' ବୋଲି ଶ୍ରୀମଦ୍ ଭାଗବତ ପ୍ରତିପାଦନ କରି କହିଛନ୍ତି–"ଦ୍ୱାପରରେ ଶ୍ରୀଭଗବାନ୍ ଶ୍ୟାମଳବର୍ଣ୍ଣ, ପରିହିତ ପୀତବାସ, ଶ୍ରୀବତ୍ସ-ଲାଞ୍ଛନ ବକ୍ଷ ଓ ଧ୍ୱଜପଦ୍ମାଦି ଅଙ୍କିତ ପଦାଦି ଲକ୍ଷଣରେ ପରି-ଲକ୍ଷିତ ହୁଅନ୍ତି । ଏବଂ ଦ୍ୱାପରଯୁଗୀୟ ମନୁଷ୍ୟମାନେ ଏହି ପରମ ପୁରୁଷଙ୍କୁ ବେଦ ବିହିତ ତନ୍ତ୍ରୋକ୍ତ ପ୍ରକରଣରେ ଛତ୍ର-ଚାମରାଦି ଉପଚାର ସହ ଆରାଧନା କରନ୍ତି" (ଭାଗ ୧୧-୫-୨୭)

ଶ୍ରୀମଦ୍ ଭଗବତ୍‌ଗୀତା ଏହାଙ୍କୁ ହିଁ 'ବାସୁଦେବ' ଆଖ୍ୟା ଦେଇ (ଗୀତା ୭ଅ–୧୯ମ) ସୁକୃତିପନ୍ନ ବ୍ୟକ୍ତିମାନେ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ ଭାବରେ (୭–୧୬) ଭଜନ କରନ୍ତି ବୋଲି ଶ୍ରୀଭଗବାନ୍‌ଙ୍କ ମୁଖରେ ସୂଚନା ଦେଇଛନ୍ତି । ଦ୍ୱାପରରେ ଏହି ବାସୁଦେବଙ୍କ ବ୍ୟତୀତ ଅନ୍ୟ ଦେବତାଙ୍କର ଉପାସନାର ଫଳ ସ୍ଥାୟୀ ନୁହେଁ ବୋଲି ମଧ୍ୟ କୁହାଯାଇଛି (୭–୨୩) ଏହି ବର୍ଣ୍ଣନା କ୍ରମରେ ।

କଳିଯୁଗର ଉପାସନା ସମ୍ବନ୍ଧରେ ଶ୍ରୀମଦ୍ ଭାଗବତ ପୁଣି କହିଛନ୍ତି, ସୁମେଧା, ବିବେକୀ, ବ୍ୟକ୍ତିବୃନ୍ଦ, କଳି ଯୁଗରେ ଅଙ୍ଗରେ ଅକୃଷ୍ଣ ଅର୍ଥାତ୍ ଗୌରବର୍ଣ୍ଣ ବିଶିଷ୍ଟ ଅଲୌକିକ ବିକାର (ଅଷ୍ଟସାତ୍ତ୍ୱିକାଦି) ଭୂଷିତ ଅଙ୍ଗ ପ୍ରତ୍ୟଙ୍ଗଯୁକ୍ତ କୃଷ୍ଣ (ଶ୍ରୀକୃଷ୍ଣ ଚୈତନ୍ୟ) ନାମଧାରୀ ଓ ପାର୍ଷଦମାନଙ୍କ (ନିତ୍ୟାନନ୍ଦ ଅଦ୍ୱୈତାଦି) ସହ 'କୃଷ୍ଣ' ବର୍ଣ୍ଣ ଉଚ୍ଚାରଣ କରୁଥିବା ପୁରୁଷଙ୍କୁ ସଂକୀର୍ତ୍ତନ ରୂପକ ନାମ ଯଜ୍ଞରେ ଉପାସନା କରନ୍ତି (ଭାଗ ୧୧-୫-୩୨)

ଅନ୍ୟାନ୍ୟ ପୁରାଣ ଯଥା ବିଷ୍ଣୁପୁରାଣ (୬–୨-୧୭) ପାଦ୍ମୋତ୍ତର (୭୨-୨୫) ଓ ବୃହନ୍ନାରଦୀୟ (୩୮-୯୭) ମଧ୍ୟ ଏକ ଭାଷାରେ କହିଛନ୍ତି–"ତ୍ରେତାରେ ଯଜ୍ଞଦ୍ୱାରା, ଦ୍ୱାପରରେ ଅର୍ଚ୍ଚନା ଦ୍ୱାରା ଯାହା ଲାଭ ହୁଏ, କଳିରେ କେଶବଙ୍କ କୀର୍ତ୍ତନରେ ତାହା ମିଳେ ।" ଶ୍ରୀମଦ୍ ଭାଗବତ ମଧ୍ୟ ସମସ୍ୱରରେ ଅନ୍ୟତ୍ର ଘୋଷଣା କରିଛନ୍ତି–"ସତ୍ୟ ଯୁଗରେ ବିଷ୍ଣୁଙ୍କ ଧ୍ୟାନ ଦ୍ୱାରା, ତ୍ରେତାରେ ଯଜ୍ଞଦ୍ୱାରା, ଦ୍ୱାପରରେ ପରିଚର୍ଯ୍ୟା ଦ୍ୱାରା ଯାହା ଲାଭ ହୁଏ, କଳି ଯୁଗରେ କେବଳ ହରିକୀର୍ତ୍ତନ ଦ୍ୱାରା ତାହା ମିଳିଥାଏ । (ଭାଗ ୧୨-୩ ୪୪) ଶ୍ରୀ ଶୁକଦେବ ଗୋସ୍ୱାମୀ ରାଜା ପରୀକ୍ଷିତଙ୍କୁ ପୁଣି କହିଛନ୍ତି–"ହେ ରାଜନ୍, କଳିକାଳ ବହୁ ଦୋଷରେ ପରିପୂର୍ଣ୍ଣ–ସାଗର ସଦୃଶ । ତଥାପି ତାହାର ଏକ ମହାନ୍ ଗୁଣ ହେଉଛି–ଏହି ଯୁଗର ମନୁଷ୍ୟମାନେ ଶ୍ରୀକୃଷ୍ଣଙ୍କର ଗୁଣ କୀର୍ତ୍ତନ ଦ୍ୱାରା ବନ୍ଧନମୁକ୍ତ ହୋଇ ପରମ ପ୍ରାପ୍ତ ହୁଅନ୍ତି (ଭା ୧୨-୩-୪୩) ।


ଶ୍ରୀମଦ୍ ଭଗବଦ୍‌ଗୀତା ଐତିହାସିକମାନଙ୍କ ମତରେ ଶ୍ରୀମଦ୍ ଭଗବତର ପୂର୍ବବର୍ତ୍ତୀ । ବିଶେଷତଃ ଏହା

ଦ୍ୱାପର ଯୁଗୀୟ । ତଥାପି ଭାବୀକାଳ କଳିଯୁଗର ଏହି ନାମ ସଂକୀର୍ତ୍ତନ ରୂପକ ଉପାସନା ପଦ୍ଧତିର ଯଥେଷ୍ଟ ସୂଚନା ଦେଇ ଯାଇଛନ୍ତି । ଗୀତାରେ ଶ୍ରୀଭଗବାନ୍ କହିଛନ୍ତି– "ଯତ୍ନଶୀଳ ଦୃଢ଼ବ୍ରତ ବ୍ୟକ୍ତିମାନେ ସଦା ସର୍ବଦା କୀର୍ତ୍ତନ ସହକାରେ ମୋର ଉପାସନା କରନ୍ତି (୯-୧୪) ସମଗ୍ର ରାଜ ବିଦ୍ୟା ରାଜଗୁହ୍ୟ ଯୋଗ ଅଧ୍ୟାୟଟି ଏହି ଉପାସନା ପଦ୍ଧତିରେ ପରିପୂର୍ଣ୍ଣ । ଶ୍ରୀଭଗବାନ୍ ପୁଣି କହିଛନ୍ତି– 'ମଚ୍ଚିତ୍ତ ଓ ମଦ୍‌ଗତପ୍ରାଣ ପଣ୍ଡିତମାନେ ମୋ କଥା ପରସ୍ପରକୁ କହି ଓ ବୁଝାଇ ଆନନ୍ଦ ଲାଭ କରନ୍ତି । (୧୦-୯)

ଅତଏବ ଦ୍ୱାପରୋକ୍ତ ହେଲେହେଁ ଚାରି ଯୁଗକୁ ସ୍ପର୍ଶ କରି ଉପାସନା ପଦ୍ଧତି ନିର୍ଦ୍ଧାରଣ ଶ୍ରୀମଦ୍ ଭଗବଦ୍ ଗୀତାର ବିଶେଷତ୍ୱ । କିନ୍ତୁ ମହାଭାରତ ବର୍ଣ୍ଣିତ କୁରୁକ୍ଷେତ୍ରରେ ସଂଘଟିତ ଯୁଦ୍ଧ କେବଳ ଦ୍ୱାପର ଯୁଗୀୟ ଯୁଦ୍ଧ ପଦ୍ଧତିର ପରିଚୟ ଦିଏ । ତାହା ଅତୀତ ଦୁଇଟି ଯୁଗରେ ପ୍ରଚଳିତ ଯୁଦ୍ଧ ପଦ୍ଧତିର ସମ୍ଭାବ୍ୟ ରୂପ ହୋଇପାରେ ମାତ୍ର ଭବିଷ୍ୟତ୍ କଳିଯୁଗ ବା ଆଧୁନିକ କାଳର ଯୁଦ୍ଧ କୌଶଳର ଓ ଯୁଦ୍ଧ ସମ୍ଭାର କୌଣସି ଲକ୍ଷଣ ସୂଚିତ କରେନାହିଁ । ତେଣୁ ମହାଭାରତର ଯୁଦ୍ଧକ୍ଷେତ୍ର କୁରୁକ୍ଷେତ୍ର ଓ ଗୀତାର ଧର୍ମକ୍ଷେତ୍ର ଏକ ହୋଇନପାରେ ।

କାବ୍ୟର ସ୍ଥାନ ଓ କାଳ ବ୍ୟତୀତ ପାତ୍ରମାନଙ୍କ ସମ୍ବନ୍ଧରେ ମଧ୍ୟ ସ୍ୱତନ୍ତ୍ର ବିଚାର କରାଯାଇ ପାରେ ।

ଲେବର କଲୋନୀ, ୟୁନିଟ୍-୩,
ଭୁବନେଶ୍ୱର-୭୫୧୦୦୧



## ବ୍ୟାପକ ଖରିଫ୍ କାର୍ଯ୍ୟକ୍ରମ

### ୫୧ ଲକ୍ଷ ୮୦ ହଜାର ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ ପାଇଁ ଲକ୍ଷ୍ୟଧାର୍ଯ୍ୟ

ଚଳିତ ଖରିଫ୍ ଋତୁରେ ୫୧ ଲକ୍ଷ ୩୭ ହଜାର ୩୫୦ ହେକ୍ଟର ଜମିରେ ଖାଦ୍ୟ ଶସ୍ୟ ଚାଷ କରଯାଇ ତହିଁରୁ ୫୧ ଲକ୍ଷ ୭୯ ହଜାର ୫୩୦ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବ୍ୟାପକ ଖରିଫ୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ଅନ୍ୟାନ୍ୟ ଫସଲ ବ୍ୟତୀତ ୨ ଲକ୍ଷ ୮୬ ହଜାର ହେକ୍ଟର ଜମିରେ ଡ଼ାଲି ଜାତୀୟ ଫସଲ, ୪ ଲକ୍ଷ ୨୫ ହଜାର ହେକ୍ଟର ଜମିରେ ତୈଳବୀଜ, ୬୨ ହଜାର ୧୦୦ ହେକ୍ଟର ଜମିରେ ଝୋଟ, ୧୩ ହଜାର ହେକ୍ଟର ଜମିରେ କପା ଓ ୩ ଲକ୍ଷ ୬୪ ହଜାର ଜମିରେ ପନିପରିବା ଚାଷ କରାଯିବ । ଏଥିରୁ ପନିପରିବା ବ୍ୟତୀତ ୧ ଲକ୍ଷ ୫୩ ହଜାର ୫୦୦ ଟନ୍ ଡ଼ାଲି ଜାତୀୟ ଶସ୍ୟ, ୩ ଲକ୍ଷ ୧୮ ହଜାର ୮୬୦ ଟନ୍ ତୈଳବୀଜ, ୫ ଲକ୍ଷ ୮୩ ହଜାର ଗାଣ୍ଠି ଝୋଟ ଓ ୧୩ ହଜାର ଗାଣ୍ଠି ତୁଳା ଉତ୍ପାଦନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି

ରାଜ୍ୟର ଅର୍ଥନୀତିକ ସ୍ଥିତି ମୁଖ୍ୟତଃ କୃଷି ଉତ୍ପାଦନ ଉପରେ ନିର୍ଭର କରୁଥିବାରୁ କୃଷିର ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ଅଗ୍ରାଧିକାର ଦେଇଛନ୍ତି । ଏ ଦିଗରେ ଚାଷୀମାନଙ୍କୁ ସବୁମତେ ଉତ୍ସାହିତ କରିବା ପାଇଁ ଉନ୍ନତ କିସମ ଓ ଅଧିକ ଉତ୍ପାଦନକ୍ଷମ ବିହନ, ପୋକମରା ଔଷଧ, ସାର ଏବଂ କୃଷି ଯନ୍ତ୍ରପାତି ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି । ବ୍ୟାପକ ସାର ପ୍ରୟୋଗ ଦିଗରେ ଚାଷୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଚଳିତ ବର୍ଷ ରାଜ୍ୟ ସରକାର ସମସ୍ତ ପ୍ରକାର ସାର ଦାମ୍ କମାଇ ଦେଇ ଏହା ଉପରୁ ଅକ୍ଟ୍ରାଇ ଟିକସ ଉଠାଇ ଦେଇଛନ୍ତି । ଏହା ବ୍ୟତୀତ କୃଷକମାନଙ୍କୁ ବିଶେଷତଃ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ସମବାୟ ପ୍ରତିଷ୍ଠାନ ଓ ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ପକ୍ଷରୁ ଅଳ୍ପ ସୁଧରେ କୃଷି ଋଣ ଯୋଗାଇ ଦିଆଯାଉଛି । ଆଧୁନିକ କୃଷି ପ୍ରଣାଳୀ ସମ୍ପର୍କରେ ଚାଷୀମାନଙ୍କୁ ତାଲିମ ଓ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଗବେଷଣାଲବ୍ଧ ତଥ୍ୟ ସେମାନଙ୍କ ନିକଟରେ ପହଂଚାଇବା ନିମନ୍ତେ ଗ୍ରାମ୍ୟ କୃଷି କର୍ମଚାରୀ, କ୍ଷେତ୍ର ସଂପ୍ରସାରଣ କର୍ମଚାରୀ ଓ ବିଶେଷଜ୍ଞମାନଙ୍କୁ ନିଯୁକ୍ତ କରାଯାଇଛି ।

# ଲୋକଗୀତ "ରସ୍‌ବାଙ୍ଗ୍‌ରୀ"—ଏକ ଅଧ୍ୟୟନ

ଶ୍ରୀ ଦୋଳଗୋବିନ୍ଦ ବଶୀ

ପଶ୍ଚିମ ଓଡ଼ିଶାର ଛୋଟ ଛୋଟ ଝିଅ ପିଲମାନେ ନିଜ ନିଜ ମଧ୍ୟରେ ଦୁଇ ଦଳରେ ବିଭକ୍ତ ହୋଇ "ବାଙ୍ଗ୍‌ରୀ" ନାମକ ଏକ ଖେଳ ଖେଳନ୍ତି । ଖେଳ ସମୟରେ ସେମାନେ ଏକ ଗୀତ ବୋଲୁଥାନ୍ତି, ଏହାକୁ "ବାଙ୍ଗ୍‌ରୀ" ଗୀତ ବୋଲି ଆଖ୍ୟାୟିତ କରାଯାଇଥାଏ । ମାତ୍ର କିଛି ଦିନ ତଳେ, କଳାହାଣ୍ଡି ଜିଲ୍ଲାର ନିଶାଣପୁର ଗ୍ରାମସ୍ଥ "ତେଲୀ ଟାକରା"ଙ୍କ ଠାରୁ ମୁଁ "ରସ୍‌ବାଙ୍ଗ୍‌ରୀ" ନାମକ ଏକ ଲୋକଗୀତ ସଂଗ୍ରହ କରିଛି । "ରସ୍‌ବାଙ୍ଗ୍‌ରୀ" ଓ ବାଙ୍ଗ୍‌ରୀ ଗୀତର (ଘୋଷାକୁ ବାଦ ଦେଲେ) ପଦମାନଙ୍କର ପାଦ ସଂଖ୍ୟାରେ ପ୍ରାୟ ସାମଞ୍ଜସ୍ୟ ରହିଛି । "ରସ୍‌ବାଙ୍ଗ୍‌ରୀ........" ପରିବର୍ତ୍ତରେ ସେହି ସ୍ଥାନରେ "ବାଙ୍ଗ୍‌ରୀଗୋ" ସମ୍ବୋଧନ-ପୂର୍ବକ ଗାନ କଲେ ଏହା "ବାଙ୍ଗ୍‌ରୀ ଗୀତ"ରେ ମଧ୍ୟ ପରିଣତ ହୋଇ ପାରିବ । କିନ୍ତୁ ଏହି ସୁନ୍ଦର ସାମଞ୍ଜସ୍ୟ ସତ୍ତ୍ୱେ ବି ଯେଉଁ କେତେ ପଦ "ରସବାଙ୍ଗ୍‌ରୀ" ଗୀତ ସଂଗୃହୀତ ହୋଇଛି, ସଂଗୃହୀତ ହୋଇଥିବା ଷାଠିଏ ପଦ "ବାଙ୍ଗ୍‌ରୀ ଗୀତ" ମଧ୍ୟରେ ଏହାର କୌଣସି ଗୋଟିଏ ପଦର ଅସ୍ତିତ୍ୱ ମିଳେନାହିଁ । ମତ୍ କର୍ତ୍ତୃକ ଅନ୍ୟାନ୍ୟ ଲୋକଗୀତ ସହ ବାଙ୍ଗ୍‌ରୀ ଗୀତ ଷାଠିଏ ପଦ ଓ ଏହି "ରସ ବାଙ୍ଗରୀ" ଗୀତ ଷୋହଳ ପଦ ମାତ୍ର ସଂଗୃହୀତ ହୋଇଛି । ଏଠାରେ "ରସବାଙ୍ଗରୀ" ଉପରେ ଭିତ୍ତି କରି ତାର ଲୁକାୟିତ ବିଶେଷତ୍ୱ ଓ ଅନ୍ତର୍ନିହିତ ଅର୍ଥ ପ୍ରକାଶ କରିବାହିଁ ଏହି ପ୍ରବନ୍ଧର ଲକ୍ଷ୍ୟ । ଅବୁଝା ମନକୁ ବହୁ ମାର୍ଗରେ ମନାଇ ସଂଗୃହୀତ ହୋଇଥିବା "ରସବାଙ୍ଗରୀ" ଗୀତରୁ ଗୋଟିଏ ପଦ—

"କେଲି କେଲି କେଲି କେଲି ୨
ମା ବୁଆ ଦେଲେ ହଲେକ୍ ଛେଲି
ଡୁର୍‌କା ବେଟା ନେଲି "ରସ୍‌ବାଙ୍ଗ୍‌ରୀ" ।
ଅଟମ ସୁନ୍ଦରୀ ଟୋଇ ମଜି ପରା ଧାଙ୍ଗରୀ"

ବର୍ତ୍ତମାନ ଦର୍ଶାଇ ଦିଆଯାଇ ପାରେ ଏହାକୁ କିପରି କ୍ରୀଡ଼ାରତ ଝିଅଙ୍କ "ବାଙ୍ଗ୍‌ରୀ" ଗୀତକୁ ପରିବର୍ତ୍ତିତ କରାଯାଇ ପାରିବ,

"କେଲି କେଲି କେଲି କେଲି, ବାଙ୍ଗରୀ ଗୋ ।
ମା ବୁଆ ଦେଲେ ହଲେକ୍ ଛେଲି ରେ ୨
ଡୁରୁକା ବେଟା ନେଲି ବାଙ୍ଗରୀ ଗୋ "

ଏଠାରେ "ରସ୍‌ବାଙ୍ଗ୍‌ରୀ"ର ଶେଷ ଦୁଇ ପାଦ ଘୋଷାକୁ ସମୂଳେ ଅନ୍ତର୍ଦ୍ଧାନ କରାଗଲା ଓ "ବାଙ୍ଗରୀ ଗୋ" ସମ୍ବୋଧନାତ୍ମକ ଶବ୍ଦକୁ ପ୍ରୟୋଗ କରାଗଲା । ପଶ୍ଚିମ ଓଡ଼ିଶାରେ ପ୍ରଚଳିତ ଲୋକଗୀତ ସମୂହରୁ ପ୍ରାୟ ଅଧିକାଂଶ ଗୀତଗୁଡ଼ିକର ଏକ ପ୍ରଧାନ ଗୁଣ ଏହି ଯେ,—ଉକ୍ତ ଗୀତମାନଙ୍କ ପଦରେ ଯେଉଁ ସମ୍ବୋଧନ ସୂଚକ ଶବ୍ଦ ବ୍ୟବହାର କରାଯାଏ, ତାହା ସେହି ଗୀତରେ ପରିଣତ ହୁଏ । ସେହି ଗୋଟିଏ ପଦକୁ 'ଡାଲଖାଇ' 'ରସର କେଲି,' ଜାଇଫୁଲ, ଲହରୀ, ସଜନୀ ବା ଦୋଳିଗୀତ, ରାଇକିରଟ, ଆଦି ଗୀତରେ ପରିବର୍ତ୍ତିତ କରି ଗାନ କରାଯାଇପାରେ । ବଳିଷ୍ଠ ଉଦାହରଣ ସ୍ୱରୂପ—ଉଲ୍ଲେଖ କରାଯାଇଥିବା ପଦଟିକୁ ଏଠାରେ "ବାଙ୍ଗରୀ ଗୀତ"ରେ ପରିଣତ କରାଗଲା । ନିମ୍ନରେ ତାକୁ କିମିତି ଜାଇଫୁଲରେ ପରିବର୍ତ୍ତିତ କରାଯାଇପାରେ ତା'ର ପୁଣି ଏକ ଜ୍ୱଳନ୍ତ ଉଦାହରଣ,—

"ଜାଇଫୁଲରେ, କେଲି କେଲି କେଲି କେଲି
ମା ବୁଆ ଦେଲେ ହଲେକ ଛେଲି
ଜାଇଫୁଲରେ, ଡୁରୁକା ବେଟା ନେଲି ।"

ଏହାପରେ ଗାୟକ ଅବଶ୍ୟ ସ୍ୱକୀୟ ପାଣ୍ଡିତ୍ୟ ଓ କୃତିତ୍ୱ ପ୍ରଦର୍ଶନ କରିବାକୁ ଯାଇ ଏହି ପଦ ପଛରେ "ଠିଖ୍‌ନା" ବା ସ୍ୱତନ୍ତ୍ର ଘୋଷା" ବ୍ୟବହାର କରି ପାରନ୍ତି । ଉଦାହରଣ ସ୍ୱରୂପ :—

"ମତେ କହେଲା କଲି ନାଇ ହେବୁ ଖର
ଆହା ଜାଇଫୁଲ, ଝାରିଦେମି ଲଟି ବୁରୋ"

ତଦ୍ରୂପ, ଜାଇଫୁଲ ସ୍ଥାନରେ "ଲେ ଲେ ଲହରୀ" ଯୁକ୍ତ କଲେ ଏହା "ଲହରୀ ଗୀତ", ହୋଇଯିବ; "ସଜନୀ ଗୋ" ଯୋଗେ ଦୋଳି ଗୀତର ପାହ୍ୟାରେ ରହିବ । ଏହି ଭଳି ଏହି ଆଞ୍ଚଳିକ ଯେ କୌଣସି ଲୋକଗୀତକୁ ଯେଉଁ ଶବ୍ଦରେ ସମ୍ବୋଧନ କଲେ, ସେହି ଗୀତରେ ପରିଣତ ହୁଏ । ତେଣୁ 'ରସ୍‌ବାଙ୍ଗରୀ' ଗୀତରେ ପଦ ସମୂହ ଯେ ଅନ୍ୟ ଗୀତମାନଙ୍କରେ ବ୍ୟବହୃତ ହୋଇ ନ ଥିବ, ଏଥି ପାଇଁ କୌଣସି ବଳିଷ୍ଠ ଯୁକ୍ତି ସୃଷ୍ଟି କରାଯାଇ ପାରିବ ନାହିଁ । ହୁଏତ ସେ ପର୍ଯ୍ୟନ୍ତ ଆମେ ଗବେଷଣା

କରି ପାରିନୁ । ତଥାପି ଯେହେତୁ 'ରସବାଙ୍ଗରୀ' ସମ୍ବୋଧନ ନାମରେ ଏହି ଗୀତଟି ମିଳିଲା, ତେଣୁ ବାଙ୍ଗରୀ ଗୀତ ପ୍ରସଙ୍ଗଟିର ଉଲ୍ଲେଖ ଏ କ୍ଷେତ୍ରରେ ପ୍ରଯୋଜ୍ୟ ବୋଲି ବୋଧ କଲୁଁ । ଯିଏ ଏଇଥିରୁକି ସେଥିରୁ ପଦଟିଏ ଜାଣିଲା, ସେ ସବୁ ସମ୍ବୋଧନ ଯୁକ୍ତ କରି ଗାନ କରି ପାରିବ ।

## ରସ୍‌ବାଙ୍ଗ୍‌ରୀର ଅର୍ଥ

ଆଲୋଚ୍ୟ ଅଞ୍ଚଳର ଲୋକଗୀତମାନଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ଆଦିରସାତ୍ମକ । ଶୃଙ୍ଖଳିତ ପ୍ରେମ ରସ ଓ ଅନ୍ୟାନ୍ୟ ଉପାଦାନ ତଥା ବାତ୍ସଲ୍ୟ ରସ ଓ ସାମାଜିକ ଚିତ୍ର ଆଦିର ଦୃଷ୍ଟାନ୍ତ ଯେତେ ସ୍ୱଳ୍ପ ଭାବରେ ଏହି ଗୀତମାନଙ୍କରେ ପରିଦୃଷ୍ଟ ହୁଏ, ତଦପେକ୍ଷା ବହୁଳ ଭାବରେ ପରିଦୃଷ୍ଟ ହୁଏ ଆଦିରସର ଉଚ୍ଛୁଳା ଲହରୀ । ସାମାଜିକ ଚିତ୍ରର ଦୃଷ୍ଟାନ୍ତ ଏଠାରେ ସୀମିତ କହିବାର ଅର୍ଥ ନୁହେଁ ଯେ ଏଠାରେ ସାମାଜିକ ରୀତି ନୀତିର ବହୁଳ ଅଭାବ ପରିଲକ୍ଷିତ ହୁଏ । ପ୍ରାୟ ଏ ସମସ୍ତ ସାମାଜିକ ପୃଷ୍ଠଭୂମିହିଁ ସୃଷ୍ଟି, ପୁଣି ପ୍ରତ୍ୟେକ ଗାୟକ ଜଣେ ଜଣେ ଆଶୁକବି । ସମସାମୟିକ ସମାଜର ଚିତ୍ରକୁ ନେଇ ସେମାନେ ବିଦ୍ୟମାନ ପରିସ୍ଥିତିକୁ ହୃଦୟଙ୍ଗମ କରି ମୁହେଁ ମୁହେଁ ଗୀତରଚନା କରନ୍ତି । ଏହାହିଁ ଲୋକଗୀତର ଅନ୍ୟ ଏକ ବିଶେଷତ୍ୱ । ସାଧାରଣତଃ ସାମାଜିକ ପ୍ରେମ ଚିତ୍ରର ପ୍ରତିଛବି ଲୋକଗୀତ ଦର୍ପଣରେ ବେଶି ପ୍ରତିବିମ୍ବିତ । ଅନ୍ୟାନ୍ୟ ଲୋକଗୀତମାନଙ୍କୁ ଯଥା ଜାଇଫୁଲ ଡ଼ାଲଖାଇ, ଲହରୀ ଆଦିକୁ ତା'ର ପଦଶେଷର 'ସମ୍ବୋଧନ'କୁ ଭିତ୍ତିକରି ନାମିତ କରାଯାଇଥାଏ ଓ ଏହି 'ସମ୍ବୋଧନ' ଶବ୍ଦମାନଙ୍କର ମଧ୍ୟ ଏକ ଏକ ବିଶେଷ ଅର୍ଥ ରହିଛି । ସେହିପରି ଏଠାରେ ପଦର ଶେଷରେ 'ରସବାଙ୍ଗରୀ' ଶବ୍ଦର ପ୍ରୟୋଗ ହୋଇଥିବାରୁ ଏହାର ନାମ "ରସ୍‌ବାଙ୍ଗରୀ ଗୀତ" ଓ ଏହି ଶବ୍ଦର ମଧ୍ୟ ଏକ ସାର୍ଥକ ଅର୍ଥ ରହିଛି । "ରସ" ଓ "ବାଙ୍ଗରୀ" ଏହିପରି ଦୁଇଟି ଶବ୍ଦର ସଂଯୋଗରୁ ଉତ୍ପନ୍ନ "ରସ୍‌ବାଙ୍ଗରୀ" ଶବ୍ଦଟି । 'ରସ'ର ଅର୍ଥ ଆଉ ସର୍ବସାଧାରଣଙ୍କୁ ଅଜଣା ନାହିଁ କହିଲେ ଚଳେ । ଏଠାରେ "ରସ" ର ଅର୍ଥ ଆଦି କ୍ରୀଡ଼ା ସୃଷ୍ଟିପାଇଁ ଅନୁକୂଳ ଖୋରାକ ଯୋଗାଉଥିବା ତନୁ ଲାବଣ୍ୟକୁ ବୁଝାଯାଇଛି । ପୁଣି ଏଠାରେ "ରସ", ପ୍ରଧାନତଃ ଯେଉଁ "ତନ୍ୱୀ"କୁ ଆହ୍ୱାନ କରାଯାଉଛି ତା'ର 'ତନୁ'ରେ 'ରସ' ପୂରି ରହିଥିବା ଅର୍ଥରେ ବୁଝାଯାଇଥାଏ । 'ବାଙ୍ଗରୀ' ଅର୍ଥାତ୍ ବାଙ୍ଗରା (ବାମନ)ର ସ୍ତ୍ରୀଲିଙ୍ଗ ଶବ୍ଦ, ଯେଉଁ ନାରୀ ଢେଙ୍ଗି ନୁହେଁ । ତେଣୁ 'ରସବାଙ୍ଗରୀ'–ଅସ୍ୟାର୍ଥ 'ରସ କୁଶଳା ସେହି ପ୍ରାଣର ପ୍ରିୟତମା ଦୈହିକ ଗଠନରେ "ବାଙ୍ଗରୀ" ଯୁବତୀ । କିନ୍ତୁ 'ବାଙ୍ଗରୀ' ସ୍ତ୍ରୀକୁ ଏଠାରେ କାହିଁକି ଏତେ ପ୍ରାଧାନ୍ୟ ଦିଆଗଲା ? ସେ ଏକ ଚିନ୍ତନୀୟ ବିଷୟ । ଏହି ପଦରେ ପୁଣି ଉଲ୍ଲେଖ କରାଯାଏ,– "ରସବାଙ୍ଗରୀ"

ଅଟମ ସୁନ୍ଦରୀ ଟୋଇମଦି ପରା ଧାଙ୍ଗରୀ" ଶିକ୍ଷାର ଆଲୋକରୁ ବହୁ ଦୂରରେ ବାସ କରୁଥିବା ଏହି ଅଶିକ୍ଷିତ ସରଳ ହୃଦୟବାନ ଜନ ବିଶେଷତଃ ଆଉ 'ସଂସ୍କୃତ' ଅନୁସରଣରେ ଉପମା ପ୍ରୟୋଗ କରି ପାରିବେ ନାହିଁ ? ରସବତୀ, ଭୋଗ୍ୟା ଯୁବତୀ କିମିତି ହେବା ଉଚିତ୍, ଏହା ତାଙ୍କର ଯଥାସାଧ୍ୟ ଉପମା ପ୍ରୟୋଗର ନିଦର୍ଶନ । " ଟୋଲ ମହୁଲ ଝାଡ଼"ରେ ତାଙ୍କର ଜୀବନ କଟେ । 'ଟୋଲ' ତାଙ୍କର ପ୍ରଧାନ ତୈଳବୀଜ ଓ ଟୋଲ ତେଲ ଅତି ଉତ୍କୃଷ୍ଟ ତେଲ । ତାଙ୍କର ଜୀବନ ନିର୍ବାହ ସହିତ "ଟୋଇ ମହୁଲ" ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏଣୁ ତାକୁ ସେମାନେ 'ଯୁବତୀ'କୁ ଅପୂର୍ବ ରୂପସୀ କହିବାକୁ ଯାଇ ଉପମା ରୂପେ ବ୍ୟବହାର କରିଛନ୍ତି । 'ଟୋଲ' ଯେମିତି ଦେଖିବାକୁ "ସୁଗୋଲ" ବିଶେ ବିଶେଷତଃ ପର କ୍ଷଣରେ ସେ ତେଲ ରୂପକ 'ରସ' ଉତ୍ପନ୍ନ କରିବାରେ ଯେମିତି ପାରଙ୍ଗମ ଠିକ୍ ସେହିପରି "ଢେଙ୍ଗି" ନ ହୋଇ ବାଙ୍ଗରୀ ହୋଇଥିବାରୁ ରୂପସୀର "ସମଗ୍ର ଅଙ୍ଗବଲ୍ଲରୀ"ର ଗଠନ ଅତି ଚମତ୍ପ୍ରଦ ହୋଇଛି ତଥା ଦେହର ପ୍ରତ୍ୟେକ ଅଙ୍ଗରେ ସମ ଭାବରେ ମାଂସ ଭରି ରହିଛି, ଏହିପରି ଦୈହିକ ଗଠନରେ ଟୋଲ ମଦି (ଏଠାରେ ଟୋଲମଦି ଅର୍ଥ ହିଁ ଟୋଲ) ସଦୃଶ୍ୟ ବାଳା, ଶାଢ଼ୀ ପିନ୍ଧିଲେ ତା'ର ନାୟକକୁ ଉନ୍ମତ୍ତ ପଦ ଦାନ କରି ନିଜେ ଶଚୀରେ ପରିଣତ ହୋଇଯାଏ । ସେ ପୁଣି କାଳକ୍ରମେ ନାୟକ ସଙ୍ଗେ ମିଶି ରସ ସୃଷ୍ଟି କରିବାରେ ନିପୁଣା । ଏଠାରେ "ବାଙ୍ଗରୀ" କାହିଁକି ବୁଝାଯାଇଛିକି, ଢେଙ୍ଗୀ ନାରୀର ଶୋଭାକୁ ପ୍ରକୃଷ୍ଟ ଆଦର ନ ଦେଇ ଏମାନେ ଗୀତରେ ଗାଆନ୍ତି :–

ବାଏ ପାରା ସୁରୁସାରା........
ଢେଙ୍ଗି ମା-ଇଏନ୍ ଶାଢ଼ୀ ପିନ୍ଧିଲେ (ନାରୀ)
ପଠେ ଉଲାଇଲ ପରା"......(ବାଉଁଶର ଅଲଗୁଣା)

ତେଣୁ ସାର ବକ୍ତବ୍ୟ ହେଲା, "ଲୋ ରସ ବାଙ୍ଗରୀ ! ତୁ ଏକା ଉପଯୁକ୍ତ ରସ କୁଶଳା ନାୟିକା,' ତୁ ସେ ଢେଙ୍ଗି ପରି ଅସୁନ୍ଦରୀ ନୋହୁଁ । ତୋ କମନୀୟ ବପୁକୁ ଆଭରଣଟା ଠିକ୍ ଜଡ଼ିଯାଇ ତୋର ଯୌବନ ସହ ମୋତେ ଚ୍ୟାଲେଞ୍ଜ କରୁଛି । ତୁ "ସୁନ୍ଦରୀ ଟୋଲମଞ୍ଜି ପରା ଧାଙ୍ଗରୀ" । ପୁନଶ୍ଚ ଏମାନେ ପ୍ରାୟ "ବାଙ୍ଗରା ବାଙ୍ଗରୀ" ମାନଙ୍କୁ ଉପଯୁକ୍ତ ମାନବର ମର୍ଯ୍ୟାଦା ଦେଇଥାନ୍ତି ପ୍ରଚଳିତ ଏକ "ଛଟ୍‌କା" (ପ୍ରବଚନ)—

"ମୁନଷର ଭିତରେ" ବୁଠି, ଆଉ ଭଷୋର ଭିତରେଁ ଶୁଁଠି"

ତେଣୁକରି, ରସବତୀ ବାଙ୍ଗରୀ ସ୍ତ୍ରୀକୁ ଯେ କେବଳ ଏଠାରେ ଗୁରୁତ୍ୱ ଦିଆଯାଇଛି ତା'ନୁହେଁ, ସ୍ତ୍ରୀ ଲୋକମାନେ ଏ ଗୀତ ଗାଇବାବେଳେ ପୁରୁଷମାନଙ୍କୁ "ରସବାଙ୍ଗରା, ଅଟମସୁନ୍ଦର ଟୋଇ ମଢି ପରା ଧାଙ୍ଗରା" ବୋଲି କହିଥାନ୍ତି । ଯେମିତି ନାୟିକାକୁ ସେମିତି ନାୟକ । ଗୀତରେ ମନର ମାନସୀ ବା ମନର ମଣିଷକୁ ସମ୍ବୋଧନ କଲେ ତା'ର ରସାତ୍ମକ ମୂଲ୍ୟ ଉଚ୍ଚକୋଟୀର ହୋଇଥାଏ ଏବଂ ଏ "ରସକିଆ" ସମ୍ବୋଧନ ଅତି ଶ୍ରୁତି ମଧୁର ହେବା ସଙ୍ଗେ ସଙ୍ଗେ ପ୍ରେମର ଆକର୍ଷଣକୁ ଟିକିଏ ଦୃଢ଼ କରିଦିଏ । ଆଗକୁ ଏଗୁଡ଼ିକୁ

ମୁଖ୍ୟତଃ ଆଦିରସାତ୍ମକ ବୋଲି କୁହାଯାଇଛି, ଏଣୁ "ରସବାଙ୍ଗରୀ" ସମ୍ବୋଧନ ଏଠାରେ ଅତି ଯୁକ୍ତିଯୁକ୍ତ ଓ ସାର୍ଥକ ପ୍ରୟୋଗ ।

## "ରସବାଙ୍ଗ୍ରୀ"ରେ "ଆଧ୍ୟାତ୍ମିକ ମୂଲ୍ୟ"

ସମଗ୍ର ଭାରତ ଭୂଖଣ୍ଡ ମଧ୍ୟରେ ଓଡ଼ିଶା ଆଧ୍ୟାତ୍ମିକ ସାଧନାର ପୀଠ ଦୃଷ୍ଟିରୁ ଅଦ୍ୱିତୀୟ କହିଲେ କଦାପି ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶା ଏହି ଆଧ୍ୟାତ୍ମିକ ତତ୍ତ୍ୱକୁ ସର୍ବକାଳ ବ୍ୟାପୀ ବହନ କରିଛି, ଯୁଗେ ଯୁଗେ ବହନ କରିଛି, କରୁଛି ଓ ବହନ କରୁଥିବ ମଧ୍ୟ । ଚର୍ଯ୍ୟାଗୀତିକାରେ ପରିଦୃଷ୍ଟ ପ୍ରତ୍ୟେକ 'ଗୀତିକା' ଏହି ଦ୍ୱିଅର୍ଥବୋଧକ ତତ୍ତ୍ୱକୁ ବହନ କରି ରଚିତ । ଚର୍ଯ୍ୟାଗୀତିକାର "ଏକ ଶବ ଅନେକ ଶାର୍ଦ୍ଦୁଳ" ଅବସ୍ଥାକୁ ଲକ୍ଷ୍ୟ କରି ଯଦ୍ୟପି ଆଦିକବି ସାରଳା ଦାସଙ୍କଠାରୁ ଓଡ଼ିଆ ସାହିତ୍ୟର ଜନ୍ମେଶ ବୋଲି ଧରାଯାଏ ତେବେ ସେହି କାଳରୁ ମଧ୍ୟ ଏହି ଆଧ୍ୟାତ୍ମିକ ତତ୍ତ୍ୱ ସାହିତ୍ୟରେ ବିକାଶ ଲାଭ କରିବା ସଙ୍ଗେ ସଙ୍ଗେ ପ୍ରୌଢ଼ ପଞ୍ଚ ମହାପୁରୁଷଙ୍କ ସାହିତ୍ୟରେ ଏହା ଏକ ବିଶାଳ ବଟ-ବିଟପିରେ ପରିଣତ ହୋଇ ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ତା'ର ଶାଖା ଓ ପ୍ରଶାଖାମାନ ପ୍ରସାରିତ କରିଛି । ସର୍ବ-ଭାରତୀୟ ଆଧ୍ୟାତ୍ମିକ ସାହିତ୍ୟ ସ୍ତରରେ ଓଡ଼ିଆ ସାହିତ୍ୟ ଆଧ୍ୟାତ୍ମିକ ତତ୍ତ୍ୱର ପ୍ରଧାନ ଓ ପ୍ରଥମ ସଂସ୍ଥାପକ ତଥା ପ୍ରଧାନ ବାହକ ମଧ୍ୟ । ଓଡ଼ିଶା ଯେହେତୁ ଆଧ୍ୟାତ୍ମିକ ସାଧନାର ପୀଠ ତେଣୁ ଏହି ପବିତ୍ର ଭୂମିରେ ପ୍ରଚଳିତ ବିଭିନ୍ନ ଲୋକଗୀତମାନଙ୍କରେ ମଧ୍ୟ ଏହି ଆଧ୍ୟାତ୍ମିକତାର 'ଛାପ' ପରିଲକ୍ଷିତ ହୋଇଥାଏ । ପଶ୍ଚିମ ଓଡ଼ିଶାର ଡାଲ୍‌ଖାଇ, ରସରକେଲି, ମାଏଲଜାଡ଼, ସଜନୀ-ଗୀତ (ଦୋଳି ଗୀତ) ବାଙ୍ଗରୀ ଗୀତ ଓ ଲହରୀ ଆଦି ଲୋକଗୀତ ଯଦିଓ ଆଦିରସାତ୍ମକ, ତଥାପି ଅଧିକାଂଶ ସ୍ଥଳରେ ଏଗୁଡ଼ିକ ବାହ୍ୟସ୍ତରରେ ଲୌକିକ ଅର୍ଥ ବହନ କରି ଭିତରେ ଆଧ୍ୟାତ୍ମିକ ତତ୍ତ୍ୱକୁ ଜାବୁଡ଼ି ଧରିଥାନ୍ତି । ଏହି ଦୃଷ୍ଟିରୁ "ରସ୍‌ବାଙ୍ଗ୍ରୀ"ରେ ଅନ୍ତର୍ନିହିତ ଆଧ୍ୟାତ୍ମିକ ତତ୍ତ୍ୱର ମୂଲ୍ୟ ନିତାନ୍ତ ବିଶ୍ଳେଷ୍ୟ ।

ଆଧୁନିକ ମନୋରଞ୍ଜନ କେନ୍ଦ୍ରମାନଙ୍କଠାରୁ ବହୁ ଦୂରରେ ରହୁଥିବା ଏହି କୋମଳ ପ୍ରକୃତିର ସରଳ, ତରଳ ସନ୍ତାନଗଣ ତାଙ୍କର ମନୋରଞ୍ଜନ ସକାଶେ ଯେଉଁ ସୁଲଳିତ ସ୍ୱର ମାଧ୍ୟମରେ, "ରସବାଙ୍ଗରୀ" ଗୀତଟିକୁ ଗାନ କରି ହର୍ଷୋତ୍‌ଫୁଲ୍ଲ ହୋଇଥାନ୍ତି, ତା'ର ବୈଶିଷ୍ଟ୍ୟ କେବଳ ସୁଲଳିତ, ସୁମିଷ୍ଟ ଓ ହୃଦୟଗ୍ରାହୀ ଗୁଣରେ ଇତି ହୁଏନାହିଁ । ଏହି ସୁଲଳିତ ସ୍ୱର ଓ ହୃଦୟଗ୍ରାହୀ ଅର୍ଥ ପଶ୍ଚାତରେ ଆତ୍ମ-ଗୋପନ କରି ରହିଛି "ନିଗୂଢ଼ ଆଧ୍ୟାତ୍ମିକ ତତ୍ତ୍ୱ" । ଆଧ୍ୟାତ୍ମିକ ତତ୍ତ୍ୱର ମୂଳ କଥା "ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡକୁ ଦେହରେ ପିଣ୍ଡିତ କରିବା । ସେହି ଦୃଷ୍ଟିକୋଣରୁ "ରସବାଙ୍ଗରୀର ଆଧ୍ୟାତ୍ମିକ ମୂଲ୍ୟକୁ ସିଂହାବଲୋକନ" କରାଯାଇପାରେ । ଏଥିପାଇଁ ଏଠାରେ ପୂର୍ବୋକ୍ତ ପଦଟିକୁ ଉଦ୍ଧାର କରାଯାଉ,

"କେଲି, କେଲି କେଲି କେଲି
ମା ବୁଆ ଦେଲେ ହଲେକ୍ ଛେଲି
ଡୁରକା ବେଟା ନେଲି......"

ହଲେକ୍ ଛେଲି ଅର୍ଥ—ହଳେ ଛେଳି (ମାଈ ସାଙ୍ଗରେ ଅଣ୍ଡିରା ଛେଳିଟିଏ) ଡୁରକା—ଗଧିଆ ବେଟାନେଲି—ଧରିନେଇ ଗଲା ବା ଉଠେଇ ନେଇ ଗଲା । ପଦଟିର ବାହ୍ୟାର୍ଥ— "ମା ଓ ବାପା ହଳେ ଛେଳି ଦେଇଥିଲେ ତାକୁ ଗଧିଆ ଧରି ନେଇଗଲା ।" କିନ୍ତୁ ଏହାର ଅନ୍ତର୍ନିହିତ ଅର୍ଥ-ମା ଓ ବାପା ଅର୍ଥାତ୍ ଯିଏ ସୃଷ୍ଟିର ମୂଳରେ ଅଛନ୍ତି ସେହି ସର୍ବଶକ୍ତି-ମାନ, ସର୍ବବ୍ୟାପୀ ବିଶ୍ୱସ୍ରଷ୍ଟା । ସେ ହଳେ ଛେଳିକୁ, ଜୀବ ଓ ପରମ ରୂପକ ଦୁଇଟି ମାଈ ଓ ଅଣ୍ଡିରା ଛେଳିକୁ ଶରୀରରେ ରଖିଦେଲେ । (ଆଧ୍ୟାତ୍ମିକ ତତ୍ତ୍ୱାନୁଯାୟୀ ରାଧା ଗୁଣ ବହି ଜୀବ ସ୍ତ୍ରୀ ଓ କୃଷ୍ଣ ଗୁଣ ବହି ପରମ ପୁରୁଷ, ତେଣୁ କୁହାଯାଇଛି, "ଜୀବଟି ରାଧା ଅଙ୍ଗ ହୋଉ, କୃଷ୍ଣ ପରମ ଅଙ୍ଗ ସେହି ।" ସେହି ଛେଳିମାନଙ୍କ ପ୍ରତି ଉତ୍ତମ ଯତ୍ନର ଅଭାବରୁ ତାକୁ ଗଧିଆ ଚି କାଳ ଉଠାଇ ନେଇଗଲା । ଏଣୁ ଜୀବ ଓ ପରମ ଶରୀରରୁ ଅନ୍ତର୍ହିତ ହେଲେ । ସେଥିପାଇଁ ଉଚିତ ସାଧନା ହିଁ ବିଧେୟ । ସେହି ଛେଳିମାନଙ୍କର ଯତ୍ନ ନେବାକୁ ପଡ଼ିବ, ଜୀବ ଓ ପରମକୁ ଚିହ୍ନିବାକୁ ପଡ଼ିବ । ଆଉ ଏକ ଉଦାହରଣ:—

"ପାନି ରଙ୍ଗିଗଲା ଜିଁକ......(ଜୋକ)
ଖାଲର ପାନିକେ ଡ଼ପକେ ଟେକ
ତେବେ ସେ ପାଇବ ସୁଖ...... ।"

ଉପରୋକ୍ତ ପଦଟିର ବାହ୍ୟିକ ଅର୍ଥ—"(ପ୍ରଥମ ପାଦ ସହ ବାକି ପାଦର ସାମ୍ୟନାହିଁ) ପ୍ରଥମ ପାଦର ଅର୍ଥ ହେଲା, ପାଣିରେ ଜୋକ ଖେଳୁଛି । ଦ୍ୱିତୀୟଟିର ଅର୍ଥ— "ଖାଲକି ଗାତ (କୂଅ)ର ପାଣିକୁ ଡ଼ପ୍ କି, ଉଚ୍ଚ ସ୍ଥାନକୁ ଟେକ କି ଉଠାଅ । ତୃତୀୟ ପାଦ କହୁଛି, "ତେବେ ସେ ସୁଖ ପାଇବ ।" ତେଣୁ ମୋଟାମୋଟି ଅର୍ଥ ହେଲା, "ତଳର ପାଣିକୁ ଉପରକୁ ଉଠାଇଲେ ସୁଖ ଲାଭ କରିବ ।" କିନ୍ତୁ ସୁଖ ପାଇବ କିମିତି ? ତଳର ପାଣିକୁ ବା ଉପରକୁ ଉଠାଇବ କିମିତି ? ଏହାର ସମାଧାନ ରହିଛି ଆଧ୍ୟାତ୍ମିକ ଅର୍ଥରେ, ସେ ହେଲା,—"ବିନ୍ଦୁକୁ ଊର୍ଦ୍ଧ୍ୱ ଗତି କରି ସାଧନା ବଳରେ ଷଡ଼୍‌ଚକ୍ର ଭେଦ କରି ମହା ସୁଖ ଚକ୍ରରେ ବା ସହସ୍ରାରେ ଉପନୀତ କରାଇଲେ, ମହାନନ୍ଦ ରସ ପ୍ରାପ୍ତ କରିବ" । ଏହା ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ତତ୍ତ୍ୱାଶ୍ରୟୀ । ଏହିପରି "ରସବାଙ୍ଗରୀ" ଗୀତରେ ବହୁ ଆଧ୍ୟାତ୍ମିକ ତତ୍ତ୍ୱ ଓ ଦ୍ୱିଅର୍ଥବୋଧକ ପଦର ସଙ୍କେତ ପରିଲକ୍ଷିତ ହୋଇଥାଏ, ଯାହାକି ଓଡ଼ିଶାର ଏକ ପ୍ରଧାନ ଧର୍ମତତ୍ତ୍ୱ ।"

## "ରସବାଙ୍ଗରୀ"ରେ ସାମାଜିକ ତତ୍ତ୍ୱ

ମୌଳିକ ପ୍ରତିଭାରେ ସୃଷ୍ଟ ସାହିତ୍ୟ ବା ରଚିତ ସାହିତ୍ୟ ଅପେକ୍ଷା ଲୋକଗୀତରେ ସମାଜର ପ୍ରତିଛବି ଅତି ପ୍ରତ୍ୟକ୍ଷ ଓ ବାସ୍ତବ ରୂପେ ରହିଥାଏ । ପ୍ରତ୍ୟେକ ସାମାଜିକ ଚଳଣି ତଥା ଆଚାର, ବ୍ୟବହାର, ସାମାଜିକ ନିୟମ ଓ ଶୃଙ୍ଖଳା ସମାଜରେ ପ୍ରଚଳିତ ପର୍ବ ପର୍ବାଣୀ, ମାଙ୍ଗଳିକୋତ୍ସବ ଚିତ୍ରର, ନିୟାମକ ଓ ଉପସ୍ଥାପକ ହିସାବରେ ଲୋକଗୀତଗୁଡ଼ିକ ଶ୍ରେଷ୍ଠ । ଅଦ୍ୱିତୀୟ । "ଲୋକଗୀତ"—ପରମ୍ପରାନୁକ୍ରମେ

ମୁଖରେ ଅନୁସ୍ୟୁତ ଗୀତ ।" ଏଣୁ ଆଦିମ କାଳରୁ ପ୍ରଚଳିତ ଲୋକ ସମାଜର ଅତି ସତ୍ୟ, ତଥ୍ୟ, ରୀତି ନୀତିର ଏକ ମନୋଜ୍ଞ ସମାବେଶ ଆମେ ଅବଲୋକନ କରିପାରୁ 'ଲୋକଗୀତ'ରେ । ଏହି ଦୃଷ୍ଟିକୋଣରୁ "ରସ୍‌ବାଙ୍ଗରୀ"ର ସାମାଜିକ ମୂଲ୍ୟ ମଧ୍ୟ ରହିଛି । ରସିକ ଶେଖର "ବାଙ୍ଗର ତାର ଝଟକିନୀ ବାଙ୍ଗରୀ" ସମୀପରେ ଓ ରସବତୀ "ବାଙ୍ଗ୍‌ରୀ" ନାୟିକା ତା'ର ପ୍ରିୟ ରସରାଜ "ବାଙ୍ଗର" ସମୀପରେ ନିଜ ସାମାଜିକ ପରିବେଷ୍ଟନୀର ଚଳଣୀ ତଥା ପ୍ରଥାକୁ ନିର୍ଦ୍ଦ୍ୱନ୍ଦରେ ଜଣାଇଥାନ୍ତି । ତା' ସଙ୍ଗେ ସଙ୍ଗେ ଅତି ଗୋପନ ସାମାଜିକ ପ୍ରଥାକୁ ମଧ୍ୟ ନିସଂକୋଚରେ ପ୍ରକାଶ କରିଥାନ୍ତି । ନିଜ କଥାକୁ ନିଜ ଭିତରେ ଆଲୋଚନା କରିବା ବାସ୍ତବିକ୍ ସୁନ୍ଦର । ସାମାଜିକ ପରିବେଷ୍ଟନୀ ଭିତରେ ମାଇଁ ଓ ଭଣଜାର ମଧ୍ୟରେ ପ୍ରେମ ସମ୍ପର୍କର ଏକ ଜ୍ୱଳନ୍ତ ସଙ୍କେତ ବହନ କରେ "ରସ୍‌ବାଙ୍ଗରୀ" ଲୋକଗୀତ । (ଉଚ୍ଚ ସ୍ତରରେ ମାଇଁ ଭଣଜାଙ୍କ ଏହି ଅବୈଧ ସମ୍ପର୍କ ପରିଦୃଷ୍ଟ ହୁଏ ନାହିଁ) 'ରସ୍‌ବାଙ୍ଗରୀ'ର ନିମ୍ନୋକ୍ତ ପଦଟି ଏଠାରେ ଉଦ୍ଧାର କରଗଲା :—

"ବାଟର ମଡ଼ିଆ ବୁଟା"
ହଟାନାଇ କର ଭନଜା ପୁତା"

(ମୋତେ ଆଉ ହଟହଟା କି ଜଞ୍ଜାଳ କରନାହିଁ) ରାତିକେ ଯାଇନେ ଉଠା "ରସ ବାଙ୍ଗରୀ" (ଉଠ ! ମୁଁ ରାତ୍ରକୁ ଅଭିସାର କରିବି)......................

ଏହି ସାମାଜିକ ଆଚରଣଟିର ମୂଳହେତୁ ହେଉଛି ବୋଧେ ସେହି ସର୍ବଜନ ବିଦିତ ଚନ୍ଦ୍ରିକା ଚୁଳିଆ ଭଣଜା କାଳିଆ କୃଷ୍ଣ ଓ ଚମ୍ପକ ଗୋରୀ ବୃଷଭାନୁ ଜେମା ମାଇଁ ରାଧିକା ମଧ୍ୟରେ ପ୍ରେମର ସଂପର୍କ । ମାଇଁ-ଭଣଜାର ମାନ୍ୟ ସତ୍ତ୍ୱେ ବି ରାଧାକୃଷ୍ଣଙ୍କର ଏହି ଲୌକିକ ପ୍ରକ୍ରିୟା ହିଁ ଏମାନଙ୍କୁ ବୋଧହୁଏ ଏତେ ସାହସ, ଦମ୍ଭ ଓ ବିଜୟର ପଥ ଯୋଗାଇଛି । ରାଧା-କୃଷ୍ଣଙ୍କର ନୈସର୍ଗିକ ପ୍ରେମଲୀଳା ମର୍ମାର୍ଥକୁ ଏହି ସରଳ ନରନାରୀ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ସେମାନେ ସହଜ ଅର୍ଥରେ ବାହ୍ୟ ବ୍ୟବହାରକୁ ନିର୍ମାଲ୍ୟ ଜ୍ଞାନ କରି ନିଜ ମଧ୍ୟରେ ପରିପ୍ରଚାର କରିବାକୁ ଚେଷ୍ଟିତ ଓ ସମାଜରେ ସେହି ଭାବର ବହୁଳ ପ୍ରଚଳନର ଉଦାହରଣ ସ୍ୱରୂପ ଉପରୋକ୍ତ ପଦଟିଏ ।

ଅନ୍ୟ ଏକ ପଦରେ ସଙ୍କେତ ମିଳେ, ସ୍ତ୍ରୀ, ପୁରୁଷର ମଧୁର ସଂପର୍କ ନିର୍ଭର କରୁଛି ହାଣ୍ଡି ଧୂଆଁ ହେଉଥିବା ପର୍ଯ୍ୟନ୍ତ । ଏହା ବୋଧେ ବିପ୍ଳବାତ୍ମକ ପ୍ରତିକ୍ରିୟା ଯେ, ଜୀବନଟାକୁ ଏକ ସଉଦା ହିସାବରେ ଧରି ନିୟନ୍ତ୍ରଣ କରିବା ଉଚିତକି ? ଶତ ବାଧା, ବିଘ୍ନ ସତ୍ତ୍ୱେ ବି ସ୍ୱାମୀ, ସ୍ତ୍ରୀର ଓ ସ୍ତ୍ରୀ ସ୍ୱାମୀର । ଅଭାବ ଅସୁବିଧା, ଭୋକ, ଶୋଷ ଯାହା ଥାଉ, ଏହି ମଧୁର ସଂପର୍କ ମଧ୍ୟରେ ପ୍ରାଚୀର ସୃଷ୍ଟି କରି ନପାରେ । ଯେଉଁ-ମାନେ ନିକୃଷ୍ଟ ପ୍ରେମ ସଂପର୍କ ପ୍ରତିଷ୍ଠା କରିଥାଆନ୍ତି ସେମାନଙ୍କ ନିକଟରେ ପାରିବାରିକ ଅଭାବ ଏକ 'ଛିଅ' ହୋଇଥାଏ ଓ 'ଗାର୍ଲି' କହିଲେ ଯିବି, ନୀତିକୁ ସେମାନେ ଜାବୁଡ଼ି ଧରିଥାନ୍ତି । ଯେତେ ଦିନ ପର୍ଯ୍ୟନ୍ତ ସ୍ୱାମୀ ଉତ୍ତମ ଖାଦ୍ୟପେୟ ପରିବେଷଣ କଲା ସେତେ ଦିନ ଯାଏଁ ଆପଣାର । ଏହାର ବ୍ୟତିକ୍ରମ ହେଲେ ପୁଣି ଚାଲିଛି ରୂପସୀ ନିଜର ରୂପକୁ ଧରି ଅନ୍ୟ ଏକ କ୍ରେତା ପାଖକୁ । ସିଏ ପୁଣି ତାକୁ ଖାଦ୍ୟପେୟ ଦେବ । ଏହା ବୋଧେ ଅନୁନ୍ନତ ଜାତି ମଧ୍ୟରେ ପ୍ରଚଳିତ ସେହି "ପଣିଶିଆ ନୀତି ।" ଘରେ ଅନ୍ନ ଥିବାଯାଏଁ ଏକାଠିଥିବା ଅନ୍ନ ସରିଗଲେ ଭିନ୍ନ ହେବା ଏକଥା କଣ ଭଲ ? ଭଲହେଉ ବା ମନ୍ଦ ହେଉ, ଦେଖନ୍ତୁ "ରସବାଙ୍ଗରୀ" ସମାଜର ସ୍ୱାମୀକୁ ସ୍ତ୍ରୀ କହୁଛି; ଏହା ସମାଲୋଚନାଛଳରେ ହେଉ, ବା ଭୋଳ ଭାବରେ ହେଉ, ଯାହା ଆପଣ ଭାବନ୍ତୁ :—

"ନଈ ପାନି ଛେନେ ବେନେ,
ଭଣାର ଚଉଲ ସରିଲା ଦିନେ, ପିଲାର ବୁଆ,
ତୁଇ ତେନେ ମୁଇଁ ଏନେ.......................

ଏତଦ୍‌ବ୍ୟତୀତ ଏହି ଲୋକଗୀତରେ ଅନେକ ସାମାଜିକ ଓ ପାରିବାରିକ ଚିତ୍ର ଅତି ମନୋଜ୍ଞ ଭାବରେ ସ୍ଥାନ ପାଇଛି । ସେଗୁଡ଼ିକ ହେଲା, "ସମାଜରେ ପ୍ରଚଳିତ 'କାଳିସୀ' କଥା କେବଳ ପୁରୁଷଙ୍କ ମୁଣ୍ଡରେ ହିଁ ଆରୋପିତ ନୁହେଁ । ଏହି ସମାଜରେ ସ୍ତ୍ରୀ ଲୋକଙ୍କୁ ମଧ୍ୟ 'କାଳିସୀ' ଲାଗିଥାଏ । "ଜଣେ ସ୍ତ୍ରୀକୁ କାଳିସୀ ଲାଗିଛି, ତା ମୁଣ୍ଡରେ ଦେବତା ଅବତରିଛନ୍ତି, ଏହି ସମୟରେ ତାର ବାଳ ଗୁଡ଼ିକ ନୃତ୍ୟ କରିବାର ଚିତ୍ର ତଥା ସେହି ମୁହୂର୍ତ୍ତ ତାର ରୂପର ଏକ ସାର୍ଥକ ବର୍ଣ୍ଣନା ଅତି ସୁନ୍ଦର ରୀତିରେ 'ଗୀତ'ରେ ସ୍ଥାନ ପାଇଛି :—

"ବାଟର ମଡିଆ ପାଚେ
କାଲୀ ମାଏଝିକେ ଦେବତା ଆସେ
ବାଲ ଝିଟାଝିଟା ନାଚେ" "ରସବାଙ୍ଗରୀ"

ଆଧୁନିକ ଚାକଚକ୍ୟର ବହୁଦୂରରେ ଏମାନଙ୍କର ଚିର ପ୍ରମୋଦ ଜୀବନ । ତେବେ କଣ ପର୍ବ ପର୍ବାଣୀରେ ଏହି ସମା-ଜର ଲୋକେ ଘରଦ୍ୱାର ରଙ୍ଗାନ୍ତି ନି ? ରଙ୍ଗାନ୍ତି । କିନ୍ତୁ ଚୂନରେ ନୁହେଁ ନାନା ରଙ୍ଗର କେମିକାଲ ରଙ୍ଗରେ ନୁହେଁ, ପ୍ରକୃତି ବକ୍ଷର ରଙ୍ଗମାଟି, ଠେଉମାଟି, ଖଡ଼ିମାଟି ଆଦିରେ । ସେ ପୁଣି ଉଦ୍ଧାତ ଯଉବନୀର ହାତରେ ରଞ୍ଜିତ ହୋଇ ଘର ସେହିପରି ଆକର୍ଷଣୀୟ ହୁଏ । ସତେ ଯେପରି ରଙ୍ଗମାଟିରେ ରଙ୍ଗାୟିତ ହୋଇ, ଗୃହଟି ଯଉବନୀର ଯଉବନ ରଙ୍ଗକୁ ହରଣ କରିନିଏ । ଘର ରଙ୍ଗାଇବା ସମୟରେ, ଚିକ୍‌କଣ ଶ୍ୟାମାଙ୍ଗୀ, ଯଉବନୀର ଅଙ୍ଗ ବଲ୍ଲରୀର ପ୍ରତିରେଖରେ ମଦନ ରାଜର ବିଜୟ ବୈଜୟନ୍ତୀ ଫରଫର ଉଡୁଥାଏ । ପ୍ରକୃତିର ସନ୍ତାନ, ଅଯତ୍ନଦେହାଙ୍କ ଅଙ୍ଗ ଭଙ୍ଗୀରେ ଫୁଟିଉଠେ ଚମତ୍କାରିତା । ସମାଜ ଚଳଣି ସହ କାର୍ଯ୍ୟବ୍ୟସ୍ତ ସମୟରେ ଏହି ଅପରୂପା 'ଧାଙ୍ଗରୀ' ଅଙ୍ଗଲତାର ଏକ ସ୍ୱଚ୍ଛ ରୋମାଣ୍ଟିକ୍ ଚିତ୍ର :—

"ପିଉଡ଼ାଇ ପିଉ ଷୁଚେ
କାଲୀ ଧାଙ୍ଗ୍‌ରୀ ଘର ଲିପିଲେ
ପଛକେ ପଛକେ ଘୁଚେ.........."
(ଦେହକୁ) "ପାଉରୁ ଉଡ଼ିଲା ଶାଢ଼ୀ
ଆଁଖି ପଡ଼ିଯିବା ଚାପି ଧରିଥା, କାଏଁ କରିବୁ..
ଦୁଇହାତେ ମାଟି ବୁଡ଼ି । ରସବାଙ୍ଗ୍‌ରୀ"......

ବୟସ ସମସ୍ତଙ୍କ ଉପରେ ପ୍ରଭାବ ପକାଏ । ସମୟର ଅନୁରୋଧରେ ସମସ୍ତେ ନିଜକୁ ଟିକିଏ ଯତ୍ନ କରି ପର-ନେତ୍ର-ଲୋଭା କରିବାକୁ ଚେଷ୍ଟିତ ହୁଅନ୍ତି । ଅବଶ୍ୟ ଯା'ର ପରିସରକୁ ନେଇ ତା'ର ସାଜସଜା । 'ରସବାଙ୍ଗରୀ'ର ଋସବତୀର "କାନତଳେ ଭାଙ୍ଗଖୁଷା" ଅତି ଚମତ୍କାର । ତନୁ-ବନରେ ବସନ୍ତର ମୃଦୁମଳୟ ବହିଗଲେ । ଯଉବନରେ ମଦମତ୍ତ ଯୁବା ଓ ଯୁବତୀ ନିଜ ନିଜର ରୂପ ସମ୍ଭାରକୁ ତାରିଫ କରନ୍ତି । 'ରସବାଙ୍ଗରୀ'ରେ ଏହି ରୋମାଣ୍ଟିକ୍ ଚିତ୍ର ଅତି ମନୋଜ୍ଞ ।

"ନୁଆ ତବଲର କଲ ତଲ ପାନି ଘାଟେ ଛାଏଁ ଦେଖିଲିଁ
ଧଙ୍ଗରା ହୁଏଲେ ବଲ.............." ।

ଏହା ନାୟିକା, ନାୟକ ପ୍ରତି ଢଙ୍ଗ ମେଲୁଛି 'ରସରସିଆ' ଶବ୍ଦ ସଂଯୋଜନାରେ । ପରକ୍ଷଣରେ ନାୟକ ନାୟିକାକୁ 'ଟାପରା' କରିବାକୁ ପଛାଇନି । ପ୍ରେମ ତାଲିଟାତ ଗୋଟିଏ ହାତରେ ବାଜିବନି ? ଯୁବତୀର ନୀଳ-ତରଙ୍ଗ ଆଖିଟା ବି ନିଜର ରୂପ ଉପରେ ଘୂରିଯାଉଛି ଓ ଏହା ନାୟକ ଦୃଷ୍ଟିରେ ପଡ଼ିଛି: ସେ ପୁଣି କହୁଛି—

"ନୁଆ ତବଲର କଲ ଏବର ଟୁକେଲ ମାନେ ଛାଏଁ ଦେଖିଲୁ
ଧାଙ୍ଗରୀ ହଇଲୁଁ ବଲ.............."


ରସବାଙ୍ଗରୀରେ ଗୋଟିଏ କଥାକୁ ପ୍ରତ୍ୟକ୍ଷ ଭାବରେ ଉପ-ସ୍ଥାପିତ ନକରି ପରୋକ୍ଷ ଭାବରେ ଉପସ୍ଥାପିତ କରିବା ଆଦିରୁ ଗାୟକର ପାଣ୍ଡିତ୍ୟର ପରିଚୟ ମିଳିଥାଏ । ଉଦାହରଣ ସ୍ୱରୂପ ବୁଢ଼ା କାଳରେ ଷୋଡ଼ଶୀ କନ୍ୟା ବିଭାହେବା ଭଳି ସାମାଜିକ ବ୍ୟାଧିକୁ ସିଧା ସାଧି ପ୍ରକାଶନକରି କୁହାଯାଏ—"ବୁଢ଼ୀ ବେଲେ ସଉତୁଣୀ ଆଣିବା" । ଅର୍ଥାତ୍ ସେ ବୁଢ଼ୀ ତେଣୁ ତାର ଗିରସ୍ତ ବୁଢ଼ା । ନାରୀଟି ବୁଢ଼ୀବେଳେ ସଉତୁଣୀ ପାଇଛି । ଅସାର୍ଥ ବୁଢ଼ାଟି ଚତୁର୍ଥ ବୟସରେ ନବ ଯୁବତୀକୁ ଘରକୁ ଆଣିଛି (ଏଠାରେ ସଉତୁଣୀ କଳି ବି ପ୍ରାଧାନ୍ୟ ଲଭ କରିଛି ) ନିମ୍ନୋକ୍ତ ପଦଟି —

କରେଇ ବାରିର ଜନି ଜହ୍ନି
ଲଡ଼ର କନିକେ ବେସାର ପାନି
ବୁଢ଼ୀ ବେଲେ ସଅତନୀ.........." ।

ମାର୍ଫତ—ଡଃ ଉପେନ୍ଦ୍ର ନାଥ ମହାନ୍ତି ପି. ଏଚ. ଡ଼ି.
ଡ଼ି. ଏ. ଭି. କଲେଜ ଟିଟିଲାଗଡ଼
ଜି: ବଲାଙ୍ଗୀର

ଏହିପରି "ରସବାଙ୍ଗରୀ" ବିଭିନ୍ନ ସାମାଜିକ ଚିତ୍ରକୁ ବହନ କରିଥିବା ଓ କବିତ୍ୱର କମନୀୟ ପ୍ରକାଶ ଘଟିଥିବା ଏକ ସାର୍ଥକ 'ଲୋକଗୀତ' । ଆହୁରି ପ୍ରାଞ୍ଜଳ ଭାବରେ ଏହାର ବିଶ୍ଳେଷଣାତ୍ମକ ଆଲୋଚନା ପାଇଁ ଅପେକ୍ଷା କରିବାକୁ ପଡ଼ିବ । ସାମାଜିକ ପ୍ରତିଛବିସବୁ କିଭଳି ସାର୍ଥକ ଓ ପ୍ରତ୍ୟକ୍ଷଭାବରେ ଲୋକଗୀତରେ ପଡ଼ି ଆମକୁ ଏକ ପୂର୍ଣ୍ଣ ବିବରଣୀ ଉପସ୍ଥାପିତ କରିଥାନ୍ତି ତାର ଏକ ଋଷ୍ଟକ୍ଷ ଉଦା. ହରଣ "ରସବାଙ୍ଗରୀ" ।


ଆଲୋଚ୍ୟ 'ରସବାଙ୍ଗରୀ' ର ଭାଷାରେ କଳାହାଣ୍ଡି ଜିଲ୍ଲାର 'ହରିଜନ' ସଂପ୍ରଦାୟଙ୍କ ଭାଷାର ଛାପ ପଡ଼ିଛି । ଏହା ନୁହେଁ ଯେ, ଏଠାରେ ବ୍ୟବହୃତ ଭାଷା କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଞ୍ଚଳର 'ହରିଜନ' ଭାଷା । ଏହା ଏକ "ଲୋକଗୀତ", ପ୍ରତ୍ୟେକ ପଦକୁ ନାନା ଗୀତରେ ଯୋଡ଼ି ଗାନ କରାଯାଇପାରେ ଓ ଏହା ପରଂପରାନୁକ୍ରମେ ଶୁଣି ଶୁଣି ମନେ ରଖାଯାଇଥାଏ । ଯେଉଁ ସ୍ତରର ଲୋକେ ଏହାକୁ ଗାଆନ୍ତି, ଗାନ କରିବା ସମୟରେ ଏହା ଉପରେ ତାଙ୍କର ବ୍ୟବହୃତ ଭାଷା ପ୍ରୟୋଗ କରିଥାନ୍ତି । ଫଳତଃ ମୂଳ ଶବ୍ଦଟିକୁ ଗାୟକ ବା ଗାୟିକା ନିଜର ଭାଷାକୁ ଆରୋପ କରି ଉଚ୍ଚାରଣ କରିଥାନ୍ତି । "ତେଲିଃ ଟାକ୍ରା" ଙ୍କଠାରୁ ଏ ଗୀତଟି ସଂଗୃହୀତ । ସେ ଜାତିରେ "ହରିଜନ" ହୋଇଥିବାରୁ ଏଠାରେ ସେହି ଭାଷାର ପ୍ରୟୋଗ ପରିଲକ୍ଷିତ ହୋଇଛି । ପରେ ମୁଁ, ଅନ୍ୟ କେତେ ଜାତିର ଲୋକଙ୍କୁ ଏହା ଉଚ୍ଚାରଣ କରିବାକୁ କହନ୍ତେ ସେମାନେ ଏଠାରେ ନିଜନିଜର ଭାଷାକୁ ଆରୋପ କରିଥିଲେ । ଏଣୁ ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛି ଓ ମୋର ମତାମତ ଅମୂଳକ ନୁହେଁ ବୋଲି ପ୍ରତ୍ୟୟ ହେଉଛି । ଏହି ଗୀତଟିକୁ ବିଭିନ୍ନ ପର୍ବପର୍ବାଣିରେ ବାଜା ମାଧ୍ୟମରେ ଗାନ କରାଯାଇ-ଥାଏ । ପୁନଶ୍ଚ 'ପିଲମାନଙ୍କୁ' ମା'ମାନେ ବୁଝାଇଲା ସମୟରେ ମଧ୍ୟ ଏହାର ସାହାଯ୍ୟ ଗ୍ରହଣ କରିଥିବାର ଦେଖାଯାଏ । ବିଭିନ୍ନ କାର୍ଯ୍ୟକ୍ରମରେ ଏହାକୁ ଆଦିବାସୀ ହରିଜନ ଶ୍ରେଣୀୟ ଲୋକେ ଏ ଅଞ୍ଚଳରେ ଗାନ କରନ୍ତି । କହିବା ବାହୁଲ୍ୟ ଯେ ଉପଯୁକ୍ତ ଉଦ୍ୟମ କଲେ ଏପରି ବହୁ ଅବହେଳିତ, ବଞ୍ଚିତ ସଂପଦ ଆମର କରାୟତ୍ତ ହୋଇ - ପାରିବ ।







ଭୁବନେଶ୍ୱରସ୍ଥ ପ୍ରଭାହାଉସ ଇନର୍ହ୍ୱିଲ୍ କ୍ଲବର ରନ୍ଧନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା କୁମାରୀ ଶୋଭା ମହାନ୍ତି 'କୁକେରି କୁଇନ' ଟ୍ରଫି ଗ୍ରହଣ କରୁଛନ୍ତି ( ୧-୬-୧୯୭୯ ) ।

ଡକ୍ଟର ହରେକୃଷ୍ଣ ମହତାବ ୧୯୭୯ ଜୁନ ୨୫ ତାରିଖ ଦିନ ତରଣୀ ଉଭୟପଣୀ କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ନାଟ୍ୟକାର ଶ୍ରୀ ବିଶ୍ୱଜିତ ଦାସଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି ।





ବାରିପଦାର ପ୍ରସିଦ୍ଧ ରଥଯାତ୍ରା



ପୁରୀର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ୧୯୭୯ ଜୁଲାଇ ୮ ତାରିଖରେ ବୋଉଗଡ଼ିଠାରେ ନନ୍ଦିଘୋଷ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୁରସ୍କାର ପ୍ରଦାନ କରୁଛନ୍ତି ।

# ଜାତୀୟ ସଞ୍ଚୟ ଯୋଜନା ଓ ଓଡ଼ିଶାର ପ୍ରଗତି

ଶ୍ରୀ ସଦବାନନ୍ଦ ପାଣିଗ୍ରାହୀ

ସ୍ୱାଧୀନତା ପୂର୍ବରୁ ସ୍ୱଳ୍ପସଂଚୟ ଅଭିଯାନ କେନ୍ଦ୍ରସରକାରଙ୍କ ଅଧୀନରେ ପରିଚାଳିତ ହେଉଥିଲା । ୧୯୫୭ ମସିହାରେ ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟସରକାରଙ୍କ ଦ୍ୱାରା ଅର୍ଥବିଭାଗ ଅଧୀନରେ ସ୍ୱଳ୍ପ ସଂଚୟ ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ସଂସ୍ଥାପିତ ହେଲା । ଏହି ନିର୍ଦ୍ଦେଶାଳୟରେ ଅର୍ଥବିଭାଗ ସେକ୍ରେଟାରୀ ନିର୍ଦ୍ଦେଶକ ଏବଂ ପୂର୍ଣ୍ଣ ସମୟ ଦେଇ କାମ କରିବାପାଇଁ ତାଙ୍କ ସହିତ ଜଣେ ଉପନିର୍ଦ୍ଦେଶକ ରହିଲେ । ସେହି ସମୟଠାରୁ ଏପର୍ଯ୍ୟନ୍ତ କେନ୍ଦ୍ରସରକାରଙ୍କ ଦ୍ୱାରା ସ୍ଥାପିତ ସ୍ୱଳ୍ପ ସଂଚୟ ଅଫିସର ଓ କର୍ମଚାରୀମାନଙ୍କ ସହିତ ସମନ୍ୱୟ ରକ୍ଷା କରି ଆମରାଜ୍ୟ ଓଡ଼ିଶାରେ ସ୍ୱଳ୍ପ ସଂଚୟ ଯୋଜନାର ଉତ୍ତରୋତ୍ତର ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରି ଆସୁଅଛି । ସ୍ୱଳ୍ପ ସଂଚୟ ଅଭିଯାନ ଜରିଆରେ ଯୋଜନା ପାଇଁ ଆବଶ୍ୟକ ହେଉଥିବା ସମ୍ବଳର ଏକ ନିର୍ଦ୍ଦିଷ୍ଟ ଅଂଶ ଉଠାଯିବାର ନିଷ୍ପତ୍ତି ନିଆଗଲାପରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନିରବଚ୍ଛିନ୍ନ ପ୍ରଚେଷ୍ଟା କରାଯାଇ ଆସୁଛି ।

## ଜାତୀୟ ସଂଚୟ ଆନ୍ଦୋଳନର ଉଦ୍ଦେଶ୍ୟ

(୧) ମିତବ୍ୟୟିତା ଓ ବ୍ୟୟସଂଯମ ଆଚରଣ ଦ୍ୱାରା ଜାତୀୟ ଚରିତ୍ର ବଳିଷ୍ଠ ହୁଏ ।

(୨) ବ୍ୟକ୍ତି ଓ ଜାତିର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇଥାଏ ।

(୩) ବିଧବା ଓ ସନ୍ତାନଗଣ ନିରାପଦରେ ବାସକରନ୍ତି ।

(୪) ଅବସରପ୍ରାପ୍ତ ବ୍ୟକ୍ତିଙ୍କର ଆର୍ଥିକ ସ୍ୱାଧୀନତା ଆସେ ।

(୫) ଶିଶୁମାନଙ୍କର ଶିକ୍ଷା ସଂଭବ ହୁଏ ।

(୬) ଝିଅପୁଅମାନଙ୍କର ବିବାହର ବ୍ୟୟଭାର ମୁଣ୍ଡାଇବାକୁ ସାମର୍ଥ୍ୟ ଆସେ

(୭) ଶିକ୍ଷିତ ଯୁବକଯୁବତୀମାନେ ସ୍ୱତନ୍ତ୍ରଭାବେ କାର୍ଯ୍ୟକରି ଜୀବିକା ନିର୍ବାହ କରି ପାରନ୍ତି ।

(୮) ପ୍ରତ୍ୟେକ ସଂଚୟକାରୀ ଦେଶର ପ୍ରଗତିମୂଳକ କାର୍ଯ୍ୟରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଆନ୍ତି ।

ପ୍ରତ୍ୟେକ ବ୍ୟକ୍ତି ଯିଏ ଯେଉଁ ସ୍ତରରେ ଥାଆନ୍ତୁନା କାହିଁକି ସେ ନିଜର ଶକ୍ତି ଅନୁଯାୟୀ ଡାକଘରେ କିଛି କାଳ ମଧ୍ୟରେ ସଂଚୟ କରି ନିଜର, ନିଜ ପରିବାରର ତଥା ଦେଶର ଭବିଷ୍ୟତକୁ ଉଜ୍ଜ୍ୱଳ କରନ୍ତୁ ।

(କ) ଡାକଘର ସେଭିଂସ୍ ବ୍ୟା[illegible] ଗ୍ରାମମାନଙ୍କରେ ଅଧିକାଂଶ ଗ୍ରାମପଞ୍ଚା[illegible] । ଏହା ଜନତାଙ୍କର ବ୍ୟାଙ୍କ୍ ।

(ଖ) ଏହା ଭାରତ ସରକାର[illegible] ଏଥିରେ ଅର୍ଥ ଗଚ୍ଛିତ ରଖିବା [illegible] ନିରାପଦ ।

(ଗ) ସଂଚିତ ଅର୍ଥ ଉପରେ ପୋଷ୍ଟ [illegible] ବ୍ୟାଙ୍କ୍ ଅନ୍ୟାନ୍ୟ ବ୍ୟାଙ୍କମାନଙ୍କର ତୁଳନାରେ ଅଧିକ ସୁଧ ଦିଏ କାରଣ ଏହା ଜନତାର ବ୍ୟାଙ୍କ୍ ।

(ଘ) ସପ୍ତମ ଅର୍ଥକମିଶନଙ୍କ ସୁପାରିଶ ଅନୁଯାୟୀ କେନ୍ଦ୍ର ସରକାର ନିଷ୍ପତ୍ତି କରିଛନ୍ତି ଯେ ଗତ ଯୋଜନା କାଳ ମଧ୍ୟରେ ପ୍ରତ୍ୟେକ ରାଜ୍ୟକୁ ସ୍ୱଳ୍ପ ସଂଚୟ ବାବଦ ଦେଇଥିବା ଋଣରୁ ୧୯୭୯ ମାର୍ଚ୍ଚ ସୁଦ୍ଧା ଯାହା ପରିଶୋଧ କରାଯାଇ ନଥିବ, ସେହି ଋଣ ଟଙ୍କା ଆଗାମୀ ପାଞ୍ଚବର୍ଷଯାଏ ପରିଶୋଧ କରାଯିବ ନାହିଁ । କେନ୍ଦ୍ର ସରକାର ଏହି ଗଚ୍ଛିତ ଋଣ ଉପରେ ବାର୍ଷିକ ସୁଧ ୫'୫୦ ହାରରେ ନେବେ ।

ସ୍ୱାଧୀନ ଭାରତକୁ ପ୍ରଗତି ପଥରେ ଅଗ୍ରଗାମୀ କରିବା ପାଇଁ ସାମୂହିକଭାବେ ସଂଚୟ କରିବା ହେଉଛି ଏକ ମୌଳିକ ଅର୍ଥନୈତିକ ଆବଶ୍ୟକତା । ଦେଶର ଉନ୍ନୟନ ପାଇଁ ବ୍ୟାପକ ଭାବରେ ବ୍ୟକ୍ତିଗତ ଓ ସାମୂହିକ ସହଯୋଗ ଅତ୍ୟନ୍ତ ଜରୁରୀ । ସ୍ୱଳ୍ପ ସଂଚୟ ଯୋଜନାର ମୌଳିକ ଲକ୍ଷ୍ୟ ହେଉଛି ଲୋକମାନଙ୍କୁ ଜାତୀୟ ଉନ୍ନୟନ ଯୋଜନାରେ ଭାଗନେବାକୁ ଉଦ୍‌ବୁଦ୍ଧ ଏବଂ ଉତ୍ସାହିତ କରିବା । ସେମାନେ ସଂଚୟ ଯୋଜନାରେ ଜମା ଆକାରରେ ଯେଉଁ ଅର୍ଥ ଜମା କରିବେ ତାହା ଜାତୀୟ ସ୍ତରରେ ଯୋଜନା ପାଇଁ ସମ୍ବଳ ଯୋଗାଇ ଥାଏ । ସ୍ୱଳ୍ପ ସଂଚୟର ସଫଳତା ଉଭୟ ଜାତୀୟ ଓ ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରିଥାଏ । ସ୍ୱଳ୍ପ ସଂଚୟ ଯୋଜନାରେ ଲଗାଯାଉଥିବା ଅର୍ଥରୁ ସୁଧ ଲଗାଣକାରୀଙ୍କୁ ଲାଭାଂଶ ରୂପେ ମିଳିବା ସାଙ୍ଗକୁ ଏହି ଟଙ୍କା ଉନ୍ନୟନ ଯୋଜନାଗୁଡ଼ିକରେ ବ୍ୟୟିତ ହୋଇଥାଏ । ସ୍ୱଳ୍ପ ସଂଚୟର ପ୍ରକୃତ ଉପଯୋଗିତା ଅନୁନ୍ନତ ରାଜ୍ୟଗୁଡ଼ିକ ପାଇଁ ବେଶୀ । ବିଶେଷକରି ପ୍ରାକୃତିକ ସଂପଦର ପ୍ରାଚୁର୍ଯ୍ୟ ଭିତରେ ଅର୍ଥନୈତିକ କ୍ଷେତ୍ରରେ ଅନଗ୍ରସର ଓଡ଼ିଶା ପାଇଁ ସ୍ୱଳ୍ପ ସଂଚୟ ମାଧ୍ୟମରେ ସମ୍ବଳ ସଂଗ୍ରହର ଆବଶ୍ୟକତା ବହୁତ ବେଶୀ । ଓଡ଼ିଶାର ଶିଳ୍ପାଞ୍ଚଳ ଅତ୍ୟନ୍ତ ସୀମିତ । ପ୍ରକୃତି ଏହାକୁ ପ୍ରଚୁର ଖଣିଜ ସଂପଦ ଦେଇଥିଲେବି ଏହି ଗ୍ରାମବହୁଳ ରାଜ୍ୟଟି ଅତ୍ୟନ୍ତ ଅନୁନ୍ନତ । ଓଡ଼ିଶାର ଅର୍ଥନୈତିକ ସମୃଦ୍ଧି କୃଷିଉପରେ ଆଧାରିତ ଏବଂ ଏହି କୃଷି ସମୃଦ୍ଧି ବର୍ଷା, ବନ୍ୟା, ବାତ୍ୟା ଓ ମରୁଡ଼ିର ଦୟା ଉପରେ ନିର୍ଭର କରେ । ଗତ ଦଶନ୍ଧି ଭିତରେ ଧୋଇ ଓ ମରୁଡ଼ି ଏତେ ବେଶୀ ଘଟିଯାଇଛି ଯେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଲୋକମାନଙ୍କର ଆର୍ଥିକ ସ୍ଥିତି ଅତୀବ ଦୁର୍ବଳ ହୋଇ ପଡ଼ିଛି । ଏହି ସମୟ ମଧ୍ୟରେ ନଷ୍ଟ ହୋଇଥିବା ଶସ୍ୟର ଆନୁମାନିକ ମୂଲ୍ୟ ୫୦ କୋଟି ଟଙ୍କା ହେବ । ଏସବୁ ଦୃଷ୍ଟିରୁ ଭାରତ ସରକାରଙ୍କ ଜାତୀୟ ସଂଚୟ ସଂସ୍ଥା ସହିତ ସମନ୍ୱୟ ରକ୍ଷାକରି ସ୍ୱଳ୍ପସଂଚୟ ଜରିଆରେ ଲୋକମାନଙ୍କର ଆର୍ଥିକମାନ ଉନ୍ନତ କରିବା ପାଇଁ ରାଜ୍ୟ ସରକାର ଅକ୍ଳାନ୍ତ ପ୍ରଚେଷ୍ଟା ଚଳାଇଛନ୍ତି । ଏଥିପାଇଁ ସରକାରୀ ଅଫିସର, କ୍ଷମତାପ୍ରାପ୍ତ ଏଜେଣ୍ଟ, ବ୍ରାଞ୍ଚ ପୋଷ୍ଟମାଷ୍ଟରଙ୍କ ସମେତ ବହୁ ବେସରକାରୀ ଭଦ୍ରବ୍ୟକ୍ତି, ପେ ରୋଲ ଗ୍ରୁପ୍ ଲିଡ଼ର ପ୍ରମୁଖ ବିଭିନ୍ନ ସହର ଓ ଗ୍ରାମାଞ୍ଚଳମାନଙ୍କରେ ଏହି କ୍ଷୁଦ୍ର ସଂଚୟ ଯୋଜନାରେ ଟଙ୍କା ଜମାକରିବାକୁ ଲୋକମାନଙ୍କୁ ପ୍ରବର୍ତ୍ତାଉଛନ୍ତି । କେନ୍ଦ୍ର ସରକାରଙ୍କ ଅର୍ଥ ବିଭାଗରୁ ମିଳିଥିବା ସମସ୍ତ ରାଜ୍ୟମାନଙ୍କର ତୁଳନାତ୍ମକ ବିବରଣୀରୁ ୧୯୭୧-୭୨ଠାରୁ ୧୯୭୭-୭୮ ପର୍ଯ୍ୟନ୍ତ ସ୍ୱଳ୍ପ ସଂଚୟ ଯୋଜନା ମାଧ୍ୟମରେ ଅର୍ଥ ସଂଗ୍ରହ ହିସାବ ଦେଖିଲେ ଏହି ସଫଳତା ଯୋଜନା ପାଇଁ କିପରି ଓଡ଼ିଶାରେ ଲୋକମାନଙ୍କୁ ଉତ୍ସାହିତ କରାଯାଇ ପାରିଛି ତାହା ବୁଝା ପଡ଼ିବ । ନିମ୍ନରେ ଏହି ହିସାବ ପ୍ରଦତ୍ତ ହେଲା—

(୧) ୧୯୭୦-୭୧ରେ ଓଡ଼ିଶାରେ ସଂଚୟ ଯୋଜନା ବାବଦରେ ନିଟ୍ ଅର୍ଥ ସଂଗ୍ରହ ରାଜସ୍ଥାନ ଓ କେରଳର ମୋଟ ଜମାକୁ ଟପିଥିଲା ।

(୨) ୧୯୭୧-୭୨ରେ ଓଡ଼ିଶାର ଅର୍ଥ ସଂଗ୍ରହ ରାଜସ୍ଥାନ, ମଧ୍ୟପ୍ରଦେଶ, କେରଳ ଏବଂ ହରିଆନାର ମୋଟ ସଂଗ୍ରହକୁ ଟପିଥିଲା ।

(୩) ୧୯୭୨-୭୩ରେ ଓଡ଼ିଶାରେ ଏହି ଅର୍ଥ ସଂଗ୍ରହ ରାଜସ୍ଥାନ ଏବଂ କେରଳର ମୋଟ ଜମା ଅର୍ଥକୁ ଟପିଥିଲା ।

(୪) ୧୯୭୩-୭୪ରେ ଓଡ଼ିଶାର ଅର୍ଥ ସଂଗ୍ରହ ଆସାମ, ରାଜସ୍ଥାନ, କେରଳ, ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶର ସଂଗ୍ରହ ଅର୍ଥ ପରିମାଣଠାରୁ ବେଶୀ ହୋଇ ପାରିଥିଲା ।

(୫) ୧୯୭୪-୭୫ରେ ଓଡ଼ିଶାରେ ଏହି ଯୋଜନା ବାବଦରେ ଅର୍ଥ ସଂଗ୍ରହ ତାମିଲନାଡୁ, ରାଜସ୍ଥାନ, ପଞ୍ଜାବ, କେରଳ, ହରିଆନା, ଗୁଜୁରାଟ, ଆସାମ ଓ ଆନ୍ଧ୍ର ପ୍ରଦେଶର ସଂଗୃହୀତ ଜମାକୁ ଟପିଥିଲା ।

(୬) ୧୯୭୫-୭୬ରେ ଓଡ଼ିଶାର ଅର୍ଥ ସଂଗ୍ରହ ଆସାମ, ଆନ୍ଧ୍ରପ୍ରଦେଶ, ଗୁଜୁରାଟ, ହରିଆନା, କେରଳ ଓ ପଞ୍ଜାବର ସଂଗୃହୀତ ଅର୍ଥ ପରିମାଣକୁ ଟପିଥିଲା ।

(୭) ୧୯୭୬-୭୭ରେ ଓଡ଼ିଶାର ଅର୍ଥ ସଂଗ୍ରହ ଆସାମ, ହରିଆନା, କେରଳ ଓ ପଞ୍ଜାବର ସଂଗୃହୀତ ଅର୍ଥ ପରିମାଣକୁ ଟପିଥିଲା ।

(୮) ୧୯୭୭-୭୮ରେ ଓଡ଼ିଶାର ଅର୍ଥ ସଂଗ୍ରହ ପରିମାଣ କେରଳ ଏବଂ ପଞ୍ଜାବର ସଂଗୃହୀତ ପରିମାଣକୁ ଟପିଥିଲା ।

ଯଦି ଭାରତର ଅନ୍ୟାନ୍ୟ ରାଜ୍ୟରେ ମୁଣ୍ଡପିଛା ଏହି ଅର୍ଥ ସଂଗ୍ରହର ପରିମାଣ ସହିତ ଓଡ଼ିଶା ରାଜ୍ୟର ମୁଣ୍ଡପିଛା ଅର୍ଥ ସଂଗ୍ରହର ପରିମାଣକୁ ତୁଳନା କରାଯାଏ ତା ହେଲେ ଓଡ଼ିଶାର ମୁଣ୍ଡପିଛା ସଂଚୟର ପରିମାଣ ଜାତୀୟ ସ୍ତରର ହାରାହାରି ଓ ଅନ୍ୟାନ୍ୟ ଅନେକ ରାଜ୍ୟର ହାରାହାରି ପରିମାଣକୁ ଟପିଯିବ । ସଂଚୟ ଯୋଜନାରେ ପ୍ରତ୍ୟେକ ରାଜ୍ୟର ସଂଗୃହୀତ ନିଟ ଆଦାୟ ଅନୁଯାୟୀ ଭାରତ ସରକାରଙ୍କ ତରଫରୁ ଦୀର୍ଘକାଳୀନ ମିଳିଥିବା ଋଣ ପ୍ରତ୍ୟେକ ରାଜ୍ୟର ଉନ୍ନତିମୂଳକ ଯୋଜନାରେ ବିନିଯୋଗ କରାଯାଏ ।

ସଂଚୟର ଅଭିବୃଦ୍ଧି ପାଇଁ ଅଧିକ ସଞ୍ଚଳ ସଂଗ୍ରହ କରିବା ଲାଗି ନିମ୍ନଲିଖିତ ତିନୋଟି ଉପାୟରେ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ ଉତ୍ସାହିତ କରିଥାନ୍ତି ।

(କ) ରାଜ୍ୟରୁ ସ୍ୱଳ୍ପ ସଂଚୟ ଯୋଜନା ବାବଦରେ ସଂଗ୍ରହ ହୋଇଥିବା ନିଟ୍ ଅର୍ଥର ଦୁଇ ତୃତୀୟାଂଶ ସେହି ରାଜ୍ୟକୁ ଦୀର୍ଘ ମିଆଦି ଋଣ ଆକାରରେ ୨୫ ବର୍ଷ ପାଇଁ ଦିଆଯାଏ ଏବଂ ପଚିଶ ବର୍ଷ ଭିତରେ ସମୂଳ ସୁଧ ପରିଶୋଧ କରାହୁଏ । ଏଥିପାଇଁ ଶତକଡ଼ା ବାର୍ଷିକ ସୁଧର ହାର ଟ୬.୫୦ ରଖା ଯାଇଛି । ଠିକ୍ ସମୟରେ ଋଣ ପରିଶୋଧ କରିଥିବା ରାଜ୍ୟକୁ ୧/୪% ରିବେଟ୍ ମିଳିଥାଏ ।

(ଖ) ଯେଉଁ ରାଜ୍ୟରେ ଏହି ଯୋଜନା ବାବଦରେ ଆଦାୟ ପରିମାଣ ଜାତୀୟ ସ୍ତରରେ ଥିବା ପରିମାଣକୁ ଟପିଯାଏ, ସେହି ରାଜ୍ୟ ସଂଗ୍ରହ କରିଥିବା ଅଧିକ ଅର୍ଥର ଶତକଡ଼ା ୫ ଭାଗ ପ୍ରତି ଟ୨.୫୦ ହାରରେ ପୁରସ୍କୃତ କରାଯାଏ ।

(ଗ) ଯେଉଁ ରାଜ୍ୟ ବ୍ୟକ୍ତିଗତ ସଂଚୟ ପାଇଁ ଅଟକଳ କରାଯାଇଥିବା ଅର୍ଥଠାରୁ ଅଧିକ ଅର୍ଥ ସଂଗ୍ରହ କରିଥାଏ ତାକୁ ଅଧିକ ସଂଗୃହୀତ ଅର୍ଥ ଉପରେ ଶତକଡ଼ା ୨୫ ଅଧିକ ଋଣ ଆକାରରେ କେନ୍ଦ୍ର ସରକାର ଦିଅନ୍ତି ।

ବିଗତ ପ୍ରତ୍ୟେକ ଯୋଜନା କାଳରେ ସ୍ୱଳ୍ପ ସଂଚୟ ଅଭିଯାନରେ ଓଡ଼ିଶାରେ କେତେ ଅର୍ଥ ସଂଗୃହୀତ ହୋଇଛି ଓ କେତେ ପରିମାଣ ଋଣ ସ୍ୱରୂପ ଭାରତ ସରକାରଙ୍କଠାରୁ ପାଇପାରିଛି ତାହା ନିମ୍ନରେ ଦିଆଗଲା । ଦେଶର ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ବିନିଯୋଗ ପାଇଁ ସ୍ୱଳ୍ପ ସଂଚୟ ସୂତ୍ରରେ ଅର୍ଥ ସଂଗ୍ରହ ଉପରେ କେତେ ଗୁରୁତ୍ୱ ଦିଆଯାଇଛି ତାହା ଏଥିରୁ ସ୍ପଷ୍ଟ ଜଣାପଡ଼େ ।

| ଯୋଜନାକାଳ | ଗ୍ରସ ସଂଗ୍ରହ (ଟଙ୍କା ଆକାରରେ) | ନିଟ ସଂଗ୍ରହ (ଟଙ୍କା ଆକାରରେ) | ଭାରତ ସରକାରଙ୍କଠାରୁ ମିଳିଥିବା ଋଣ ପରିମାଣ (ଟଙ୍କା ଆକାରରେ) |
|---|---|---|---|
| ୧ | ୨ | ୩ | ୪ |
| | ଟଙ୍କା | ଟଙ୍କା | ଟଙ୍କା |
| ଯୋଜନା ପୂର୍ବବର୍ତ୍ତୀ ସମୟ ୧୯୪୫-୪୬ରୁ ୧୯୫୦-୫୧ । | .. | ୯୪,୨୦,୦୦୦ | .. |
| ପ୍ରଥମ ଯୋଜନା କାଳ ୧୯୫୧-୫୨ରୁ ୧୯୫୫-୫୬ । | ୧୧,୫୮,୪୬,୩୨୦ | ୩,୪୬,୧୮,୦୦୦ | ୫୨,୦୦,୦୦୦ |
| ଦ୍ୱିତୀୟ ଯୋଜନା କାଳ ୧୯୫୬-୫୭ରୁ ୧୯୬୦-୬୧ । | ୨୫,୪୩,୫୨,୦୦୦ | ୬,୪୩,୬୧,୧୫୫ | ୪,୪୮,୨୨,୦୦୦ |
| ତୃତୀୟ ଯୋଜନା କାଳ ୧୯୬୧-୬୨ରୁ ୧୯୬୫-୬୬ । | ୪୮,୪୯,୫୬,୦୦୦ | ୧୨.୯୬,୨୯,୦୦୦ | ୯,୧୪,୦୦,୦୦୦ |
| ବାର୍ଷିକ ଯୋଜନା କାଳ ୧୯୬୬-୬୭, ୧୯୬୭-୬୮ ଏବଂ ୧୯୬୮-୬୯ । | ୪୦,୫୮,୦୮,୦୦୦ | ୧୦,୨୧,୫୨,୦୦୦ | ୬,୧୧,୦୦,୦୦୦ |
| ୪ର୍ଥ ଯୋଜନା କାଳ ୧୯୬୯-୭୦ରୁ ୭୩-୭୪ .. | ୧୨୦,୮୬,୨୩,୦୦୦ | ୩୮,୧୧,୫୫,୦୦୦ | ୨୨,୯୮,୦୦,୦୦୦ |
| ପଞ୍ଚମ ଯୋଜନା କାଳର ୪ ବର୍ଷ ୧୯୭୪-୭୫ ଠାରୁ ୧୯୭୭-୭୮ ସୁଦ୍ଧା | ୧୭୨,୦୩,୫୮,୦୦୦ | ୪୬,୯୧,୦୦,୦୦୦ | ୩୨,୧୮,୦୦,୦୦୦ |
| ଷଷ୍ଠ ଯୋଜନାର ପ୍ରଥମ ବର୍ଷ .. | ୬୨,୮୨,୮୯,୦୦୦ | ୧୨,୦୦,୦୦,୦୦୦ | ୬,୫୪,୦୦,୦୦୦ |

ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନାରେ ଓଡ଼ିଶାର ୬ ହଜାରରୁ ଅଧିକ ପୋଷ୍ଟ ଅଫିସରେ ଗଚ୍ଛିତ ରହିଥିବା ଅର୍ଥର ପରିମାଣ ଏବଂ ଜମାକାରୀମାନଙ୍କର ସଂଖ୍ୟାରୁ ନିମ୍ନଲିଖିତ ବିବରଣୀରୁ ଜଣାପଡ଼ିବ ।

| ସିକ୍ୟୁରିଟିର ନାମ | | ମୋଟ ଏକାଉଣ୍ଟଧାରୀଙ୍କ ସଂଖ୍ୟା | ଜମାକାରୀଙ୍କ ଏକାଉଣ୍ଟରେ ଗଚ୍ଛିତ ଥିବା ମୋଟ ଟଙ୍କା |
|---|---|---|---|
| ୧ | | ୨ | ୩ |
| ପୋଷ୍ଟଅଫିସ ସେଭିଙ୍ଗ୍ସ୍ ବ୍ୟାଙ୍କ୍ | .. | ୧୧,୨୩,୪୩୨ | ୫୨,୩୫,୩୫,୦୦୦ |
| ପୋଷ୍ଟଅଫିସ ରେକରିଂ ଡ଼ିପୋଜିଟ୍ | .. | ୨୮,୧୬୯ | ୩,୪୭,୮୧,୦୦୦ |
| ପୋଷ୍ଟ ଅଫିସ ଟାଇମ ଡ଼ିପୋଜିଟ୍ | .. | ୧୧,୪୦୦ | ୩୮,୯୮,୪୩,୦୦୦ |
| କ୍ୟୁମଲେଟିଭ ଟାଇମ ଡିପୋଜିଟ୍ | .. | ୯୮,୫୩୬ | ୫,୯୬,୪୬,୦୦୦ |
| ସଞ୍ଚୟ ସାର୍ଟିଫିକେଟ୍ | .. | ୫୦,୦୦୦ (ଆନୁମାନିକ) | ୨୦,୦୦,୦୦,୦୦୦ |
| ମୋଟ | .. | ୧୪,୧୧,୫୩୭ | ୧,୨୦,୭୮,୦୫,୦୦୦ |

ଏହି ବିବରଣୀରୁ ଦେଖାଯିବ ଯେ ୩୧-୩-୧୯୭୮ ସୁଦ୍ଧା ସର୍ବ ଭାରତୀୟ ସ୍ତରରେ ଜାତୀୟ ସଂଚୟ ସିକ୍ୟୁରିଟି ଓ ଏକାଉଣ୍ଟ ମାନଙ୍କରେ ସର୍ବ ମୋଟ ଗଚ୍ଛିତ ମୂଳଧନ ଟ୪୯,୫୫,୭୫,୦୦,୦୦୦ ଥିବା ସ୍ଥଳେ ଓଡ଼ିଶାରେ ଏହାର ପରିମାଣ ହେଉଛି ମୋଟ ଟ୧,୨୦,୭୮,୦୫,୦୦୦ ।

ଓଡ଼ିଶାରେ ୨୮ଟି ପ୍ରଧାନ ଡ଼ାକଘର ୮୭୧ ବିଭାଗୀୟ ସବ୍ ପୋଷ୍ଟ ଅଫିସ୍, ୫୪୮୩ଟି ଅଣବିଭାଗୀୟ ଶାଖା ଡ଼ାକଘର ସଂଚୟ ବ୍ୟାଙ୍କ୍ ସୁବିଧା ଅଛି । ବହୁ ଶାଖା ଡ଼ାକଘରର ପୋଷ୍ଟମାଷ୍ଟରମାନେ ଗାଁ ଗହଳିରେ ସଂଚୟ ଆନ୍ଦୋଳନ ସଂଗଠିତ କରାଇ ବିଶେଷ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି ଏବଂ କୃଷକମାନଙ୍କୁ ତାଙ୍କର କୃଷିଜାତ ଦ୍ରବ୍ୟର ବିକ୍ରୀଲବ୍ଧ ଧନକୁ ପୋଷ୍ଟ-ଅଫିସ ସେଭିଙ୍ଗ୍ସ୍ ବ୍ୟାଙ୍କ ଓ ପୋଷ୍ଟ ଅଫିସ ଟାଇମ ଡ଼ିପୋଜିଟ୍ ଏକାଉଣ୍ଟରେ ଜମା କରାଇ ପାରିଛନ୍ତି । ଗାଁ ଗଣ୍ଡାରେ ସ୍ୱଳ୍ପ ସଂଚୟ ଆନ୍ଦୋଳନ ସଂଗଠିତ କରାଇବା ପାଇଁ ଏକ୍ସଟ୍ରା ଡ଼ିପାର୍ଟମେଣ୍ଟାଲ ବ୍ରାଞ୍ଚ ପୋଷ୍ଟମାଷ୍ଟରମାନଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ କମିଶନ ଦିଆଯାଉଛି । ଭାରତରେ ୧,୨୦;୦୦,୦୦୦ ପୋଷ୍ଟ ଅଫିସରେ ସଞ୍ଚୟ ବ୍ୟାଙ୍କ ସୁବିଧା ଥିବା ସ୍ଥଳେ ଓଡ଼ିଶାରେ ସଞ୍ଚୟ ବ୍ୟାଙ୍କ୍ ସୁବିଧା ୬,୩୮୨ଟି ପୋଷ୍ଟ ଅଫିସରେ ରହିଛି ।

## ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗଣଚେତନା ସୃଷ୍ଟି କରିବା ଏକ ଅଭିନବ ଉଦ୍ୟମ :—

(କ) ଦାରିଦ୍ର୍ୟର ସୀମାରେଖା ତଳେ ଥିବା ବ୍ୟକ୍ତିମାନଙ୍କର ଅର୍ଥନୈତିକ ଉନ୍ନତି ବଡ଼ଧରଣର ଉନ୍ନୟନମୂଳକ ଯୋଜନା ଉପରେ ନିର୍ଭର କରେ । ଯାହାକି ଅଧିକରୁ ଅଧିକ ସମ୍ବଳ ସଂଗ୍ରହ ଉପରେ ନିର୍ଭର କରେ । ସେଥିପାଇଁ ଏହି ସଂଚୟ ଆନ୍ଦୋଳନକୁ ବିଶେଷ ସକ୍ରିୟ କରିବାପାଇଁ ସ୍ୱେଚ୍ଛାପ୍ରଣୋଦିତ ସଂଚୟ ସଂଗ୍ରହ କରିବା ଦିଗରେ ସେମାନଙ୍କ ସହଯୋଗ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଉଛି ।

(ଖ) ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ କରିବା ଦିଗରେ ଜାତୀୟ ସଂଚୟ ଆନ୍ଦୋଳନ ଏକ ବିଶେଷ ଭୂମିକା ଗ୍ରହଣ କରିପାରିଛି ।

(ଗ) ସ୍ୱଳ୍ପ ସଂଚୟ ଆନ୍ଦୋଳନ ହେଉଛି ଏକ ସାମାଜିକ ଅର୍ଥନୈତିକ କାର୍ଯ୍ୟକ୍ରମ । ଏହାଦ୍ୱାରା ବ୍ୟକ୍ତିଗତ ଓ ଜାତୀୟ ଦୃଷ୍ଟି କୋଣରୁ ସଂଚୟର ଆବଶ୍ୟକତା ଲୋକଙ୍କୁ ବୁଝାଇ ସେମାନଙ୍କର ସମର୍ଥନ ପାଇବା ପାଇଁ ଅଧିକ ଗୁରୁତ୍ୱ ଆରୋପ କରାଯାଉଛି ।

ଏହାକୁ ଆଖିଆଗରେ ରଖି ଭାରତ ସରକାରଙ୍କର ଜାତୀୟ ସଂଚୟ ସଂଗଠନ ରାଜ୍ୟ ସରକାରଙ୍କର ବଳିଷ୍ଠ ସହଯୋଗ କ୍ରମେ ବିଭିନ୍ନ ପ୍ରକାର ଯୋଜନା ପ୍ରଚଳନ କରିଛନ୍ତି ଏବଂ ସ୍ୱଳ୍ପ ସଂଚୟରେ ଅଧିକରୁ ଅଧିକ ଅର୍ଥ ବିନିଯୋଗ କରିବା ପାଇଁ ପ୍ରୋତ୍ସାହିତ କରିଛନ୍ତି । ସେହି ଯୋଜନାମାନଙ୍କ ମଧ୍ୟରୁ କେତୋଟିକୁ ନିମ୍ନରେ ଆଲୋଚନା କରାଗଲା ।

ପେରୋଲ୍ ସଂଚୟ ଯୋଜନା ମାଧ୍ୟମରେ ବିଭିନ୍ନ ସଂସ୍ଥା ମାନଙ୍କରେ ଦରମା ପାଉଥିବା ବ୍ୟକ୍ତିଙ୍କ ଠାରୁ ସଂଚୟ କରାଯାଏ । ଏହା ଫଳରେ ମାସକୁ ମାସ ଦରମା ଟଙ୍କାରୁ ସଂଚୟ ପରିମାଣର ଟଙ୍କା କାଟିନିଆଯାଏ । ଏହିଯୋଜନାର ଉଦ୍ଦେଶ୍ୟ ହେଲା ଜମାକାରୀଙ୍କୁ ପୋଷ୍ଟ ଅଫିସକୁ ଯିବାକୁ ପଡ଼ିବନାହିଁ । ଅଥଚ ସେମାନଙ୍କର ଦରମାରୁ ମାସକୁ ମାସ ସେମାନଙ୍କର ସ୍ୱୀକୃତି ଅନୁସାରେ ପ୍ରଭିଡ଼େଣ୍ଡଫଣ୍ଡ ଭଳି ଟଙ୍କା କାଟି ନିଆଯିବ ଏବଂ ତାଙ୍କ ନାମରେ ପୋଷ୍ଟ ଅଫିସରେ ଖୋଲା ଯାଇଥିବା ସି. ଟି. ଡ଼ି. ବା ରେକରିଂ ଡ଼ିପୋଜିଟ ଏକାଉଣ୍ଟରେ ଜମା ହେବ । ଏହି ଯୋଜନା ନିଯୁକ୍ତିକାରୀଙ୍କୁ ମଧ୍ୟ ସାହାଯ୍ୟ କରେ କାରଣ ଜଣେ ସଞ୍ଚୟୀ ଶ୍ରମିକ ଆର୍ଥିକ ଦିଗରୁ ସ୍ୱଚ୍ଛଳ ଓ ସନ୍ତୁଷ୍ଟ ହୋଇ ଅଫିସ' କିମ୍ବା କାରଖାନାରେ କାମ କରିବାରେ ଅଧିକ ମନୋନିବେଶ କରିପାରେ ।

ଓଡ଼ିଶାରେ ୧୯୭୨-୭୩ ଠାରୁ ଉକ୍ତ ଯୋଜନା ଦ୍ରୁତ ଗତିରେ ଆଗେଇ ଚାଲିଛି । ବେତନପଞ୍ଜି ସଂଚୟ ଯୋଜନା ବା ବହୁ ସରକାରୀ ଓ ବେସରକାରୀ ଶିଳ୍ପ ସଂସ୍ଥାରେ କେନ୍ଦ୍ର ଓ ରାଜ୍ୟ ସରକାରୀ ଅଫିସରେ ଶିକ୍ଷା ଅନୁଷ୍ଠାନମାନଙ୍କରେ ସଂଗଠିତ କରାଯାଇ ପାରିଛି ।


୩୧-୩-୧୯୭୮ ସୁଦ୍ଧା ଓଡ଼ିଶାରେ ବେତନ ପଞ୍ଜି ସଂଚୟ ଯୋଜନାରେ ମୋଟ ସଭ୍ୟ ସଂଖ୍ୟା ୧,୫୦,୦୦୦ ମଧ୍ୟରୁ କେବଳ ରାଉରକେଲା ଇସ୍ପାତ କାରଖାନାର ସଭ୍ୟ ସଂଖ୍ୟା ହେଉଛି ୩୦,୦୦୦ ଏବଂ ଏହି ସଂଚୟ ଗୋଷ୍ଠୀଟି ରାଜ୍ୟସ୍ତରରେ ସର୍ବାପେକ୍ଷା ବଡ଼ଗୋଷ୍ଠୀ । ଏହା ତଳକୁ ହେଉଛି ବିଶ୍ରା ଚୂନପଥର ଖଣିରେ ଥିବା ସଂଚୟ ଗୋଷ୍ଠୀ ଏବଂ ଏହାର ସଭ୍ୟ ସଂଖ୍ୟା ହେଉଛି ୧୦,୦୦୦ । ଓଡ଼ିଶାର ଖଣିମାନଙ୍କରେ ଥିବା ସଂଚୟ ଗୋଷ୍ଠୀ ମାନଙ୍କ ମଧ୍ୟରେ ଏହାର ସ୍ଥାନ ପ୍ରଥମ । ୧୯୭୭-୭୮ ରେ ମୋଟ ଟ ୨,୫୫,୪୮,୩୯୨ ।

ସର୍ବଭାରତୀୟ ସ୍ତରରେ ବେତନ ପଞ୍ଜି ସଂଚୟ ଯୋଜନାରେ ଯେଉଁ ଭଳି ଉଲ୍ଲେଖଯୋଗ୍ୟ ଅଗ୍ରଗତି ହୋଇଛି ତାହା ନିମ୍ନରେ ପ୍ରଦତ୍ତ ହେଲା । ୧୯୭୭ ଅପ୍ରେଲ ସୁଦ୍ଧା ମୋଟ ୬୭,୪୦୨ଟି ଦରମାଖାତା, ସଂଚୟ ଗ୍ରୁପ୍‌ରେ ୬୩·୧୧ ଲକ୍ଷ ଲୋକ ଯୋଗଦାନ କରିଥିଲେ ଏବଂ ୬୯·୯୭ କୋଟି ଟଙ୍କା ଏଥିରେ ସଂଚିତ ହୋଇଥିଲା ।

ଆଶାକରାଯାଏ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ସ୍ୱଳ୍ପ ସଂଚୟ ସୂତ୍ରରୁ ୨୬୦ କୋଟି ଟଙ୍କା ଡ଼ିପୋଜିଟ୍ ଏବଂ ୭୦·୫୦ କୋଟି ଟଙ୍କା ନିଟ୍ ସଂଗ୍ରହ କରାଯାଇପାରିବ ଏବଂ ଏହା ଫଳରେ ରାଜ୍ୟସରକାର ଏହାର ଦୁଇତୃତୀୟାଂଶ ଭାବରେ ୪·୭ କୋଟି ଟଙ୍କା ଋଣ ଆକାରରେ କେନ୍ଦ୍ର ସରକାରଙ୍କ ଠାରୁ ପାଇପାରିବେ ।

ସଂଚୟ ହିଁ ସମୃଦ୍ଧିର ଚାବିକାଠି । ଜାତିକୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଏହାର ଅବଦାନ ଅତୁଳନୀୟ । ତେଣୁ ଆମ ରାଜ୍ୟର ପ୍ରତ୍ୟେକ ଅଧିବାସୀ ଜାତୀୟ ସଞ୍ଚୟ ଯୋଜନାର ଗୁରୁତ୍ୱ ଉପଲବ୍ଧି କରି ଏଥିରେ ଅଧିକରୁ ଅଧିକ ଅର୍ଥ ବିନିଯୋଗ କରିବା ବାଞ୍ଛନୀୟ । ଏହା ପ୍ରଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଜାତୀୟ ସ୍ତରରେ ଆମର ସମ୍ମାନ ବୃଦ୍ଧି କରିବାରେ ସହାୟକ ହେବ ।

ଅବସରପ୍ରାପ୍ତ ଉପନିର୍ଦ୍ଦେଶକ, ସ୍ୱଳ୍ପ ସଂଚୟ ଯୋଜନା
ଅର୍ଥବିଭାଗ, ଭୁବନେଶ୍ୱର



# ମଧୁଶାଳାର ରାତ୍ରି

ମୂଳ ରଚନା—ଗାଲିବ
ଅନୁଲେଖନ—ସାମନ୍ତ ଚନ୍ଦ୍ରଶେଖର ମହାପାତ୍ର

---

(୧)

ଜାଣକି ବନ୍ଧୁ ଭୋଗ ବାସନାର
ସ୍ରୋତରେ ଭସି
ତୁମେ ଯେ ଲଗିଛ ଧ୍ୱଂସ ଦ୍ୱୀପର
କୂଳରେ ଆସି
ଆଘାତ ପାଇ
ଜୀବନ ପୋତ ଯେ ଉଜୁଡ଼ି ଯାଉଛି ଚୂର୍ଣ୍ଣ ହୋଇ ।

ଅକ୍ଷିରେ ତୁମର ଶିକ୍ଷା ଦେବାର ଶକ୍ତି ଥିଲେ
ଶ୍ରବଣେନ୍ଦ୍ରିୟ ଶୁଣିପାରେ ଯଦି ଉପଦେଶରେ
ଅନ୍ତର ଦେଇ ବୁଝ ଏ ବାଣୀ
ମଦ୍ୟଶାଳାର ନାୟିକା ଏଇ ଯେ
ଲୋଭନୀୟ ତାର ତନୁ ତନିମାରେ
ଚେତନ ଶକ୍ତି ଯାଉଛି ଝୁଣି ।

ସଙ୍ଗୀତ ସୁରେ ଜିମିଆଁ କରି
ତନ୍ୱୀ ଗାୟିକା ଇନ୍ଦ୍ରିୟ ଧନ
କରୁଛି ଚୋରି ।

(୨)

ରଜନୀରେ ଏଇ କେତେ ଉତ୍ସବ
କେତେ ଗୀତି କେତେ ଚୁମ୍ବନ ତୋଡ଼ା
କେତେ ସୁମଧୁର ସଙ୍ଗୀତ ସ୍ୱର
ସଂଯୋଗର କି ଅଜବ ଲୀଳା
ତନ୍ୱୀ ଗାୟିକା ମଞ୍ଜୁଳ ଭଳି
ଅମୃତ ଝର ଧରଇ ତୋଳି
ଅତି ସୁକୁମାରୀ ଛନ୍ଦରେ ତାର
ହୃଦୟକୁଞ୍ଜ ଉଠଇ ଭରି ।

ନୟନ କର୍ଣ୍ଣ ବିଳାସେ ମାତି
ହୋଇ ତନ୍ମୟ ସୁଖରେ ଅଛି
ଅନ୍ତରଙ୍ଗ ବିଭବେ ଭୁଲି
ଖେଳୁଥାଆନ୍ତି ଆମୋଦେ ହୋରି
ସ୍ୱପ୍ନ ମଧୁର ଜଗତ ଦୃଷ୍ଟି
ଯିବ ଯା ହଜି
ରାତ୍ରି ଶେଷରେ : ସକଳ ବର୍ଣ୍ଣ ରମ୍ୟରସ
ଏଇ ମନୋଜ୍ଞ ମଧୁର ହସ ।

ପ୍ରଦୀପ ନିଷ୍ପ୍ରଭ ହୁଏ
ତୈଳହୀନ ସ୍ନିଗ୍ଧ ସଳିତା
ଶୀତର ସକାଳେ ଏଠି
ଦେଖେ ତାର ଦୀନ ବାସ୍ତବତା ॥

ବୀରହରେକୃଷ୍ଣପୁର
ପୁରୀ-୨



# ଓଡ଼ିଆ ଲିପି ସଂସ୍କାର

ଶ୍ରୀ ଗୋବନ୍ଦ ଚନ୍ଦ୍ର ଉଦ୍‌ଗାତା

ମନୁଷ୍ୟ ନିଜ ମନୋଭାବ ପ୍ରକାଶ କରିବା ନିମିତ୍ତ ଶିର-ଚକ୍ଷୁ-ହସ୍ତ-ପଦାଦି ଅଙ୍ଗ ସ୍ୱଳନା, ଠାର, ଇଙ୍ଗିତ, ଇସାରା ପ୍ରଭୃତି କରିପାରେ; କିନ୍ତୁ ଏ କାର୍ଯ୍ୟରେ ତା'ର ସର୍ବଶ୍ରେଷ୍ଠ ଉପାୟ ହେଉଛି ତାର ମୁଖରୁ ଉଚ୍ଚାରିତ କେତେ-ଗୁଡ଼ିଏ ବାଗ୍‌ଧ୍ୱନି । ସଂସ୍କୃତ ବ୍ୟାକରଣକାର ମାନେ ଏହି ଧ୍ୱନିଗୁଡ଼ିକୁ ବର୍ଣ୍ଣ ନାମରେ ଅଭିହିତ କରିଛନ୍ତି । ଅର୍ଥ ଦ୍ୟୋତକ ବର୍ଣ୍ଣ ସମଷ୍ଟିକୁ ସେମାନେ ଶବ୍ଦ କହନ୍ତି । ଏହି ପରି ବହୁଶବ୍ଦ କେତେକ ବିଶେଷ ସମ୍ବନ୍ଧରେ ଆବଦ୍ଧ ହୋଇ ସଂପୂର୍ଣ୍ଣ ଅର୍ଥ ପ୍ରକାଶ କଲେ ତାହା ହୁଏ ବାକ୍ୟ । ଏହି ବର୍ଣ୍ଣ, ଶବ୍ଦ, ଅର୍ଥ ଓ ବାକ୍ୟନେଇ ଗଢ଼ା ହୋଇଛି ମଣିଷର ଭାଷା । ଶିକ୍ଷିତ ହେଉ ବା ନ ହେଉ, ଲେଖିବା ପାଇଁ ସାମର୍ଥ୍ୟ ଥାଉ ବା ନ ଥାଉ ମଣିଷପିଲା ଜନ୍ମପରେ ମାତ୍ର ଅଳ୍ପ କେତେମାସ ମଧ୍ୟରେ ହୁଁ, ହାଁ, କୁଁ, କାଁ, ପ୍ରଭୃତି ଧ୍ୱନି ଉଚ୍ଚାରଣ କରେ ଏବଂ ପରେ ଚାରିପାଖରେ ଥିବା ସମାଜରୁ ଅନୁକରଣ କରି ସବୁପ୍ରକାର ଅର୍ଥପୂର୍ଣ୍ଣ କଥା କହିଯାଏ ଅର୍ଥାତ୍ ଭାଷାର ଅଧିକାରୀ ହୋଇପାରେ । ମଣିଷର ମୁଖ ମଧ୍ୟରେ ତାହାର ବାକ୍‌ଯନ୍ତ୍ର ଦ୍ୱାରା ସୃଷ୍ଟ ବିବିଧ ଧ୍ୱନି ବା ବର୍ଣ୍ଣ ମନର ଭାବ ଅନୁଯାୟୀ ବିବିଧ କ୍ରମନିୟମ ରକ୍ଷାକରି ଯୋଡ଼ି ହୋଇଯାଏ ଏବଂ ସୃଷ୍ଟିକରେ ତା'ର ଭାଷା । ବାସ୍ତବିକ୍, ଭାଷା କହିଲେ ମୁଖ ଉଚ୍ଚାରଣ ଲବ୍ଧ କଥା ବା କଥିତ ଭାଷାକୁ ହିଁ ଗ୍ରହଣ କରାଯାଏ ।

କିନ୍ତୁ କଥିତଭାଷା ଏବଂ ତହିଁରେ ପ୍ରକାଶିତ ଭାବ-ସଂପଦ ଉଚ୍ଚାରଣ ପରେ ପରେ ବାୟୁ ମଧ୍ୟରେ ମିଳାଇ-ଯାଏ । କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏବଂ ନିର୍ଦ୍ଦିଷ୍ଟ କାଳରେ ଯେଉଁ ଭାଷା ବ୍ୟବହାର କରନ୍ତି ତାହାକୁ ଭିନ୍ନ ସ୍ଥାନରେ ଏବଂ ପରବର୍ତ୍ତୀ ସମୟରେ ଉପସ୍ଥାପିତ କରିବା ଲାଗି ବୁଦ୍ଧିମାନ ମଣିଷ କେଉଁ ଦୂର ଅଜ୍ଞାତ ଅତୀତରେ ପ୍ରଥମେ କେତେ ପ୍ରକାର ରୈଖିକ ଚିହ୍ନ ଅଥବା ଚିତ୍ର ବ୍ୟବହାର କରିଥିଲା । କହିବା ବାହୁଲ୍ୟ ଏଚିତ୍ର ବା ସାଂକେତିକ ଚିହ୍ନ ଗୁଡ଼ିକ ଦ୍ୱାରା କେତେକ ସ୍ଥୂଳ ଭାବସୂଚନା ମାତ୍ର ଦିଆଯାଇ ପାରୁଥିଲା । ପ୍ରକୃତରେ ଭାଷାକୁ ଅବିକଳ ଧରି ରଖିବାର ଉପାୟ ହେଉଛି ମୌଳିକ ଭାବେ ଉଚ୍ଚାରିତ ହେଉଥିବା ବର୍ଣ୍ଣମାନଙ୍କୁ ଚିହ୍ନି ପ୍ରତ୍ୟେକଟିର ସୂଚନା ଦେବା ନିମିତ୍ତ ସ୍ୱତନ୍ତ୍ର ଚିତ୍ର ଉଦ୍ଭାବନ କରିବା । ଉଦାହରଣ ସ୍ୱରୂପ ଅ, ଆ, କ, ଠ, ମ, ସ, ପ୍ରଭୃତି ଯେଉଁ ପୃଥକ୍ ବର୍ଣ୍ଣସବୁ ଉଚ୍ଚାରିତ ହେଉଛି ପ୍ରତ୍ୟେକଟିକୁ ସୂଚିତ କରିବା ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ରେଖାଚିତ୍ର କଳ୍ପନା କରିବା । ଏହି ସାଂକେତିକ ଚିତ୍ରଗୁଡ଼ିକର ନାମ ଲିପି । ଓଡ଼ିଆରେ ଆମେ ବର୍ଣ୍ଣମାଳା ବା ଅକ୍ଷର କହିଲେ ଯେଉଁ ଚିତ୍ର ରୂପଗୁଡ଼ିକ ବୁଝୁଁ ସେମାନେ ଆମ କଣ୍ଠଦ୍ୱାରା ଉଚ୍ଚାରିତ ଗୋଟିଏ ଗୋଟିଏ ବର୍ଣ୍ଣ ବା ଧ୍ୱନିର ସଂକେତ ବହନ କରନ୍ତି । ଗୋଟିଏ କଥାରେ କହିଲେ ବର୍ଣ୍ଣର ସୂଚନାକାରୀ ସାଙ୍କେତିକ ଚିହ୍ନ ହିଁ ଲିପି । ଓଡ଼ିଆ ଭାଷାରେ ଉଚ୍ଚାରିତ ବର୍ଣ୍ଣମାନଙ୍କର ଲିଖିତ ଚିତ୍ରାକାର ରୂପ ହେଉଛି ଓଡ଼ିଆ ଲିପି । ଲିପି ସାହାଯ୍ୟରେ ମଣିଷର କଥିତ ଭାଷା ଲିଖିତ ରୂପ ଗ୍ରହଣ କରିଥାଏ । ସ୍ଥାନ କାଳର ସୀମା ଅତିକ୍ରମ କରି ମଣିଷର ଭାଷାକୁ ସ୍ଥାୟୀ ଆକାର ଦେବାରେ ଲିପି ହିଁ ସହାୟକ । କିନ୍ତୁ ତଥାପି ସ୍ମରଣ କରିବାକୁ ହେବଯେ ଏହି ସାଙ୍କେତିକ ଲିପିଗୁଡ଼ିକର କ୍ରମିକ ପରି-ମାର୍ଜ୍ଜନା ହେଉଥିଲେ ହେଁ କୌଣସି ମଣିଷର କଣ୍ଠନିଃସୃତ ଭାଷାକୁ ଅବିକଳ ଲିଖିତ ରୂପ ଦେବା ଏକପ୍ରକାର ଅସମ୍ଭବ ବ୍ୟାପାର । ଏହି ଦୃଷ୍ଟିରୁ ଗ୍ରାମଫୋନ, ଟେପ୍‌ରେକର୍ଡ, ରେଡ଼ିଓ ପ୍ରଭୃତି ବୈଜ୍ଞାନିକ ଯନ୍ତ୍ରର ଉପଯୋଗିତା ସ୍ୱୀକାର କରିବାକୁ ହୁଏ ।

ଓଡ଼ିଆ ଲିପି ସହିତ ଆମର ପ୍ରଥମ ପରିଚୟ ଘଟେ ଖଡ଼ିଛୁଆଁ ଦିନଠାରୁ । ସ୍ୱରବର୍ଣ୍ଣ, ବ୍ୟଞ୍ଜନବର୍ଣ୍ଣ, ଯୁକ୍ତାକ୍ଷର ଏବଂ ନାନାପ୍ରକାର ମାତ୍ରା ଓ ଫଳା ଏହି ସବୁ ସାଙ୍କେତିକ ଚିହ୍ନ ଗୁଡ଼ିକ ଦ୍ୱାରା ଆମ ମୁଖରେ ଉଚ୍ଚାରିତ ଓଡ଼ିଆ କଥା ଗୁଡ଼ିକୁ ଲିଖିତ ରୂପ ଦିଆଯାଏ । ଏହି ଚିତ୍ରରୂପଗୁଡ଼ିକ ଆଜିର ପ୍ରିଣ୍ଟିଂପ୍ରେସର ପ୍ରଭାବରେ ଏକ ନିର୍ଦ୍ଦିଷ୍ଟ ଏବଂ ସ୍ଥାୟୀ ରୂପ ପାଇଗଲେଣି । କିନ୍ତୁ ଏଗୁଡ଼ିକର ଆକାର, ମୂଳରୁ ଏପରି ନ ଥିଲା । ପ୍ରାୟ ୨୩୦୦ ବର୍ଷ ପୂର୍ବେ ଆମ ଓଡ଼ିଶାର ଜଉଗଡ଼, ଧଉଳିଗିରି ଏବଂ ଅନ୍ୟତ୍ର ଭାରତର ବହୁସ୍ଥାନରେ ଖୋଦିତ ଅଶୋକଙ୍କ ପାଲିଭାଷାର ଅନୁଶାସନ ସବୁ

ଯେଉଁ ଲିପିରେ ଖୋଦିତ ହୋଇଛି ତାହାକୁ ପ୍ରାଚୀନ ବ୍ରାହ୍ମୀଲିପି କହନ୍ତି । ଖ୍ରୀଷ୍ଟପୂର୍ବ ତୃତୀୟ ଚତୁର୍ଥ ଶତାବ୍ଦୀର ଏହି ବ୍ରାହ୍ମୀଲିପି ସହିତ ପ୍ରାଚୀନ ଗ୍ରୀକ୍ ଓ ମିଶରୀୟ ଲିପିର ମଧ୍ୟ ସୌସାଦୃଶ୍ୟ ଦେଖାଯାଏ । ସ୍ମରଣ ରଖିବାକୁ ହେବଯେ ଭାରତରେ ଲିପି ଉଦ୍ଭାବନର ଇତିହାସ ଆହୁରି ଦୂର ତିନି ହଜାର ପ୍ରାଚୀନ । ସିନ୍ଧୁ ଉପତ୍ୟକାର ମହେଞ୍ଜୋଦାରୋ ଏବଂ ହରପ୍ପାରେ ଆବିଷ୍କୃତ ମୁଦ୍ରାମାନଙ୍କରେ ଥିବା ଲିପି ଏହାର ପ୍ରମାଣ । କିନ୍ତୁ ଏହାର ପାଠୋଦ୍ଧାର ଏ ପର୍ଯ୍ୟନ୍ତ ସମ୍ଭବ ହୋଇ ନ ଥିବାରୁ ସେହି ପ୍ରାଚୀନ ବ୍ରାହ୍ମୀଲିପିକୁ ହିଁ ମୂଳବୋଲି ଧରିବାକୁ ହୁଏ । ଖଣ୍ଡଗିରି ଉଦୟଗିରିରେ ଜୈନ ସମ୍ରାଟ୍ ଖାରବେଳଙ୍କ ହାତୀଗୁମ୍ଫା ଅନୁଶାସନରେ ବ୍ୟବହୃତ ଲିପି ମଧ୍ୟ ବ୍ରାହ୍ମୀ କିନ୍ତୁ ଏଥିରେ ଅଶୋକ କାଳର ଲିପିରେ ସାମାନ୍ୟ ବିକାଶ ଦେଖାଯାଉ ଥିବାରୁ ଏହାକୁ ପରବର୍ତ୍ତୀ ବ୍ରାହ୍ମୀ ଆଖ୍ୟା ଦିଆଯାଇଛି । ବିଶାଳ ଭାରତର ବିଭିନ୍ନ ଅଞ୍ଚଳର ଲେଖକମାନଙ୍କ ସୁବିଧା ଅସୁବିଧା , ହସ୍ତପଟୁତା, ସୌନ୍ଦର୍ଯ୍ୟବୋଧ ଏବଂ କୌଳିକ ପରଂପରା ପ୍ରଭୃତି କାରଣରୁ ସେହି ମୂଳ ବ୍ରାହ୍ମୀ ଲିପିର ରେଖାସବୁର ମୁଣ୍ଡ ଉପରେ ଗୋଟିଏ ଗୋଟିଏ ଅଧିକ ଗାର, ମୁଣ୍ଡୁଳା, ତ୍ରିକୋଣ ଅଥବା ଚତୁଷ୍କୋଣ ଚିହ୍ନର ବ୍ୟବହାର ପରବର୍ତ୍ତୀ କାଳର ଶିଳାଲେଖ ଏବଂ ଧାତୁଲେଖମାନଙ୍କରେ ଦେଖାଯାଏ । ଲିପିତତ୍ତ୍ୱବିଦ୍ ପଣ୍ଡିତମାନଙ୍କର ବିଶ୍ୱାସ ଯେ ଏହାଫଳରେ ଭାରତର ବିଭିନ୍ନ ଅଞ୍ଚଳରେ ତାଳପତ୍ର ଲେଖନର ବ୍ୟବହାର ଥିବାରୁ ଏବଂ ସିଧାଗାର ଯୋଗୁଁ ସେହି ମୂଳ ବ୍ରାହ୍ମୀଲିପିର ରୂପ ଭିନ୍ନ ଭିନ୍ନ ହୋଇଯାଇଛି । ଓଡ଼ିଶାରେ ତାଳପତ୍ର ଚିରିଯିବା ଭୟ ଥିବାରୁ ଓଡ଼ିଶାର ଲେଖକମାନେ ଅକ୍ଷରଗୁଡ଼ିକୁ ଗୋଲ ଗୋଲ କରୁଥିଲେ । ଦେବନାଗରୀ ଓ ବଙ୍ଗଳା ପ୍ରଭୃତି ଲିପିର ଗଠନ ସହିତ ଓଡ଼ିଆ ଲିପିର ତୁଳନା କଲେ ସ୍ପଷ୍ଟ ଜଣାପଡ଼େ ଯେ ଏହି ଗୋଲାକାର ଗଠନ ହିଁ ସେମାନଙ୍କର ମୁଖ୍ୟ ପାର୍ଥକ୍ୟ । ଓଡ଼ିଆ ଶିଳାଲେଖ ଏବଂ ଧାତୁଲେଖମାନଙ୍କରୁ ଦେଖିବାକୁ ମିଳେ ଯେ ସାରଳାଦାସଙ୍କ ସମୟକୁ ଅର୍ଥାତ୍ ପଞ୍ଚଦଶ ଶତାବ୍ଦୀର ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟକୁ ଓଡ଼ିଆ ଲିପି ତାହାର ନିର୍ଦ୍ଦିଷ୍ଟ ରୂପ ଗ୍ରହଣ କରି ସାରିଥିଲା । ପରବର୍ତ୍ତୀ କାଳରେ ଦ୍ରୁତ ଲିଖନର ସୁବିଧା ପାଇଁ ଏ ଦେଶର ଲେଖକମାନେ ଯେଉଁ କରଣୀଲିପି ବ୍ୟବହାର କରୁଥିଲେ ତାହା ମଧ୍ୟ ଏକ ବିକାଶ । କିନ୍ତୁ ଊନବିଂଶ ଶତାବ୍ଦୀର ପ୍ରଥମ ପାଦରେ କାଗଜ ଓ ପ୍ରେସ ଯୁଗର ପ୍ରବର୍ତ୍ତନ ପରେ ଖ୍ରୀଷ୍ଟିୟାନ ମିଶନାରୀମାନେ ପ୍ରଥମେ ଯେଉଁ ଧର୍ମପୁସ୍ତକ କଲିକତାରେ ଛପାଇ ଥିଲେ ତହିଁରେ ଓଡ଼ିଆ ଲିପିର ପ୍ରକୃତି ନିର୍ଦ୍ଦିଷ୍ଟ ହୋଇଯିବା ଦିଗରେ କାର୍ଯ୍ୟ ଆରମ୍ଭ ହୋଇଥିଲା ।

ଏହି ପ୍ରସଙ୍ଗରେ ତା ୮ । ୮ । ୧୮୬୮ ରେ ଛାପାହୋଇଥିବା 'ଉତ୍କଳ ପୁତ୍ର' ପତ୍ରିକାର ୧୧ଶ ଭାଗ ୩୨ ସଂଖ୍ୟାରେ ଶ୍ରୀ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ଯେଉଁ ବିଜ୍ଞାପନ ଛପାଇ ଥିଲେ ତହିଁରେ ସେ ଉଲ୍ଲେଖ କରିଥିଲେ—"ଆମମାନଙ୍କ ମାତୃଭାଷାରେ ଯେଉଁସବୁ ଅକ୍ଷର ଓ ଯୁକ୍ତାକ୍ଷର ଅଛି ସେଥିମଧ୍ୟରୁ କେତେକ ଅକ୍ଷରର ଟାଇପ୍ ଅବଧି ଗଢ଼ା ହୋଇନଥିଲା । ମୁଁ ସେଥିମଧ୍ୟରୁ ଦୁଇ ସରିପ୍ରକାରର ଟାଇପ୍ ଗଢ଼ାଇଅଛି ଇତ୍ୟାଦି " । 'ଞ୍ଚ' ଏବଂ 'ଞ୍ଜ' ପ୍ରଭୃତି କେତେକ ଅକ୍ଷର ସଂପର୍କୀୟ ଏହି ବିଜ୍ଞାପନରେ ସେ ପୁଣି ଲେଖିଥିଲେ ଯେ ସେ ଆହୁରି କେତେକ ଟାଇପ୍ ଗଢ଼ାଇବାକୁ ମଧ୍ୟ ମନସ୍ଥ କରିଥିଲେ । ଏଥିରୁ ମନେହୁଏ ଏହି ଅକ୍ଷର ଯୁକ୍ତାକ୍ଷର ସବୁ ତାହାର ନିର୍ଦ୍ଦିଷ୍ଟ ଛାପା ରୂପ ନେଲାବେଳକୁ ଊନବିଂଶ ଶତାବ୍ଦୀ ପ୍ରାୟ ସରିଯାଇଛି । ପ୍ରାୟ ୯୫ ବର୍ଷତଳେ ପ୍ରଥମଥର ପାଇଁ ପ୍ରକାଶିତ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧରେ ବ୍ୟବହୃତ ଅକ୍ଷର ଯୁକ୍ତାକ୍ଷର ଯାହା ଥିଲା ତାହାକୁ ଓଡ଼ିଆ ଲିପି ବିକାଶର ଶେଷ ସ୍ତର କୁହାଯାଇ ପାରେ ।

ଓଡ଼ିଆ ଲିପିର ଏହି ବିକାଶ ଓ ବିବର୍ତ୍ତନ ମଧ୍ୟରେ ତାହାର ଏକ ପରିବର୍ତ୍ତନ ତଥା ସଂସ୍କାର ଘଟିଛି । ଏଥିରେ ଲକ୍ଷ୍ୟ ଥିଲା ଆମେ କଥିତ ଭାଷାରେ ଯେତେ ଉଚ୍ଚାରଣ କରୁ ସବୁକୁ ସୁନିର୍ଦ୍ଦିଷ୍ଟ ଓ ସ୍ୱତନ୍ତ୍ର ରୂପ ଦେବା । କିନ୍ତୁ ଶତାଧିକ ସଂଖ୍ୟାର ଅକ୍ଷର ଯୋଗୁଁ ଆମର ମୁଦ୍ରଣଶିଳ୍ପ ଯେଉଁ ଅସୁବିଧାର ସମ୍ମୁଖୀନ ହେଲା ବିଂଶ ଶତାବ୍ଦୀର ଆରମ୍ଭରେ ତାହା ଆମର କେତେକ ପଣ୍ଡିତଙ୍କର ଦୃଷ୍ଟି ଆକର୍ଷଣ କଲା । ସତ୍ୟବାଦୀ ସ୍କୁଲର ଗୋପବନ୍ଧୁ ପ୍ରଭୃତି ନେତାମାନେ ପ୍ରଥମେ ଓଡ଼ିଆ ଲିପିର ସଂସ୍କାରକୁ ଏକ ନୂଆ ବିଚାରଧାରା ରୂପେ ଉପସ୍ଥାପିତ କରିଥିଲେ । ୧୯୧୩ ରେ ପଣ୍ଡିତ ନୀଳକଣ୍ଠ ଦାସ, ଗୋପାଳଚନ୍ଦ୍ର ପ୍ରହରାଜ, ବିଶ୍ୱନାଥ କର ପ୍ରଭୃତି ଭାଷା—ସାହିତ୍ୟ ବିଶାରଦମାନେ ଏ ବିଷୟରେ ସେମାନଙ୍କୁ ସୁଚିନ୍ତିତ ମତ ଦେଇ ବର୍ଗ୍ୟ ବର୍ଣ୍ଣ ପୂର୍ବରୁ ଅନୁସ୍ୱାର ଲଗାଇ ପଞ୍ଚମ ବର୍ଣ୍ଣ ଘଟିତ ଯୁକ୍ତାକ୍ଷର ତିଆରି କରିବା ଏବଂ 'ରେଫ' ଯୋଗରେ ଅକ୍ଷରର ଦ୍ୱିତ୍ୱ ପରିହାର କରିବାକୁ ମତ ଦେଇଥିଲେ । ଏହା ଫଳରେ ଙ୍କ, ଙ୍ଗ, ମ୍ପ, ଞ୍ଚ, ନ୍ତ, ଣ୍ଡ ପ୍ରଭୃତି ଯୁକ୍ତାକ୍ଷର ଗୁଡ଼ିକୁ ନ ରଖି ଅନୁସ୍ୱାର ସାହାଯ୍ୟରେ ମୁଦ୍ରଣ କାର୍ଯ୍ୟ ଚଳିଥାନ୍ତା । କିନ୍ତୁ ସଂସ୍କୃତପ୍ରେମୀ ପ୍ରାଚୀନ ପନ୍ଥୀମାନେ ଏହା ସଂସ୍କୃତ ବ୍ୟାକରଣର ବିରୋଧୀ ହୋଇ ନ ଥିଲେ ମଧ୍ୟ କେବଳ ଚିରାଚରିତ ଅଭ୍ୟାସର ମୋହଯୋଗୁଁ ଏହାର ବିରୋଧ କଲେ । ଫଳତଃ ନବୀନମାନଙ୍କ ମଧ୍ୟରେ ଏହା ଏକ ଆନ୍ଦୋଳନରେ ପରିଣତ ହେଲା । ପଣ୍ଡିତ ନୀଳକଣ୍ଠ ଦାସ ସେହି ଦିନଠାରୁ ନିଜନାମର ବନାନ ବଦଳାଇ ଲେଖିଲେ 'ଣ' ଅନୁସ୍ୱାର 'ଂ' କଂଠ ଏବଂ ଜୀବନର ଶେଷକାଳ ପର୍ଯ୍ୟନ୍ତ ସେ ସେହି ରୀତିରେ ଆଚରଣ କରିଗଲେ ।

ଓଡ଼ିଆ ଟାଇପ୍ ମିସିନ୍ ତିଆରି କରିବା ପ୍ରଶ୍ନ ଯେତେବେଳେ ଉଠିଲା ସେତେବେଳେ ମଧ୍ୟ ଦେଖାଗଲା ଯେ ଓଡ଼ିଶାର ଶତାଧିକ ଅକ୍ଷର ନେଇ କୀ ବୋର୍ଡ ତିଆରି କରି ହେବ ନାହିଁ । ଗଞ୍ଜାମନିବାସୀ ରଙ୍ଗନାଥ ମହାପାତ୍ର ଏହି ଦିଗରେ ଦୀର୍ଘ ଦିନଧରି ଚେଷ୍ଟା କରିଥିଲେ । ଟାଇପ୍ ମିସିନ୍ ସହିତ ସରକାରୀ ଶାସନ ବ୍ୟବସ୍ଥାର ଘନିଷ୍ଠ ସଂପର୍କ ରହୁଥିବାରୁ ସରକାର ମଧ୍ୟ ଏ ବିଷୟରେ ଆଗ୍ରହୀ ଥିଲେ । ବହୁ ଆଲୋଚନା ପରେ ସରକାରୀ ସ୍ତରରେ ଟାଇପ୍‌ମିସିନ୍‌ର କୀ' ବୋର୍ଡ ସ୍ୱୀକୃତ ହେଲାପରେ ଓଡ଼ିଆ ଟାଇପ୍‌ରାଇଟର୍ ତିଆରି ହେଲା । ଏଥିରେ

ଓଡ଼ିଆ ଯୁକ୍ତାକ୍ଷର ବ୍ୟବସ୍ଥାକୁ ସରଳ କରିବାଲାଗି ଅନୁସ୍ୱାର ପରବର୍ତ୍ତୀ ବର୍ଗ୍ୟବର୍ଣ୍ଣ ପ୍ରୟୋଗ ସହିତ ହଳନ୍ତ ଗାରଟିଏ ବ୍ୟାପକଭାବେ ବ୍ୟବହୃତ ହେଲା । କିନ୍ତୁ ଓଡ଼ିଆ ଲେଖାର ସ୍ୱାଭାବିକ ବନାନ ରକ୍ଷା କରିବାକୁ ତିନିଗୋଟି ସ, ଦୁଇଟି 'ଜ' ଓ ହ୍ରସ୍ୱଦୀର୍ଘ ମାତ୍ରାମାନ ଅପରିବର୍ତ୍ତିତ ରହିଲା ।

ମୁଦ୍ରଣଶିଳ୍ପ ଏବଂ ଟାଇପ୍‌ରାଇଟର୍ ଆନ୍ଦୋଳନ ସହିତ ଲିପି ସଂସ୍କାର ପ୍ରଶ୍ନ ସଂଯୁକ୍ତ; କାରଣ ଅକ୍ଷର ସଂଖ୍ୟା କମିଗଲେ ଏବଂ ଜଟିଳ ଅକ୍ଷରର ରୂପ ସରଳ ହୋଇ ପାରିଲେ ମୁଦ୍ରଣ ସୁବିଧାଜନକ ଓ ସୁନ୍ଦର ହେବ । କିନ୍ତୁ ଲିପି ସଂସ୍କାରର ଆବଶ୍ୟକତା ମୂଳରେ ବିଶେଷ କାରଣ ରହିଛି । କଥିତ ଭାଷାକୁ ଲିଖିତ ରୂପ ଦେବା ପାଇଁ ଲିପି ପରିକଳ୍ପିତ ହୋଇଥାଏ । ପକ୍ଷାନ୍ତରେ ଭାଷାର ଲିଖିତ ରୂପ ମଧ୍ୟ ଏପରି ହେବା ଉଚିତ ଯେ ତାହା ପାଠକରିଦେବା ମାତ୍ରେ ଠିକ୍ ଓଡ଼ିଆ ପରି ଶୁଭୁଥିବ । ଆମ ଓଡ଼ିଆ ଲିପି ଏଦୃଷ୍ଟିରୁ ଯଥାର୍ଥ ହେଉନାହିଁ, କାରଣ ଆଧୁନିକ ଭାଷା ବିଜ୍ଞାନ ଭାଷାର କଥିତ ରୂପ ଉପରେ ଯେଉଁ ଗୁରୁତ୍ୱ ଆରୋପ କରେ ସେ ଦୃଷ୍ଟିରୁ ଆମ ଓଡ଼ିଆ ଲିପିରେ କେତେକ ଅନାବଶ୍ୟକ ଅକ୍ଷର ଅନ୍ତର୍ଭୁକ୍ତ ହୋଇଛି । ଉଦାହରଣ ସ୍ୱରୂପ ଆମେ ଓଡ଼ିଆରେ ତିନୋଟି 'ସ' ଲେଖୁଁ—ତାଲବ୍ୟ 'ଶ' ମୂର୍ଦ୍ଧନ୍ୟ 'ଷ', ଦନ୍ତ୍ୟ 'ସ' । ସଂସ୍କୃତ ନିୟମ ଅନୁସାରେ ଯେଉଁ ଶବ୍ଦର ବନାନରେ ଏହି 'ସ' ର ପାର୍ଥକ୍ୟ ରହିଛି ତାହା ଠିକ୍ ସେହିପରି ଲେଖିବାକୁ ହୁଏ । କିନ୍ତୁ ଆମେ କଥାବାର୍ତ୍ତାରେ ଗୋଟିଏ ମାତ୍ର 'ସ' ଉଚ୍ଚାରଣ କରୁଁ— ତାହା ହେଉଛି ଦନ୍ତ୍ୟ 'ସ' । ତେଣୁ ଓଡ଼ିଆ ଲିପି ମାଳାରେ ତାଲବ୍ୟ 'ଶ' ଏବଂ ମୂର୍ଦ୍ଧନ୍ୟ 'ଷ' ଅକ୍ଷର ଯୋଡ଼ିକ ଅନାବଶ୍ୟକ । ଲିପିର ସଂସ୍କାର କରି ଏହି ବର୍ଣ୍ଣଦ୍ୱୟ ପରିହାର କଲେ ଆମ ଓଡ଼ିଆ ଭାଷାର ପ୍ରକୃତ ସ୍ୱରୂପ ସୁରକ୍ଷିତ ହେବ । ତେଣୁ ପରବର୍ତ୍ତୀ କାଳରେ ଏହି ଭାଷାବିଜ୍ଞାନ ସମ୍ମତ ପ୍ରୟୋଜନ ହେଲା ଓଡ଼ିଆ ଲିପି ସଂସ୍କାର ଆନ୍ଦୋଳନର ପ୍ରତ୍ୟକ୍ଷ କାରଣ ।

ତେଣୁ ଓଡ଼ିଶା ସରକାର ୧୯୩୯ ରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଓଡ଼ିଆ ଭାଷାରେ ବର୍ଣ୍ଣର ଶୁଦ୍ଧାଶୁଦ୍ଧତ୍ୱ ବିଚାର କରିବାକୁ ଏକ କମିଟି ନିଯୁକ୍ତ କରିଥିଲେ । ଗୋପାଳଚନ୍ଦ୍ର ପ୍ରହରାଜ, ଗୋଦାବରୀଶ ମିଶ୍ର, ଶ୍ୟାମଚନ୍ଦ୍ର ତ୍ରିପାଠୀ, ପ୍ରାଣକୃଷ୍ଣ ପରିଜା, ଆର୍ତ୍ତବଲ୍ଲଭ ମହାନ୍ତି, ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ସେ କାଳର ବଛାବଛା ସାହିତ୍ୟିକ, ଭାଷାବିତ୍ ଏବଂ ଶିକ୍ଷାବିତ୍‌ମାନେ ତାହାର ସଭ୍ୟ ଥିଲେ । ସେମାନେ ଯେଉଁ ସୁଚିନ୍ତିତ ମତ ଦେଇଥିଲେ ତାହା 'ନବଭାରତ' ପତ୍ରିକାର ୧୯୩୯ ଜୁଲାଇ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ତାହାର ସାରକଥା ହେଲାଯେ ଓଡ଼ିଆରେ ଗୋଟିଏ 'ଇ' କାର, ଗୋଟିଏ 'ଉ' କାର ରହିବ, ପଞ୍ଚମ ବର୍ଣ୍ଣ ସହ ମିଶି ଯେତେ ଯୁକ୍ତାକ୍ଷର ସେ ସବୁ ବଦଳରେ ଅନୁସ୍ୱାର ପ୍ରୟୋଗ କରାଯିବ; 'କ୍ଷ' କୁ ଲେଖାଯିବ 'ଖ' ରେ 'ଯ' ଫଳା, 'ଜ୍ଞ' କୁ ଲେଖାଯିବ 'ଗ' ରେ 'ଯ' ଫଳା ଚନ୍ଦ୍ରବିନ୍ଦୁ, ଦୁଇଟି 'ଜ' ପରିବର୍ତ୍ତେ ଗୋଟିଏ 'ଜ' ରହିବ ଏବଂ ତିନୋଟି 'ସ' ପରିବର୍ତ୍ତେ ଗୋଟିଏ 'ସ' ରହିବ । କହିବା ବାହୁଲ୍ୟ ଏ ପରାମର୍ଶ ଗୁଡ଼ିକ ଅତ୍ୟନ୍ତ ଉପାଦେୟ ଏବଂ ତଦନୁଯାୟୀ ଲିପିର ସଂସ୍କାର ମଧ୍ୟ ଏକାନ୍ତ କାମ୍ୟ ।

କିନ୍ତୁ ୧୯୩୯ ପରେ ଆହୁରି ପ୍ରାୟ ୪୦ ବର୍ଷ ବିତି ଯାଇଛି । କେତେ ଉତ୍ସାହୀ ବ୍ୟକ୍ତି ଏ ସଂସ୍କାରକୁ କାର୍ଯ୍ୟରେ ପରିଣତ କରିବାଲାଗି ଉଦ୍ୟମ କରିଯାଇଛନ୍ତି । ଡକ୍ଟର ମାୟାଧର ମାନସିଂହ ତାଙ୍କର 'ସମାଜ ଓ ସାହିତ୍ୟ' ନାମକ ଏକ ପୁସ୍ତକ ଏହି ନିୟମରେ ଛପାଇଥିଲେ ଏବଂ ସେତେବେଳେ ପତ୍ର ପତ୍ରିକାରେ ମଧ୍ୟ ସେହିପରି କେତେକ ଲେଖା ଛପା ହୋଇ ବାହାରିଗଲା; କିନ୍ତୁ ଆମ ଭାଷାର ଲିଖିତ ପ୍ରୟୋଗ ମଧ୍ୟରେ କେତେକ ଅବୈଜ୍ଞାନିକ ଭ୍ରାନ୍ତ ଅଭ୍ୟାସ ଏପରି ଦୃଢ଼ୀଭୂତ ହୋଇ ଯାଇଛି ଯେ ଅଳ୍ପ କେତେଜଣଙ୍କ ଚେଷ୍ଟା ବା ଆଦେଶରେ ତାହା ବଦଳିବ ନାହିଁ । ଏ ଧରଣର ମୌଳିକ ସଂସ୍କାରକୁ କାର୍ଯ୍ୟକାରୀ କରିବାଲାଗି ସମାଜର ସବୁସ୍ତରରେ ଏହାର କାର୍ଯ୍ୟାରମ୍ଭ ପୂର୍ବରୁ ପ୍ରାଥମିକ ଶିକ୍ଷକମାନଙ୍କ ମନରେ ଏହି ସଂସ୍କାରର ପ୍ରୟୋଜନ ଏବଂ ସାର୍ଥକତା ବିଷୟରେ ଧାରଣା ଜନ୍ମାଇବା ବିଧେୟ । ପାଠ୍ୟ ପୁସ୍ତକର ନୂତନ ଧରଣର ମୁଦ୍ରଣ ସଂଗେ ସଂଗେ ପତ୍ରିକା ଓ ଅନ୍ୟାନ୍ୟ ଦୈନନ୍ଦିନ ପ୍ରକାଶନରେ ମଧ୍ୟ ସଂସ୍କାର ଭିତ୍ତିକ ମୁଦ୍ରଣ ଅନୁସୃତ ହେବା ଉଚିତ । ସ୍ୱତଃ ଶିକ୍ଷକ, ଛାତ୍ର, ପାଠକ, ଲେଖକ, ପ୍ରକାଶକ, ମୁଦ୍ରକର, ସମସ୍ତେ ସକ୍ରିୟ ସହଯୋଗ ନ କଲେ ଏ ଧରଣର ବ୍ୟାପକ ତଥା ମୌଳିକ ସଂସ୍କାରକୁ କାର୍ଯ୍ୟକାରୀ କରିବା ସମ୍ଭବ ହେବନାହିଁ । କହିବା ବାହୁଲ୍ୟ ଏ ଦିଗରେ ଯୁବଶକ୍ତିର ସଚେତନତା ଅତୁଟ ରହିଲେ ରକ୍ଷଣଶୀଳ ଚିନ୍ତାଧାରାର ପରିବର୍ତ୍ତନ ଅଧିକ ସମୟସାପେକ୍ଷ ହେବନାହିଁ ।

ଅଧ୍ୟାପକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ
ସମ୍ବଲପୁର ।



# ଇତିହାସରେ କଟକର ଝଲକ

ଶ୍ରୀ ଆର୍. ପି. ଶାସ୍ତ୍ରୀ

ଓଡ଼ିଶାର ଶହ ଶହ ବର୍ଷର ଇତିହାସ ଆମର ଏହି କଟକ ସହରର ଇତିହାସରୁ ହିଁ ପରିପୁଷ୍ଟ ହୋଇଆସିଛି । ଭାରତରେ କଟକ ସହର ଏକ କ୍ଷୁଦ୍ରତମ ସହର୍ ହେଲେହେଁ ଏହି ସହରର ବକ୍ଷରେ ପ୍ରାୟ ହଜାର ବର୍ଷର ଇତିହାସ ମହାନଦୀ ଅପର ପାର୍ଶ୍ୱ ଠାରୁ ଆରମ୍ଭ କରି କାଠଯୋଡ଼ିର ଅପର ପାର୍ଶ୍ୱ ପର୍ଯ୍ୟନ୍ତ ସବୁଠି ବିଦ୍ୟମାନ ରହିଛି। କଟକର ବାରବାଟୀ ଦୁର୍ଗ, ତନ୍ମଧ୍ୟରେ ନବତଳ ପ୍ରାସାଦର ଭଗ୍ନାବଶେଷ, ଦୁର୍ଗ ଭୂରି-କଡ଼ରେ ଥିବା ଗଡ଼ଖାଇ, ମହାନଦୀ କୂଳର ଗଡ଼ଗଡ଼ିଆ ମହାଦେବ ମନ୍ଦିର, ଫାଶୀଦିଆ ବରଗଛ, ବିଡ଼ାନାସୀ, ସତୀଚଉରା, ଡ଼ଗରପଡ଼ା, କାଠଯୋଡ଼ି ପଥରବନ୍ଧ, କିଲା ଚଣ୍ଡିମନ୍ଦିର, ତେଲଙ୍ଗା ବଜାରସ୍ଥିତ ରଘୁନାଥ ଜିଉ ମନ୍ଦିର, ଚୌଧୁରୀ ବଜାର ଗୋପାଳ ଜିଉ ମନ୍ଦିର, ଲାଲବାଗ କୋଠୀ ଗୁପ୍ତଦ୍ୱାର, ଏହି ସବୁ ଐତିହାସିକ ସ୍ଥାନ ଓ କୀର୍ତ୍ତିଗୁଡ଼ିକ ପଛରେ ଆମ ଓଡ଼ିଶାର କେତେ ପ୍ରାଚୀନ ଗୌରବ ଗାଥା ଲୁଚି ରହିଛି, ତାହା ଆଜି ଖୋଜି ବାହାର କଲେ, ମନରେ କେତେ ଗର୍ବ ହୁଏ ।

କାଠଯୋଡ଼ି ପଥର ବନ୍ଧ ରାଜା ମର୍କତ କେଶରୀ ନିର୍ମାଣ କରିଥିଲେ । ଏହାପଛରେ ଗୋଟିଏ ସୁନ୍ଦର କିମ୍ବଦନ୍ତୀ ରହିଛି, ଯାହାକି ଆମେ କଥା କଥାକେ କହିଥାଉଁ "ବାଇ-ମୁଣ୍ଡିକୁ କଟକ ଚିନ୍ତା ।" ଇତିହାସରେ ବାଇମୁଣ୍ଡିର ସ୍ମୃତି ନାହିଁ କିମ୍ବା କାଠଯୋଡ଼ି ପଥର ବନ୍ଧରେ ତା'ର ସ୍ମୃତି ଫଳକ ନାହିଁ । ତେବେ ଓଡ଼ିଆ ଭାଷାର କିମ୍ବଦନ୍ତୀ 'ବାଇମୁଣ୍ଡିଙ୍କ କଟକ ଚିନ୍ତା' ଏହା ଚିର ଦିନ ରହିଥିବ । କେତେକ ଐତିହାସିକ ଙ୍କ ମତରେ ପ୍ରାୟ ହଜାର ବର୍ଷତଳେ ଏହି କଟକ ନଗର ସ୍ଥାପିତ ହୋଇ-ଥିଲା । ଆଉ କେତେକଙ୍କ ମତରେ ପ୍ରାୟ ସାତଶହ ବର୍ଷ ତଳେ ମହାନଦୀ ଓ ତା'ର ଶାଖା କାଠଯୋଡ଼ି ଏହି ଦୁଇଟି ନଦୀର ମଧ୍ୟ ଭାଗରେ ଥିବା ଏହି ସ୍ଥାନଟିରେ ଓଡ଼ିଶାର ରାଜା ତାଙ୍କର ଏହି ସୁନ୍ଦର ଦୁର୍ଗଟିକୁ ନିର୍ମାଣ କରିଥିଲେ ।

କଟକ ଶବ୍ଦର ଅର୍ଥ ସୈନ୍ୟଶିବିର । ଏହା ସଂସ୍କୃତ ଅଭିଧାନରେ ଲିଖିତ ଅଛି । ଏହାଛଡ଼ା ଅଭିଧାନ ଅର୍ଥ ଅନୁଯାୟୀ କଟକ ଶବ୍ଦର ଅର୍ଥ ହେଉଛି ରାଜଧାନୀ, ଭି. ଏସ୍. ଆପ୍ଟେ ଦ୍ୱାରା ଲିଖିତ " The Students' Sanskrit-English Dictionary 126 Page 3 Column କଟକ ଶବ୍ଦ ଦ୍ରଷ୍ଟବ୍ୟ) (ହିନ୍ଦି ଶବ୍ଦସାଗର ୧୪୦ ପୃଷ୍ଠା ଦ୍ୱିତୀୟ ସ୍ତମ୍ଭ ପର୍ବତର ପାର୍ଶ୍ୱଭାଗ ଓ ଦୁଇଟି ପର୍ବତ ମଧ୍ୟରେ ଥିବା ସ୍ଥାନ )

ଏହି ନଗରୀର ଉତ୍ତର-ପଶ୍ଚିମ ଓ ଦକ୍ଷିଣ ଦିଗରେ ପର୍ବତ ଓ ସୁଶ୍ୟାମଳ ବନରାଜି ଅବସ୍ଥିତ ।

ବହୁଦିନ ପୂର୍ବେ କଟକ ରେଭେନ୍‌ସା କଲେଜର ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ସ୍ୱର୍ଗତ ଘନଶ୍ୟାମ ଦାସ କଟକ ନଗରର ଇତିହାସ ସଂପର୍କରେ ଗୋଟିଏ ସୁନ୍ଦର ଓ ବହୁତଥ୍ୟ ସମ୍ବଳିତ ପ୍ରବନ୍ଧ ପ୍ରକାଶ କରିଥିଲେ । ପ୍ରାୟ ୨୪ ବର୍ଷ ତଳେ ଏହି ପ୍ରବୀଣ ଐତିହାସିକଙ୍କ ଦ୍ୱାରା ଲିଖିତ ପ୍ରବନ୍ଧଟି ପାଠକଲେ ଦେଖାଯାଏ ରାଜା ଅନଙ୍ଗ ଭୀମଦେବ ତୃତୀୟଙ୍କ ସମୟରେ ନାଗରୀ ଲିପିରେ ଲିଖିତ ଗୋଟିଏ ତାମ୍ରଫଳକ (୧୨୧୧-୧୨୩୮ ଖ୍ରୀଷ୍ଟାବ୍ଦ) ରେ ଲିଖିତ ଅଛି ଯେ ଏହି ଅଞ୍ଚଳଟିକୁ ପ୍ରଥମେ ଅଭିନବ ବାରା-ଣାସୀ କଟକ ବୋଲି କୁହାଯାଉଥିଲା । ଉତ୍ତର ପ୍ରଦେଶର ବର୍ଣା ଓ ଅସି, ଏହି ଦୁଇ ନଦୀର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ ବାରାଣସୀ ସହରର ଅନୁକରଣରେ ମହାନଦୀ ଓ କାଠଯୋଡ଼ି ଏହି ଦୁଇଟି ନଦୀର ମଧ୍ୟବର୍ତ୍ତୀ ଭୂମି ଭାଗରେ ଅବସ୍ଥିତ ଏହି କଟକ ସହରକୁ ମଧ୍ୟ ସେହିପରି ଅଭିନବ ବାରାଣାସୀ କଟକ ନାମରେ ନାମିତ କରାଯାଇଥିବ ବୋଲି ଅଧ୍ୟାପକ ଦାସ ଅନୁମାନ କରିଛନ୍ତି । ଏହାଛଡ଼ା ଏହି କଟକ ନଗର ପ୍ରାଚୀନ କାଳରେ ପାଞ୍ଚ କଟକ ନାମରେ ନାମିତ ହୋଇଥିଲା । ଏଠାରେ କଟକ ଶବ୍ଦର ଅର୍ଥ ସେନାଛାଉଣୀ ବା ସେନାଘାଟୀ ବୋଲି କୁହାଯାଇଛି । ଏହି ପାଞ୍ଚଟି ସୈନ୍ୟଶିବିରର ନାମ ଥିଲା ଚୌଦ୍ୱାର କଟକ, ବାରାଣସୀ କଟକ ବା ବିଡ଼ାନାସୀ କଟକ, ସାରଙ୍ଗଗଡ଼ କଟକ, କାଶିଆ ଗଡ଼ କଟକ ଓ ଅମରାବତୀ କଟକ । ବାସ୍ତବରେ ଅଧ୍ୟାପକ ଦାସଙ୍କ ବର୍ଣ୍ଣନା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଛି । କଟକର ଇତିହାସ ସଂପର୍କରେ ୧୯୬୨ରେ ଓଡ଼ିଶାର ବିଖ୍ୟାତ ପ୍ରତ୍ନତତ୍ତ୍ୱ ବିଶାରଦ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ପରମାନନ୍ଦ ଆଚାର୍ଯ୍ୟ ଅନୁରୂପ ଏକ ତଥ୍ୟପୂର୍ଣ୍ଣ ପ୍ରବନ୍ଧ ଲେଖିଥିଲେ । ସେଥିରେ ମଧ୍ୟ ସେ ସାରଙ୍ଗଗଡ଼

ଓ ଚୌଦ୍ୱାରର କଥା ଉଲ୍ଲେଖ କରିଛନ୍ତି । ଡ଼କ୍ଟର ଆଚାର୍ଯ୍ୟଙ୍କ ମତରେ ତ୍ରୟୋଦଶ ଶତାବ୍ଦୀର ପ୍ରଥମ ଭାଗରେ କଟକର ଇତିହାସହିଁ ହେଉଛି ମୋଟାମୋଟି ଭାବରେ ଓଡ଼ିଶାର ଇତିହାସ ।

ସ୍ୱର୍ଗତ ଆଚାର୍ଯ୍ୟଙ୍କ ମତରେ ୧୧୧୨ ଖ୍ରୀଷ୍ଟାବ୍ଦରେ ଚୋଳଗଙ୍ଗଦେବ ସର୍ବପ୍ରଥମେ ଓଡ଼ିଶାରେ ଗଙ୍ଗବଂଶର ରାଜୁତି ପ୍ରତିଷ୍ଠା କରିଥିଲେ । ତାଙ୍କ ରାଜଧାନୀର ନାମ ଥିଲା ଅଭିନବ 'ଯଯାତି ନଗର' । ସେ ସମୟେ ସମୟେ ଚୌଦ୍ୱାର କଟକ ଠାରେ ମଧ୍ୟ ଅବସ୍ଥାନ କରୁଥିଲେ । ୧୨୨୦ ଖ୍ରୀଷ୍ଟାବ୍ଦରେ ଲିଖିତ ଚାଟେଶ୍ୱର ଶିଳାଲିପିରୁ ପ୍ରମାଣ ମିଳେ ଯେ ଅନଙ୍ଗଭୀମଦେବ ଓଡ଼ିଶାର ରାଜ ସିଂହାସନ ଆରୋହଣ କରିବାପରେ ଗିୟାସୁଦ୍ଦିନ୍ ବଙ୍ଗ ପ୍ରଦେଶରୁ ଯଯାତିନଗର ଉପରେ ଆକ୍ରମଣ କରିଥିଲେ । ତେଣୁ ସେହି ହିସାବରେ ଅନଙ୍ଗଭୀମଦେବ ବାରାଣାସୀ କଟକ ରାଜଧାନୀରୂପେ ପ୍ରତିଷ୍ଠା କରିଥିବା ପ୍ରକାଶ । ଦକ୍ଷିଣ ଭାରତୀୟ ଅଭିଲେଖାବଳୀ ଚତୁର୍ଥଭାଗ ୧୦୩୫ ଶକାବ୍ଦ ବା ୧୧୧୩ ଖ୍ରୀଷ୍ଟାବ୍ଦର ୨୫୬ ନମ୍ବର ଫଳକ ଅନୁଯାୟୀ ଚୋଡ଼ଗଙ୍ଗଦେବ ଓଡ଼ିଶା ବିଜୟ କରିବା ପରେ ବାରାଣାସୀ ଠାରେ ରାଜଧାନୀ ପ୍ରତିଷ୍ଠା କରିଥିଲେ । ନରସିଂହଦେବ-୧ ତାଙ୍କର ସମସ୍ତ ରାଜ କାର୍ଯ୍ୟ ଅଭିନବ ବାରାଣସୀ କଟକ ରାଜଧାନୀରୁ ପରିଚାଳିତ କରୁଥିଲେ । ୧୨୬୪ ଖ୍ରୀଷ୍ଟାବ୍ଦରେ ତାଙ୍କ ମୃତ୍ୟୁପରେ ତାଙ୍କ ଉତ୍ତରାଧିକାରୀ ଭାନୁଦେବ-୧ (୧୨୬୪-୧୨୭୮) ରାଜତ୍ୱ କରିଥିଲେ । ତାଙ୍କ ପରେ ନରସିଂହ-୨ (୧୨୭୮-୧୩୦୫ ଖ୍ରୀଷ୍ଟାବ୍ଦ), ଭାନୁଦେବ-୨ (୧୩୦୫-୧୩୨୮ ଖ୍ରୀଷ୍ଟାବ୍ଦ) ଏମାନେ ସମସ୍ତେ ଅଭିନବ ବାରାଣସୀ କଟକରେ ରାଜଧାନୀ କରିଥିବା ସୂଚନା ମିଳିଛି । ଭାନୁଦେବ-୪ (୧୪୧୪-୧୪୨୬ ଖ୍ରୀଷ୍ଟାବ୍ଦ) ଙ୍କ ସମୟରେ ରାଜଧାନୀ ବାରଣସୀ କଟକରେ ହୋଇଥିଲା, । ଏହାପରେ ଦକ୍ଷିଣ ପଟୁ ରେଡ଼ି ଆକ୍ରମଣକୁ ପ୍ରତିହତ କରିବା ପାଇଁ ଭାନୁଦେବ ନିଜେ ଦକ୍ଷିଣାଞ୍ଚଳ ଯୁଦ୍ଧ ଚାଳନା କରିବାକୁ ଯାଇଥିଲେ । ସେହି ସମୟରେ ରାଜଧାନୀର ଦାୟିତ୍ୱରେ କପିଳେଶ୍ୱରଦେବ ଓ ଅନ୍ୟାନ୍ୟ ମନ୍ତ୍ରୀମାନେ ରହିଥିଲେ । ରାଜଧାନୀରେ ରାଜାଙ୍କ ଦୀର୍ଘଦିନ ଅନୁପସ୍ଥିତିର ସୁଯୋଗ ନେଇ କପିଳେଶ୍ୱରଦେବ ବାରାଣାସୀ କଟକର ରାଜଗାଦୀ ଦଖଲ କରିଥିଲେ ।

ଏହା ପରେ ଭାନୁଦେବ ଏକପାର୍ବତ୍ୟଅଞ୍ଚଳର ଜଙ୍ଗଲ ଭିତରେ ଗୁଡ଼ାରି କଟକ ନାମରେ ଦୁର୍ଗ ପ୍ରତିଷ୍ଠା କରି ସେଠାରେ କାଳଯାପନ କରିଥିଲେ । କପିଳେଶ୍ୱରଙ୍କ ରାଜ୍ୟାଭିଷେକ ବାରାଣସୀ କଟକରେ ନହୋଇ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ହୋଇଥିଲା । କପିଳେଶ୍ୱରଙ୍କପୁତ୍ର ପୁରୁଷୋତ୍ତମଦେବ ୧୪୬୭ ଖ୍ରୀ : ଠାରୁ ୧୪୯୭ ପର୍ଯ୍ୟନ୍ତ ବାରାଣସୀ କଟକରୁ ରାଜ୍ୟ ଶାସନ କରିଥିଲେ । ସେ କାଞ୍ଚିରୁ ସାକ୍ଷୀଗୋପାଳ ମୂର୍ତ୍ତି ଆଣି ଏଠାରେ ସ୍ଥାପିତ କରିଥିଲେ, । ତାଙ୍କ ରାଜତ୍ୱ ସମୟ ମଧ୍ୟରେ ଶ୍ରୀ ଚୈତନ୍ୟ ଦେବ କଟକ ଆସିଥିବାବେଳେ ଏଠାରେ ସାକ୍ଷୀଗୋପାଳଙ୍କୁ ଦର୍ଶନ କରିଥିବା କଥା ଇତିହାସରେ ବର୍ଣ୍ଣିତ ରହିଛି, ।

ପୁରୁଷୋତ୍ତମ ଦେବଙ୍କ ପୁତ୍ର ପ୍ରତାପରୁଦ୍ର ୧୪୯୭ରୁ ୧୫୩୩ ପର୍ଯ୍ୟନ୍ତ କଟକଠାରେ ରାଜଧାନୀ କରିଥିଲେ । କଟକଠାରେ ଶ୍ରୀ ଚୈତନ୍ୟ ଦେବଙ୍କ ସ୍ମୃତିର ନିଦର୍ଶନ ସ୍ୱରୂପ ଜଗନ୍ନାଥବଲ୍ଲଭ ଅଞ୍ଚଳରେ ଗୋଟିଏ ପ୍ରାଚୀନ ମନ୍ଦିର ଏପର୍ଯ୍ୟନ୍ତ ରହିଥିବାର ଦେଖାଯାଉଛି । ପ୍ରତାପରୁଦ୍ରଙ୍କ ମୃତ୍ୟୁପରେ ତାଙ୍କ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ବିଶ୍ୱାସ ଘାତକତା କରି ପ୍ରତାପରୁଦ୍ରଙ୍କ ସବୁ ପୁତ୍ରଙ୍କୁ ହତ୍ୟାକରି କଟକଠାରେ ରାଜ ସିଂହାସନ ଦଖଲ କରିଥିଲେ । ସେ ୧୫୩୩ ଠାରୁ ୧୫୪୫ ଖ୍ରୀ : ପର୍ଯ୍ୟନ୍ତ ରାଜା ହୋଇଥିଲେ । ଗୋବିନ୍ଦ ଦେବ ତାଙ୍କ ମନ୍ତ୍ରୀ ଦନାଇ ବିଦ୍ୟାଧରଙ୍କୁ ଧରି ଦକ୍ଷିଣାଞ୍ଚଳକୁ ଯୁଦ୍ଧରେ ଯାଇଥିବା ସମୟରେ ରାଜଧାନୀରେ ପ୍ରାୟ ଦେଢ଼ବର୍ଷ ପର୍ଯ୍ୟନ୍ତ ଅନୁପସ୍ଥିତ ରହିଥିଲେ । ଏହି ସମୟ ମଧ୍ୟରେ ତାଙ୍କର ଆଉ ଜଣେ ମନ୍ତ୍ରୀ ମୁକୁନ୍ଦ ଶ୍ରୀ ଚନ୍ଦନ କଟକ ରାଜଧାନୀ ଦାୟିତ୍ୱରେ ରହିଥିଲେ । ଏ ପରିସ୍ଥିତିର ସୁଯୋଗ ନେଇ ଗୋବିନ୍ଦ ବିଦ୍ୟାଧରଙ୍କ ଭଣଜା ରଘୁଭଞ୍ଜ ଛୋଟରାୟ କଟକ ଶ୍ରୀ ନଅର ଉପରେ ଆକ୍ରମଣ କରି ତାହା ଦଖଲ କରିଥିଲେ । ଏହାପରେ ଏହି ସମ୍ବାଦଶୁଣି ଗୋବିନ୍ଦ ଦେବ ଦକ୍ଷିଣାଞ୍ଚଳରୁ ଫେରି ଆସି ଶତ୍ରୁମାନଙ୍କୁ ଓଡ଼ିଶା ବାହାରକୁ ତଡ଼ି ଦେଇଥିଲେ । ସେମାନଙ୍କୁ ବିତାଡ଼ନ କରି ଫେରିଲାବେଳେ ୧୫୪୫ରେ ଯାଜପୁର ଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହାପରେ ୧୫୪୫ ଠାରୁ ୧୫୫୯ ପର୍ଯ୍ୟନ୍ତ କିଏ କଟକଠାରେ ରାଜଧାନୀ କରିଥିଲେ, ତାହା ଅସ୍ପଷ୍ଟ ରହିଛି । ୧୫୫୯ ଖ୍ରୀ : ରେ ମୁକୁନ୍ଦଦେବ ରାଜ ସିଂହାସନ ଦଖଲ କରିଥିଲେ । ସେ ୧୫୬୯ ପର୍ଯ୍ୟନ୍ତ ଶାସନ କରିଥିଲେ । ଏହା ପରେ ସୁଲେମାନ ଆଫଗାନ ଶାସକ ଓ ତାଙ୍କର ସେନାପତି କଳାପାହାଡ଼ କଟକ ରାଜଧାନୀ ଦଖଲ କରି ନେଇଥିଲେ । ଏ ସଂପର୍କରେ ଓଡ଼ିଶାରେ ଆଉ ଏକ ପ୍ରବାଦ ପ୍ରଚଳିତ ରହିଛି ତାହା ହେଉଛି—

"ଆସିଲା କଳାପହାଡ଼  
ଭାଙ୍ଗିଲା ଲୁହାର ବାଡ଼  
ପିଇଲା ମହାନଦୀ ପାଣି  
ସୁବର୍ଣ୍ଣ ଥାଳିରେ ହିରା  
ପରଷିଲେ ମୁକୁନ୍ଦ ଦେବଙ୍କ ରାଣୀ" ।

ଏହି ଦୁର୍ଦ୍ଦାନ୍ତ କଳାପାହାଡ଼ ଓଡ଼ିଶାର ବହୁ ଦେବଦେବୀଙ୍କୁ ଭାଙ୍ଗି ବିକଳାଙ୍ଗ କରିଦେଇ ଥିବାରୁ ଓ ମନ୍ଦିର ନଷ୍ଟ ଭ୍ରଷ୍ଟ କରିଥିବାର ଚିହ୍ନ ଏ ପର୍ଯ୍ୟନ୍ତ ଓଡ଼ିଶାରେ ରହିଛି । ଏଠାରେ ଆଉ ଗୋଟିଏ କିମ୍ବଦନ୍ତି ମଧ୍ୟ ଶୁଣାଯାଏ ତାହା ହେଉଛି—

"ଭଲ ରାମଚଣ୍ଡି ଭଲରେ  
କଳାପାହାଡ଼କୁ ଦୁଆରେ ବସାଇ  
ଭଲପାଣି ଆଣି ଗଲରେ " ।

ପୁରୀ ସମୁଦ୍ର କୂଳରେ ରାମଚଣ୍ଡି ଠାକୁରାଣୀଙ୍କ ପ୍ରସିଦ୍ଧ ମନ୍ଦିର ଅବସ୍ଥିତ । ରାମଚଣ୍ଡି ଠାକୁରାଣୀଙ୍କ ମୂର୍ତ୍ତିକୁ ଭାଙ୍ଗିବା ପାଇଁ କଳାପାହାଡ଼ ମନ୍ଦିର ଦ୍ୱାର

ବେଶରେ ପହଞ୍ଚିବା କ୍ଷଣି ଠାକୁରାଣୀ ଗୋଟିଏ ବୁଢ଼ୀ ବେଶଧରି କଳାପାହାଡ଼କୁ କହିଲେ ମୁଁ ନଦୀକୁ ପାଣି ଆଣିବାକୁ ଯାଉଛି ତୁ ଏଠାରେ ଅପେକ୍ଷା କର । ମୁଁ ପାଣି ଆଣି ଠାକୁରାଣୀ ଙ୍କୁ ସ୍ନାନ କରି ସାରିବା ପରେ ତୁ ତାକୁ ଭାଙ୍ଗି ଦେବୁ । ତାଙ୍କ କଥାରେ ବିଶ୍ୱାସ କରି କଳାପାହାଡ଼ ମନ୍ଦିର ଦ୍ୱାରରେ ଜଗି ରହିଲା । ବୁଢ଼ୀଆର ଫେରିଲା ନାହିଁ । ବହୁ ସମୟ ଅପେକ୍ଷା କରି ସାରିବା ପରେ କଳାପାହାଡ଼ ରାଗି ଯାଇ ମନ୍ଦିର ଭିତରକୁ ଯାଇ ଦେଖେତ ମନ୍ଦିର ଭିତରେ କୌଣସି ମୂର୍ତ୍ତି ନାହିଁ ।

୧୫୬୮ ଠାରୁ ୧୫୯୨ ପର୍ଯ୍ୟନ୍ତ ଓଡ଼ିଶାରେ ଅରାଜକତା ବ୍ୟାପିରହିଥିଲା । ୧୫୯୨ରେ ସମ୍ରାଟ ଆକବର ଆଫଗାନୀ ସୈନ୍ୟମାନଙ୍କୁ ପରାଜିତ କରି କଟକ ଦଖଲ କରିଥିଲେ । ମାଦଳା ପାଞ୍ଜିରେ କଟକ ବାରବାଟୀ ଦୁର୍ଗର ବର୍ଣ୍ଣନା ନିମ୍ନମତେ କରାଯାଇଛି—

ରାଜା ମୁକୁନ୍ଦଦେବ ନବତଳ ପ୍ରାସାଦ ନିର୍ମାଣ କରିଥିଲେ । ଏଥିରୁ ପ୍ରଥମ ମହଲଟି ହାତୀ ଶାଳ ଥିଲା । ଦ୍ୱିତୀୟ ମହଲରେ ପ୍ରହରୀ ଓ ଘୋଡ଼ାଘୋଡ଼ା ରହୁଥିଲା । ତୃତୀୟ ମହଲରେ ଦ୍ୱାରପାଳମାନେ ରହୁଥିଲେ । ଚତୁର୍ଥ ମହଲଟି ସରଞ୍ଜାମ କାର୍ଯ୍ୟାଳୟ ଥିଲା, ପଞ୍ଚମ ମହଲରେ ରୋଷେଇ ଘର ଥିଲା । ଷଷ୍ଠ ମହଲଟି ଅଭ୍ୟର୍ଥନା କୋଠରୀ, ସପ୍ତମ ମହଲଟି ରାଜାଙ୍କ ବ୍ୟକ୍ତିଗତ କୋଠରୀ, ଅଷ୍ଟମ ମହଲରେ ରାଜାଙ୍କ ଅନ୍ତଃପୁର ନାରୀମାନେ ରହିଥିଲେ । ନବମ ମହଲଟି ଶୟନ କକ୍ଷରୂପେ ବ୍ୟବହୃତ କରାଯାଉଥିଲା ।

ଏହି ସମୟ ପରେ ୧୬୩୩ ଖ୍ରୀ : ରେ ବ୍ରିଟିଶ ବଣିକ ମେ ପହିଲାଦିନ କଟକରେ ଆସି ପହଞ୍ଚିଲେ । ସେମାନେ ମେ ୯ ତାରିଖ ପର୍ଯ୍ୟନ୍ତ ରହିଲେ । କାର୍ଟ ରାଇଟ୍ ନାମକ ଜଣେ ସାହେବ ଏହି ବଣିକ ଦଳର ମୁଖ୍ୟ ଥିଲେ । ୧୬୩୩ରେ କାଠଯୋଡ଼ି କୂଳରେ ଲାଲବାଗ କୋଠି ନିର୍ମିତ ହୋଇଥିଲା । ସେଠାରେ ଓଡ଼ିଶା ସୁବାର ମହମ୍ମଦ୍ୟାନ ଗଭର୍ଣ୍ଣର ଅବସ୍ଥାନ କରୁଥିଲେ ।


ଝିଞ୍ଜିରୀଚୌକ କଟକ-୨

୧୭୬୬ରେ ଟିମୋଟେ ନାମକ ଜଣେ ଇଂରେଜ କଟକ ଆସିଥିବା ସମୟରେ ମହାନଦୀ କୂଳ ନିକଟସ୍ଥ ବାରବାଟୀ ଦୁର୍ଗ ଓ କାଠଯୋଡ଼ି ନଦୀ କୂଳରେ ଅବସ୍ଥିତ ଲାଲବାଗ ପ୍ରାସାଦ ସଂପର୍କରେ ବର୍ଣ୍ଣନା କରିଥିଲେ । କାଳକ୍ରମେ ବାରବାଟୀ ଦୁର୍ଗ ଧ୍ୱଂସାବଶେଷରେ ପରିଣତ ହେଲା, କିନ୍ତୁ ଲାଲବାଗ ପ୍ରାସାଦ ଏପର୍ଯ୍ୟନ୍ତ ରହିଛି ଏବଂ ସେଠାରେ ବର୍ତ୍ତମାନ ସର୍ଦ୍ଦାର ପଟେଲଙ୍କ ନାମରେ ନାମିତ ହୋଇ ଏକ ଶିଶୁ ଚିକିତ୍ସାଳୟ ଚାଲିଛି । ବ୍ରିଟିଶ ଶାସନ ସମୟରେ ଏଠାରେ କମିଶନର ଓ ପରବର୍ତ୍ତୀ କାଳରେ ଓଡ଼ିଶାର ଗଭର୍ଣ୍ଣରମାନେ ରହୁଥିଲେ । ଏହି ଲାଲବାଗ ପ୍ରାସାଦର ଅନ୍ୟ ଏକ ଗୁରୁତ୍ୱ ରହିଛି । ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ୧୯୪୭ ଡିସେମ୍ବର ମାସରେ ସର୍ଦ୍ଦାର ପଟେଲ ଏହି ଲାଲବାଗ କୋଠିରେ ଏବଂ ନୀଳଗିରିଠାରେ ଗଡ଼ଜାତ ମିଶ୍ରଣ ପାଇଁ ରାଜାମାନଙ୍କଠାରୁ ଚୁକ୍ତି ସଂପାଦନ କରାଇଥିଲେ । ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ଜବାହାରଲାଲ ନେହେରୁ ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ଏହି କୋଠାରେ ବହୁ ଥର ଅବସ୍ଥାନ କରିଥିଲେ ।

କଟକ ସହରର ଅନ୍ୟାନ୍ୟ ଐତିହାସିକ ଅନୁଷ୍ଠାନ ମଧ୍ୟରେ ୧୬ଶ ଶତାବ୍ଦୀର ଶେଷ ଭାଗରେ ନିର୍ମିତ ଜୁମା ମସ୍ଜିଦ ଓ ୧୮ଶ ଶତାବ୍ଦୀର ପ୍ରାରମ୍ଭରେ ନିର୍ମିତ କଦମ ରସୁଲ ଏବଂ ୧୯ଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ପ୍ରତିଷ୍ଠିତ ରେଭେନ୍ସା କଲେଜ । ସ୍ୱାଧୀନତା ପ୍ରାପ୍ତି ପରେ ୧୯୫୯-୬୦ ରେ ବାରବାଟୀ ଦୁର୍ଗରେ ନିର୍ମିତ ବାରବାଟୀ ଷ୍ଟାଡ଼ିୟମ ମଧ୍ୟ ଏହି ସହରର ଅନ୍ୟ ଏକ ଆକର୍ଷଣ ।

୧୯୩୬ ଅପ୍ରେଲ ୧ ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା । ଏହା ପରେ ରାଜ୍ୟର ରାଜଧାନୀ କଟକ ଠାରୁ କ୍ରମେ ଭୁବନେଶ୍ୱରରେ ନିର୍ମିତ ନୂଆ ରାଜଧାନୀକୁ ସ୍ଥାନାନ୍ତରିତ ହେଲା ।

ତଥାପି ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ରରୂପେ କଟକ ରହିଛି ଓ ରହିଥିବ ।





# ଅତ୍ୟାବଶ୍ୟକ ଜିନିଷର ସୁଷମ ବଣ୍ଟନ

ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ
ଯୋଗାଣ ମନ୍ତ୍ରୀ

ଦେଶରେ ଜନସାଧାରଣଙ୍କ ଜୀବନ ଧାରଣ ପାଇଁ ନିତ୍ୟବ୍ୟବହାର୍ଯ୍ୟ ଅତ୍ୟାବଶ୍ୟକ ଜିନିଷପତ୍ରଗୁଡ଼ିକର ଦରଦାମ ସ୍ଥିର ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି ଅତୀତର ଅଭିଜ୍ଞତାରୁ ଦେଖାଯାଇଛି ଯେ ମୁଦ୍ରାସ୍ଫୀତି ଓ ଅନ୍ୟାନ୍ୟ କାରଣ ଦୃଷ୍ଟିରୁ ଅତ୍ୟାବଶ୍ୟକ ଜିନିଷଗୁଡ଼ିକର ମୂଲ୍ୟ ବଢ଼ିଯାଇଛି ଓ ବିଶେଷ ଭାବରେ ଦରିଦ୍ର ଜନସାଧାରଣ ବହୁ ଦୁଃଖକଷ୍ଟର ଶୀକାର ହୋଇଛନ୍ତି । ଅତୀତରେ ଦରଦାମ ସ୍ଥିର ରଖିବାଲାଗି ବିଭିନ୍ନ ପ୍ରକାର ଅସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । କିନ୍ତୁ ଉତ୍ପାଦନ, ସଂଗ୍ରହ ମହଜୁଦ୍, ପରିବହନ ଓ ବଣ୍ଟନ ସଂପର୍କୀୟ ବ୍ୟାପକ ପରିକଳ୍ପନା ଉପରେ ଗୁରୁତ୍ୱ ଆରୋପ କରାଯାଇନଥିଲା । ବର୍ତ୍ତମାନ ପ୍ରଥମ ଥର ପାଇଁ ଭାରତ ସରକାର ଓ ରାଜ୍ୟ ସରକାର ବହୁ ଆଲୋଚନା ପରେ ସ୍ଥିର କଲେଯେ ଉତ୍ପାଦନ ତଥା ସୁଷମ ବଣ୍ଟନ ବ୍ୟବସ୍ଥା ୧୯୭୯ ମସିହା ଜୁଲାଇ ପହିଲାଠାରୁ କାର୍ଯ୍ୟକାରୀ କରାଯିବ ଏବଂ ଚାଉଳ, ଗହମ, ଗହମଜାତଦ୍ରବ୍ୟ, କିରୋସିନି ତେଲ, ଖାଇବାତେଲ ଓ କଣ୍ଟ୍ରୋଲ ଲୁଗା ଆଦି ଅତ୍ୟାବଶ୍ୟକ ଜିନିଷଗୁଡ଼ିକ ନିର୍ଦ୍ଧାରିତ ଦରରେ ସୁଲଭ ମୂଲ୍ୟ ଦୋକାନ ଜରିଆରେ ଯୋଗାଇ ଦିଆଯିବ । ଏହି ଯୋଜନା ଅନୁଯାୟୀ ରାଜ୍ୟରେ ପ୍ରତି ୨ ହଜାର ଲୋକଙ୍କପାଇଁ ଗୋଟିଏ ଏବଂ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରତି ୧ ହଜାର ଲୋକଙ୍କ ପାଇଁ ଗୋଟିଏ ଲେଖାଏଁ ଦୋକାନ ଖୋଲାଯିବ । ରାଜ୍ୟ ସରକାର ନିଷ୍ପତ୍ତି କରିଛନ୍ତି ଯେ ସମଗ୍ର ରାଜ୍ୟରେ ଉଭୟ ସମବାୟ ଓ ବ୍ୟକ୍ତିଗତ କ୍ଷେତ୍ରରେ ପର୍ଯ୍ୟାୟକ୍ରମେ ୧୭ ହଜାର ସୁଲଭ ମୂଲ୍ୟ ଦୋକାନ ଖୋଲାଯିବ ଏବଂ ଏଥିମଧ୍ୟରୁ ୫ ହଜାର ଦୋକାନ ଦୁର୍ଗମ ଆଦିବାସୀ ଅଞ୍ଚଳରେ ଖୋଲାଯିବ । ବର୍ତ୍ତମାନ ଆମ ରାଜ୍ୟରେ ୧୦ ହଜାର ୭ ଶହ ଖୁଚୁରା ଦୋକାନ ଅଛି ଏବଂ ତନ୍ମଧ୍ୟରୁ ୩ ହଜାର ୬ ଶହ ଦୋକାନ ସମବାୟ ମାଧ୍ୟମରେ କାର୍ଯ୍ୟ କରୁଛି । ସମବାୟ ଦୋକାନ ସଂଖ୍ୟା ଆହୁରି ବୃଦ୍ଧି କରାଯିବ ଏବଂ ପ୍ରତି ଗ୍ରାମପଞ୍ଚାୟତରେ ଅନ୍ତତଃ ଦୁଇଟି କରି ସମବାୟ ଦୋକାନ ଖୋଲାଯିବାର ପରିକଳ୍ପନା ରହିଛି । ବିଶେଷକରି ଗାଁ ଗହଳିର ଲୋକମାନେ ଏହି ବ୍ୟବସ୍ଥା ଦ୍ୱାରା ଯେ ନିଶ୍ଚିତଭାବେ ଉପକୃତ ହେବେ, ଏଥିରେ ସନ୍ଦେହର ଅବକାଶ ନାହିଁ । ସେମାନେ ପ୍ରତିଗ୍ରାମରେ ବା ତାଙ୍କର ନିକଟବର୍ତ୍ତୀ ଗ୍ରାମରେ ଏଭଳି ଗୋଟିଏ ସୁଲଭ-ମୂଲ୍ୟ ଦୋକାନ ପାଇପାରିବେ । ଏହି ପରିକଳ୍ପନା ଉଭୟ ସମବାୟ ଓ ଘରୋଇ ଦୋକାନ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ଓ ଏତଦ୍ୱାରା ଅନେକ ବେକାର ଯୁବକଙ୍କୁ ରାଜ୍ୟରେ କାମଧନ୍ଦା ମଧ୍ୟ ଯୋଗାଇ ଦିଆଯାଇପାରିବ ।

ଅତ୍ୟାବଶ୍ୟକ ଜିନିଷ ବହୁ ପରିମାଣରେ ଉତ୍ପାଦନ କରିବା ଏହି ଯୋଜନାର ଅନ୍ୟତମ ପ୍ରଧାନ ଲକ୍ଷ୍ୟ । ଭାରତସରକାର ଦିଆସିଲି, ଦେହଲଗା ଓ ଲୁଗା ସଫା ସାବୁନ, ଚା, କଫି, ଏକ୍ସର ସାଇଜ ଖାତା, କଣ୍ଟ୍ରୋଲ ଲୁଗା ସମେତ ସାଧାରଣର ଲୁଗାପଟା ଆଦିର ଉତ୍ପାଦନ ସଂସ୍ଥା ବଢ଼ାଇବାପାଇଁ ବ୍ୟବସ୍ଥା କରୁଛନ୍ତି । ଏହିପରି କାଳକ୍ରମେ ଏସବୁ ଜିନିଷମାନ ସୁଲଭମୂଲ୍ୟ ଦୋକାନ-ମାନଙ୍କ ଜରିଆରେ ଯୋଗାଇ ଦିଆଯିବ । ଏହି ଦୃଷ୍ଟିରୁ ଏହି ଦୋକାନଗୁଡ଼ିକର ଗୁରୁତ୍ୱକୁ ଏଡ଼ାଇ ଦିଆଯାଇ ନପାରେ । ଏହି ଦୋକାନ ମାନଙ୍କରେ ସ୍ଥାନୀୟ ଲୋକ-ମାନଙ୍କର ଚାହିଦା ଅନୁଯାୟୀ ଅନ୍ୟାନ୍ୟ ଜିନିଷ ମଧ୍ୟ ବିକ୍ରୟ କରାଯିବ । ଉଦାହରଣ ସ୍ୱରୂପ ରାଜ୍ୟସରକାର ଡ଼ାକତାର ବିଭାଗ ସହିତ ଆଲୋଚନା କରି ସ୍ଥିର କରିଛନ୍ତି ଯେ ସର୍ବସାଧାରଣଙ୍କ ସୁବିଧାନିମନ୍ତେ ଏହି ସବୁ ଦୋକାନ ମାନଙ୍କରେ ପୋଷ୍ଟକାର୍ଡ ଓ ଲଫାପା ଆଦି ମିଳିପାରିବ । କାଳକ୍ରମେ ଏହିଭଳି ଜନସାଧାରଣଙ୍କର ଅନ୍ୟାନ୍ୟ ଆବଶ୍ୟକୀୟ ପଦାର୍ଥମାନ ଏହି ଦୋକାନ ଜରିଆରେ ବିକ୍ରିହେବ ।

କେନ୍ଦ୍ର ସରକାର ବିଭିନ୍ନ ଅତ୍ୟାବଶ୍ୟକ ଜିନିଷଗୁଡ଼ିକୁ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଭାରତୀୟ ଖାଦ୍ୟ କର୍ପୋରେସନକୁ ଖାଦ୍ୟ ପଦାର୍ଥ, ଜାତୀୟକରଣ ତୈଳ କଂପାନୀମାନଙ୍କୁ କିରାସିନି ତେଲ, କୋଲ ଇଣ୍ଡିଆ କଂପାନୀକୁ ଜାଳେଣି କୋଇଲା ପ୍ରଭୃତି ଯୋଗାଇ ଦେବା ପାଇଁ ଦାୟିତ୍ୱ ଦେଇଛନ୍ତି । ଭାରତ ସରକାର ଖାଇବା ତେଲର ଯୋଗାଣ ପାଇଁ ଏକ ନୂଆ କର୍ପୋରେସନ ଗଠନ କରିବାର ଚିନ୍ତା କରୁଛନ୍ତି । କେନ୍ଦ୍ର ସରକାରଙ୍କ ଭଳି ରାଜ୍ୟ ସରକାରଙ୍କର ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଅତ୍ୟାବଶ୍ୟକ ଜିନିଷଗୁଡ଼ିକର ସଂଗ୍ରହ ପାଇଁ ଓଡ଼ିଶା ରାଜ୍ୟ ଖାଉଟି ସମବାୟ ଫେଡ଼େରେସନ, ଓଡ଼ିଶା ରାଜ୍ୟ ସମବାୟ ବିକ୍ରିବଟା ଫେଡ଼େରେସନ ଏବଂ ଆଦିବାସୀ ସମବାୟ ଉନ୍ନୟନ କର୍ପୋରେସନକୁ ରାଜ୍ୟସ୍ତରୀୟ ଶୀର୍ଷକ ୟୁନିଟ୍ ଭାବେ ମନୋନୀତ କରାଯାଇଛି । ଏହି ସଂସ୍ଥାମାନେ ଜାତୀୟ ସ୍ତରରେ ଥିବା ସଂସ୍ଥାମାନଙ୍କଠାରୁ ଜିନିଷ ଆଣି ସୁଲଭ ମୂଲ୍ୟ ଦୋକାନମାନଙ୍କୁ ଯୋଗାଇ ଦେବେ । ଆଦିବାସୀ ଉନ୍ନୟନ ସମବାୟ କର୍ପୋରେସନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ସମବାୟ ଦୋକାନ ଓ ଘରୋଇ ଦୋକାନ ମାନଙ୍କୁ ଜିନିଷପତ୍ର ଯୋଗାଇ ଦେବେ । ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ ଖାଉଟି ସମବାୟ ଫେଡ଼େରେସନ ସମବାୟ ଦୋକାନ ଓ ଘରୋଇ ଦୋକାନମାନଙ୍କୁ ଜିନିଷପତ୍ର ଯୋଗାଇ ଦେବେ । ସମବାୟ ବିକ୍ରିବଟା ଫେଡ଼େରେସନ ସମବାୟ ସଂସ୍ଥାମାନଙ୍କୁ ସାର ଏବଂ ପୋକମରା ଔଷଧ ଓ ବିହନ ପ୍ରଭୃତି ସମବାୟ ଓ ଘରୋଇ ଦୋକାନମାନଙ୍କୁ ଯୋଗାଇ ଦେବେ । ରାଜ୍ୟ ସରକାର ରାଜ୍ୟର ସମସ୍ତ ଖୁଚୁରା ଦୋକାନମାନଙ୍କୁ ଜିଲ୍ଲାପାଳ ମାନଙ୍କ ଜରିଆରେ ଚାଉଳ ଯୋଗାଇ ଦେବେ । ଖୁଚୁରା ଦୋକାନଗୁଡ଼ିକର ନିକଟବର୍ତ୍ତୀ ସ୍ଥାନମାନଙ୍କରେ ଗୋଦାମ ଖୋଲିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ସାଧାରଣ ଲୋକମାନଙ୍କୁ ବର୍ଷସାରା ଯେପରି ଧାର୍ଯ୍ୟ ଦରରେ ଅତ୍ୟାବଶ୍ୟକ ଜିନିଷଗୁଡ଼ିକ ଯୋଗାଇ ଦିଆଯିବ ତାହା ଆମର ପ୍ରଧାନ ଲକ୍ଷ୍ୟ ।

ଏହି ପରିକଳ୍ପନାର ମୁଖ୍ୟ ଲକ୍ଷ୍ୟ ହେଉଛି ଦରଦାମ ସ୍ଥିର ରଖିବା ଓ ଜିନିଷପତ୍ରର ଅଭାବ ସମୟରେ ଅସାଧୁ ବ୍ୟବସାୟୀଙ୍କ ଲାଭଖୋରି ମନୋବୃତ୍ତିକୁ ରୋକିବା । ଜିନିଷପତ୍ର ବହୁଳଭାବେ ମିଳିବା ସମୟରେ ଓ ଅଭାବ ସମୟରେ ଏହି ପରିକଳ୍ପନା ସର୍ବଦା କାର୍ଯ୍ୟକାରୀ କରାଯିବ । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମସ୍ତ ଜିନିଷ ସୁଲଭ ମୂଲ୍ୟ ଦୋକାନମାନଙ୍କରେ ମିଳି ନ ପାରେ ମାତ୍ର କାଳକ୍ରମେ ଉତ୍ପାଦନ, ସଂଗ୍ରହ ଓ ବଣ୍ଟନ ପ୍ରଣାଳୀକୁ ସୁଦୃଢ଼ କରାଯାଇ ଏହିସବୁ ଜିନିଷଗୁଡ଼ିକ ନିୟମିତଭାବେ ଯୋଗାଇ ଦିଆଯିବ । ଏହିସବୁ ଖୁଚୁରା ଦୋକାନଗୁଡ଼ିକୁ ନାଗରିକ କମିଟି ଓ ଗ୍ରାମ କମିଟିମାନେ ତଦାରଖ କରି ପାରିବେ ।

ଦେଶର ଦରିଦ୍ର ଜନସାଧାରଣ, ଅବହେଳିତ ଆଦିବାସୀ ଓ ହରିଜନ, ଯେଉଁମାନେ ଦୀର୍ଘଦିନ ଧରି ଦାରିଦ୍ର୍ୟ ଓ ଶୋଷଣର ଶୀକାର ହୋଇ ଆସିଛନ୍ତି , ସେମାନଙ୍କ ପାଖରେ ଜୀବନଧାରଣର ଅତ୍ୟାବଶ୍ୟକୀୟ ପଦାର୍ଥଗୁଡ଼ିକ ସୁବିଧାରେ ପହଞ୍ଚାଇ ସେମାନଙ୍କ ଜୀବନକୁ ସୁଖମୟ ଓ ସମୃଦ୍ଧ କରିବା ପାଇଁ ସରକାର ଦୃଢ଼ପରିକର । ଆମ ରାଜ୍ୟର ପ୍ରିୟ ଜନସାଧାରଣଙ୍କୁ ମୁଁ ବିନୀତଭାବରେ ନିବେଦନ କରୁଛି ଯେ ଏ ଯୋଜନାକୁ ସଫଳ କରିବା ପାଇଁ ସେମାନେ ସରକାରଙ୍କ ସହ ପୂର୍ଣ୍ଣ ସହଯୋଗ କରନ୍ତୁ ।

ଜୟହିନ୍ଦ୍

(ଆକାଶବାଣୀ କଟକ ସୌଜନ୍ୟରୁ)

# ହସ୍ତଚାଳିତ ଓ ବଳଦ ଚାଳିତ ଚେନ୍ ଓ୍ୱାସର ପମ୍ପ

ଫସଲ ପାଇଁ ଜଳର ଆବଶ୍ୟକତା ଅପରିହାର୍ଯ୍ୟ । କେନାଲ ଦ୍ୱାରା ଜଳସେଚନ କରିବା ବ୍ୟତୀତ କୂଅ ଏବଂ ପୋଖରୀରୁ ପାଣି ଉଠାଇ ଫସଲ ମଧ୍ୟ କରାଯାଇଥାଏ । କୂଅ ଏବଂ ପୋଖରୀରୁ ବିଭିନ୍ନ ଉପାୟରେ ଯଥା ଟେଣ୍ଡା, ସେଣା, ହାତ ଟଣା ପାଣି ପମ୍ପ, ଡ଼ିଜେଲ ଓ ଇଲେକଟ୍ରିକ୍ ପମ୍ପ ଦ୍ୱାରା ପାଣି ଉଠାଇ ଫସଲରେ ଜଳସେଚନ କରାଯାଇଥାଏ ।

ଡ଼ିଜେଲ ଓ ଇଲେକ୍‌ଟ୍ରିକ୍ ପମ୍ପ ସୁବିଧାଜନକ । କିନ୍ତୁ ଏହାର ଦାମ୍ ବେଶୀ ହୋଇଥିବାରୁ ସବୁ ଚାଷୀ ଏହାକୁ କିଣି ବ୍ୟବହାର କରିବା ପାଇଁ ସକ୍ଷମ ନୁହନ୍ତି । ଏ ପର୍ଯ୍ୟନ୍ତ ଗାଁ ଗହଳିରେ ଟେଣ୍ଡାର ବ୍ୟବହାର ଚାଲୁ ରହିଛି । ଟେଣ୍ଡାରେ ଚାଷୀକୁ ଅଧିକ ପରିଶ୍ରମ ପଡ଼ିଥାଏ ଏବଂ ଏହା ଦ୍ୱାରା ଅଳ୍ପ ଜମିରେ ଫସଲ କରାଯାଇ ପାରେ । ଫଳରେ ଚାଷୀ ଜମିରୁ ଆଶାନୁରୂପ ଫସଲ ଉଠାଇ ପାରେ ନାହିଁ ।

ଟେଣ୍ଡା ଓ ଶକ୍ତି ଚାଳିତ ପମ୍ପ ମଧ୍ୟରେ ରହିଥିବା ତଫାତ୍‌କୁ ବିଚାରକୁ ନେଇ ଏବଂ ଚାଷୀର ଆର୍ଥିକ ପରିସ୍ଥିତିକୁ ଉପଲବ୍‌ଧି କରି ଏକ ମଧ୍ୟମ ଧରଣର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି । ସେଥିପାଇଁ କେତେ ଗୁଡ଼ିଏ ନୂଆ ପ୍ରକାରର ପାଣି ପମ୍ପ ତିଆରି କରାଯାଇ ଅଛି ।

ଏହି ପାଣିପମ୍ପଗୁଡ଼ିକର ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯାଇ ସେଥି ମଧ୍ୟରୁ ଦୁଇଟି ପାଣି ପମ୍ପ ବର୍ତ୍ତମାନ ପାଇଁ ବିଶେଷ ସୁବିଧାଜନକ ବୋଲି ଗ୍ରହଣ କରାଯାଇ ଅଛି ।

ସେହି ଦୁଇଟି ହେଲା—

୧ । ହସ୍ତ ଚାଳିତ ଚେନ୍ ଓ୍ୱାସର ପମ୍ପ

୨ । ବଳଦ ଚାଳିତ ଚେନ୍ ଓ୍ୱାସର ପମ୍ପ

ବିଭିନ୍ନ ପ୍ରକାରର ପିଷ୍ଟନ ପମ୍ପ ଅପେକ୍ଷା ଏହି ଚେନ୍ ଓ୍ୱାସର ପମ୍ପଗୁଡ଼ିକ ଅଧିକ ସୁବିଧାଜନକ ଏବଂ ଉପଯୋଗୀ ।

## ହସ୍ତ ଚାଳିତ ଚେନ୍ ଓ୍ୱାସର ପମ୍ପ

### ଗଠନ (Construction)

ଏହି ପମ୍ପର ପ୍ରଧାନ ଫ୍ରେମ୍‌ଟି ଲୁହା ଚାନେଲ୍‌ରେ ତିଆରି କରାଯାଇଛି । ଏହି ଲୁହା ଫ୍ରେମର ଷ୍ଟାଣ୍ଡରେ ଦୁଇଟି ବଲ ବିୟରିଂ ଲଗା ଯାଇଅଛି । ଗୋଟିଏ ଲୌହ ଦଣ୍ଡ (Shaft) ମଝିରେ ଏକ ଚକାକୁ ଧରି ଏହି ବିୟରିଂ ସାହାଯ୍ୟରେ ସହଜରେ ବୁଲି ପାରୁଅଛି । ଲୁହା ଦଣ୍ଡର ଦୁଇ ପାଖରେ ଦୁଇଟି ହାଣ୍ଡଲ ଲଗା ଯାଇଛି । ଏହି ଚକାଟି ଲୁହା ଛଡ଼ ବା କାଷ୍ଟ ଆଇରନ୍‌ରେ ତିଆରି । ସରୁ ଛଡ଼ରେ ନିର୍ମିତ ଏକ ଦୀର୍ଘ ଚେନ୍ ଏହି ଲୁହା ଚକା ଉପରେ ଏବଂ ପାଇପ ଭିତରେ ପ୍ରଚଳନ ହେବା ପାଇଁ ବ୍ୟବସ୍ଥା ହୋଇଛି । ଚେନ୍‌ର ପ୍ରତି ୩ ଫୁଟ ବ୍ୟବଧାନରେ ଗୋଟିଏ ଗୋଟିଏ ଲୁହା ପ୍ଲେଟ୍ ସହିତ ଗୋଟିଏ ଗୋଟିଏ ରବର ଓ୍ୱାସର ଖଞ୍ଜା ଯାଇଅଛି । ପାଣି ଉଠାଇବା ପାଇଁ ଦସ୍ତା ପତ୍ର ନିର୍ମିତ ୪ ଇଞ୍ଚ ବ୍ୟାସ ବିଶିଷ୍ଟ ଏକ ପାଇପ୍‌ରେ ଏହି ଓ୍ୱାସର ଚେନ୍ ଦ୍ୱାରା ଉଠୁଅଛି । ପାଣି ବାହାରିବା ସ୍ଥାନରେ ଗୋଟିଏ ଟ୍ରେ ଖଞ୍ଜାଯାଇ ପାଣି ଜମିକୁ ଛଡ଼ାଯାଏ ।

### କାର୍ଯ୍ୟକାରିତା ଓ ଚାଳନା
### (Workability & operation)

ଯେ କୌଣସି କୂଅରେ ଏହି ପମ୍ପର ଫ୍ରେମକୁ ମଜବୁତ୍ କରି ବସାଇବାକୁ ହୋଇଥାଏ, ଯେପରିକି ଦୁଇଜଣ ଲୋକ ହାଣ୍ଡଲକୁ ଧରି ବୁଲାଇଲା ବେଳେ ପମ୍ପଟି ହଲଚଲ ନ ହୁଏ । ଦୁଇଜଣ ଲୋକ ଛିଡ଼ା ହେବା ପାଇଁ ସୁବିଧା କରାଯାଏ । ଏଥିରେ ଲାଗିଥିବା ଚକାକୁ ସାଫଟର ଦୁଇ ପାଖରେ ଲାଗିଥିବା ହାଣ୍ଡଲ ସାହାଯ୍ୟରେ ବୁଲାଇଲେ ଚକାରେ ଥିବା ଘାଟି ସାହାଯ୍ୟରେ ଚେନ୍ ଟଲୁ ଉପରକୁ ଉଠିଥାଏ । ପାଇପର ତଳ ଅଂଶ ପ୍ରାୟ ଦୁଇଫୁଟ ପର୍ଯ୍ୟନ୍ତ ପାଣିରେ ବୁଡ଼ି ରହିବା ଆବଶ୍ୟକ । ପାଣି କମି ଆସିଲେ ଅତି କମ୍‌ରେ ୬ ଇଞ୍ଚ ବୁଡ଼ି ରହିବା ଆବଶ୍ୟକ । ଚେନ୍ ମଝିରେ ଲାଗିଥିବା ରବର ଓ୍ୱାସର ସାହାଯ୍ୟରେ ଚେନ୍ ଉପରକୁ ଉଠିବା ସମୟରେ ପାଇପ୍ ମଧ୍ୟଦେଇ ପାଣି ଉପରକୁ ଉଠି

ଆସେ ଏବଂ ଏଥିରେ ଲଗିଥିବା ଟ୍ରେ ସାହାଯ୍ୟରେ ଜମିକୁ ପାଣି ଛଡ଼ାଯାଏ । ପାଇପ୍‌କୁ ଟ୍ରେ ତଳେ ଫିଟ୍ କରିବା ସମୟରେ ଯେପରି ଚେନ୍‌ର କେନ୍ଦ୍ର ବିନ୍ଦୁ ଓ ପାଇପର କେନ୍ଦ୍ର ବିନ୍ଦୁ ଏକ ସରଳରେଖାରେ ରହେ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ, ନଚେତ୍ ବାରମ୍ବାର ଚେନ୍ ଚକାରୁ ବାହାରି ଯିବାର ଆଶଙ୍କା ରହେ । ପାଇପର ଦୈର୍ଘ୍ୟ ଉପରେ ଚେନ୍‌ର ଦୈର୍ଘ୍ୟ ନିର୍ଭର କରେ । ଚକାଠାରୁ ପାଇପର ଶେଷ ଅଂଶ ପର୍ଯ୍ୟନ୍ତ ଯେତିକି ଲମ୍ବ, ଚେନ୍‌ର ଦୈର୍ଘ୍ୟ ତା'ର ଦୁଇ ଗୁଣରୁ କିଛି ଅଧିକ ହେବା ଆବଶ୍ୟକ । ଅତି ଟାଇଟ୍ ହେଲେ ଚେନ୍ ଠିକ୍‌ଭାବେ ଚାଲି ପାରିବ ନାହିଁ ।

### କାର୍ଯ୍ୟଦକ୍ଷତା

ଏହି ପମ୍ପର କାର୍ଯ୍ୟଦକ୍ଷତା ଅତି ସନ୍ତୋଷଜନକ । ଏହି ପମ୍ପ ସାହାଯ୍ୟରେ ୧୪ ଫୁଟ ପର୍ଯ୍ୟନ୍ତ ଗଭୀରରୁ ଅତି ସହଜରେ ପାଣି ଉଠାଯାଇପାରେ । ୮।୧୦ଫୁଟ୍ ଗଭୀରରୁ ଦୁଇଜଣ ଲୋକ ଘଣ୍ଟାକୁ ପ୍ରାୟ ୪୦୦୦ ଗ୍ୟାଲନ୍ ପାଣି ଉଠାଇ ପାରନ୍ତି । ଏହି ପମ୍ପ ସାହାଯ୍ୟରେ ୨ରୁ ୩ ଏକର ପର୍ଯ୍ୟନ୍ତ ଜମିରେ ଫସଲ କରି ଜଳସେଚନ କରି ହୁଏ । ଟେଣ୍ଡା ସାହାଯ୍ୟରେ ଉଠା ହେଉଥିବା ପାଣି ଅପେକ୍ଷା ଅଧିକ ଚାରିଗୁଣ ପାଣି ଉଠାଯାଇପାରେ । ବେଶୀ ପରିଶ୍ରମ ପଡ଼େ ନାହିଁ ।

### ରକ୍ଷଣାବେକ୍ଷଣ

ଏହି ପମ୍ପର ରକ୍ଷଣାବେକ୍ଷଣ ପ୍ରତି ସାମାନ୍ୟ ଦୃଷ୍ଟି ଦେଲେ ଏହା ବହୁତ ଦିନ ପର୍ଯ୍ୟନ୍ତ କାମ କରିଥାଏ–

(୧) ଏହାର ପାଇପ୍‌ଟି ପତଳା ଦସ୍ତା ପତ୍ରରେ ତିଆରି ହୋଇ ଥିବାରୁ ଏହାକୁ ନେବା ଆଣିବା କରିବା ସମୟରେ କିମ୍ବା କୂଅରେ ଲଗାଇବା ସମୟରେ ଯେପରି ଚେପା ହୋଇ ନ ଯାଏ ସେଥି ପ୍ରତି ଦୃଷ୍ଟି ଦେବା ଉଚିତ୍ ।

(୨) ଚେନ୍‌ରେ ଲଗିଥିବା ରବର ୱାସରଗୁଡ଼ିକ ନଷ୍ଟ ହୋଇଗଲେ ସେଗୁଡ଼ିକୁ ବଦଳାଇବାକୁ ହୋଇଥାଏ ।

(୩) ଏଥିରେ ଲଗିଥିବା ଦୁଇଟି ବଲ ବିୟରିଂରେ ଆବଶ୍ୟକତା ଅନୁଯାୟୀ ମଝିରେ ମଝିରେ ଗ୍ରିଜ୍ ଦେଲେ ବହୁତ ଦିନ ପର୍ଯ୍ୟନ୍ତ ସହଜରେ କାମ କରି ହୁଏ ।

(୪) କାମ ନ ଥିବା ସମୟରେ ସବୁଥିରେ ମୋବିଲ ବା ଗ୍ରିଜ ମାରି ଘର ଭିତରେ ରଖି ନେବା ଆବଶ୍ୟକ ।

### ଉପଯୋଗିତା

୧୨ଫୁଟରୁ ୧୪ ଫୁଟ ତଳେ ପାଣି ରହୁଥିବା କୂଅ ବା ପୋଖରୀରୁ ପାଣି ଉଠାଇବା ପାଇଁ ଏହା ବିଶେଷ ଉପଯୋଗୀ । ପୋଖରୀ ଉପରେ ଏହି ପମ୍ପ ବସାଇବା ପାଇଁ ଗୋଟିଏ ମଜବୁତ ଭାଡ଼ି ଦରକାର । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଜଳସେଚନ ପାଇଁ ଖୋଳା ଯାଇଥିବା ଖୋଲା କୂଅ ପାଇଁ ଏହା ବିଶେଷ ଉପଯୋଗୀ ।

ଏହି ପମ୍ପର ଦାମ ପ୍ରାୟ ଟ ୧,୦୦୦ଙ୍କା (Approx) ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ କରପୋରେସନ ଏବଂ କୃଷି ବିଭାଗ ଇଞ୍ଜିନିୟରିଂ ସଂସ୍ଥା ଜରିଆରେ ଏହି ପମ୍ପ କିଣିବା ପାଇଁ ବ୍ୟବସ୍ଥା ଅଛି ।

ସବିଶେଷ ବିବରଣୀ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଥିବା ସହକାରୀ କୃଷି ଇଞ୍ଜିନିୟର ଓ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ ଇଞ୍ଜିନିୟରଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ ।

ପମ୍ପ କିଣିବା ପାଇଁ ବ୍ୟାଙ୍କ୍‌ରୁ ଋଣ ନେବାର ବ୍ୟବସ୍ଥା ଅଛି ଏବଂ ଆଦିବାସୀ ଓ କ୍ଷୁଦ୍ର ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ରିହାତି ବ୍ୟବସ୍ଥା ଅଛି ।

## ବଳଦ ଚାଳିତ ଚେନ୍ ୱାସର ପମ୍ପ

### ଗଠନ

ଦୁଇଟି ଲୁହା ୧:୭ ଅନୁପାତରେ ଏଥିରେ ସଂଯୋଗ ହୋଇଥାଏ । ଉପରକୁ ଲମ୍ବଭାବରେ ଥିବା ସାଫ୍‌ଟକୁ ଲମ୍ବା କାଠ ସାହାଯ୍ୟରେ ବଳଦଙ୍କ ଦ୍ୱାରା ବୁଲାଇଲେ ଛୋଟ ଗିଅର ଓ ଚେନ୍ ଗିଅର ବୁଲିଥାଏ । କେତେ ଗୁଡ଼ିଏ ୫ ଫୁଟିଆ ଚେନ୍, ପ୍ଲେଟ୍ ଓ ୱାସରରେ ଯୋଡ଼ାଯାଇ ଚକା ଉପର ଓ ପାଇପ୍ ଭିତର ଦେଇ ଚାଳିତ ହୋଇଥାଏ । ବଳଦ ଗିଅରକୁ ଧରିଥିବା ଲୁହା ଫ୍ରେମ କାଠ ବା ଲୁହା କଡ଼ି ଦ୍ୱାରା କୂଅ ଉପରେ ଦୃଢ଼ ଭାବରେ ବସାଯାଏ । ଏହି ଫ୍ରେମ୍‌ରୁ ଦସ୍ତା ଚଦରରେ ତିଆରି ୪" ବା ୫" ପାଇପ୍ କୂଅ ଭିତରକୁ ଝୁଲିଥାଏ । ବଳଦ ଗିଅରକୁ ବୁଲାଇଲେ ଚେନ୍ ଉପରକୁ ଉଠି ୱାସର ଦ୍ୱାରା ପାଣି ଉଠାଯାଇଥାଏ । ପାଣି ଅବିରତଭାବେ ବୋହି ଚାଲେ । ଛୋଟ ସାଫ୍‌ଟ ଥିଲେ ବଳଦ କୂଅ ଚାରିପାଖେ ବୁଲନ୍ତି ଏବଂ ଲମ୍ବା ସାଫ୍‌ଟ ଲଗାଇଲେ ଚେନ୍ ଗିଅର କୂଅ ଉପରେ ରହେ ଓ ବଳଦ ଗିଅରର କିଛି ଦୂରରେ ରହି ଚାରି ପାଖରେ ବୁଲନ୍ତି ।

### ଉପଯୋଗିତା

ଏହି ପମ୍ପଦ୍ୱାରା ସହଜରେ ୨୫ ଫୁଟରୁ ପାଣି ଉଠାଇ ହୁଏ । ୧୦ରୁ ୧୨ ଫୁଟ ଗଭୀରରୁ ପ୍ରାୟ ୪୦୦୦ ରୁ ୫୦୦୦ ଗ୍ୟାଲନ୍ ପାଣି ଉଠାଇ ହୁଏ । ଅନେକ ବର୍ଷ ପର୍ଯ୍ୟନ୍ତ ଏହା କାମ କରିପାରେ । ମଝିରେ ମଝିରେ ରବର ୱାସର ବଦଳାଇବାକୁ ପଡ଼ିଥାଏ । ଏହା ସାହାଯ୍ୟରେ ୪–୫ଏକର ଜମିରେ ପାଣି ମଡ଼ା ଯାଇ ପାରିବ । କିରୋସିନି ବା ଡ଼ିଜେଲ ଦରକାର ପଡ଼େ ନାହିଁ । ମରାମତି ଖର୍ଚ୍ଚ ବେଶୀ କିଛି ନାହିଁ ।

କ୍ଷୁଦ୍ର ଚାଷୀଙ୍କ ପାଇଁ ଏହା ବିଶେଷ ଉପଯୋଗୀ । ବ୍ୟାଙ୍କ୍‌ରୁ ଋଣ ଓ ବିଭିନ୍ନ ସଂସ୍ଥା ତରଫରୁ କିଣିବା ପାଇଁ ସ୍ୱତନ୍ତ୍ର ରିହାତି ଦିଆ ଯାଉଛି । ଏହାର ଦାମ୍ ପ୍ରାୟ ଟ୨,୦୦୦ଙ୍କା ।

ସରକାରୀ କୃଷି ଇଞ୍ଜିନିୟରିଂ ସଂସ୍ଥା ବା ଆଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ ଜରିଆରେ ଏହା ଯୋଗାଇ ଦିଆ- ଯାଉଛି ଏବଂ ଫିଟ୍‌କରି କାର୍ଯ୍ୟକାରିତା ବିଷୟରେ ବୁଝାଇ ଦିଆ ଯାଉଛି । ଦରକାର ହେଲେ ପ୍ରତି ଜିଲ୍ଲାରେ ଏହି ସଂସ୍ଥାର କର୍ମକର୍ତ୍ତାମାନଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ ।



## ଆଦିବାସୀ ହରିଜନଙ୍କ ଶିକ୍ଷା ପ୍ରସାର ପାଇଁ ବ୍ୟାପକ କାର୍ଯ୍ୟକ୍ରମ

ଆଦିବାସୀ ଓ ହରିଜନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ ରାଜ୍ୟ ସରକାର ଚଳିତ ବର୍ଷ ୬ କୋଟି ୨୮ ଲକ୍ଷ ୮୩ ହଜାର ଟଙ୍କା ବ୍ୟୟ ବରାଦ କରିଛନ୍ତି । ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ୮ ଲକ୍ଷ ୫୦ ହଜାର ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ ପାଇଁ ଏହା ବିନିଯୋଗ କରାଯିବ ।

ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଅଂଚଳରେ ଥିବା ୧୮ ଟି ସେବାଶ୍ରମ, ୧୨ ଟି ଆଶ୍ରମ ବିଦ୍ୟାଳୟ ଏବଂ ୧୫ ଟି ହାଇସ୍କୁଲକୁ ଏହି ଉଭୟ ସଂପ୍ରଦାୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଆବାସିକ ବିଦ୍ୟାଳୟରେ ପରିଣତ କରାଯାଇଛି । ଏଥିରେ ୧,୫୦୦ ଛାତ୍ରଛାତ୍ରୀ ରହି ବିଦ୍ୟାଭ୍ୟାସ କରିପାରିବେ । ଏମାନଙ୍କ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ।

ଛାତ୍ରାବାସ ବ୍ୟତୀତ, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ମେସ୍‌ମାନଙ୍କରେ ରହୁଥିବା ୧ ହଜାର ଛାତ୍ରଛାତ୍ରୀଙ୍କୁ ଜଣ ପିଛା ମାସିକ ୨୦ ଟଂକା ହାରରେ ଘରଭଡ଼ା ମିଳିବ । ସଂପୃକ୍ତ ଜିଲ୍ଲାପାଳମାନେ ଏହା ମଂଜୁର କରିବେ ।

ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଚଳିତବର୍ଷଠାରୁ ୧ ହଜାର ଆଦିବାସୀ ଓ ୧ ହଜାର ହରିଜନ ଛାତ୍ରଛାତ୍ରୀଙ୍କୁ ଜଣ ପିଛା ୫୦୦ ଟଂକା କରି ପ୍ରତିଭା ପୁରସ୍କାର ଦିଆଯିବ । ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାର ଫଳାଫଳକୁ ବିଚାରକୁ ନେଇ ଯୋଗ୍ୟତା ଭିତ୍ତିରେ ଏହି ପୁରସ୍କାର ମଂଜୁର କରାଯିବ । କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ଏହା ସେମାନଙ୍କର ସହାୟକ ହେବ । ଗତ ବର୍ଷ ଆବାସିକ ଶିକ୍ଷାନୁଷ୍ଠାନମାନଙ୍କରେ ୨୦ ହଜାର ଛାତ୍ରଛାତ୍ରୀ ଥିବା ସ୍ଥଳେ ଚଳିତ ବର୍ଷ ଏମାନଙ୍କ ସଂଖ୍ୟା ୨୨ ହଜାରକୁ ବୃଦ୍ଧି ପାଇଛି । ୧,୨୦୦ ଟି ଅଣଆବାସିକ ପ୍ରାଥମିକ ବିଦ୍ୟାଳୟରେ ୬୦ ହଜାର ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ।

ଚଳିତ ବର୍ଷଠାରୁ କେବଳ ମେଧାବୀ ଆଦିବାସୀ ଓ ହରିଜନ ଛାତ୍ରମାନଙ୍କୁ ଭୁବନେଶ୍ୱରଠାରେ ଥିବା ତପୋବନ ହାଇସ୍କୁଲରେ ଗ୍ରହଣ କରାଯିବ । ଏଥିପାଇଁ ପ୍ରତି ଜିଲ୍ଲାରୁ ଯୋଗ୍ୟତା ଭିତ୍ତିରେ ଛାତ୍ର ଗ୍ରହଣ କରାଯିବ । ଏମାନଙ୍କ ପାଇଁ ସ୍କୁଲ ସଂଲଗ୍ନ ଛାତ୍ରାବାସରେ ୧୮୦ ଟି ସ୍ଥାନ ରଖାଯାଇଛି । ଶିକ୍ଷାର ମାନ ବୃଦ୍ଧି ପାଇଁ ଯୋଗ୍ୟତାସଂପନ୍ନ ଗେଜେଟେଡ୍ ପାହ୍ୟାର ଜଣେ ପ୍ରଧାନ ଶିକ୍ଷକ ଓ ଦକ୍ଷ ଶିକ୍ଷକମାନଙ୍କୁ ଏଠାରେ ନିଯୁକ୍ତ କରାଯାଇଛି । ଏହାଛଡ଼ା ଚଳିତ ବର୍ଷ ବାରିପଦାଠାରେ ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ ପାଇଁ ୬୦ ଗୋଟି ସ୍ଥାନ ବିଶିଷ୍ଟ ଗୋଟିଏ ପବ୍ଲିକ ସ୍କୁଲ ସ୍ଥାପନ କରାଯାଇଛି । ଏଥିପାଇଁ ୫ ଲକ୍ଷ ଟଂକା ମଂଜୁର ହୋଇଛି । ରାଜ୍ୟ ଓ ରାଜ୍ୟ ବାହାରେ ଥିବା ଅନ୍ୟାନ୍ୟ ପବ୍ଲିକ୍ ସ୍କୁଲମାନଂକରେ ପଢ଼ିବାପାଇଁ ଛାତ୍ରବୃତ୍ତି ଖଂଜା ଯାଇଛି ।

ଚଳିତବର୍ଷଠାରୁ ବିଭିନ୍ନ ଆଦିବାସୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ସର୍ବୋତ୍କୃଷ୍ଟ ୧୦ ଜଣ ପ୍ରଧାନ ଶିକ୍ଷକ ଓ ୬୦ ଜଣ ସହକାରୀ ଶିକ୍ଷକଙ୍କୁ ସଂପୃକ୍ତ ଅନୁଷ୍ଠାନର ପରୀକ୍ଷା ଫଳାଫଳ ଭିତ୍ତିରେ ସାର୍ଟିଫିକେଟ୍ ସହ ପ୍ରୋତ୍ସାହନ ପୁରସ୍କାର ଦିଆଯିବ ।

ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲରେ ଚଳିତ ବର୍ଷଠାରୁ ୧୮ ଜଣ ଆଦିବାସୀ ଓ ହରିଜନ ଛାତ୍ରଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି । ଇଂଜିନିୟରିଂ ଓ ମେଡ଼ିକାଲ କଲେଜରେ ନାମ ଲେଖାଇବା ପାଇଁ ଏ ବର୍ଷ ଭୁବନେଶ୍ୱରରେ ୬୦ ଜଣ ଓ ସମ୍ବଲପୁରଠାରେ ୯୦ ଜଣ ଏହି ଉଭୟ ସଂପ୍ରଦାୟର ଛାତ୍ରଙ୍କୁ ପ୍ରାକ୍ ପରୀକ୍ଷା ତାଲିମ ଦିଆଯାଇଛି ।

# ଜିଲ୍ଲା ପରିକ୍ରମା

## 'ବଡ଼ଝରା' ଗ୍ରାମର ନାମ ସାର୍ଥକତା ଲଭିଲା

ଶ୍ରୀ ଆକୁଳ ଚରଣ ପ୍ରଧାନ

ଗାଁଟିର ନାମ ବଡ଼ଝରା । ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସବ୍‌ଡ଼ିଭିଜନ ଅନ୍ତର୍ଗତ ପର୍ଜଙ୍ଗ ବ୍ଲକର ବାଲିହାପୁର ଗ୍ରାମ ପଞ୍ଚାୟତ ଅଧୀନରେ ଏହା ଗୋଟିଏ ଚାଷୀବହୁଳ ଗ୍ରାମ । ଗାଁ ଟି ସବ୍‌ଡ଼ିଭିଜନ ମହକୁମା କାମାକ୍ଷାନଗରଠାରୁ ୧୯ କିଲୋମିଟର ଓ ପର୍ଜଙ୍ଗ ବ୍ଲକଠାରୁ ୭ କିଲୋମିଟର ଦୂରରେ ଭୁବନ-ତାଳଚେର ପ୍ରଧାନ ରାସ୍ତା କଡ଼ରେ ଅବସ୍ଥିତ । ଗ୍ରାମର ଲୋକ ସଂଖ୍ୟା ପ୍ରାୟ ୩,୭୦୦ ଏବଂ ମୋଟ ୬୧୦ଟି କୃଷକ ପରିବାର ଏହି ଗ୍ରାମରେ ବାସ କରନ୍ତି । ଗ୍ରାମର ମୋଟ ୧,୭୯୨ ଏକର ଚାଷ ଜମି ମଧ୍ୟରୁ ୧,୧୩୫ ଏକର ଜମି ଚାଷୋପଯୋଗୀ । ଅନ୍ୟାନ୍ୟ ଗ୍ରାମର ଚାଷୀ ଭାଇଙ୍କପରି ଏହି ଗ୍ରାମର ଚାଷୀମାନେ ବର୍ଷା ଋତୁର ଖରିଫ ଫସଲରେ କେବଳ ଧାନ ଚାଷ କରନ୍ତି । ବର୍ଷର ଅନ୍ୟାନ୍ୟ ସମୟରେ ଜମିଗୁଡ଼ିକ ପ୍ରାୟ ଫସଲ ବିହୀନ ହୋଇଥାଏ । ଏହାର କାରଣ ସ୍ୱରୂପ ଗ୍ରାମବାସୀମାନେ ଗୋଟିଏ ଉତ୍ତର ଦିଅନ୍ତି "ବର୍ଷା ଋତୁ ଛଡ଼ା ଅନ୍ୟ ଦିନେ ଜମିରେ ଜଳ କାହିଁ ଯେ ଆମେ ଚାଷ କରିବୁ"?

ପ୍ରକୃତରେ ଏହି ଗ୍ରାମରେ ଜଳର ଅଭାବ ନଥିଲା କିମ୍ବା ଚାଷୀଙ୍କ ମନରେ ଜମିରେ ଅଧିକ ଫସଲ କରିବାର ଆଗ୍ରହ କମ୍ ନଥିଲା । ଏ ବିଷୟରେ ଗ୍ରାମର ଚାଷୀଙ୍କ ମନରେ ଚେତନା ଆଣିଦେଲେ ଜିଲ୍ଲାପାଳ ଶ୍ରୀ ଆଲେକ୍ସ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମିଶ୍ର, କାମାକ୍ଷାନଗରର ଅନୁବିଭାଗୀୟ ଅଧିକାରୀ ଶ୍ରୀ ବେହେରା ଓ ପର୍ଜଙ୍ଗ ବ୍ଲକ୍ ଉନ୍ନୟନ ଅଧିକାରୀ ଶ୍ରୀ ପଟ୍ଟନାୟକ । ଏହି ଗ୍ରାମ ପରିଦର୍ଶନ ବେଳେ ଗ୍ରାମବାସୀମାନଙ୍କର ଆଗ୍ରହ ଲକ୍ଷ୍ୟ କରି ସେମାନେ ବୁଝାଇଲେ ଯେ, "ବର୍ତ୍ତମାନର ସରକାର ଗାଁ ଗହଳର ଚାଷୀ-ମୂଲିଆ, କୃଷି-ଶ୍ରମିକ, ହରିଜନ, ଆଦିବାସୀ ଓ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ଅର୍ଥନୈତିକ ଉନ୍ନତି ନିମନ୍ତେ ବିଶେଷ ଧ୍ୟାନ ଦେଉଛନ୍ତି । ଆମ ଦେଶ କୃଷି ପ୍ରଧାନ ଦେଶ ହୋଇଥିବାରୁ ଏବଂ କୃଷିର ଉନ୍ନତି ନିମନ୍ତେ ଗାଁ ଗହଳରେ ଜଳସେଚନର ଅଭାବ ଏକ ପ୍ରଧାନ ପ୍ରତିବନ୍ଧକ ହୋଇଥିବାରୁ ଦେଶରେ ସୁବିଧା ଥିବା ଭୂମି ଉପର ଓ ଭୂମି ତଳ ଜଳକୁ ଜଳସେଚନ ଉପଯୋଗୀ କରିବା ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ଜିଲ୍ଲାରେ ଭୂତଳ ଜଳର ଅଭାବ ନାହିଁ । ବଡ଼ଝରା ଗ୍ରାମର କେତେକ ପରିବାର ନିଜ ଘର ପାଖରେ ଛୋଟ ଛୋଟ କୂଅ ଖୋଳି ଏହି ଜଳକୁ ଦୈନନ୍ଦିନ ପାନୀୟ ଜଳରୂପେ ବ୍ୟବହାର କରୁଛନ୍ତି । ଜିଲ୍ଲାର ବୃହତ୍ କୂପ ଖନନ ଯୋଜନାନୁଯାୟୀ ଏହି ଗ୍ରାମରେ ମଧ୍ୟ ୩୫ଟି ବୃହତ୍ କୂପ ରହିଛି । ଯଦି ଏହି କୂପଗୁଡ଼ିକରେ ବିଦ୍ୟୁତ୍ ଚାଳିତ ମଟର ପମ୍ପ ଲଗାଯାଏ ତେବେ ଅକ୍ଲେଶରେ ବର୍ଷାଦିନ ବ୍ୟତୀତ ଅନ୍ୟ ସମୟରେ ପ୍ରତ୍ୟେକ କୂପ ଜଳରୁ ଅନ୍ତତଃ ୨-୩ ଏକର ଜମିରେ ଜଳସେଚନ କରାଯାଇପାରିବ । ଏହି ଯୋଜନାର ସଫଳତା ଆମ ପ୍ରଦେଶର ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ହୋଇ ପାରିଛି ବୋଲି ପ୍ରମାଣିତ ହୋଇ ସାରିଲାଣି । ବଡ଼ଝରା ଗ୍ରାମର ଚାଷୀମାନେ ଏହି ଯୋଜନାକୁ ତାଙ୍କ ଗ୍ରାମରେ କାର୍ଯ୍ୟକାରୀ କରିବା ନିତାନ୍ତ ପ୍ରୟୋଜନ ।" ଏହି ଉକ୍ତିର ତାତ୍ପର୍ଯ୍ୟ ବଡ଼ଝରା ଗ୍ରାମର ଚାଷୀମାନଙ୍କ ହୃଦୟରେ ଏକ ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ସେମାନେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସମ୍ମତି ପ୍ରଦାନ କରିଥିଲେ । କିନ୍ତୁ ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଯେଉଁ ଦୁଇଟି ପ୍ରଧାନ ଜିନିଷ ବିଶେଷ ଆବଶ୍ୟକ ତାହାର ଅଭାବ ଥିବାରୁ ଏହି ଯୋଜନାକୁ କାର୍ଯ୍ୟକାରୀ କରାଇବାରେ ଗ୍ରାମବାସୀଙ୍କ ମନରେ ସନ୍ଦେହର ସୂତ୍ରପାତ ହୋଇଥିଲା । ସେ ଦୁଇଟି ହେଲା, ଗ୍ରାମରେ ବିଜୁଳି ଶକ୍ତିର ଅଭାବ ଏବଂ ଉକ୍ତ ଚାଷୀଙ୍କ ନିକଟରେ ଅର୍ଥର ଅଭାବ । ଜିଲ୍ଲା କର୍ତ୍ତୃପକ୍ଷ ଗ୍ରାମବାସୀମାନଙ୍କୁ ସୂଚନା ଦେଇଥିଲେ "ମନଥିଲେ ଧନର ଅଭାବ ରହିବ ନାହିଁ ବା ବିଦ୍ୟୁତ୍ ଶକ୍ତିର ଅଭାବ ରହିବ ନାହିଁ । ଗ୍ରାମବାସୀମାନେ

ସ୍ଥିରେ ଏହି ଯୋଜନା ବାବଦରେ ଦରକାର ହେଉଥିବା ଅର୍ଥ ଜିଲ୍ଲାରେ ଥିବା ବିଭିନ୍ନ ବ୍ୟାଙ୍କରୁ ସେମାନେ ଋଣ ଆକାରରେ ପାଇପାରିବେ ଏବଂ ବିଦ୍ୟୁତ୍ ଶକ୍ତିକୁ ଚାଷ-କାର୍ଯ୍ୟରେ ବ୍ୟବହାର ପାଇଁ ପ୍ରାଧାନ୍ୟ ଦେଲେ ଏହି ଗ୍ରାମକୁ ତୁରନ୍ତ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବ ।" ବଡ଼ଝରା ଗ୍ରାମର ଆଗ୍ରହୀ ଚାଷୀଭାଇମାନେ ଉଭୟଟିରେ ରାଜି ଅଛନ୍ତି ବୋଲି ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ସମ୍ମତି ପ୍ରଦାନ କଲେ ।

ପରେ ପରେ ବିଦ୍ୟୁତ୍ ବିଭାଗ ତରଫରୁ ୧,୪୬,୦୦୦ ଟଙ୍କା ବ୍ୟୟରେ ଦୁଇଟି ସବ୍-ଷ୍ଟେସନ ତିଆରି କରାଯାଇ ୬·୭ କିଲୋମିଟର କେ. ଭି. ଲାଇନ୍ ଓ ୩·୫ କିଲୋମିଟର ଏଲ୍. ଟି. ଲାଇନ୍ ଟଣାଯାଇ ଏହି ଗ୍ରାମ ପର୍ଯ୍ୟନ୍ତ ବିଦ୍ୟୁତ୍ ଲାଇନ ଅଣାଗଲା । ୧୨ ଜଣ ଚାଷୀଙ୍କୁ ଷ୍ଟେଟ୍‌ବ୍ୟାଙ୍କ ମୁଣ୍ଡିଦେଉଳ ଶାଖାରୁ, ୪ ଜଣ ଚାଷୀଙ୍କୁ କାମାକ୍ଷାନଗର ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କରୁ ଓ ୪ ଜଣ ଚାଷୀଙ୍କୁ ପର୍ଜଙ୍ଗସ୍ଥିତ ଇଉକୋ. ବ୍ୟାଙ୍କରୁ, ପ୍ରତ୍ୟେକ ୫ ହଜାର ଟଙ୍କା କରି ଋଣ ଦିଆଗଲା । ସମସ୍ତେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ହୋଇଥିବାରୁ ଜିଲ୍ଲା କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା ତରଫରୁ ପ୍ରତ୍ୟେକଙ୍କୁ ଏହି ଋଣରେ ଶତକଡ଼ା ୨୫ ଟଙ୍କା ରିହାତିର ବ୍ୟବସ୍ଥା ମଧ୍ୟ କରାଗଲା । ପ୍ରତ୍ୟେକ ପମ୍ପସେଟ୍ ନିମନ୍ତେ ଘର ତିଆରିପାଇଁ ପ୍ରତ୍ୟେକ ଚାଷୀଙ୍କୁ ବ୍ଲକ ତରଫରୁ ୪ କୁଇଣ୍ଟାଲ କରି ଗହମ ମଧ୍ୟ ଯୋଗାଇ ଦିଆଗଲା । ଗ୍ରାମର ୨୦ଟି କୂପରେ ବିଦ୍ୟୁତ୍



ଚାଳିତ ପମ୍ପସେଟ୍ ସ୍ଥାପନ କରାଗଲା । ଗ୍ରାମବାସୀମାନେ ଆଗ୍ରହର ସହିତ ଅପେକ୍ଷା କରିଥାନ୍ତି କେଉଁଦିନ ଗ୍ରାମରେ ବିଜୁଳି ଆଲୁଅ ଜଳିବ ଏବଂ ସେହି ବିଜୁଳି ସାହାଯ୍ୟରେ କୂପର ଜଳକୁ ସେମାନେ ଉପରକୁ ଉଠାଇ ଖରାଦିନେ କିମ୍ବା ଶୀତ ଦିନେ ବିଭିନ୍ନ ଫସଲ କରିପାରିବେ ।

ସେଦିନ ଆସି ପହଞ୍ଚିଲା । ଜିଲ୍ଲା କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ଜଣାଇଲେ ଯେ ଅପ୍ରେଲ ମାସର ଶେଷ ଦିନରେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ଶ୍ରୀ ପ୍ରତାପଚନ୍ଦ୍ର ମହାନ୍ତି ବଡ଼ଝରା ଗ୍ରାମର ବିଦ୍ୟୁତ୍‌କରଣ ଯୋଜନାକୁ ଉଦ୍‌ଘାଟନ କରିବେ । ଏହି ଖବର ଗ୍ରାମବାସୀଙ୍କ ହୃଦୟରେ ଯେଉଁ ଅପୂର୍ବ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିଥିଲା ତା'ର ପ୍ରତ୍ୟକ୍ଷ ପ୍ରମାଣ ମିଳିଥିଲା ଅପ୍ରେଲ ୩୦ ତାରିଖ ଅପରାହ୍ନ ୬ ଘଣ୍ଟା ସମୟରେ ଯେତେବେଳେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପ୍ରତାପଚନ୍ଦ୍ର ମହାନ୍ତି, ଗୋଷ୍ଠୀଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ, ବିଧାନସଭା ସଭ୍ୟ ଶ୍ରୀ ଧରଣୀଧର ପ୍ରଧାନ ଓ ଶ୍ରୀ ପ୍ରସନ୍ନ କୁମାର ପଟ୍ଟନାୟକ, ଜିଲ୍ଲାପାଳ ଶ୍ରୀ ଏ. ଜେ. ଆଲେକ୍‌ସ, ବିଦ୍ୟୁତ୍ ବିଭାଗ ଚିଫ ଇଂଜିନିୟର ଶ୍ରୀ ଦାସ, ସୁପରିଣ୍ଟେଣ୍ଡିଙ୍ଗ ଇଂଜିନିୟର ଶ୍ରୀ ନନ୍ଦ, କୃଷି ଉପ-ନିର୍ଦ୍ଦେଶକ ଶ୍ରୀ ସାମନ୍ତରାୟ ଓ ଅନ୍ୟାନ୍ୟ ଅଫିସରମାନଙ୍କୁ ଗ୍ରାମବାସୀମାନେ ଅଶେଷ ଆଗ୍ରହ ସହିତ ବିଭିନ୍ନ ବାଦ୍ୟ, ସଂକୀର୍ତ୍ତନ ଓ ଗ୍ରାମର ଲୋକନୃତ୍ୟ ଗହଣରେ ଗ୍ରାମନୃତ୍ୟ ଆମ୍ବ ତୋଟା ନିକଟରୁ

ଅଭ୍ୟର୍ଥନା ଜଣାଇ ପାଛୋଟି ନେଇଥିଲେ ବଡ଼ଝରା ଗାଁ ଭିତରକୁ । ସଂଧ୍ୟା ସମୟରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପ୍ରତାପଚନ୍ଦ୍ର ମହାନ୍ତି ବଡ଼ଝରା ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଣ ଉଦ୍‌ଘାଟନ କରିବା ସଙ୍ଗେ ସଙ୍ଗେ ୨୦ଟି କୂପର ବିଦ୍ୟୁତ୍ ଚାଳିତ ମୋଟରକୁ କାର୍ଯ୍ୟକାରୀ କରାଇଲେ । ଏହି ଅବସରରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହଙ୍କ ସଭାପତିତ୍ୱରେ ଏକ ବିରାଟ ସାଧାରଣ ସଭାରେ ବିଧାନ ସଭା ସଦସ୍ୟ ଶ୍ରୀ ଧରଣୀଧର ପ୍ରଧାନ ଓ ଶ୍ରୀ ପ୍ରସନ୍ନ କୁମାର ପଟ୍ଟନାୟକ ସ୍ଥାନୀୟ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଜନ ସହଯୋଗ ମିଳିଲେ ସରକାରୀ ଯୋଜନା କିପରି ଶୀଘ୍ର କାର୍ଯ୍ୟକାରୀ ହୋଇପାରେ ବଡ଼ଝରା ଗ୍ରାମର ବିଦ୍ୟୁତ୍‌କରଣ ଏହାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ଦର୍ଶାଇ ଗ୍ରାମବାସୀମାନଙ୍କୁ ଧନ୍ୟବାଦ ଦେଇଥିଲେ । ମନ୍ତ୍ରୀ ଶ୍ରୀଯୁକ୍ତ ମହାନ୍ତି ଗ୍ରାମାଭିମୁଖୀ ଯୋଜନା ସମ୍ବନ୍ଧରେ ସୂଚନା ଦେଇ ଏହା ଦେଶରେ କିପରି ନିଖୁଣ ଭାବରେ କାର୍ଯ୍ୟକାରୀ ହେଉଛି ତାହା ଦର୍ଶାଇଥିଲେ । ସଭାପତି ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ସିଂହ ବଡ଼ଝରା ଗ୍ରାମର ଚାଷୀଭାଇମାନେ ଏପରି ଏକ ଯୋଜନାରେ ପୂର୍ଣ୍ଣ ପ୍ରାଣରେ ସହଯୋଗ କରି ଏହାକୁ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରାଇ ପାରିଥିବାରୁ ଗ୍ରାମବାସୀମାନଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଏହା ପାଖଆଖ ଗ୍ରାମର ଚାଷୀଭାଇମାନଙ୍କର ଆର୍ଥିକ ଉନ୍ନତି ନିମନ୍ତେ ପଥପ୍ରଦର୍ଶକ ହେବବୋଲି ପ୍ରକାଶ କରିଥିଲେ । ଏହି ଉତ୍ସବର ପରିସମାପ୍ତି ହୋଇଥିଲା ସୂଚନା ଓ ଲୋକ ସଂପର୍କ ବିଭାଗର ଚଳଚ୍ଚିତ୍ର ପ୍ରଦର୍ଶନରେ ।

ଗାଁର ବିଦ୍ୟୁତ୍‌କରଣ ଉତ୍ସବ ସରିଗଲା । ମାତ୍ର ଗାଁର ଚାଷୀମାନଙ୍କର ଫସଲ ଉତ୍ପାଦନ ଉତ୍ସବ ଆରମ୍ଭ ହେଲା । ଏହି ଗ୍ରାମର ଚାଷୀ ଭାଇମାନେ ପରିଶ୍ରମୀ । ଗତବର୍ଷ ଗାଁରେ ମିଳୁଥିବା ସ୍ୱଳ୍ପ ଜଳରେ ୭ ଶହ ଏକର ଜମିରେ ଅଧିକ ଅମଳକ୍ଷମ ଧାନ ଚାଷକରି ୪୫ ହଜାର ଟଙ୍କାର ରାସାୟନିକ ସାର ଓ ୧୦ ହଜାର ଟଙ୍କାର କୀଟନାଶକ ଔଷଧ ବ୍ୟବହାର କରିବାରେ ସମର୍ଥ ହୋଇଥିଲେ । ଏହି ଗ୍ରାମର ଉଦୀୟମାନ ଚାଷୀ ଶ୍ରୀ ଶରତ ଚନ୍ଦ୍ର ସାହୁ ନିଜ କ୍ଷେତରୁ ଏକର ପ୍ରତି ୩୨ କୁଇଣ୍ଟାଲ ଜୟାଧାନ ଅମଳ କରି ସୁନାମ ଅର୍ଜନ କରିଅଛନ୍ତି । ଏହି ଗ୍ରାମର ଚାଷୀମାନେ ଚାହୁଁଥିଲେ କ୍ଷେତ ତାଙ୍କର ସବୁବେଳେ ସବୁଜମୟ ହୋଇ ପାରନ୍ତା କି ? ଏବେ ତାହାହିଁ ହେଲା । ଖରାଦିନ, ମୋଟର ଚାଲୁକଲେ ବର୍ଷାଦିନ ପରି ପାଣି ମାଡ଼ିଚାଲୁଛି । ତେବେ କି ଫସଲ କରାଯିବ ? ଏ ପ୍ରଶ୍ନର ସମାଧାନ କଲେ କୃଷି ଉପନିର୍ଦ୍ଦେଶକ ଶ୍ରୀ ଚିନ୍ତାମଣି ସାମନ୍ତରାୟ, କୃଷି ଜିଲ୍ଲାଧିକାରୀ ଶ୍ରୀ ଦାସ, କୃଷି ସଂପ୍ରସାରଣ ଅଫିସର ଶ୍ରୀ ଚନ୍ଦ୍ର ଶେଖର ବେହେରା ଓ ସ୍ଥାନୀୟ ବାଣିହାପୁର ଗ୍ରାମ୍ୟ କୃଷି କର୍ମଚାରୀ । ଖରାଦିଆ କେତେକ ପନିପରିବା ଚାଷର ପଦ୍ଧତି ଚାଷୀମାନଙ୍କୁ ବୁଝାଇ ଦିଆଗଲା । ସମସ୍ତେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ହୋଇଥିବାରୁ କୃଷି ବିଭାଗ ତରଫରୁ ଜିଲ୍ଲା କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥାର ରିହାତି ବ୍ୟବସ୍ଥା ସହିତ ପ୍ରତ୍ୟେକଙ୍କୁ ୨ଶହ ଟଙ୍କାର ସାର, ବିହନ ଓ ପୋକମରା ଔଷଧ ମଧ୍ୟ ଯୋଗାଇ ଦିଆଗଲା । ପ୍ରତ୍ୟେକ କୂପ ନିକଟରେ ଆରମ୍ଭ ହେଲା ଖରାଦିନିଆ ପନିପରିବା ଚାଷ, ଭେଣ୍ଡି, ଶାଗ, ବାଇଗଣ, କଖାରୁ ଇତ୍ୟାଦି । ଏହି ସବୁ ଫସଲରୁ ଜଣେ ଜଣେ ଚାଷୀ ପ୍ରାୟ ୫ ଶହ ଟଙ୍କାରୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭବାନ୍ ହେବେ ବୋଲି ଆଶା କରୁଛନ୍ତି । ଜିଲ୍ଲା କୃଷି ବିଭାଗ ଏହି ଗ୍ରାମର ଚାଷୀଙ୍କ ପାଇଁ ବର୍ଷକୁ ତିନି ଫସଲ ଉତ୍ପାଦନ କଲାଭଳି ଏକ ଫସଲ ଖସଡ଼ା ଯୋଗାଇଦେଇ ସାରିଛନ୍ତି । ଏହି ଗ୍ରାମର ଚାଷୀ ଯଦି ତତ୍ପର ହୁଅନ୍ତି ତେବେ ବର୍ଷକୁ ସେ ଯେଉଁ ଜମିରୁ ଗୋଟିଏ ମାତ୍ର ଫସଲ ପାଉଥିଲେ ସେଥିରୁ ବର୍ତ୍ତମାନ ତିନୋଟି ଫସଲ ପାଇ ପାରିବେ ଏବଂ ତାଙ୍କର ବର୍ଷକୁ ଆୟ ତିନିଗୁଣ ବୃଦ୍ଧି ପାଇବ । ଏତଦ୍‌ବ୍ୟତୀତ ପ୍ରତ୍ୟେକ କୂପ ନିକଟରେ କଦଳୀ, ସପୁରୀ, ଅମୃତଭଣ୍ଡା ଚାଷ ନିମନ୍ତେ ମାଗଣାରେ ଚାରା ଯୋଗାଇ ଦେବା ନିମନ୍ତେ ଜିଲ୍ଲାପାଳ ବ୍ୟବସ୍ଥା କରୁଛନ୍ତି ।

ଓଡ଼ିଶାର ୯୧ ହଜାର ୬ଶହ ୩୯ଟି ଗ୍ରାମ ମଧ୍ୟରୁ ଏକ ଚାଷୀ ବହୁଳ ଗ୍ରାମର ଏହି ହେଲା ବିକାଶ କାହାଣୀ । ସେ ଦିନ ଗ୍ରାମର ଶ୍ରୀ ଭୋଳେଶ୍ୱର ସାହୁ କହିଲେ ଯେ "ପ୍ରକୃତରେ ସରକାର ଯେଉଁ ଗ୍ରାମାଭିମୁଖୀ ଯୋଜନା କଥା କହୁଛନ୍ତି, ତାହା କେବଳ କଥାରେ ନୁହେଁ, ପ୍ରକୃତରେ କାର୍ଯ୍ୟକାରୀ ହେଉଛି । ଆଜି ଆମେ ତାହା ଉପଲବ୍‌ଧି କଲୁ । ଗ୍ରାମବାସୀମାନେ ପୂର୍ଣ୍ଣ ପ୍ରାଣରେ ସହଯୋଗ କଲେ ସରକାରଙ୍କର ପ୍ରତ୍ୟେକ ଯୋଜନା ସଫଳ ହେବ ଏବଂ ଗ୍ରାମବାସୀମାନଙ୍କର ଆର୍ଥିକ ଉନ୍ନତି ନିଶ୍ଚୟ ହେବ ଏହା ନିଃସନ୍ଦେହ" । କିନ୍ତୁ ଉକ୍ତ ଗ୍ରାମର ଚାଷୀ ଶ୍ରୀ ମାୟାଧର ସାହୁ କହନ୍ତି ଯେ ଏହି ଯୋଜନା ଦ୍ୱାରା ଆମ ଗ୍ରାମର "ବଡ଼ଝରା" ନାମ ସାର୍ଥକ ହେଲା । କାରଣ ବଡ଼ଝରରୁ ପାଣି ଝରିଲା ପରି ବର୍ତ୍ତମାନ ଗାଁର ଚାଷ ଜମିରେ ପାଣି ମାଡ଼ି ପାଉଛି ।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ,
ଢେଙ୍କାନାଳ

# ବିକାଶ ପଥେ ବାଲିଗୁଡ଼ା

ବୌଦ୍ଧ-କନ୍ଧମାଳ ଫୁଲବାଣୀ ଜିଲ୍ଲାର ଗିରିକାନନ ପରିବେଷ୍ଟିତ ବାଲିଗୁଡ଼ା ସବ୍‌ଡ଼ିଭିଜନ ଏକ ଅନୁନ୍ନତ ହରିଜନ ତଥା ଆଦିବାସୀବହୁଳ ଅଞ୍ଚଳ । ଏଠାକାର ଉଚ୍ଚ ମାଳଭୂମି ଚାଷ ପାଇଁ ବିଶେଷ ଉପଯୋଗୀ ହୋଇନଥିବାରୁ ଦାରିଦ୍ର୍ୟ ଲୋକଙ୍କର ଚିର ସହଚର ହୋଇରହିଛି । ପ୍ରକୃତି କୋଳରେ ବାସ କରୁଥିବା ଏହି ସରଳ ନିଷ୍କପଟ ଆଦିବାସୀମାନଙ୍କର ଜୀବନଧାରଣ ପାଇଁ ଭଗବାନ ସୃଷ୍ଟି କରିଛନ୍ତି ଅସଂଖ୍ୟ ଫଳବୃକ୍ଷ । କିନ୍ତୁ ଶାସନ କର୍ତ୍ତୃପକ୍ଷଙ୍କ ତତ୍ପରତା ଫଳରେ ସରକାରଙ୍କ ଗ୍ରାମାଭିମୁଖୀ ଯୋଜନାର ସଫଳ ରୂପାୟନ ହୋଇପାରିଛି । ଫଳରେ ତଫସିଲଭୁକ୍ତ ଜାତି ଓ ଉପଜାତିମାନଙ୍କ ମଧ୍ୟରେ ଆନନ୍ଦର ଉଲ୍ଲାସ ଖେଳିଯାଇଛି । ଖାଦ୍ୟ ବିନିମୟରେ କାମ ଯୋଜନାରେ ନିଯୁକ୍ତ ହେଉଥିବାରୁ ସେମାନେ ଅଭାବ କଣ ଜାଣୁନାହାନ୍ତି । ଏଠାକାର ଲୋକେ ଗହମ ଖାଇବାରେ ଅଭ୍ୟସ୍ତ ନଥିବାରୁ ପ୍ରଥମେ ଏହି ଯୋଜନାରେ ନିଷ୍କ୍ରିୟତା ଦେଖାଦେଇ ଥିଲା । କିନ୍ତୁ ପରେ ଗହମ ସହିତ ଚାଉଳ ଏବଂ ଆବଶ୍ୟକୀୟ ଜିନିଷ କିଣିବା ପାଇଁ ଟଙ୍କା ଦେବା ଦ୍ୱାରା ଏହି ଯୋଜନା ବିଶେଷ ଆଦୃତ ହେଉଅଛି । ବର୍ତ୍ତମାନ ଏହି ଯୋଜନାରେ ବାଲିଗୁଡ଼ା ସବ୍‌ଡ଼ିଭିଜନ ମଧ୍ୟରେ ୩୧୩ଟି ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ କରାଯାଇ ୧୨୮ଟି ସ୍କୁଲ ଗୃହ ନିର୍ମାଣ, ୧୨ଟି କ୍ଷୁଦ୍ର ଜଳସେଚନ ନିର୍ମାଣ ହେବା ସଙ୍ଗେ ସଙ୍ଗେ ୫୫ଟି କୂପ ଖନନ, ୧୬ଟି ପୋଖରୀ ଖୋଳାଯାଇ ପାରିଛି ଏବଂ ଏଥିପାଇଁ ୧୯,୬୬୮ କ୍ୱିଣ୍ଟାଲ ଗହମ, ୬୪,୯୦ କ୍ୱିଣ୍ଟାଲ ଚାଉଳ ଓ ୩୮,୩୩୬ ଟଙ୍କା ମଞ୍ଜୁର କରାଯାଇଛି । ଏହି ଉଚ୍ଚ ମାଳଭୂମିରେ ପାନୀୟ ଜଳର ଉତ୍କଟ ଅଭାବ ପରିଲକ୍ଷିତ ହେଉଥିଲା । ବର୍ତ୍ତମାନ ବିଶୁଦ୍ଧ ପାନୀୟ ଜଳଯୋଗାଣ କାର୍ଯ୍ୟକ୍ରମ ଅନୁସାରେ କୂଅ ନଥିବା ଗ୍ରାମମାନଙ୍କର ତାଲିକା କରାଯାଇ ଅଗ୍ରାଧିକାର ଭିତ୍ତିରେ ୧୬୮ଟି ସାନିଟାରୀ କୂଅ ୮୦ଟି ନଳକୂପ, ୭୮୩ଟି ସେଚକୂପ ଖୋଳାଯାଇ ପାନୀୟ ଜଳର ଅଭାବ ଦୂରହେବା ସଙ୍ଗେ ସଙ୍ଗେ ଭୂତଳ ଜଳ ସମ୍ପଦକୁ ଚାଷ କାର୍ଯ୍ୟରେ ବିନିଯୋଗ କରାଯାଇ ପ୍ରଭୂତ ଉପକାର ସାଧନ ହେଉଛି । ଏତଦ୍‌ବ୍ୟତୀତ ୧୯୭୯-୮୦ ବର୍ଷ ମଧ୍ୟରେ ଆହୁରି ୮୫ଟି ସାନିଟାରୀ କୂପ ଓ ୯୦୦ଟି ସେଚକୂପ ଖୋଳାଯିବାର ବ୍ୟାପକ ପରିକଳ୍ପନା କରାଯାଇଛି । ଉକ୍ତ ସେଚକୂପ ଖନନ କାର୍ଯ୍ୟ ସମନ୍ୱିତ ଆଦିବାସୀ ଉନ୍ନୟନ ଯୋଜନାର ପରିସରଭୁକ୍ତ ହୋଇଥିବାରୁ ଆଦିବାସୀମାନଙ୍କୁ ଶତକଡ଼ା ୫୦ ଟଙ୍କା ରିହାତି ଦିଆଯାଇ କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଭାରତୀୟ ବ୍ୟାଙ୍କ ତରଫରୁ ଋଣ ଦିଆଯାଉଛି । ଏହି ସମନ୍ୱିତ ପଲ୍ଲୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ୩୯୮ଟି ସେଚକୂପ ପାଇଁ ଟଙ୍କା ମଞ୍ଜୁର କରିଛନ୍ତି ଏବଂ ତନ୍ମଧ୍ୟରୁ ୧୯୫ଟିର କାର୍ଯ୍ୟ ଶେଷହୋଇଛି ଓ ୨୦୩ଟି କୂପର କାମ ଦ୍ରୁତ ଗତିରେ ଚାଲିଛି । ସେହିପରି ଭାରତୀୟ ବ୍ୟାଙ୍କ ୩୮୫ଟି ସେଚକୂପର ଋଣ ମଞ୍ଜୁର କରିଛନ୍ତି ଏବଂ ତନ୍ମଧ୍ୟରୁ ୨୦୦ଟିର କାର୍ଯ୍ୟ ଶେଷ ହୋଇଛି । ଏତଦ୍‌ବ୍ୟତୀତ ଟି. ଡ଼ି. ଏ. ୨୦୦ ସେଚକୂପ ପାଇଁ ମଧ୍ୟ ଋଣ ବ୍ୟବସ୍ଥା କରିଛନ୍ତି । ୧୯୭୯-୮୦ ବର୍ଷ ପାଇଁ ଟି. ଡ଼ି. ଏ. ଏବଂ ଆଇ. ଡ଼ି. ପି. ଏ. ପି. ସଂସ୍ଥା ତରଫରୁ ସବ୍‌ଡ଼ିଭିଜନ ମଧ୍ୟରେ ୯୦୦ ସେଚକୂପ ଖନନ ପାଇଁ କାର୍ଯ୍ୟକ୍ରମ ରଖାଯାଇଛି । ସମନ୍ୱିତ ପଲ୍ଲୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଥିବା ଅଞ୍ଚଳରେ ଆଦିବାସୀ ଓ ହରିଜନ ଲୋକମାନଙ୍କ ମଧ୍ୟରେ ବାସଗୃହ ଯୋଗାଣ ଯୋଜନାନୁସାରେ ନୂଆଗାଁ, ବାଲିଗୁଡ଼ା, କୋଟ୍‌ଗଡ଼୍, ତୁମୁଡ଼ିବନ୍ଧ ବ୍ଲକର ଘର ତିଆରି ପାଇଁ ସାତ ଶହ ଟଙ୍କା ହିସାବରେ ୨୩୮ଟି ଘରର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ଏଥିପାଇଁ ଟ ୧,୬୯,୯୦୦ ମଞ୍ଜୁର ହୋଇଥିଲା । ଏହା ବ୍ୟତୀତ ୫୨ଟି ଗୃହର ନିର୍ମାଣ କାର୍ଯ୍ୟ ଚାଲୁରହିଛି ଏବଂ ସଂପୂର୍ଣ୍ଣ ହୋଇଥିବା ଘରଗୁଡ଼ିକ ୨୩ ଜଣ ହରିଜନ ଓ ୧୯୨ ଜଣ ଆଦିବାସୀ ପରିବାରଙ୍କ ମଧ୍ୟରେ ବଣ୍ଟାଯାଇଛି । ଅଧିକନ୍ତୁ ଏହି ଯୋଜନା ମଧ୍ୟରେ ଥିବା ତୁମୁଡ଼ିବନ୍ଧ, କୋଟ୍‌ଗଡ଼, ଟିକାବାଲି, ଚକାପାଦ ଏବଂ ଘୁ-ଉଦୟଗିରି ପ୍ରଭୃତି ବ୍ଲକ୍ ଅଞ୍ଚଳରେ ପ୍ରତ୍ୟେକ ବ୍ଲକ ପାଇଁ ଦୁଇଲକ୍ଷ ଟଙ୍କା ଖର୍ଚ୍ଚ କରିବା ସକାଶେ କାର୍ଯ୍ୟକ୍ରମ ସ୍ଥିର କରାଯାଇ ଦାରିଦ୍ର୍ୟ ଦୂରୀକରଣ ପାଇଁ ସଂଗ୍ରାମ ଅବ୍ୟାହତ ରହିଛି । ଏହି ବ୍ଲକ୍ ଅଞ୍ଚଳରେ ବାସ କରୁଥିବା ଦରିଦ୍ର ଅକ୍ଷମ, ବୃଦ୍ଧ ବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ଦିଆଯାଉଛି ଏବଂ ଏ ବାବଦରେ ୭୦୯ ଜଣଙ୍କୁ ଟ ୪୦ ହିସାବରେ ଭତ୍ତା ଦିଆଯାଉଛି । ଗରିବ ଆଦିବାସୀ ଏବଂ ହରିଜନ ଲୋକଙ୍କ ମଧ୍ୟରେ ଆର୍ଥିକ ବିକାଶ ଘଟାଇବା ଉଦ୍ଦେଶ୍ୟରେ ସେମାନଙ୍କ ମଧ୍ୟରେ ସଞ୍ଚୟ ଅଭ୍ୟାସ ସୃଷ୍ଟି କରିବା ପାଇଁ ମଜୁରୀ ଲବ୍ଧ ଅର୍ଥର କିୟଦଂଶ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଜମା ରଖିବା ପାଇଁ ଉତ୍ସାହିତ କରାଯାଉଛି । ଫଳରେ ଏହି ସବ୍‌ଡ଼ିଭିଜନ ମଧ୍ୟରେ ୬ଲକ୍ଷ ଟଙ୍କା ଏହି ଯୋଜନାରେ ସଂଗୃହୀତ ହୋଇପାରିଛି ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ
ଅଧିକାରୀ, ଫୁଲବାଣୀ

# ଆଦିବାସୀ ଉନ୍ନୟନ ଯୋଜନାରେ ଜମନକିରା ବ୍ଲକ

ସମ୍ବଲପୁରଠାରୁ ପୂର୍ବଦିଗରେ ୫୬ କି. ମି. ଦୂର ପାହାଡ଼, ପର୍ବତ ଓ ଜଙ୍ଗଲ ଘେରା ମାଳଭୂମିରେ ୧୩ ଗୋଟି ଗ୍ରାମ ପଞ୍ଚାୟତକୁ ନେଇ ୧୯୫୯ ମସିହାରେ ଏଇ ବ୍ଲକ ଗଠନ କରାଗଲା । ୧୯୭୧ ଜନଗଣନା ଅନୁସାରେ ଏହି ବ୍ଲକର ଲୋକସଂଖ୍ୟା ୫୫,୧୭୫ । ଏଥି ମଧ୍ୟରୁ ଆଦିବାସୀଙ୍କ ସଂଖ୍ୟା ୩୧,୦୬୬ । ଏହାର ଭୌଗୋଳିକ ଆୟତନ ୯୬,୮୬୬ ହେକ୍ଟର ।

ଏଇ ଆଦିବାସୀ ସଂପ୍ରଦାୟ ଲୋକଙ୍କ ଜୀବନଧାରଣ ବାସ୍ତବିକ ଆଶ୍ଚର୍ଯ୍ୟଜନକ । ଜଙ୍ଗଲର ଫଳ ମୂଳ ଓ ପଶୁ ପକ୍ଷୀଙ୍କର ମାଂସ ସେମାନଙ୍କର ପ୍ରଧାନ ଖାଦ୍ୟ ଥିଲା । ପ୍ରକୃତିଦତ୍ତ ସୁବିଧାସୁଯୋଗ ଉପଭୋଗ କରି ସେମାନେ ଜୀବିକା ନିର୍ବାହ କରୁଥିଲେ । ଗଛର ପତ୍ରକୁ ବସନ କରି ମହୁଲ ନିଶାରେ ବିଭୋରହୋଇ ମାଦଳର ତାଳେ ତାଳେ ନାଚିଗାଇ ସେମାନେ ଜୀବନକୁ ଉପଭୋଗ କରୁଥିଲେ । ସଭ୍ୟତା କ'ଣ ସେମାନେ ଜାଣିନଥିଲେ ।

ଦେଶର ପରିବର୍ତ୍ତନ ସାଥିରେ ସେମାନଙ୍କର ପରିବର୍ତ୍ତନ ହେଲା । ପ୍ରକୃତିଦତ୍ତ ଜିନିଷକୁ ଉପଭୋଗ କରିବା ସଙ୍ଗେ ସଙ୍ଗେ ସେମାନେ ଶିକ୍ଷା ଓ କୃଷିକୁ ଅଗ୍ରାଧିକାର ଦେଲେ । ଫଳରେ ଗାଁ ଗାଁରେ ବିଦ୍ୟାଳୟମାନ ସ୍ଥାପନ କରାଗଲା । ଖାଦ୍ୟଦ୍ରବ୍ୟ ଉତ୍ପାଦନ ପାଇଁ ପାହାଡ଼ ପର୍ବତରୁ ଗଡ଼ିଆସୁଥିବା ପାଣିକୁ ସ୍ଥାନେ ସ୍ଥାନେ ବନ୍ଧ ବାଡ଼ ଦେଇ ଜମାକରି ସେଇ ପାଣିକୁ ବ୍ୟବହାର କରି ସେମାନେ ଆସ୍ତେ ଆସ୍ତେ ଫସଲ କରିବା ଶିଖିଲେ, ଆଉ ପାହାଡ଼ିଆ ଟାଙ୍ଗର ଭୂଇଁକୁ ଚାଷ କରି ସେଥିରେ ସୁନାର ଫସଲ ଉତ୍ପାଦନ କରାଇଲେ । ହେଲେ ମହାଜନଙ୍କ ଦାଉରେ ସେ ଫସଲକୁ ଉପଭୋଗ କରିବା ସମ୍ଭବପର ହେଉନଥିଲା । ସରକାରଙ୍କର ସମବାୟ ଯୋଜନା ସେ ଅବସ୍ଥାର ପରିବର୍ତ୍ତନ ଆଣିଲା ।

୧୯୭୭ ମସିହାଠାରୁ କେନ୍ଦ୍ର ସରକାର ସେମାନଙ୍କର ଉନ୍ନତି ବିଧାନ ନିମନ୍ତେ ବହୁବିଧ ଯୋଜନାର ପରିକଳ୍ପନା କରି ଏହି ବ୍ଲକକୁ ଯୋଜନା ଅନ୍ତର୍ଭୁକ୍ତ କରିଅଛନ୍ତି । ଏହି ବ୍ଲକ ଅଞ୍ଚଳ ମଧ୍ୟରେ ୯ ଗୋଟି ସେବା ସମବାୟ ସମିତି କାର୍ଯ୍ୟକାରୀ ହେଉଥିଲା । ବର୍ତ୍ତମାନ ଏହାକୁ ୩ଟି କେନ୍ଦ୍ରରେ ବିଭକ୍ତ କରାଯାଇ ୩ ଗୋଟି ଲ୍ୟାଂପ କାର୍ଯ୍ୟକାରୀ ହେଉଛି ଓ ଏହାର ୬ ଗୋଟି ଶାଖା କାର୍ଯ୍ୟାଳୟ ଅଛି ଯାହା ଫଳରେ ସର୍ବସାଧାରଣଙ୍କୁ ଠିକ୍ ସମୟରେ ଚାଷୋପକରଣ, ସାର, ପୋକମରା ଔଷଧ ଓ ଅନ୍ୟାନ୍ୟ ଚାଷ ଖର୍ଚ୍ଚ ନିମନ୍ତେ ପାଣ୍ଠି ଯୋଗାଇ ଦେବାର ସମସ୍ତ ପ୍ରକାର ସୁବିଧା କରାଯାଇଛି । ଏତଦ୍‌ବ୍ୟତୀତ ଶସ୍ତା ଦରରେ କଣ୍ଟ୍ରୋଲ ଲୁଗାପଟା ଓ ଅତ୍ୟାବଶ୍ୟକୀୟ ଜିନିଷ ମଧ୍ୟ ଯୋଗାଇ ଦିଆଯାଉଛି । ଚାଷୀର ଉତ୍ପାଦିତ ଫସଲ ଉଚିତ ମୂଲ୍ୟରେ କ୍ରୟ କରି ଗୋଦାମଘରେ ସାଇତି ରଖି ଅଭାବ ସମୟରେ ସେମାନଙ୍କୁ ଯୋଗାଇ ଦେବାର ପରିକଳ୍ପନା ମଧ୍ୟ କରାଯାଉଛି । ଗ୍ରାମ୍ୟ କାରିଗରମାନଙ୍କର ଉନ୍ନତିକଳ୍ପେ ସେମାନଙ୍କୁ କଞ୍ଚାମାଲ ଯୋଗାଇବା ଓ ଉତ୍ପାଦନ ବୃଦ୍ଧିରେ ସହାୟତା କରିବା ନିମନ୍ତେ ଏବେ ନୂତନ ଏକ ଯୋଜନାର ପରିକଳ୍ପନା କରାଯାଉଛି । ଉପରୋକ୍ତ ସମସ୍ତ କାର୍ଯ୍ୟ ନିମନ୍ତେ ଲ୍ୟାଂପ ଗୁଡ଼ିକର ଋଣ ଲଗାଣ କ୍ଷମତା (ନଅ ଲକ୍ଷ ୯,୦୦,୦୦୦'୦୦) ଟଙ୍କାରେ ପହଞ୍ଚିଲାଣି ।

କୃଷିର ବିକାଶ କରି ଗରିବ ଚାଷୀମାନଙ୍କର ଆର୍ଥିକ ଉନ୍ନତି ନିମନ୍ତେ ୫୬୧ ଗୋଟି ସେଚକୂପ ଖୋଳାହୋଇଛି ଓ ଚଳିତ ବର୍ଷରେ ୩୦୦ଟି ସେଚକୂପ ଖୋଳା ଯିବାର ଯୋଜନା ହୋଇଛି । ଏତଦ୍‌ଭିନ୍ନ ପ୍ରଦର୍ଶନ କ୍ଷେତ୍ର ମାଧ୍ୟମରେ ବିଭିନ୍ନ ଫସଲର ବିକାଶ ନିମନ୍ତେ ଉନ୍ନତ ବିହନ, ରାସାୟନିକ ସାର ଓ ପୋକମରା ଔଷଧ ବିନା ମୂଲ୍ୟରେ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଉନ୍ନତ କୃଷିଯନ୍ତ୍ରପାତି ରିହାତି ଦରରେ ଯୋଗାଇ ଦିଆଯାଉଛି ।

କ୍ଷୁଦ୍ର ଓ ନାମ ମାତ୍ର ଚାଷୀମାନଙ୍କର ଉନ୍ନତି କଳ୍ପେ ପଶୁ ଓ କୁକୁଡ଼ା ପାଳନକୁ ବିଶେଷ ଗୁରୁତ୍ୱ ଦିଆଯାଉଛି । କେନ୍ଦ୍ର ସମବାୟ ବ୍ୟାଙ୍କ୍, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଅନ୍ୟାନ୍ୟ ଗ୍ରାମ୍ୟ ଆଞ୍ଚଳିକ ବ୍ୟାଙ୍କ ଜରିଆରେ ଋଣ ମଞ୍ଜୁର କରାଯାଇ ସେମାନଙ୍କୁ ବଳଦ, ଷାଣ୍ଢ, ଛେଳି ଓ କୁକୁଡ଼ା ପାଳନ ନିମନ୍ତେ ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯାଉଅଛି । ବିଗତ ୨ ବର୍ଷ ମଧ୍ୟରେ ୧୦୭ ଜଣ ଚାଷୀକୁ କୁକୁଡ଼ା ଓ ଛେଳି ପାଳନ ନିମନ୍ତେ ଋଣ ମଞ୍ଜୁର କରାଯାଇ ୧୨୦୦ କୁକୁଡ଼ା ଓ ୩୩୨ ଗୋଟି ଛେଳି ଯୋଗାଇ ଦିଆଯାଇଛି ।

ଗୃହହୀନ ଆଦିବାସୀମାନଙ୍କ ନିମନ୍ତେ ଅନ୍ୟୁନ ୩୦ ହଜାର ଟଙ୍କାରେ ଦୁଇଗୋଟି ଆଦିବାସୀ କଲୋନି ତିଆରି କରାଯାଇ ୩୫ ଜଣ ଆଦିବାସୀ ପରିବାରକୁ ଥଇଥାନ କରାଯାଇଅଛି ।

ଜଳସେଚନର ଉନ୍ନତି କଳ୍ପେ ୨,୪୨,୦୦୦'୦୦ ଟଙ୍କା ବ୍ୟୟରେ ୩୩ ଗୋଟି କଟାର (ବନ୍ଧ) ଉନ୍ନତି ବିଧାନ କରାଯାଇଅଛି । ଏହା ଫଳରେ ୪୦୦ ହେକ୍ଟର ଜମିରେ ଜଳସେଚନ ହୋଇପାରିବା ସଙ୍ଗେ ସଙ୍ଗେ ଗ୍ରାମ ପଞ୍ଚାୟତମାନେ ମାଛ ଚାଷ କରି ଲାଭବାନ ହୋଇପାରିବେ ।

ପାନୀୟ ଜଳର ଅସୁବିଧା ଦୂରୀକରଣ ନିମନ୍ତେ ବିଶେଷ ଦୃଷ୍ଟି ଦିଆଯାଇଛି । ପ୍ରତ୍ୟେକ ଗ୍ରାମର ପ୍ରତ୍ୟେକ ପରିବାରକୁ ଯେପରି ପାନୀୟ ଜଳ ଯୋଗାଇ ଦିଆଯାଇ ପାରିବ ସେଥି ନିମନ୍ତେ ଏକଲକ୍ଷ ବାରହଜାର ଟଙ୍କା ବ୍ୟୟରେ ୨୭ ଗୋଟି ନୂତନ କୂପ ଖନନ କରାଯାଇଛି ।

ରୋଗଜନିତ ମୃତ୍ୟୁହାର କମେଇବା ଓ ପରିବାର କଲ୍ୟାଣ କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟକାରୀ

କରିବା ନିମନ୍ତେ ଏହି ବ୍ଲକ ଅନ୍ତର୍ଗତ ପ୍ରଧାନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂପ୍ରସାରଣ କରାଯାଇ ଅଧିକ ୩୦ ଗୋଟି ଶଯ୍ୟାର ବ୍ୟବସ୍ଥା କରାଯାଇଛି ।

ଏହି ଆଦିବାସୀ ଅଞ୍ଚଳରେ ଯାତାୟତର ସୁବିଧା ପାଇଁ ୩୬ କି. ମି. ନୂତନ ରାସ୍ତା ନିର୍ମାଣ କରାଯାଇ ପ୍ରତ୍ୟେକ ଗ୍ରାମ ସହିତ ଯୋଗାଯୋଗ ରକ୍ଷା କରାଯାଇ ପାରିଛି ।

ଗରିବ ଚାଷୀ ମୁଲିଆମାନଙ୍କୁ ସକଳ ପ୍ରକାର ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ନିମନ୍ତେ ୭୭ ମସିହାରୁ ଏହି ବ୍ଲକର ସଦର ମହକୁମାରେ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଶାଖା କାର୍ଯ୍ୟାଳୟ ଖୋଲାଯାଇଛି ।

ଏତଦ୍ ଭିନ୍ନ ଅନ୍ୟାନ୍ୟ ବହୁମୁଖୀ ସଂସ୍ଥା ଦ୍ୱାରା ଗରିବ, ଭୂମିହୀନ, ନାମ ମାତ୍ର ଓ କ୍ଷୁଦ୍ର ଚାଷୀଙ୍କର ଉନ୍ନତି ବିଧାନ କରାଯାଉଅଛି ।

ସମସ୍ତ ପ୍ରକାର ସାହାଯ୍ୟ ପାଇଲେ ମଧ୍ୟ "ମଦ୍ୟପାନ" ଏମାନଙ୍କର ଉନ୍ନତିରେ ପ୍ରଧାନ ପ୍ରତିବନ୍ଧକ ହୋଇ ଦେଖା-ଦେଇଛି । ବର୍ତ୍ତମାନର ଲୋକପ୍ରିୟ ସରକାର ନିଶାନିବାରଣକୁ ବିଶେଷ ଗୁରୁତ୍ୱ ଦେଇ ଆଦିବାସୀମାନଙ୍କୁ ଏଥିରୁ ନିବର୍ତ୍ତାଇବା ଦିଗରେ ପଦକ୍ଷେପ ଗ୍ରହଣ କଲେ, ଏ ଅଞ୍ଚଳର ଅଧିବାସୀମାନେ ଅଳ୍ପ କିଛି ଦିନରେ ପ୍ରଗତିର ଚରମ ସୀମାରେ ପହଞ୍ଚି ପାରିବେ ବୋଲି ଆଶା କରାଯାଏ ।

# ବୈଚିତ୍ର୍ୟର ଗନ୍ତାଘର କୋରାପୁଟ : ଏକ ପରିକ୍ରମା :

ଶ୍ରୀ ପୀତବାସ ମିଶ୍ର

ସେପର୍ଯ୍ୟନ୍ତ ଉପକୂଳ ଓଡ଼ିଶାକୁ ମୌସୁମୀ ଆସିନି । ଆମର ଚାଷୀକୁଳ ବ୍ୟତିବ୍ୟସ୍ତ । ସତେ କ'ଣ ଇନ୍ଦ୍ର ରଜା ଏବର୍ଷ ରାଗିଛନ୍ତି । ସତେ କ'ଣ ଏବର୍ଷ ଅ ପାଳକ ହେବ । ଯଦିଓ ନଅଙ୍କ ଦୁର୍ଭିକ୍ଷ କଥା ସ୍ମୃତିରେ ପରିଣତ ହେଲଣି, ତଥାପି ତାର ଭୟ ଜନମାନସରୁ ପୁରାପୁରି ଲିଭିନି । ଏଭଳି ସମୟରେ ହଠାତ୍ ଏକ କାମରେ କୋରାପୁଟରେ ଯାଇ ପହଞ୍ଚିଲି । କିନ୍ତୁ କୋରାପୁଟକୁ ମୌସୁମୀ ଆସି ଯାଇଥିଲା । ବର୍ଷା ତାର ସବୁଜ ରଂଗ ନେଇ ପ୍ରକୃତିର ଏହି ସୁରମ୍ୟ ଗନ୍ତାଘରେ ତାର ମେଖଳା ମେଲି ଦେଇଥିଲା । ଏକ ବର୍ଷଣମୁଖର ଦିନରେ ବିଜୟନଗରମ୍ ଠାରୁ ମୁଁ ଯାତ୍ରା ଆରମ୍ଭ କରିଥିଲି ।

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରୁ କୋରାପୁଟ ଯିବା ପାଇଁ ସିଧା ସଳଖ ବସ୍ ସର୍ଭିସ ଥିଲେ ହେଁ କ୍ଲାନ୍ତିକର ବସ୍ ଯାତ୍ରାରୁ ରକ୍ଷା ପାଇବା ପାଇଁ ଭୁବନେଶ୍ୱରରୁ ମାଡ୍ରାସ ଅଭିମୁଖେ ଯାଉଥିବା ଯେ କୌଣସି ଟ୍ରେନ୍‌ରେ ବିଜୟ ନଗରମ୍ ଯାଇ ସେଠାରୁ ବସ୍‌ରେ ସୁବିଧାରେ କୋରାପୁଟ ଯାଇ ହେବ ଏବଂ ମୁଁ ସେଇ ଉପାୟ ଅବଲମ୍ବନ କରିଥିଲି ।

ଓଡ଼ିଆ ପୁଅ ହିସାବରେ ଓଡ଼ିଶାରେ ଏହି ବୈଚିତ୍ର୍ୟ-ମୟ ଜିଲ୍ଲା ପ୍ରକୃତିର ଗନ୍ତାଘର କୋରାପୁଟ ଦେଖିବାପାଇଁ ବହୁ ଦିନରୁ ପ୍ରବଳ ଆଗ୍ରହ ଫଳରେ କୋରାପୁଟ ସଂପର୍କରେ ବହୁ ଖବର ମୁଁ ରଖୁଥାଏ ।

କୋରାପୁଟ ଆମ ପ୍ରଦେଶର ଜିଲ୍ଲାମାନଙ୍କ ମଧ୍ୟରେ ଆୟତନରେ ସର୍ବ ପ୍ରଥମ । ଏହାର ବିସ୍ତୃତ ଆୟତନ ପ୍ରାୟ ଦଶ ହଜାର ବର୍ଗ ମାଇଲ । ଉପକୂଳ ଓଡ଼ିଶାର କଟକ, ପୁରୀ, ବାଲେଶ୍ୱର ଜିଲ୍ଲାର କ୍ଷେତ୍ରଫଳର ସମଷ୍ଟି ସଙ୍ଗେ ଏହି ଜିଲ୍ଲାର କ୍ଷେତ୍ରଫଳ ପ୍ରାୟ ସମାନ । ରସ୍ୟ ହାସ୍ୟମୟୀ ପ୍ରକୃତିର ସୁଷମାରେ ପରିପୂର୍ଣ୍ଣ, ଘନ ଜଙ୍ଗଲ ଓ ପାହାଡ଼ର କଟୀଦେଶରେ ଛୋଟ ଛୋଟ କୁଡ଼ିଆଠାରୁ ସଦର ମହକୁମା କୋରାପୁଟ ଟାଉନ୍, ଜୟପୁର ଏବଂ ବ୍ଲକ୍ ହେଡ୍ କ୍ୱାଟରରେ ସୁରମ୍ୟ ପ୍ରାସାଦମାନଙ୍କରେ ପ୍ରାୟ ୧୬ ଲକ୍ଷ ଅଧିବାସୀଙ୍କୁ ନେଇ ଏହି ଜିଲ୍ଲା । ତାର ବିରାଟ ବପୁ ଭିତରେ ପେଟେଇ ପଡ଼ିଛି । ପାହାଡ଼ର ସର୍ବୋଚ୍ଚ ଦେଶରୁ ଘୁରି ଘୁରି ନିମ୍ନକୁ ଆସି ପୁଣି ଘୁରି ଘୁରି ଉପରକୁ ଉଠି ତାରି ଉପର ଦେଇ ଯେଉଁ ସର୍ପିଳ ପିଚୁରାସ୍ତା ସଭ୍ୟ ସମାଜକୁ ଏଇ ବୈଚିତ୍ର୍ୟମୟ ଜିଲ୍ଲାସାଙ୍ଗେ ମିଳନ କରାଇଛି ତାରି ଉପର ଦେଇ ଆନ୍ଧ୍ର ସୀମା ଅତିକ୍ରମ କରି ବସ୍ ଯେତେବେଳେ ଏହି ଜିଲ୍ଲା ମଧ୍ୟକୁ ପ୍ରବେଶ କରିବ ଏହି ଜିଲ୍ଲାର ଅପୂର୍ବ ରୂପ ମାଧୁରୀରେ ଯେ କୌଣସି ଯାତ୍ରୀ ମୋହିତ ହୋଇ ପଡ଼ିବ ।

ଆଗେ ଯେତେବେଳେ ଏ ଅଞ୍ଚଳକୁ ଗମନାଗମନର ବିଶେଷ ସୁବିଧା ନଥିଲା ; ସେତେବେଳେ ଯେଉଁସବୁ ଚାକିରୀଜୀବୀ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟ କ୍ଷେତ୍ରରେ ତାଙ୍କର ଅପାରଗତା ଦେଖା ଯାଉଥିଲା, ତାଙ୍କୁ ଏହି

ଅଞ୍ଚଳକୁ ବଦଳି କରିଦିଆ ଯାଉଥିଲା । ତେଣୁ ଏହି ଅଞ୍ଚଳକୁ କଳା ପାଣି ଆଖ୍ୟା ଦିଆଯାଇଥିଲା । କିନ୍ତୁ ଏହିଭଳି କଳାପାଣି ଦଣ୍ଡ ପାଇ ଯେଉଁମାନେ ଅତୀତରେ ଏଅଞ୍ଚଳକୁ ଆସିଥିଲେ ଏ ଅଞ୍ଚଳର ସରଳ ବନାନୀ ମେଳରେ ନିଷ୍ପାପ ମଣିଷମାନଙ୍କ ସହ ସ୍ନେହ ପ୍ରେମରେ ବାନ୍ଧି ହୋଇ ଯାଇଛନ୍ତି । ସେମାନେ ଆଉ ଫେରିନାହାନ୍ତି ।

ଏ ଜିଲ୍ଲାରେ ମୋଟଲୋକ ସଂଖ୍ୟାର ୭୦ ଭାଗ ଆଦିବାସୀ । ଏହି ଆଦିବାସୀମାନଙ୍କ ମଧ୍ୟରେ କନ୍ଧ, କୋନ୍ଧ, ମୁଣ୍ଡା, ବଣ୍ଡା ଆଦି ସମ୍ପ୍ରଦାୟର ଆଦିବାସୀ ରହିଛନ୍ତି । ପ୍ରତ୍ୟେକ ସଂପ୍ରଦାୟ ମଧ୍ୟରେ ଆହୁରି ଅନେକ ସହ-ସଂପ୍ରଦାୟ ରହିଛି । କନ୍ଧମାନଙ୍କ ମଧ୍ୟରେ ୪ ପ୍ରକାର, ବଣ୍ଡାମାନଙ୍କ ମଧ୍ୟରେ ଦୁଇପ୍ରକାର, ଏହିଭଳି ଭାଗ ସବୁ ରହିଛି । କୌଣସି ସଂପ୍ରଦାୟ ସହ ଅନ୍ୟ ସଂପ୍ରଦାୟର ସେଭଳି ପୂରାପୂରି ସାମଞ୍ଜସ୍ୟ ନଥିଲେ ହେଁ କେତେକ ରୀତିନୀତି ପାଳନରେ ସମତା ଦେଖାଯାଇଥାଏ ।

କୋରାପୁଟ ଜିଲ୍ଲାର ସଦର ମହକୁମା ହେଉଛି କୋରାପୁଟ ସହର । ଏହି ଜିଲ୍ଲାର ଅନ୍ୟାନ୍ୟ ମୁଖ୍ୟ ସହର ସବୁ ଜୟପୁର, ନବରଙ୍ଗପୁର, ଗୁଣୁପୁର, ରାୟଗଡ଼ା ଓ ସୁନାବେଡ଼ା । ଅଧୁନା ମାନବର ଯନ୍ତ୍ର ସଭ୍ୟତାର ବିକାଶରେ ଭାଗୀଦାର କରାଇବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ବିଭିନ୍ନ ପ୍ରକଳ୍ପମାନ କାର୍ଯ୍ୟକାରୀ ହେବାଫଳରେ ଅମୂଲ୍ୟ ପ୍ରାକୃତିକ ସଂପଦର ଗନ୍ତାଘର ଏହି ଜିଲ୍ଲାରେ ଅନେକ ରୂପାନ୍ତର ଘଟିଛି ।

ପାର୍ବତ୍ୟ ଜଙ୍ଗଲକୁ ପୋଡ଼ି ପୋଡୁଚାଷ କରି ଜୀବନ ନିର୍ବାହ କରୁଥିବା ଆଦିବାସୀ ଯୁବକ, ଯୁବତୀ ଆଜି ଏହି ସବୁ ଶିଳ୍ପ ପ୍ରକଳ୍ପମାନଙ୍କରେ କାର୍ଯ୍ୟରତ । ସୁନାବେଡ଼ାର ମିଗ୍‌ବିମାନ କାରଖାନା, କୋରାପୁଟରେ ବିଭିନ୍ନ ହାଇଡ୍ରୋ-ଇଲେକ୍‌ଟ୍ରିକ୍ ପ୍ରୋଜେକ୍‌ଟ, କୋଲାବ ଇନ୍ଦ୍ରାବତୀ ଆଦି ଭାରି ବିଦ୍ୟୁତ୍ ପ୍ରକଳ୍ପ ସାଙ୍ଗକୁ ଜୟପୁର ଏବଂ ରାୟଗଡ଼ାର ଚିନି ଶିଳ୍ପ ଓ ଅନ୍ୟତମ କାଗଜ ପ୍ରକଳ୍ପରେ ଆଜି ଶହ ଶହ ଆଦିବାସୀ କାର୍ଯ୍ୟରତ । ଆଜି ଏହିସବୁ ଶିଳ୍ପ ସହରମାନଙ୍କ ମାଧ୍ୟମରେ କୋରାପୁଟ ନୂତନ ଶିଳ୍ପ ଜାଗରଣ ସାରା ପ୍ରଦେଶ ମଧ୍ୟରେ ଆରମ୍ଭ କରାଇଛି । ଏହି ସବୁ ଶିଳ୍ପ ଉଦ୍ୟମ ସାଙ୍ଗକୁ ନବୀନ ସାଂସ୍କୃତିକ ଜାଗରଣ ଆଜି କୋରାପୁଟର ଜୀବନ ପ୍ରବାହରେ ଦ୍ରୁତ ତପରିବର୍ତ୍ତନ ସୃଷ୍ଟି କରିଛି । ଏହି ପରିବର୍ତ୍ତନ ଯେତିକି ଆନନ୍ଦଦାୟକ ବିକାଶର ନୂତନ ଆଲୋକରେ ସେତିକି ଉଦ୍‌ଭାସିତ ।

ବହୁତ ଡେରିରେ ହେଲେ ମଧ୍ୟ ଆମ ପର୍ଯ୍ୟଟନ ବିଭାଗ ଏହାକୁ ଏକ ଶୈଳ ନିବାସ ସ୍ଥାନ ବୋଲି ସ୍ୱୀକୃତି ଦେଇଛନ୍ତି । ଏହାର ପ୍ରଥମ ପର୍ଯ୍ୟାୟରେ ଗତ ବର୍ଷ ଜୁନ୍ ୮ ତାରିଖରେ କୋରାପୁଟ୍ ସହର ଗୁପ୍ତେଶ୍ୱରଠାରେ ଏକ ପାନ୍ଥ ନିବାସର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ପର୍ଯ୍ୟଟନ ଏବଂ ଶିଳ୍ପମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍‌ସି ପାତ୍ର । ଏହି ନବ ଉଦ୍ୟମ ଫଳରେ ଏ ସ୍ଥାନର ଖ୍ୟାତି ଆସ୍ତେ ଆସ୍ତେ ସମଗ୍ର ପ୍ରଦେଶରୁ ରାଷ୍ଟ୍ର ଏବଂ ଦିନେ ସମଗ୍ର ପୃଥିବୀକୁ ବ୍ୟାପିବ ବୋଲି ଆଶା କରାଯାଏ ।

ଏହାଛଡ଼ା ସେହି ଜୁନ୍ ୯ ତାରିଖରେ ଓଡ଼ିଶାର ଗଜପତି ଶ୍ରୀ ଦିବ୍ୟସିଂହ ଦେବଙ୍କ କର କମଳରେ କୋରାପୁଟ୍ ଟାଉନ୍ ମଝିରେ ଥିବା ଅତ୍ୟୁଚ୍ଚ 'ନୀଳ ଶଇଳ' (ନୂତନ ନାମକରଣ) ପର୍ବତ ଉପରେ ନୂତନ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରରେ ଶ୍ରୀ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନ ଚତୁର୍ଦ୍ଧା ମୂରତିଙ୍କୁ ବିଜେ କରାଯାଇଛି ଏବଂ ପୁରୀ ମନ୍ଦିରର ରୀତି ନୀତି ସହ ସମତା ରକ୍ଷାକରାଯାଇ ଏଠାରେ ସମସ୍ତ ନୀତି ପାଳିତ କରାହେଉଛି । ପ୍ରତ୍ୟହ ଶହ ଶହ ଭକ୍ତ ମନ୍ଦିରରେ ଦେବ ଦର୍ଶନ କରୁଛନ୍ତି । ଏହା କୋରାପୁଟ୍‌ର ଆଧୁନିକ ଇତିହାସରେ ପୁରାତନ ଐତିହ୍ୟ ସଂସ୍କୃତିର ରୋମନ୍ଥନ କରୁଛି । ଏଇଠି କୁଆଡ଼େ ବିଶ୍ୱାବସୁ ଶବରକୁ ଭୁଲାଇ ବିଦ୍ୟାପତି ତାର ପ୍ରତିଷ୍ଠିତ ଦେବତାକୁ ନେଇ ଆସିଥିଲା । ଏଇଠି କୁଆଡ଼େ ଶବରୀଠାରୁ ଅଇଁଠା ଫଳ ରାମଚନ୍ଦ୍ର ଖାଇଥିଲେ ।

ରାମାୟଣର ଅମର କାହାଣୀ କୋରାପୁଟର ପ୍ରତି ଛତ୍ରେ ଛତ୍ରେ ବିଦ୍ୟମାନ । ଏଠାକାର ଚିତ୍ରକୋଣ୍ଡା କୁଆଡ଼େ ଚିତ୍ରକୂଟ ବନଭୂମି, ଏଠାକାର ବାଲିମେଳା ରାମାୟଣ ବର୍ଣ୍ଣିତ ବାଳିର ବଧ କ୍ଷେତ୍ର । ଏଠାକାର କୋଇକୋଣ୍ଡା କିସ୍କିନ୍ଧ୍ୟାର ଅପଭ୍ରଂଶ ନାମ ଏବଂ ମାଲକାନଗିରି ହେଉଛି ସେଇ ପ୍ରସିଦ୍ଧ ମାଲ୍ୟବନ୍ତ ଯେଉଁଠାରେ ସୀତା ବିଧୁର ରାମଚନ୍ଦ୍ର ତାଙ୍କର ବିରହ କାଳ କଟାଇଥିଲେ ।

କେବଳ ଶିଳ୍ପ ବିପ୍ଳବ ନୁହେଁ ; ଏହା ସାଙ୍ଗକୁ ସବୁଜ ବିପ୍ଳବ ଏବଂ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାର ସଂପ୍ରତି ଏହି ଜିଲ୍ଲାରେ ବିକାଶର ଧାରାକୁ ଅବ୍ୟାହତ ରଖିଛନ୍ତି । ସମନ୍ୱିତ ଆଦିବାସୀ ଯୋଜନା, ଆଦିବାସୀ ଅର୍ଥ ଲଗାଣ କର୍ପୋରେସନ, ଡଙ୍ଗରିଆ କନ୍ଧ ଉନ୍ନୟନ ଯୋଜନା, ବଣ୍ଡା ଗୋଷ୍ଠୀ ଉନ୍ନୟନ ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଏହିସବୁ ଅଞ୍ଚଳର ଉନ୍ନତି ପାଇଁ ଉଦ୍ୟମ ଚଳାଇଛନ୍ତି । ମୁଖ୍ୟ ପ୍ରୋଜେକ୍‌ଟ ଅଧିକାରୀଙ୍କର ପ୍ରଗାଢ଼ ନିଷ୍ଠା ଓ ଉଦ୍ୟମ ଫଳରେ ଏହି ବିକାଶ ଯୋଜନା ଅଧିକ ତ୍ୱରାନ୍ୱିତ ହେବାରେ ଲାଗିଛି । ଜଙ୍ଗଲ ଶୂନ୍ୟ ଡାଙ୍ଗର ଅଞ୍ଚଳମାନଙ୍କରେ ବର୍ତ୍ତମାନ କୃତ୍ରିମ ଜଙ୍ଗଲ ସୃଷ୍ଟି କରାଯାଇ କଦଳୀ, ପଣସ, ଆମ୍ବ, ସପୁରୀ ଆଦି ଚାଷ କରାଯାଉଛି । ଆଦିବାସୀ ଉନ୍ନୟନ ଯୋଜନା ମାଧ୍ୟମରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବା ପାଇଁ ସୁଲଭ ମୂଲ୍ୟର ଦୋକାନସବୁ ଖୋଲା ଯାଇଛି । ଆଦିବାସୀ ଉତ୍ପାଦିତ ବନ୍ୟ ସାମଗ୍ରୀର ସଂଗ୍ରହ ଏବଂ ଉପଯୁକ୍ତ କ୍ରୟ ବିକ୍ରୟ ପାଇଁ ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ ହେବାରୁ ଆଦିବାସୀ

ସଂପ୍ରଦାୟର ଜନ ଜୀବନରେ ଅର୍ଥର ଭୂମିକା ପ୍ରାଧାନ୍ୟ ଲାଭ କରୁଛି । ଅର୍ଥ ବଦଳରେ ସୌଖୀନ ପଦାର୍ଥ କିଣିବା ଏବଂ ତାର ବ୍ୟବହାରର ଆବଶ୍ୟକତା ସେମାନେ ଅନୁଭବ କଲେଣି ।

ସଂପ୍ରତି ଏହି ଜିଲ୍ଲାର ଉନ୍ନୟନ ଦିଗରେ କୋରାପୁଟ୍ ପଂଚବଟୀ ଗ୍ରାମ୍ୟବ୍ୟାଙ୍କ, ନେହେରୁ ଯୁବକେନ୍ଦ୍ର ଆଦି ସରକାରୀ ଏବଂ ବେସରକାରୀ ଅନୁଷ୍ଠାନମାନଙ୍କର ଉଦ୍ୟମ ପ୍ରଶଂସନୀୟ । ଏହାଛଡ଼ା ଏଠାକାର ଜନ ମାନସକୁ ରାଜନୈତିକ ସଚେତନ କରିବା ପାଇଁ କୋରାପୁଟ୍ ଯୁବ ପରିଷଦ ପ୍ରଭୃତି ଯୁବ ଏବଂ ଛାତ୍ର ଅନୁଷ୍ଠାନ-ମାନ ଗଢ଼ି ଉଠିଲେଣି ।

ମୋଟ ଉପରେ ସଂପ୍ରତି ଏହି ଜିଲ୍ଲା ଅନ୍ୟାନ୍ୟ ବିକାଶୋନ୍ମୁଖୀ ଜିଲ୍ଲାମାନଙ୍କ ମଧ୍ୟରେ ବିକାଶ ପଥରେ ଖୁବ୍ ଦ୍ରୁତ ଗତିରେ ଆଗେଇ ଚାଲିଛି । ଦେଶରେ ଯେଉଁ ନବ ଜାଗରଣର ଆବହାଓା ଆରମ୍ଭ ହୋଇଛି ସେଥିରେ ଭାଗୀଦାର ହୋଇ ଏହି ଜିଲ୍ଲା ନିଜର ସଂଖ୍ୟାଲଘୁ ସଂପ୍ରଦାୟର ଅଧିବାସୀଙ୍କୁ ପ୍ରଗତିର ନୂତନ ଆଲୋକ, ସଭ୍ୟତା ଓ ସଂସ୍କୃତିର ନୂତନ ଦିଗ୍‌ଦର୍ଶନ ଦେଇ ଚାଲିଛି ।

ସାଂବାଦିକ
ଏ।୧୨ ଆର. ଇ. ସି. କ୍ୟାମ୍ପସ୍,
ରାଉରକେଲା-୮




## ଭାଗ୍ୟ ପରିବର୍ତ୍ତନ

ଗଞ୍ଜାମ ଜିଲ୍ଲା ଆର୍ ଉଦୟଗିରି ବ୍ଲକର ଜଣେ ଗରିବ ଆଦିବାସୀ ଚୁଳ ଭଇତ । ବାପ ଅଜାଙ୍କ ଅମଳରୁ ତାର ବେଉସା ହେଇ ଜଙ୍ଗଲରୁ କାଠ ଆଣି ବାଣୀନଗର ହାଟରେ ବିକିବା ଓ ଦରକାର ପଡ଼ିଲେ ଯା' ତା ବିଲରେ ପାଇଟି ଖଟିବା । ଦି'ବର୍ଷ ତଳେ ଭୂମିହୀନ ଶ୍ରମିକ ଚୁଳ ଭଇତଙ୍କୁ ପାରଳାଖେମୁଣ୍ଡି ଆଦିବାସୀ ଉନ୍ନୟନ ସଂସ୍ଥା ଜରିଆରେ ଯେତେବେଳେ ଦି ଏକର ଉଠିଆ ଜମି ମାଗଣାରେ ଦିଆଗଲା ସେତେବେଳେ ତା' ଆନନ୍ଦ କହିଲେ ନ ସରେ । ଖୁସିହେବା କଥା ମଧ୍ୟ । କାରଣ ଖାଲିଜମି ନୁହେଁ, ତା' ସାଙ୍ଗକୁ ମାଗଣାରେ ଦିଆଗଲା ହଳେ ବଳଦ, ଲଙ୍ଗଳ ଆଦି ଚାଷ ଉପକରଣ, ଅଧିକ ଅମଳକ୍ଷମ ବିହନ ଓ ସାର । ସଂସ୍ଥା ପକ୍ଷରୁ ଚାଷବାସ ସମ୍ପର୍କରେ ପରାମର୍ଶ ବି ଦିଆଗଲା । ଫଳରେ ଚୁଳ ଭଇତ ଆଜି ପୂରାପୂରିଭାବେ ଜଣେ ଚାଷୀ । ଗତବର୍ଷ ରାଗି ଫସଲରୁ ସେ ବେଶ୍ ଦି' ପଇସା ଉପାର୍ଜନ କରିଛି । ଧାନ ଚାଷରେ ସେ ଏପର୍ଯ୍ୟନ୍ତ ହାତ ଦେଇନାହିଁ । କିନ୍ତୁ ଆଶା ରଖିଛି ଅନ୍ୟାନ୍ୟ ଅର୍ଥକରି ଫସଲ ଲଗାଇ ଜମିରୁ ପୂରା ଫାଇଦା ଉଠାଇବ । ଏଣିକି ତା ଭାଗ୍ୟ ତା' ହାତରେ ।




## ଏକ ବହୁ ଆକାଂକ୍ଷିତ ପରିକଳ୍ପନା—ଖଡ଼କାଇ

ବିପୁଳ ଖଣିଜ ସମ୍ପଦ, ଜଙ୍ଗଲ ସମ୍ପଦ ଓ ବଣ୍ୟଜନ୍ତୁ ସମ୍ପଦରେ ମୟୂରଭଞ୍ଜ ଜିଲ୍ଲା ଭରପୂର । ଏହି ଜିଲ୍ଲାର ଆୟତନ ୧,୦୪୦,୦୦୦ ହେକ୍ଟର ଓ ଲୋକ ସଂଖ୍ୟା ହେଉଛି ୧,୪୩୪,୨୦୦ । ଏ ଜିଲ୍ଲାରେ ୫,୩୦,୦୦୦ ହେକ୍ଟର ଚାଷୋପଯୋଗୀ ଜମି ରହିଛି ଏବଂ ଲୋକ ସଂଖ୍ୟାର ଶତକଡ଼ା ୮୨.୯ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି । ଏମାନଙ୍କ ମଧ୍ୟରୁ ଶତକଡ଼ା ୪୫.୭ ଭାଗ ଲୋକ କୃଷକ ଏବଂ ଶତକଡ଼ା ୩୭.୨ ଭାଗ ଲୋକ କୃଷି ଶ୍ରମିକ । ପ୍ରାକ୍-ସ୍ୱାଧୀନତା କାଳରେ ନିର୍ମିତ ହୋଇଥିବା ହଳଦିଆ ଓ ବଇଡ଼ିହା ଜଳସେଚନ ପରିକଳ୍ପନା ମାଧ୍ୟମରେ ଯଥାକ୍ରମେ ୬,୦୦୦ ଓ ୯,୦୦୦ ଏକର ଜମିକୁ ଜଳସେଚିତ କରାଯାଉଛି । କେବଳ ବର୍ଷା ଜଳ ଉପରେ ନିର୍ଭର କରୁଥିବା ଚାଷଜମି ପରିମାଣ ହେଉଛି ୩,୬୪,୦୦୦ ହେକ୍ଟର । ଉକ୍ତ ଜିଲ୍ଲାର ବାର୍ଷିକ ହାରାହାରି ବୃଷ୍ଟିପାତ ୧,୬୪୮ ମିଲିମିଟର ଓ ବର୍ଷରେ ହାରାହାରି ୮୩ ଦିନ ବର୍ଷା ହୋଇଥାଏ ।



## ଜଳସେଚନ ବ୍ୟବସ୍ଥା

ମଧ୍ୟମ ଜଳସେଚନ ପରିକଳ୍ପନା ମାଧ୍ୟମରେ ଅଧିକ ଶୁଷ୍କୋପଯୋଗୀ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାପାଇଁ ପ୍ରସ୍ତାବ ରହିଛି । ବାଙ୍କୋବାହାଲ, ଦେଓ ଏବଂ କତରା ଜଳସେଚନ ପରିକଳ୍ପନା ସକାଶେ ଅନୁସନ୍ଧାନ କାର୍ଯ୍ୟ ବେଶ୍ ଆଗେଇ ଚାଲିଛି । ନସା, କାଲେ ଓ ସୁନେଇ (ଯେଉଁ ପରିକଳ୍ପନାଗୁଡ଼ିକ ଯଥାକ୍ରମେ ୧୯୮୦, ୧୯୮୦ ଓ ୧୯୮୨ରେ ସମ୍ପୂର୍ଣ୍ଣ ହେବାର ସମ୍ଭାବନା) ଜଳସେଚନ ପରିକଳ୍ପନା ମାଧ୍ୟମରେ ଯଥାକ୍ରମେ ୨,୪୦୦, ୧୧,୦୦୦ ଓ ୧୮,୦୦୦ ଏକର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇ ପାରିବ ।



## ଖଡ଼କାଇ ଜଳସେଚନ ପରିକଳ୍ପନା


ସ୍ୱାଧୀନତା ପ୍ରାପ୍ତି ପରେ ଜିଲ୍ଲାର ସର୍ବ ପ୍ରଥମ ମଧ୍ୟମ ଜଳସେଚନ ପରିକଳ୍ପନା ଖଡ଼କାଇ ୧୯୭୯ ଜୁନ୍ ୨୬ ତାରିଖ ଦିନ ତତ୍କାଳୀନ କେନ୍ଦ୍ର ଖଣି ଓ ଇସ୍ପାତ୍ ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଏହି ପରିକଳ୍ପନାର କମାଣ୍ଡ ଅଞ୍ଚଳ ହେଉଛି ୮,୦୦୦ ହେକ୍ଟର (୨୦,୦୦୦ ଏକର) । ଏହି ପରିକଳ୍ପନା ଦ୍ୱାରା ମୁଖ୍ୟତଃ ରାଇରଙ୍ଗପୁର ସବ୍-ଡିଭିଜନର ଆଦିବାସୀ କୃଷକମାନେ ଉପକୃତ ହେବେ । ସୁବର୍ଣ୍ଣରେଖା ନଦୀରୁ ଓଡ଼ିଶା ଯେଉଁ ୧୨.୦ ଲକ୍ଷ ଏକର ଫୁଟ ଜଳ ପାଇବ, ଖଡ଼କାଇ ଜଳସେଚନ ପରିକଳ୍ପନାରେ ତହିଁରୁ ୦.୬୧ ଲକ୍ଷ ଏକର ଫୁଟ ଜଳ ଉପଯୋଗ କରାଯିବ । ୧୯୮୨ ମସିହା ସୁଦ୍ଧା ମଧ୍ୟମ ଜଳସେଚନ ପରିକଳ୍ପନା ମାଧ୍ୟମରେ ଏହି ଜିଲ୍ଲାର ୨୪,୦୦୦ ହେକ୍ଟର (୬୦,୦୦୦ ଏକର) ଜମି ଜଳସେଚିତ ହୋଇପାରିବ ।

୧୯୭୪ ମସିହାରେ ଆରମ୍ଭ ହୋଇଥିବା ଖଡ଼କାଇ ଜଳସେଚନ ପରିକଳ୍ପନା ବାବଦ ବ୍ୟୟ ଅଟକଳ ହେଉଛି ୪.୮୩ କୋଟି ଟଙ୍କା । ଏଥିମଧ୍ୟରୁ ୨.୫ କୋଟି ଟଙ୍କା ବନ୍ଧ ବାବଦରେ, ୧.୩୭ କୋଟି ଟଙ୍କା କେନାଲ ବାବଦରେ ଏବଂ ୦.୯୬ କୋଟି ଟଙ୍କା ଜମି ଦଖଲ ବାବଦରେ ବ୍ୟୟ କରାଯିବ । ଏହା ସାଙ୍ଗରେ କାର୍ଯ୍ୟକାରୀ ହେଉଥିବା ସମସାମୟିକ ଜଳସେଚନ ପରିକଳ୍ପନାଗୁଡ଼ିକ ବାବଦରେ ହେଉଥିବା ବ୍ୟୟ ତୁଳନାରେ ଖଡ଼କାଇ ଜଳସେଚନ ପରିକଳ୍ପନା ବାବଦ ବ୍ୟୟ ଊଣା ହେବ । ଏଠାରେ ଏକର ପିଛା ବ୍ୟୟ ପ୍ରାୟ ୨,୫୦୦ ଟଙ୍କା ପଡ଼ିବ ବୋଲି ଆଶା କରାଯାଏ ।

ଖଡ଼କାଇ ନଦୀ ଉପରେ ନିର୍ମିତ ହୋଇଥିବା ଖଡ଼କାଇ ପରିକଳ୍ପନାରେ ୩୬୫.୪୦ ମିଟର ଦୈର୍ଘ୍ୟ ବନ୍ଧ (ଏଥିମଧ୍ୟରୁ ମାଟି ବନ୍ଧର ଦୈର୍ଘ୍ୟ ୨୦୪.୫୦ ମିଟର ଓ ପଥର ବନ୍ଧ ସମେତ ଜଳ ନିଷ୍କାସନ ଦ୍ୱାରର ଦୈର୍ଘ୍ୟ ହେଉଛି ୧୬୦.୯୦ ମିଟର) । ୭.୫୦୪ କିଲୋମିଟର

ଦୈର୍ଘ୍ୟ ମୁଖ୍ୟ କେନାଲ ସହ ୨୨·୮୦ କିଲୋମିଟର ଡିଷ୍ଟ୍ରିବ୍ୟୁଟାରୀ ଏବଂ ୭୨ କିଲୋମିଟର ମାଇନର ତଥା ସବ୍-ମାଇନର ରହିଛି । ଜଳ ଅବବାହିକା ଅଞ୍ଚଳର କ୍ଷେତ୍ରଫଳ ଏବଂ ମୋଟ୍ ଆୟାକଟ ଅଞ୍ଚଳ ଯଥାକ୍ରମେ ୨୧୨·୫୦ ବର୍ଗକିଲୋମିଟର ଏବଂ ୧୦,୫୬୦ ହେକ୍ଟର । ଏହି ପରିକଳ୍ପନା ମାଧ୍ୟମରେ ଚଳିତ ଖରିଫ୍ ଋତୁରେ ୪,୮୦୦ ହେକ୍ଟର (୧୨,୦୦୦ ଏକର) ଓ ରବି ଋତୁରେ ୨,୪୦୦ ହେକ୍ଟର (୬,୦୦୦ ଏକର) ଜମିକୁ ଜଳସେଚିତ କରାଯିବ ।

ପ୍ରକାଶ ଥାଉକି ଏହି ଜିଲାର ଲୋକସଂଖ୍ୟା ଅନୁପାତରେ ଆଦିବାସୀମାନଙ୍କ ସଂଖ୍ୟା ଶତକଡ଼ା ୫୮·୫୬ ଭାଗ । ପ୍ରାରମ୍ଭିକ ଅବସ୍ଥାରେ କଠିନ ଗ୍ରାନାଇଟ୍ ପଥର ଫଟାଇବା-ପାଇଁ, ସାଇଜ ମୁତାବକ ପଥର କାଟିବାପାଇଁ ଓ ପଥର ବନ୍ଧେଇପାଇଁ ମାନ୍ଦ୍ରାଜ ଓ ଆନ୍ଧ୍ର ଅଞ୍ଚଳର କୁଶଳୀ କାରିଗର-ମାନଙ୍କୁ ନିଯୁକ୍ତ କରାଯାଇଥିଲା । ମାତ୍ର ଖୁବ୍ କମ୍ ସମୟ ମଧ୍ୟରେ ବହୁ ଆଦିବାସୀ ଶ୍ରମିକ ଏହି କାରିଗରୀ କୌଶଳ ଶିଖିସାରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ବହୁ ଆଦିବାସୀ ପଥର ବନ୍ଧେଇ କାମ, ପୋଲ, ଫଲ୍‌ସ, ରେଗୁଲେଟର




ଏବଂ କ୍ରସ ଡ୍ରେନେଜ୍ ପ୍ରଭୃତି ପ୍ରାୟ ୫୦୦ଟି କାମ କରିଛନ୍ତି । ଅନଗ୍ରସର ଆଦିବାସୀମାନଙ୍କ ପକ୍ଷରେ ଏତାଦୃଶ ଉଲ୍ଲେଖଯୋଗ୍ୟ ବୈଷୟିକ ସଫଳତା ହାସଲ କରିବା କମ୍ କଥା ନୁହେଁ । ଭବିଷ୍ୟତରେ ନିର୍ମିତ ହେବାକୁ ଥିବା ଜଳସେଚନ ପରିକଳ୍ପନାଗୁଡ଼ିକରେ ଏମାନେ କୁଶଳୀ କାରିଗରୀ କାର୍ଯ୍ୟରେ ନିୟୋଜିତ ହୋଇପାରିବେ ।

ଏହି ପରିକଳ୍ପନା ଯୋଗୁଁ କେବଳ ୨୪ଟି ଗ୍ରାମ ଆଂଶିକ ଭାବେ ଜଳମଗ୍ନ ହେବ ଏବଂ ୨୫୦ଟି ପରିବାର କ୍ଷତିଗ୍ରସ୍ତ ହେବେ । ଏହି ୨୫୦ଟି ପରିବାର ମଧ୍ୟରୁ ୧୦୦ଟି ପରିବାରକୁ ପୁନର୍ବସତି ପାଇଁ ଚିହ୍ନଟ କରାଯାଇ ସେମାନଙ୍କୁ ଚିରିଲିପି, ଝିପାବନ୍ଧ ଓ କାଶିଆବେଡ଼ା ଗ୍ରାମରେ ଥଇଥାନ କରାଯାଇଛି । ଅପର ପକ୍ଷରେ ଏହି ଜିଲ୍ଲାର କୁସୁମି ବ୍ଲକ ଅଧୀନସ୍ଥ ୩୦ଟି ଗ୍ରାମ ଓ ରାଇରଙ୍ଗପୁର ବ୍ଲକ ଅଧୀନସ୍ଥ ୨୫ଟି ଗ୍ରାମ ଉକ୍ତ ପରିକଳ୍ପନା ମାଧ୍ୟମରେ ଜଳସେଚିତ ହେବ ।

## ପରିକଳ୍ପନାର ସୁଫଳ

ଖଡ଼କାଇ ଯୋଜନା ଫଳରେ ଆଦିବାସୀମାନଙ୍କ ସମେତ ବିଭିନ୍ନ ସ୍ତରର ଲୋକମାନେ ଉପକୃତ ହୋଇଛନ୍ତି ।

ସ୍ଥାନୀୟ ଆଦିବାସୀମାନଙ୍କୁ କାମଧନ୍ଦା ଯୋଗାଇ ଦେବା ଉଦ୍ଦେଶ୍ୟରେ ଖଡ଼କାଇ ବନ୍ଧ ନିର୍ମାଣର ଖନନ, ମାଟିବନ୍ଧ ନିର୍ମାଣ, ପଥର ଭଙ୍ଗା ପ୍ରଭୃତି କାର୍ଯ୍ୟରେ ନିଯୁକ୍ତ କରାଯାଇଥିଲା । ଏହି ପରିକଳ୍ପନାରେ ଏକ ଏକ ସମୟରେ ପ୍ରାୟ ୪,୦୦୦ ଶ୍ରମିକଙ୍କୁ ନିଯୁକ୍ତ କରାଯାଇଥିଲା । ସରଞ୍ଜାମ ପରିବହନ, କଂକ୍ରିଟ୍ ମିଶ୍ରଣ, ଖଣିରୁ ପଥର



LEGEND
RIVER
CATCHMENT
AYACUT
CANAL
RAILWAY
ROAD
DAM & RESERVOIR
N
DAM SITE
TO BADAMPAHAR
TO SISOI
KHADKAI R.
KANHU
JAGANNATHPUR
KANDAMATIA
CHINGUDA
BURHDAR
MAYURDAR
PURUNIA
CHARDIDA
BHOLBEDA
SYAMSUNDAR
BHALUBASA
BARAIMALI
SCALE
1 0 1 2 3
GOVERNMENT OF ORISSA
IRRIGATION AND POWER DEPARTMENT
KHADKAI IRRIGATION PROJT.
INDEX MAP SHOWING
CATCHMENT AND AYACUT
DSGN.
DRN.
CKD.
TRCD.
COMP.
INSP.
SUBM.
RECM.
APPD.
KHADKAI IRRIGATION DIVISION

ଉତ୍ତୋଳନ, ମୂଳଦୁଆ ଖନନ ଓ ଦୃଢ଼ୀଭୂତ କରଣରେ କେବଳ ଯନ୍ତ୍ରପାତି ବ୍ୟବହାର କରାଯାଇଥିଲା ।

ନିଜସ୍ୱ ବୈଷୟିକ ଜ୍ଞାନ ପ୍ରୟୋଗକରି ଓଡ଼ିଶା ନିର୍ମାଣ କର୍ପୋରେସନ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତ୍ୟେକ ୪୦ ଟନ୍ ଓଜନ ବିଶିଷ୍ଟ ଚାରିଗୋଟି ଜଳ ନିଷ୍କାସନ ଗେଟ୍ ପ୍ରସ୍ତୁତ କରାଯାଇଥିଲା ।

ଖଡ଼କାଇ ପରିକଳ୍ପନାର ଜଳ ଭଣ୍ଡାର ଦ୍ୱାରା ୯୪୦ ହେକ୍ଟର (୨,୩୫୦ ଏକର) ପରିମିତ ଅଞ୍ଚଳ ଜଳମଗ୍ନ ହେବ । ଜଙ୍ଗଲ ବିଭାଗ ଦ୍ୱାରା ଜଙ୍ଗଲ ସଫା କରାଯାଇଛି ଓ ମାଛ ଚାଷପାଇଁ ଉପଯୋଗୀ କରାଯାଇଛି । ଏହା ଦ୍ୱାରା ବ୍ୟାପକ ମାଛ ଚାଷ ହେବା ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକମାନଙ୍କୁ କାମ ଧନ୍ଦା ଯୋଗାଇ ହେବ ଓ ଜିଲ୍ଲାର ମାଛ ଚାହିଦା ପୂରଣ କରିହେବ ।

ଖଡ଼କାଇ ଜଳସେଚନ ପରିକଳ୍ପନା ଦ୍ୱାରା ତଥା କୃଷି ବିଭାଗ, ସଘନ ଆଦିବାସୀ ଉନ୍ନୟନ ସଂସ୍ଥା, କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା ଓ ଅର୍ଥ ଯୋଗାଣକାରୀ ସଂସ୍ଥା-ଗୁଡ଼ିକର ସହାୟତାକ୍ରମେ ଜଳସେଚିତ ଅଞ୍ଚଳରେ ବ୍ୟାପକ କୃଷି କାର୍ଯ୍ୟକ୍ରମ କରାଯାଇପାରିବ । ରାଇରଙ୍ଗପୁର ନିକଟରେ ଗଢ଼ି ଉଠୁଥିବା ଶିଳ୍ପାଞ୍ଚଳ ତଥା ଖଡ଼କାଇ ପରିକଳ୍ପନାଠାରୁ ୮୦ କିଲୋମିଟର ଦୂରବର୍ତ୍ତୀ ଜାମସେଦପୁର ଇସ୍ପାତ ନଗରୀରେ ଏସମସ୍ତ କୃଷିଜାତ ଦ୍ରବ୍ୟ ବିକ୍ରୟ କରାଯାଇପାରିବ । ଏହି ପରିକଳ୍ପନାଟି ସ୍ଥାନୀୟ ଆଦିବାସୀମାନଙ୍କପାଇଁ ବହୁ ଆଶା ଆକାଂକ୍ଷା ପୂରଣ କରିବା ସଙ୍ଗେ ସଙ୍ଗେ ଅଳ୍ପ କେତେବର୍ଷ ଭିତରେ ଯେ ସେମାନଙ୍କ ଅବସ୍ଥା ବଦଳାଇ ପାରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।



## ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା

ସମାଜର ଦୁର୍ବଳ ଶ୍ରେଣୀ ବିଶେଷତଃ ଆଦିବାସୀ, ହରିଜନ, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭାଗ ଚାଷୀ, କୃଷି ଶ୍ରମିକ ଏବଂ ଗ୍ରାମ୍ୟ କାରିଗରମାନଙ୍କୁ ଲାଭଜନକ କାମଧନ୍ଦା ଯୋଗାଇ ଗ୍ରାମାଞ୍ଚଳରୁ ଉତ୍କଟ ଦାରିଦ୍ର୍ୟ ଦୂର କରିବା ଉଦ୍ଦେଶ୍ୟରେ ରାଜ୍ୟର ୧୦ ଟି ଜିଲ୍ଲା ଅନ୍ତର୍ଗତ ୧୧୭ ଟି ବ୍ଲକରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଛି ।

ଏହି ଯୋଜନା ଅନୁଯାୟୀ ସେଚ ଓ ନଳକୂପ ଖନନ, ସାର, ବଳଦ ଓ କୃଷି ଯନ୍ତ୍ରପାତି ଯୋଗାଣ, ଦୁଧିଆଳି ଗାଈ, ମେଣ୍ଢା, ଛେଳି, ଘୁଷୁରି, ବତକ ଓ କୁକୁଡ଼ା ପାଳନ, ମତ୍ସ୍ୟ ଚାଷ, ଫଳ ଉଦ୍ୟାନ, ଭୂଉନ୍ନୟନ ଓ ମୃତ୍ତିକା ସଂରକ୍ଷଣ, ରେଶମ ଚାଷ ପ୍ରଭୃତି କାର୍ଯ୍ୟକ୍ରମ ପାଇଁ ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ସାହାଯ୍ୟ ଓ ଋଣ ଯୋଗାଇ ଦିଆ ଯାଉଛି । ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବ୍ଲକ ନିମନ୍ତେ ୫ ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଉଛି । ଏହି କାର୍ଯ୍ୟକ୍ରମ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଚାଲୁ ରହିବ ।

ଗତ ମଇ ମାସ ଶେଷ ସୁଦ୍ଧା ଏହି ଯୋଜନା ଅନୁଯାୟୀ ୨ ହଜାର ୫୩ ଟି ସେଚକୂପ ଖୋଳା ଯାଇଛି । ଏଥିରୁ ୧୨ ହଜାର ୭୪୧ ଜଣ ଚାଷୀ ଉପକୃତ ହେଉଛନ୍ତି । ସେହିପରି ୪୯୫ ଜଣ ଚାଷୀଙ୍କ ପାଇଁ ୨୫୭ ଟି ନଳକୂପ ସ୍ଥାପନ କରାଯାଉଛି । ୧୬ ଜଣ ଚାଷୀ ଜଳସେଚନ ପୁଷ୍କରିଣୀ ଖୋଳିଛନ୍ତି ଓ ୯୧୨ ଜଣ ଲୋକଙ୍କୁ ଗୋଟିଏକରି ପମ୍ପସେଟ୍ ଯୋଗାଇ ଦିଆଯାଇଛି । ୫୫ ଟି ଉଠାଜଳସେଚନ ଯୋଜନା ଦ୍ୱାରା ୨ ହଜାର ୧୫୦ ଜଣ ଓ ୩ ଟି କ୍ଷୁଦ୍ର ଜଳସେଚନ ଯୋଜନା ଦ୍ୱାରା ୧୮୪ ଜଣ ଉପକୃତ ହୋଇଛନ୍ତି । ୮ ହଜାର ୪୫୪ ଜଣ ଚାଷି ବିଭିନ୍ନ କ୍ଷେତ୍ର ପ୍ରଦର୍ଶନ କରିଥାରେ ଉପକୃତ ହୋଇଥିବା ଜଣାଯାଉଛି । ଏହା ବ୍ୟତୀତ ୧ ହଜାର ୧୭୦ ଜଣଙ୍କୁ କୃଷି ଯନ୍ତ୍ରପାତି ଓ ଶସ୍ୟ ସଂରକ୍ଷଣ କୋଠିମାନ ଯୋଗାଇ ଦିଆଯାଇଛି । ଏହି ଯୋଜନାରେ କୃଷି କାର୍ଯ୍ୟକ୍ରମ ପ୍ରତି ଅଗ୍ରାଧିକାର ଦିଆଯାଉଥିବାରୁ ୬ ହଜାର ୨୪୮ ଜଣ ଚାଷୀଙ୍କୁ ବଳଦ ଯୋଗାଇ ଦିଆଯିବା ସଂଗେ ସଂଗେ ୮୬୯ ଜଣଙ୍କୁ ଭୂଉନ୍ନୟନ ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ୩ ହଜାର ୪୪୧ ଜଣଙ୍କୁ ଦୁଧିଆଳି ଗାଈ ଓ ମଇଁଷି, ୫ ହଜାର ୩୫୧ ଜଣଙ୍କୁ ଛେଳି ଓ ମେଣ୍ଢା, ୬୫ ଜଣଙ୍କୁ ଘୁଷୁରି, ୪୧ ଜଣଙ୍କୁ କୁକୁଡ଼ା ଏବଂ ୩୫୩ ଜଣଙ୍କୁ ଡଂଗା ଓ ଜାଲ ମିଳିଛି ।

ଗ୍ରାମ୍ୟ ଶିଳ୍ପ ଉନ୍ନୟନ କାର୍ଯ୍ୟକ୍ରମ ଅନୁଯାୟୀ ୨୭୨ ଜଣ ଗ୍ରାମ୍ୟ ଶିଳ୍ପୀ ଉପକୃତ ହୋଇଛନ୍ତି ଏବଂ ୨୨୧ ଜଣଙ୍କୁ ରିକ୍ସା ଯୋଗାଇ ଦିଆଯାଇଛି । ୮୦ ଜଣ ବ୍ୟକ୍ତି ମତ୍ସ୍ୟଚାଷ ଓ ୫୦ ଜଣ ରେଶମ ଚାଷରୁ ମଧ୍ୟ ଉପକୃତ ହୋଇଥିବା ଜଣା ଯାଇଛି ।

## ଭାରତରେ ମାତୃଭାଷା ସଂଖ୍ୟା ୧୬୫୨

ବିଶ୍ୱାସ କରନ୍ତୁ ବା ନ କରନ୍ତୁ ଭାରତବର୍ଷରେ ମୋଟ ମାତୃଭାଷାର ସଂଖ୍ୟା ହେଲା ୧,୬୫୨ । ପୃଥିବୀର ଶତକଡ଼ା ୫୦ ଭାଗ ନିରକ୍ଷର ଆମର ଏହି ଦେଶରେ ବାସ କରୁଛନ୍ତି । ଦେଶର କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ କେବଳ ଗୋଟିଏ ଭାଷା ପ୍ରଚଳିତ ନାହିଁ । ଓଡ଼ିଆ, ଆସାମୀ ଓ କାଶ୍ମୀର ଭାଷାକୁ ବାଦ ଦେଲେ ଦେଶର ଅନ୍ୟ ମୁଖ୍ୟ ଭାଷାଗୁଡ଼ିକ ଏକାଧିକ ରାଜ୍ୟରେ ସେହି ଭାଷା କହୁଥିବା ଲୋକସଂଖ୍ୟା ଦୃଷ୍ଟିରୁ ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନ ଅଧିକାର କରିଛି । ୧୯୭୧ ଜନସୁମାରୀ ଅନୁସାରେ ଦେଶର ୩୬୦ ଟି ଜିଲ୍ଲା ମଧ୍ୟରୁ ୧୦୫ ଜିଲ୍ଲାରେ ହିନ୍ଦୀ ମୁଖ୍ୟ ସ୍ଥାନ ଅଧିକାର କରିଛି । ଅର୍ଥାତ୍ ଏହି ଜିଲ୍ଲାଗୁଡ଼ିକରେ ହିନ୍ଦୀଭାଷୀଙ୍କ ସଂଖ୍ୟା ସର୍ବାଧିକ । ଉପରୋକ୍ତ ତଥ୍ୟ ମହୀଶୂରଠାରେ ଥିବା କେନ୍ଦ୍ରୀୟ ଭାରତୀୟ ଭାଷା ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ "ଆଟଲାସ୍" ବା ମାନଚିତ୍ର ପୁସ୍ତକରେ ପ୍ରକାଶିତ ହୋଇଛି ।

ଭାରତୀୟ ଭାଷାଗୁଡ଼ିକୁ ଚାରୋଟି ଗୋଷ୍ଠୀରେ ବିଭକ୍ତ କରାଯାଇପାରେ । ସେ ଗୋଷ୍ଠୀଗୁଡ଼ିକ ହେଲା ଅଷ୍ଟ୍ରିକ ଭାଷା ଗୋଷ୍ଠୀ, ଦ୍ରାବିଡ଼ ଭାଷା ଗୋଷ୍ଠୀ, ଇଣ୍ଡୋ-ୟୁରୋପୀୟ ଭାଷା ଗୋଷ୍ଠୀ ଓ ତିବ୍ବତ-ଚୀନ ଭାଷାଗୋଷ୍ଠୀ । ଇଣ୍ଡୋ ଏରିଆନ ଭାଷା ଗୋଷ୍ଠୀ ଇଣ୍ଡୋ-ୟୁରୋପୀୟ ଭାଷା ଗୋଷ୍ଠୀର ଏକ ଅଂଶ ମାତ୍ର । ଭାରତରେ ଏହି ଭାଷା ଗୋଷ୍ଠୀର ଅଧିକ ଅନୁଧ୍ୟାନ କଲେ ଜଣାଯିବ ଯେ ଇଣ୍ଡୋ-ଏରିଆନ ଗୋଷ୍ଠୀର ଭାଷାଭାଷୀ ଲୋକଙ୍କ ସଂଖ୍ୟା ସର୍ବାଧିକ । ମୋଟ ଜନସଂଖ୍ୟାର ସେମାନେ ହେଉଛନ୍ତି ଶତକଡ଼ା ୭୬·୯୩ ଭାଗ । ୨୦ ଟି ଭାଷା ଏହି ଇଣ୍ଡୋ-ଏରିଆନ୍ ଭାଷା ଗୋଷ୍ଠୀର ଅନ୍ତର୍ଭୁକ୍ତ । ସେଥିମଧ୍ୟରୁ ୧୧ ଟି ସମ୍ବିଧାନରେ ସ୍ୱୀକୃତି ଦିଆଯାଇଛି ।

### ଦ୍ରାବିଡ ଭାଷା ଗୋଷ୍ଠୀ

ଏହି ଗୋଷ୍ଠୀରେ ୧୪ ଟି ପ୍ରଚଳିତ ଭାଷା ଅନ୍ତର୍ଭୁକ୍ତ ଏବଂ ଦ୍ୱିତୀୟ ସର୍ବବୃହତ ଜନତା ଏହି ଭାଷା ଗୁଡ଼ିକରେ କଥାଭାଷା ହୁଅନ୍ତି । ମୋଟ ଜନସଂଖ୍ୟାର ଶତକଡ଼ା ୨୩·୯୫ ଭାଗ ଏହି ଭାଷାଭାଷୀ । ଏହି ଭାଷାଗୁଡ଼ିକ ମଧ୍ୟରୁ ଚାରୋଟି ଆମ ସମ୍ବିଧାନ ଦ୍ୱାରା ସ୍ୱୀକୃତ । କେନ୍ଦ୍ର ଓ ପୂର୍ବାଞ୍ଚଳର ଆଦିବାସୀମାନେ ଏହି ଭାଷା ବ୍ୟବହାର କରନ୍ତି ।

### ଅଷ୍ଟ୍ରିକ ଭାଷା ଗୋଷ୍ଠୀ

ଏହି ଭାଷା ଗୋଷ୍ଠୀର ଗୋଟିଏ ଅଂଶ ହେଲା ଅଷ୍ଟ୍ରୋ-ଏସିଆଟିକ୍ ଭାଷା । ଏଥିରେ ୧୪ ଟି ଭାଷା ଅନ୍ତର୍ଭୁକ୍ତ ଏବଂ ଆମ ଦେଶର ୭୦ ଲକ୍ଷ ଲୋକ ଏହି ଭାଷା ବ୍ୟବହାର କରନ୍ତି । ମୋଟ ଜନସଂଖ୍ୟାର ଏହା ହେଉଛି ୧·୭ ଭାଗ । ଏଥିମଧ୍ୟରୁ ୧୨ ଟି ଭାଷା କେନ୍ଦ୍ର ଓ ପୂର୍ବଭାରତରେ ବସବାସ କରୁଥିବା ମୁଣ୍ଡା ଆଦିବାସୀମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ ।

### ତିବ୍ବତ-ଚୀନ ଭାଷା ଗୋଷ୍ଠୀ

ତିବ୍ବତ-ବର୍ମିକ୍ ଭାଷା ଏହି ଭାଷା ଗୋଷ୍ଠୀର ଅନ୍ୟତମ ଅଂଶ । ଦେଶର ୪୩ ଲକ୍ଷ ଲୋକ ଏହି ତିବ୍ବତୀ-ବର୍ମି ଭାଷା ବ୍ୟବହାର କରନ୍ତି । ମୋଟ ଜନସଂଖ୍ୟାର ସେମାନେ ହେଲେ ଶତକଡ଼ା ୦·୭୯ ଭାଗ । ଉତ୍ତର-ପୂର୍ବ ଏବଂ ଉତ୍ତର ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକେ ସାଧାରଣତଃ ଏହି ଭାଷା ବ୍ୟବହାର କରନ୍ତି ।

× × × × ×

## ଅବଳା ବାଟ ଦେଖାଇଲା

ଦି'ବର୍ଷ ତଳ କଥା । ସମ୍ବଲପୁର ଜିଲ୍ଲା ଉଟଲି ଗାଁର ବୟସ୍କା ମହିଳା ପୂରୁଣେ ସାହୁ ଯେଉଁଦିନ ତା'ର ତିନି ଏକର ଜମିରେ କୂଅ ଖୋଳି ପାଣି ମଡ଼େଇବ ବୋଲି ଆଣ୍ଠୁ ବାନ୍ଧିଲା ସେତେବେଳେ କେତେ ଲୋକେ ଯେ ଟାହି ଟାପରା କଲେ ତାହା କହି ହେବନାହିଁ । କିନ୍ତୁ ଶ୍ରୀମତୀ ସାହୁ ସେସବୁ କଥାକୁ ପାପଙ୍ଗରେ ନ ପକାଇ ଯାଇ ଛିଡ଼ା ହେଲେ ଉଟଲି ସେବା ସମବାୟ ସମିତି ଦୁଆରେ । ଉଦ୍ଦେଶ୍ୟ ହେଲା କ୍ଷୁଦ୍ର ଚାଷୀ ରୂପେ କୂଅ ଖୋଳିବା ଲାଗି ଋଣ ନେବା । ସମିତି ଯେ ଚାଷବାସ ଲାଗି ଗୋଟିଏ ମହିଳାକୁ ସାହାଯ୍ୟ କରିବ କେହି ଆଶା କରି ନଥିଲେ । କିନ୍ତୁ ସମିତି କୌଣସି ବାଛ ବିଚାର ନ କରି ମଞ୍ଜୁର କଲା ୩,୮୫୦ ଟଙ୍କା ଋଣ ରୂପେ । ଏହି ଋଣ ନେଇ ଶ୍ରୀମତୀ ସାହୁ ଖୋଳିଲେ ତାଙ୍କ ବିଲରେ କୂଅ ନୁହେଁ ତ ଗୋଟିଏ ବାନ୍ଧି । ଯାହାର ଲମ୍ବ ଓ ପ୍ରସ୍ଥ ହେଲା ୧୫ ଫୁଟ ଲେଖାଏଁ ଏବଂ ଗଭୀରତା ହେଲା ୨୫ ଫୁଟ । ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ଯେ ଏ ବାନ୍ଧି କେବେହେଲେ ଶୁଖିଲା ନାହିଁ । ଏହା ହେଲା ୧୯୭୭-୭୮ ମସିହାର ଘଟଣା ।

ଦୁଇ ବର୍ଷ ଇତିମଧ୍ୟରେ ବିତିଗଲାଣି । କୂଅ ଚାରିକଡ଼ ଏକ ଏକର ଜମିରେ କେତେ ଯେ ଫସଲ ହେଉଛି କୁହାନଯାଏ । [illegible], ବାଇଗଣ, କଖାରୁ, ଲାଉ ଓ ପିଆଜ ଆଦି ନାନା ଫସଲ । ଗତ ରବି ଋତୁରେ ଶ୍ରୀମତୀ ସାହୁ ଉଟଲି ବଜାରରେ କେବଳ ଏହି ପନିପରିବା ବିକି ପାଇଛନ୍ତି ୧,୫୦୦ ଟଙ୍କା । ଶ୍ରୀମତୀ ସାହୁଙ୍କ ସାହସ ଇତିମଧ୍ୟରେ ବହୁତ ବଢ଼ିଗଲାଣି । ବର୍ଷା ନ ହେଲେ ମଧ୍ୟ ସେ ତିନି ଏକର ଜମିରେ କୂଅରୁ ପାଣି ମଡ଼େଇ ଧାନ ଅମଳ କରି ପାରିବେ ବୋଲି ଆଶା ବାନ୍ଧିଛନ୍ତି । ଶ୍ରୀମତୀ ସାହୁଙ୍କ ଦେଖାଦେଖି ଗାଁର ଆହୁରି ଅନେକ କ୍ଷୁଦ୍ର ଚାଷୀ କୂଅ ସାହାଯ୍ୟରେ ବିଲରେ ପାଣି ମଡ଼ାଇବାକୁ ମନ କରି କୂଅମାନ ଖୋଳିଲେଣି । ସେମାନଙ୍କ ମଧ୍ୟରୁ ଜଣେ ହେଲେ ଶ୍ରୀ ପୀତାମ୍ବର ଶତପଥୀ । ବ୍ୟାଙ୍କରୁ କରଜ ଆଣି ସେ ତାଙ୍କ ଜମିରେ କୂଅ ଖୋଳି ସାରିଲେଣି । ଆହୁରି ଅନେକ [illegible] ପଥିକ ହେବାକୁ ଆଗ୍ରହ ପ୍ରକାଶ କଲେଣି ।



୧୯୭୯ ଜୁଲାଇ ୮ ତାରିଖରେ ଭୁବନେଶ୍ୱରଠାରେ 'ସମବାୟ ଆନ୍ଦୋଳନରେ ନାରୀର ଭୂମିକା' ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସମବାୟ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ବୋଧନ ଦେଉଛନ୍ତି ।




କେନ୍ଦ୍ର ସରକାରଙ୍କ ପର୍ସୋନାଲ ଓ ପ୍ରଶାସନିକ ବିଭାଗର ସେକ୍ରେଟାରୀ ଶ୍ରୀ ମହେଶ୍ୱର ପ୍ରସାଦ ପଣ୍ଡା ସଚିବାଳୟଠାରେ ୧୯୭୯ ଜୁଲାଇ ୮ ତାରିଖରେ ରାଜ୍ୟ ସରକାରଙ୍କ ଆଇ. ଏ. ଏସ୍., ଆଇ. ପି. ଏସ୍. ଓ ଆଇ. ଏଫ୍. ଏସ୍. ଅଫିସରଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

Vol. XXXVI No. 1 UTKAL PRASANGA Regd. No. O-5
Licence No. C. R. N. P. 5—Licensed to post without Pre-Payment

# ଏକ ଉନ୍ମୁକ୍ତ ବାତାୟନ

ରାଉରକେଲା ଭାରତରେ ଇସ୍ପାତ ଉତ୍ପାଦନର ଏକ ସଂପୂର୍ଣ୍ଣ ନୂତନ ଦିଗନ୍ତକୁ ଉନ୍ମୋଚନ କରୁଛି ।
ପ୍ରଥମେ—ପ୍ରଶସ୍ତ ଓ ଭାରୀ ପ୍ଲେଟ୍, ମଧ୍ୟମ ଓ ହାଲ୍‌କା ହଟ୍ ରୋଲଡ୍ ସିଟ୍ ଏବଂ ଷ୍ଟ୍ରିପ୍, କୋଲଡ୍ ରୋଲଡ୍ ସିଟ୍ ଏବଂ ଷ୍ଟ୍ରିପ୍, [illegible] ଓ ଇଲେକ୍‌ଟ୍ରୋଲାଇଟିକ୍ ଟିନ ପ୍ଲେଟ୍, ଗାଲଭାନାଇଜଡ୍ ସିଟ୍ ଓ ଷ୍ଟ୍ରିପ୍, ବୈଦ୍ୟୁତିକ ଯନ୍ତ୍ରପାତି ପାଇଁ ଉଚ୍ଚ ସିଲିକନ୍ ଇସ୍ପାତ ସିଟ୍ ଆଦି କେତେ ଦ୍ରବ୍ୟର ମୁଖ୍ୟ ଉତ୍ପାଦନକାରୀ ଭାବେ ଏହା ଅତି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସହିତ ଯୋଗାଇବା ସଂଗେ ସଂଗେ ଜାହାଜ ନିର୍ମାଣ, ମଟର ଗାଡ଼ି, ରେଲୱେ ଇଂଜିନ୍, ବଗି, ଓ୍ୱାଗନ୍ ନିର୍ମାଣ, ଡାଇନାମୋ ଟ୍ରାନ୍ସଫର୍ମର, ଟ୍ୟୁବ୍ ଓ ପାଇପ୍, ଘର କରଣା ସରଞ୍ଜାମ, କୃଷି ଯନ୍ତ୍ରପାତି, ପ୍ରତିରକ୍ଷା ସରଞ୍ଜାମ ଆଦି ନିର୍ମାଣ ପାଇଁ ଉପାଦାନ ସାମଗ୍ରୀ ଯୋଗାଇ ଦେଉଛି । ଏହା ବ୍ୟତୀତ ଇସ୍ପାତ ଓ ଆନୁଷଙ୍ଗିକ ଦ୍ରବ୍ୟ ସଂକ୍ରାନ୍ତୀୟ ନୂତନ ସମ୍ଭାବନାକୁ ଉଦ୍ଭାବନ କ୍ଷେତ୍ରରେ ଅଗ୍ରସର କରୁଛି । ଦ୍ୱିତୀୟ [illegible] ଭାରତୀୟମାନଙ୍କ [illegible] ଭାରତରେ ପ୍ରଥମ ବୃହତ୍ ବ୍ୟାସ ବିଶିଷ୍ଟ [illegible] ରାଉରକେଲାଠାରେ ପ୍ରତିଷ୍ଠିତ ହୋଇଛି । ରାଉରକେଲା ସାର ଦୁଇ ପ୍ରକାରର [illegible] ଯଥା— କ୍ୟାଲସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସୋଡା) ଓ ଆମୋନିୟମ୍ ସଲ୍‌ଫେଟ୍ (ଖାଦ୍ୟ), କୋଇଲାରୁ ଉତ୍ପାଦିତ ଅନେକ ରାସାୟନିକ ଦ୍ରବ୍ୟ, ପୋର୍ଟଲାଣ୍ଡ ସିମେଣ୍ଟ ତିଆରି ପାଇଁ [illegible] ଲୌହ-ମଳ ଉତ୍ପାଦନ କରି ଭାରତୀୟ ଅର୍ଥନୀତି ପାଇଁ [illegible] କ୍ଷେତ୍ରକୁ ସମୃଦ୍ଧ କରୁଛି ।
ରାଉରକେଲାର ଉତ୍ପାଦନ ଓ ଉତ୍ପାଦିକା ଶକ୍ତିରେ ଯଥେଷ୍ଟ ଉନ୍ନତି ଘଟିଛି । ଉଦାହରଣ ସ୍ୱରୂପ, ତପ୍ତ-ଲୌହ ଉତ୍ପାଦନ ୮ ଲକ୍ଷ ୧୬ ହଜାର ଟନରୁ ୧୧ ଲକ୍ଷ ୭୮ ହଜାର ଟନକୁ ବୃଦ୍ଧି ପାଇଛି ।
ସାର ଉତ୍ପାଦନ ୬ ଲକ୍ଷ ୭୫ ହଜାର ଟନରୁ ୭ ଲକ୍ଷ ୧୮ ହଜାର ଟନକୁ ବୃଦ୍ଧି [illegible] ଶକ୍ତି [illegible] ଯୋଗ୍ୟ ଇସ୍ପାତର [illegible] ୧୭.୨ ଲକ୍ଷ ଓ [illegible] ୮୮.୩ ଲକ୍ଷ—ଫଳରେ ଏହା ସମ୍ଭବ ହୋଇ ପାରିଛି । ଆଜି ରାଉରକେଲାର [illegible] ଏହାକୁ [illegible] ।
ଏହି [illegible] ନିଜର ଉଦ୍ୟମ, ଅଧ୍ୟବସାୟ, [illegible] ଓ [illegible] ।
ସେହି [illegible] ଦେଶ ପ୍ରତି [illegible] ଏଥିରୁ ଜଣାଇଛି ।
[illegible] ଏହି ରାଉରକେଲା [illegible] ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦିଏ ।



ରାଉରକେଲା ଇସ୍ପାତ କାରଖାନା

RSP/PA-0/73-0/

Printed at Orissa Government Press, Cuttack-10

# ସର୍ବଧର୍ମ ପ୍ରାର୍ଥନା

ଓଁ ତତ୍ ସତ୍ ଶ୍ରୀ ନାରାୟଣ ତୁ ପୁରୁଷୋତ୍ତମ ଗୁରୁ ତୁ
ସିଦ୍ଧ ବୁଦ୍ଧ ତୁ ସ୍କନ୍ଦ ବିନାୟକ ସବିତା ପାବକ ତୁ
ବ୍ରହ୍ମ ମଜ୍ଦ ତୁ ଯହ୍ୱ ଶକ୍ତି ତୁ ଈଶୁପିତା ପ୍ରଭୁ ତୁ
ରୁଦ୍ର-ବିଷ୍ଣୁ ତୁ ରାମ କୃଷ୍ଣ ତୁ ରହିମ ତାଓ ତୁ
ବାସୁଦେବ ଗୋ ବିଶ୍ୱରୂପ ତୁ ଚିଦାନନ୍ଦ ହରି ତୁ
ଅଦ୍ୱିତୀୟ ତୁ ଅକାଳ ନିର୍ଭୟ ଆତ୍ମଲିଙ୍ଗ ଶିବ ତୁ ॥